ନାରଦ ଭକ୍ତିସୂତ୍ର

ଭାଷ୍ୟକାର

ଶ୍ରୀ ସ୍ୱାମୀ ଶିବାନନ୍ଦ

'ନାରଦ ଭକ୍ତି ସୂତ୍ର' ଭକ୍ତିଯୋଗ ଉପରେ ଭାରତରେ ଏକ ଅତ୍ୟନ୍ତ ଲୋକପ୍ରିୟ ନିବନ୍ଧ। ଏହି ନିବନ୍ଧ ଭକ୍ତିର ଉଦ୍‌ଗମ, ଅଭିବୃଦ୍ଧି, ବିକାଶ, ପ୍ରଘଟନ ଓ ପରିପ୍ରକାଶର ଅତ୍ୟନ୍ତ ସାବଲୀଳ ଓ ବ୍ୟାବହାରିକ ଅଭିବ୍ୟକ୍ତି ପ୍ରଦାନ କରେ। ଭକ୍ତିର ମାର୍ଗ ଅନୁସରଣ କରୁଥିବା ନିଷ୍ଠାପର ସାଧକଗଣଙ୍କ ନିମିତ୍ତ ଏହା ଏକ ଅତ୍ୟନ୍ତ ଉପଯୋଗୀ ପୁସ୍ତକ।

ଭକ୍ତିଯୋଗ ଉପରେ ଏହା ଏକ ମହାନ ଆଦର୍ଶ ପୁସ୍ତକ। ଦେବର୍ଷି ନାରଦଙ୍କ ଦ୍ୱାରା ରଚିତ ଏହା ସଂକ୍ଷିପ୍ତ ଆପ୍ତବଚନ ଧାରଣ କରେ।

ପବିତ୍ର ଋଷି ନାରଦ ବିଭୁପ୍ରେମର ମତବାଦ ବୁଝାଇ ଅଛନ୍ତି। ଏହି ଭକ୍ତି ମାର୍ଗକୁ ସାଧାରଣ ମାନବଗଣ ସହଜରେ ଅନୁସରଣ କରିପାରିବେ। ଏହା ଦର୍ଶନ ଶାସ୍ତ୍ରର ମହାନ ଜ୍ଞାନ କିମ୍ବା ସଂସାରର ସଂପୂର୍ଣ୍ଣ ତ୍ୟାଗ ଆବଶ୍ୟକ କରେ ନାହିଁ।

ନାରଦ ଭକ୍ତିସୂତ୍ର

NARADA BHAKTI SUTRAS

ଶ୍ରୀ ସ୍ୱାମୀ ଶିବାନନ୍ଦଙ୍କ ଦ୍ୱାରା ଭାଷ୍ୟ

ଅନୁସୃଜନ

ଶ୍ରୀ ରମାନାଥ ପଣ୍ଡା

ଶ୍ରୀମତୀ କବିତା ପଣ୍ଡା

ପ୍ରକାଶକ

ଶିବାନନ୍ଦ ପବ୍ଲିଶର୍ସ

ଚଣ୍ଡୀକନିକା ରୋଡ଼, କଟକ-୧

ନାରଦ ଭକ୍ତିସୂତ୍ର

NARADA BHAKTI SUTRAS

ମୂଳ ଇଂରାଜୀ : **ସ୍ୱାମୀ ଶିବାନନ୍ଦ**

ଅନୁସୃଜନ :

ଶ୍ରୀ ରମାନାଥ ପଣ୍ଡା

ଶ୍ରୀମତୀ କବିତା ପଣ୍ଡା

© The Divine Life Trust Society

ପ୍ରକାଶକାଳ : ୨୪ ସେପ୍ଟେମ୍ବର, ୨୦୧୮

କପି ସଂଖ୍ୟା : ୫୦୦

ପ୍ରକାଶକ :

ଶିବାନନ୍ଦ ପବ୍ଲିଶର୍ସ

ଚଣ୍ଡୀଛକ, କଟକ-୧

ମୋବାଇଲ୍ - ୯୪୩୭୩୮୬୧୫୬

ମୁଦ୍ରଣ :

ଆନନ୍ଦ ପ୍ରିଣ୍ଟର୍ସ

କଟକ-୭୫୩୦୦୧

ଫୋନ୍ : ୦୬୭୧-୨୩୬୧୩୨୮

ମୂଲ୍ୟ : ଟ.୫୦/- ମାତ୍ର

ସ୍ୱାମୀ ଶିବାନନ୍ଦ

ପ୍ରସିଦ୍ଧ ସନ୍ଥ ଓ ଜ୍ଞାନୀ ଏବଂ ଋଷି-ପ୍ରତିମ ଅପ୍ପୟା ଦୀକ୍ଷିତାର ଙ୍କର ପରିବାରରେ ୮ ସେପ୍ଟେମ୍ବର, ୧୮୮୭ ମସିହାରେ ଜନ୍ମଗ୍ରହଣ କରିଥିବା ଶ୍ରୀ ସ୍ୱାମୀ ଶିବାନନ୍ଦଙ୍କର ସ୍ୱାଧ୍ୟାୟ ଓ ବେଦାନ୍ତର ଅଭ୍ୟାସ ପ୍ରତି ଏକ ସ୍ୱାଭାବିକ ରୁଚି ଥିଲା । ଏହା ସହ ସମସ୍ତ ମାନବ ସମାଜର ସେବା ପ୍ରତି ତାଙ୍କର ଏକ ସହଜାତ ଉତ୍ସୁକତା ଥିଲା ।

ସେବା ପ୍ରତି ତାଙ୍କର ଗଭୀର ରୁଚି ଫଳରେ ଚିକିତ୍ସକ ବୃତ୍ତି ପ୍ରତି ସେ ଆକର୍ଷିତ ହେଲେ ଏବଂ ଖୁବ୍ ଶୀଘ୍ର ତାଙ୍କ ସେବାର ଅତ୍ୟନ୍ତ ଆବଶ୍ୟକତା ଥିବା ମାଳୟକୁ ସେ ଯାତ୍ରା କଲେ । ପୂର୍ବରୁ ସେ ଏକ ସ୍ୱାସ୍ଥ୍ୟ ପତ୍ରିକା ସଂପାଦନ କରୁଥିଲେ ଏବଂ ସ୍ୱାସ୍ଥ୍ୟ ସମ୍ପର୍କୀୟ ସମସ୍ୟା ଉପରେ ବିଶଦ ଭାବରେ ବିଭିନ୍ନ ନିବନ୍ଧ ପ୍ରକାଶିତ କରିଥିଲେ । ସେ ଅନୁଭବ କଲେ ଯେ, ପ୍ରକୃଷ୍ଟ ଜ୍ଞାନ ମାନବ ସମାଜର ସର୍ବାଧିକ ଆବଶ୍ୟକତା ରହିଛି । ସୁତରାଂ ସେହି ଜ୍ଞାନର ପ୍ରଚାର ଓ ପ୍ରସାର ନିମନ୍ତେ ସେ ସ୍ୱଜୀବନକୁ ଉତ୍ସର୍ଗ କଲେ ।

ଏହା ଈଶ୍ୱରଙ୍କର ଆଶିଷ ଓ ଦିବ୍ୟ ଇଚ୍ଛା ଥିଲା ଯେ, ଶରୀର ଓ ମନର ଚିକିତ୍ସକ ତାଙ୍କର ଚିକିତ୍ସାବୃତ୍ତି ପରିହାର କରି ନିବୃତ୍ତି ମାର୍ଗ ଅନୁସରଣ କଲେ ଏବଂ ମାନବର ଆତ୍ମାର ବିକାଶ ନିମିତ୍ତ ନିଜକୁ ନିୟୋଜିତ କଲେ । ୧୯୨୪ ମସିହାରେ ସେ ଋଷିକେଶରେ ବାସ କରିବାକୁ ଲାଗିଲେ ଏବଂ କଠୋର ତପସ୍ୟାର ସାଧନା କରିବା ଫଳରେ ଏକ ମହାନ ଯୋଗୀ, ସନ୍ଥ, ଋଷି ଓ ଜୀବନ୍ମୁକ୍ତ ରୂପେ ପ୍ରସିଦ୍ଧ ହେଲେ ।

ସ୍ୱାମୀ ଶିବାନନ୍ଦ ୧୯୩୨ ମସିହାରେ ଶିବାନନ୍ଦ ଆଶ୍ରମ ପ୍ରତିଷ୍ଠା କଲେ । ୧୯୩୬ ମସିହାରେ ଦିବ୍ୟ ଜୀବନ ସଂଘ ଜନ୍ମଲାଭ କଲା । ୧୯୪୮ ମସିହାରେ ଯୋଗ-ବେଦାନ୍ତ ବନ ବିଦ୍ୟାଳୟ ସଂଗଠିତ ହେଲା । ଆଧ୍ୟାତ୍ମିକ ଜ୍ଞାନର ପ୍ରସାର ଏବଂ ମନୁଷ୍ୟଗଣଙ୍କୁ ଯୋଗ ଓ ବେଦାନ୍ତରେ ପ୍ରଶିକ୍ଷଣ ଦେବା ଏହି ଅନୁଷ୍ଠାନର ଆଭିମୁଖ୍ୟ ଥିଲା । ୧୯୫୦ ମସିହାରେ ଭାରତ ଓ ଶ୍ରୀଲଙ୍କାରେ ସ୍ୱାମିଜୀଙ୍କ ଆଧ୍ୟାତ୍ମିକ ଯାତ୍ରା ପ୍ରସିଦ୍ଧି ଲାଭ କଲା । ୧୯୫୩ ମସିହାରେ ସ୍ୱାମିଜୀ 'ବିଶ୍ୱ ଧର୍ମ ସଂସଦ' ଆହୂତ କରିଥିଲେ । ସ୍ୱାମିଜୀ ହେଉଛନ୍ତି ୩୦୦ ରୁ ଉର୍ଦ୍ଧ୍ୱ ଆଧ୍ୟାତ୍ମିକ ପୁସ୍ତକର ରଚୟିତା ଏବଂ ସମଗ୍ର ବିଶ୍ୱରେ ସମସ୍ତ ଜାତି, ଧର୍ମ ଓ ବିଶ୍ୱାସ ପୋଷଣ କରୁଥିବା ବ୍ୟକ୍ତିଗଣ ସ୍ୱାମିଜୀଙ୍କର ଶିଷ୍ୟତ୍ୱ ଗ୍ରହଣ କରିଛନ୍ତି । ସ୍ୱାମିଜୀଙ୍କର ପୁସ୍ତକ ଅଧ୍ୟୟନ କରିବା ବାସ୍ତବରେ ପରମ ପ୍ରଜ୍ଞାର ପ୍ରସ୍ରବଣରୁ ଅମୃତ ପାନ କରିବା ସଦୃଶ । ୧୪ ଜୁଲାଇ, ୧୯୬୩ ମସିହାରେ ସ୍ୱାମିଜୀଙ୍କର ମହାସମାଧି ହୋଇଥିଲା ।

ଉପକ୍ରମ

'ନାରଦ ଭକ୍ତିସୂତ୍ର' ଭାରତରେ ଭକ୍ତିଯୋଗ ଉପରେ ଏକ ଲୋକପ୍ରିୟ ଗ୍ରନ୍ଥ । ଏହି ନିବନ୍ଧ ଭକ୍ତିର ଜନ୍ମ, ଅଭିବୃଦ୍ଧି, ବିକାଶ, ପ୍ରକଟ ଓ ପରିପ୍ରକାଶ ଉପରେ ଏକ ସରଳ ଓ ବ୍ୟାବହାରିକ ଭାଷ୍ୟ । ଭକ୍ତି ମାର୍ଗର ଅନୁସରଣ କରୁଥିବା ନିଷ୍ଠାପର ଓ ସାଧକଗଣଙ୍କ ନିମିତ୍ତ ଏହା ଏକ ଅତ୍ୟନ୍ତ ଉପଯୋଗୀ ଗ୍ରନ୍ଥ ।

ଭକ୍ତିଯୋଗ ଉପରେ ଏ ଗ୍ରନ୍ଥ ହେଉଛି ଏକ ମହାନ ଆଦର୍ଶ ଗ୍ରନ୍ଥ । ଦେବର୍ଷି ନାରଦଙ୍କ ଦ୍ୱାରା ରଚିତ ଏହି ପୁସ୍ତକ ସଂକ୍ଷିପ୍ତ ଆପ୍ତ ବଚନ ଧାରଣ କରେ ।

ଏ ଗ୍ରନ୍ଥରେ ପବିତ୍ର ନାରଦ ଋଷି ଭଗବାନଙ୍କ ପ୍ରତି ପ୍ରେମର ମତବାଦ ବ୍ୟାଖ୍ୟା କରିଅଛନ୍ତି । ଏହି ଭକ୍ତିମାର୍ଗକୁ ଜଣେ ସାଧାରଣ ବ୍ୟକ୍ତି ଅନୁସରଣ କରିପାରିବେ । ଭକ୍ତି ଦର୍ଶନ-ଶାସ୍ତ୍ରର ଗଭୀର ଜ୍ଞାନ ଅବା ସଂସାରର ସଂପୂର୍ଣ୍ଣ ତ୍ୟାଗ ଆବଶ୍ୟକ କରେ ନାହିଁ ।

ଭକ୍ତିର ମନସ୍ତତ୍ତ୍ୱ ଅଧ୍ୟୟନ ନିମିତ୍ତ ଗବେଷଣାରେ ମଗ୍ନ ଛାତ୍ରଗଣ ପ୍ରଭୂତ ସହାୟତା ଲାଭ କରିପାରିବେ ।

ସୂତ୍ର ସମୂହର ଏକ ଲାଳିତ୍ୟ ଓ ମାଧୁରୀ ରହିଛି । ତାହା ପ୍ରତ୍ୟକ୍ଷ ରୂପେ ହୃଦୟକୁ ସ୍ପର୍ଶ କରେ । ନାରଦ ସମସ୍ତଙ୍କ ସହ ସମାନ ବ୍ୟବହାର କରନ୍ତି । ସେଥିରେ ସାଂପ୍ରଦାୟିକତାର ସାମାନ୍ୟତମ ଲକ୍ଷଣ ପରିଦୃଷ୍ଟ ହୁଏ ନାହିଁ ।

ଏହି ସୂତ୍ରସମୂହ ଭକ୍ତିମାର୍ଗର ଶ୍ରେଷ୍ଠ ନିଦର୍ଶନ । ବ୍ୟାବହାରିକ ଆଧ୍ୟାତ୍ମିକ ଉପଦେଶ ଆବଶ୍ୟକ କରୁଥିବା ନିଷ୍ଠାପର ଭକ୍ତଗଣଙ୍କ ପାଇଁ ସଂକ୍ଷେପ ମାର୍ଗଦର୍ଶନ ନିମିତ୍ତ ନାରଦ ଭକ୍ତିସୂତ୍ର ଠାରୁ ଉତ୍ତମ ପୁସ୍ତକ ନାହିଁ । ଏହାର ଭାଷା ଅତ୍ୟନ୍ତ ସରଳ ।

ନାରଦଙ୍କର ସମଗ୍ର ଭକ୍ତିସୂତ୍ର ସଂଖ୍ୟା ହେଉଛି ୮୪ । ସେଥିର ପ୍ରଥମ ୨୪ ସୂତ୍ର ଭକ୍ତିର ସ୍ୱରୂପ ବିଷୟରେ ଆଲୋଚନା କରନ୍ତି । ପରବର୍ତ୍ତୀ ନଅସୂତ୍ର ଅର୍ଥାତ୍ ୨୫ ରୁ ୩୦ ଭକ୍ତିମାର୍ଗ କାହିଁକି ଓ କିପରି କର୍ମ, ଜ୍ଞାନ ଓ ଯୋଗ ଠାରୁ ମହତ୍ତର- ଏହା ଆଲୋଚନା କରନ୍ତି । ଭକ୍ତିର ଅଭ୍ୟାସ ଓ ବିକାଶ ପାଇଁ ୩୪ ରୁ ୫୦ ସୂତ୍ର (ସମଗ୍ର ୧୭ ସୂତ୍ର) ପଦ୍ଧତି ବର୍ଣ୍ଣନା କରନ୍ତି ।

ପରବର୍ତ୍ତୀ ୧୬ ସୂତ୍ର (୫୧ ରୁ ୬୬) ପ୍ରକୃତ ଭକ୍ତଙ୍କଠାରେ ପ୍ରକାଶିତ ହେଉଥିବା ବାହ୍ୟ ସଂକେତର ବର୍ଣ୍ଣନା କରନ୍ତି ।

ଅନ୍ତିମ ୧୮ ସୂତ୍ର ଭଗବାନଙ୍କ ପ୍ରତି ଗଭୀର ଭକ୍ତି ଥିବା ମହାନ ଅନୁଭୂତ ଭକ୍ତଙ୍କର ମହିମା ବର୍ଣ୍ଣନା କରନ୍ତି ।

ନାରଦ ଭକ୍ତିସୂତ୍ରର ଉତ୍ପତ୍ତି

ଶ୍ରୀ ବେଦବ୍ୟାସ ବଦ୍ରିକାଶ୍ରମରେ ଥିବା ତାଙ୍କର ଆଶ୍ରମରେ ନିବାସ କରୁଥିଲେ । ଭ୍ରମଣକାଳରେ ଦିନେ ଦେବର୍ଷି ନାରଦ ସେହି ଆଶ୍ରମରେ ଉପନୀତ ହେଲେ । ଆବଶ୍ୟକ ଉପଚାର ମାଧମରେ ଶ୍ରୀ ବ୍ୟାସ ନାରଦ ଋଷିଙ୍କର ସ୍ୱାଗତ କଲେ ଏବଂ କହିଲେ, ମାନବ ମୋକ୍ଷ କାମନା କରେ । କିନ୍ତୁ ଭକ୍ତି ବିନା ତାହା ଶୁଷ୍କ । ମୁକ୍ତି ଲାଭ ପାଇଁ ଭକ୍ତିହିଁ କେବଳ ମାର୍ଗ । ଅନ୍ୟ ସମସ୍ତ ମାର୍ଗ ଭକ୍ତିକୁ ସହାୟତା କରୁଥିବାରୁ ମହତ୍ତ୍ୱପୂର୍ଣ୍ଣ । ଭକ୍ତିର ଗୁଣ ବ୍ୟାଖ୍ୟା କରିବାକୁ ମୁଁ ଆପଣଙ୍କୁ ବିନମ୍ରତା ସହ ନିବେଦନ କରୁଛି ।

ନାରଦ କହିଲେ, ଆପଣଙ୍କ ଶିଷ୍ୟ ଜୈମିନୀ ପୂର୍ବ ମିମାଂଶାରେ କର୍ମକାଣ୍ଡର ସମସ୍ୟା ବିଷୟ ଆଲୋଚନା କରିଛନ୍ତି । ଉତ୍ତର ମିମାଂଶା ବା ବେଦାନ୍ତରେ ଆପଣ ସ୍ୱୟଂ ଜ୍ଞାନର ସମସ୍ୟା ବିଷୟରେ ଅନୁସନ୍ଧାନ କରିଅଛନ୍ତି । ସଂପ୍ରତି ଆପଣ ଭକ୍ତିର ସମସ୍ୟା ବିଷୟ ଆଲୋଚନା କରୁଛନ୍ତି । ଶ୍ରୀମଦ୍ ଭାଗବତମ୍‌ରେ ଏହାର ସଂପୂର୍ଣ୍ଣ ବ୍ୟାଖ୍ୟା ଆପଣ ପ୍ରଦାନ କରିବେ । ମୁଁ ସୂତ୍ର ରୂପେ ଭକ୍ତିର ବ୍ୟାଖ୍ୟା କରିବି । ଏହା କହି ନାରଦ ଭକ୍ତି ବିଷୟରେ ୮୪ ସୂତ୍ର ଦ୍ୱାରା ଭକ୍ତି ଉପରେ ପ୍ରବଚନ ଦେଲେ । ଏହି ସୂତ୍ର ସଂଗ୍ରହ "ନାରଦ ଭକ୍ତିସୂତ୍ର" ଗ୍ରନ୍ଥରେ ସଂକ୍ଷେପ ନିବନ୍ଧ ରୂପେ ପ୍ରଦତ୍ତ ହୋଇଛି । ଶ୍ରୀମଦ୍‌ଭାଗବତ (୧-୪ ଓ ୫)

ଭକ୍ତି

ଭକ୍ତି ମାର୍ଗ କେତେକ ପାହାଚର ଅନୁକ୍ରମ ଦ୍ୱାରା ଗଠିତ । ଏହାର ପ୍ରାରମ୍ଭିକ ସ୍ତର ହେଉଛି ଯନ୍ତ୍ରଣା ଓ ମରଣଶୀଳତାରୁ ମୁକ୍ତି ଲାଭ କରିବା । ପରାଭକ୍ତି ବା ଉଚ୍ଚତର ଭକ୍ତି ହିଁ ଏହାର ଲକ୍ଷ୍ୟ । ପରାଭକ୍ତି ମୁକ୍ତିର ମାର୍ଗ ପ୍ରଦର୍ଶନ କରେ । ପରାଭକ୍ତି ଠାରୁ ନିମ୍ନସ୍ତରର ହେଉଛି ଏକାନ୍ତଭାବ ଅବା ହାର୍ଦ୍ଦିକ ଭକ୍ତି । ଭକ୍ତିଭାବର ବିବିଧ ସ୍ଥିତି ରହିଛି । ଏହିପରି ୮୧ଟି ଅବସ୍ଥା ରହିଛି ।

ନିରକ୍ଷର ବ୍ୟକ୍ତି, ନାରୀ ଓ ପରିତ୍ୟକ୍ତ ବ୍ୟକ୍ତି ସମୂହ ଭକ୍ତିମାର୍ଗର ଅନୁସରଣ କରିପାରିବେ । ମୁମୁକ୍ଷୁତ୍ୱ ବା ମୁକ୍ତିର ଇଚ୍ଛା ହେଉଛି ସର୍ବନିମ୍ନ ଯୋଗ୍ୟତା ।

ଜଣେ ଆପତ୍ତିକାରୀ କହନ୍ତି, ଈଶ୍ୱର ମାନବର ବୋଧଗମ୍ୟତାର ବହୁ ଊର୍ଦ୍ଧ୍ୱରେ । ତେବେ ମାନବ କିପରି ତାଙ୍କ ପ୍ରତି ଭକ୍ତି କରିପାରିବ ?

ସନ୍ଥଙ୍କ ସହ ନିବାସ କର । ପ୍ରଭୁଙ୍କର ଲୀଳା-ମାଧୁରୀ ଶ୍ରବଣ କର । ପବିତ୍ର ଧର୍ମଗ୍ରନ୍ଥ ଅଧ୍ୟୟନ କର । ଜଗତରେ ଅଭିବ୍ୟକ୍ତ ତାଙ୍କର ବିବିଧ ସ୍ୱରୂପକୁ ପୂଜା କର । ପ୍ରଭୁଙ୍କର ଅବା ଗୁରୁଙ୍କର ଯେକୌଣସି ମୂର୍ତ୍ତି ବା ଚିତ୍ରର ପୂଜା କର । ତାଙ୍କର ନାମ ଗାନ କର । ତାଙ୍କର ମହିମା ଶୁଣ । ତୁମର ଭକ୍ତିର ବିକାଶ ହେବ ।

କେତେକ ବ୍ୟକ୍ତିଙ୍କର ମତରେ ଭକ୍ତିର ଅଭ୍ୟାସରେ ଜ୍ଞାନର ଭୂମିକା ମହତ୍ତ୍ୱପୂର୍ଣ୍ଣ । ଅନ୍ୟମାନେ କହନ୍ତି ଯେ, ଭକ୍ତି ଓ ଜ୍ଞାନ ପରସ୍ପର ଉପରେ ନିର୍ଭରଶୀଳ । କିନ୍ତୁ ନାରଦ କହନ୍ତି ଯେ ଭକ୍ତି ହେଉଛି ନିଜର ଫଳ ଅର୍ଥାତ୍ ଭକ୍ତି ଦ୍ୱାରା ହିଁ ଭକ୍ତିର ଅଭିବୃଦ୍ଧି ହୋଇଥାଏ ।

ଭକ୍ତି ଉଚ୍ଚତମ ଆବେଗ ଅଟେ । ନାରଦ କେବଳ ଭାବ ଦୃଷ୍ଟିରୁ ଭକ୍ତିକୁ ଆଲୋଚନା କରିଛନ୍ତି କିନ୍ତୁ ଶାଣ୍ଡିଲ୍ୟଙ୍କର ଭକ୍ତି ମିମାଂଶା ଭକ୍ତି-ଦର୍ଶନ ଉପରେ ଏକ ଅନୁସନ୍ଧାନ ଅଟେ । ଉଭୟ ନିବନ୍ଧ ସହଚର ସଦୃଶ । ସେମାନେ ପରସ୍ପରର ଅନୁପୂରକ ।

ଯେତେବେଳେ ଭକ୍ତଗଣଙ୍କର ଭକ୍ତିର ଅଭିବୃଦ୍ଧି ହୁଏ, ସେତେବେଳେ ସଂପୂର୍ଣ୍ଣ ଆତ୍ମ-ବିସ୍ମୃତି ପରିଦୃଷ୍ଟ ହୁଏ । ଏହାକୁ ଭାବ କୁହାଯାଏ । ତା'ପରେ ଭାବ ମହାଭାବରେ ପରିବର୍ତ୍ତିତ ହୁଏ । ସେଥିରେ ଭକ୍ତ ଜୀବନଯାପନ କରେ, ଗତିଶୀଳ ହୁଏ ଓ ସ୍ୱଜୀବନକୁ ବିଭୁ-କେନ୍ଦ୍ରୀତ କରେ । ଏହା ହେଉଛି ପରମପ୍ରେମ, ଯାହାକି ପ୍ରେମର ଉତ୍କୃଷ୍ଟ ସ୍ଥିତି ।

ନବଧା ଭକ୍ତିର ପୁଣି ବିଭାଜନ ଅଛି । ପ୍ରତ୍ୟେକ ଭକ୍ତି ନଅ ପ୍ରକାରର । ତେଣୁ ସଗୁଣ ଭକ୍ତି ବାସ୍ତବରେ ୮୧ ପ୍ରକାରର ।

ପ୍ରେମ, ଘୃଣା, ଭୟ, ବନ୍ଧୁତ୍ୱ ମାଧ୍ୟମରେ ମନକୁ ଭଗବାନଙ୍କ ଠାରେ ସ୍ଥିର କରି ଅନେକ ବ୍ୟକ୍ତି ମୁକ୍ତିଲାଭ କରିଅଛନ୍ତି । ଯଥା ଗୋପୀଗଣ ପ୍ରେମ ମାଧ୍ୟମରେ, କଂସ ଭୟଦ୍ୱାରା, ଶିଶୁପାଳ ଘୃଣା ମାଧ୍ୟମରେ ଓ ବୃଷ୍ଣିଗଣ ସଂପର୍କ ଦ୍ୱାରା ଈଶ୍ୱର ଉପଲବ୍ଧି କରିଥିଲେ ।

ଭକ୍ତି ସମ୍ମାନ ଦ୍ୱାରା ଯେପରି କି ଅର୍ଜ୍ଜୁନଙ୍କ କ୍ଷେତ୍ରରେ, ବହୁ ମାନ ଦ୍ୱାରା ଯେପରିକି ଇକ୍ଷାକୁଙ୍କ କ୍ଷେତ୍ରରେ, ପ୍ରୀତି ମାଧ୍ୟମରେ ଯେପରି କି ବିଦୁରଙ୍କ କ୍ଷେତ୍ରରେ, ବିରହ ଦ୍ୱାରା ଯେପରିକି ଗୋପୀଗଣଙ୍କ କ୍ଷେତ୍ରରେ, ଇତର-ବିଚିକିତ୍ସା ଦ୍ୱାରା ଯେପରିକି

ଉପମନ୍ୟୁଙ୍କ କ୍ଷେତ୍ରରେ, ମହିମା-ଖ୍ୟାତି ମାଧ୍ୟମରେ ଯେପରିକି ଯମଙ୍କ କ୍ଷେତ୍ରରେ, ତଦର୍ଥ-ପ୍ରାଣ-ସ୍ଥାନ ଦ୍ୱାରା (ପ୍ରଭୁଙ୍କ ନିମିତ୍ତ ଜୀବିତ ରହିବା) ଯେପରିକି ହନୁମାନଙ୍କ କ୍ଷେତ୍ରରେ, ତଦୀୟତା (ସବୁକିଛି ପ୍ରଭୁଙ୍କର ଏ ବିଶ୍ୱାସ) ଦ୍ୱାରା ଯେପରିକି ଉପରିଚର ବାସୁଙ୍କ କ୍ଷେତ୍ରରେ ସର୍ବତଦ୍‌ଭାବ ମାଧ୍ୟମରେ (ପ୍ରଭୁ ସମସ୍ତ ବସ୍ତୁରେ ପରିବ୍ୟାପ୍ତ) ଯେପରିକି ପ୍ରହ୍ଲାଦଙ୍କ କ୍ଷେତ୍ରରେ, ଅପ୍ରତିକୂଳ ଭାବ ଦ୍ୱାରା (ବିରୁଦ୍ଧ ଭାବର ଅଭାବ) ଯେପରିକି ଭୀଷ୍ମଙ୍କ କ୍ଷେତ୍ରରେ ସୂଚୀତ ହୋଇଥାଏ ।

ଭକ୍ତିଯୋଗ ହିଁ ଏକମାତ୍ର ଯୋଗ ଯାହାକି ମାନବର ଆବେଗକୁ ପ୍ରତ୍ୟକ୍ଷ ଭାବେ ଆବେଦନ କରିଥାଏ । ଅପରାଭକ୍ତି ହେଉଛି ନିମ୍ନସ୍ତରର ଭକ୍ତି । ଏହା ଭକ୍ତିର ଅପରିପକ୍ୱ ସ୍ତର । ଭକ୍ତି ଅଭିଜ୍ଞତାର ପରିପକ୍ୱ ସ୍ତରକୁ ପରାଭକ୍ତି କୁହାଯାଏ । ଭକ୍ତ ଅତୁଳନୀୟ ଆନନ୍ଦ ଓ ଆଲୋକର ଅବର୍ଣ୍ଣନୀୟ ଅନ୍ତର୍ନିଃହିତ ଅଭିଜ୍ଞତା ଲାଭ କରନ୍ତି । ସେ ଈଶ୍ୱର ସାକ୍ଷାତ୍‌କାର ଲାଭ କରନ୍ତି ।

ଅପରାଭକ୍ତିରେ ଦୁଇଟି ସ୍ତର ଥାଏ । ପ୍ରଥମ ସ୍ତରକୁ ଗୌଣ ଓ ଦ୍ୱିତୀୟ ସ୍ତରକୁ ମୁଖ୍ୟ କୁହାଯାଏ । ଗୌଣଭକ୍ତିରେ ରଜୋଗୁଣର ପ୍ରଭାବ ଥାଏ । ମୁଖ୍ୟ ଭକ୍ତିରେ ସତ୍ତ୍ୱଗୁଣର ପ୍ରଭାବ ଥାଏ । ମନ ଶାନ୍ତ ଓ ସମାହିତ ରହେ । ଧ୍ୟାନ ଏକାଗ୍ର ଓ ଅବିଚଳ ରହେ । ଭକ୍ତ ଈଶ୍ୱରଙ୍କର ଅନୁଭୂତି ଲାଭ କରେ । ତାଙ୍କୁ ଦ୍ୱୈତଭାବର ଚେତନା ଲାଭ ହୁଏ ।

ପରାଭକ୍ତିରେ ଭକ୍ତ ପ୍ରଭୁଙ୍କର ପୂର୍ଣ୍ଣ କୃପାଲାଭ କରନ୍ତି । ତାଙ୍କୁ ଜ୍ଞାନ ଓ ପୂର୍ଣ୍ଣ ଆଲୋକ ମିଳେ । ସେ ପ୍ରଭୁଠାରେ ନିମଗ୍ନ ରହନ୍ତି । ତାଙ୍କର ନିଜର ବ୍ୟକ୍ତିତ୍ୱ ରହେ ନାହିଁ । ସେ ପ୍ରଭୁଙ୍କ ସହ ଏକ ହୋଇଯାଆନ୍ତି ।

ଯେଉଁ ବସ୍ତୁ ପ୍ରତି ଆପଣ ଅନୁରକ୍ତ ଓ ସ୍ନେହଶୀଳ, ତା'ର ଉପରେ ଆପଣଙ୍କର ସୁଖ ନିର୍ଭର କରେ । ପ୍ରେମ ନିମିତ୍ତ ପ୍ରକୃତ ଲକ୍ଷ୍ୟ ହେଉଛନ୍ତି ଭଗବାନ ଯେକି ସର୍ବଶକ୍ତିମାନ, ସର୍ବଜ୍ଞ ଓ ସର୍ବବ୍ୟାପକ ତଥା ଅତ୍ୟନ୍ତ କରୁଣାଶୀଳ ।

ଭଗବାନଙ୍କ ପ୍ରତି ପ୍ରେମ ବା ଭକ୍ତି ଏକ ଦର୍ଶନ ଅପେକ୍ଷା ଏକ ଅଭ୍ୟାସ । ଭକ୍ତି ଅହଂକାରକୁ ଦୂର କରି ପ୍ରଭୁଙ୍କୁ ହୃଦୟ ସିଂହାସନରେ ଉପବେଶନ କରାଏ । ଈଶ୍ୱର ଭକ୍ତି ହିଁ ପ୍ରେମର ପରାକାଷ୍ଠା । ସନ୍ଥଙ୍କର ସେବା, ସନ୍ଥଙ୍କର ସହ ସଂଶ୍ଳିଷ୍ଟ ହେବା, ଭକ୍ତିସାହିତ୍ୟର ଅଧ୍ୟୟନ, ଦାନ, ଆତ୍ମ-ସଂଯମ, ନମ୍ରତା, ଜପ, କୀର୍ତ୍ତନ ଓ ପ୍ରାର୍ଥନା- ଏହା ହେଉଛି ଈଶ୍ୱର-ପ୍ରେମ ପାଇଁ ପ୍ରସ୍ତୁତି ।

– ସ୍ୱାମୀ ଶିବାନନ୍ଦ

ନାମ ଅପରାଧ

ପ୍ରଭୁଙ୍କ ନାମର ମହିମା ଅବର୍ଣ୍ଣନୀୟ । ଭକ୍ତ ଦିବ୍ୟନାମ ବିରୁଦ୍ଧରେ ୬୪ଟି ଅପରାଧ ଠାରୁ ଦୂରରେ ରହିବାକୁ ପ୍ରୟାସ କରିବା ଉଚିତ ।

ସେଗୁଡ଼ିକ ହେଲା :

(୧) ଭଗବାନଙ୍କୁ ଏକ ଦେବତା ବା ସିଦ୍ଧାନ୍ତ ବୋଲି ମାନିବା । (୨) ବେଦକୁ ଏକ ପୁସ୍ତକ ରୂପେ ବା ଏହାର ରଚୟିତା ଅଛନ୍ତି ବୋଲି ମନେ କରିବା । (୩) ଜାତି ଉପରେ ଭିତ୍ତି କରି ଭକ୍ତଗଣଙ୍କ ପ୍ରତି ପ୍ରଭେଦ ପ୍ରଦର୍ଶନ କରିବା । (୪) ନିଜ ଗୁରୁଙ୍କୁ ଜଣେ ସାଧାରଣ ମନୁଷ୍ୟ ମନେକରିବା । (୫) ଈଶ୍ୱରଙ୍କର ଚିତ୍ର ବା ମୂର୍ତ୍ତିକୁ କାଠ, ପଥର, ଧାତୁ, କାଗଜ ବା ମାଟି ମନେ କରିବା । (୬) ପ୍ରସାଦକୁ ସାଧାରଣ ଖାଦ୍ୟ ମନେକରିବା । (୭) ଚରଣାମୃତକୁ ସାଧାରଣ ଜଳ ମନେ କରିବା । (୮) ତୁଳସୀକୁ ସାଧାରଣ ବୃକ୍ଷ ମନେ କରିବା । (୯) ଗାଈକୁ ସାଧାରଣ ପଶୁ ମନେ କରିବା । (୧୦) ଗୀତା ବା ଭାଗବତକୁ ସାଧାରଣ ପୁସ୍ତକ ମନେ କରିବା । (୧୧) ପ୍ରଭୁଙ୍କର ଦିବ୍ୟଲୀଳାକୁ ମାନବୀୟ କାର୍ଯ୍ୟ ମନେକରିବା । (୧୨) ପ୍ରଭୁଙ୍କର ଲୀଳାକୁ ସାଂସାରିକ ପ୍ରେମ ବା ଯୌନସୁଖ ସହ ତୁଳନା କରିବା । (୧୩) ଗୋପୀଗଣଙ୍କୁ ଅନ୍ୟର ପତ୍ନୀ ମନେକରିବା । (୧୪) ଶ୍ରୀକୃଷ୍ଣଙ୍କର ରାସ ନୃତ୍ୟକୁ ଏକ କାମାତୁର ଲୀଳା ମନେ କରିବା । (୧୫) ପ୍ରଭୁଙ୍କର ଉତ୍ସବରେ ଉଚ୍ଚ ଓ ନୀଚ ଜାତି ମଧ୍ୟରେ ପାର୍ଥକ୍ୟ ଦେଖିବା । (୧୬) ଈଶ୍ୱର ଓ ଶାସ୍ତ୍ରରେ ବିଶ୍ୱାସ ନ କରିବା ଏବଂ ଅବିଶ୍ୱାସ କରିବା । (୧୭) ସନ୍ଦେହ ମନରେ ଧର୍ମ ଅଭ୍ୟାସ କରିବା । (୧୮) ଧାର୍ମିକ କର୍ତ୍ତବ୍ୟ ସଂପାଦନରେ ଆଳସ୍ୟପରାୟଣ ହେବା । (୧୯) ବାହ୍ୟ ଦୃଷ୍ଟିରୁ ଭକ୍ତଙ୍କୁ ବିଚାର କରିବା । (୨୦) ସନ୍ଥଙ୍କର ଦୋଷ ଓ ଗୁଣ ବିଷୟରେ ମନ୍ତବ୍ୟ ଦେବା । (୨୧) ନିଜ ବିଷୟରେ ସମୁଚ୍ଚ ମତ ଦେବା । (୨୨) ନିର୍ଦ୍ଦିଷ୍ଟ ଦେବତା ବା ଶାସ୍ତ୍ରର ନିନ୍ଦା କରିବା । (୨୩) ଭଗବାନଙ୍କ ଚିତ୍ରକୁ ଅସମ୍ମାନ କରିବା । (୨୪) ଜୋତା ପିନ୍ଧି ଠାକୁରଙ୍କ ନିକଟକୁ ଯିବା । (୨୫) ଈଶ୍ୱରଙ୍କ ମୂର୍ତ୍ତି ସମ୍ମୁଖରେ ପୁଷ୍ପମାଳା ପିନ୍ଧିବା । (୨୬) ହାତରେ ଘଣ୍ଟି ଧରି ଈଶ୍ୱରଙ୍କ ମୂର୍ତ୍ତି ନିକଟକୁ ଯିବା । (୨୭) ନୀଳ ପୋଷାକ ପରିଧାନ କରି ଈଶ୍ୱରଙ୍କ ମୂର୍ତ୍ତି ନିକଟକୁ ଯିବା । (୨୮) ନିଜ ଦାନ୍ତ ଓ ମୁହଁ ସଫା ନ କରି ପ୍ରଭୁଙ୍କର ମୂର୍ତ୍ତି ନିକଟକୁ ଯିବା । (୨୯) ଶୌଚାଳୟରୁ ଆସିବା ପରେ ସ୍ୱଚ୍ଛ ବସ୍ତ୍ର ପରିଧାନ ନ କରି ମନ୍ଦିରରେ ପ୍ରବେଶ କରିବା । (୩୦) ଠାକୁରଙ୍କ ମୂର୍ତ୍ତିଙ୍କ ନିକଟରେ ନିଜର ହାତ ଓ ଗୋଡ଼ ପ୍ରସାରିତ କରିବା । (୩୧) ଈଶ୍ୱରଙ୍କ ମୂର୍ତ୍ତି ସମ୍ମୁଖରେ ପାନ ଚୋବାଇବା । (୩୨) ଈଶ୍ୱରଙ୍କର

ମୂର୍ତ୍ତି ସମ୍ମୁଖରେ ଉଚ୍ଚ ସ୍ୱରରେ ହସିବା । (୩୩) ଈଶ୍ୱରଙ୍କ ନିକଟରେ ଅସ୍ପୃହଣୀୟ ଇଙ୍ଗିତ କରିବା । (୩୪) ନାରୀଗଣଙ୍କ ଚତୁପାର୍ଶ୍ୱରେ ଘୂରି ବୁଲିବା । (୩୫) କ୍ରୋଧାନ୍ୱିତ ହେବା । (୩୬) ଭଗବାନଙ୍କର ମୂର୍ତ୍ତି ସମ୍ମୁଖରେ ଅନ୍ୟକୁ ନମସ୍କାର କରିବା । (୩୭) ଦୁର୍ଗନ୍ଧ ସୃଷ୍ଟି କରୁଥିବା ଖାଦ୍ୟ ଖାଇବା ପରେ ତତ୍‌କ୍ଷଣାତ୍ ମନ୍ଦିରକୁ ଯିବା । (୩୮) ଅନ୍ୟକୁ ଅପମାନିତ କରିବା କିମ୍ବା ଅନ୍ୟକୁ ଆକ୍ରମଣ କରିବା । (୩୯) କାମ ଓ କ୍ରୋଧ ପରିପ୍ରକାଶ କରୁଥିବା ଇଙ୍ଗିତ କରିବା । (୪୦) ଜଣେ ଅପରିଚିତ ବ୍ୟକ୍ତି ଓ ସାଧୁପ୍ରତି ସ୍ୱ-କର୍ତ୍ତବ୍ୟ ପାଳନ ନ କରିବା । (୪୧) ନିଜକୁ ଜଣେ ଭକ୍ତ, ଧର୍ମାତ୍ମା, ଜ୍ଞାନୀ ବା ଗୁଣବାନ ବ୍ୟକ୍ତି ମନେକରିବା । (୪୨) ଅବିଶ୍ୱାସୀ ବ୍ୟଭିଚାରୀ, ଲୋଭୀ ବା ମିଥ୍ୟାବାଦୀ ବ୍ୟକ୍ତିଙ୍କ ସହ ମିଶିବା । (୪୩) ବିପଦ·ସମୟରେ ଈଶ୍ୱରଙ୍କୁ ନିନ୍ଦା କରିବା । (୪୪) ପାପ ଉଦ୍ଦେଶ୍ୟ ରଖି ସୁଗୁଣ ଅଭ୍ୟାସ କରିବା । (୪୫) ଅନ୍ୟକୁ ସାମାନ୍ୟତମ ନିପୀଡ଼ିତ କରି ମଧ୍ୟ ନିଜକୁ ଧାର୍ମିକ ମନେକରିବା । (୪୬) ନିଜର ପତ୍ନୀ, ସନ୍ତାନ, ପରିବାର ନିର୍ଭରଶୀଳ, ଅଭାବୀ ଓ ସାଧୁ-ସନ୍ଥଗଣଙ୍କୁ ସହାୟତା କରିବାକୁ ମନା କରିବା । (୪୭) ନିଜର ଉପଭୋଗ୍ୟକୁ ଈଶ୍ୱରଙ୍କୁ ଅର୍ପଣ କରିବା ଅବା ଈଶ୍ୱରଙ୍କୁ ଅର୍ପଣ ନ କରି ଭୋଗ୍ୟବସ୍ତୁକୁ ଉପଭୋଗ କରିବା । (୪୮) ଇଷ୍ଟ ଦେବତାଙ୍କର ନାମରେ ଶପଥ କରିବା । (୪୯) ଈଶ୍ୱରଙ୍କର ନାମ ବା ଧର୍ମକୁ ବିକ୍ରି କରିବା । (୫୦) ନିଜର ଇଷ୍ଟଙ୍କର ବ୍ୟତୀତ ଅନ୍ୟାଶ୍ରୟ ହେବା । (୫୧) ଶାସ୍ତ୍ରର ଉପଦେଶକୁ ଅମାନ୍ୟ କରିବା । (୫୨) ଜ୍ଞାନ ନ ଥାଇ ମଧ୍ୟ ନିଜକୁ ବ୍ରହ୍ମ-ଜ୍ଞାନୀ ରୂପେ ବ୍ୟବହାର କରିବା । (୫୩) ଅନ୍ୟ ସଂପ୍ରଦାୟର ବୈଷ୍ଣବଙ୍କ ପ୍ରତି ଭେଦଭାବ କରିବା । (୫୪) ଈଶ୍ୱରଙ୍କ ସଦୃଶ ବ୍ୟବହାର କରିବା । (୫୫) ନିର୍ଦ୍ଦିଷ୍ଟ ଅବତାରଙ୍କୁ ନିନ୍ଦା କରିବା ଏବଂ ତାଙ୍କର ଲୀଳା ପ୍ରତି ଭେଦଭାବ ପ୍ରଦର୍ଶନ କରିବା । (୫୬) ଭୁଲ୍ କ୍ରମେ ମଧ୍ୟ ଅନ୍ୟକୁ ଈଶ୍ୱର କହିବା । (୫୭) ଭୁଲ କ୍ରମେ ମଧ୍ୟ ଈଶ୍ୱରଙ୍କୁ ଅନ୍ୟଠାରୁ ନିମ୍ନସ୍ତରର ମନେ କରିବା । (୫୮) ଲୋଭ ବଶବର୍ତ୍ତୀ ହୋଇ ଈଶ୍ୱରଙ୍କ ପ୍ରସାଦ ବା ଚରଣାମୃତ ଦେବା । (୫୯) ଈଶ୍ୱରଙ୍କର ଚିତ୍ର, ମୂର୍ତ୍ତି ଓ ନାମକୁ ଅପମାନିତ କରିବା । (୬୦) ଯେକୌଣସି ବ୍ୟକ୍ତିଙ୍କ ପ୍ରତି ଅତ୍ୟାଚାର, ଭୀତ କରିବା ଅବା ଅନ୍ୟାୟ କରିବା । (୬୧) ଏକ ପ୍ରସ୍ତାବକୁ ପ୍ରତିଷ୍ଠା କରିବାରେ ଅସମର୍ଥ ହେଲେ ବା ବିବାଦରେ ପରାଜିତ ହେଲେ ନିଜର ଧର୍ମ ବିଶ୍ୱାସ ପରିହାର କରିବା । (୬୨) ବିବିଧ ଅବତାରଙ୍କର ଜନ୍ମ ଓ କର୍ମକୁ ସାଧାରଣ ମନେ କରିବା । (୬୩) ରାଧା-କୃଷ୍ଣ ସଦୃଶ ଯୁଗଳ-ମୂର୍ତ୍ତିକୁ ପୃଥକ ବା ଅଲଗା ମନେକରିବା । (୬୪) ଅଧିକ ଉତ୍ସାହିତ ଶିଷ୍ୟ ରୂପେ ଗୁରୁଙ୍କର ଆଦେଶର ଭାବ ବା ଉଦ୍ଦେଶ୍ୟର ବିପରୀତ କାର୍ଯ୍ୟ କରିବା ।

ନାରଦଙ୍କର ଜୀବନ

(୧)

ଦେବର୍ଷି ନାରଦ ବୀଣା ବାଦନ କରି ଓ ଶ୍ରୀହରିଙ୍କର ସ୍ତୁତି ଗାନ କରି ସର୍ବତ୍ର ଭ୍ରମଣ କରନ୍ତି । ଫଳତଃ ସେ ଲୋକମାନଙ୍କର ହୃଦୟରେ ଈଶ୍ୱର ଭକ୍ତି ଜାଗ୍ରତ କରି ଶାନ୍ତି, ଆନନ୍ଦ ଓ ପ୍ରେମଭାବ ଦୁଃଖପୂର୍ଣ୍ଣ ଜଗତରେ ପରିପୂର୍ଣ୍ଣ କରିଦିଅନ୍ତି । ଦେବର୍ଷି ନାରଦଙ୍କର ଜୟ ।

ଯୋଗ ଶକ୍ତି ବଳରେ ସେ ଆଖି ପିଛୁଳାକେ ସ୍ୱଇଚ୍ଛା ଅନୁସାରେ ଜଗତରେ ଭ୍ରମଣ କରିପାରନ୍ତି । ସେ ସୃଷ୍ଟି କରୁଥିବା ଭୁଲ ବୁଝାମଣା ଓ କଳହ ଆଦି ଜଗତର କଲ୍ୟାଣ ନିମିତ୍ତ ଅଭିପ୍ରେତ । ସେ ବାଲ୍ମିକୀ, ବ୍ୟାସ, ଶୁକଦେବ, ପ୍ରହ୍ଲାଦ, ଧ୍ରୁବ ଏବଂ ଅନ୍ୟାନ୍ୟ ମହାତ୍ମାଗଣଙ୍କୁ ଭକ୍ତିଯୋଗ ପାଇଁ ଅନୁପ୍ରେରିତ କରିଥିଲେ ।

ପୂର୍ବଜନ୍ମରେ ନାରଦ ଏକ ଦାସୀ ପୁତ୍ର ଥିଲେ । ଏକଦା ବର୍ଷା ଋତୁରେ ଚତୁର୍ମାସ ପାଳନ କରିବାକୁ ଅନେକ ସାଧୁ, ସନ୍ନ୍ୟାସୀ ଓ ମହାତ୍ମାଗଣ ତାଙ୍କର ଗ୍ରାମକୁ ଆଗମନ କରିଥିଲେ । ସେତେବେଳେ ନାରଦ ଏକ ଛୋଟ ବାଳକ ଥିଲେ । ତାଙ୍କର ମାତା ତାଙ୍କୁ ମହାତ୍ମାଗଣଙ୍କର ସେବାରେ ନିୟୋଜିତ କଲେ । ତାଙ୍କର ବାଳକ ସୁଲଭ ଚପଳତା ନ ଥିଲା । ସେ ଶିଶୁ ସୁଲଭ କ୍ରୀଡ଼ା ପରିହାର କରିଥିଲେ । ନିଷ୍ଠା ଓ ଆନ୍ତରିକତା ସହ ସେ ସନ୍ଥଗଣଙ୍କର ସେବା କଲେ । ତାଙ୍କର ସମସ୍ତ ସମୟ ସେ ଶାନ୍ତଭାବରେ ସନ୍ଥ ସେବାରେ ଉପଯୋଗ କରିଥିଲେ । ସନ୍ଥଗଣ ବାଳକ ଉପରେ ଅତ୍ୟନ୍ତ ପ୍ରୀତ ହେଲେ । ସେମାନେ ବାଳକ ନାରଦ ପ୍ରତି ଅତ୍ୟନ୍ତ ଦୟାଶୀଳ ଥିଲେ । ମହାତ୍ମାଗଣଙ୍କ ନିର୍ଦ୍ଦେଶ ପାଇ ସେ ତାଙ୍କ ପତ୍ରର ବଳକା ପ୍ରସାଦ ସେବନ କରିବାକୁ ଲାଗିଲେ । ଏହା ଫଳରେ ତାଙ୍କର ପାପ ଦୂର ହେଲା । ତାଙ୍କର ହୃଦୟ ଶୁଦ୍ଧ ହେବାକୁ ଲାଗିଲା । ସନ୍ଥଗଣଙ୍କର ଦ୍ୱାରା ଆଦୃତ ହେଉଥିବା ମଧୁର କୃଷ୍ଣ କଥା ସେ ଶ୍ରବଣ କରିବା ଫଳରେ ତାଙ୍କ ହୃଦୟରେ କ୍ରମଶଃ ଭକ୍ତିଭାବ ଜାଗ୍ରତ ହେଲା । ତାଙ୍କର ମନ, ଦୃଢ଼ ଓ ସ୍ଥିର ହେଲା । ମହାତ୍ମାଗଣ ତାଙ୍କୁ ବିଶେଷ ଉପଦେଶ ଦେଲେ ତଥା ଦିବ୍ୟଜ୍ଞାନର ଗୁପ୍ତତତ୍ତ୍ୱ ପରିପ୍ରକାଶ କଲେ ।

ମହାତ୍ମାଗଣ ଗ୍ରାମ ଛାଡ଼ି ଚାଲିଗଲେ । ବାଳକ ନାରଦ ସାଧନା କରିବାକୁ ଲାଗିଲେ । ସେ ଭଜନ ଗାନ କଲେ ।

ଦିନେ ଏକ ସର୍ପ ତାଙ୍କ ମାତାଙ୍କୁ ଦଂଶନ କଲା । ଫଳରେ ତାଙ୍କ ମାତାଙ୍କର ମୃତ୍ୟୁ ହେଲା । ବାଳକ ନାରଦ ଗ୍ରାମ ଛାଡ଼ି ଘଞ୍ଚ ଅରଣ୍ୟକୁ ଚାଲିଗଲେ । ନଦୀକୂଳରେ ଥିବା ଏକ ଅଶ୍ୱତ୍ଥ ବୃକ୍ଷ ତଳେ ସେ ଉପବେଶନ କରି ପ୍ରଭୁ ହରିଙ୍କର ଧ୍ୟାନ କରିବାକୁ ଲାଗିଲେ ।

ତାଙ୍କ ହୃଦୟରେ ପ୍ରଭୁ ନିଜକୁ ପରିପ୍ରକାଶ କଲେ । ତାଙ୍କ ଶରୀର ରୋମାଞ୍ଚିତ ହେଲା । ସେ ଜଗତ ବିଷୟ ଏବଂ ସ୍ୱ-ଅସ୍ତିତ୍ୱର ଚେତନା ବିଷୟ ଭୁଲିଗଲେ । ସେ ଆନନ୍ଦ ସାଗରରେ ନିମଜ୍ଜିତ ହେଲେ ।

ତା'ପରେ ହଠାତ୍ ପ୍ରଭୁ ହରିଙ୍କର ରୂପ ଉଭେଇ ଗଲା । ବାଳକ ନାରଦ ଅତ୍ୟନ୍ତ ଦୁଃଖିତ ହେଲେ । ସେ ପୁଣି ପ୍ରଭୁଙ୍କର ଦର୍ଶନ କରିବାକୁ ପ୍ରୟାସ କଲେ । ସେ ଆକାଶବାଣୀ ଶୁଣିଲେ- "ହେ ବାଳକ, ଏ ଜନ୍ମରେ ତୁମକୁ ମୋର ଦର୍ଶନ ମିଳିବ ନାହିଁ । ମୋର ପ୍ରତି ତୁମର ପ୍ରେମର ଅଭିବୃଦ୍ଧି ଓ ଦୃଢ଼ କରିବାକୁ ମୁଁ ତୁମଠାରେ ମୋର ରୂପର ପ୍ରକାଶ କଲି । ସ୍ୱଳ୍ପ ସମୟ ପାଇଁ ସତ୍‌ସଙ୍ଗ ମାଧ୍ୟମରେ ତୁମର ମୋ ପ୍ରତି ଗଭୀର ଭକ୍ତି ଜାଗ୍ରତ ହୋଇଛି । ଏହି ଶରୀର ତ୍ୟାଗ କରିବାପରେ ତୁମେ ମୋର ଅତ୍ୟନ୍ତ ପ୍ରିୟ ଭକ୍ତ ହେବ । ତୁମେ ମୋ ପ୍ରତି ଆସକ୍ତ ରହିବ । ଏହି କଳ୍ପର ଅନ୍ତପରେ ମଧ୍ୟ ମୋର କୃପା ବଳରେ ଏ ଜୀବନର ଘଟଣାମାନ ତୁମେ ମନେ ରଖିପାରିବ ।"

ବାଳକ ନାରଦ ସେ ସ୍ଥାନ ତ୍ୟାଗ କରି ଈଶ୍ୱରଙ୍କର ନାମ ଓ ଯଶ ଗାନ କରି ଜଗତରେ ଭ୍ରମଣ କଲେ । ସେ ସଂସାର ସହ ସଂପର୍କ ଛିନ୍ନ କଲେ । କାଳକ୍ରମେ ସେ ତାଙ୍କର ଶରୀର ତ୍ୟାଗ କଲେ । ସେ ଭଗବାନଙ୍କର ସହଚର ରୂପେ ଏକ ଶୁଦ୍ଧ ଦିବ୍ୟରୂପ ଲାଭ କଲେ ।

କଳ୍ପର ଅନ୍ତରେ ଯେତେବେଳେ ବ୍ରହ୍ମା ସମସ୍ତ ସୃଷ୍ଟିକୁ ନିଜ ମଧ୍ୟକୁ ପ୍ରତ୍ୟାହାର କରି ପ୍ରଳୟ ସାଗରରେ ଶୟନ କଲେ, ନାରଦ ବ୍ରହ୍ମାଙ୍କର ହୃଦୟରେ ପ୍ରବେଶ କଲେ । ସହସ୍ର ଯୁଗର ଅନ୍ତରେ ବ୍ରହ୍ମା ସୃଷ୍ଟି ରଚନା କରିବାବେଳେ ନାରଦ ପ୍ରଶ୍ୱାସ ଦ୍ୱାରା ନିର୍ଗତ ହେଲେ ।

ସେହି କାଳରୁ ନାରଦ ଭଗବାନ ପ୍ରଦତ୍ତ ବୀଣା ବାଦନ କରି ତିନି ଭୁବନରେ ଭ୍ରମଣ କରୁଅଛନ୍ତି । ଯେତେବେଳେ ନାରଦ ଦିବ୍ୟ ପ୍ରେମରେ ନିମଗ୍ନ ହୋଇ ଭଗବାନଙ୍କର ଲୀଳା ଓ ମହିମା ଗାନ କରନ୍ତି, ପ୍ରଭୁ ସେହି ମୁହୂର୍ତ୍ତରେ ଆବିର୍ଭାବ ହୁଅନ୍ତି ।

(୨)

ନାରଦ ବେଦର ସମସ୍ତ ତତ୍ତ୍ୱ ଜ୍ଞାନ ଦ୍ୱାରା ବିମଣ୍ଡିତ । ସେ ଧର୍ମ ବିଷୟ ଉତ୍ତମ ରୂପେ ଜାଣନ୍ତି । ଇତିହାସ ଓ ପୁରାଣ ବିଷୟରେ ତାଙ୍କର ପରିପୂର୍ଣ୍ଣ ଜ୍ଞାନ ରହିଛି । ବିଗତ କଳ୍ପର ଘଟଣାବଳୀ ବିଷୟରେ ସେ ଉତ୍ତମ ରୂପେ ଅବଗତ ଅଟନ୍ତି । ସଂଗୀତ ଶାସ୍ତ୍ରରେ ସେ ନିପୁଣ । ସେ ଜଣେ ବାଗ୍ମୀ । ଯୋଗଶକ୍ତି ବଳରେ ସେ ସମସ୍ତ ଅଞ୍ଚଳକୁ ଦେଖିପାରନ୍ତି । ଜଗତର କଲ୍ୟାଣ ନିମିତ୍ତ ସେ କଳହ ସୃଷ୍ଟି କରନ୍ତି । ସେ ଭକ୍ତିର ଜଣେ ମହାନ୍ ଆଚାର୍ଯ୍ୟ । ସେ ବାସ୍ତବରେ ଭକ୍ତିର ମୂର୍ତ୍ତିମନ୍ତ ପ୍ରତୀକ ।

ଋଷିଗଣଙ୍କ ମଧ୍ୟରେ ନାରଦ ଅନ୍ୟତମ ଶ୍ରେଷ୍ଠ ଜ୍ଞାନୀ । ସେ ସର୍ବଦା ତପରେ ନିମଗ୍ନ । ସେ ଜଣେ ସ୍ୱର୍ଗୀୟ ଭ୍ରମଣଶୀଳ ଗାୟକ । ସେ ଜଣେ ମହାନ୍ ତପସ୍ୱୀ । ସେ ନିମ୍ନସ୍ତରରୁ ଆତ୍ମ-ଚେଷ୍ଟା ଓ ଦିବ୍ୟକୃପା ବଳରେ ସର୍ବୋଚ୍ଚ ଆଧ୍ୟାତ୍ମିକ ଯଶ ବିମଣ୍ଡିତ ହୋଇଥିଲେ । ସେ ଥିଲେ ଏକାଧାରରେ ଜ୍ଞାନୀ, ଯୋଗୀ ଓ ଭକ୍ତ ।

ସେ ବ୍ରହ୍ମ-ଜ୍ଞାନୀ ଅଟନ୍ତି । ସେ ବେଦ ମନ୍ତ୍ରର ଦ୍ରଷ୍ଟା । ସେ ତ୍ରାଣକର୍ତ୍ତା ଅଟନ୍ତି । ସେ ଜଣେ ମହାନ୍ ସଂସ୍କାରକ । ସେ ସର୍ବତ୍ର ସମ୍ମାନିତ ହୁଅନ୍ତି । ଅନ୍ୟମାନଙ୍କ ମଧ୍ୟରେ ପୁନର୍ବନ୍ଧୁତା ସ୍ଥାପନ କରିବାର କଳାରେ ସେ ହେଉଛନ୍ତି ମହାନ୍ ଗୁରୁ । ସେ ବୌଦ୍ଧିକ ଶକ୍ତି, ନମ୍ରତା, ଧୈର୍ଯ୍ୟ, ଶାନ୍ତି, ଆତ୍ମ-ସଂଯମ, କରୁଣା, ସତ୍ୟ ଓ ଚତୁରତା ଗୁଣରେ ବିଭୂଷିତ । ସେ ସର୍ବଦା ମଙ୍ଗଳକର କାର୍ଯ୍ୟରେ ନିମଜ୍ଜିତ ।

ସେ ବ୍ରହ୍ମାଙ୍କର ଦଶ ଆଧ୍ୟାତ୍ମିକ ପୁତ୍ରଗଣଙ୍କ ମଧ୍ୟରେ ଅନ୍ୟତମ । ଜ୍ଞାନ ଲାଭ ପାଇଁ ସେ ସନତକୁମାରଙ୍କ ନିକଟକୁ ଯାଇଥିଲେ । ସେ ସ୍ୱୀକାର କଲେ ଯେ, ଗଭୀର ଜ୍ଞାନ ତାଙ୍କର ଦୁଃଖ ନିବୃତ୍ତିରେ ଅସମର୍ଥ । ତେଣୁ ସନତ୍‌କୁମାର ଅସୀମ ଆନନ୍ଦ ବା ଭୂମା ବିଷୟରେ ଆଲୋକପାତ କଲେ । (ଛାନ୍ଦୋଗ୍ୟ ଉପନିଷଦ ଦ୍ରଷ୍ଟବ୍ୟ)

ନାରଦ ସମସ୍ତଙ୍କର ଯଥା ଦେବ, ଦାନବ ଓ ମାନବଙ୍କର ବନ୍ଧୁ, ଦାର୍ଶନିକ, ମାର୍ଗଦର୍ଶକ ଓ ସାନ୍ତ୍ୱନାଦାତା ଅଟନ୍ତି ।

ନାରଦଙ୍କର କୃପାରୁ ଧ୍ରୁବ ତାଙ୍କର ଦେବତ୍ୱ ସ୍ଥିତିରେ ଚିରଦିନ ବିରାଜିତ ହୋଇ ଅଛନ୍ତି । ନାରଦ ତାଙ୍କର ତତ୍ତ୍ୱାବଧାନରେ ହିରଣ୍ୟକଶିପୁଙ୍କ ପତ୍ନୀଙ୍କୁ ରଖିଥିଲେ । ତାଙ୍କର ଗର୍ଭରେ ସେତେବେଳେ ସେ ପ୍ରହ୍ଲାଦଙ୍କୁ ଧାରଣ କରିଥିଲେ ।

ସେ ରାକ୍ଷସ ଅନ୍ଧକକୁ ଶିବଙ୍କର ବର ନିଜ ଉପରେ ପରୀକ୍ଷା କରିବାକୁ ଉପଦେଶ ଦେଇଥିଲେ । ଦେବକୀଙ୍କର ସନ୍ତାନ ସମୂହଙ୍କୁ ହତ୍ୟା କରିବାକୁ ସେ କଂସକୁ ଉପଦେଶ ଦେଇଥିଲେ । ସେ ରାବଣଙ୍କୁ ବାଳୀର ଲାଞ୍ଜରେ ବାନ୍ଧିବାକୁ ଉପଦେଶ ଦେଇଥିଲେ । ସେ ଶ୍ରୀକୃଷ୍ଣଙ୍କର ଦୂତ ରୂପେ ଇନ୍ଦ୍ରଙ୍କ ନିକଟକୁ ଯାଇ ତାଙ୍କୁ ପାରିଜାତ ପୁଷ୍ପରୁ ବଞ୍ଚିତ କରି ଇନ୍ଦ୍ରଙ୍କର ଗର୍ବନାଶ କରିଥିଲେ । ଏ ସମସ୍ତ ଘଟଣାବଳୀ ନାରଦଙ୍କ ଚରିତ୍ରର ମହାନତା ପରିପ୍ରକାଶ କରେ ।

ଦେବର୍ଷି ନାରଦଙ୍କୁ ପ୍ରଭୁ ହରିଙ୍କର ତୃତୀୟ ଅବତାର ରୂପେ ବିବିଧ ଶାସ୍ତ୍ର ନାମିତ କରିଥାଆନ୍ତି । ଶ୍ରୀମଦ୍‌ଭାଗବତମ୍‌ର ପ୍ରଥମ ସ୍କନ୍ଧର ତୃତୀୟ ଅଧ୍ୟାୟରେ ୨୨ ଅବତାର ବର୍ଣ୍ଣିତ ହୋଇଅଛି । ସେଥିରେ ପୁରୁଷ ଓ ବରାହ ଅବତାର ପରେ ନାରଦ ଅବତାର ବିଷୟ ଉଲ୍ଲେଖ ହୋଇଛି ।

ତାଙ୍କୁ ଅନ୍ୱେଷଣ କରି ପାଇଥିବା ଭକ୍ତଗଣଙ୍କ ନିମିତ୍ତ ନାରଦ ମହାନ ଓ ମୂଲ୍ୟବାନ ପ୍ରେରଣାର ଉତ୍ସ ହୋଇପାରିଛନ୍ତି। ଦେବର୍ଷି ନାରଦଙ୍କର ଆଶିଷ ଆପଣ ସମସ୍ତଙ୍କ ଉପରେ ଅବାରିତ ରୂପେ ବର୍ଷା ହେଉ।

ନାରଦ ଶ୍ରୀବ୍ୟାସଙ୍କୁ ଅନୁପ୍ରେରିତ କଲେ

ସାଧାରଣ ଲୋକଙ୍କର ମଙ୍ଗଳ ପାଇଁ ବ୍ୟାସଦେବ ବେଦକୁ ଚାରିଭାଗରେ ବିଭାଜିତ କଲେ। ସେ ମହାଭାରତ ରଚନା କଲେ। ସେ ଅଷ୍ଟାଦଶ ପୁରାଣ ରଚନା କଲେ। ତଥାପି ସେ ସନ୍ତୋଷ ନ ଥିଲେ। ତାଙ୍କର ମାନସିକ ଶାନ୍ତି ନ ଥିଲା। ସେ ସରସ୍ୱତୀ ନଦୀ କୂଳକୁ ଯାଇ ସେଠାରେ ମନନଶୀଳ ହୋଇ ଉପବେଶନ କଲେ।

ନାରଦ ତାଙ୍କର ସମ୍ମୁଖରେ ଆର୍ବିଭାବ ହେଲେ ଏବଂ କହିଲେ, "ହେ ମହର୍ଷି, ତୁମଦ୍ୱାରା ରଚିତ ପୁରାଣ ସମୂହରେ ତୁମେ ଧର୍ମ ବିଷୟ ଯେପରି ବର୍ଣ୍ଣନା କରିଛ, ସେପରି ଭଗବାନଙ୍କର ଗୁଣଗାନ କରିନାହଁ। ତୁମେ ଭାଗବତ ଧର୍ମର ବିଶଦ ବର୍ଣ୍ଣନା କରିନାହଁ। ସେହି କାରଣରୁ ତୁମର ମନ ଅସ୍ଥିର ରହୁଛି। ଜଗତର କଲ୍ୟାଣ ନିମିତ୍ତ ଏବେ ତୁମେ ଶ୍ରୀକୃଷ୍ଣଙ୍କର ଲୀଳା ବର୍ଣ୍ଣନା କର। ତୁମେ ଶାଶ୍ୱତ ଶାନ୍ତି ଲାଭ କରିବ। ଏହି ଉପଦେଶ ଅନୁସାରେ ବ୍ୟାସ ନାରଦଙ୍କର ଚତୁଶ୍ଳୋକୀ ଭାଗବତର ଆଧାରରେ ଭାଗବତମ୍ ରଚନା କରିବାକୁ ଲାଗିଲେ।

ନାରଦଙ୍କ ଉପରେ ଦକ୍ଷଙ୍କର ଅଭିଶାପ

ସୃଷ୍ଟିର ପ୍ରାରମ୍ଭରେ ଦକ୍ଷ ସମଗ୍ର ବିଶ୍ୱରେ ଜନ୍ମସଂଖ୍ୟା ବୃଦ୍ଧି ପାଇଁ ପଞ୍ଚଜନ୍ୟଙ୍କର କନ୍ୟା ଓ ତାଙ୍କର ପତ୍ନୀ ଅସିକ୍ନିଙ୍କର ମାଧ୍ୟମରେ ଦଶହଜାର ସନ୍ତାନ ଜନ୍ମ କଲେ । ହର୍ୟ୍ୟଶ୍ୱାସ ନାମକ ଏହି ସନ୍ତାନଗଣ ନାରାୟଣ ସରସକୁ ତୀର୍ଥଯାତ୍ରା ପାଇଁ ଯାତ୍ରା କଲେ । ସେମାନେ ପିତାଙ୍କର ଆଦେଶ ପାଳନ କରି ଜଗତର ଜନସଂଖ୍ୟା ବୃଦ୍ଧି କରିବାକୁ ଚାହୁଁଥିଲେ । ଜୀବନର ଶ୍ରେଷ୍ଠ ଲକ୍ଷ୍ୟ ଆତ୍ମସାକ୍ଷାତ୍କାର ଲାଭ କରିବାକୁ ନାରଦ ସେମାନଙ୍କୁ ଉପଦେଶ ଦେଲେ । ସେମାନେ ସମସ୍ତେ ସନ୍ନ୍ୟାସୀ ହୋଇଗଲେ ଓ ସାଂସାରିକ ଜୀବନକୁ ଫେରିଲେ ନାହିଁ ।

ଦକ୍ଷ ଅତ୍ୟନ୍ତ କ୍ରୋଧାନ୍ୱିତ ହେଲେ । ବ୍ରହ୍ମା ତାଙ୍କୁ ସାନ୍ତ୍ୱନା ଦେଲେ । ସେ ପୁଣି ସବଳାଶ୍ୱ ନାମକ ଦଶହଜାର ସନ୍ତାନକୁ ଜନ୍ମ ଦେଲେ । ସେମାନେ ମଧ୍ୟ ନାରାୟଣସରସକୁ ଗଲେ । ସେମାନେ ମଧ୍ୟ ଈଶ୍ୱର ଚିନ୍ତନରେ ନିମଗ୍ନ ହୋଇ ସାଂସାରିକ ଜୀବନକୁ ପ୍ରତ୍ୟାବର୍ତ୍ତନ କଲେ ନାହିଁ ।

ଦକ୍ଷ ନାରଦଙ୍କୁ ଅଭିଶାପ ଦେଲେ । ଦକ୍ଷଙ୍କର ଅଭିଶାପ ଫଳରେ ନାରଦ ଚିରନ୍ତନ ନିବାସର ଅଭାବରେ ସର୍ବଦା ଭ୍ରାମ୍ୟମାଣ ଜୀବନଯାପନ କରନ୍ତି । ସେ ସାରା ସଂସାରରେ ଭ୍ରମଣ କରନ୍ତି ।

ସୂଚୀପତ୍ର

ଉପକ୍ରମ -- ୦୬

ନାମାପରାଧ ------------------------------------- ୧୦

ନାରଦଙ୍କର ଜୀବନ------------------------------- ୧୨

୧. ଦିବ୍ୟପ୍ରେମର ସ୍ୱଭାବ ---------------------------- ୧୯

୨. ଭକ୍ତିର ସଂଜ୍ଞା ---------------------------------- ୨୨

୩. ଭକ୍ତିର ଫଳ ------------------------------------ ୨୭

୪. ତ୍ୟାଗ --- ୪୨

୫. ଭକ୍ତିର ବିବିଧ ସଂଜ୍ଞା ---------------------------- ୬୩

୬. ଭକ୍ତିର ଶ୍ରେଷ୍ଠତା ------------------------------- ୮୦

୭. ଜ୍ଞାନ ଓ ଭକ୍ତି ------------------------------------ ୮୭

୮. ଭକ୍ତିର ବିକାଶ ହେବ କିପରି ? ------------------- ୯୪

୯. ଜ୍ଞାନୀ ବ୍ୟକ୍ତିଙ୍କର ସହ ସତ୍‌ସଙ୍ଗର ମହିମା ----------- ୧୦୬

୧୦. କୁସଙ୍ଗ ତ୍ୟାଗ କର ------------------------------ ୧୧୦

୧୧. କିଏ ମାୟାକୁ ଅତିକ୍ରମ କରେ ------------------- ୧୧୫

୧୨. ପ୍ରେମର ସ୍ୱରୂପ ---------------------------------- ୧୨୩

୧୩. ଗୌଣ ଭକ୍ତି ------------------------------------ ୧୩୦

୧୪. ଭକ୍ତିର ଅଭ୍ୟାସ ସହଜ ------------------------- ୧୩୩

୧୫. ଭକ୍ତି ଓ ସାମାଜିକ ପ୍ରଥା ------------------------ ୧୩୮

୧୬. ଭକ୍ତଙ୍କର ଗୌରବ ------------------------------ ୧୪୫

୧୭. ଭକ୍ତଗଣ ଜାତିଧର୍ମର ଉର୍ଦ୍ଧ୍ୱରେ ------------------- ୧୫୩

୧୮. ଭକ୍ତଙ୍କ ପ୍ରତି ଉପଦେଶ -------------------------- ୧୫୭

୧୯. ଭକ୍ତି- ଶ୍ରେଷ୍ଠ ଉପାୟ ---------------------------- ୧୬୮

୨୦. ଉପସଂହାର ------------------------------------ ୧୭୩

ନାରଦ ଭକ୍ତିସୂତ୍ର

ଓଁ ସଦ୍‌ଗୁରୁ ପରମାତ୍ମନେ ନମଃ
ଓଁ ଶ୍ରୀ ଗଣେଶାୟ ନମଃ
ଓଁ ସରସ୍ୱତୈଃ ନମଃ
ଦେବ ଋଷି ନାରଦଙ୍କୁ ପ୍ରଣାମ

ଦିବ୍ୟପ୍ରେମର ସ୍ୱଭାବ

ସୂତ୍ର–୧

ଅଥାତୋ ଭକ୍ତିମ୍ ବ୍ୟାଖ୍ୟା ସ୍ୟାମଃ ।। ୧ ।।

ଅର୍ଥ– ବର୍ତ୍ତମାନ ତେଣୁ ଆମେ ଭକ୍ତି ବିଷୟରେ ବ୍ୟାଖ୍ୟା କରିବା ।

ଶବ୍ଦାର୍ଥ– ଅଥ– ବର୍ତ୍ତମାନ, ଅତଃ– ତେଣୁ, ଭକ୍ତିମ୍– ଭକ୍ତିର ମତବାଦ, ବ୍ୟାଖ୍ୟାସ୍ୟାମଃ– ବ୍ୟାଖ୍ୟା କରିବା ।

ବ୍ୟାଖ୍ୟା– ସୂତ୍ର ଅର୍ଥ ପ୍ରବାଦ ଅବା ଆପ୍ତ ବଚନ । ଏହା ଏକ ସଂକ୍ଷେପ ବଚନ ଯାହାକି ଗଭୀରଭାବେ ମହତ୍ତ୍ୱପୂର୍ଣ୍ଣ । ଯେପରି ପୁଷ୍ପମାଳାରେ ପୁଷ୍ପ ଓ ମୁକ୍ତାମାଳାରେ ମୁକ୍ତାସମୂହ ଏକ ସୂତାରେ ଖଚିତ କରାଯାଏ, ବା ଗୁନ୍ଥାଯାଏ, ସେହିପରି ଦାର୍ଶନିକ ଚିନ୍ତାଧାରା ସବୁ ଏକ ଆପ୍ତବଚନରେ ସଜ୍ଜିତ କରାଯାଏ । ଋଷିଗଣ ସର୍ବଦା ତାଙ୍କର ଚିନ୍ତାକୁ ସଂକ୍ଷେପ ସୂତ୍ର ମାଧ୍ୟମରେ ପ୍ରକାଶ କରିଥାଆନ୍ତି । ଋଷି ଅବା ମନ୍ତ୍ରଦ୍ରଷ୍ଟାଙ୍କର ରଚନାର ଏହା ହେଉଛି ସୌନ୍ଦର୍ଯ୍ୟ । ତାହାହିଁ ଈଶ୍ୱର ଉପଲବ୍ଧିର ଲକ୍ଷଣ । ଷଟ୍ ଦର୍ଶନ ବା ଦର୍ଶନ ମତବାଦ ସମୂହ ସୂତ୍ର ରୂପେ ଲିପିବଦ୍ଧ ହୋଇଛି । ଭାଷ୍ୟ ବିନା ସାଧାରଣ ମନୁଷ୍ୟ ପକ୍ଷରେ ଏହା ହୃଦୟଙ୍ଗମ କରିବା କଷ୍ଟକର ।

"ଅଥ"ର ଅର୍ଥ ହେଉଛି ବର୍ତ୍ତମାନ । ବେଳେବେଳେ ଏହା ଅନୁକ୍ରମ ରୂପେ ବ୍ୟବହୃତ ହୋଇଥାଏ । "ଅଥ" ଶବ୍ଦ ଦିବ୍ୟଆଶିଷର ଆବାହକ ନିମିତ୍ତ ଓ ରଚନାର ଉପସଂହାର ପାଇଁ ପ୍ରୟୋଗ କରାଯାଏ । ପ୍ରାଥମିକ ଅବସ୍ଥା ସମାପ୍ତି ପାଇଁ ମଧ୍ୟ ଏହା ବ୍ୟବହୃତ ହୁଏ । ପ୍ରସ୍ତୁତି ଓ ଉପଯୁକ୍ତ ଯୋଗ୍ୟତା ବିନା ସାଧକ ଦର୍ଶନଶାସ୍ତ୍ରର ଗଭୀର ଅଧ୍ୟୟନ ଓ ଆଧ୍ୟାତ୍ମିକ ସାଧନା କରିପାରିବେ ନାହିଁ ।

ସାଧକ ନିଶ୍ଚିତ ରୂପେ ଅଭିଳାଷ, ବିଶ୍ୱାସ, ଭକ୍ତି, ସହନଶୀଳତା, ଅଧ୍ୟବସାୟ, କ୍ଷମା, ଦୟା, ପ୍ରଶାନ୍ତି, ପ୍ରଫୁଲ୍ଲତା, ସାହସ, ଅହିଂସା, ସତ୍ୟ, ପବିତ୍ରତା ବା ବ୍ରହ୍ମଚର୍ଯ୍ୟ

ନିଷ୍କାମସେବା, ବୈରାଗ୍ୟ, ତ୍ୟାଗ ଓ ଏକାଗ୍ରତା ସମନ୍ୱିତ ହେବା ବାଞ୍ଛନୀୟ । ଈଶ୍ୱର ପ୍ରେମ ପାଇଁ ଏହା ହେଉଛି ପ୍ରସ୍ତୁତି ।

ସାଧକ ଭଗବାନଙ୍କର କୃପା ଉପରେ ବିଶ୍ୱାସ ରଖିବା ଉଚିତ । ଭଗବାନଙ୍କର ସାକ୍ଷାତ୍‌କାର ପାଇଁ ତାଙ୍କର ପ୍ରବଳ ଇଚ୍ଛା ରହିବା ଆବଶ୍ୟକ । ସେ ଶାସ୍ତ୍ର ଓ ଗୁରୁଙ୍କର ଦକ୍ଷତା ଉପରେ ଗଭୀର ବିଶ୍ୱାସ ରଖିବା ଉଚିତ । ତାଙ୍କର ହୃଦୟଙ୍ଗମ କରିବାର କ୍ଷମତା ରହିବା ଆବଶ୍ୟକ । ସେ ଅସାମର୍ଥ୍ୟରୁ ମୁକ୍ତ ହେବା ଆବଶ୍ୟକ ଏବଂ ତାଙ୍କର ଅନୁକୂଳ ପରିସ୍ଥିତି ଓ ସମସ୍ତ ସାମ୍ଭବ୍ୟ ସୁଯୋଗ ଥିବା ଉଚିତ । ତେବେ ସେ ଭକ୍ତିସାଧନା ନିମିତ୍ତ ଯୋଗ୍ୟ । କେବଳ ସେତେବେଳେ ହିଁ ସେ ଲାଭାନ୍ୱିତ ହେବେ ।

ବିଶିଷ୍ଟାଦ୍ୱୈତ ଦର୍ଶନର ସଂସ୍ଥାପକ ରାମାନୁଜଙ୍କର ଭକ୍ତି-ମାର୍ଗ ଅନୁସରଣ କରିବାକୁ ଇଚ୍ଛୁକ ବ୍ୟକ୍ତି ନିମିତ୍ତ ସାତଟି ଗୁଣ ଅପରିହାର୍ଯ୍ୟ ବୋଲି ଉଲ୍ଲେଖ କରିଅଛନ୍ତି । ତାହା ହେଉଛି- ୧- ବିବେକ (ଭଲ-ମନ୍ଦ ବିଚାର), ୨- ବିମୋକ (କାମନାରୁ ମୁକ୍ତି), ୩- ଅଭ୍ୟାସ, ୪- କ୍ରିୟା ବା ଅନ୍ୟର ମଙ୍ଗଳ ସାଧନ, ୫- କଲ୍ୟାଣ, ୬- ଅନାବଶାଦ (ପ୍ରଫୁଲ୍ଲତା), ୭- ଅନୁର୍ଦ୍ଧସ (ଅଧିକ ଖୁସିର ଅଭାବ) ।

ଅଥ- ବର୍ତ୍ତମାନ । ଏହା ସୂଚୀତ କରେ ଯେ, ନାରଦ ଋଷି ଏବେ ଭକ୍ତିର ସ୍ୱରୂପ ବିଷୟରେ ବ୍ୟାଖ୍ୟା କରିବାକୁ ଯାଉଛନ୍ତି । ସେ ଅନ୍ୟ ନୀତି ତଥା କର୍ମ ଓ ଜ୍ଞାନ ଆଦି ଶୃଙ୍ଖଳା ବିଷୟରେ ବ୍ୟାଖ୍ୟା କରିସାରିଛନ୍ତି ।

ଅତଃ : ସୁତରାଂ "ଅତଃ" ଅର୍ଥ ହେଉଛି ନାରଦ ଭକ୍ତିସୂତ୍ର ବ୍ୟାଖ୍ୟା କରିବାର କାରଣ ବୁଝାଇ ଅଛନ୍ତି । ଭକ୍ତି ସ୍ୱୟଂ ଈଶ୍ୱର ସାକ୍ଷାତକାରର ମାର୍ଗଦର୍ଶନ କରାଏ । ଏହାଦ୍ୱାରା ବ୍ୟକ୍ତି ସଂସାରରୁ ରକ୍ଷାପାଇଯିବ। ଭକ୍ତି ହେଉଛି ସରଳତମ ମାର୍ଗ । ଯେକୌଣସି ବ୍ୟକ୍ତି ଏହି ମାର୍ଗ ଅନୁସରଣ କରିପାରିବ । ଜ୍ଞାନ ପ୍ରାପ୍ତି ପାଇଁ ଅଭିଳାଷ କରୁଥିବା ବ୍ୟକ୍ତି ପାଇଁ ଭକ୍ତିମାର୍ଗ ସହାୟକ ହୋଇଥାଏ । ଏପରିକି ଶଙ୍କର, ମଧୁସୂଦନ ଓ ଶୁକଦେବ ସଦୃଶ ଜ୍ଞାନୀଗଣ ଈଶ୍ୱର ଅନୁଭୂତି ପରେ ମଧ୍ୟ ଭକ୍ତିର ମଧୁରତା ଉପଭୋଗ ପାଇଁ ତଥା ଭଗବାନଙ୍କ ସହ ପ୍ରେମପୂର୍ଣ୍ଣ ସଂପର୍କ ସ୍ଥାପନ ନିମନ୍ତେ ଭକ୍ତି ଅବଲମ୍ବନ କରିଥିଲେ। ସ୍ୱୟଂ ନାରଦ ଭକ୍ତିକୁ ସର୍ବାଧିକ ଅଧିକ ପସନ୍ଦ କରନ୍ତି ଏବଂ ସେ ପ୍ରେମର ଆନନ୍ଦ ଅନ୍ୟସହ ଆଲୋଚନା କରିବାକୁ ଉତ୍ସୁକ ।

'ଭକ୍ତି' ଶବ୍ଦ ମୂଳ 'ଭଜ୍'କୁ ଉତ୍ପତ୍ତି। ଏହାର ଅର୍ଥ ହେଉଛି, 'ଭଗବାନଙ୍କ ସହ ସଂପୃକ୍ତ ହେବା । ଭଜନ, ପୂଜା, ଭକ୍ତି, ଅନୁରାଗ, ପ୍ରେମ ପ୍ରୀତି ଆଦି ଏକାର୍ଥବୋଧକ ଶବ୍ଦ । ''ଭକ୍ତି'' ହେଉଛି ପ୍ରେମନିମିତ୍ତ ହିଁ ପ୍ରେମ । ଭକ୍ତ କେବଳ ଭଗବାନଙ୍କୁ ହିଁ ଚାହେଁ । ଏଠାରେ କୌଣସି ସ୍ୱାର୍ଥପୂର୍ଣ୍ଣ ଆଶା ନ ଥାଏ ।

ବ୍ୟାଖ୍ୟାସ୍ୟାମଃ

ଏହାର ଅର୍ଥ ହେଉଛି ବ୍ୟାଖ୍ୟା କରିବା । ସାଧାରଣ ଅର୍ଥରେ ଏହା ସମାଲୋଚନା ନୁହେଁ । ଭକ୍ତଙ୍କର ବାସ୍ତବ ଅଭିଜ୍ଞତା ବିଷୟରେ ଏହାହିଁ ବ୍ୟାଖ୍ୟା । ଏହା ଅନ୍ୟର ଅଭିଜ୍ଞତା ଆଧାରିତ କେବଳ କାଳ୍ପନିକ ଦାର୍ଶନିକ ବ୍ୟାଖ୍ୟା ନୁହେଁ । ଏହା ଲେଖକଙ୍କର ବ୍ୟକ୍ତିଗତ ଅଭିଜ୍ଞତା ଉପରେ ଆଧାରିତ ତଥା ଶାସ୍ତ୍ରଦ୍ୱାରା ସମର୍ଥିତ ଆଲୋଚନା ।

❑❑❑

ଭକ୍ତିର ସଂଜ୍ଞା

ସୂତ୍ର–୨

ସା ତ୍ୱସ୍ମିନ୍ ପରମପ୍ରେମରୂପା ॥ ୨ ॥

ଅର୍ଥ– ତାହା (ଭକ୍ତି) ନିଶ୍ଚିତରୂପେ ପ୍ରଭୁଙ୍କ ପ୍ରତି ଶ୍ରେଷ୍ଠ ପ୍ରେମ ସ୍ୱରୂପ ।

ଶବ୍ଦାର୍ଥ– ସା– ତାହା (ଭକ୍ତି), ତୁ – କିନ୍ତୁ, ଅସ୍ମିନ୍ – ଏଥିରେ, ପରମ-ଶ୍ରେଷ୍ଠ, ରୂପା- ରୂପ ।

ବ୍ୟାଖ୍ୟା– କେତେକ 'ତ୍ୱସ୍ମିନ୍' ସ୍ଥାନରେ 'ତସ୍ମିନ୍' ବା 'କସ୍ମିନ୍' ଅଧ୍ୟୟନ କରନ୍ତି ।

ଶାଣ୍ଡିଲ୍ୟଙ୍କର ଭକ୍ତିର ସଂଜ୍ଞା ହେଉଛି, ''ସା ପରାନୁରକ୍ତିରୀଶ୍ୱରେ'' ଅର୍ଥାତ୍ 'ଭଗବାନଙ୍କର ପ୍ରତି ସଂପୂର୍ଣ୍ଣ ଅନୁରାଗ ।'

''ଭକ୍ତି'' ଶବ୍ଦ ଭଜ୍ ଧାତୁରୁ ଉତ୍ପତ୍ତି ଯାହାର ଅର୍ଥ ହେଉଛି, 'ଭଗବାନଙ୍କ ପ୍ରତି ଆସକ୍ତ ହେବା' । ଭଜନ, ପୂଜା, ଭକ୍ତି, ଅନୁରାଗ, ପ୍ରେମ, ପ୍ରୀତି ଆଦି ହେଉଛି ଭକ୍ତି । ଭକ୍ତ କେବଳ ଭଗବାନଙ୍କୁ ଚାହେଁ । ଏଠାରେ କୌଣସି ସ୍ୱାର୍ଥପର କାମନା ନାହିଁ । କୌଣସି ଭୟ ମଧ୍ୟ ନାହିଁ । ତେଣୁ ଏହାକୁ ''ପରମପ୍ରେମରୂପା'' କୁହାଯାଉଛି । ଜିଲ୍ଲାସ୍ତରର ନ୍ୟାୟାଧୀଶ ହୋଇଥିବା ପିତାଙ୍କୁ ପୁତ୍ର କ'ଣ ଭୟ କରେ ? ସେହିପରି ଭଗବାନଙ୍କ ପ୍ରତି ଭକ୍ତର ସାମାନ୍ୟତମ ଭୟ ମଧ୍ୟ ନଥାଏ । ପ୍ରତିଶୋଧର ସାମାନ୍ୟତମ ଭୟ ମଧ୍ୟ ନଥାଏ । ଭକ୍ତ ଅନୁଭବ କରନ୍ତି, ବିଶ୍ୱାସ କରନ୍ତି ଓ କଳ୍ପନା କରନ୍ତି ଯେ ତାଙ୍କର ଇଷ୍ଟ ହେଉଛନ୍ତି ପ୍ରେମର ସାଗର ।

ଭକ୍ତି ହେଉଛି ଭଗବାନଙ୍କ ପ୍ରତି ଅନନ୍ୟ ପ୍ରେମ । ଭକ୍ତ କେବଳ ଭଗବାନଙ୍କୁ ପାଇବାକୁ ଇଚ୍ଛା କରେ । ସେ ପ୍ରଭୁ ପ୍ରତି ସଂପୂର୍ଣ୍ଣ ଆସକ୍ତ । ସଂସାରର ଅନ୍ୟ କୌଣସି ବସ୍ତୁ ପ୍ରତି ତାଙ୍କର ପ୍ରେମ ନଥାଏ । ସମସ୍ତ ସାଂସାରିକ କାମନାରୁ ସେ ମୁକ୍ତ । ପରଲୋକରେ ଉପଭୋଗ କରବାକୁ ତାଙ୍କର ଆଦୌ କାମନା ନ ଥାଏ । ସେ ମୁକ୍ତି ମଧ୍ୟ କାମନା କରନ୍ତି ନାହିଁ ।

'ପରମ ପ୍ରେମ' ପ୍ରତିଦାନର ଆଶା କରେ ନାହିଁ । ଏହା ପୁରସ୍କାର ଆଶା କରେ ନାହିଁ । ଭକ୍ତ କେବଳ ଭଗବାନଙ୍କୁ ଚାହେଁ । ପ୍ରେମିକ କେବଳ ପ୍ରେମାସ୍ପଦଙ୍କୁ ଚାହେଁ । ଭକ୍ତ ସଂସାର ସୁଖ ପ୍ରତି ସଂପୂର୍ଣ୍ଣ ଉଦାସୀନ । ସଂସାରର ଘଟଣାବଳୀରେ ଭକ୍ତଙ୍କର ରୁଚି ନ ଥାଏ ।

ପ୍ରେମର କିପରି ବିକାଶ ହୁଏ– ଲକ୍ଷ୍ୟ କର । ପ୍ରଥମେ ବିଶ୍ୱାସ ଜାଗ୍ରତ ହୁଏ । ତା'ପରେ ଆକର୍ଷଣ ଏବଂ ଏହାପରେ ଆରାଧନାର ଉଦ୍ରେକ ହୁଏ । ଆରାଧନା ସାଂସାରିକ କାମନାକୁ ବିନାଶ କରେ । ଏହାର ଫଳ ହେଉଛି ଅନନ୍ୟ ପ୍ରେମ । ତା'ପରେ ଭଗବାନଙ୍କ ପ୍ରତି ଆସକ୍ତି ଓ ପରମପ୍ରେମ ବିକାଶ ହୁଏ ।

ଏହି ଉଚ୍ଚସ୍ତରର ଭକ୍ତିରେ ଉପଭୋଗ୍ୟ ବସ୍ତୁ ପ୍ରତିଥିବା ସମସ୍ତ ଆକର୍ଷଣ ଓ ଆସକ୍ତି କେବଳ ପ୍ରିୟତମ ଈଶ୍ୱରଙ୍କର ପ୍ରତି ପରିବର୍ତ୍ତିତ ହୋଇଥାଏ । ମହାଭକ୍ତଙ୍କୁ ପ୍ରିୟତମଙ୍କ ସହ ଶାଶ୍ୱତ ମିଳନ ନିମିତ୍ତ ମାର୍ଗଦର୍ଶନ କରେ ଯାହାକି ଅନ୍ତିମରେ ପ୍ରଭୁଙ୍କ ସହ ଏକତ୍ୱ ପ୍ରଦାନ କରେ ।

ଭକ୍ତିକୁ ଦୁଇଭାଗରେ ବିଭକ୍ତ କରାଯାଏ, ଯଥା, ଅପରାଭକ୍ତି ବା ଗୌଣଭକ୍ତି ଏବଂ ପରାଭକ୍ତି । ଭକ୍ତିମାର୍ଗ ଅନୁସରଣ କରୁଥିବା ସାଧକଙ୍କର ପ୍ରାଥମିକ ସ୍ତରରେ ଭକ୍ତିକୁ ଅପରାଭକ୍ତି ବା ନିମ୍ନସ୍ତରର ଭକ୍ତି ଅଭିହିତ କରାଯାଇଥାଏ କିନ୍ତୁ ଉଚ୍ଚସ୍ତରର ଭକ୍ତିକୁ ପରାଭକ୍ତି କୁହାଯାଏ ।

ଭକ୍ତଙ୍କର ପ୍ରଭୁଙ୍କ ସହ ଥିବା ବିବିଧ ସ୍ତରର ଭକ୍ତିକୁ ସୁନ୍ଦର ଭାଷାରେ ବର୍ଣ୍ଣିତ କରାଯାଇଛି– "ଦେହ ବୁଧ୍ୟା ତୁ ଦାସ୍ୟୋଽହଂ, ଜୀବ ବୁଧ୍ୟା ତ୍ୱଦଂଶକଃ । ଆତ୍ମ ବୁଧ୍ୟା ତ୍ୱମେ ବାହମିତି ମେ ନିଶ୍ଚିତା ମତିଃ" । ଅର୍ଥାତ୍ ଯେତେବେଳେ ମୁଁ ନିଜକୁ ଦେହ ଧାରଣ କରିଥିବା ଏକ ଜୀବ ମନେକରେ, ମୁଁ ଆପଣଙ୍କର ସେବକ । ଯେତେବେଳେ ମୁଁ ନିଜକୁ ଜୀବାତ୍ମା ମନେକରେ, ମୁଁ ଆପଣଙ୍କର ଅଂଶ କିନ୍ତୁ ଯେତେବେଳେ ମୁଁ ଉପଲବ୍ଧି କରେ ଯେ, ମୁଁ ହେଉଛି ଆତ୍ମା, ମୁଁ ଆପଣଙ୍କ ସହ ଏକତ୍ୱ ଅନୁଭବ କରେ ।

ଅଜ୍ଞ ବ୍ୟକ୍ତିଙ୍କ ହୃଦୟରେ ପ୍ରେମ ଅନିୟନ୍ତ୍ରିତ ରୂପେ ବୃଦ୍ଧି ହୁଏ । ହୃଦୟର ଏକ କୋଣରେ ପ୍ରେମର ରସାଳ ଫଳ ଥାଏ, କିନ୍ତୁ ସମସ୍ତ ହୃଦୟ ଘୃଣା, ଈର୍ଷା ଓ ଅନ୍ୟାନ୍ୟ ଦୁର୍ଗୁଣଯୁକ୍ତ କଣ୍ଟାରେ ପରିପୂର୍ଣ୍ଣ । ଫଳରେ ପ୍ରେମର ସୁମଧୁର ଆକର୍ଷଣ ନଷ୍ଟ ହୋଇଛି । ସେଠାରେ କାମ, କ୍ରୋଧ ଓ ଲୋଭରୂପୀ ବୁଦା ପରିପୂର୍ଣ୍ଣ । ତନ୍ମଧ୍ୟରେ ବନ୍ୟପଶୁ

ଲୁଚି ରହିଥାନ୍ତି । ହୃଦୟର ଅନ୍ତରତମ ପ୍ରଦେଶରେ ତଥା ଆମର ପହଞ୍ଚର ବାହାରେ ପ୍ରେମ ଲୁକ୍କାୟିତ ହୋଇଥାଏ । ତେଣୁ ପ୍ରେମର ଅସ୍ତିତ୍ୱ ନ ଥିବା ସଦୃଶ ବୋଧ ହୁଏ । କିନ୍ତୁ ପ୍ରଭୁଙ୍କର ଜଣେ ପ୍ରକୃତ ଭକ୍ତଙ୍କର କ୍ଷେତ୍ରରେ ଏହି ପ୍ରେମ ସୁରୁଚି-ସଂପନ୍ନ ହୋଇଥାଏ ଏବଂ ହୃଦୟ ଉଦ୍ୟାନରୁ କୁଗୁଣ ସମୂହର କଣ୍ଟାକୁ ଦୂର କରାଯାଇଥାଏ ତଥା କାମ, କ୍ରୋଧ ଓ ଲୋଭ ରୂପୀ ବୁଦା ସମୂହକୁ ମଧ୍ୟ ସଫାକରି ଦୂର କରାଯାଇଥାଏ । ଏପରି ଏକ ହୃଦୟରୁ ପ୍ରଭୁ-ପ୍ରେମରୂପୀ ମଧୁର ସୁଗନ୍ଧ ପ୍ରବାହିତ ହେଉଥାଏ ।

"ତୁ" ଶବ୍ଦ ମାଧ୍ୟମରେ ମହର୍ଷି ନାରଦ ନିମ୍ନସ୍ତରର ଭକ୍ତିଠାରୁ ଉଚ୍ଚ ସ୍ତରର ଭକ୍ତିର ପାର୍ଥକ୍ୟ ପ୍ରଦର୍ଶନ କରିବା ପାଇଁ ପ୍ରୟାସ କରିଅଛନ୍ତି । ନିମ୍ନମାନର ଭକ୍ତି, କାମନା ବା ପ୍ରାପ୍ତି ଉଦ୍ଦେଶ୍ୟ ଦ୍ୱାରା ପ୍ରରୋଚିତ ହୋଇଥାଏ । ତୁମେ ସାଧାରଣ ପ୍ରେମ, ପତି-ପତ୍ନୀ ମଧ୍ୟରେ ପ୍ରେମ, ସନ୍ତାନ, ପିତାମାତା, ବନ୍ଧୁ ଓ ସଂପର୍କୀୟଙ୍କ ମଧ୍ୟରେ ଥିବା ପ୍ରେମରେ ଥିବା ପାର୍ଥକ୍ୟ ବିଷୟରେ ଜାଣିଥିବ ।

ଏ ସୂତ୍ରରେ ପ୍ରୟୋଗ କରାଯାଇଥିବା "ଅସ୍ମିନ୍" ଶବ୍ଦ ପ୍ରେମର ଲକ୍ଷ୍ୟ ବୁଝାଏ । ନାରଦଙ୍କର ଶିକ୍ଷା ସାଂପ୍ରଦାୟିକ ଭାବରୁ ମୁକ୍ତ । ସେ ବ୍ରହ୍ମ, ଈଶ୍ୱର, ରାମ, କୃଷ୍ଣ ବା ଶିବ ଶବ୍ଦ ପ୍ରୟୋଗ କରିନାହାନ୍ତି ।

ପରମପ୍ରେମ ରୂପା

ଏପରି 'ପରମପ୍ରେମ'ରେ କୌଣସି ପ୍ରକାର ସ୍ୱାର୍ଥପରତା, ଅହଂକାର, ଭୟ ଅବା କୌଣସି ଉଦ୍ଦେଶ୍ୟର ସଂକେତ ମଧ୍ୟ ନାହିଁ । ଆବେଗ ଓ ଧର୍ମାନ୍ଧତା ଆଦିକୁ "ପରମପ୍ରେମ" ବା ଭକ୍ତି ମନେକରିବାର ଭୁଲ କରନ୍ତୁ ନାହିଁ । ଶୀଘ୍ର ଆବେଗ ଦୂର ହୋଇଯିବ । ଅନ୍ଧ ବିଶ୍ୱାସ ମଧ୍ୟ ପରମପ୍ରେମ ନୁହେଁ ।

ନିଜର ଆଧ୍ୟାତ୍ମିକ ବିକାଶ ଅନୁସାରେ ଭକ୍ତଗଣ ବିବିଧ ବସ୍ତୁର ଆରାଧନା କରନ୍ତି । ସେଗୁଡ଼ିକ ହେଲା- (୧) ଆରାଧ୍ୟ ଦେବତା ଯେପରିକି, ବିଷ୍ଣୁ ବା ଶିବ, (୨) ଇଷ୍ଟଦେବତାଙ୍କର ମୂର୍ତ୍ତି ବା ଚିତ୍ର ଯାହାକି ଇଷ୍ଟ-ଦେବତାଙ୍କୁ ସ୍ମରଣ କରାଇବ । (୩) ପ୍ରଭୁ ରାମ ବା ପ୍ରଭୁ କୃଷ୍ଣଙ୍କର ସଦୃଶ ଅବତାର ପୁରୁଷ । (୪) ଗୁରୁ ବା ଆଧ୍ୟାତ୍ମିକ ମାର୍ଗ ଦର୍ଶକ । (୫) ମାନବ ସମାଜ । (୬) ପରମ ପୁରୁଷଙ୍କର ପରିପ୍ରକାଶ ରୂପେ ବିଶ୍ୱରୂପ । (୭) ଅନ୍ତର୍ଯ୍ୟାମୀ ବା ସଂସାରର ନିୟନ୍ତକ । (୮) ନିଜର ଆତ୍ମା ।

ସୂତ୍ର–୩

ଅମୃତ ସ୍ୱରୂପା ଚ ॥ ୩ ॥

ଅର୍ଥ– ଏବଂ ଏହା ଅମୃତ ରୂପର ।

ଶବ୍ଦାର୍ଥ– ଅମୃତ ସ୍ୱରୂପା– ଅମୃତ ସ୍ୱରୂପର, ଚ – ଏବଂ ।

ବ୍ୟାଖ୍ୟା– ଭକ୍ତି ହିଁ ବାସ୍ତବ ଅମୃତ । ଏହା ଆମକୁ ଜନ୍ମ-ମୃତ୍ୟୁଚକ୍ରରୁ ମୁକ୍ତି ପ୍ରଦାନ କରେ । ଜଣେ ଭକ୍ତଙ୍କ ନିକଟକୁ ମୃତ୍ୟୁର ଦେବତା ଯମ ଆସିପାରିବେ ନାହିଁ । ଭକ୍ତ ଅମରତ୍ୱ ଲାଭ କରନ୍ତି । ସେ ସର୍ବଦା ପ୍ରଭୁଙ୍କର ଉପସ୍ଥିତିରେ ରହନ୍ତି ।

ଅମୃତ– 'ଅ' ଅର୍ଥ ନୁହେଁ ଓ ମୃତ ଅର୍ଥ ମୃତ୍ୟୁ । ଅମରତ୍ୱ ପ୍ରଦାନ କରୁଥିବା ବସ୍ତୁକୁ ଅମୃତ କୁହାଯାଏ ।

ଭଗବାନ, ଅମୃତତ୍ୱ, ଶାନ୍ତି, ଅନନ୍ତ, ବୁଦ୍ଧି, ଚିତ୍, ଶାଶ୍ୱତ, ଆନନ୍ଦ, ନିର୍ବାଣ, ମୁକ୍ତି, ସିଦ୍ଧି, ଆଦି ଏକାର୍ଥବୋଧକ ଶବ୍ଦ ।

ଭକ୍ତି ଅମରତ୍ୱ ପ୍ରଦାନ କରେ । ଭକ୍ତିହିଁ ଅମୃତର ମୂର୍ତ୍ତିମନ୍ତ ରୂପ । ନିତ୍ୟସୁଖ, ଅମରତ୍ୱ, ପରମଶାନ୍ତି, ନିତ୍ୟତୃପ୍ତି, ଅଖଣ୍ଡ ସୁଖ ଆଦି କେବଳ ଭଗବାନଙ୍କ ଠାରେ ହିଁ ମିଳିବ । ଏହି କାରଣରୁ ସାଧକଗଣ ଈଶ୍ୱର ଉପଲବ୍ଧି ନିମିତ୍ତ ପ୍ରୟାସ କରନ୍ତି । ସାଂସାରିକ ସୁଖ ନିତ୍ୟ ନୁହେଁ । ଯେ ପାଞ୍ଚମିନିଟ୍ ପାଇଁ ହସନ୍ତି, ସେ ଘଣ୍ଟା ଘଣ୍ଟା ଧରି ବ୍ୟାକୁଳ ଭାବେ ବିଳାପ କରନ୍ତି । ଏହି ସଂସାରରେ କେହି ସଂପୂର୍ଣ୍ଣ ରୂପେ ସୁଖୀ ନୁହେଁ । ଜଣେ କୋଟିପତି ସର୍ବଦା ଚିନ୍ତା, ବ୍ୟାକୁଳତା, ଉଦ୍‌ବେଗ ଓ ଭୟଗ୍ରସ୍ତ । ସେ ଶତ୍ରୁ ପ୍ରତି ତ୍ରସ୍ତ । ସେ ସିପାହୀ ଦ୍ୱାରା ସୁରକ୍ଷିତ । ସେ ସର୍ବଦା ଚିନ୍ତାଗ୍ରସ୍ତ ହୋଇଥିବାରୁ ତାଙ୍କୁ ନିଜ ପାଇଁ ନିଦ୍ରା ବଟିକା ପ୍ରୟୋଗ କରିବାକୁ ପଡ଼େ । ଜଣେ ବନ୍ଦୀଠାରୁ ମଧ୍ୟ ତାଙ୍କର ଅବସ୍ଥା ସଂକଟାପର୍ଣ୍ଣ । ତତ୍‌କାଳୀନ ବିଶ୍ୱର ଶ୍ରେଷ୍ଠ ଧନୀବ୍ୟକ୍ତି ରକଫେଲର୍ ଯେ କି ବହୁ ମାଇଲ ଯାଏ ରାସ୍ତାକୁ ସ୍ୱର୍ଣ୍ଣଦ୍ୱାରା ବିମଣ୍ଡିତ କରିପାରିବାର କ୍ଷମତା ବହନ କରନ୍ତି, ତାଙ୍କର ଧନ ଓ ଯଶ ଦର୍ଶନ କରିବାକୁ ଯାଇଥିବା ଜଣେ ଖ୍ରୀଷ୍ଟିଆନ୍ ଧର୍ମଯାଜକଙ୍କୁ କହିଥିଲେ, "ହେ ପୂଜ୍ୟ ଧର୍ମଯାଜକ, "ମୁଁ ବିଶ୍ୱର ସର୍ବାଧିକ ଦୟନୀୟ ବ୍ୟକ୍ତି । ମୁଁ କିଛି ଭୋଜନ କରିପାରୁ ନାହିଁ । ମୋର ପାକସ୍ଥଳୀ, ଯକୃତ ଓ ବୃକକ ରୋଗ ଓ ଜୀବାଣୁରେ ପୂର୍ଣ୍ଣ । ମୁଁ ସର୍ବଦା ଅସ୍ଥିର ।" ନିଜର ପତି ଯାଜ୍ଞବଲକ୍ୟଙ୍କୁ ମୈତ୍ରୟୀ ପ୍ରଶ୍ନ କରିଥିଲେ– "ହେ ମୋର ପ୍ରଭୁ, ତିନିଭୁବନର ସଂପତ୍ତି କ'ଣ ମୋତେ ଅମରତ୍ୱ ପ୍ରଦାନ କରିପାରିବ ?"

ଯମ ମଧ୍ୟ ନଚିକେତାଙ୍କୁ କହନ୍ତି, "ଧନୀ ବ୍ୟକ୍ତିଗଣ ତାଙ୍କର ଗର୍ବ ଓ ଅହଂକାର କାରଣରୁ ତାଙ୍କର ସ୍ମୃତି ଶକ୍ତି ବୁଦ୍ଧି ଓ ବୋଧଶକ୍ତି ହରାଇ ବସନ୍ତି । ଏହି ଅସ୍ଥାୟୀ ଓ ଦୁଃଖପୂର୍ଣ୍ଣ ସଂସାରରେ ସେମାନେ ବାରମ୍ବାର ଜନ୍ମଗ୍ରହଣ କରନ୍ତି ଏବଂ ବାରମ୍ବାର ମୋର କବଳିତ ହଅନ୍ତି । ସାଂସାରିକ ବ୍ୟକ୍ତିଗଣଙ୍କ ନିମିତ୍ତ ଧନ ଓ ନାରୀ ହିଁ ବନ୍ଧନର କାରଣ । ସେମାନଙ୍କର ମନ, କାମ ଓ ଲୋଭଦ୍ୱାରା ପୂର୍ଣ୍ଣ । ତୁମେ ଏସବୁର ଉର୍ଦ୍ଧ୍ୱରେ । ତୁମେ ମୋ ଦ୍ୱାରା ପ୍ରଦତ୍ତ ସମସ୍ତ ଆକର୍ଷଣକୁ ପରିହାର କରିଅଛ । ତୁମେ ଶ୍ରେୟ ମାର୍ଗକୁ ବାଛି ନେଇଅଛ ।

ଏହା ହେଉଛି ବିବିଧତାର ସଂସାର । ବୁଦ୍ଧି ଶକ୍ତି ବିବିଧ । ସ୍ୱଭାବ ଓ ରୁଚି ମଧ୍ୟ ବିଭିନ୍ନ ପ୍ରକାରର । କିନ୍ତୁ ସମସ୍ତ କ୍ଷେତ୍ରରେ ଗୋଟିଏ ବସ୍ତୁ ସମାନ । ତାହା ହେଉଛି ଆମେ ସମସ୍ତେ ନିତ୍ୟସୁଖ, ଅସୀମ ଜ୍ଞାନ, ଅକ୍ଷରତ୍ୱ, ମୁକ୍ତି ଓ ସ୍ୱତନ୍ତ୍ରତା ଚାହୁଁ । ଏ ସମସ୍ତ ବସ୍ତୁ କେବଳ ଈଶ୍ୱର-ଉପଲବ୍ଧି ଦ୍ୱାରା ହିଁ ସମ୍ଭବ ।

❑❑❑

ଭକ୍ତିର ଫଳ

ସୂତ୍ର–୪

ଯଲ୍ଲବ୍ଧ୍ୱା ପୁମାନ୍ ସିଦ୍ଧୋ ଭବତି,
ଅମୃତ ଭବତି, ତୃପ୍ତୋ ଭବତି ॥ ୪ ॥

ଅର୍ଥ– ଏହା (ପରମ ପ୍ରେମ) ଲାଭ କରି ମନୁଷ୍ୟ ସିଦ୍ଧ ହୁଏ, ଅମରତ୍ୱ ଲାଭ କରେ ଏବଂ ସନ୍ତୋଷ ହୁଏ ।

ଶବ୍ଦାର୍ଥ– ଯତ୍– ଯାହା, ଲବ୍ଧ୍ୱା – ଲାଭକରି, ପୁମାନ୍ – ପୁରୁଷ, ସିଦ୍ଧ– ପରିପୂର୍ଣ୍ଣ, ଭବତି– ହୁଏ, ଅମୃତ– ଅମର, ତୃପ୍ତ– ସନ୍ତୋଷ ।

ସୂତ୍ର ୪, ୫ ଓ ୬ ଭକ୍ତିର ଫଳ ବର୍ଣ୍ଣନା କରନ୍ତି ।

ପୁମାନ୍– 'ପୁମାନ୍' ଶବ୍ଦ ବିଶେଷ ରୂପେ ମହତ୍ତ୍ୱପୂର୍ଣ୍ଣ । ଏହାର ଅର୍ଥ ଯେକୌଣସି ମଣିଷ । ଭକ୍ତିର ସାଧନା ଓ ମୁକ୍ତିଲାଭ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ଓ ଦେଶ ଆଦି ବିଚାର ଦ୍ୱାରା ସୀମିତ ନୁହେଁ । ବିଶ୍ୱାସ, ଭକ୍ତି ଓ ଅଭୀପ୍ସା ଥିବା ପ୍ରତ୍ୟେକ ମାନବ ଭକ୍ତି ସାଧନା ଦ୍ୱାରା ଈଶ୍ୱର ଉପଲବ୍ଧି କରିପାରିବେ । ଏପରିକି ନନ୍ଦନ, ଧର୍ମ ବ୍ୟାଧ, ରଇଦାସ ଓ କବୀର ଈଶ୍ୱର ଅନୁଭୂତି ଲାଭ କରିଥିଲେ । ପୁରାଣରେ ବର୍ଣ୍ଣିତ ହୋଇଛି ଯେ, ପଶୁଗଣ ମଧ୍ୟ ପ୍ରଭୁଙ୍କର କୃପା ଲାଭ କରିଛନ୍ତି । ଗଜେନ୍ଦ୍ର ବିଷୟ ଭାଗବତରେ ବର୍ଣ୍ଣିତ ହୋଇଛି ।

ସିଦ୍ଧୋ ଭବତି– ଭଗବାନଙ୍କର ଉପଲବ୍ଧି ମାଧ୍ୟମରେ ଭକ୍ତ ପରିପୂର୍ଣ୍ଣ ହୋଇଯାଆନ୍ତି । ତାଙ୍କର ଜୀବନର ଲକ୍ଷ୍ୟ ସାଧିତ ହୁଏ । ଈଶ୍ୱର–ଉପଲବ୍ଧି ଦ୍ୱାରା ତାଙ୍କର ସମସ୍ତ କାମନାପୂର୍ଣ୍ଣ ହୋଇଯାଏ । ତାଙ୍କର କୌଣସି ଅଭାବବୋଧ ରହେ ନାହିଁ । ସେ ପରମଶାନ୍ତି, ନିତ୍ୟ ଓ ପରିପୂର୍ଣ୍ଣ ସନ୍ତୋଷ ତଥା ଚିରସ୍ଥାୟୀ ଶାନ୍ତି ଲାଭ କରନ୍ତି ଏବଂ ଫଳରେ ସେ ସିଦ୍ଧ ହୋଇଯାଆନ୍ତି ।

ଜଣେ ଭକ୍ତଙ୍କ ନିମିତ୍ତ ସିଦ୍ଧି ଅବା ଦିବ୍ୟଶକ୍ତି ମୂଲ୍ୟହୀନ । ସେ ଅଣିମା ଓ ଲଘିମା ଆଦି ସିଦ୍ଧି ଚାହାନ୍ତି ନାହିଁ । ଦିବ୍ୟପ୍ରେମ ତୁଳନାରେ ତାହା ନିରର୍ଥକ ।

ଏପରିକି ସେ ଇନ୍ଦ୍ର ବା ବ୍ରହ୍ମପଦ ମଧ ପରିତ୍ୟାଗ କରନ୍ତି । ସେ ମୋକ୍ଷ ମଧ କାମନା କରନ୍ତି ନାହିଁ । ତାଙ୍କର ମାନସ ଦିବ୍ୟ ଉଲ୍ଲାସରେ ପୂର୍ଣ୍ଣ ହୋଇଥାଏ । ସେ ଜୀବନର ପୂର୍ଣ୍ଣତା ଉପଲବ୍ଧି କରନ୍ତି ।

ସେ ସାମଗ୍ରିକ ରୂପେ ଜୀବନର ନିର୍ଯ୍ୟାସ ଉପଲବ୍ଧି କରନ୍ତି । ସେ ସମସ୍ତ ତତ୍ତ୍ୱର ଉତ୍ସ ନିର୍ଝରକୁ ଲାଭ କରନ୍ତି । ତେଣୁ ସେ ପରିପୂର୍ଣ୍ଣତା ଓ ଅମରତ୍ୱ ଲାଭ କରି ସଂପୂର୍ଣ୍ଣ ସନ୍ତୋଷ ଲାଭ କରନ୍ତି । ସେ ବାହ୍ୟବସ୍ତୁ ପ୍ରତି ଆକର୍ଷିତ ହୁଅନ୍ତି ନାହିଁ, ଯାହାକି ଅସଂପୂର୍ଣ୍ଣ ଓ ଦୋଷଯୁକ୍ତ ଅଟେ ।

ସିଦ୍ଧ ଜଣେ ପରିପୂର୍ଣ୍ଣ ବ୍ୟକ୍ତି ଅଟନ୍ତି । ସେ ଜୀବନର ଲକ୍ଷ୍ୟ ଲାଭ କରିଥାଆନ୍ତି । ସେ ଭଗବାନଙ୍କ ସାକ୍ଷାତଲାଭ କରିଥାଆନ୍ତି । ସାଧାରଣ ଭାଷାରେ 'ସିଦ୍ଧ' ଶବ୍ଦର ଅର୍ଥ ବିବିଧ ଅଲୌକିକ ଶକ୍ତି ବା ସିଦ୍ଧି ପ୍ରାପ୍ତ କରିଥିବା ବ୍ୟକ୍ତିଙ୍କୁ ବୁଝାଏ । ଏଠାରେ 'ସିଦ୍ଧ' ଶବ୍ଦ ସେହି ଅର୍ଥରେ ବ୍ୟବହୃତ ହୋଇ ନାହିଁ । ସିଦ୍ଧ ବା ପରିପୂର୍ଣ୍ଣ ବ୍ୟକ୍ତିର ଲକ୍ଷଣ ଅଲୌକିକ ଶକ୍ତି ସଂପର୍ଣ୍ଣ ନ ବୁଝାଇ ଭଗବାନ ସାକ୍ଷାତ୍‌କାର ଓ ପରମ ପୁରୁଷଙ୍କ ସହ ଏକତ୍ୱ ଲାଭ କରିଥିବା ବ୍ୟକ୍ତି ବୁଝାଯାଏ ।

ଅମୃତ ଭବତି

ଈଶ୍ୱର ସାକ୍ଷାତ୍‌କାର ଲାଭ କରିଥିବା ବ୍ୟକ୍ତି ଅମରତ୍ୱ ଲାଭ କରନ୍ତି । ସେ ପ୍ରଭୁଙ୍କର ସମ୍ମୁଖରେ ସର୍ବଦା ବାସ କରନ୍ତି । ତାଙ୍କର ଜୀବନ ଈଶ୍ୱର ଆଧାରିତ ହୋଇଥାଏ । ତାଙ୍କର କାମନାର ଅନ୍ତ ହୋଇଥିବାରୁ ସେ ଜନ୍ମ-ମୃତ୍ୟୁର ଚକ୍ରରୁ ମୁକ୍ତିଲାଭ କରିଥାଆନ୍ତି । ଅମୃତତ୍ୱ ହିଁ ଭକ୍ତିର ମହତ୍ତ୍ୱପୂର୍ଣ୍ଣ ଗୁଣ ଅଟେ ।

ତୃପ୍ତ ଭବତି

ସିଦ୍ଧ ହୋଇଥିବା ଜଣେ ଭକ୍ତ ଯେ କି ପରିପୂର୍ଣ୍ଣତା ଓ ଅମରତ୍ୱ ଲାଭ କରିଅଛନ୍ତି, ସଂପୂର୍ଣ୍ଣ ରୂପେ ତୃପ୍ତ ଅଟନ୍ତି ।

ଏଠାରେ ବ୍ୟବହୃତ 'ସନ୍ତୋଷ' ଶବ୍ଦ କାମନା ପୂରଣ ହେଲେ ମିଳୁଥିବା ତୃପ୍ତି ନୁହେଁ । ଏହା ହେଉଛି ସମସ୍ତ କାମନାର ଅଭାବ ଓ ଈଶ୍ୱର ଉପଲବ୍ଧିରୁ ମିଳୁଥିବା ପୂର୍ଣ୍ଣ ସନ୍ତୋଷ । କେବଳ ଯେତେବେଳେ ଜଣେ ଉଚ୍ଚତମ ପରିପୂର୍ଣ୍ଣତା ଲାଭ କରନ୍ତି, ସେ ସ୍ୱ-ଆତ୍ମାରେ ରମଣ କରି ଆତ୍ମାରାମସ୍ଥିତି ଲାଭ କରନ୍ତି । ସେ ଆପ୍ତକାମ ଅବସ୍ଥା ଲାଭ କରିଥାଆନ୍ତି କାରଣ ଈଶ୍ୱର ସାକ୍ଷାତ୍‌କାର ଫଳରେ ତାଙ୍କର ସମସ୍ତ

କାମନାର ଅନ୍ତ ହୋଇଥାଏ । ଈଶ୍ୱର-ସାକ୍ଷାତ୍‌କାର ମାଧ୍ୟମରେ ଲବ୍‌ଧ ସନ୍ତୋଷ ଠାରୁ ଅନ୍ୟକୌଣସି ଉଚ୍ଚତର ଲାଭ ନାହିଁ ।

ଯାହାଙ୍କ ପାଖରେ ପରଶମଣି ଥାଏ, ସେ ଛୋଟ ଛୋଟ ସୁନାଖଣ୍ଡ ପ୍ରତି ମହତ୍ତ୍ୱ ଦିଅନ୍ତି ନାହିଁ । ସେହିପରି ସମସ୍ତ ବସ୍ତୁର ଉତ୍ସ-ନିର୍ଝରରେ ପହଞ୍ଚିଥିବା ଭକ୍ତ ଏହି ଜଗତର ନିରର୍ଥକ ବସ୍ତୁସମୂହକୁ ଗୁରୁତ୍ୱ ଦିଅନ୍ତି ନାହିଁ ।

ଭକ୍ତ ଭଗବାନଙ୍କୁ ପ୍ରେମ କରନ୍ତି ଓ ତାଙ୍କର ତଥା ତାଙ୍କର ସୃଷ୍ଟିର ସେବା କରନ୍ତି । ସେ ମୁକ୍ତିଲାଭ ନିମିତ୍ତ ପ୍ରୟାସ କରନ୍ତି ନାହିଁ କିନ୍ତୁ ସ୍ୱୟଂ ଭଗବାନ ଅଯାଚିତ ଭାବେ ତାଙ୍କୁ ମୋକ୍ଷ ପ୍ରଦାନ କରନ୍ତି । ତାଙ୍କର ସମସ୍ତ ଦୋଷ ଦୁର୍ବଳତା ଦୂର ହୋଇଯାଏ । ଲୋକମାନେ ପ୍ରଶ୍ନ ପଚାରନ୍ତି- ଦର୍ଶନ କରି ନଥିବା ଈଶ୍ୱରଙ୍କୁ ଆମେ କିପରି ପ୍ରେମ କରିବା ? ଭକ୍ତଗଣଙ୍କ ସଙ୍ଗରେ ରହନ୍ତୁ । ଭଗବାନଙ୍କର ଲୀଳା ଶ୍ରବଣ କରନ୍ତୁ । ତାଙ୍କର ଐଶ୍ୱର୍ଯ୍ୟ ବା ବିଭୂତି, ତାଙ୍କର ମାଧୁର୍ଯ୍ୟ (କୃପା ଓ ସୌନ୍ଦର୍ଯ୍ୟ) ମଧ୍ୟ ଶ୍ରବଣ କରନ୍ତୁ । ଭକ୍ତଗଣଙ୍କର ସେବା କରନ୍ତୁ । ତାଙ୍କର ନାମକୀର୍ତ୍ତନ କରନ୍ତୁ । ତାଙ୍କର ମନ୍ତ୍ର ଜପ କରନ୍ତୁ । ବର୍ଷେ ଯାଏ ଅଯୋଧ୍ୟା, ବୃନ୍ଦାବନ ବା ଚିତ୍ରକୂଟ ଅବା ପଣ୍ଡରପୁର, ବନାରସ ବା ଆନନ୍ଦ କୁଟୀରରେ ନିବାସ କରନ୍ତୁ । ଆପଣଙ୍କର ଭକ୍ତିର ବିକାଶ ହେବ ।

ସୂତ୍ର-୫

ଯତ୍‌ପ୍ରାପ୍ୟ ନ କିଞ୍ଚିଦ୍ ବାଞ୍ଛତି ନ ଶୋଚତି
ନ ଦ୍ୱେଷ୍ଟି ନ ରମତେ ନୋତ୍ସାହୀ ଭବତି ॥ ୫ ॥

ଅର୍ଥ- ଯେଉଁ ଦିବ୍ୟପ୍ରେମ ଲାଭ କରି ଭକ୍ତ ଅନ୍ୟ କିଛି କାମନା କରନ୍ତି ନାହିଁ, ଦୁଃଖ କରନ୍ତି ନାହିଁ (କୌଣସି କ୍ଷତିରେ ବା ପ୍ରିୟଜନଙ୍କର ମୃତ୍ୟୁ କାରଣରୁ) କାହାରିକୁ ଘୃଣା କରନ୍ତି ନାହିଁ, ଇନ୍ଦ୍ରିୟ ଉପଭୋଗ ଚାହାନ୍ତି ନାହିଁ ଓ ସାଂସାରିକ ବସ୍ତୁ ଆହରଣର କାମନା କରନ୍ତି ନାହିଁ ।

ଶବ୍ଦାର୍ଥ- ଯତ୍- ଯାହା, ପ୍ରାପ୍ୟ- ଲାଭକରି, ପୁମାନ୍- ବ୍ୟକ୍ତି, ନ- ନୁହେଁ, କିଞ୍ଚିଦ୍- କୌଣସି ଦ୍ରବ୍ୟ, ବାଞ୍ଛତି- କାମନା କରେ, ଶୋଚତି- ଦୁଃଖ କରେ, ଦ୍ୱେଷ୍ଟି- ଦ୍ୱେଷ ବା ଶତ୍ରୁଭାବ ପୋଷଣ କରେ, ରମତେ- ଆନନ୍ଦିତ ହୁଏ, ଉତ୍ସାହୀ- ନିଜର ରୁଚି ବିଷୟରେ କର୍ମଶୀଳ । ନ ଭବତି- ହୁଏ ନାହିଁ ।

ଲବଧ୍ୱା– ପୂର୍ବ ସୂତ୍ରରେ 'ଲବଧ୍ୱା' ଶବ୍ଦ ବ୍ୟବହୃତ ହୋଇଛି । 'ଲବ୍‌ଧ୍ୱା' ଶବ୍ଦର ଅର୍ଥ ଲାଭ କରି । 'ପ୍ରାପ୍ୟ' ଶବ୍ଦ 'ଲବ୍‌ଧ୍ୱା'ର ସମ ଅର୍ଥବୋଧକ । କିନ୍ତୁ ଉଭୟ ଶବ୍ଦ ମଧ୍ୟରେ ସୂକ୍ଷ୍ମଭେଦ ରହିଛି । 'ପ୍ରାପ୍ତି' ଶବ୍ଦରେ ବ୍ୟକ୍ତିଗତ ଉଦ୍ୟମ ବୁଝାଏ । ପକ୍ଷାନ୍ତରରେ 'ଲାଭ' ଆଶାତୀତ ରୂପେ ମିଳିପାରେ ।

ବର୍ତ୍ତମାନ ଦେବର୍ଷି ନାରଦ ଦିବ୍ୟପ୍ରେମର ନକାରାତ୍ମକ ଦୃଷ୍ଟିକୋଣ ବର୍ଣ୍ଣନା କରୁଛନ୍ତି ।

ନ କିଞ୍ଚିତ ବାଞ୍ଛତି

ଭକ୍ତ ସମସ୍ତ ଜାଗତିକ ଆବଶ୍ୟକତାର ଉର୍ଦ୍ଧ୍ୱକୁ ଉଠନ୍ତି । ତାଙ୍କର ହୃଦୟ ପରମଶାନ୍ତି ଓ ସନ୍ତୋଷରେ ପୂର୍ଣ୍ଣ ହୋଇଥାଏ । ତେଣୁ ସେ କିଛି ମଧ୍ୟ କାମନା କରନ୍ତି ନାହିଁ । ସାଂସାରିକ ବସ୍ତୁସମୂହର ଅଳୀକତା ଓ ନିରର୍ଥକତା ବିଷୟରେ ସେ ସଚେତନ ଥାଆନ୍ତି । ସୁତରାଂ ସେ ସେହି ବସ୍ତୁ ପ୍ରତି ରୁଚି ରଖନ୍ତି ନାହିଁ । ଈଶ୍ୱର-ଉପଲବ୍‌ଧି ପ୍ରାପ୍ତି ଦ୍ୱାରା ଇନ୍ଦ୍ରିୟ-ଉପଭୋଗ ପ୍ରତି ବୈରାଗ୍ୟ ଜାତ ହୋଇଥାଏ । ତାଙ୍କର ହୃଦୟପୂର୍ଣ୍ଣ ହୋଇଥାଏ । ରାଜ୍ୟ, ସଂପତ୍ତି ଓ କ୍ଷମତା ଆଦି ପ୍ରତି ତାଙ୍କର ଆକର୍ଷଣ ନ ଥାଏ ।

କାମନା କାହିଁକି ଦେଖାଯାଏ ? ଏହା ଅବିଦ୍ୟା, ଅସଂପୂର୍ଣ୍ଣଭାବ ବା ଅଜ୍ଞତାରୁ ଜାତ ହୋଇଥାଏ । ଭଗବାନଙ୍କର ଦର୍ଶନ ଫଳରେ ସମସ୍ତ କାମନାର ବିନାଶ ହୁଏ । ଯେତେବେଳେ ବାଳକ ଧ୍ରୁବ ପ୍ରଭୁ ହରିଙ୍କର ଦର୍ଶନ ଲାଭ କଲେ, ରାଜ୍ୟପ୍ରାପ୍ତିର ଆଶାଦ୍ୱାରା ପ୍ରରୋଚିତ ହୋଇ ପ୍ରଭୁ ଆରାଧନା କରିଥିବା ଧ୍ରୁବଙ୍କ ମନରୁ ରାଜ୍ୟ ଲାଭ ଇଚ୍ଛା ଦୂର ହେଲା । ଜ୍ଞାନାଗ୍ନି ସଦୃଶ ଭକ୍ତି ସମସ୍ତ ସାଂସାରିକ କାମନାକୁ ବିନାଶ କରେ ।

ଅପୂର୍ଣ୍ଣତା ବା ସୀମିତ ଭାବରୁ କାମନା ଜାଗ୍ରତ ହୁଏ । ଯେତେବେଳେ ବ୍ୟକ୍ତି ନିଜ ବାହାରେ କିଛି ଲାଭ କରିବାର ଆଶା କରେ ସେତେବେଳେ ତା'ଠାରେ ଅପୂର୍ଣ୍ଣ ଭାବ ଦେଖାଦିଏ । ଈଶ୍ୱର-ସାକ୍ଷାତ୍‌କାର ଲାଭ ପରେ ଭକ୍ତ ଭଗବାନଙ୍କ ବ୍ୟତୀତ ଅନ୍ୟ କିଛି ବିଷୟରେ ସଚେତନ ନ ଥାନ୍ତି । ସୁତରାଂ ଭକ୍ତ ସଂପୂର୍ଣ୍ଣ କାମନାହୀନ ହୁଅନ୍ତି ।

ନ ଶୋଚତି

ଭକ୍ତଙ୍କର ଦୁଃଖ ନ ଥାଏ । କୌଣସି ବସ୍ତୁ କିମ୍ବା ବ୍ୟକ୍ତି ପ୍ରତି ତାଙ୍କର ବିଶେଷ ଆସକ୍ତି ନଥାଏ । ସେ କିଛି ଆଶା କରନ୍ତି ନାହିଁ, ଅପେକ୍ଷା କରନ୍ତି ନାହିଁ, ଭୟ ମଧ୍ୟ କରନ୍ତି ନାହିଁ । ତାଙ୍କର ନୈରାଶ୍ୟ ନଥାଏ, ତିକ୍ତତା ନ ଥାଏ, ବିଫଳତା ଅବା କ୍ଷତିଭାବ ନଥାଏ, ତେଣୁ ତାଙ୍କର ଦୁଃଖ ନ ଥାଏ ।

ଭଗବାନଙ୍କର ସାକ୍ଷାତ୍‌କାର ଲାଭ କରିଥିବା ଭକ୍ତ ଶୋକ-ମୁକ୍ତ ହୋଇଥାଆନ୍ତି । ଆଲୋକ ସମ୍ମୁଖରେ କ'ଣ ଅନ୍ଧକାର ରହିପାରେ ? ଜଣେ ଆନନ୍ଦ ଓ ପ୍ରେମ ସାଗରରେ ନିମଜ୍ଜିତ ଥିଲେ ଶୋକର ପରିପ୍ରକାଶ ହେବ କିପରି ? ଶୋକ ଏକ ମାନସିକ ସୃଷ୍ଟି । ମନ, ଶରୀର ଓ ଅଳୀକ ସଂପର୍କ ସହ ଆସକ୍ତ ହେଲେ, ଏହା ପରିପ୍ରକାଶ ହୋଇଥାଏ । ଯେତେବେଳେ ମନର ବିନାଶ ହୁଏ, ଭଗବାନଙ୍କର ହୃଦୟରେ ନିମଜ୍ଜିତ ହେବା ଫଳରେ ଆତ୍ମ-ଅବଶୋଷଣ ଓ ଆତ୍ମ-ବିଲୟ ହୋଇଥାଏ, ଭକ୍ତଙ୍କ ନିକଟକୁ ଶୋକ ଆସିବ କିପରି ? ସଂପୂର୍ଣ୍ଣ ଅସମ୍ଭବ ।

ନ ଦ୍ୱେଷ୍ଟି

ଦ୍ୱେଷ-ମୁକ୍ତ ହେବା ଜଣେ ସିଦ୍ଧ-ପୁରୁଷ ଅବା ଭଗବାନ ସାକ୍ଷାତ୍‌କାର ଲାଭ କରିଥିବା ଭକ୍ତଙ୍କର ପରବର୍ତ୍ତୀ ଲକ୍ଷଣ । ଯେତେବେଳେ ଜଣେ ଭକ୍ତ କାମନା ଓ ଯନ୍ତ୍ରଣାମୁକ୍ତ ହୁଅନ୍ତି, ଯେତେବେଳେ ସେ ସମସ୍ତ ରୂପରେ ଈଶ୍ୱର ଦର୍ଶନ କରନ୍ତି, ସେ କୌଣସି ଜୀବ ପ୍ରତି ଦ୍ୱେଷଭାବ ପୋଷଣ କରିପାରିବେ ନାହିଁ । ସେ ଅନୁଭବ କରନ୍ତି ଯେ, ଯଦି ସେ କାହାରିକୁ ଘୃଣା କରନ୍ତି, ତେବେ ସେ ସ୍ୱୟଂ ଭଗବାନଙ୍କୁ ଘୃଣା କରୁଛନ୍ତି ।

ଭକ୍ତ କାହାରିକୁ ଘୃଣା କରନ୍ତି ନାହିଁ । ସେ ସମସ୍ତଙ୍କୁ ପ୍ରେମ କରନ୍ତି, ସେବା କରନ୍ତି ଓ ସମସ୍ତଙ୍କର ସହାୟତା କରନ୍ତି । ସେ ସର୍ବଦା ସର୍ବଭୂତଙ୍କର ହିତ ନିମିତ୍ତ ନିଜଙ୍କୁ ନିୟୋଜିତ କରନ୍ତି । ସେ ନିମ୍ନସ୍ତରର ଭାଗ୍ୟହୀନ ଶିଶୁ ଆତ୍ମାଙ୍କର ଅଭ୍ୟୁଦୟ ଓ ଆଧ୍ୟାତ୍ମିକ ଜ୍ଞାନ ଲାଭ ନିମିତ୍ତ କାର୍ଯ୍ୟରତ ହୁଅନ୍ତି ।

ଯେ କୌଣସି ବ୍ୟକ୍ତି, ବସ୍ତୁ ବା ସ୍ଥାନ ପ୍ରତି ଆସକ୍ତ ନ ଥାନ୍ତି । ଦିବ୍ୟପ୍ରେମରୂପୀ ମଧୁ ଆସ୍ୱାଦନ କରୁଥିବାରୁ ସେ କୌଣସି ଜାଗତିକ ବସ୍ତୁ ଦ୍ୱାରା ସନ୍ତୋଷ ଲାଭ କରିବା ପାଇଁ ନିର୍ଭର କରନ୍ତି ନାହିଁ ।

ଭକ୍ତ କାହାରିକୁ ଘୃଣା କରନ୍ତି ନାହିଁ । ଘୃଣାର କାରଣ ଅଜ୍ଞତା । ଯେତେବେଳେ ଭକ୍ତ ସବୁଥିରେ ପ୍ରଭୁ ହରିଙ୍କର ଦର୍ଶନ କରନ୍ତି, ସେ କିପରି କାହାକୁ ଘୃଣା କରିବେ ? ସେ ଅନୁଭବ କରନ୍ତି ଯେ, ଜଗତ ଜଗନ୍ନାଥଙ୍କର ପରିପ୍ରକାଶ ଓ ସମସ୍ତ କର୍ମ ଓ ଗତି ପ୍ରଭୁଙ୍କର ଲୀଳା । ଚଣ୍ଡାଳ, ଝାଡୁଦାର, ମୋଚି, ଭିକ୍ଷୁକ, ଗଣିକା, ଚୋର, ଆଦିଙ୍କ ପ୍ରତି ଘୃଣା ବା ଦ୍ୱେଷଭାବ ନଥାଏ । ସେ କହନ୍ତି, ମୁଁ ସର୍ବତ୍ର ମୋର ପ୍ରିୟ ପ୍ରଭୁଙ୍କର ମଧୁର ରୂପ ଦର୍ଶନ କରୁଛି । ହରି ହିଁ ଗଣିକା, ଚୋର, ଡକାୟତ ଓ ଝାଡୁଦାରର ଭୂମିକାରେ ଅଭିନୟ କରୁଛନ୍ତି । ଭକ୍ତଙ୍କର ମାନସିକ ସ୍ଥିତି ଏତେ ଉତ୍ତୁଙ୍ଗ ଯେ ସେ ସମସ୍ତଙ୍କୁ ପ୍ରେମପୂର୍ଣ୍ଣ ଭାବେ ଦର୍ଶନ କରନ୍ତି । ଏ ଭାବକୁ ଭାଷାରେ ବର୍ଣ୍ଣନା କରିହେବ ନାହିଁ । ଏହା ଅନୁଭବର ବିଷୟ । ମୀରା, ଗୌରାଙ୍ଗ, ତୁଳସୀଦାସ, କବୀର ଓ ରାମଦାସ ଆଦି ଭକ୍ତଗଣ ଏହି ଭାବକୁ ଉପଭୋଗ କରିଥିଲେ । ସନ୍ଥ ତୁଳସୀଦାସ କହନ୍ତି– "ସିୟାରାମମୟ ସବ ଜଗ ଜାନି । କରଉ ପ୍ରଣାମ ଜୋରି ଯୁଗ ପାନି" । ଅର୍ଥାତ୍ ସମସ୍ତ ଜଗତକୁ ସୀତାରାମଙ୍କର ପରିପ୍ରକାଶ ମନେକରି ମୁଁ ସମସ୍ତଙ୍କୁ କରଯୋଡ଼ି ପ୍ରଣାମ କରୁଛି ।

"ପୁରୁଷସୂକ୍ତ"ରେ ଆପଣ ପୁରୁଷଙ୍କର ବର୍ଣ୍ଣନା ପାଇବେ– ପୁରୁଷଙ୍କର ସହସ୍ର ମସ୍ତକ, ହଜାରେ ଚକ୍ଷୁ ଓ ହଜାରେ ପାଦ । ଗୀତାର ତ୍ରୟୋଦଶ ଅଧ୍ୟାୟରେ ଆପଣ ଏହାର ପ୍ରତିଧ୍ୱନି ପାଇବେ–

ସର୍ବତଃ ପାଣିପାଦଂ ତତ୍
ସର୍ବତୋଽକ୍ଷି ଶିରୋମୁଖମ୍ ।
ସର୍ବତଃ ଶ୍ରୁତିମଲ୍ଲୋକେ
ସର୍ବମାବୃତ୍ୟ ତିଷ୍ଠତି ।।

(ଗୀତା ୧୩/୧୩)

ପରମ ପୁରୁଷଙ୍କର ସର୍ବତ୍ର ହାତ ଗୋଡ଼, ସର୍ବତ୍ର ଚକ୍ଷୁ, ମସ୍ତକ, ମୁଖ ଓ କର୍ଣ୍ଣ । ସମସ୍ତଙ୍କୁ ଆବୃତ କରି ସେ ନିବାସ କରନ୍ତି । ପ୍ରଭୁ କୃଷ୍ଣ ଉଦ୍ଧବଙ୍କୁ ଉପଦେଶ ପ୍ରଦାନ କରି ତାଙ୍କ ନିକଟରେ ଉପନୀତ ହେବାକୁ ଏକ ସରଳ ମାର୍ଗ ବିଷୟ ବର୍ଣ୍ଣନା କରିଛନ୍ତି–

ବିସୃଜ୍ୟ ସ୍ମୟମାନାନ୍ ସ୍ୱାନ
ଦୃଶଂ ବ୍ରୀଡ଼ା ଚ ଦୈହିକୀମ୍ ।
ପ୍ରଣମେଦ୍ ଦଣ୍ଡବତ୍ ଭୂମା
ବାଶ୍ୱ ଚାଣ୍ଡାଳ ଗୋଖରମ୍ ।।

(ଭା. ୧୧/୨୯-୧୬)

ଭକ୍ତ କବି ଜଗନ୍ନାଥ ଦାସଙ୍କର ଅନନୁକରଣୀୟ ଭାଷାରେ-

ଶ୍ୱାନ ଚାଣ୍ଡାଳ କୃମିଖର । ଗୋ ଅଶ୍ୱ ବାନର ଶୂକର ।।
ଦେଖି କପାଳେ କର ଦେଇ । ଭୂମିରେ ଦଣ୍ଡ ପ୍ରାୟ ଶୋଇ ।।
ଦୂରେ ନିବେଶି ଲଜ୍ଜାମାନ । ଚରଣେ କରିବ ପ୍ରଣାମ ।।
ଈଶ୍ୱର ବସେ ସର୍ବଦେହେ । ଏ ଘେନି ନମିବ ନିର୍ଭୟେ ।।

ନାମଦେବ ଶ୍ୱାନକୁ କହିଥିଲେ- ''ହେ ବିଟ୍ଠଲ, ଶ୍ୱାନ ରୂପରେ ମୋର ପ୍ରିୟ ଶୁଷ୍କ ରୋଟି ନେଇ ଦଉଡ଼ି ଯାଅ ନାହିଁ । ସେ ତୁମର କୋମଳ ଗଳାକୁ କଷ୍ଟ ଦେବ । ରୋଟିରେ ଘିଅ ଲଗାଇବାକୁ ଦିଅ । ଗୋଟିଏ କପ୍‌ରେ ଘିଅ ନେଇ ସେ ଶ୍ୱାନ ପଛରେ ଦଉଡ଼ିଲେ । ଶ୍ରୀ ରାମକୃଷ୍ଣ ପରମହଂସ ଅସ୍ପୃଶ୍ୟ କନ୍ୟାକୁ ସାଷ୍ଟାଙ୍ଗ ପ୍ରଣାମ କରିଥିଲେ । ''ହେ ମା' କାଳୀ ! ଏହି କନ୍ୟା ରୂପରେ ମୁଁ ଆପଣଙ୍କୁ ଦର୍ଶନ କରୁଛି'' । ପାଓ୍ୱାହାରୀ ବାବା ବାସନ ଥାଳି ଧରି ଚୋରକୁ ପ୍ରଣାମ କଲେ । ''ହେ ଚୋର ନାରାୟଣ, ଦୟାକରି ଏହି ବାସନ ଥିବା ଥଳି ଗ୍ରହଣ କରନ୍ତୁ । ମୁଁ ଜାଣି ନ ଥିଲି ଯେ ଚୋର ନାରାୟଣ ମୋର କୁଟିରରେ ଥିଲେ ।'' ମହାରାଷ୍ଟ୍ରୀୟ ଭକ୍ତ ଏକନାଥ ତାଙ୍କ ଘରେ ପ୍ରବେଶ କରିଥିବା ଚୋରକୁ ସ୍ୱୟଂ ତାଙ୍କର ମୁଦ୍ରିକା ପ୍ରଦାନ କରିଥିଲେ । ''ଚୋରି କରିବା ତୁମର କର୍ତ୍ତବ୍ୟ । ଆପଣ କୃଷ୍ଣ ଅଟନ୍ତି । ଏହି ଲୀଳାକୁ ଚାଲୁ ରଖନ୍ତୁ । ନୂତନ ଦୃଷ୍ଟିକୋଣ ଥିବା ଏହି ଉଚ୍ଚ କୋଟୀର ଭକ୍ତଙ୍କର ମହାନ୍ ସ୍ଥିତି ସେ ହୃଦୟଙ୍ଗମ କରିଛନ୍ତି ? ପ୍ରୟାସ କରନ୍ତୁ । ସଂଘର୍ଷ କରନ୍ତୁ । ଆପଣ ମଧ୍ୟ ଦିନେ ଏହି ସମୁଚ୍ଚ ଆଧ୍ୟାତ୍ମିକ ସ୍ଥିତି ଲାଭ କରିବେ ।

ନ ଉତ୍ସାହୀ ଭବତି

ଜଣେ ଭକ୍ତ ନିଜର ସ୍ୱାର୍ଥ ରକ୍ଷା ନିମିତ୍ତ କର୍ମ କରନ୍ତି ନାହିଁ କିନ୍ତୁ ସର୍ବଜନହିତ ନିମିତ୍ତ ନିଜକୁ କର୍ମରେ ନିୟୋଜିତ କରନ୍ତି । ତାଙ୍କର ଅହଂକାର କିମ୍ବା ଆବଶ୍ୟକତା ନ ଥାଏ । ସେ ନାରାୟଣ ସେବାର୍ଥ କର୍ମ କରନ୍ତି । ସେ ଅହଂକାର ପ୍ରରୋଚିତ ହୋଇ ବା ଫଳ କାମନା ରଖି ନିଜକୁ କର୍ମର ନିୟୋଜିତ କରୁ ନ ଥିବାରୁ ତାଙ୍କର କର୍ମ ବନ୍ଧନର କାରଣ ନ ହୋଇ ମୋକ୍ଷର ମାର୍ଗ ପ୍ରଶସ୍ତ କରେ ।

ସେ ନିଜର ବ୍ୟକ୍ତିଗତ ଲାଭ ବା ସୁଖ ପାଇଁ କର୍ମ କରନ୍ତି ନାହିଁ । ନିଜର ସ୍ୱାର୍ଥ ଥିବା ସାଂସାରିକ ଲାଭ ଉଦ୍ଦେଶ୍ୟରେ କର୍ମ କରନ୍ତି ନାହିଁ । ସେ ସଫଳତା ବା ବିଫଳତା ଦ୍ୱାରା ପ୍ରଭାବିତ ହୁଅନ୍ତି ନାହିଁ ।

ଜଣେ ଭକ୍ତ କୌଣସି ବିଷୟରେ ଉତ୍ସାହୀ ହେବେ କିପରି ? ଆନନ୍ଦ ଅନୁଭବ ନିମିତ୍ତ ଜଣେ ବ୍ୟକ୍ତି କର୍ମ କରନ୍ତି । ଆନନ୍ଦ ପ୍ରାପ୍ତିର ଆଶାରେ ମଧ୍ୟ ବ୍ୟକ୍ତି କର୍ମ କରନ୍ତି । ଈଶ୍ୱର ଉପଲବ୍‌ଧି କରିଥିବା ଭକ୍ତଙ୍କର କୌଣସି କର୍ମ ସଂପାଦନର ଆବଶ୍ୟକତା ନଥାଏ । ସେ ସର୍ବୋଚ୍ଚ ଆନନ୍ଦ ଉପଭୋଗ କରନ୍ତି ।

ଜଣେ ଭକ୍ତଙ୍କର ନିକଟରେ ଆନନ୍ଦର ଉତ୍ସ ଥିବାବେଳେ ସେ ନିରର୍ଥକ ଓ ମୂଲ୍ୟହୀନ ଇନ୍ଦ୍ରିୟ ସୁଖ ଲାଭ ପାଇଁ ଚାହିଁବେ କାହିଁକି ?

ଭକ୍ତ ଯେତେବେଳେ ଆନନ୍ଦର ବିମୂର୍ତ୍ତ ରୂପ ଭଗବାନଙ୍କୁ ଲାଭ କରିଛନ୍ତି ଜାଗତିକ ବାସନା ତାଙ୍କଠାରେ ରହିବ କିପରି ? ବିବିଧ ଉପାୟରେ ଈଶ୍ୱରଙ୍କର ଦର୍ଶନ ଲାଭ ହୋଇଥାଏ– ଯଥା ସ୍ୱପ୍ନରେ, ସାଧାରଣ ମାନବଙ୍କର ରୂପରେ, ହସ୍ତରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧାରଣ କରିଥିବା ରୂପରେ ଅର୍ଜୁନ ଦର୍ଶନ କରିଥିବା ବିଶ୍ୱ-ରୂପ ଭାବେ, ହିରଣ୍ୟଗର୍ଭ ଚେତନା ରୂପେ, ବ୍ରହ୍ମ-ଲୋକର ପୂର୍ଣ୍ଣ-ଜ୍ଞାନ ଭାବେ । ଅର୍ଜୁନ କିପରି ବିଶ୍ୱ-ଚେତନା ଅନୁଭବ କରିଥିଲେ, ତାହା ବର୍ଣ୍ଣନା କରିଅଛନ୍ତି, ତାହା ଲକ୍ଷ୍ୟ କରନ୍ତୁ– "କୌଣସି ଆଦ୍ୟ ନାହିଁ, ମଧ୍ୟ ନାହିଁ, ଅନ୍ତ ନାହିଁ, ଅନନ୍ତ ଶକ୍ତି, ଅସଂଖ୍ୟ ବାହୁ, ସୂର୍ଯ୍ୟ ଓ ଚନ୍ଦ୍ର ଆପଣଙ୍କର ଚକ୍ଷୁ । ମୁଁ ଆପଣଙ୍କର ମୁଖକୁ ଯଜ୍ଞର ଅଗ୍ନିରୂପେ ଦର୍ଶନ କରୁଛି । ତାହାର ଜ୍ୱଳନ୍ତ ଦିପ୍ତୀ ବିଶ୍ୱକୁ ପ୍ରଜ୍ୱଳିତ କରୁଛି ।" ଭକ୍ତଗଣଙ୍କୁ ଉତ୍ସାହିତ କରିବା ନିମିତ୍ତ ଭଗବାନ ବେଳେ ବେଳେ ତାଙ୍କର ବିମାନରେ ତଳକୁ ଆସନ୍ତି । ଆକାଶବାଣୀ, ଆକାଶରେ ଉଜ୍ଜ୍ୱଳ ଆଲୋକ ମାଧମରେ ଭଗବାନ ଭକ୍ତଗଣଙ୍କୁ ଉତ୍ସାହିତ କରି ଆଧ୍ୟାତ୍ମିକ ମାର୍ଗରେ ଦ୍ରୁତ ପ୍ରଗତି କରାଇବାରେ ସହାୟତା କରନ୍ତି । ପ୍ରଭୁଙ୍କର ଦର୍ଶନ ଲାଭ କରି ମିଥ୍ୟା ତୁଷ୍ଟି ଯୋଗୁଁ ଭକ୍ତ ସାଧନା ବନ୍ଦ କରିବା ଅନୁଚିତ । ସେ ସର୍ବଦା ସ୍ୱରୂପ ସ୍ଥିତିରେ ସଂପୂର୍ଣ୍ଣ ନିଷ୍ଠା ରଖିବା ଉଚିତ । ମହାଭାବ ବା ତନ୍ମୟ ସ୍ଥିତିରେ ନିମଜ୍ଜିତ ହେବାଯାଏ ଭକ୍ତ ସାଧନା ପରିହାର କରିବା ଅନୁଚିତ ।

ଇନ୍ଦ୍ରିୟ ଉପଭୋଗର ଅଦମ୍ୟ ପିପାସା ତଥା ନାରୀ, ଅର୍ଥ ଓ ଜାଗତିକ ସମୃଦ୍ଧିକୁ ତ୍ୟାଗ କର କାରଣ ତାହା ଭକ୍ତିମାର୍ଗର ବିରାଟ ବିଘ୍ନ ଓ ମନକୁ ଈଶ୍ୱର ଅଭିମୁଖୀ କର । ଏହା ହେଉଛି ଅବିନାଶୀ ଓ ଅକ୍ଷୟ ଆଧ୍ୟାତ୍ମିକ ସଂପଦ ଯାହାକୁ କୌଣସି ଡକାୟତ ଲୁଣ୍ଠନ କରିପାରିବ ନାହିଁ । ଏହି ଦିବ୍ୟ-ଆନନ୍ଦରେ ଭୟ ବା କଷ୍ଟ ମିଶ୍ରିତ ହୋଇ ନଥାଏ ।

(୨)

ବର୍ତ୍ତମାନ ସବୁକିଛି ସ୍ୱାଭାବିକ ଓ ଅନାୟାସ ହୋଇଥାଏ । ଅହଂକାର ଓ ଅଲଗାଭାବ ଥିବା ଯାଏ ପ୍ରୟାସର ଆବଶ୍ୟକତା ହୋଇଥାଏ । ଯେତେବେଳେ ଏସବୁ ଦୂର ହୁଏ ଏବଂ ଯେତେବେଳେ ଭକ୍ତଙ୍କ ଉପରେ ଦିବ୍ୟାଲୋକର ଅବତରଣ ହୁଏ, ତାଙ୍କ ନିମିତ୍ତ ପ୍ରୟାସରେ ଆବଶ୍ୟକତା ହୁଏ ନାହିଁ । ପ୍ରଭୁ ଭଗବଦ୍ ଗୀତାରେ ଏହାକୁ ପୁଷ୍ଟି କରିଅଛନ୍ତି- "ବିଷୟ ନିବୃତ୍ତ ହୋଇଥିବା ବ୍ୟକ୍ତିଙ୍କ ଠାରୁ ଇନ୍ଦ୍ରିୟଭୋଗ୍ୟ ବସ୍ତୁ ଦୂର ହୋଇଯାନ୍ତି କିନ୍ତୁ ଭୋଗାସକ୍ତି ନିବୃତ୍ତ ହୁଏ ନାହିଁ । ପରମାତ୍ମ ତତ୍ତ୍ୱ ଅନୁଭବ କରିଥିବା ବ୍ୟକ୍ତିଙ୍କର ଭୋଗ ପ୍ରତି ଆସକ୍ତି ରହେ ନାହିଁ । (ଗୀତା ୨/୫୯)

ସେ କୌଣସି ବସ୍ତୁ ପ୍ରତି କାମନା ପୋଷଣ କରନ୍ତି ନାହିଁ କିମ୍ବା ଲାଳାୟିତ ହୁଅନ୍ତି ନାହିଁ କାରଣ ତାଙ୍କର ଅହଂକାର ନଥାଏ । ସେ ଦିବ୍ୟ-ପ୍ରେମ ଅନୁଭବ କରୁଥିବାରୁ ତାଙ୍କର ଅଭାବବୋଧ ନଥାଏ । ଅହଂକାର ଥିବା ଯାଏ କାମନା ଥାଏ । ଆନୁସଙ୍ଗିକ ଅପୂର୍ଣ୍ଣତା ଥିବା ଯାଏ ପୃଥକ ବୋଧ ରହେ । ପରାଭକ୍ତିରେ ଯେତେବେଳେ ଏହି ସ୍ଥିତିର ଊର୍ଦ୍ଧ୍ୱକୁ ଭକ୍ତ ଚାଲିଯାଏ, ସମସ୍ତ କାମନାର ଅନ୍ତ ହୁଏ । ପ୍ରଭୁଙ୍କ ଠାରେ ସମସ୍ତ ଇଚ୍ଛାର ପୂର୍ଣ୍ଣତା ଲାଭ ହୁଏ । ମୋଟରକାର, ବଙ୍ଗଳା, ନାମ, ଯଶ ଓ ଅନ୍ୟ ସାଂସାରିକ ବିଭବ ବିଷୟ କ'ଣ କହିବା, ଦିବ୍ୟପ୍ରେମର ଅମୂଲ୍ୟ ସଂପତ୍ତି ତୁଳନାରେ ତ୍ରିଭୁବନର ସଂପଦ ଭକ୍ତଙ୍କ ଦୃଷ୍ଟିରେ କୁଟାଖିଏ ସଦୃଶ ବୋଧହୁଏ ।

ବିଶ୍ୱର ସମସ୍ତ ଆନନ୍ଦର ସମଷ୍ଟି ଆନନ୍ଦ-ସାଗର ଭଗବାନ (ଯେ କି ସମସ୍ତ ଆନନ୍ଦର ଉତ୍ସ)ଙ୍କ ତୁଳନାରେ ଏକ ଟୋପା ସଦୃଶ । ତାଙ୍କର ପ୍ରେମ ପ୍ରାପ୍ତି କରିଥିବା ଭକ୍ତଙ୍କୁ କୌଣସି ବସ୍ତୁ ପ୍ରଲୋଭିତ କରିପାରେ ନାହିଁ । ଯେପରି ଅମୃତ ପାନ କରୁଥିବା ବ୍ୟକ୍ତି ଗୋଳିଆ ପାଣି ପାନ କରିବାକୁ ପ୍ରଲୋଭିତ ହୁଅନ୍ତି ନାହିଁ, ଯେପରି ମିଶ୍ରିର ଥଳି ପାଇଥିବା ବ୍ୟକ୍ତି କଳା ଖୁଦ ଖାଇବାକୁ ଲାଳାୟିତ ହେବେ ନାହିଁ, ପରମଭକ୍ତି ଲାଭ କରିଥିବା ଭକ୍ତ କୌଣସି ବସ୍ତୁ ଦ୍ୱାରା ପ୍ରଲୋଭିତ ହେବେ ନାହିଁ ।

ଆସକ୍ତି ଓ କାମନାର ଫଳ ହେଉଛି ଦୁଃଖ । ଯେତେବେଳେ ଭକ୍ତ କୌଣସି ବସ୍ତୁର କାମନା କରନ୍ତି ନାହିଁ, ମୁକ୍ତି ମଧ୍ୟ ଚାହାନ୍ତି ନାହିଁ, ନିଜର କୌଣସି ବସ୍ତୁର କ୍ଷତି ପାଇଁ ସେ କ'ଣ ଶୋକଗ୍ରସ୍ତ ହେବେ ? ଅନ୍ୟ ପକ୍ଷରେ ଈଶ୍ୱର ଏବଂ ତାଙ୍କର ପ୍ରେମ ପ୍ରାପ୍ତି ପାଇଁ ସ୍ୱ-ଇଚ୍ଛାରେ ସେସବୁ କିଛି ତ୍ୟାଗ କରିପାରିବେ ।

ଯେତେବେଳେ କୌଣସି ଲାଳସା ବା ଦୁଃଖ ନ ଥାଏ, ହର୍ଷ ବା ଦ୍ୱେଷର ଅସ୍ତିତ୍ୱ ନଥାଏ । କାରଣ ଏହି ଦୁଇଗୁଣ ପରସ୍ପରର ଅନୁସରଣ କରନ୍ତି । ଘୃଣା ଓ ଇନ୍ଦ୍ରିୟ-ସୁଖ କାମନାରେ ଆଧାରିତ । ଭକ୍ତ ଯେତେବେଳେ ସ୍ୱ-ପ୍ରିୟତମ ଭଗବାନଙ୍କର ଚିନ୍ତନରେ ମଗ୍ନ ଏବଂ ସମସ୍ତ ବସ୍ତୁରେ କେବଳ ତାଙ୍କର ଦର୍ଶନ କରନ୍ତି, ସେ ଅନ୍ୟକୁ ଘୃଣା କରିବେ କିପରି ? ଏବଂ ଯେତେବେଳେ ଈଶ୍ୱରଙ୍କର ଠାରୁ ମହାନ କୌଣସି ବସ୍ତୁ ନୁହେଁ, କିପରି ଭଗବାନଙ୍କ ବ୍ୟତୀତ ଅନ୍ୟ କିଛି ତାଙ୍କଠାରେ ଆନନ୍ଦ ସୃଷ୍ଟି କରିବ ?

ଯେତେବେଳେ ଭକ୍ତ ସ୍ୱପ୍ରେମରେ ଶାଶ୍ୱତ ସନ୍ତୋଷ ଲାଭ କରିଛନ୍ତି, ଅନ୍ୟକିଛି ପ୍ରାପ୍ତିର ଇଚ୍ଛା ଦୂର ହୋଇଯାଏ । ଏହାସହ ବ୍ୟକ୍ତିଗତ ଲାଭ ପାଇଁ କୌଣସି କର୍ମ କରିବାର ଇଚ୍ଛା ମଧ୍ୟ ଦୂର ହୋଇଥାଏ । ଅପୂର୍ଣ୍ଣତା ବୋଧ ଥିବା ଯାଏ କର୍ମ ସଂପାଦନର ଇଚ୍ଛା ଥାଏ । ଦିବ୍ୟପ୍ରେମରେ ଭକ୍ତ ପୂର୍ଣ୍ଣତା ଲାଭ କରନ୍ତି । ସେ ସମସ୍ତଙ୍କଠାରେ ପ୍ରଭୁଙ୍କୁ ତଥା ଭଗବାନଙ୍କ ଠାରେ ସମସ୍ତ ପ୍ରାଣୀଙ୍କୁ ଦର୍ଶନ କରନ୍ତି । ସୁତରାଂ ସେ ସ୍ୱ-ଇଚ୍ଛାରେ କର୍ମ ସଂପାଦନ କରି ନଥାନ୍ତି । ଭଗବଦ୍ ଗୀତାରେ ଏପରି ଏକ ଚିନ୍ତା ବ୍ୟକ୍ତ କରାଯାଇଛି । ଯେ ଆନନ୍ଦିତ ହୁଅନ୍ତି ନାହିଁ କିମ୍ବା ଦୁଃଖ କରନ୍ତି ନାହିଁ, ଘୃଣା କରନ୍ତି ନାହିଁ ବା କାମନା କରନ୍ତି ନାହିଁ, ଭଲ ଓ ମନ୍ଦ ପରିହାର କରନ୍ତି, ଯେ ଭକ୍ତିଭାବ ସଂପନ୍ନ ସେ ମୋର ପ୍ରିୟ । (ଗୀତା ୧୨/୧୭)

ଏହାପରେ ସେ ଭଗବାନଙ୍କ ହସ୍ତରେ ଏକ ସାଧନ ହୋଇଥାଆନ୍ତି । ନିଜ ସଂକଳ୍ପ ବିନା ଇଚ୍ଛା ବା ଆସକ୍ତି ଛାଡ଼ି ସେ କର୍ମ କରନ୍ତି । ବିଶ୍ୱର କଲ୍ୟାଣ ନିମିତ୍ତ ପ୍ରଭୁଙ୍କର ଇଚ୍ଛାନୁସାରେ ସେ କର୍ମ ସଂପାଦନ କରନ୍ତି ।

ତେଣୁ ଏହି ମୁହୂର୍ତ୍ତରୁ ପ୍ରଭୁଙ୍କର ପ୍ରେମ ଲାଭ କରନ୍ତୁ । ଆପଣଙ୍କର ସମସ୍ତ ଦୁଃଖ, କାମନା, ଲାଳସା, ଭୟ ଓ ବ୍ୟାକୁଳତାର ଅନ୍ତ ହେବ । ଆପଣ ପୂର୍ଣ୍ଣତା ତଥା ଶାଶ୍ୱତ ସନ୍ତୋଷ ଲାଭ କରିବେ । ଚିରନ୍ତନ ଆନନ୍ଦରେ ଆପଣ ନିମଗ୍ନ ହେବେ ।

ସୂତ୍ର-୬

ଯଦ୍‌ଜ୍ଞାତ୍ୱା ମତ୍ତୋ ଭବତି ସ୍ତବ୍‌ଧୋ ଭବତି
ଆତ୍ମାରାମୋ ଭବତି ॥ ୬ ॥

ଅର୍ଥ- ଯାହା ଜାଣି ମାନବ ମତ୍ତ ଅବା ଅତି ଆନନ୍ଦିତ ହୋଇଯାଏ ଶାନ୍ତ ଏବଂ ଆତ୍ମାର ଆନନ୍ଦରେ ନିମଜ୍ଜିତ ହୁଏ ।

ଶବ୍ଦାର୍ଥ– ଯତ୍– ଯାହା (ଭଗବାନ), **ଜ୍ଞାତ୍ୱା**– ଜାଣି, ପୁମାନ୍– ବ୍ୟକ୍ତି, ମତ୍ତ– ମାତାଲ, ଅତ୍ୟନ୍ତ ଆନନ୍ଦିତ, ଭବତି– ହୁଏ, ସ୍ତବ୍ଧ– ଶାନ୍ତ, ଚୁପ୍, ଆତ୍ମାରାମ– ସର୍ବଦା ଆତ୍ମାର ଆନନ୍ଦ ଅନୁଭବ କରୁଥିବା ବ୍ୟକ୍ତି ।

ବ୍ୟାଖ୍ୟା– ଭଗବାନଙ୍କର ସାକ୍ଷାତକାର ଲାଭ କରିଥିବା ଭକ୍ତଙ୍କର ବର୍ଣ୍ଣନା କ୍ରମାଗତ ରୂପେ ଚାଲିଛି ।

ଏହି ସୂତ୍ରରେ ରଚୟିତା କହନ୍ତି– ''ଭଗବାନଙ୍କୁ ଜାଣି'' କିନ୍ତୁ ପୂର୍ବ ସୂତ୍ରରେ ସେ କହିଛନ୍ତି– ''ତାଙ୍କୁ ଲାଭ କରି'' ଅର୍ଥାତ୍ ତାଙ୍କର ପ୍ରେମଲାଭ କରି ।

ଜ୍ଞାତ୍ୱା ପୂର୍ବ ଅଭିବ୍ୟକ୍ତି ଥିଲା, 'ଲବ୍ଧ୍ୱା' ଅର୍ଥାତ୍ ଲାଭକରି ଓ 'ପ୍ରାପ୍ୟ' ଅର୍ଥାତ୍ ପାଇ ବର୍ତ୍ତମାନ 'ଜ୍ଞାତ୍ୱା' ବା ଜାଣି ଶବ୍ଦ ବ୍ୟବହୃତ ହୋଇଛି ।

ମତ୍ତୋ ଭବତି– ଉକ୍ତ ଦିବ୍ୟପ୍ରେମ ଦ୍ୱାରା ସଂପୂର୍ଣ୍ଣ ରୂପେ ନିଶାସକ୍ତ ହୋଇଯାନ୍ତି । ସେ ଭଗବାନଙ୍କର ପ୍ରଶଂସା ଓ ଯଶ ଗାନ କରିବାରେ ଦିବାନିଶି ଅତିବାହିତ କରନ୍ତି । ସେ ପ୍ରଭୁଙ୍କର ଠାରେ ନିମଗ୍ନ ରହନ୍ତି । ସେ ବାହ୍ୟଜଗତ ବିଷୟରେ ସଚେତନ ରହନ୍ତି ନାହିଁ ।

ସେ ବର୍ତ୍ତମାନ ହସନ୍ତି, ପୁଣି କାନ୍ଦନ୍ତି, ବିଳାପ କରନ୍ତି, ବର୍ତ୍ତମାନ ଉଚ୍ଚ ସ୍ୱରରେ ଗାନ କରନ୍ତି ଏବଂ ପୁଣି ଦିବ୍ୟ ଉଲ୍ଲାସରେ ନୃତ୍ୟ ଆରମ୍ଭ କରନ୍ତି । ଆନନ୍ଦର ଆଧିକ୍ୟରୁ ସେ ରୋମାଞ୍ଚିତ ଅନୁଭବ କରନ୍ତି । ବେଳେବେଳେ ସେ ନୀରବ ହୋଇଯାଆନ୍ତି ଏବଂ ମୂର୍ତ୍ତିତୁଲ୍ୟ ଅଚଳ ହୋଇ ବସି ରହନ୍ତି ।

ଏହି ସ୍ଥିତି ପ୍ରଭୁଙ୍କର ମିଳନ ବା ଏକତ୍ୱର ଦ୍ୟୋତକ । ଭକ୍ତ ତାଙ୍କର ପୃଥକ ସ୍ଥିତି ହରାଇ ବସନ୍ତି । ତାଙ୍କର ନିଜର କୌଣସି ଇଚ୍ଛା ନଥାଏ କାରଣ ସେ ନିଜକୁ ପ୍ରଭୁଙ୍କଠାରେ ସଂପୂର୍ଣ୍ଣ ସମର୍ପଣ କରିଥାଆନ୍ତି । ପ୍ରଭୁଙ୍କ ହାତରେ ସେ କେବଳ ଏକ ସାଧକ ।

ଜଣେ ନୟନାର ସନ୍ଥ ଯେତେବେଳେ ମନ୍ଦିରରେ ଦୀପ ଜାଳିବାକୁ ତେଲ ପାଇପାରିଲେ ନାହିଁ ସେ ବ୍ୟାକୁଳରେ ନିଜ ମସ୍ତକରେ କେଶ ଜାଳି ଦେଲେ ।

ଜଣେ ଭକ୍ତ ଶିବଙ୍କୁ ଅର୍ପଣ କରିବାକୁ ପୁଷ୍ପମାଳା ପ୍ରସ୍ତୁତ କରୁଥିଲେ । ସେଠାକାର ରାଣୀ ଫୁଲକୁ ଘ୍ରାଣ କରିବାରୁ ଭକ୍ତ କ୍ରୋଧିତ ହୋଇ ରାଣୀଙ୍କର

ନାକ କାଟି ପକାଇଲେ । ରାଣୀଙ୍କର ସ୍ୱାମୀ ଆସି ତାଙ୍କର ହାତ କାଟିଦେଲେ ଯାହାଦ୍ୱାରା ସେ ଫୁଲ ତୋଳି ଆଘ୍ରାଣ କରିଥିଲେ ।

ଜଣେ ନୟନତାର ବା ଭକ୍ତ ଚନ୍ଦନ ପ୍ରସ୍ତୁତ କରିବାକୁ ଚନ୍ଦନ କାଠ ନ ପାଇବାରୁ ନିଜ କହୁଣିକୁ ଘଷି ପକାଇଲେ ।

ପ୍ରଭୁ ଯୀଶୁଖ୍ରୀଷ୍ଟ ଉପରେ ଗଭୀର ଧ୍ୟାନ କରି ଆସିସିର ସେଣ୍ଟ୍ ଫ୍ରାନ୍‌ସିସ୍ କ୍ରସିଫିକେଶନ୍‌ର ଚିହ୍ନ ନିଜ ଦେହରେ ପ୍ରକଟ କରିଥିଲେ ଏବଂ ଆନନ୍ଦ ସହ ଗଭୀର ଯନ୍ତ୍ରଣା ଅନୁଭବ କରିଥିଲେ ଯାହାକି କ୍ରସିଫିକେସନ ବେଳେ ଯୀଶୁ ନିଜେ ଅନୁଭବ କରିଥିଲେ ।

ଉପନିଷଦରେ ଆତ୍ମାକୁ ମଧୁସହ ତୁଳନା କରାଯାଇଛି । ସୁଫିଗଣ ଆତ୍ମାକୁ ମଦିରା ସହ ତୁଳନା କରନ୍ତି । ଶାକ୍ତଗଣ ଏହାକୁ ମଦ୍ୟ ସହ ତୁଳନା କରନ୍ତି । ବୈଦିକ ଯଜ୍ଞରେ ଏହାକୁ ସୋମ ରସ କୁହାଯାଏ । ଏସବୁ ଦିବ୍ୟଆନନ୍ଦର ମଧୁରତା ଉପଭୋଗର ପ୍ରତୀକ ।

ଦିବ୍ୟ-ପ୍ରେମର ମଦିରା ପାନ କରିଥିବା ଭକ୍ତ ପାରମ୍ପାରିକ ସଦାଚାର ପାଳନ କରିପାରନ୍ତି ନାହିଁ । ସେ ପରମ୍ପରାଗତ ସାମାଜିକ ନିୟମ ଓ ଶାସ୍ତ୍ରର ଦାସ ନୁହନ୍ତି । ଈଶ୍ୱର-ମତ୍ତ ଭକ୍ତ ନିଜ ବିଷୟରେ ସଚେତନ ନ ଥାନ୍ତି ।

ସ୍ତବ୍ଧୋ ଭବତି

ଯେତେବେଳେ ଜଣେ ଭକ୍ତ କର୍ମ କରନ୍ତି, ଭଗବାନ ହିଁ ତାଙ୍କ ମାଧ୍ୟମରେ କର୍ମ କରିଥାଆନ୍ତି । ଭକ୍ତଜଣକ ସ୍ୱଅନ୍ତଃକରଣରେ ସଂପୂର୍ଣ୍ଣ ଶାନ୍ତି ଓ ସମାହିତ ଥାଆନ୍ତି । ସେ ଦୟା ଓ ପ୍ରେମ ଦ୍ୱାରା ଜଗତର ସେବା କରନ୍ତି ।

ଆତ୍ମାରାମୋ ଭବତି

ଭକ୍ତଙ୍କର ଈଶ୍ୱରୀୟ ସୁଗୁଣର ବିକାଶ ହୁଏ । ଫଳରେ ସେ ପ୍ରଭୁଙ୍କର ପୂର୍ଣ୍ଣତା ଲାଭ କରି ଭଗବାନଙ୍କର ଅସୀମ ଆନନ୍ଦ ଓ ଉଲ୍ଲାସ ଅନୁଭବ କରନ୍ତି । ଭକ୍ତ ଆତ୍ମା ଉପଲବ୍ଧି କରନ୍ତି ଏବଂ ସମସ୍ତ ଜୀବ ମଧ୍ୟରେ ଆତ୍ମାର ଦର୍ଶନ କରନ୍ତି ।

ଯେତେବେଳେ ଜଣେ ସ୍ୱଆତ୍ମାରେ ସୁଖୀ ରହନ୍ତି, କେବଳ ତେବେ ହିଁ ସେ ସ୍ୱତନ୍ତ୍ର ହୁଅନ୍ତି । ଯଦି ଜଣେ ସୁଖନିମିତ୍ତ ନଶ୍ୱର ବସ୍ତୁ ଉପରେ ନିର୍ଭର କରନ୍ତି,

ତାଙ୍କ ଆନନ୍ଦର କେନ୍ଦ୍ର ପ୍ରତ୍ୟାହୃତ ହେଲେ ସେ ବିଳାପ କରିବାକୁ ଆରମ୍ଭ କରନ୍ତି । ଯେତେବେଳେ ପତ୍ନୀର ମୃତ୍ୟୁ ହୁଏ, ପତି କ୍ରନ୍ଦନ କରେ । ଅର୍ଥ ଜମା କରିଥିବା ବ୍ୟାଙ୍କ ଦେବାଳିଆ ହେଲେ ବ୍ୟକ୍ତି ନୈରାଶ୍ୟଗ୍ରସ୍ତ ହୁଏ । ସମୟ, ସ୍ଥାନ ଓ କାରଣ ଦ୍ୱାରା ଆବଦ୍ଧ ବସ୍ତୁସମୂହ ବିନାଶଶୀଳ ଅଟନ୍ତି । ସୁତରାଂ ସେମାନେ ମାନବଗଣଙ୍କୁ ଶାଶ୍ୱତ ସୁଖ ପ୍ରଦାନ କରିପାରନ୍ତି ନାହିଁ । ତେଣୁ ଗୀତାରେ, ଭଗବାନ୍ ଶ୍ରୀକୃଷ୍ଣ କହନ୍ତି : ''ଯେଉଁ ଆନନ୍ଦ ଗୁଡ଼ିକ ସ୍ପର୍ଶରୁ ଉଦ୍‌ଭବ, ତାହା ପ୍ରକୃତରେ ଦୁଃଖର ଉତ୍ସ କାରଣ ସେଗୁଡ଼ିକର ପ୍ରାରମ୍ଭ ଓ ଅନ୍ତ ରହିଛି ।'' ତେଣୁ ହେ କୌନ୍ତେୟ, ''ଜ୍ଞାନୀ ବ୍ୟକ୍ତିଗଣ ଇନ୍ଦ୍ରିୟଜନିତ ସୁଖ ଦ୍ୱାରା ବିମୋହିତ ହୁଅନ୍ତି ନାହିଁ । ଇନ୍ଦ୍ରିୟଜନିତ ସୁଖ ପ୍ରାରମ୍ଭରେ ଅମୃତ ତୁଲ୍ୟ ବୋଧହୁଏ କିନ୍ତୁ ଅନ୍ତିମରେ ତାହା ବିଷ ସଦୃଶ । ଏହି ରାଜସିକ ସୁଖ ବାସ୍ତବ ସୁଖ ନୁହେଁ କିନ୍ତୁ ଯେଉଁ ବ୍ୟକ୍ତି ବାହ୍ୟବିଷୟ ଜନିତ ସୁଖପ୍ରତି ଅନାସକ୍ତ ରହି ଆତ୍ମାରେ ହିଁ ଆନନ୍ଦଲାଭ କରନ୍ତି, ଯୋଗ ପ୍ରଭାବରେ ତାଙ୍କର ସୁଖ ଶାଶ୍ୱତ ରୂପ ଗ୍ରହଣ କରିଥିବାରୁ ତାହା ବିନାଶଶୀଳତାରୁ ମୁକ୍ତ ହୋଇଥାଏ ।'' (ଗୀତା ୧୮/୩୮ ଏବଂ ୫/୨୧) ଯେଉଁ ମାନବ ଆତ୍ମାରେ ରମଣ କରନ୍ତି ତଥା ଆତ୍ମାରେ ତୃପ୍ତ ରହନ୍ତି, ତାଙ୍କ ନିମିତ୍ତ ପ୍ରକୃତରେ କୌଣସି କର୍ମ ବାକି ରହେନାହିଁ । ଆତ୍ମାରେ ରମଣ କରୁଥିବା ବ୍ୟକ୍ତିଙ୍କୁ କୌଣସି ଦୁଃଖ ବିଚଳିତ କରେ ନାହିଁ କାରଣ ସେ ଆତ୍ମତୃପ୍ତ ହୋଇଥିବାରୁ ଆତ୍ମାରେହିଁ ସନ୍ତୋଷ ଲାଭ କରନ୍ତି ଏବଂ ଆତ୍ମକ୍ରୀଡ଼ାରେ ନିମଗ୍ନ ରହନ୍ତି ।

ବାସନା ବା ସୂକ୍ଷ୍ମ କାମନା ମାନବକୁ ବାହ୍ୟବସ୍ତୁ ପ୍ରତି ଆକୃଷ୍ଟ କରେ । ଅବିଦ୍ୟାର ଦୁଇଟି ଶକ୍ତି ରହିଛି । ତାହା ହେଉଛି 'ଆବରଣ' ଯାହାକି ମାନବକୁ ତା'ର ବାସ୍ତବ ସଚ୍ଚିଦାନନ୍ଦ ସ୍ୱରୂପକୁ ଆବୃତ କରିଥାଏ ଏବଂ ବିକ୍ଷେପ ଶକ୍ତି ତା'ର ଇନ୍ଦ୍ରିୟ ଏବଂ ମନକୁ ବାହ୍ୟ ଅଭିମୁଖୀ କରେ । ବିକ୍ଷେପ ଶକ୍ତି ଏବଂ ବାସନା ଯୋଗୁ ମନର ଚଞ୍ଚଳତା ସୃଷ୍ଟି ହୋଇଥାଏ । ଅବିଦ୍ୟା ବୋଧଶକ୍ତିକୁ ଆବୃତ କରେ ଏବଂ ମୋହ ସୃଷ୍ଟି କରେ । ଏହି ଅବିଦ୍ୟା ବୁଦ୍ଧିକୁ ନାଶ କରେ ତଥା ତାକୁ ବିକୃତ ଓ ଅନୁର୍ବର କରେ । ସୁତରାଂ ମାନବ ସର୍ବଦା ଚିନ୍ତା କରେ ଯେ, ବାହ୍ୟବସ୍ତୁ ମାଧ୍ୟମରେ ସେ ଆନନ୍ଦ ଲାଭ କରିବ । ଫଳତଃ ସେ ଶରୀର, ସନ୍ତାନ ଏବଂ ପତ୍ନୀକୁ ଆତ୍ମା ବୋଲି ମନେକରେ ଏବଂ ଅବାସ୍ତବ ଜଗତକୁ ବାସ୍ତବ ବୋଧ କରେ । ଯେତେବେଳେ କାମନାର ପରିପ୍ରକାଶ ହୁଏ, ବୁଦ୍ଧି ଅନ୍ଧ ହୋଇଯାଏ

ଏବଂ ସର୍ବଶ୍ରେଷ୍ଠ ବୁଦ୍ଧିମାନ ମନୁଷ୍ୟ କାମନା ଦ୍ୱାରା ବଶୀଭୂତ ହୁଏ । ଜଣେ ବିଜୟୀ ମାନବ ଭ୍ରାନ୍ତ ଭାବେ ବାହ୍ୟ, ବିନାଶଶୀଳ ବସ୍ତୁ ମାଧ୍ୟମରେ ସୁଖର ଅନ୍ୱେଷଣ କରେ । ସେ ନିଜର ହୃଦୟର ଗଭୀରତମ ପ୍ରଦେଶରେ ପ୍ରବେଶ କରି ବିକ୍ଷିପ୍ତ ମନକୁ ସମାହିତ କରି ଓ ବାହ୍ୟଗାମୀ ଇନ୍ଦ୍ରିୟସମୂହକୁ ପ୍ରତ୍ୟାହାର କରି ପରମେଶ୍ୱରଙ୍କୁ ଧ୍ୟାନ କରିବା ଉଚିତ- ଏହି ଚିନ୍ତା ତା'ର ମନରେ ଉଦ୍ରେକ ହୁଏ ନାହିଁ । ସେ ଭକ୍ତି, ଏକାଗ୍ରତା ଓ ଧ୍ୟାନରେ ବିଶ୍ୱାସ କରେ ନାହିଁ । ଯଦିଓ ସେ ପ୍ରତି ରାତ୍ରିରେ ଆତ୍ମାର ଆନନ୍ଦ ଉପଭୋଗ କରେ ତଥାପି ସେ କଳ୍ପନା କରିପାରେ ନାହିଁ ଯେ ବିଶୁଦ୍ଧ ଅମିଶ୍ରିତ ସୁଖ ବାହ୍ୟବସ୍ତୁ ଉପରେ ନିର୍ଭର କରେ ନାହିଁ । ସେ ନିର୍ବୋଧ ଭାବେ ଚିନ୍ତା କରେ : "ଯଦି ମୋର ପୁତ୍ରଲାଭ ହୁଏ ଅବା ଯଦି ମୁଁ ଏକ ଉଦ୍ୟାନର ବିକାଶ କରେ, ମୁଁ ସୁଖୀ ହେବି ।" ମନର ପ୍ରବୃତ୍ତି ଏପରି ଯେ ଏହା ବାହ୍ୟ ବିନାଶଶୀଳ ବସ୍ତୁରେ ସୁଖ ଅନ୍ୱେଷଣ କରେ । ଏହା ଅବିଦ୍ୟାର ଶକ୍ତିଯୋଗୁ ସମ୍ଭବ ହୋଇଥାଏ ।

କିନ୍ତୁ ଭକ୍ତଙ୍କୁ ପ୍ରଭୁଙ୍କର କୃପା ମିଳିଥାଏ । ତାଙ୍କର ବୁଦ୍ଧି ଶାନ୍ତ ଏବଂ ସମାହିତ ରହେ । ସମସ୍ତ ବାହ୍ୟଗାମୀ ଶକ୍ତି ଆଧ୍ୟାତ୍ମିକ ଶକ୍ତିରେ ପରିବର୍ତ୍ତିତ ହୋଇଥାଏ । ସେ ମନ୍ତ୍ରଶକ୍ତି, ସାଧନାଶକ୍ତି ଏବଂ ଉପାସନା ଶକ୍ତିରୁ ସହାୟତା ଲାଭ କରିଥାଆନ୍ତି । ପ୍ରଭୁଙ୍କର ଚରଣକମଳରୁ ତାଙ୍କର ମାନସକୁ ସତ୍ତ୍ୱ ପ୍ରବାହିତ ହୋଇଥାଏ । ସମସ୍ତ ବାସନା ଦୂର ହୁଏ । ବିକ୍ଷେପ ଶକ୍ତି ବିନାଶ ହୁଏ । ତାଙ୍କର ଦୃଢ଼ ତଥା ଅବିଚଳିତ ବିଶ୍ୱାସ ହୁଏ ଯେ ବାସ୍ତବ ସୁଖ କେବଳ ପରମେଶ୍ୱରଙ୍କଠାରେ ନିହିତ ଥାଏ । ତାଙ୍କର ମନ ସର୍ବଦା ଅନ୍ତର୍ମୁଖୀ ରହେ । ଏହି ଅନ୍ତର୍ମୁଖୀ ବୃତ୍ତି ଯୋଗୁ ଇନ୍ଦ୍ରିୟ ସମୂହ ଏଣେତେଣେ ବିଭ୍ରାନ୍ତ ହୁଅନ୍ତି ନାହିଁ । ମନ ଶାନ୍ତ ରହେ ଏବଂ ଭଗବାନଙ୍କ ଠାରେ ନିମଗ୍ନ ରହେ । ସେ ଶାନ୍ତି ଏବଂ ସୁଖ ଉପଭୋଗ କରନ୍ତି । ଈଶ୍ୱରଙ୍କର ଆନନ୍ଦରେ ସେ ନିମଜ୍ଜିତ ରହନ୍ତି । ତେଣୁ ସେ ଘୋର ବିପଦ ଓ ବିଘ୍ନ ମଧ୍ୟରେ ମଧ୍ୟ ଅବିଚଳିତ ରହନ୍ତି । ତେଣୁ ମହର୍ଷି ନାରଦ 'ସ୍ତବ୍‌ଧୋବେତି' ରୂପେ ଏହି ସ୍ଥିତିକୁ ବର୍ଣ୍ଣନା କରିଛନ୍ତି । ଭକ୍ତ ଶାନ୍ତ ରହନ୍ତି ଓ "ଆତ୍ମାରାମ ଭବତି" (ଆତ୍ମାନନ୍ଦରେ ସୁଖୀ ରହନ୍ତି) ।

ଭକ୍ତ ଦିବ୍ୟ ଆକର୍ଷଣ ଲାଭ କରନ୍ତି । ଗୌରାଙ୍ଗ ମହାପ୍ରଭୁ ପ୍ରେମର ଦିବ୍ୟାମୃତରେ ଏତେ ଆସକ୍ତ ଥିଲେ ଯେ, ରାତ୍ରି ବା ପ୍ରଭାତ ହେଲେ ମଧ୍ୟ ସେ ଜାଣିପାରୁ ନଥିଲେ । ଯୁବତୀରାଣୀ ଥିଲେ ମଧ୍ୟ ମୀରା ତାଙ୍କର କୃଷ୍ଣ ପ୍ରେମର ନିଶାରେ ଅଭିଭୂତ ହୋଇ ରାସ୍ତାରେ ପୁରୁଷ ଏବଂ ନିଚ୍ଚସ୍ତରର ଲୋକଙ୍କ ସହ ନୃତ୍ୟରେ ବିଭୋର ରହୁଥିଲେ । ଶ୍ରୀ ରାମକୃଷ୍ଣ ପରମହଂସ ଭକ୍ତିର ଦିବ୍ୟ ମାଦକତାରେ ନିମଗ୍ନ ରହି ଖାଦ୍ୟ ବିନା ଚାରିଦିନ ଘଞ୍ଚ ଅରଣ୍ୟ ମଧ୍ୟରେ ଅତିବାହିତ କରିଥିଲେ । ଏହି ଦିବ୍ୟମାଦକତାର ସ୍ୱଭାବକୁ ଭାଷାରେ ବର୍ଣ୍ଣନା କରିହେବ ନାହିଁ । କେବଳ ଜଣେ ଭକ୍ତ ହିଁ ଏହି ଭାବକୁ ଅନୁଭବ କରିପାରିବେ । ସ୍ୱଳ୍ପ ମାଦକତା ଥିଲେ ମଧ୍ୟ ଜୀବନ-ସଂଗ୍ରାମର ବିପର୍ଯ୍ୟୟକୁ ସମ୍ମୁଖୀନ ହେବାରେ ଏହା ପ୍ରଚଣ୍ଡ ଶକ୍ତି ପ୍ରଦାନ କରିବ । ସୁତରାଂ ନାରଦ କହନ୍ତି, ''ମତ୍ତୋ ଭବତି'' ।

❑❑❑

ତ୍ୟାଗ

ସୂତ୍ର–୭

ସା ନ କାମୟମାନା ନିରୋଧରୂପତ୍ୱାତ୍ । ୭ ।

ଅର୍ଥ– ଭକ୍ତି (ପରମ ପ୍ରେମ) କାମନାର ସ୍ୱରୂପ ନୁହେଁ । କାରଣ ଏହା ତ୍ୟାଗର ଏକ ରୂପ ।

ଶବ୍ଦାର୍ଥ– ସା- ଏହା (ସୂତ୍ର ୨ ରେ ଭକ୍ତିକୁ ପରମ ପ୍ରେମ ରୂପା ଭାବେ ବର୍ଣ୍ଣନା କରାଯାଇଛି) । ନ- ନୁହେଁ, କାମୟମାନା- କାମନାର ସ୍ୱରୂପ, ନିରୋଧ ରୂପ ତ୍ୱାତ୍- ତ୍ୟାଗର ସ୍ୱରୂପ ।

ବ୍ୟାଖ୍ୟା– ଭକ୍ତି ସାଂସାରିକ କାମନା ନୁହେଁ । ଯେଉଁ ମୁହୂର୍ତ୍ତରେ ଭକ୍ତି ଉଦୟ ହୁଏ, ସମସ୍ତ ବାସନା ଅନ୍ତର୍ଦ୍ଧାନ ହୋଇଯାଏ । ଭକ୍ତ ଭଗବାନଙ୍କଠାରୁ କୌଣସି ପୁରସ୍କାର ଆଶା କରନ୍ତି ନାହିଁ । ସେ ପ୍ରଭୁଙ୍କୁ ନିଷ୍କାମ ପ୍ରେମ କରନ୍ତି ।

ସ୍ୱଲାଭ ନିମିତ୍ତ ନିଶ୍ଚିତ ରୂପେ ପ୍ରଭୁ–ଭକ୍ତି ଉଦ୍ଦିଷ୍ଟ ନୁହେଁ । ଭକ୍ତିର ଆଧାର ଆତ୍ମସଂଯମ ଅଟେ । ପ୍ରେମ ଭକ୍ତିର ନିର୍ଯ୍ୟାସ ହେଉଛି ତ୍ୟାଗ । ଦିବ୍ୟପ୍ରେମରେ ବାସନାର ସଂକେତ ନଥାଏ ।

ଭକ୍ତି କାମନା ଦ୍ୱାରା ପରିଚାଳିତ ନୁହେଁ କାରଣ ଏହା ସମସ୍ତ କାମନାର ବିନାଶର ପରିପ୍ରକାଶ । ସମସ୍ତ କାମନାର ନିବୃତ୍ତି ସମସ୍ତ କର୍ମର ଅନ୍ତ ନୁହେଁ ।

କୌଣସି ପ୍ରକାର କାମନା ସହ ଭକ୍ତିର ସହବସ୍ଥାନ ହୋଇପାରିବ ନାହିଁ । ଏପରିକି ମୋକ୍ଷର ଇଚ୍ଛା ସହ ଭକ୍ତି ତିଷ୍ଠି ପାରିବ ନାହିଁ । ଭକ୍ତ ଭଗବାନଙ୍କୁ ଚାହାନ୍ତି । ୫ ପ୍ରକାରର ମୁକ୍ତିର ବର ପ୍ରଦାନ କଲେ ମଧ୍ୟ ଭକ୍ତ ତାହା ଗ୍ରହଣ କରନ୍ତି ନାହିଁ ।

କାମୟମାନା

ଏହା ଅର୍ଥ ହେଉଛି କାମର ସ୍ୱରୂପ । କାମ କେବଳ ଯୌନ କାମନା ନୁହେଁ କିନ୍ତୁ ସାଧାରଣ ବାସନା । କୌଣସି ସ୍ୱାର୍ଥାନ୍ୱେଷୀ ଉଦ୍ଦେଶ୍ୟ ରଖି ଭକ୍ତିଯୋଗର

ଅଭ୍ୟାସ କରାଯାଏ ନାହିଁ । ଭକ୍ତ ସମୃଦ୍ଧି, କ୍ଷମତା କିମ୍ୱା ଦୁଃଖ ଯନ୍ତ୍ରଣାରୁ ମୁକ୍ତି ମଧ୍ୟ ଚାହାନ୍ତି ନାହିଁ । ଭକ୍ତି ବା ଦିବ୍ୟପ୍ରେମର ଆଧାର ହେଉଛି ଆତ୍ମତ୍ୟାଗ ।

କାମନା ଭକ୍ତିର ବିକାଶରେ ବାଧକ ହୋଇଥାଏ । ସାଂସାରିକ କାମନାର ତ୍ୟାଗ କଲେ ପ୍ରଭୁଙ୍କ ପ୍ରତିଭକ୍ତି ଅଭିବୃଦ୍ଧି ହୋଇଥାଏ ।

ମନୋସ୍ତତ୍ତ୍ୱବିତ୍‌ଗଣ ନିର୍ବୋଧତା ସହ କଳ୍ପନା କରନ୍ତି ଯେ ଆଧ୍ୟାତ୍ମିକ ଅଭିଜ୍ଞତା ଯୌନ ଭାବରୁ ପ୍ରାରମ୍ଭ ହୋଇଥାଏ । ଏହା ଏକ ଭୟଙ୍କର ଭ୍ରାନ୍ତି । ପ୍ରକୃତରେ ଭକ୍ତି ଶୁଦ୍ଧ ଏବଂ ଦିବ୍ୟ ।

ଏହା ଯୌନ ଅଭିଜ୍ଞତାର ଦମନ ନୁହେଁ ।

ଆଧ୍ୟାତ୍ମିକ ସାଧକଙ୍କର ବ୍ରହ୍ମଚର୍ଯ୍ୟ ଦମନ ବା ନିରୋଧ ଉପରେ ପ୍ରତିଷ୍ଠିତ ନୁହେଁ । ଭକ୍ତି ମାଧ୍ୟମରେ ଯୌନ ଶକ୍ତି ଓଜ ବା ଆଧ୍ୟାତ୍ମିକ ଶକ୍ତିରେ ପରିବର୍ତ୍ତିତ ହୁଏ ଯାହାକି ଦିବ୍ୟ ମନନ ନିମିତ୍ତ ବ୍ୟବହୃତ ହୁଏ ।

ପ୍ରହ୍ଲାଦ, ଧ୍ରୁବ, ନଚିକେତା ଆଦି ସାଧକଗଣ ତରୁଣ ଅବସ୍ଥାରୁ ଆଧ୍ୟାତ୍ମିକ ଜ୍ଞାନାଲୋକର ଲକ୍ଷଣ ପ୍ରଦର୍ଶନ କରିଥିଲେ ।

କାମନା ହେଉଛି ଶାନ୍ତିର ଶତ୍ରୁ । କାମନା ମଧ୍ୟ ଭକ୍ତିର ଶତ୍ରୁ । ତ୍ୟାଗ ବିନା ହୃଦୟରେ ଭକ୍ତିର ବିକାଶ କରିହେବ ନାହିଁ । ବିଷୟ-ଆସକ୍ତି (ଇନ୍ଦ୍ରିୟ ଉପଭୋଗ ପ୍ରତି ଆସକ୍ତି) ଭକ୍ତିର ବିକାଶରେ ସର୍ବଶ୍ରେଷ୍ଠ ବିଘ୍ନ ରୂପେ ଦେଖାଦିଏ । ଶକ୍ତିର ଅପଚୟ ହୋଇଥାଏ । ଫଳରେ ଆଧ୍ୟାତ୍ମିକ ସାଧନାରେ କୌଣସି ବିକାଶ ହୋଇପାରେ ନାହିଁ । ଭକ୍ତ ସର୍ବଦା ଅଭିଯୋଗ କରନ୍ତି- "ମୁଁ ଭକ୍ତି ମାର୍ଗରେ କିଛି ମଧ୍ୟ ଉପଲବ୍ଧି କରିପାରିନାହିଁ । ମୋର ମନ ପୂର୍ବ ସ୍ଥିତିରେ ରହିଛି । ଏହା ସର୍ବଦା ଇନ୍ଦ୍ରିୟ ତୃପ୍ତି ପାଇଁ ଏଣେ ତେଣେ ଭ୍ରମଣ କରୁଛି । ମୁଁ ସର୍ବଦା ଅସ୍ଥିର । କ'ଣ କରାଯାଇପାରିବ ?" କାମନା ଅତ୍ୟନ୍ତ ଶକ୍ତିଶାଳୀ । ଏହା ବିବିଧ ସୂକ୍ଷ୍ମ ରୂପ ଗ୍ରହଣ କରେ । ଜୀବକୁ ସଂସାର ସାଗରରେ ନିକ୍ଷେପ କରିବା ପାଇଁ କାମନାହିଁ ମାୟାର ଅସ୍ତ୍ର । କାମନାର ଅନ୍ତ ନାହିଁ । ଏହା ଅଜେୟ । ଉପଭୋଗ ଦ୍ୱାରା କାମନାର ତୃପ୍ତି ହୁଏ ନାହିଁ । ଯେପରି ଅଗ୍ନିରେ ଘିଅ ଢାଳିଲେ ଅଗ୍ନିର ବୃଦ୍ଧି ହୋଇଥାଏ, ଭୋଗ ଦ୍ୱାରା କାମନା ମଧ୍ୟ ବଳବାନ ହୋଇଥାଏ । ତୁମେ କ'ଣ ମହାଭାରତରେ ରାଜା ଯଯାତିଙ୍କର ଜୀବନ ଚରିତ ଅଧ୍ୟୟନ କରିନାହଁ ? ସେ ତାଙ୍କର ପୁତ୍ର ଠାରୁ ଯୌବନ ଗ୍ରହଣ କରି ହଜାରେ ବର୍ଷଯାଏ ଜୀବନ ଉପଭୋଗ

କଲେ ଏବଂ ଅନ୍ତିମରେ ବିଳାପ କରି କହିଲେ- "ହାୟ, ମୋର କାମନାର ପରିସମାପ୍ତି ହୋଇନାହିଁ । ମୋତେ ସନ୍ତୋଷ ମିଳି ନାହିଁ । ମୋର ହୃଦୟ ତଥାପି ବାସନାର ବହ୍ନିରେ ପ୍ରଜ୍ୱଳିତ ହେଉଛି ।" ଭର୍ତ୍ତୃହରି ଠିକ୍ ରୂପେ ବିଳାପ କରି କହିଥିଲେ : 'ମୁଁ ପତ୍ନୀ ଏବଂ ରାଜ୍ୟ ପରିତ୍ୟାଗ କରିଛି । ମୁଁ ବୃକ୍ଷର ପତ୍ର ଭକ୍ଷଣ କରି ଓ ଜଳପାନ କରି ଜୀବନଯାପନ କରୁଛି । ମୁଁ ତପ କରୁଛି, ତଥାପି କାମନା ମୋତେ ବିଚଳିତ କରୁଛି । ଏହା ହେଉଛି କାମନାର ଶକ୍ତି ।

ଏହି କାରଣର ପ୍ରଭୁ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି- ଜ୍ଞାନକୁ ଆବୃତ କରିଥିବା କାମନା ଜ୍ଞାନୀ ବ୍ୟକ୍ତିଙ୍କର ଚିରଶତ୍ରୁ, ଯାହାକି ଅଗ୍ନିଶିଖାତୁଲ୍ୟ ଅତୃପ୍ତ । ଇନ୍ଦ୍ରିୟଗଣ ଓ ମନ ଏହାର ବାସ ସ୍ଥାନ ରୂପେ କୁହାଯାଏ । ଏହାଦ୍ୱାରା ଜ୍ଞାନ ଆବୃତ ହୋଇ ଶରୀରକୁ ବିଚଳିତ କରେ । ତେଣୁ, ହେ ଭାରତ ଶ୍ରେଷ୍ଠ, ପ୍ରଥମେ ଇନ୍ଦ୍ରିୟଗଣଙ୍କୁ ସଂଯମ କରି ଜ୍ଞାନ ଓ ପ୍ରଜ୍ଞାକୁ ନଷ୍ଟ କରୁଥିବା ଏହି ପାପର ଉତ୍ସକୁ ବିନାଶ କର । ସୁତରାଂ ଆତ୍ମାକୁ ଆତ୍ମା ଦ୍ୱାରା ନିୟନ୍ତ୍ରିତ କର କାରଣ ତାହା ହେତୁ ଠାରୁ ମଧ୍ୟ ଶକ୍ତିଶାଳୀ ବୋଲି ହୃଦୟଙ୍ଗମ କର । ତେଣୁ ଦୁର୍ଜେୟ କାମନା ରୂପକ ଶତ୍ରୁକୁ, ହେ ମହାବୀର, ହତ୍ୟା କର । ଯେତେବେଳେ ମନୁଷ୍ୟ ହୃଦୟର ସମସ୍ତ ବାସନା ପରିହାର କରି ଆତ୍ମାଦ୍ୱାରା ତୃପ୍ତ ହୁଏ ତାଙ୍କୁ ସ୍ଥିତ-ପ୍ରଜ୍ଞ କୁହାଯାଏ । (ଗୀତା ୩-୩୯-୪୧, ୪୮, ୧୧-୫୫)

ପ୍ରଥମେ ଆସକ୍ତିକୁ ବିନାଶ କର । ସ୍ୱୟଂ କାମନାର ବିନାଶ ହେବ । ଅନ୍ତିମରେ ଅନୁରାଗର ମଧ୍ୟ ବିଲୋପ ହୁଏ ଯେତେବେଳେ ବାହ୍ୟବସ୍ତୁ ପ୍ରତି ଆକର୍ଷଣର ବିରତି ହୁଏ । ତଥାପି ତୃଷ୍ଣା ବା ବସ୍ତୁପ୍ରାପ୍ତିର ଇଚ୍ଛା ରହିଥାଏ । ଏହା ଭକ୍ତିର ସର୍ବାଧିକ ବିପଦପୂର୍ଣ୍ଣ ଶତ୍ରୁ । ଯେତେବେଳେ ବାହ୍ୟ ତଥା ଅନ୍ତର୍ନିହିତ ବସ୍ତୁ ପ୍ରତି ଆକର୍ଷଣର ବିରତି ହୁଏ, ତେବେ ଏହାକୁ ମୁକ୍ତ-ତୃଷ୍ଣା କୁହାଯାଏ । କେବଳ ଆନ୍ତରିକ ଚିନ୍ତା ଯେ, ଏପରି ବସ୍ତୁ ସବୁ ମୋତେ ମିଳିବା ଉଚିତ- ଏହିଭାବ ରହିଯାଏ ତାକୁ ତୃଷ୍ଣା ଅଭିହିତ କରାଯାଏ । ତୃଷ୍ଣାର ଏହି ବଳିଷ୍ଠ ବନ୍ଧନରୁ ମୁକ୍ତ ନ ହେଲେ, ତୁମର ଭକ୍ତିର ବିକାଶ ହୋଇପାରିବ ନାହିଁ । ସୁତରାଂ ତୃଷ୍ଣା-ତନ୍ତୁ (ଇନ୍ଦ୍ରିୟ ଲାଳସାର ସୂତା)କୁ ବୈରାଗ୍ୟ ରୂପୀ ଖଡ୍ଗ ଦ୍ୱାରା କାଟି ପକାଅ । ଏହା ହେଉଛି ନିରୋଧ ବା କାମନାର ନିୟନ୍ତ୍ରଣ ।

ସୂତ୍ର-୮

ନିରୋଧସ୍ତୁ ଲୋକବେଦ ବ୍ୟାପାରନ୍ୟାସଃ ।

ଅର୍ଥ- ଅନ୍ୟ ପକ୍ଷରେ କାମନାର ନିୟନ୍ତ୍ରଣ ଅର୍ଥ ସମସ୍ତ ସାଂସାରିକ ଓ ଶାସ୍ତ୍ରୀୟ କର୍ମର ପ୍ରଭୁଙ୍କୁ ଅର୍ପଣ ।

ଶବ୍ଦାର୍ଥ- ନିରୋଧ-କାମନାର ନିବୃତ୍ତି, ତୁ- ପକ୍ଷାନ୍ତରେ, ଲୋକବେଦ ବ୍ୟାପାରସ୍ୟ- ସାଂସାରିକ ଓ ଶାସ୍ତ୍ରୀୟ କର୍ମ, ନ୍ୟାସ- ପ୍ରଭୁଙ୍କୁ ଅର୍ପଣ ।

ବ୍ୟାଖ୍ୟା- କାମନାର ନିୟନ୍ତ୍ରଣ ଅର୍ଥ କାମନା ସହ ପ୍ରବଳ ସଂଗ୍ରାମ ନୁହେଁ । କାମନା ସହ ଯେତେ ଅଧିକ ସଂଘର୍ଷ କରିବ, ତାହା ସେତେ ଅଧିକ ବଳିଷ୍ଠ ଓ ପ୍ରବଳ ହୋଇଯିବ । ତେଣୁ ବାସନାର ଅଗ୍ନିରେ ଅଧିକ ଇନ୍ଧନ ପ୍ରଦାନ କର ନାହିଁ । ନିଜର କର୍ମସମୂହ ହ୍ରାସ କର । ବୈରାଗ୍ୟର ଅଭିବୃଦ୍ଧି କର । ବିବେକର ପ୍ରୟୋଗ କରିବାକୁ ଶିଖ । ପ୍ରାର୍ଥନା କର । ଭଜନ ଗାନ କର । ଜପ କର । କ୍ରମଶଃ କାମନାସମୂହର ଶକ୍ତି ହ୍ରାସ ହେବ ।

ଯେତେବେଳେ ଦିବ୍ୟପ୍ରେମର ଅଭିବୃଦ୍ଧି ହୁଏ, କର୍ମର ବୈରାଗ୍ୟ ସ୍ୱୟଂ ଆସେ । ଭକ୍ତ ଭଗବାନଙ୍କର ମାଦକତା ଅନୁଭବ କରନ୍ତି । ସେ ତାଙ୍କର ପ୍ରେମାସ୍ପଦ ପ୍ରଭୁଙ୍କ ବ୍ୟତୀତ ଅନ୍ୟକିଛି ଜାଣନ୍ତି ନାହିଁ । ତାଙ୍କର ମନ ସର୍ବଦା ତାଙ୍କ ପ୍ରଭୁଙ୍କର ରୂପରେ ସ୍ଥିର ହୋଇଥାଏ । ବେଦ ବା ସ୍ମୃତିରେ ପ୍ରଦତ୍ତ କର୍ମ ସମ୍ପାଦନ କରିବାକୁ ଭକ୍ତ ସମର୍ଥ ହୁଅନ୍ତି ନାହିଁ । ସମସ୍ତ କର୍ମ ସ୍ୱୟଂ ତାଙ୍କୁ ପରିହାର କରନ୍ତି ।

ଭକ୍ତ ଭଗବାନଙ୍କ ବ୍ୟତୀତ ଆଉକିଛି ଦର୍ଶନ କରିପାରନ୍ତି ନାହିଁ । ସେ ଭଗବାନଙ୍କ ବ୍ୟତୀତ ଅନ୍ୟ କୌଣସି ବିଷୟରେ ବାର୍ତ୍ତାଳାପ କରନ୍ତି ନାହିଁ । ସେ କୌଣସି ବିଷୟ ଶୁଣନ୍ତି ନାହିଁ । ତାଙ୍କର କୌଣସି କାମନା ବା ଲାଳସା ନଥାଏ । ବେଳେବେଳେ ତାଙ୍କ ସ୍ୱର ବାଷ୍ପାରୁଦ୍ଧ ହୁଏ । ସେ ନୀରବରେ ଉପବେଶନ କରନ୍ତି । ଏପରି ସମୟରେ ସେ କିପରି କର୍ମ ସମ୍ପାଦନ କରିପାରିବେ ?

ନିରୋଧ

ଏଠାରେ 'ନିରୋଧ' ଶବ୍ଦ ଆତ୍ମନିୟନ୍ତ୍ରଣ ଅର୍ଥରେ ବ୍ୟବହୃତ ହୋଇନାହିଁ । ଏହା ଏକ ବିଶେଷ ଅର୍ଥରେ ବ୍ୟବହୃତ ହୋଇଛି । ନିରୋଧର ଅର୍ଥ ଏଠାରେ ତ୍ୟାଗ ଅବା ଉତ୍ସର୍ଗ ଅର୍ଥରେ ବ୍ୟବହୃତ ହୋଇଛି ।

ଲୋକ ବେଦ ବ୍ୟାପାର

ସାଂସାରିକ କର୍ମ ଏବଂ ଶାସ୍ତ୍ରୀୟ କର୍ତ୍ତବ୍ୟର ତ୍ୟାଗ, ଅର୍ଥ ସେ ସମସ୍ତ କର୍ମର ପରିହାର ନୁହେଁ କିନ୍ତୁ ଅହଂକାର, ସ୍ୱାର୍ଥପରତା ଏବଂ କର୍ମଫଳ ପ୍ରତି ଆସକ୍ତି ଓ ଲାଳସାର ପରିହାର ଅର୍ଥରେ ବ୍ୟବହୃତ ହୋଇଛି । କର୍ମସମୂହର ସଂପୂର୍ଣ୍ଣ ବିରତି

ସମ୍ଭବ ନୁହେଁ । କର୍ମସମୂହକୁ ସମର୍ପଣ ବା ଈଶ୍ୱରକୁ ଉତ୍ସର୍ଗ କରି ଜୀବାତ୍ମା ପ୍ରଭୁଙ୍କଠାରେ ସଂପୂର୍ଣ୍ଣ ରୂପେ ଆତ୍ମ-ସମର୍ପଣ କରିଥାଆନ୍ତି ।

ଏପରିକି ଜଣେ ଈଶ୍ୱର ଉପଲବ୍ଧି କରିଥିବା ଭକ୍ତଙ୍କ ପକ୍ଷରେ ଆଧ୍ୟାତ୍ମିକ ଓ ସାଂସାରିକ କର୍ତ୍ତବ୍ୟର ପାର୍ଥକ୍ୟ ଦୂର ହୋଇଥାଏ । ତାଙ୍କ ନିମିତ୍ତ ପ୍ରତ୍ୟେକ କର୍ମ ପବିତ୍ର । ପ୍ରତ୍ୟେକ କର୍ମ ପ୍ରଭୁଙ୍କ ପ୍ରତି ପବିତ୍ର ଅର୍ପଣ । ପ୍ରତ୍ୟେକ କର୍ମ ତାଙ୍କ ପାଇଁ ଭଗବାନଙ୍କ ପ୍ରତି ପ୍ରେମର ପରିପ୍ରକାଶ ।

ପ୍ରଭୁଙ୍କ ପ୍ରତି ସଂପୂର୍ଣ୍ଣ ସମର୍ପଣ ଭାବ ଭକ୍ତଙ୍କୁ ସମାଧି ସ୍ଥିତି ଅବା ପ୍ରଭୁଙ୍କ ସହ ଏକତ୍ୱ ଭାବରେ ଉପନୀତ କରିଥାଏ ।

ସାଂସାରିକ ସ୍ୱଭାବର ଜଣେ ବ୍ୟକ୍ତି ଫଳ ଆଶା ନ ରଖି କର୍ମର ସମ୍ପାଦନ କରିପାରେ ନାହିଁ । ସ୍ୱର୍ଗଲାଭ କରି ସେ ସ୍ୱକର୍ମର ଫଳ ଉପଭୋଗ କରେ । ଯେତେବେଳେ ତା'ର ପୁଣ୍ୟର କ୍ଷୟ ହୁଏ, ସେ ପୁଣି ମୃତ୍ୟୁଲୋକଙ୍କୁ ଫେରିଆସେ । ସେ ପୁଣି ପୁଣ୍ୟ ଓ ପାପ କର୍ମ କରେ । ଫଳରେ ସେ ଅସୀମ ସଂସାର ଚକ୍ରରେ ବା ଅବଗମନ ଚକ୍ରରେ ପଡିଯାଏ । ସୁତରାଂ ବେଦ, ଋଷିଗଣ ଓ ଦିବ୍ୟଦ୍ରଷ୍ଟାଗଣ ଉପଦେଶ ଦିଅନ୍ତି ଯେ ଫଳ ଆଶା ନରଖି କର୍ମ ସଂପାଦନ କରିବା ଉଚିତ ଏବଂ ତାହା ଈଶ୍ୱରଙ୍କୁ ସମର୍ପଣ କରିବା ବିଧେୟ । ତେବେ ହୃଦୟ ଶୁଦ୍ଧ ହେବ ଏବଂ ଭକ୍ତିର ବିକାଶ ହେବ । ସେହି କାରଣରୁ ପ୍ରଭୁ କୃଷ୍ଣ ଅର୍ଜୁନଙ୍କୁ ଉପଦେଶ ଦେଇଛନ୍ତି "ତୁମେ ଯାହା କରୁଛ, ଯାହା କିଛି ଭୋଜନ କରୁଛ, ଯାହା କିଛି ଦାନ କରୁଛ, ଯାହା କିଛି ତପ କରୁଛ, ହେ କୌନ୍ତେୟ, ତାହା ମୋତେ ଅର୍ପଣ କର" (ଗୀତା ୯/୨୭) । ରାଜଯୋଗ ଦର୍ଶନର ବ୍ୟାଖ୍ୟାକାର ପତଞ୍ଜଳି ମହର୍ଷି ମଧ୍ୟ କହନ୍ତି : ଈଶ୍ୱର ପ୍ରଣିଧାନାଦ୍ୱା ଯୋଗ ଅଭ୍ୟାସରେ ସଫଳତା ଏବଂ ସମାଧି ଲାଭ କର୍ମର ଫଳ ଈଶ୍ୱରଙ୍କ ଚରଣ କମଳରେ ଅର୍ପଣ କଲେ, ଭକ୍ତି ସମ୍ଭବ ହୋଇପାରିବ । କ୍ରିୟା ଯୋଗ ଏବଂ ନିୟମରେ ଈଶ୍ୱର ପ୍ରଣିଧାନ ଏକ ମହତ୍ତ୍ୱପୂର୍ଣ୍ଣ ବିଷୟ ।

ଆତ୍ମସମର୍ପଣ ମାର୍ଗରେ ଅହଙ୍କାର, ଅଭିଳାଷ ଏବଂ ବାସନା ବିଘ୍ନ ରୂପେ ପରିଦୃଷ୍ଟ ହୋଇଥାଆନ୍ତି । ସୂକ୍ଷ୍ମ ତଥା ପ୍ରଚ୍ଛନ୍ନ ବାସନା ମାନସ ପଟଳରେ ଦେଖା ଦେଇଥାଆନ୍ତି । ସାଧକ ସାବଧାନ ନହେଲେ କିମ୍ବା ଆଧ୍ୟାତ୍ମିକ ସାଧନା ଓ ବୈରାଗ୍ୟ କ୍ଷୀଣ ହେଲେ ତଥା ସାଂସାରିକ ମନୋଭାବ ସମ୍ପନ୍ନ ବ୍ୟକ୍ତିମାନଙ୍କ

ସହ ମିଶିଲେ ଅବଦମିତ ବାସନା ଦ୍ୱିଗୁଣ ଶକ୍ତିସହ ପୁନର୍ବାର ପରିଦୃଷ୍ଟ ହେବ । ସାଧାରଣତଃ ସଚେତନ ବା ଅଚେତନ ଭାବରେ ଜ୍ଞାତସାରରେ ବା ଅଜ୍ଞାତରେ ସାଧକଙ୍କ ମନରେ ପୂର୍ଣ୍ଣ ହେବା ନିମନ୍ତେ କିଛି ବାସନା ରହିଯାଇଥାଏ । ସେହି ବାସନା ସମୂହକୁ ସଂପୂର୍ଣ୍ଣ ରୂପେ ପରିହାର କରିବାକୁ ସେ ଚାହାନ୍ତି ନାହିଁ । ସୁତରାଂ ଆତ୍ମ-ସମର୍ପଣ ଅସଂରକ୍ଷିତ ଏବଂ ପୂର୍ଣ୍ଣ ହୋଇପାରେ ନାହିଁ । ଫଳରେ ପ୍ରଭୁଙ୍କର କୃପା ଲାଭ ହୁଏ ନାହିଁ । ଯଦି ବାସନା ବା ଅହଂକାରର ଅଣୁଟିଏ ମଧ୍ୟ ରହିଯାଇଥାଏ, ଦିବ୍ୟ କୃପା ଲାଭର ସମ୍ଭାବନା ରହେ ନାହିଁ । ମୀରା କହନ୍ତି, "ମୁଁ ମୋର ମନ, ମୋର ହୃଦୟ, ମୋର ଆତ୍ମା, ମୋର ଚିତ୍ତ, ମୋର ବୁଦ୍ଧି ଏବଂ ମୋର ସବୁକିଛି ମୋର ପ୍ରିୟତମ ଗିରିଧର ଗୋପାଳଙ୍କୁ ଅର୍ପଣ କରୁଛି ।" ଏହା ହେଉଛି ସଂପୂର୍ଣ୍ଣ ଆତ୍ମ-ସମର୍ପଣ । "ମୋର ସବୁକିଛି" ପ୍ରତି ଦୃଷ୍ଟି ଦିଅ । ଭକ୍ତ ଯେତେ ପ୍ରଭୁଙ୍କ ପ୍ରତି ସମ୍ପୂର୍ଣ୍ଣ ଏବଂ ଅକୁଣ୍ଠ ସମର୍ପଣ କରନ୍ତି, ପ୍ରଭୁ ଭକ୍ତଙ୍କର କ୍ରିତଦାସ ହୋଇଯାଆନ୍ତି । ଭଗବାନ ଅତ୍ୟନ୍ତ ନିର୍ଦ୍ଦୟ ଏବଂ ତାଙ୍କର ଭକ୍ତଙ୍କୁ କଠୋର ପରୀକ୍ଷା କରନ୍ତି । କେବଳ ଯେତେବେଳେ ସୁରଦାସ ସ୍ୱଚକ୍ଷୁକୁ କଣ୍ଟା ଦ୍ୱାରା ବିଦ୍ଧ କଲେ ଏବଂ ଖାଦ୍ୟ ଓ ଜଳ ବିନା ଘଞ୍ଚ ଅରଣ୍ୟରେ ରହିଲେ, ପ୍ରଭୁ କୃଷ୍ଣ ମିଷ୍ଟାନ୍ନ ଓ ଜଳ ନେଇ ତାଙ୍କ ସମ୍ମୁଖରେ ଆବିର୍ଭାବ ହେଲେ । ଯେତେବେଳ ଯାଏ ଦ୍ରୌପଦୀ ନିଜ ବଳ ଉପରେ ନିର୍ଭର କରିଥିଲେ ଏବଂ ତାଙ୍କଠାରେ ଅହଂକାରର ଚିହ୍ନ ଥିଲା, ଶ୍ରୀକୃଷ୍ଣ ଦ୍ରୌପଦୀଙ୍କର ଆକୁଳ ନିବେଦନ ଶୁଣି ନଥିଲେ । ଯେତେବେଳେ ସେ ସମ୍ପୂର୍ଣ୍ଣ ଆନ୍ତରିକତା ସହ ଏବଂ ସଂପୂର୍ଣ୍ଣ ସମର୍ପଣ ଭାବ ମାଧ୍ୟମରେ ଉଚ୍ଚସ୍ୱରରେ ବିଳାପ କଲେ : ହେ ଦ୍ୱାରକାନାଥ, ମୋର ପ୍ରିୟତମ, ମୋତେ ରକ୍ଷା କର ।" ସେତେବେଳେ ସେ ସେଠାକୁ ଦୌଡ଼ିଗଲେ ଏବଂ ଦ୍ରୌପଦୀଙ୍କୁ ପ୍ରଭୂତ ବସ୍ତ୍ର ପ୍ରଦାନ କଲେ । ଫଳରେ ତାଙ୍କର ଲଜ୍ଜା ନିବାରଣ ହେଲା । "ନ୍ୟାସ"ର ଅର୍ଥ ହେଉଛି ତ୍ୟାଗ । ଏହା ମନରେ ନିରୋଧ ଥିବା ନିୟନ୍ତ୍ରଣ ଶବ୍ଦ ମନେପକାଅ । ଏହା ହେଉଛି କର୍ମଫଳର ଆଶା ତ୍ୟାଗ । ଅହଂକାରର ତ୍ୟାଗ ବା ସର୍ବତ୍ୟାଗ ହିଁ ପ୍ରକୃତରେ ଶ୍ରେଷ୍ଠ ତ୍ୟାଗ । ସମସ୍ତ ବାସନା, ସ୍ୱାର୍ଥପରତା, ରାଗ-ଦ୍ୱେଷ, ଶରୀରଭାବ, ଦେହ ଅଭିମାନ- ଏସବୁ ଅହଂକାର ଉପରେ ନିର୍ଭର କରେ । ଅହଂକାର ରୂପୀ ଆଧାରରେ ଏସବୁ କେନ୍ଦ୍ରିତ ହୋଇଛି ।

ଅହଂକାରର ବିନାଶ କର । ତେବେ ହିଁ ଆତ୍ମସମର୍ପଣ ସଂପୂର୍ଣ୍ଣ ହୁଏ । ଅହଂକାରର କ୍ଷୁଦ୍ର କଣା ବା ଆଭାସ ରହିଲେ ପ୍ରଭୁଙ୍କର ପରିପ୍ରକାଶ ହେବ ନାହିଁ ।

ସୂତ୍ର-୯

ତସ୍ମିନନନ୍ୟତା ତଦ୍‌ବିରୋଧିଷୂଦାସୀନତା ଚ ।

ଅର୍ଥ- (ନିରୋଧ ଅର୍ଥ ମଧ୍ୟ) ପ୍ରଭୁଙ୍କ ପ୍ରତି ଅନନ୍ୟ ଭକ୍ତି ଏବଂ ତାଙ୍କର ବିରୁଦ୍ଧ କରୁଥିବା ସମସ୍ତଙ୍କ ପ୍ରତି ଉଦାସୀନତା ।

ଶବ୍ଦାର୍ଥ- ତସ୍ମିନ୍- ତାଙ୍କଠାରେ, ଅନନ୍ୟତା- ସଂପୂର୍ଣ୍ଣ ଏକତ୍ୱ, ତଦ୍‌ବିରୋଧିଷୁ- ତାଙ୍କର ବିରୋଧି ପ୍ରତି । ଉଦାସୀନତା- ଆଗ୍ରହଶୂନ୍ୟତା, ଚ- ଏବଂ ।

ଅନନ୍ୟତା- ଭକ୍ତିରେ ଅନନ୍ୟତା ଏକ ମହତ୍ୱପୂର୍ଣ୍ଣ ଉପାଦାନ । ସବୁକିଛି ପ୍ରଭୁଙ୍କୁ ସମର୍ପଣ କର । ପ୍ରତ୍ୟେକ କର୍ମକୁ ଈଶ୍ୱର-ଅର୍ପଣ ରୂପେ ସମ୍ପାଦନ କର । ପ୍ରଭୁଙ୍କଠାରେ ସମ୍ପୂର୍ଣ୍ଣ ଆତ୍ମସମର୍ପଣ ଭାବର ଅଭ୍ୟାସ କର । ଯେତେବେଳେ ତୁମେ ତୁମର ମନ, ଅହଂକାର ଓ ଶରୀର ପ୍ରଭୁଙ୍କୁ ସମର୍ପଣ କରିବ, ତୁମେ ପ୍ରଭୁଙ୍କ ସହ ଏକତ୍ୱ ଅନୁଭବ କରିବ ।

ଜଣେ ଭକ୍ତ ଉପଲବ୍ଧି କରନ୍ତି ଯେ କେବଳ ପ୍ରଭୁ ହିଁ ତାଙ୍କୁ ବୁଦ୍ଧି ଓ ସୁଯୋଗ ଇତ୍ୟାଦି ପ୍ରଦାନ କରିଛନ୍ତି । ସେ ନିଜର କୌଣସି ଶ୍ରେୟ ବା କୃତିତ୍ୱ ଭାବ ପୋଷଣ କରନ୍ତି ନାହିଁ । ସେ ସବୁକିଛି ପ୍ରଭୁଙ୍କ କୃପା ମନେକରନ୍ତି ।

ଜଣେ ସାଂସାରିକ ବ୍ୟକ୍ତି ଏସବୁ ଭୁଲିଯାଆନ୍ତି ଏବଂ ପ୍ରତିପଦକ୍ଷେପରେ ନିଜର ଅହଂକାର ତଥା କର୍ତ୍ତାଭାବ ପୋଷଣ କରିଥାଆନ୍ତି ।

ତୁମର ବାସ୍ତବିକ ଶତ୍ରୁ ହେଉଛି ଅହଂକାର । ଭକ୍ତି ଓ ଶାନ୍ତିର ଶତ୍ରୁ ଅହଂକାରକୁ ବିନାଶ କର । ଅହଂକାରର ପ୍ରରୋଚନା ପ୍ରତି ଉଦାସୀନ ହୁଅ । ଏହାକୁ ପ୍ରଭୁଙ୍କ ଚରଣ କମଳରେ ଅର୍ପଣ କର । ପ୍ରଭୁଙ୍କୁ ଅର୍ପଣ କରିବା ପାଇଁ ଏହାହିଁ ହେଉଛି ପ୍ରକୃତ ପୁଷ୍ପ ।

ଶିଶୁ କେବଳ ନିଜର ମାଆଙ୍କ ବିଷୟରେ ହିଁ ଚିନ୍ତା କରେ । ଜଣେ ଯୁବକ ସ୍ୱାମୀ କେବଳ ନିଜର ପ୍ରିୟତମା ପତ୍ନୀଙ୍କ ବିଷୟରେ ଚିନ୍ତା କରେ । ଜଣେ ଲୋଭୀ ବ୍ୟକ୍ତି କେବଳ ତା'ର ଅର୍ଥ ବିଷୟରେ ଚିନ୍ତା କରେ । ସେହିପରି ଭକ୍ତ ନିଜ ହୃଦୟରେ କେବଳ ତାଙ୍କର ଇଷ୍ଟଦେବଙ୍କର ଛବିକୁ ହିଁ କଳ୍ପନା ଚକ୍ଷୁରେ ଦର୍ଶନ କରିବା

ଉଚିତ । ତେବେ ସେ ଅନାୟାସରେ ପ୍ରଭୁଙ୍କର ଦର୍ଶନ ଲାଭ କରିପାରିବେ । ପ୍ରଭୁ କୃଷ୍ଣ ଅର୍ଜୁନଙ୍କୁ କହନ୍ତି : 'ଯେଉଁ ଭକ୍ତ ସତତ ଅନ୍ୟକିଛି ଚିନ୍ତା ନକରି କେବଳ ମୋ ବିଷୟରେ ଚିନ୍ତା କରନ୍ତି, ମୁଁ ତାଙ୍କ ନିମିତ୍ତ ସୁଲଭ କାରଣ ଭକ୍ତ ମୋ'ଠାରେ ନିତ୍ୟଯୁକ୍ତ ହୋଇ ରହିଥାଆନ୍ତି । (ଗୀତା ୮/୧୪)

ଏକ ନିର୍ଜନ ସ୍ଥାନରେ ସତତ ଓ କ୍ରମାଗତ ଭାବେ ପ୍ରଭୁ ଚିନ୍ତନ କଲେ ଅନନ୍ୟ ଭକ୍ତିଲାଭର ପରିପ୍ରକାଶ ହୋଇଥାଏ । ଯେତେବେଳେ ଅସ୍ଥିର ଓ ଚଞ୍ଚଳମନ ବାହ୍ୟଗାମୀ ହୁଏ, ଏହାକୁ ନିୟନ୍ତ୍ରଣ କର ଏବଂ ମନକୁ ଏକାଗ୍ର କରି ବାରମ୍ବାର ପ୍ରଭୁଙ୍କର ମୁଖାରବିନ୍ଦରେ କିମ୍ବା ଚରଣ କମଳରେ ସ୍ଥିର କର । ମନର ବିଚ୍ଛୁରିତ ଚିନ୍ତାଧାରାକୁ ଏକତ୍ରିତ କରି ନୂତନ ଅଭ୍ୟାସ ସ୍ଥାପନ କରିବାରେ କିଛି ସମୟ ଲାଗେ । ତେଣୁ ପ୍ରାରମ୍ଭିକ ଅବସ୍ଥାରେ ଭକ୍ତ ହତୋତ୍ସାହ ହେବା ଅନୁଚିତ । ଧୈର୍ଯ୍ୟ, ଅଧ୍ୟବସାୟ, ଏକାଗ୍ରତା, ବିଶ୍ୱାସ, ଦୃଢ଼ ଇଚ୍ଛାଶକ୍ତି, ସହନଶକ୍ତି ଓ ଧୀଶକ୍ତି ଆବଶ୍ୟକ । ଏହି ସୁଗୁଣ ସମୂହର ଅଭ୍ୟାସ କର । ସତ୍‌ସଙ୍ଗ, ଦୁଗ୍ଧ ଓ ଫଳ ସଦୃଶ ହାଲୁକା ଖାଦ୍ୟ, ଉପବାସ, ନିଦ୍ରାର ନିୟନ୍ତ୍ରଣ, ନିର୍ଜନ ବାସ, ମୌନବ୍ରତ ଓ ବ୍ରହ୍ମଚର୍ଯ୍ୟର ଆଶ୍ରୟ ଗ୍ରହଣ କରିବା ଉଚିତ । ମନ ସ୍ୱାଭାବିକ ଭାବେ ସ୍ୱଚ୍ଛନ୍ଦ ଅବସ୍ଥା, ଆଳସ୍ୟ, ବାର୍ତ୍ତାଳାପ, ସୁସ୍ୱାଦୁ ଖାଦ୍ୟ ଓ ବିବିଧ ସ୍ଥାନ ଦର୍ଶନ କରିବାକୁ ଭଲ ପାଏ । ଉପଯୁକ୍ତ ପଦ୍ଧତି ଦ୍ୱାରା ମନକୁ କ୍ରମଶଃ ସୁଶୃଙ୍ଖଳିତ ଓ ପ୍ରଶିକ୍ଷିତ କରିବାକୁ ପଡ଼ିବ । ଏହା ଏକ ଦୁଷ୍ଟ ଶିଶୁ ସଦୃଶ । ବେଳେବେଳେ ଏହାକୁ ମଧୁର କଥା କହି ମନାଇବାକୁ ହେବ । ଅନ୍ୟ ସମୟରେ ଏହା ଯଦି ବିଶୃଙ୍ଖଳ ଓ ଅବାଧ୍ୟ ହୁଏ, ଏହାକୁ ଭୀତ କରିବା ତଥା ଚାବୁକ ମାଡ଼ ଦଣ୍ଡ ଦେବା ଉଚିତ । ଉପବାସ ଚାବୁକ ମାଡ଼ ସଦୃଶ । ମୌନ ମଧ୍ୟ ଚାବୁକ ମାଡ଼ ସଦୃଶ ।

ଇନ୍ଦ୍ରିୟ ଉପଭୋଗ ଓ ଇନ୍ଦ୍ରିୟଗ୍ରାହ୍ୟ ବସ୍ତୁ ପ୍ରତି ଆଗ୍ରହ–ଶୂନ୍ୟତା ହିଁ ଉଦାସୀନତା । ବସ୍ତୁ ସମୂହ ଭଗବାନଙ୍କର ଶତ୍ରୁ । ସାଂସାରିକ ବସ୍ତୁ ପ୍ରତି ସମ୍ପୂର୍ଣ୍ଣ ଉଦାସୀନତା ନିଶ୍ଚିତ ରୂପେ ପୋଷଣ କର । ପୁତ୍ର, ପତ୍ନୀ, ସଂପଦ, ଗୃହ, ଗୃହପାଳିତ ପଶୁ, ମିତ୍ର ଓ ବାନ୍ଧବଗଣ ଭଗବାନଙ୍କର ଶତ୍ରୁ । ଏ ସମସ୍ତ ବ୍ୟକ୍ତି ଓ ବସ୍ତୁ ପ୍ରତି ସଂପୂର୍ଣ୍ଣ ଉଦାସୀନତା ପୋଷଣ ନିଶ୍ଚୟ କର । ଏ ସମସ୍ତ ବସ୍ତୁ ପ୍ରତି ମୋହ ନିଷ୍ଠୁର ଭାବେ ବିନାଶ କର ଏବଂ ନିରଭିମାନ ସ୍ଥିତିର ବିକାଶ କର । ଶରୀର, ସନ୍ତାନ, ପିତା, ମାତା ଓ ପତ୍ନୀ ପ୍ରତି ଆସକ୍ତି ଗଭୀର ଭାବେ ସଂସ୍ଥାପିତ । ତୁମେ

ଶରୀର ଓ ଏହାର ଆବଶ୍ୟକତା ବିଷୟରେ ଅଧିକ ଚିନ୍ତା କରିବା ଅନାବଶ୍ୟକ । ଶରୀର, ଖାଦ୍ୟ, ପତ୍ନୀ ଓ ସନ୍ତାନ ବିଷୟରେ ଚିନ୍ତା ଫଳରେ ଆମେ ଭଗବାନଙ୍କୁ ଭୁଲିଯାଉ । ଅନାତ୍ମା ବା ଜଡ଼ ବିଷୟରେ ଚିନ୍ତା କଲେ ତୁମେ ଭଗବାନଙ୍କ ବିଷୟରେ ଚିନ୍ତା କରିପାରିବ ନାହିଁ । ଉଦାସୀନତାରେ ପରମାନନ୍ଦ ଓ ଉଲ୍ଲାସ ରହିଛି । ମୁଣ୍ଡକ ଉପନିଷଦରେ ତୁମେ ଲକ୍ଷ୍ୟ କରିବ– "ଦୁଇଟି ପରମସଖା ରୂପେ ଅବିଚ୍ଛେଦ୍ୟ ପକ୍ଷୀ ଗୋଟିଏ ବୃକ୍ଷର ଶାଖାରେ ବାସ କରନ୍ତି । ତାଙ୍କ ମଧ୍ୟରୁ ଗୋଟିଏ ପକ୍ଷୀ ମଧୁର ଫଳ ଭକ୍ଷଣ କରେ । ଅନ୍ୟ ପକ୍ଷୀଟି ନ ଖାଇ କେବଳ ଅନାସକ୍ତ ଭାବେ ଦେଖେ । ସେହି ବୃକ୍ଷରେ ସାଂସାରିକତାରେ ନିମଗ୍ନ ରହି ବିଚଳିତ ହୋଇ ଅସହାୟ ରୂପେ ଜୀବାତ୍ମା ଦୁଃଖିତ ହୁଏ । କିନ୍ତୁ ଯେତେବେଳେ ସେ ସମସ୍ତଙ୍କ ଦ୍ୱାରା ଆରାଧିତ ହେଉଥିବା ପ୍ରଭୁଙ୍କର ମହିମାକୁ ଦେଖେ, ତା'ର ଦୁଃଖ ଦୂର ହୁଏ । ଏଠାରେ ଗୋଟିଏ ପକ୍ଷୀ ଜୀବାତ୍ମା ଓ ଅନ୍ୟ ପକ୍ଷୀଟି ପରମାତ୍ମା । ଏହି ଶରୀର ହେଉଛି ବୃକ୍ଷ । ଉଦାସୀନତା ସମସ୍ତ ଆସକ୍ତି ଓ କାମନା ବିନାଶ କରେ । ଆସକ୍ତି ହେଉଛି ମୃତ୍ୟୁ । ଉଦାସୀନତା ହେଉଛି ଶାଶ୍ୱତ ଜୀବନ । ପ୍ରଭୁ କୃଷ୍ଣ କହନ୍ତି– "ଉଦାସୀନ ବ୍ୟକ୍ତି ମୋର ପ୍ରିୟ" । ଯେପରି ଫୁଟ୍‌ବଲ ବା କ୍ରିକେଟ ଖେଳର ଦର୍ଶକଗଣ କ୍ରୀଡ଼ାକୁ ସୁନ୍ଦର ରୂପେ ଉପଭୋଗ କରନ୍ତି, ସେହିପରି ସଂସାର–ନାଟକର ସାକ୍ଷୀ ରୂପେ ଉଦାସୀନ ବ୍ୟକ୍ତି ଅନାସକ୍ତ ଭାବେ ଜୀବନ ଉପଭୋଗ କରି ଶୋକର ଊର୍ଦ୍ଧ୍ୱକୁ ଚାଲିଯାଆନ୍ତି । ଗୀତାରେ ତୁମେ ପ ଢବ– ଅନାସକ୍ତି, ପୁତ୍ର, ଦାରା, ଗୃହ ଆଦିରେ ଏକାତ୍ମଭାବ ନ ରଖି ଶୁଭ ଓ ଅଶୁଭରେ ସମଭାବାପନ୍ନ ଭାବ ହିଁ ପ୍ରକୃତ ଜ୍ଞାନ ।

ମନେରଖ ପ୍ରିୟ ପାଠକବୃନ୍ଦ, "ଉଦାସୀନତା" ଅର୍ଥ ଶାରୀରିକ ନଗ୍ନତା କିମ୍ବା କର୍ମହୀନତା ନୁହେଁ । ନିମ୍ବ ପତ୍ର ଭକ୍ଷଣ କରି ଜୀବନ ଧାରଣ କରିବା କିମ୍ବା ଗୋବର ଭକ୍ଷଣ କରିବା ମଧ୍ୟ ଉଦାସୀନତା ନୁହେଁ । ମୂଢ ତପ ମଧ୍ୟ ଉଦାସୀନତାର ଦ୍ୟୋତକ ନୁହେଁ । ପ୍ରଭୁ କୃଷ୍ଣ କହନ୍ତି– ଯେଉଁ ଲୋକମାନେ ଶାସ୍ତ୍ରବିଧି ବିହୀନ ଘୋର ତପ କରନ୍ତି, ଯେଉଁମାନେ ଦମ୍ଭ, ଅହଂକାର ଭୋଗ୍ୟପଦାର୍ଥ, ଆସକ୍ତି ଓ ଦୁରାଗ୍ରହରେ ସଂଯୁକ୍ତ, ଯେଉଁମାନେ ପଞ୍ଚଭୌତିକ ଶରୀରକୁ ତଥା ଅନ୍ତଃକରଣରେ ବିରାଜିତ ମୋତେ (ପରମାତ୍ମାଙ୍କୁ) ହେୟ ମନେ କରନ୍ତି, ସେହି ଅଜ୍ଞାନୀମାନଙ୍କୁ ତୁମେ ଆସୁରୀ ସଂପଦଯୁକ୍ତ ବୋଲି ଜାଣ । (ଗୀତା ୧୭୫–୬)

ଉଦାସୀନତା ବିଶୁଦ୍ଧରୂପେ ଏକ ମାନସିକ ସ୍ଥିତି । ରାଣୀ ଚୁଡାଲ ସଂପୂର୍ଣ୍ଣ ଉଦାସୀନ ଥିଲେ ଯଦିଓ ସେ ଏକ ରାଜ୍ୟ ଶାସନ କରୁଥିଲେ । କିନ୍ତୁ ତାଙ୍କ ସ୍ୱାମୀ ଶିଖିଧ୍ୱଜ ତାଙ୍କର ଭିକ୍ଷାପାତ୍ର ଓ ଯଷ୍ଟି ପ୍ରତି ଆସକ୍ତ ଥିଲେ ଯଦିଓ ସେ ଅରଣ୍ୟରେ ବାସ କରୁଥିଲେ । ଜଣେ ବ୍ୟକ୍ତି ତାଙ୍କର କୌପୀନ ବା ଝରକଲମ ପ୍ରତି ଆସକ୍ତ ହୋଇପାରନ୍ତି କିନ୍ତୁ ରାଜା ଜନକ ସଂପଦ ଓ ପ୍ରାଚୁର୍ଯ୍ୟ ମଧ୍ୟରେ ବାସ କରୁଥିଲେ ମଧ୍ୟ ଉଦାସୀନତାର ଆଦର୍ଶ ଥିଲେ । ସାଂସାରିକ ବ୍ୟକ୍ତିଗଣ ବାହ୍ୟ ପ୍ରଦର୍ଶନକୁ ଅଧିକ ଗୁରୁତ୍ୱ ଦିଅନ୍ତି । ଏହା ଅତ୍ୟନ୍ତ ଶୋଚନୀୟ । ଏହା ତାଙ୍କର ଭୟଙ୍କର ଭ୍ରାନ୍ତି । ଜଣେ ବ୍ୟକ୍ତି ନଗ୍ନ ହୋଇଥିଲେ ମଧ୍ୟ ତାଙ୍କର ମନ ବାସନାପୂର୍ଣ୍ଣ ହୋଇପାରେ । କେତେକ କପଟୀଚାରୀ ବ୍ୟକ୍ତି ଗୃହସ୍ଥଗଣଙ୍କୁ ଶୋଷଣ କରିବା ପାଇଁ ନିଜକୁ ବିରକ୍ତ ରୂପେ ଛଳନା କରିଥାଆନ୍ତି । ଗୃହସ୍ଥଗଣ ସର୍ବଦା ନିଜର ବିବେକକୁ ପ୍ରୟୋଗ କରିବା ବାଞ୍ଛନୀୟ । ବସ୍ତୁ ପ୍ରତି ମିଥ୍ୟା ଦୃଷ୍ଟି ଓ ଦୋଷ ଦୃଷ୍ଟି ଏବଂ ବାସ୍ତବ ଓ ଅବାସ୍ତବ ମଧ୍ୟରେ ପାର୍ଥକ୍ୟରୁ ଉଦାସୀନତା ବୃତ୍ତି ଜାତ ହୁଏ ।

ସୂତ୍ର–୧୦

ଅନ୍ୟାଶ୍ରୟାଣାଂ ତ୍ୟାଗୋଽନନ୍ୟତା ।

ଅର୍ଥ– ଅନନ୍ୟତା ବା କେବଳ ଭକ୍ତି ଅବା ହୃଦୟରେ ଏକ ଦେବ ପ୍ରତି ନିଷ୍ଠାର ଅର୍ଥ ଅନ୍ୟ ସମସ୍ତ ଆଶ୍ରୟ ତ୍ୟାଗ ।

ଶବ୍ଦାର୍ଥ– ଅନ୍ୟାଶ୍ରୟାଣାମ୍– ଅନ୍ୟ ସମସ୍ତ ଆଶ୍ରୟ, ତ୍ୟାଗ– ଛାଡ଼ିବା, ଅନ୍ୟେତା– ନିଷ୍ଠା ସହ ଭକ୍ତି ।

ବ୍ୟାଖ୍ୟା– ଦୈନନ୍ଦିନ ଜୀବନରେ ବିବିଧ ପ୍ରଭାବ ଯୋଗୁ ଭକ୍ତି ସାଧନାରେ ପ୍ରତିବନ୍ଧକ ପରିଦୃଷ୍ଟ ହୋଇଥାଏ । କାମନା ଓ ଲାଳସା ସାଧକଙ୍କୁ ବିଚଳିତ କରିଥାଆନ୍ତି । ଭକ୍ତି ସାଧନାରେ ସାଧକ ପ୍ରଭୁଙ୍କ ବିଷୟରେ କଥା ଓ ତାଙ୍କର ଭଜନ ବ୍ୟତୀତ ଅନ୍ୟ ସାଧନର ଆଶ୍ରୟ ନେବା ଅନୁଚିତ ।

ନିଜର ପ୍ରିୟତମ ପ୍ରଭୁଙ୍କ ବ୍ୟତୀତ ଭକ୍ତ ଅନ୍ୟ କାହାକୁ ଜାଣନ୍ତି ନାହିଁ । ତାଙ୍କ ନିମିତ୍ତ ପ୍ରଭୁ ହିଁ ସବୁକିଛି । କେବଳ ପ୍ରଭୁ ପ୍ରାପ୍ତି ନିମିତ୍ତ ଭକ୍ତ କାର୍ଯ୍ୟ କରନ୍ତି ।

ପ୍ରଭୁ ହିଁ ଭକ୍ତଙ୍କର କେବଳ ଆଶ୍ରୟ, କେବଳ ଶକ୍ତି, କେବଳ ତାଙ୍କର ଆଶା ଓ କେବଳ ଶ୍ରଦ୍ଧାର ଲକ୍ଷ୍ୟ । ଯେପରି ଚାତକ ଜଳ ନିମିତ୍ତ କେବଳ ମେଘକୁ ଚାହିଁ ରହେ, ଭକ୍ତଙ୍କର ଚକ୍ଷୁ ପ୍ରଭୁଙ୍କ ଉପରେ ହିଁ ନିବଦ୍ଧ ରହେ ।

ପ୍ରିୟତମ ପ୍ରଭୁଙ୍କ ବ୍ୟତୀତ ଅନ୍ୟ କୌଣସି ବସ୍ତୁର ଅସ୍ତିତ୍ୱ ବିଷୟରେ ଭକ୍ତ ସଚେତନ ନୁହଁନ୍ତି । ତେବେ ସେ କିପରି ଅନ୍ୟ ବ୍ୟକ୍ତି ବା ବସ୍ତୁର ଆଶ୍ରୟ ଅନୁସନ୍ଧାନ କରିବେ । ଭକ୍ତ ପ୍ରଭୁଙ୍କ ବ୍ୟତୀତ ଅନ୍ୟ କାହାରିକୁ ଦେଖନ୍ତି ନାହିଁ ।

ଏ ସଂସାରରେ ସମସ୍ତ ବସ୍ତୁ ନଶ୍ୱର । ଭଗବାନଙ୍କର ବ୍ୟତୀତ ଅନ୍ୟ କେହି ଜଗତର ଯନ୍ତ୍ରଣାରୁ ମୁକ୍ତ କରିପାରିବେ ନାହିଁ । ସୁତରାଂ ଭକ୍ତ ସଂସାରର ସବୁକିଛି ତ୍ୟାଗ କରି କେବଳ ପ୍ରଭୁଙ୍କର ଉପରେ ଆଶ୍ରୟ କରନ୍ତି । କାରଣ କେବଳ ପ୍ରଭୁ ହିଁ ଶାଶ୍ୱତ, ସର୍ବଶକ୍ତିମାନ ଏବଂ ପରମ କାରୁଣିକ ।

ଜଣେ ସତୀ ଓ ସାଧ୍ୱୀ ନାରୀ ପାଇଁ କେବଳ ସ୍ୱାମୀ ବ୍ୟତୀତ ସ୍ୱପ୍ନରେ ମଧ୍ୟ ଅନ୍ୟ କୌଣସି ପୁରୁଷର ଅସ୍ତିତ୍ୱ ନ ଥାଏ । ସେହିପରି ଜଣେ ନିଷ୍ଠାପର ଭକ୍ତଙ୍କର ନିମିତ୍ତ ସ୍ୱପ୍ନରେ ମଧ୍ୟ ନିଜର ପ୍ରିୟତମ ପ୍ରଭୁଙ୍କର ବ୍ୟତୀତ ଅନ୍ୟ କାହାରି ଅସ୍ତିତ୍ୱ ନ ଥାଏ । ଭକ୍ତ ନିଜର ପ୍ରେମ ଓ ଭକ୍ତିର ଲକ୍ଷ୍ୟ ପ୍ରଭୁଙ୍କର ଚିନ୍ତନରେ ହିଁ ନିମଗ୍ନ ରହନ୍ତି ।

ଏଠାରେ ''ଅନନ୍ୟତା''ର ସଂଜ୍ଞା ପ୍ରଦତ୍ତ ହୋଇଛି- ମନ ଜୋକସଦୃଶ ଗୋଟିଏ ସ୍ଥାନ ବା ବ୍ୟକ୍ତି ପ୍ରତି ଦୃଢ଼ତା ସହ ନିଷ୍ଠାପର ରହେ । ''ରାଗ'' ମାଧ୍ୟମରେ ସେ ଇନ୍ଦ୍ରିୟସୁଖ ଥିବା ବସ୍ତୁରେ ଆସକ୍ତ ରହେ । ସମସ୍ତ ଇନ୍ଦ୍ରିୟଜନିତ ସୁଖକେନ୍ଦ୍ରକୁ ବିନାଶ କରିବା ଉଚିତ । ତେବେ ମନ ଭଗବାନଙ୍କ ସହ ଏକାଗ୍ର ଚିତ୍ତରେ ନିମଗ୍ନ ହେବ । ମନସର୍ବଦା ବାନର ସଦୃଶ ଚପଳ । ଏବେ ଏହା ଫଳ ବା ମିଷ୍ଟାନ୍ନ ବିଷୟରେ ଚିନ୍ତା କରୁଛି । ତା'ପରେ ଏହା ମିତ୍ରଗଣଙ୍କ ସହ ବାର୍ତ୍ତାଳାପ କରିବାକୁ ଚାହଁ । ଯେପରି ଜଣେ ଚୀନ-ଅଧିବାସୀ ନିଜର ପାଞ୍ଚ ପତ୍ନୀଙ୍କ ଦ୍ୱାରା ଏଣେତେଣେ ଆକୃଷ୍ଟ ହୁଏ, ସେହିପରି ମନ ପଞ୍ଚଇନ୍ଦ୍ରିୟ ଦ୍ୱାରା ଏଣେତେଣେ ଆକୃଷ୍ଟ ହୁଏ । ଏହା ସର୍ବଦା ଚଞ୍ଚଳ ।

ବିବେକ ଓ ବୈରାଗ୍ୟ ମାଧ୍ୟମରେ ସମସ୍ତ ଉପଭୋଗ କେନ୍ଦ୍ରକୁ ବିନାଶ କରିବା ବିଧେୟ । ତା'ପରେ ଜପ-ଧ୍ୟାନର ସ୍ଥିର ଓ ସତତ ଅଭ୍ୟାସ ଦ୍ୱାରା ମନକୁ ପ୍ରଭୁ କେନ୍ଦ୍ରିତ କର । ନିଶ୍ଚିତ ରୂପେ ସଂଘର୍ଷ କଠିନ ଓ ତୀବ୍ର । ଗଙ୍ଗା ସ୍ରୋତର ଊର୍ଦ୍ଧ୍ୱଗାମୀ ଯାତ୍ରାଦ୍ୱାରା ବଦ୍ରୀନାଥ ଯାତ୍ରା କରିବା ଅତ୍ୟନ୍ତ କଷ୍ଟକର । ମାନସିକ ଶକ୍ତିକୁ ଈଶ୍ୱର-ଅଭିମୁଖୀ କରିବା ଅଧିକ କଷ୍ଟକର । ମାନସିକ ଶକ୍ତିକୁ ଇନ୍ଦ୍ରିୟଗ୍ରାହ୍ୟ ବସ୍ତୁ ଅଭିମୁଖୀ କରିବା ସରଳ । ଏହା କେବଳ ସ୍ୱାଭାବିକ । ଅନାୟାସରେ ଇନ୍ଦ୍ରିୟ ସୁଖକର ବସ୍ତୁ ଅଭିମୁଖୀ ହେବା ମନୁଷ୍ୟ ପକ୍ଷରେ ସହଜ । ଏହା ମନର ସହଜାତ ସ୍ୱଭାବ । ପ୍ରଭୁ କୃଷ୍ଣ କହନ୍ତି-

ଅଭ୍ୟାସ ଯୋଗ ଯୁକ୍ତେନ
ଚେତସା ନାନ୍ୟ ଗାମିନା ।
ପରମଂ ପୁରୁଷଂ ଦିବ୍ୟଂ ଯାତି
ପାର୍ଥାନୁ ଚିନ୍ତୟନ ।।

(ଗୀତା ୮/୮)

ଅର୍ଥାତ୍ ଅଭ୍ୟାସ ଯୋଗଯୁକ୍ତ ହୋଇ ଚିତ୍ତକୁ ବିକ୍ଷେପ ନ କରି ଅବିଚ୍ଛିନ୍ନ ରୂପେ ଧ୍ୟାନ ଅଭ୍ୟାସ କରି ସାଧକ ପରମପୁରୁଷଙ୍କୁ ଲାଭ କଲେ । ମୋ'ଠାରେ ମନକୁ ସ୍ଥିର କର, ମୋ'ଠାରେ ତୁମର ବୁଦ୍ଧିକୁ ନିବେଶ କର । ତା'ପରେ ହେ ଧନଞ୍ଜୟ, ଅଭ୍ୟାସ ଯୋଗ ବଳରେ ମୋ'ଠାରେ ଉପନୀତ ହୁଅ । (ଗୀତା ୧୨/୮-୯) ଏକାଗ୍ରତା ସାଧନାରେ ସାଧକ ଅସୀମ ଧୈର୍ଯ୍ୟ ଓ ଅଧ୍ୟବସାୟ ଅଭ୍ୟାସ କରିବା ଉଚିତ ଯେପରିକି ପକ୍ଷୀଟିଏ ନିଜର ଥଣ୍ଟ ଦ୍ୱାରା ଅବା ଘାସକେରାଏ ଦ୍ୱାରା ସମୁଦ୍ରକୁ ଶୁଷ୍କ କରିବାକୁ ଚେଷ୍ଟା କରିଥିଲା । ଜଳରେ ପକ୍ଷୀର ପ୍ରତିଫଳନ ଦେଖି ଅର୍ଜୁନ ପକ୍ଷୀକୁ ଲକ୍ଷ୍ୟ କରିଥିଲେ । ତୀର ତିଆରି କରୁଥିବା ବ୍ୟକ୍ତି ସ୍ୱକାର୍ଯ୍ୟରେ ଏତେ ନିମଗ୍ନ ହୋଇଥିଲା ଯେ, ସେ ରାଜା ଏବଂ ତାଙ୍କର ଅନୁଗାମୀ ଲୋକଗଣଙ୍କୁ ଦେଖିପାରି ନଥିଲା । ଆଧ୍ୟାତ୍ମିକ ରଣାଙ୍ଗନରେ ଈଶ୍ୱରଙ୍କଠାରେ ଆମର ଏତାଦୃଶ ଏକାଗ୍ରତା ହେବା ଉଚିତ । ଗୋଟିଏ ଖୁଣ୍ଟରେ ବନ୍ଧା ହୋଇଥିବା ପକ୍ଷୀ କିଛି ସମୟ ଛଟପଟ ହୋଇ ଅନ୍ତିମରେ ଖୁଣ୍ଟରେ ବିଶ୍ରାମ କରେ, ସେହିପରି ମନ ଇନ୍ଦ୍ରିୟଭୋଗ୍ୟବସ୍ତୁ ପ୍ରତି ଏଣେତେଣେ ଆକୃଷ୍ଟ ହୋଇ ଶେଷରେ ଏକାଗ୍ରତା ଓ ଭକ୍ତି ଦ୍ୱାରା ପ୍ରଭୁଙ୍କଠାରେ ବିଶ୍ରାମ କରେ ।

ସୂତ୍ର-୧୧

ଲୋକ ବେଦେଷୁ ତଦନୁକୂଳାଚରଣଂ ।
ତଦ୍‌ବିରୋଧିଷୂଦାସୀନତା ।। ୧୧ ।।

ଅର୍ଥ- ପ୍ରଭୁଙ୍କ ପ୍ରତି ପ୍ରତିକୂଳ ଭାବାପନ୍ନ ବ୍ୟକ୍ତିଙ୍କ ପ୍ରତି ଉଦାସୀନତା ପୋଷଣ କରିବା ଉଚିତ । ସମସ୍ତ ଲୌକିକ ଓ ବୈଦିକ କର୍ମ ଯାହାଙ୍କ ଅନୁକୂଳ ତାହା ସଂପାଦନ କରିବା ବିଧେୟ ।

ଶବ୍ଦାର୍ଥ- ଲୋକବେଦେଷୁ- ସମସ୍ତ ଲୌକିକ ତଥା ବୈଦିକ ଆଚରଣ, ତଦନୁକୂଳାଚରଣଂ- ଅନୁକୂଳ ଆଚରଣ ବା କ୍ରିୟା, ତଦ୍‌ବିରୋଧିଷୂଦାସୀନତା- ପ୍ରତିକୂଳ ଆଚରଣ ପ୍ରତି ଉଦାସୀନ ରହିବା ।

ବ୍ୟାଖ୍ୟା– ଅଷ୍ଟମ ସୂତ୍ରରେ ଆମକୁ ଶିକ୍ଷା ଦିଆଯାଇଛି ଯେ, ଆମେ ଆମର ସମସ୍ତ ଶକ୍ତିକୁ ଈଶ୍ୱର ଅଭିମୁଖୀ କରିବା ଉଚିତ । ବର୍ତ୍ତମାନ ଉପଦେଶ ଦିଆଯାଇଛି ଯେ, ଆମେ ଧର୍ମ ଓ ନୈତିକତାକୁ ସମ୍ମାନ ପ୍ରଦାନ କରିବା ବିଧେୟ । ତେଣୁ ଏଠାରେ କେତେକ ବିଭ୍ରାନ୍ତି ପରିଦୃଷ୍ଟ ହୁଏ । ଏହା କେବଳ ବାହ୍ୟ । ବାସନାମୁକ୍ତ ହେବା ପାଇଁ ସ୍ୱାର୍ଥପର କର୍ମ ତ୍ୟାଗ କରିବା ଆବଶ୍ୟକ । ଭକ୍ତି ସାଧନାରେ ସହାୟକ ସମସ୍ତ କର୍ମ ନିୟମିତ ରୂପେ ସଂପାଦନ କରିବା ଉଚିତ । ଦିବ୍ୟଯୋଜନାକୁ ସହଯୋଗ କରିବା ଆବଶ୍ୟକ । ନବମ ସୂତ୍ରରେ ବର୍ଣ୍ଣିତ ଭକ୍ତିରେ ବିଘ୍ନ ସୃଷ୍ଟି କରୁଥିବା ପ୍ରତିବନ୍ଧକ ପ୍ରତି ଉଦାସୀନତା ବିଷୟରେ ଏହି ସୂତ୍ର ବ୍ୟାଖ୍ୟା କରେ । ତୁମେ ଯଜ୍ଞ, ତପ ଓ ଦାନ କରିବାବେଳେ ଭଗବାନଙ୍କର ଅସ୍ତିତ୍ୱ ବିଷୟରେ ଶ୍ରଦ୍ଧା ରଖିବା ଉଚିତ । ଈଶ୍ୱରଙ୍କର ପ୍ରୀତ୍ୟର୍ଥେ ସମସ୍ତ କର୍ମ ସଂପାଦନ କରିବା ଉଚିତ । ତେବେ ହିଁ ଏହା ଉପକାରୀ । ଏହା ହେଲେ କର୍ମର ମୂଲ୍ୟ ଚିରସ୍ଥାୟୀ ହେବ ।

ଜଣେ ଭକ୍ତଙ୍କର ସଦାଚାର ନିମିତ୍ତ ଗୀତା, ଭାଗବତମ୍ ଓ ପବିତ୍ର ଧର୍ମଗ୍ରନ୍ଥ ସମୂହ ମାର୍ଗ ଦର୍ଶନ କରନ୍ତି । ଗୁରୁଶାସ୍ତ୍ର ସମୂହର ବ୍ୟାଖ୍ୟା କରି ଭକ୍ତଙ୍କୁ ପଥ ପ୍ରଦର୍ଶନ କରନ୍ତି । ଭକ୍ତ କୌଣସି କର୍ମ ସଂପାଦନ କରନ୍ତି ନାହିଁ ଯାହା ଭଗବାନଙ୍କ ନିମିତ୍ତ ଆନନ୍ଦଦାୟକ ନୁହେଁ ଯାହାକି ଭକ୍ତିର ବିକାଶରେ ସହାୟକ ହୁଏ ନାହିଁ ଏବଂ ଯାହା ପ୍ରଭୁଙ୍କର ଇଚ୍ଛା ବିରୁଦ୍ଧ ଅଟେ ।

ପ୍ରହ୍ଲାଦ ତାଙ୍କର ନାସ୍ତିକ ପିତାଙ୍କୁ, ବିଭୀଷଣ ତାଙ୍କର ଅସୁରଭାଇଙ୍କୁ ଭରତ ତାଙ୍କର ନିଷ୍ଠୁର ମାତାଙ୍କୁ, ବଳି ତାଙ୍କର ଗୁରୁଙ୍କୁ ମଧ୍ୟ ଏବଂ ବ୍ରଜର ଗୋପୀଗଣ ତାଙ୍କର ସ୍ୱାମୀଗଣଙ୍କୁ ପରିତ୍ୟାଗ କରିଥିଲେ । କିନ୍ତୁ ସେମାନେ ସମସ୍ତେ ଜଗତର କଲ୍ୟାଣକାରୀ ରୂପେ ପରିଚିତ ।

ଭକ୍ତ ଭଗବାନଙ୍କର ସାକ୍ଷାତ୍କାର ଲାଭ କରିବା ଯାଏ ପ୍ରଭୁଙ୍କୁ ପ୍ରସନ୍ନ କରିବା ନିମିତ୍ତ କର୍ମସଂପାଦନ କରନ୍ତି । ଶାସ୍ତ୍ରଦ୍ୱାରା ନିଷିଦ୍ଧ ସମସ୍ତ କର୍ମ ଯଥା ଚୋରି, ବ୍ୟଭିଚାର, ମାଂସ ଭକ୍ଷଣ ଓ ମଦିରାପାନ ଆଦି ଭକ୍ତ ପରିହାର କରନ୍ତି । ସେ ସମସ୍ତ ସ୍ୱାର୍ଥନ୍ୱେଷୀ କର୍ମତ୍ୟାଗ କରନ୍ତି । କିନ୍ତୁ ଫଳପ୍ରାପ୍ତି ଆଶା ତ୍ୟାଗକରି ଭକ୍ତ ନିତ୍ୟ (ବାଧ୍ୟତାମୂଳକ) ଓ ନୈମିତ୍ତିକ (ଆନୁସଙ୍ଗିକ) କର୍ମ ବେଦରେ ଲିପିବଦ୍ଧ ହୋଇଥିବା ପଦ୍ଧତି ଅନୁସାରେ ସଂପାଦନ କରନ୍ତି ।

ପ୍ରଭୁ କୃଷ୍ଣ କହନ୍ତି- ଯଦି ଅଭ୍ୟାସ ଯୋଗରେ ନିଜକୁ ଅସମର୍ଥ ମନେ କରୁଛ, ତେବେ ମୋ ନିମିତ୍ତ କର୍ମପରାୟଣ ହୁଅ । ମୋ ନିମନ୍ତେ କର୍ମ କରି ମଧ୍ୟ ତୁମେ ସିଦ୍ଧି ଲାଭ କରିବ । (ଗୀତା ୧୨/୧୦) । ଯଜ୍ଞ, ଦାନ ଓ ତପ ଆଦି କର୍ମ କଦାପି ତ୍ୟାଗ କରିବା ଅନୁଚିତ ବରଂ ସେଗୁଡ଼ିକ ନିଶ୍ଚିତ ରୂପେ ସଂପାଦାନ କରିବା ଉଚିତ । କାରଣ ଯଜ୍ଞ, ଦାନ ଓ ତପ ମାନବକୁ ପବିତ୍ର କରେ । (ଗୀତା ୧୮/୫) । ଏ ସମସ୍ତ କ୍ରିୟା ହୃଦୟକୁ ପବିତ୍ର କରେ ଏବଂ ଅନ୍ତଃକରଣରେ ଭକ୍ତିର ବିକାଶ କରେ । ଏ ସମସ୍ତ କର୍ମ ଆସକ୍ତି ବିନା ଓ ଫଳ ଇଚ୍ଛା ନରଖି ସଂପାଦନ କରିବା ଉଚିତ । ଶାସ୍ତ୍ରର ବିଧାନ ଅନୁସାରେ ଫଳ ଆଶା ନ ରଖି ସଂପାଦନ କରାଯାଉଥିବା ଯଜ୍ଞ ପବିତ୍ର ଅଟେ । କାୟିକ, ବାଚନିକ ଓ ମାନସିକ ତପ ବିଷୟ ଗୀତାର ସପ୍ତଦଶ ଅଧ୍ୟାୟରେ ବର୍ଣ୍ଣିତ ହୋଇଛି । ତାହା ହୃଦୟକୁ ପବିତ୍ର କରେ । ତାହା ହେଉଛି-

୧- **ଶାରୀରିକ**

ଦେବଦ୍ୱିଜ ଗୁରୁ ପ୍ରାଜ୍ଞ ପୂଜନଂ ଶୌଚ ମାର୍ଜବମ୍ ।
ବ୍ରହ୍ମଚର୍ଯ୍ୟ ଅହିଂସା ଚ଼ ଶାରୀରଂ ତପ ଉଚ୍ୟତେ ।।

(ଗୀତା ୧୭/୧୪)

ଅର୍ଥାତ୍ ଦେବତା, ବ୍ରାହ୍ମଣ, ଗୁରୁ ଓ ଜ୍ଞାନୀ ବ୍ୟକ୍ତିଙ୍କର ପୂଜା, ପବିତ୍ରତା ଓ ସରଳତା, ବ୍ରହ୍ମଚର୍ଯ୍ୟ, ଅହିଂସା- ଏଗୁଡ଼ିକ ଶାରୀରିକ ତପ କୁହାଯାଏ ।

୨- **ବାଚନିକ**

ଅନୁଦ୍‌ବେଗକରଂ ବାକ୍ୟଂ
ସତ୍ୟଂପ୍ରିୟହିତଂ ଚ଼ ଯତ୍
ସ୍ୱାଧ୍ୟାୟାଭ୍ୟସନଂ ଚୈବ
ବାଂଗ୍‌ମୟ ତପ ଉଚ୍ୟତେ ।

(ଗୀତା ୧୭/୧୫)

ଅନୁଦ୍‌ବେଗକର, ସତ୍ୟ, ପ୍ରିୟ ତଥା ହିତକର ବଚନକୁ ଏବଂ ସ୍ୱାଧ୍ୟାୟ ଓ ଅଭ୍ୟାସ ଆଦିକୁ ବାଚିକ ତପ କୁହାଯାଏ ।

୩- ମାନସିକ

ମନଃ ପ୍ରସାଦ ସୌମ୍ୟତ୍ୱଂ
ମୌନମାତ୍ମ ବିନିଗ୍ରହଃ ।
ଭାବ ସଂଶୁଦ୍ଧିରିତ୍ୟେତଦ୍
ତପ ମାନସମୁଚ୍ୟତେ ।।
(ଗୀତା ୧୭/୧୬)

ମନର ପ୍ରସନ୍ନତା ସୌମ୍ୟଭାବ, ମନନଶୀଳତା, ମନୋନିଗ୍ରହ ଓ ଭାବର ସମ୍ୟକ ଶୁଦ୍ଧି- ଏହାକୁ ମାନସିକ ତପ କୁହାଯାଏ ।

ଏହି ତ୍ରିବିଧ ତପ ନିଷ୍କାମ ଭାବେ ଫଳ ଆଶା ନ ରଖି ଶ୍ରଦ୍ଧା ସହ କରିବା ହିଁ ଶୁଦ୍ଧତା । ଚିତ୍ତ ଶୁଦ୍ଧି ବିନା ହୃଦୟରେ ଭକ୍ତିର ବିକାଶ ସମ୍ଭବ ନୁହେଁ ।

ଚିତ୍ତ ଶୁଦ୍ଧି ନିମିତ୍ତ ଅଗ୍ନିହୋତ୍ର, ବୈଶ୍ୱଦେବ, ବ୍ରହ୍ମ, ଯଜ୍ଞ, ତ୍ରିସଂଧ୍ୟାରେ ସଂଧ୍ୟା ବନ୍ଦନ, ପଞ୍ଚମହାଯଜ୍ଞ, ଆଦିର ବ୍ୟବସ୍ଥା ହୋଇଅଛି । ଏସବୁ ନିରବଚ୍ଛିନ୍ନ ଭାବେ ପ୍ରତିଦିନ ଅନୁଷ୍ଠାନ କରିବା ଉଚିତ । ଚନ୍ଦ୍ରାୟଣବ୍ରତ ଓ କ୍ରିଚରବ୍ରତ ପ୍ରଭାବଶାଳୀ ଭାବେ ପାପ ବିନାଶ କରେ । ପାପର ପ୍ରାୟଶ୍ଚିତ ପାଇଁ ତାହା ଅତ୍ୟନ୍ତ ପ୍ରଭାବଶାଳୀ । ମନ ଦର୍ପଣକୁ ଯେତେ ସ୍ୱଚ୍ଛ କରାଯିବ, ସେତେ ଭଲ । ଯଦିଓ ଜଣେ ଅଭିଜ୍ଞ ଭକ୍ତଙ୍କ ପାଇଁ ଏସବୁ ଅନାବଶ୍ୟକ, ନୂତନ ଭକ୍ତଙ୍କ ପାଇଁ ତାହା ଆବଶ୍ୟକ ।

ଶ୍ରାଦ୍ଧ, ତର୍ପଣ, ବ୍ରତପାଳନ, ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ ସମୟରେ ଦାନର ଅବହେଳା କରିବା ଅନୁଚିତ । ମନୁ ସ୍ମୃତି ଓ ଯାଜ୍ଞବଲ୍କ୍ୟ ସ୍ମୃତି ପରାମର୍ଶ କରୁଥିବା ବିବିଧ ପ୍ରାୟଶ୍ଚିତ ବିଭିନ୍ନ ପାପ ନାଶ କରେ । ଶାସ୍ତ୍ରର ପରାମର୍ଶ କରିବା କଷ୍ଟକର ହେଲେ, ପଣ୍ଡିତ ଓ ଆଚାର୍ଯ୍ୟଗଣଙ୍କର ପରାମର୍ଶ କର । ସେମାନେ ମାର୍ଗଦର୍ଶନ କରିବେ । ତୁମେ ଯଦି ଏସବୁ କର୍ମକାଣ୍ଡ ପାଳନ ନକର, ତୁମକୁ ପ୍ରତ୍ୟବାୟ ଦୋଷ ବା ପାଳନ ନ କରିବା ଦୋଷ ଲାଗିବ । ଜୈମିନୀ କର୍ମକାଣ୍ଡ ଉପରେ ଗୁରୁତ୍ୱ ଦିଅନ୍ତି ।

ପ୍ରଦୋଷ ବ୍ରତ ଓ ଏକାଦଶୀ ବ୍ରତ କ୍ରମଶଃ ପ୍ରଭୁ ଶିବ ଓ ପ୍ରଭୁ ହରିଙ୍କୁ ପ୍ରସନ୍ନ କରନ୍ତି । ତାହା ମଧ୍ୟ କଠୋର ରୂପେ ପାଳନ କରିବା ଉଚିତ ।

ସୂତ୍ର–୧୨

ଭବତୁ ନିଶ୍ଚୟ ଦାର୍ଢ୍ୟାଦୂର୍ଦ୍ଧ୍ୱଂ ଶାସ୍ତ୍ର ରକ୍ଷଣମ୍ ॥ ୧୨ ॥

ଅର୍ଥ– ଶାସ୍ତ୍ରରେ ପ୍ରଦତ୍ତ ଆଧ୍ୟାତ୍ମିକ ଉପଲବ୍ଧିରେ ପ୍ରତିଷ୍ଠିତ ହେବାପରେ ମଧ୍ୟ ମାନବ ଶାସ୍ତ୍ରର ଶିକ୍ଷା ହିଁ ପାଳନ କରିବା ଉଚିତ ।

ଶବ୍ଦାର୍ଥ– ଭବତୁ– ହେଉ, ନିଶ୍ଚୟ ଦାର୍ଢ୍ୟାତ୍– ଭକ୍ତିକୁ ଦୃଢ଼ ନିଶ୍ଚୟ କରି, ଉର୍ଦ୍ଧ୍ୱଂ– ପରେ, ଶାସ୍ତ୍ର ରକ୍ଷଣମ୍– ଶାସ୍ତ୍ର ବଚନର ସୁରକ୍ଷା ।

ବ୍ୟାଖ୍ୟା– ଈଶ୍ୱର ଉପଲବ୍ଧି ଲାଭ ହେବାଯାଏ ଶାସ୍ତ୍ରର ଉପଦେଶ ଦୃଢ଼ତା ସହ ପାଳନ କରିବା ଉଚିତ । ଗଭୀର ଭକ୍ତିର ବିକାଶ ହେବାଯାଏ ଶାସ୍ତ୍ରୋକ୍ତ ଉପଦେଶ ପାଳନ କରିବା ଉଚିତ । ଶାସ୍ତ୍ରରେ ଉପଦିଷ୍ଟ କର୍ମ ମଧ୍ୟ ଅଧ୍ୟବସାୟ ସହ ସଂପାଦନ କରିବା ଉଚିତ ଯେଉଁ ସମୟ ଯାଏ ବାହ୍ୟଜୀବନ ବିଷୟ ସଂପୂର୍ଣ୍ଣ ବିସ୍ମୃତି ନ ହୋଇଛି ।

ଦିବ୍ୟ ସଂକଳ୍ପ ଦୃଢ଼ ରୂପେ ପ୍ରତିଷ୍ଠିତ ହେବାଯାଏ ଶାସ୍ତ୍ରଙ୍କର ସମ୍ମାନ କରିବା ଉଚିତ । ଶାସ୍ତ୍ର ହିଁ ଭଗବାନଙ୍କର ବାଣୀ । ସାଧକଗଣଙ୍କ ନିମିତ୍ତ ତାହା ମାର୍ଗଦର୍ଶନର ଆଲୋକ । ଶାସ୍ତ୍ର ପ୍ରଦର୍ଶିତ ପଥରୁ ବିଚ୍ୟୁତି ଭକ୍ତଙ୍କର ଅଧୋପତନର କାରଣ ହୋଇଥାଏ ।

କେତେକ ସାଧକ ନିର୍ବୋଧ ରୂପେ କଳ୍ପନା କରନ୍ତି ଯେ, ସେ ସିଦ୍ଧି ଲାଭ କରିଅଛନ୍ତି ଏବଂ ସେ ଶାସ୍ତ୍ରୋକ୍ତ ନିୟମର ଉର୍ଦ୍ଧ୍ୱରେ । ସେ ନିୟମ ପାଳନ କରିବାର ଆବଶ୍ୟକତା ନାହିଁ । ସେ ସାଧକଗଣ ନିୟମ ଭଙ୍ଗ କରନ୍ତି । ସେମାନେ ମୋହଗ୍ରସ୍ତ ଜୀବାତ୍ମା । ସେମାନଙ୍କର ଦୁର୍ବାର ଅଧୋପତନ ସୁନିଶ୍ଚିତ ।

ଭକ୍ତଗଣଙ୍କର ବ୍ୟକ୍ତିଗତ ଦୃଷ୍ଟାନ୍ତ ଅନ୍ୟମାନଙ୍କ ଉପରେ ଗଭୀର ପ୍ରଭାବ ପକାଏ । ଭକ୍ତ ନିଶ୍ଚିତ ରୂପେ ସ୍ଥିର ଚିତ୍ତଯୁକ୍ତ ହେବା ବିଧେୟ । ତାଙ୍କର ପ୍ରଥମତଃ ବୌଦ୍ଧିକ ଦୃଢ଼ ବିଶ୍ୱାସ ସହ ସ୍ୱ-ଆଦର୍ଶ ଅନୁସାରେ ଜୀବନକୁ ପରିଚାଳିତ କରିବାକୁ ଦୃଢ଼ତା ରହିବା ଉଚିତ । ଜୀବନର ନୀତିକୁ ସ୍ୱଜୀବନରେ ପ୍ରତିଫଳିତ କରିବା ଉଚିତ ଯାହାକି ତାଙ୍କର ସୁଖ ନିମିତ୍ତ ଅତ୍ୟାବଶ୍ୟକ । ଅନ୍ତିମରେ ତାହା ଭକ୍ତଙ୍କର ଆଧ୍ୟାତ୍ମିକ ଆତ୍ମବିକାଶ କରି ଈଶ୍ୱର ସାକ୍ଷାତକାର ଆଡ଼କୁ ଘେନିଯିବ ।

ଶାସ୍ତ୍ର ରକ୍ଷଣମ୍

ସାଧକ ଧର୍ମରେ ଅଧିଷ୍ଠିତ ହେବାପରେ ହିଁ ସେ ଶାସ୍ତ୍ର ରକ୍ଷଣ ନିମନ୍ତେ ଯୋଗ୍ୟ ହୁଅନ୍ତି । ସଂପ୍ରତି ସେ ଶାସ୍ତ୍ରସମୂହକୁ ଆକ୍ରମଣରୁ ରକ୍ଷା କରିପାରନ୍ତି ।

ଶାସ୍ତ୍ର ନିର୍ଦ୍ଦେଶିତ ମାର୍ଗରେ ଜୀବନ ପରିଚାଳିତ କରି ଅନ୍ୟମାନେ ଶାସ୍ତ୍ରର ରକ୍ଷା କରିପାରିବେ । ଏହା ମଧ୍ୟ ଶାସ୍ତ୍ର ରକ୍ଷଣମ୍ ବା ଶାସ୍ତ୍ର ଓ ଧର୍ମର ସୁରକ୍ଷା । ଭଗବାନ ସାକ୍ଷାତକାର କରିଥିବା ବ୍ୟକ୍ତିଗଣ ସ୍ୱଜୀବନରେ ଶାସ୍ତ୍ରର ଅନୁସରଣ କରିବା ଉଚିତ । ସେମାନେ ସ୍ୱ-ଜୀବନ ଓ ଶିକ୍ଷାମାଧ୍ୟମରେ ଏକ ଦୃଷ୍ଟାନ୍ତ ସୃଷ୍ଟି କରିବା ବିଧେୟ । କେବଳ ତା'ଦ୍ୱାରା ସାଧାରଣ ବ୍ୟକ୍ତିଗଣ ଜୀବନରେ ମାର୍ଗଦର୍ଶନ ପାଇଁ ତାହା ଗ୍ରହଣ କରିପାରିବେ ।

ପ୍ରଭୁ କୃଷ୍ଣ ଗୀତାରେ କହନ୍ତି- ''ବିବେକହୀନ ଓ ସଂଶୟାତ୍ମା ମନୁଷ୍ୟର ପତନ ହୁଏ । ଏପରି ସଂଶାୟାତ୍ମା ମନୁଷ୍ୟର ଇହଲୋକ ଓ ପରଲୋକରେ ହିତ ହୁଏ ନାହିଁ ଏବଂ ତାଙ୍କୁ ସୁଖ ମଧ୍ୟ ମିଳେ ନାହିଁ ।'' (ଗୀତା ୪/୪୦) ତେଣୁ ତୁମ ପାଇଁ କର୍ତ୍ତବ୍ୟ-ଅକର୍ତ୍ତବ୍ୟର ନିରୂପଣରେ ଶାସ୍ତ୍ର ହିଁ ପ୍ରମାଣ । ଏହା ଜାଣି ତୁମେ ଇହ ଲୋକରେ ଶାସ୍ତ୍ର ବିଧିସମ୍ମତ କର୍ମ କରିବା ଉଚିତ । (ଗୀତା ୧୬/୨୪) ସ୍ୱ-ଇଚ୍ଛା ଅନୁସାରେ କର୍ମ କରିବାକୁ ମନକୁ ଅନୁମତି ଦେବା ଅନୁଚିତ । ଶାସ୍ତ୍ରର ନିର୍ଦ୍ଦେଶ ଅନୁସାରେ କର୍ମ କରୁଥିବା ବ୍ୟକ୍ତିଙ୍କର ଦ୍ରୁତ ଆତ୍ମବିକାଶ ହୋଇଥାଏ । ତାଙ୍କର ମନରେ ଅସ୍ୱସ୍ତିଭାବ ନ ଥାଏ । ସେ ପ୍ରଫୁଲ୍ଲ ଓ ଭୟଶୂନ୍ୟ ହୋଇଥାନ୍ତି । ସେ ସନ୍ତୋଷ ଲାଭ କରନ୍ତି । ସେ ଅନୁଭବ କରନ୍ତି ଯେ, ସେ ଆଧ୍ୟାତ୍ମିକ ମାର୍ଗ ଅନୁସରଣ କରୁଛନ୍ତି ଓ ଆଧ୍ୟାତ୍ମିକ କ୍ଷେତ୍ରରେ ତାଙ୍କର ଦ୍ରୁତ ପ୍ରଗତି ହେଉଅଛି । ସେ ଭଗବାନଙ୍କର ନିକଟତର ବୋଲି ଅନୁଭବ କରିବେ । ସେ ମାନସିକ ଶାନ୍ତି ଲାଭ କରିବେ ।

ଶାସ୍ତ୍ର ସମୂହ ଅଭ୍ରାନ୍ତ । ବେଦସମୂହ ଈଶ୍ୱରଙ୍କର ମୁଖ-ନିସୃତ । ତାହା ଈଶ୍ୱରଙ୍କ ପ୍ରକଟିତ ଜ୍ଞାନ । ତାହା ପରମ୍ପରା ରୂପେ ଋଷି ଓ ଦିବ୍ୟଦ୍ରଷ୍ଟାଙ୍କ ଦ୍ୱାରା ତାଙ୍କର ଶିଷ୍ୟଗଣଙ୍କୁ ପ୍ରଦତ୍ତ ହୋଇଥାଏ । ଜଗତ ଥିବା ଯାଏ ଶାସ୍ତ୍ର ନିର୍ଦ୍ଦେଶିତ ନ୍ୟାୟ ଓ ସତ୍ୟପଥରେ ଗୁରୁଗଣ ସାଧକ ମାନଙ୍କୁ ମାର୍ଗଦର୍ଶନ କରୁଥିବେ । କଳିଯୁଗରେ ଗୁରୁଗଣଙ୍କର ସଂଖ୍ୟା କମ୍ ହୋଇଥାଇ ପାରେ କିନ୍ତୁ ତଥାପି ସେମାନେ ଅଛନ୍ତି । ପୁସ୍ତକ ସବୁ ଶାଶ୍ୱତ ନୁହନ୍ତି, କିନ୍ତୁ ବେଦରେ ଥିବା ଚିନ୍ତାସବୁ ଚିରନ୍ତନ ।

ଭଗବାନଙ୍କର ଅସ୍ତିତ୍ୱ ବିଷୟରେ ଦୃଢ଼ ବିଶ୍ୱାସ ନିମିତ୍ତ ଗଭୀର ଜ୍ଞାନ ଓ ତର୍କର ଆବଶ୍ୟକତା ନଥାଏ । ମୁଁ ଜାଣେ ନାହିଁ ଯେ କାହିଁକି, ଏହି ହେତୁବାଦୀ ଓ ବସ୍ତୁବାଦୀ ବୈଜ୍ଞାନିକଗଣ ଅନାବଶ୍ୟକ ରୂପେ ସନ୍ଦେହ ଏବଂ ସଂଘର୍ଷ କରୁଛନ୍ତି ।

ଏହା ଅତ୍ୟନ୍ତ କ୍ଷୋଭର ବିଷୟ । ତାଙ୍କର ଅନମନୀୟ ଅହଂକାର ହିଁ ତାଙ୍କୁ ଈଶ୍ୱରଙ୍କର ଅସ୍ତିତ୍ୱ ସମ୍ବନ୍ଧରେ ସନ୍ଦିହାନ କରେ । ସେମାନେ ପ୍ରଭୁଙ୍କର ଅସ୍ତିତ୍ୱ ବିଷୟରେ ସ୍ୱୀକାର କରନ୍ତୁ ବା ନ କରନ୍ତୁ, ଭଗବାନଙ୍କ ଦିବ୍ୟଆତ୍ମା ଅନାଦିକାଳରୁ ଜଗତକୁ ଉଦ୍ଭାସିତ କରୁଛି । ପେଚା ସୂର୍ଯ୍ୟଙ୍କର ଅସ୍ତିତ୍ୱ ସ୍ୱୀକାର କରୁ ବା ନ କରୁ ସୂର୍ଯ୍ୟଙ୍କର ଅସ୍ତିତ୍ୱ ନିଶ୍ଚିତ ରୂପେ ଅଛି । ତାଙ୍କର ମନରେ ସ୍ଥୂଳ ଅଶୁଦ୍ଧତା ଭରି ରହିଛି । ତାଙ୍କର ଅନ୍ତକରଣରେ ପାପ ଭରି ରହିଛି ଯାହାକି ତାଙ୍କର ବୃତ୍ତିକୁ କଳୁଷିତ କରେ । ସେମାନଙ୍କର ହୃଦ୍‌ବୋଧ ହେବା ନିମନ୍ତେ ସେମାନଙ୍କୁ ପ୍ରତୀକ୍ଷା କରିବାକୁ ପଡ଼ିବ ।

ଯେପରି ଏକ କ୍ଷୁଦ୍ର ବୃକ୍ଷକୁ ସୁରକ୍ଷା କରିବାକୁ ପ୍ରାରମ୍ଭରେ ବାଡ ନିର୍ମାଣ କରିବାକୁ ପଡ଼ିଥାଏ, ସେହିପରି ଆରମ୍ଭରେ ଭକ୍ତିପଥର ଯାତ୍ରୀଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ପଡ଼ିବ । ଯଦି ସେ ନାସ୍ତିକଗଣଙ୍କର ସହ ମିଶନ୍ତି, ସେ ଖୁବ୍ ଶୀଘ୍ର ତାଙ୍କର ବିଶ୍ୱାସ ହରାଇବେ । ସେ ସର୍ବଦା ସାଧୁ, ମହାତ୍ମା ଓ ଭକ୍ତଙ୍କର ସଙ୍ଗରେ ରହିବା ଉଚିତ । ସେମାନଙ୍କର ସାହଚର୍ଯ୍ୟ ଭକ୍ତଙ୍କ ପାଇଁ ଲୁହାର ଦୁର୍ଗ ସଦୃଶ ଅଟେ । ଯଦି ଶାସ୍ତ୍ରୋକ୍ତ ଅନୁଜ୍ଞାକୁ କଠୋରତା ସହ ପାଳନ କରାଯାଏ, ବ୍ୟକ୍ତିର ବିଶ୍ୱାସକୁ କେହି ଦୋହଲାଇ ପାରିବେ ନାହିଁ । ଯେପରି ଏକ କଣ୍ଟାକୁ କାଠପଟାରେ ବାରମ୍ବାର ହାତୁଡ଼ି ମାରିବା ଫଳରେ ତାହା ଭିତରକୁ ପ୍ରବେଶ କରେ, ସେହିପରି ଶାସ୍ତ୍ରର ଅନୁଜ୍ଞା କଠୋର ରୂପେ ପାଳନ କଲେ ସଂସ୍କାର ଓ ଶ୍ରଦ୍ଧା ଗଭୀର ହୋଇଥାଏ । ଏହା ହେଉଛି ଏହି ସୂତ୍ରର ଅର୍ଥ ।

ସୂତ୍ର–୧୩

ଅନ୍ୟଥା ପାତିତ୍ୟାଶଂକୟା ॥ ୧୩ ॥

ଅର୍ଥ– କାରଣ ଅନ୍ୟଥା ଅଧୋପତନର ବିପଦ ରହିଛି ।

ଶବ୍ଦାର୍ଥ– ଅନ୍ୟଥା– ନହେଲେ, ପାତିତ୍ୟାଶଙ୍କୟା– ଅଧୋପତନ ହେବାର ଆଶଙ୍କା ବା ଭୟ ।

ବ୍ୟାଖ୍ୟା– କିଛି ଆଧ୍ୟାତ୍ମିକ ବିକାଶ କରିଥିବା ଭକ୍ତ ଯଦି ସାବଧାନ ନ ହୁଅନ୍ତି ଓ ଶାସ୍ତ୍ରୋକ୍ତ ନିୟମ ପାଳନ ନ କରନ୍ତି, ସେ ପୁରାତନ କୁଅଭ୍ୟାସର ପୁନରାବୃତ୍ତି କରିପାରନ୍ତି ।

ଯେଉଁ ଭକ୍ତ ଶାସ୍ତ୍ର ନିର୍ଦ୍ଦେଶିତ ନିୟମର ଉଲ୍ଲଙ୍ଘନ କରନ୍ତି, ନିଶ୍ଚିତ ରୂପେ ତାଙ୍କର ଅଧୋପତନ ହେବାର ସମ୍ଭାବନା ରହିଛି । ସେ ତାଙ୍କର ସାଂସାରିକ ଅବସ୍ଥା ଓ ଅବିଦ୍ୟା ସ୍ଥିତିକୁ ଫେରିଯାଇ ପାରନ୍ତି ।

ଗୀତା ଭାଷାରେ ଯେଉଁ ବ୍ୟକ୍ତି ଶାସ୍ତ୍ରୋକ୍ତ ନିର୍ଦ୍ଦେଶ ଅବମାନନା କରି ବାସନା ପ୍ରରୋଚିତ କର୍ମରେ ଲିପ୍ତ ରହନ୍ତି, ସେ ସିଦ୍ଧି, ସୁଖ କିମ୍ବା ପରମଗତି ଲାଭ କରିବାରୁ ବଞ୍ଚିତ ରହନ୍ତି । (ଗୀତା ୧୬/୨୩)

ଯାହା ଅତୀତରେ ଉପଯୋଗୀ ଥିଲା, ସମୟକ୍ରମେ ନୂତନ ପରିବେଶରେ ତାହା ଉପଯୋଗୀ ହୋଇ ନପାରେ । ଶାସ୍ତ୍ରର ପୁର୍ନବ୍ୟବସ୍ଥିତ କରିବାର ଆବଶ୍ୟକତା ହୋଇପାରେ । ମହାତ୍ମାଗଣ ତାଙ୍କର ଆଧାତ୍ମିକ ଅଭିଜ୍ଞତାର ଆଲୋକରେ ଶାସ୍ତ୍ରୋକ୍ତ ନିର୍ଦ୍ଦେଶର ନିରୀକ୍ଷା କରିପାରନ୍ତି । ଆବଶ୍ୟକ ହେଲେ ସେମାନେ ଶାସ୍ତ୍ରର ଅନାବଶ୍ୟକ ବା ଅପ୍ରାସଙ୍ଗିକ ତତ୍ତ୍ୱକୁ ଦୂର କରି ଆଧୁନିକ ସମାଜର ସନ୍ଦର୍ଭରେ ପୁନଃର୍ବିନ୍ୟାସ କରିପାରିବେ । ତେବେ ହିଁ ଶାସ୍ତ୍ରସମୂହର ସୁରକ୍ଷା ହୋଇପାରିବ । (ଶାସ୍ତ୍ର ରକ୍ଷଣମ୍)

ମାୟା ଅତ୍ୟନ୍ତ ଶକ୍ତିଶାଳୀ । ମୋହ ଓ ବାସନାର କ୍ଷମତା ରହସ୍ୟପୂର୍ଣ୍ଣ । ସେହି କାରଣକୁ ପ୍ରଭୁ କୃଷ୍ଣ କହନ୍ତି– ହେ କୁନ୍ତୀନନ୍ଦନ, ବିଜ୍ଞ ବ୍ୟକ୍ତିଙ୍କର ପ୍ରମଥନଶୀଳ ଇନ୍ଦ୍ରିୟଗଣ, ତାଙ୍କର ମନକୁ ମଧ ବଳପୂର୍ବକ ହରଣ କରିନିଅନ୍ତି । ବିଚରଣଶୀଳ ଇନ୍ଦ୍ରିୟମାନଙ୍କ ମଧ୍ୟରୁ କୌଣସି ଗୋଟିଏ ଇନ୍ଦ୍ରିୟ ଯଦି ମନକୁ ନିଜର ଅନୁଗାମୀ କରିଦିଏ, ଜଳରେ ନୌକାକୁ ବାୟୁ ହରଣ କରିବା ସଦୃଶ ଇନ୍ଦ୍ରିୟ ବୁଦ୍ଧିକୁ ହରଣ କରିନିଏ । (ଗୀତା ୨/୬୦, ୬୭)

ଆପଣମାନେ ସମସ୍ତେ ସଚେତନ ଯେ ମହାନ ତପ କରୁଥିବା ଋଷି ବିଶ୍ୱାମିତ୍ର ଅପ୍ସରା ମେନକାଙ୍କର ସୌନ୍ଦର୍ଯ୍ୟ ଦ୍ୱାରା ବିମୋହିତ ହୋଇଯାଇଥିଲେ । ଏପରିକି ପ୍ରଭୁ ବୁଦ୍ଧ ମଧ ମରର ସମ୍ମୁଖୀନ ହୋଇଥିଲେ । ଏ ସଂସାର ପ୍ରଲୋଭନରେ ପୂର୍ଣ୍ଣ । ପ୍ରତି ମୁହୂର୍ତ୍ତରେ ପତନର ଭୟ ରହିଛି । ପ୍ରାରମ୍ଭିକ ପର୍ଯ୍ୟାୟର ସାଧକ ପ୍ରଲୋଭନ ସହ ସଂଘର୍ଷ କରିବାରେ ଅସମର୍ଥ ହୋଇଥାଏ । ସେ ସହଜରେ ପ୍ରଲୋଭନର ଶିକାର ହୋଇଥାଏ । ସାଧକ ଅତ୍ୟନ୍ତ ସାବଧାନ ହେବା ଉଚିତ । ସେ ଶାସ୍ତ୍ରୋକ୍ତ ନିର୍ଦ୍ଦେଶ ପାଳନ କରିବା ଉଚିତ । ଫଳତଃ ସେ ପତନରୁ ରକ୍ଷା ପାଇଯାଆନ୍ତି । ସ୍ୱଳ୍ପ ବିକାଶ କରିଥିବା ବେଳେ ସେ ନିଜର ଆଧାତ୍ମିକ ଶକ୍ତିର ପରୀକ୍ଷା କରିବା ଅନୁଚିତ । ପ୍ରତିକ୍ରିୟା ପ୍ରାରମ୍ଭ ହୋଇପାରେ । ଇନ୍ଦ୍ରିୟଗଣ ବିଦ୍ରୋହ

କରିପାରନ୍ତି । ମନ ପ୍ରତିକ୍ରିୟାଶୀଳ ହୋଇପାରେ । ବର୍ତ୍ତମାନ ସମୟରେ ମଧ୍ୟ ଯୋଗଭ୍ରଷ୍ଟ ବ୍ୟକ୍ତିଙ୍କର ଅଭାବ ନାହିଁ । ପରୀକ୍ଷାର ସମ୍ମୁଖୀନ ହେଲେ ସାଧକଙ୍କର ପତନ ହୁଏ । ଜୈମିନୀ ତାଙ୍କର ଗୁରୁ ବେଦବ୍ୟାସଙ୍କର ଦ୍ୱାରା ପରୀକ୍ଷାର ସମ୍ମୁଖୀନ ହୋଇଥିଲେ । ସେ ବ୍ରହ୍ମଚର୍ଯ୍ୟରେ ବିଫଳ ହେଲେ । କେବଳ ଶାରୀରିକ ସଂଯମ ଯଥେଷ୍ଟ ନୁହେଁ । ତାଙ୍କର ମନରେ କୌଣସି କୁଚିନ୍ତା ଉଦ୍ରେକ ହେବା ଅନୁଚିତ । ଏପରିକି ମନରେ କୌଣସି ଅପବିତ୍ର ରୋମାଞ୍ଚ ବା ଅପବିତ୍ର କମ୍ପନ ଜାତ ହେବା ଅନୁଚିତ । ଏହା ପବିତ୍ରତାର ଶ୍ରେଷ୍ଠ ମାନଦଣ୍ଡ । ଗୀତା କହନ୍ତି– ଯେଉଁ ବ୍ୟକ୍ତି ଇନ୍ଦ୍ରିୟଗଣଙ୍କୁ ନିରୋଧ କରି ମନରେ ଇନ୍ଦ୍ରିୟଗଣଙ୍କୁ ଚିନ୍ତନ କରୁଥାଏ, ସେହି ମୂଢ ବୁଦ୍ଧି ମନୁଷ୍ୟକୁ ମିଥ୍ୟାଚାରୀ କୁହାଯାଏ । (ଗୀତା ୩/୬)

କେତେକ ନିର୍ବୋଧ ଯୁବ ସାଧକ ହିମାଳୟର ଗୁମ୍ଫାରେ ବାସ କରି ଚାରି ବା ପାଞ୍ଚବର୍ଷ ସାଧନା କରନ୍ତି, ଧ୍ୟାନ ବେଳେ କେତେକ ଉଜ୍ଜ୍ୱଳ ଆଲୋକ ଦେଖନ୍ତି, କର୍ଣ୍ଣରେ କେତେକ ଅନାହତ ଶବ୍ଦ ଶୁଣନ୍ତି ଏବଂ ଚିନ୍ତା କରନ୍ତି ଯେ ସେମାନେ ଆତ୍ମା ଉପଲବ୍ଧି କରିଥିବା ମହାତ୍ମା । ସେମାନେ ଶୀଘ୍ର ସଂସାରରେ ପ୍ରବେଶ କରି ପ୍ରଚାର କରନ୍ତି, ଗୃହସ୍ଥଗଣଙ୍କ ସହ ମୁକ୍ତ ଭାବେ ମିଳାମିଶା କରନ୍ତି ଓ ଶୀଘ୍ର ନୈରାଶ୍ୟଜନକ ପତନର ସମ୍ମୁଖୀନ ହୁଅନ୍ତି । ଯଦି ତୁମେ ଉପଯୁକ୍ତ ସାବଧାନତା ଅବଲମ୍ବନ ନ କର ଓ ଗୃହସ୍ଥଗଣଙ୍କ ସହ ମୁକ୍ତ ରୂପେ ମିଳାମିଶା କର, ତୁମେ ୧୨ ବର୍ଷର କଠୋର ସାଧନାରେ ଲାଭ କରିଥିବା ତପସ୍ୟା ଫଳ ୧୨ ସେକେଣ୍ଡରେ ହରାଇ ବସିବ । ତୁମେ ବ୍ରାହ୍ମୀସ୍ଥିତି ଲାଭ କରିବା ପୂର୍ବରୁ ବା ସଂପୂର୍ଣ୍ଣ ଯୋଗୀତ୍ୱ ବା ଜ୍ଞାନୀ ସ୍ଥିତି ପ୍ରାପ୍ତ କରିବା ପୂର୍ବରୁ ସମାଜରେ ଗୃହସ୍ଥଙ୍କ ସହ ଅବାଧ ମିଳାମିଶା କରିବା ଅନୁଚିତ ।

ସୁତରାଂ ପରମଭକ୍ତିର ବିକାଶ ହେବାଯାଏ ଶାସ୍ତ୍ରୋକ୍ତ ନିର୍ଦ୍ଦେଶକୁ ପାଳନ କର । ତୁମେ ଶ୍ରେଷ୍ଠ ଭକ୍ତିରେ ପ୍ରତିଷ୍ଠିତ ହେଲେ କଠୋର ନିୟମ ପାଳନ ସ୍ୱୟଂ ବନ୍ଦ ହୋଇଯିବ ।

ସୂତ୍ର–୧୪

ଲୋକୋଽପି ତାବଦେବ କିନ୍ତୁ

ଭୋଜନାଦିବ୍ୟାପାରସ୍ତ୍ୱା ଶରୀର ଧାରଣା ବିଧି ॥ ୧୪ ॥

ଅର୍ଥ– ସାମାଜିକ ପ୍ରଥା ମଧ୍ୟ ସେହିପରି ଶାସ୍ତ୍ର ନିର୍ଦ୍ଦେଶ ଅନୁସାରେ ଅନୁସରଣ କରିବା ଆବଶ୍ୟକ । କିନ୍ତୁ ଶରୀର ଥିବା ଯାଏ ଭୋଜନ, ଜଳପାନ ଓ ବସ୍ତ୍ର ପରିଧାନ କରିବା ଉଚିତ ।

ଶବ୍ଦାର୍ଥ– ଲୋକଃ– ସାମାଜିକ ପ୍ରଥା, ଅପି– ମଧ୍ୟ, ତାବଦ୍– ସେ ପର୍ଯ୍ୟନ୍ତ, ଏବ– କେବଳ, ଭୋଜନାଦି ବ୍ୟାପାରହଃ– ଭୋଜନ, ପରିଧାନ ଓ ନିଦ୍ରା ଆଦି, ତୁ– କିନ୍ତୁ, ଆଶରୀରଧାରଣାବିଧି– ଶରୀର ଧାରଣ କରିଥିବା ପର୍ଯ୍ୟନ୍ତ ।

ବ୍ୟାଖ୍ୟା– ନିଜର ଜୀବନର ବୃତ୍ତି ଓ ପରିବାର ପୋଷଣ ଆଦି ସାଂସାରିକ କର୍ତ୍ତବ୍ୟ ଯତ୍ନ ସହିତ ଧାର୍ମିକ କର୍ତ୍ତବ୍ୟ ସହ ଶାସ୍ତ୍ରର ନିର୍ଦ୍ଦେଶ ଅନୁସାରେ ସମ୍ପାଦନ କହିବା ଉଚିତ । ସମୟ ଆସିଲେ ଧାର୍ମିକ ତଥା ସାଂସାରିକ କର୍ମ ସ୍ୱୟଂ ବିରତି ଲାଭ କରିବ ।

ତାବଦେବ ଶରୀର ଧାରଣ

ଏହା ଅର୍ଥ କେବଳ ଜୀବନ ଧାରଣ ନୁହେଁ କିନ୍ତୁ ସ୍ୱାସ୍ଥ୍ୟରକ୍ଷା ମଧ୍ୟ । ଉତ୍ତମ ସ୍ୱାସ୍ଥ୍ୟ ବିନା ବ୍ୟକ୍ତି ଈଶ୍ୱରଙ୍କର ଏବଂ ମାନବ ସମାଜର ସେବା କରିପାରିବ ନାହିଁ ।

ସମାଜର ରକ୍ଷଣ ନିମିତ୍ତ ଆବଶ୍ୟକ ହେଲେ ଭକ୍ତ ଶାସ୍ତ୍ରୋକ୍ତ ନିୟମରେ ସାମାନ୍ୟ ପରିବର୍ତ୍ତନ କରିପାରିବେ । କିନ୍ତୁ ସମାଜର ନିରାପତ୍ତା ରକ୍ଷା ପାଇଁ ଭକ୍ତଙ୍କୁ ଅତ୍ୟାବଶ୍ୟକ ସାମାଜିକ ନିୟମ ଅନୁସାରେ ଚଳିବାକୁ ପଡ଼ିବ ।

ଶାସ୍ତ୍ରୀୟ ନିର୍ଦ୍ଦେଶ ସଦୃଶ ସାମାଜିକ ପ୍ରଥାକୁ ମଧ୍ୟ ଅନୁସରଣ କରିବା ଉଚିତ । ତାହା ସାଧକଙ୍କୁ ପ୍ରାରମ୍ଭିକ ପର୍ଯ୍ୟାୟରେ ସହାୟକ ହେବ । ଯେତେବେଳେ ସାଧକ ପରମଭକ୍ତି ଓ ଆଧ୍ୟାତ୍ମିକତାରେ ସଂପୂର୍ଣ୍ଣ ଅଧିଷ୍ଠିତ ହେବେ, ସେ ଶାସ୍ତ୍ରୀୟ ତଥା ସାମାଜିକ ନିର୍ଦ୍ଦେଶକୁ ପରିହାର କରିପାରନ୍ତି । ଯେତେବେଳେ ସେ ଭକ୍ତି ଓ ପବିତ୍ରତାରେ ଅଗ୍ରସର ହେବେ ସାମାଜିକ ପ୍ରଥା ସ୍ୱୟଂ ଅନାବଶ୍ୟକ ବୋଧ ହେବ । କିନ୍ତୁ ଅନ୍ୟପକ୍ଷରେ ସେ ଜୀବନ ଧାରଣ କରିଥିବା ଯାଏ ଭୋଜନ ଆଦି କର୍ମ କ୍ରମାଗତ ଭାବରେ ଦେହରକ୍ଷା ପାଇଁ ଚାଲିବ ।

□□□

ଭକ୍ତିର ବିବିଧ ସଂଜ୍ଞା

ସୂତ୍ର–୧୫

ତଲ୍ଲକ୍ଷଣାଦି ବାଚ୍ୟନ୍ତେ ନାନା ମତ ଭେଦାତ୍ ॥ ୧୫ ॥

ଅର୍ଥ– ବିବିଧ ମତଭେଦ ଯୋଗୁ ଭକ୍ତିର ଲକ୍ଷଣ ସମୂହ ବିଭିନ୍ନ ରୂପେ ବର୍ଣ୍ଣିତ ହୋଇଛି ।

ଶବ୍ଦାର୍ଥ– ତଲ୍ଲକ୍ଷଣାଂନି– ଭକ୍ତିର ବିବିଧ ଲକ୍ଷଣ, ବାଚ୍ୟନ୍ତେ– ବର୍ଣ୍ଣିତ ହୋଇଛି, ନାନାମତ ଭେଦାତ୍– ବିଭିନ୍ନ ମତଭେଦ ଯୋଗୁ ।

ବ୍ୟାଖ୍ୟା– ଭକ୍ତିର ଅତ୍ୟାବଶ୍ୟକ ଗୁଣ ବିଷୟରେ ଜ୍ଞାନୀ ବ୍ୟକ୍ତିଗଣ ସହମତ ହୋଇଥାଆନ୍ତି । କିନ୍ତୁ ସେମାନେ ଭକ୍ତିର ବିବିଧ ଲକ୍ଷଣ ମଧ୍ୟରୁ କେତେକ ଲକ୍ଷଣକୁ ଗୁରୁତ୍ୱ ପ୍ରଦାନ କରିଥାଆନ୍ତି । ଏହା ବିବିଧ ମତବାଦର ପରିପ୍ରକାଶ କରେ ।

ବିଭିନ୍ନ ଆଚାର୍ଯ୍ୟଗଣ ଭକ୍ତିର ସଂଜ୍ଞା ବିଭିନ୍ନ ରୂପେ ପ୍ରଦାନ କରିଥାଆନ୍ତି । ତାଙ୍କର ମତ ପ୍ରଦାନ କରିବା ପରେ, ଦେବର୍ଷି ନାରଦ ଭକ୍ତି ଉପରେ ସ୍ୱମତବାଦ ପ୍ରକାଶ କରିଛନ୍ତି ।

ଲକ୍ଷଣାନି

ଭକ୍ତିର ଅନ୍ତର୍ନିହିତ ଅଭିଜ୍ଞତା ସବୁ ବିରୁଦ୍ଧ ରୂପେ ବ୍ୟକ୍ତିଗତ ଅଟେ । ଭକ୍ତଙ୍କର ମାନସିକ ଅବସ୍ଥା କେବଳ ତାଙ୍କୁହିଁ ଜଣା । କିନ୍ତୁ ଭକ୍ତଗଣ ବିବିଧ ଉପାୟରେ ନିଜର ଆଚରଣ ପରିପ୍ରକାଶ କରିଥାଆନ୍ତି । ଆମେ ଭକ୍ତିର ଲକ୍ଷଣ ବା ପରିପ୍ରକାଶକୁ ଚିହ୍ନିପାରିବା । ହୃଦୟର ପ୍ରତ୍ୟେକ ପରିବର୍ତ୍ତନ ବାହ୍ୟ ଆଚରଣରେ ତଥା ଭକ୍ତଙ୍କର ଚେହେରାରେ ପରିପ୍ରକାଶ ଲାଭ କରିଥାଏ । ଏହି ସୂତ୍ର ତଥା ପରବର୍ତ୍ତୀ ନଅଟି ସୂତ୍ରରେ ନାରଦ ଅନ୍ୟ ଲେଖକଙ୍କ ଦ୍ୱାରା ପ୍ରଦତ୍ତ ଭକ୍ତିର ବର୍ଣ୍ଣନା ପ୍ରଦାନ କରିଛନ୍ତି ଏବଂ ତାଙ୍କର ପୂର୍ବ ସୂରୀଗଣଙ୍କର ମତ ଅପେକ୍ଷା ତାଙ୍କର ମତ ଅଧିକ ସଂପୂର୍ଣ୍ଣ ବୋଲି ପ୍ରଦର୍ଶିତ କରିଅଛନ୍ତି ।

ଦୁଇଟି ମନ ସଂପୂର୍ଣ୍ଣ ରୂପେ ସମାନ ନୁହେଁ । ସୁତରାଂ ମତଭେଦର ସମାନ ଅଭିଜ୍ଞତାର ବିବିଧ ପରିପ୍ରକାଶର ଅବକାଶ ରହିଛି । ବର୍ଣ୍ଣନାରେ ପାର୍ଥକ୍ୟ ଅର୍ଥ ନୁହେଁ ଯେ ଅଭିଜ୍ଞତାରେ ପାର୍ଥକ୍ୟ ରହିଛି ।

ପ୍ରସିଦ୍ଧ ସନ୍ଥଗଣଙ୍କ ଦ୍ୱାରା ପ୍ରଦତ୍ତ ଭକ୍ତିର ଅଭିଜ୍ଞତାର ପରିପ୍ରକାଶକୁ ଆସନ୍ତୁ ଆମେ ପରୀକ୍ଷା କରିବା । ଶିବାନନ୍ଦ ଲହରୀରେ ଶ୍ରୀ ଶଙ୍କର ଭକ୍ତିକୁ ପ୍ରଭୁଙ୍କର ଚରଣକମଳରେ ମନକୁ ଚିରନ୍ତନ ରୂପେ ନିମଗ୍ନ ରଖିବା ବିଷୟରେ ବର୍ଣ୍ଣନା କରନ୍ତି । ଯେପରି ଏକ ସୂଚୀ ଏକ ଚୁମ୍ବକରେ ଲାଗି ରହେ, ଆଙ୍କୋଲା ବୃକ୍ଷରେ ବୀଜ ଲାଗିରହେ, ଏକ ସାଧ୍ୱୀ–ପତ୍ନୀ ନିଜର ସ୍ୱାମୀ ସେବାରେ ନିମଗ୍ନ ରହନ୍ତି ବା ଏକ ଲତା ଏକ ବୃକ୍ଷରେ ଆବୃତ ରହେ, ସେହିପରି ଭକ୍ତଙ୍କର ମନ ପ୍ରଭୁଙ୍କର ଚରଣ କମଳରେ ନିବଦ୍ଧ ରହିବା ଉଚିତ ।

ଦେବୀ ଭାଗବତମ୍‌ରେ ପରମ ଭକ୍ତିକୁ ତୈଳଧାରାବତ୍ ନିରବଚ୍ଛିନ୍ନ ରହିବା ସହ ତୁଳନା କରାଯାଇଛି । ଭଗବାନଙ୍କ ବିଷୟରେ ଚିନ୍ତାଧାରା ସତତ ତୈଳଧାରାତୁଲ୍ୟ କ୍ରମାଗତ ଭାବେ ଚାଲିବା ଆବଶ୍ୟକ ।

ଭାଗବତମ୍‌ରେ ମୈତ୍ରେୟ କହନ୍ତି ଯେ, ଭକ୍ତି ହେଉଛି ପରମତତ୍ତ୍ୱ ଉପରେ ମନର ସ୍ଥିର ଚିନ୍ତନ । ସେହି ପରମସତ୍ୟଙ୍କ ଠାରୁ ସମସ୍ତ ବସ୍ତୁ ଓ ଇନ୍ଦ୍ରିୟ ସମୂହର ଆବିର୍ଭାବ ହୋଇଛି । କପିଳ ଭକ୍ତିକୁ ସମସ୍ତଙ୍କ ହୃଦୟରେ ନିବାସ କରୁଥିବା ଭଗବାନଙ୍କ ପ୍ରତି ନିରବଚ୍ଛିନ୍ନ ଚିନ୍ତନର ପ୍ରବାହ ରୂପେ ବର୍ଣ୍ଣନା କରିଛନ୍ତି ଯେପରି ଗଙ୍ଗାର ଜଳ ସ୍ରୋତ ସାଗର ଅଭିମୁଖେ ନିରବଚ୍ଛିନ୍ନ ରୂପେ ପ୍ରବାହିତ ହୁଏ ।

ନାରଦ ପଞ୍ଚତନ୍ତ୍ରରେ ଉପାଧି ଦ୍ୱାରା କଳୁଷିତ ନ ହୋଇ ଇନ୍ଦ୍ରିୟ ମାଧମରେ ପ୍ରଭୁଙ୍କ ପ୍ରତି ସମର୍ପିତ ସେବାକୁ ଭକ୍ତି ରୂପେ ବର୍ଣ୍ଣନା କରାଯାଇଛି । ଏହି ସେବା ପ୍ରଭୁଙ୍କ ପ୍ରତି ଉତ୍ସର୍ଗୀକୃତ ହୋଇଥିବାରୁ ଏହା ପୁନୀତ ହୋଇଥାଏ ।

ଶ୍ରୀରାମାନୁଜାଚାର୍ଯ୍ୟ ଭକ୍ତିକୁ ପ୍ରେମପୂର୍ଣ୍ଣ ଧ୍ୟାନ ରୂପେ ଅଭିହିତ କରିଅଛନ୍ତି । ଶାଣ୍ଡୀଲ୍ୟ ଭକ୍ତିକୁ ଭଗବାନଙ୍କ ପ୍ରତି ପରମପ୍ରେମ ରୂପେ ବର୍ଣ୍ଣନା କରିଅଛନ୍ତି । ତାଙ୍କ ଭାଷାରେ, "ସା ପରାନୁରକ୍ତି ରୀଶ୍ୱରେ" । ସ୍ୱପ୍ନେଶ୍ୱର ଏହି ସୂତ୍ର ଉପରେ ମନ୍ତବ୍ୟ ଦେଇ କହିଛନ୍ତି ଯେ, ପ୍ରଭୁଙ୍କର ମହାନତା ଉପଲବ୍ଧି କରିବା ଫଳରେ ପ୍ରେମଜାତ ହୁଏ । ସୁତରାଂ ବିବିଧ ମତ ପରିଲକ୍ଷିତ ହୁଏ । ଦିବ୍ୟପ୍ରେମ ଅଭିଜ୍ଞତାର ପାର୍ଥକ୍ୟ ଓ ବିକାଶର ବିବିଧ ସ୍ତର ଓ କ୍ରମବିକାଶ ଯୋଗୁଁ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ ।

ଲକ୍ଷଣ ଅର୍ଥ ଚିହ୍ନ ବା ସଂକେତ । ସମସ୍ତ ଭକ୍ତ ଏକମତ ଯେ ଭକ୍ତିର ମୁଖ୍ୟ ଲକ୍ଷଣ ହେଉଛି ପରମପ୍ରେମ । କିନ୍ତୁ କେତେକ ଭକ୍ତ କିଛି ସଂକେତକୁ ମହତ୍ତ୍ୱ ଦେଉଥିବା ବେଳେ ଅନ୍ୟମାନେ ଅନ୍ୟ କେତେକ ଲକ୍ଷଣ ଉପରେ ଗୁରୁତ୍ୱ ଦିଅନ୍ତି । ବାସ୍ତବରେ ଭକ୍ତିର ନିର୍ଯ୍ୟାସ ଦୃଷ୍ଟିରୁ କୌଣସି ମୌଳିକ ପାର୍ଥକ୍ୟ ନାହିଁ ।

ସୂତ୍ର-୧୬

ପୂଜାଦିଷ୍ୱନୁରାଗ ଇତି ପାରାଶର୍ଯ୍ୟଃ । ୧୬ ।

ଅର୍ଥ- ପରାଶରଙ୍କର ପୁତ୍ର ବ୍ୟାସଙ୍କର ମତ ହେଉଛି ଯେ ଭଗବାନଙ୍କର ପୂଜା ପ୍ରତି ଅନୁରାଗ ହିଁ ଭକ୍ତି ।

ଶବ୍ଦାର୍ଥ- ପୂଜାଦିଷୁ- ପୂଜାଆଦି କର୍ମ, ଅନୁରାଗ- ଭକ୍ତି, ଆସକ୍ତି, ଉତ୍ସାହ, ଇତି- ଏପରି, ପାରାଶର୍ଯ୍ୟଃ- ବ୍ୟାସଦେବ ।

ବ୍ୟାଖ୍ୟା- ବେଦବ୍ୟାସଙ୍କର ମତରେ ଉପାସନାରେ ଉତ୍ସାହ ଏବଂ ପୂଜାରେ, ଭଗବାନଙ୍କ ପ୍ରତି ପ୍ରେମ ହେଉଛି ଭକ୍ତିର ମୁଖ୍ୟ ଲକ୍ଷଣ । ଏକ ମୂର୍ତ୍ତିକୁ ଈଶ୍ୱରଙ୍କର ପ୍ରତୀକ ରୂପେ ଗ୍ରହଣ କରି ତାଙ୍କର ଆରାଧନା କରିବା ବିରାଟ ବା ହିରଣ୍ୟଗର୍ଭଙ୍କର ପୂଜାତୁଲ୍ୟ ।

ପୂଜା ଉଭୟ ବାହ୍ୟ ବା ଅନ୍ତର୍ନିହିତ କିମ୍ବା ମାନସିକ ହୋଇପାରେ । ଯେତେବେଳେ ଭକ୍ତ ଭଗବାନଙ୍କର ପୂଜା ନିମନ୍ତେ ଅନୁରାଗର ବିକାଶ କରନ୍ତି, ତାଙ୍କର ମନ ସ୍ୱତଃ ସାଂସାରିକ ବସ୍ତୁରୁ ପ୍ରତ୍ୟାହୃତ ହେବ । ଯେଉଁମାନେ ଭଗବାନଙ୍କର ଶାଶ୍ୱତ ଓ ଆନନ୍ଦର ପରମଧାମ ଲାଭ କରିବାକୁ ଇଚ୍ଛା କରନ୍ତି, ତାଙ୍କ ନିମିତ୍ତ ଉପାସନା ଏକ ସୁଗମ ମାର୍ଗ ।

ଭକ୍ତ କଠୋର ଓ ସତତ ଧ୍ୟାନ ବଳରେ ପରଂବ୍ରହ୍ମଙ୍କ ଙ୍କସହ ଏକତ୍ୱ ସ୍ଥାପନ କରନ୍ତି । ଏହା ହେଉଛି ଆରାଧନାର ସର୍ବୋଚ୍ଚ ସ୍ତର ।

ଆମ ହୃଦୟରେ ନିବାସ କରୁଥିବା ପରମାତ୍ମାଙ୍କୁ ଉପାସନା କରାଯାଏ । ଏହା ମଧ୍ୟ ଅନ୍ତର୍ନିହିତ ପୂଜା । ଅନ୍ତର୍ନିହିତ ପୂଜା ବା ମାନସିକ ପୂଜା ପୁଷ୍ପ ଦ୍ୱାରା ବାହ୍ୟ ପୂଜାଠାରୁ ଅଧିକ ଶକ୍ତିଶାଳୀ । ଭୀମ ଶ୍ରୀକୃଷ୍ଣଙ୍କର ମାନସିକ ପୂଜା କରୁଥିଲେ । ଏହା ଅର୍ଜୁନଙ୍କ ଦ୍ୱାରା କରାଯାଉଥିବା ବାହ୍ୟ ପୂଜାଠାରୁ ଅଧିକ ଶକ୍ତିଶାଳୀ ଥିଲା ।

ପ୍ରସାଲସନ ନୟନାର ୬୩ଜଣ ତାମିଲ ସନ୍ଥଙ୍କ ମଧ୍ୟରୁ ଅନ୍ୟତମ । ସେମାନଙ୍କୁ ଶିବ ମନ୍ଦିରରେ ଅର୍ଚ୍ଚନା କରାଯାଏ । ସେହି ସନ୍ଥ ତାଙ୍କ ଗ୍ରାମ ତିରୁନିନ୍ରାଭୁର ଠାରେ ମାନସିକ ସ୍ତରରେ ଏକ ଶିବ ମନ୍ଦିର ନିର୍ମାଣ କଲେ । ମାନସିକ ମନ୍ଦିରକୁ ନିର୍ମାଣ କରିବାରେ ତାଙ୍କୁ ୩ବର୍ଷ ଲାଗିଲା । ସେ ମଧ୍ୟ ମାନସିକ ସ୍ତରରେ ମନ୍ଦିରର କୁମ୍ଭାଭିଷେକମ୍ ଉତ୍ସବ ପାଳନ ନିମିତ୍ତ ଏକ ଶୁଭଦିନ ନିରୂପଣ କଲେ । ପ୍ରଭୁ ଶିବ ସେହି ଉତ୍ସବରେ ଉପସ୍ଥିତ ହୋଇଥିଲେ ।

ବାହ୍ୟପୂଜା ଷୋଡ଼ଶ ଉପଚାରରେ ଅନୁଷ୍ଠିତ ହୋଇଥାଏ । ତାହା ହେଉଛି- ଆବାହନ (ପ୍ରଭୁଙ୍କୁ ନିମନ୍ତ୍ରଣ) ଆସନମ୍ (ଆସନ ପ୍ରଦାନ) ପାଦ୍ୟମ୍ (ପାଦଧୌତ ପାଇଁ ଜଳ ପ୍ରଦାନ) ଅର୍ଘ୍ୟମ୍ (ସମ୍ମାନସୂଚକ ଜଳ ଅର୍ପଣ), ଆଚମନମ୍ (ଆଚମନ ନିମିତ୍ତ ଜଳ ଅର୍ପଣ), ମଧୁପର୍କମ୍ (ଦୁଧ ଓ ଫଳ ଅର୍ପଣ), ସ୍ନାନମ୍ (ଗାଧୋଇ ଦେବା), ବସ୍ତ୍ରମ୍ (ବସ୍ତ୍ର ସମର୍ପଣ), ଯଜ୍ଞୋପବୀତମ୍ (ପଇତା ପିନ୍ଧାଇବା) ଗନ୍ଧମ୍ (ଚନ୍ଦନ ପିନ୍ଧାଇବା) ଓ ଅକ୍ଷତ (ବା ଅରୁଆଚାଉଳ ଅର୍ପଣ), ପୁଷ୍ପମ୍ (ଫୁଲ ଅର୍ପଣ), ଧୂପମ୍ (ଧୂପ ପ୍ରଦାନ), ଦୀପମ୍ (ଦୀପ ପ୍ରଦର୍ଶନ), ନୈବେଦ୍ୟମ୍ (ପ୍ରସାଦ ଅର୍ପଣ), ତାମ୍ବୁଲମ୍ (ତାମ୍ବୁଲ ପ୍ରଦାନ) ଏବଂ ନିରାଜନମ୍ (କର୍ପୂର ଆରତି) ।

ପୂଜାଦିଷ୍ୱୁ

ଏହା ଉତ୍ସବ ପାଳନ ସନ୍ଦର୍ଭରେ ବ୍ୟବହୃତ । ମନ୍ଦିର ନିର୍ମାଣ ଓ ପୁନର୍ଗଠନ, ପବିତ୍ର ନୃତ୍ୟ । ଚିତ୍ର ଓ ଭାସ୍କର୍ଯ୍ୟର ଭକ୍ତିପୂର୍ଣ୍ଣ ଚିତ୍ରକଳା, ଦାନ, ପୁଷ୍କରିଣୀ ଖନନ, ମୂର୍ତ୍ତିନିର୍ମାଣ, ବାହାନମ୍ ବା ରଥ ନିର୍ମାଣ, ଦୀପ ପ୍ରଜ୍ୱଳନ, ପ୍ରତ୍ୟହ ପୁଷ୍ପ, ଚନ୍ଦନ, ଧୂପ, ଭୋଗ ବା ନୈବେଦ୍ୟ ଅର୍ପଣ ଏବଂ ମୂର୍ତ୍ତି ସମୂହଙ୍କର ସାଜସଜ୍ଜା ବସ୍ତ୍ର ପରିଧାନ ଇତ୍ୟାଦି । ଈଶ୍ୱର ସାକ୍ଷାତ୍‌କାର ପରେ ମଧ୍ୟ ଦେବାର୍ଚ୍ଚନା ଜାରି ରହିବା ଉଚିତ । ଶଙ୍କର, ରାମାନୁଜ, ମାଧ୍ୱ, ଗୌରାଙ୍ଗ ଆଦି ଆଚାର୍ଯ୍ୟଗଣ ଈଶ୍ୱର ସାକ୍ଷାତ୍‌କାର ପରେ ମଧ୍ୟ ନିଜକୁ ପୂଜା ଆରାଧନାରେ ନିୟୋଜିତ ରଖିଥିଲେ ।

ଅନୁରାଗ

'ଅନୁରାଗ' ଅର୍ଥ ହେଉଛି ପ୍ରଭୁଙ୍କ ପ୍ରତି ଗଭୀର ପ୍ରେମ । ଅନୁରାଗ ଶବ୍ଦର ସାଧାରଣ ଅର୍ଥ କେବଳ ପ୍ରେମ ଅଟେ । କିନ୍ତୁ ଭକ୍ତି ଶାସ୍ତ୍ରରେ ଏହାର ଅର୍ଥ ଭଗବାନଙ୍କର ଦିବ୍ୟତା ଓ ଐଶ୍ୱର୍ଯ୍ୟ ଉପଲବ୍ଧି ପରେ ଜାଗ୍ରତ ହେଉଥିବା ପରମ

ପ୍ରେମ । ପ୍ରହଲ୍ଲାଦ କହନ୍ତି, "ହେ ହରି ମୁଁ ଆପଣଙ୍କୁ ସର୍ବଦା ଧ୍ୟାନ କରୁଥିବା ବେଳେ ମୋର ହୃଦୟରୁ ଅବିରାମ ରୂପେ ଦିବ୍ୟପ୍ରେମର ପ୍ରବାହ ଚାଲିଥାଉ । (ବିଷ୍ଣୁ ପୁରାଣ ୧/୨୦/୧୯) ପ୍ରାରମ୍ଭରେ ଭକ୍ତିର ପ୍ରବାହ ଅବିଚ୍ଛିନ୍ନ ନଥାଏ । କିନ୍ତୁ ଗଭୀର ଭକ୍ତି ଜାତ ହେଲେ ଭକ୍ତ ପ୍ରଭୁଙ୍କର ଚରଣ କମଳରେ ପ୍ରବଳ ଅନୁରାଗର ବିକାଶ କରିଥାଆନ୍ତି । ତାଙ୍କର ମନ ମୁହୂର୍ତ୍ତ ପାଇଁ ମଧ୍ୟ ସ୍ୱଲକ୍ଷରୁ ବିଚ୍ୟୁତ ହୁଏ ନାହିଁ । ଏହାହିଁ ବାସ୍ତବ ଅନୁରାଗ ।

ସୂତ୍ର–୧୭

କଥାଦିଷ୍ୱିତି ଗର୍ଗଃ ॥ ୧୭ ॥

ଅର୍ଥ– ଋଷି ଗର୍ଗଙ୍କ ମତରେ ପ୍ରଭୁଙ୍କର ଯଶ, ମହିମା ଓ ତାଙ୍କର ବିବିଧ ଲୀଳାର କଥାରେ ଭକ୍ତି ନିହିତ ।

ଶବ୍ଦାର୍ଥ– କଥାଦିଷୁ– ପ୍ରଭୁଙ୍କର ଯଶ ଓ ମହିମାର ପବିତ୍ର କଥାରେ, ଇତି– ଏପରି, ସୁତରାଂ ଗର୍ଗଃ– ଋଷିଗର୍ଗ ।

ବ୍ୟାଖ୍ୟା– ଭକ୍ତିର ଆଚାର୍ଯ୍ୟ ଋଷି ଗର୍ଗଙ୍କର ମତରେ ପ୍ରଭୁଙ୍କର ଯଶ ଓ ମହାନତା, ଆଧ୍ୟାତ୍ମିକ କଥାରେ ରୁଚି ଆଦି ଭକ୍ତିର ଲକ୍ଷଣ ବା ଦିବ୍ୟପ୍ରେମ ନିହିତ ଥାଏ ।

ଭଗବାନଙ୍କର ଅବତାରର କାହାଣୀ ଅତ୍ୟନ୍ତ ପ୍ରେରଣାଦାୟୀ, ଆତ୍ମାର ବିକାଶକାରୀ ତଥା ଭକ୍ତି–ପୁଲକ ଭରା । ତାହା ଶ୍ରୋତାଗଣଙ୍କର ହୃଦୟରେ ଭକ୍ତିଭାବର ଉଦ୍ରେକ କରନ୍ତି । ଅବତାର ସମ୍ବନ୍ଧୀୟ କଥାରେ ଏକ ରହସ୍ୟପୂର୍ଣ୍ଣ ଓ ବିସ୍ମୟକର ଆକର୍ଷଣ ଥାଏ । ଜଣେ ନିଷ୍ପାପର ଭକ୍ତ ପ୍ରଭୁରାମ ଓ ପ୍ରଭୁ କୃଷ୍ଣଙ୍କର କଥାରେ ନିଜକୁ ହଜାଇ ଦିଏ ।

ପ୍ରଭୁଙ୍କର କଥା ଶ୍ରବଣ ଚିତ୍ତର କଳୁଷ ଦୂର କରେ ଓ ଅନ୍ତିମରେ ଈଶ୍ୱର–ସାକ୍ଷାତ୍କାର କରାଏ ।

କଥାଦିଷୁ– ପ୍ରଭୁଙ୍କର ଚିରିତ ବର୍ଣ୍ଣନକୁ କଥା କୁହାଯାଏ । 'ଆଦି' ଶବ୍ଦରେ ପ୍ରଭୁଙ୍କର କାହାଣୀ ପାଠ, କୀର୍ତ୍ତନ, ସଂକୀର୍ତ୍ତନ (ଦଳବଦ୍ଧଭାବେ ବାଦ୍ୟଯନ୍ତ୍ର ସହ ନାମ କୀର୍ତ୍ତନ), ଜପ, ପ୍ରାର୍ଥନା, ହରିକଥା (ଆଧ୍ୟାତ୍ମିକ ବିଷୟରେ ପ୍ରବଚନ, ସ୍ତୋତ୍ର, ଭଜନ ବା ସଂଗୀତ) ।

ପ୍ରଭୁ କୃଷ୍ଣ ଗୀତାରେ କହନ୍ତି, ଯେଉଁ ଭକ୍ତଗଣ ମଦ୍‌ଗତ ଚିତ୍ତ ତଥା ମଦ୍‌ଗତ ପ୍ରାଣ ହୋଇ ମୋର ଗୁଣ ଓ ପ୍ରଭାବ ଇତ୍ୟାଦି ବିଷୟରେ ଆଲୋଚନା କରନ୍ତି ଏବଂ ମୋ ବିଷୟରେ ଆଲୋଚନା କରନ୍ତି ତଥା ମୋ ବିଷୟରେ ନିରନ୍ତର ବାର୍ତ୍ତାଳାପ କରନ୍ତି ସେମାନେ ସର୍ବଦା ସନ୍ତୁଷ୍ଟ ରହନ୍ତି ଏବଂ ମୋତେ ପ୍ରେମ କରି ଆନନ୍ଦିତ ହୁଅନ୍ତି । (ଗୀତା ୧୦/୯)

ନାରଦ ସର୍ବଦା ଉଲ୍ଲସିତ ଭାବେ ପ୍ରଭୁଙ୍କର ମହିମା ଗାନ କରି ଭ୍ରମଣ କରନ୍ତି । ଗୌରାଙ୍ଗ ସଂକୀର୍ତ୍ତନରେ ନିଜକୁ ନିମଜ୍ଜିତ ରଖୁଥିଲେ । ପରୀକ୍ଷିତ ଶୁକମୁନୀଙ୍କ ଠାରୁ ପ୍ରଭୁଙ୍କର ମହିମା ଓ କଥା ଶୁଣି ଆନନ୍ଦରେ ନିମଗ୍ନ ଥିଲେ । ଭାଗବତରେ ଶ୍ରୀଶୁକ କହନ୍ତି, ପ୍ରଭୁ କୃଷ୍ଣଙ୍କର କଥା ବିଷୟରେ ପ୍ରଶ୍ନ କରୁଥିବା ଓ ବର୍ଣ୍ଣନା କରୁଥିବା ବ୍ୟକ୍ତି ଓ ଶ୍ରୋତାଗଣଙ୍କୁ ପୁନୀତ କରେ ।

ଏ ବିଷୟରେ ମତ ପାର୍ଥକ୍ୟ ରହିଛି । ପ୍ରଭୁଙ୍କର ସ୍ତବ ଓ ମହିମା ଶ୍ରବଣ କରୁଥିବା ବ୍ୟକ୍ତି ଭକ୍ତି ମାର୍ଗ ଅନୁସରଣ କରିବାକୁ ଅନୁପ୍ରାଣିତ ହୁଏ । ଶ୍ରୀଶୁକଦେବଙ୍କ ପବିତ୍ରମୁଖରୁ ହରିକଥା ଶ୍ରବଣ କରି ପରୀକ୍ଷିତ ଭଗବାନଙ୍କୁ ଉପଲବ୍‌ଧି କରିଥିଲେ । ମାନବ ତା'ର ନୀତିଦିନ ଜୀବନ ସଂଗ୍ରାମରେ ଅନେକ ଘାତ, ପ୍ରତିଘାତର ସମ୍ମୁଖୀନ ହୋଇଥାଏ । ସେ ବିଫଳତା ନୈରାଶ୍ୟର ସମ୍ମୁଖୀନ ହୋଇଥାଏ । ତା'ର ନିମିତ୍ତ ସଂସାର ଏକ ଉତ୍ତପ୍ତ ଚୁଲ୍ଲୀ ସଦୃଶ ତାପଯୁକ୍ତ ହୋଇଥାଏ । ସେ ଈଶ୍ୱରଭକ୍ତଙ୍କ ଠାରୁ ନାରାୟଣଙ୍କର ସ୍ତବ ଶ୍ରବଣ କରେ । ତା'ପରେ ତା'ର ମାନସ ଧୀରେ ଧୀରେ ଈଶ୍ୱର ଅଭିମୁଖୀ ହୋଇଥାଏ । ନାରଦଙ୍କୁ ଭେଟିବା ପରେ ଦସ୍ୟୁ ରତ୍ନାକରର ମନ ଈଶ୍ୱର ଅଭିମୁଖୀ ହୋଇଥିଲା ।

ସୂତ୍ର-୧୮

ଆତ୍ମରତ୍ୟ ବିରୋଧେନେତି ଶାଣ୍ଡିଲ୍ୟଃ ॥ ୧୮ ॥

ଅର୍ଥ- ଋଷି ଶାଣ୍ଡିଲ୍ୟଙ୍କ ମତରେ ଆତ୍ମରତିରେ ଭକ୍ତି କୌଣସି ପ୍ରକାରର ଅବରୋଧ କରେ ନାହିଁ ।

ଶବ୍ଦାର୍ଥ- ଆତ୍ମରତି ଅବିରୋଧେନ- ଆତ୍ମାର ଆନନ୍ଦ ଅନୁଭବରେ ବାଧା ବିନା, ଇତି- ଏପରି, ଶାଣ୍ଡିଲ୍ୟ- ଋଷି ଶାଣ୍ଡିଲ୍ୟ ।

ବ୍ୟାଖ୍ୟା– ଋଷି ଶାଣ୍ଡିଲ୍ୟ କହନ୍ତି ଯେ, ଭକ୍ତି ଆତ୍ମାନନ୍ଦ ଲାଭ କରିବାରେ ଅବରୋଧ ସୃଷ୍ଟି କରେ ନାହିଁ । ଶାଣ୍ଡିଲ୍ୟଙ୍କ ମତରେ ବ୍ରହ୍ମଚିନ୍ତନ ଏବଂ ଭକ୍ତି ପଥ ଅନୁସରଣ ମଧ୍ୟରେ କୌଣସି ସଂଘର୍ଷ ନଥାଏ ।

ଯାହାକିଛି ମନକୁ ଭଗବାନଙ୍କ ଠାରୁ ଦୂରରେ ରଖେ ତାହା ଭକ୍ତି–ସଂସ୍କୃତି ପାଇଁ କଦାପି ଅନୁକୂଳ ହେବନାହିଁ । ଅନ୍ୟ ପକ୍ଷରେ, ସବୁକିଛି ଆମ ମାନସ ଚକ୍ଷୁ ସମ୍ମୁଖରେ ସର୍ବଦା ଭଗବାନଙ୍କୁ ଦର୍ଶନ କରାଏ । ତାହା ଭକ୍ତିର ପ୍ରବାହକୁ ଗଭୀର ଓ ଦୃଢ଼ କରେ ।

ପ୍ରଭୁଙ୍କର ଲୀଳାରେ ଆନନ୍ଦ ଅନୁଭବ କରିବା ଭକ୍ତିର ଏକ ଲକ୍ଷଣ ଯଦି ଏହା ପ୍ରଭୁଙ୍କ ଚିନ୍ତନରେ ଉପଲବ୍ଧ ଆନନ୍ଦରେ ହସ୍ତକ୍ଷେପ କରେ ନାହିଁ । ପ୍ରଭୁଙ୍କର ବିବିଧ ଅବତାରର ଲୀଳା ସମୂହକୁ ଶ୍ରବଣ କରିବା କିମ୍ବା ଅଧ୍ୟୟନ କରିବା ଶରୀରରେ ଭକ୍ତିଭାବ ସୃଷ୍ଟି କରେ । ଏହି ଆନନ୍ଦ ମାନବର ଆତ୍ମାରୁ ଉଦ୍ରେକ ହୋଇଥାଏ । ଦିବ୍ୟ ଉଲ୍ଲାସ ଆତ୍ମାକୁ ସମୁନ୍ନତ କରେ । ଏହା ହେଉଛି ଭକ୍ତିର ଏକ ଶାନ୍ତି ଓ ବ୍ୟକ୍ତିଗତ ଅନୁଭୂତି । ଆବେଗକୁ ଭକ୍ତିର ଭ୍ରାନ୍ତିସ୍ୱରୂପ ଦିଅ ନାହିଁ ।

ଭକ୍ତି ଭଗବାନଙ୍କ ପ୍ରତି ପରମ ଆସକ୍ତି । କିନ୍ତୁ ଏହା ଆତ୍ମା–ପ୍ରୀତିର ବିପରୀତ ଭାବ ନୁହେଁ । ଆତ୍ମାପ୍ରତି ଭକ୍ତିହିଁ ପରମାତ୍ମାଙ୍କର ଭକ୍ତି । ପରମେଶ୍ୱରଙ୍କର ଅନ୍ୱେଷଣ ହିଁ ଭକ୍ତି । ଏହା ହେଉଛି ବେଦାନ୍ତୀ ମାନଙ୍କର ମତ । ଭଗବାନଙ୍କୁ ପରମାତ୍ମା ରୂପେ ଶାଣ୍ଡିଲ୍ୟ ଋଷି ଦର୍ଶନ କରନ୍ତି ।

ସ୍ମରଣ ରଖ ଯେ, ବିଷୟର ଉପଭୋଗ ବ୍ରହ୍ମାନନ୍ଦ ଉପଭୋଗଠାରୁ ବିପରୀତ ନୁହେଁ । ଇନ୍ଦ୍ରିୟ ସୁଖ ଆତ୍ମାଙ୍କର ପରମାନନ୍ଦର ଏକ ଅତ୍ୟନ୍ତ କ୍ଷୁଦ୍ର ପ୍ରତିଫଳନ ।

ଭଗବାନ ହେଉଛନ୍ତି ଆନନ୍ଦର ମୂର୍ତ୍ତିମନ୍ତ ରୂପ । ଯେଉଁ ଭକ୍ତ ସତତ ଭଗବାନଙ୍କ ଠାରେ ନିବାସ କରନ୍ତି ସେ ବ୍ରହ୍ମାନନ୍ଦ ନିଶ୍ଚିତ ରୂପେ ଲାଭ କରନ୍ତି । ଦିବ୍ୟ ଆଭାରେ ତାଙ୍କର ଚକ୍ଷୁ ଉଜ୍ଜ୍ୱଳ ଓ ଦୀପ୍ତିବନ୍ତ ହୁଏ । ଯେଉଁମାନେ ଭକ୍ତଙ୍କର ଚତୁପାର୍ଶ୍ୱରେ ଥାଆନ୍ତି, ସେମାନେ ଏହି ଆନନ୍ଦ ଅନୁଭବ କରନ୍ତି କାରଣ ଭକ୍ତ ଚତୁପାର୍ଶ୍ୱରେ ଦିବ୍ୟାନନ୍ଦ ବିକୀରିତ କରନ୍ତି । (ସୂତ୍ର ୬ ଦ୍ରଷ୍ଟବ୍ୟ) ଯଦି ଜଣେ ଭକ୍ତ ସର୍ବଦା ଦୁଃଖୀ ଓ ନିରାଶ ହୁଅନ୍ତି, ତାଙ୍କ ମୁଖ ଆନନ୍ଦବିହୀନ ହୋଇଥାଏ । ଯଦି ସେ କ୍ରୋଧାନ୍ୱିତ ହୁଅନ୍ତି, ତାଙ୍କ ସାଧନାରେ ନିଶ୍ଚିତ ରୂପେ କିଛି ଭୁଲ୍ ରହିଛି । ଆନନ୍ଦ ହେଉଛି ଭକ୍ତିର ଏକ ମହତ୍ତ୍ୱପୂର୍ଣ୍ଣ ଲକ୍ଷଣ । ଏହା ଜଣେ ଜୀବନ୍ମୁକ୍ତଙ୍କର ମଧ୍ୟ ମୌଳିକ ଲକ୍ଷଣ ।

ସୂତ୍ର-୧୯

ନାରଦସ୍ତୁ ତଦର୍ପିତାଖିଳାଚାରତା ।

ତଦ୍ ବିସ୍ମରଣେ ପରମବ୍ୟାକୁଳ ତେତି ॥ ୧୯ ॥

ଅର୍ଥ- ଦେବର୍ଷି ନାରଦଙ୍କ ମତରେ ନିଜର କର୍ମସମୂହ ପରମେଶ୍ୱରଙ୍କର ଶ୍ରୀଚରଣରେ ଅର୍ପଣ ତଥା ପ୍ରଭୁଙ୍କ ବିସ୍ମରଣରେ ପରମ ବ୍ୟାକୁଳତା ଅନୁଭବ କରିବାକୁ 'ଶ୍ରେଷ୍ଠ ଭକ୍ତି' କୁହାଯାଏ ।

ଶବ୍ଦାର୍ଥ- ତୁ- କିନ୍ତୁ, ତଦର୍ପିତାଖିଳାଚାରତା- ଯେ ପ୍ରଭୁଙ୍କଠାରେ ସମସ୍ତ କର୍ମ ଅର୍ପଣ କରିଛନ୍ତି । ତଦ୍‌ବିସ୍ମରଣେ- ପ୍ରଭୁଙ୍କୁ ଭୁଲିଗଲେ । ପରମବ୍ୟାକୁଳତା- ଅତ୍ୟନ୍ତ ବ୍ୟାକୁଳ ହେବା, ଇତି- ଏହିପରି ।

ବ୍ୟାଖ୍ୟା- ଏପରି ଏକ ଚରମ ସ୍ଥିତିର ପ୍ରାପ୍ତି କ'ଣ ସମ୍ଭବ ? ହଁ, ନିଶ୍ଚିତ ରୂପେ ସମ୍ଭବ । ଏହା ଆଦୌ ଅସାଧ୍ୟ ଆଦର୍ଶ ନୁହେଁ କାରଣ ଏତାଦୃଶ ଦୃଷ୍ଟାନ୍ତ ସମୂହ ରହିଛି ।

ଆଲୋଚ୍ୟ ତିନି ସୂତ୍ରରେ ନାରଦ ଋଷି ଭକ୍ତି ବିଷୟରେ ବ୍ୟାସ, ଗର୍ଗ ଓ ଶାଣ୍ଡୀଲ୍ୟଙ୍କର ଚିନ୍ତାଧାରା ପ୍ରଦାନ କରିଅଛନ୍ତି । ଉପରୋକ୍ତ ୧୯ତମ ସୂତ୍ରରେ ନାରଦ ତାଙ୍କର ସ୍ୱମତ ଉପସ୍ଥାପନା କରିଅଛନ୍ତି । ସୂତ୍ର ୧୬ କର୍ମ ମାଧ୍ୟମରେ ଭକ୍ତିର ବ୍ୟାଖ୍ୟା କରେ । ସୂତ୍ର ୧୭ ବାଣୀ ମାଧ୍ୟମରେ ଭକ୍ତି ଓ ସୂତ୍ର ୧୮ ମନରେ ଭକ୍ତିର ମହତ୍ତ୍ୱ ଉପରେ ଗୁରୁତ୍ୱ ପ୍ରଦାନ କରେ । ବାସ୍ତବ ଆଧ୍ୟାତ୍ମିକ ଜୀବନ ନିମିତ୍ତ ଭଗବାନଙ୍କ ପ୍ରତି ଚିନ୍ତା, ବାଣୀ ଓ କର୍ମ ମାଧ୍ୟମରେ ଭକ୍ତିର ପରିପ୍ରକାଶ ଗୁରୁତ୍ୱପୂର୍ଣ୍ଣ । ନାରଦ କହନ୍ତି ଯେ, ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଂପୂର୍ଣ୍ଣ ଆତ୍ମ-ସମର୍ପଣ ବିନା ବାସ୍ତବ ଭକ୍ତି ସମ୍ଭବ ନୁହେଁ ।

ଯେତେବେଳେ ଉପାସକ କେବଳ ନିଜର ପ୍ରଭୁଙ୍କ ନିମିତ୍ତ ଜୀବନଯାପନ କରନ୍ତି, ସେ ଜଣେ ବାସ୍ତବ ଭକ୍ତ । ଭଗବାନଙ୍କର ସ୍ମରଣରେ ସାମାନ୍ୟତମ ତ୍ରୁଟିରେ ଭକ୍ତ ଅତ୍ୟନ୍ତ ଅସ୍ଥିର ଓ ଦୁଃଖୀ ହୋଇଯାଆନ୍ତି । ଏହା ହେଉଛି ନାରଦଙ୍କର ଶିକ୍ଷା ।

ଏହି ମାନସିକ ସ୍ଥିତି ବାସ୍ତବ ପରାଭକ୍ତିର ପ୍ରତିନିଧିତ୍ୱ କରେ । ସଂପୂର୍ଣ୍ଣ ଆତ୍ମ-ସମର୍ପଣ ହେଉଛି ଭକ୍ତିର ପ୍ରମୁଖ ଲକ୍ଷଣ ।

ବ୍ୟାସ, ଗର୍ଗ ଓ ଶାଣ୍ଡିଲ୍ୟଙ୍କ ପ୍ରଦତ୍ତ ଭକ୍ତିର ସଂଜ୍ଞା ସହ ନାରଦଙ୍କର ମତାନ୍ତର ନାହିଁ । ଈଶ୍ୱରଙ୍କର ଉପାସନା କରିବା ନିଶ୍ଚିତ ରୂପେ ଆବଶ୍ୟକ ଓ ସମୀଚିନ । ତାଙ୍କର ସ୍ତବ ଗାନ କରିବା ଓ ସମସ୍ତଙ୍କର ଆତ୍ମା ରୂପେ ଭଗବାନଙ୍କର ସେବା କରିବା ନିଶ୍ଚିତ ରୂପେ ଯଥାର୍ଥ । ନାରଦଙ୍କ ପ୍ରଦତ୍ତ ଭକ୍ତିର ସଂଜ୍ଞା ବ୍ୟାସ, ଗର୍ଗ ଓ ଶାଣ୍ଡିଲ୍ୟଙ୍କର ପ୍ରଦତ୍ତ ଭକ୍ତିର ସଂଜ୍ଞାରେ ନାରଦଙ୍କ ପ୍ରଦତ୍ତ ଭକ୍ତିର ସଂଜ୍ଞା ସମାହିତ ହୋଇଥାଏ । ଏହା ଏକ ବ୍ୟାପକ ସଂଜ୍ଞା । ଏହା ଭକ୍ତିର ନିର୍ଯ୍ୟାସ ବିଷୟରେ ଆଲୋକପାତ କରେ ।

ତୁ : ଭକ୍ତିର ପୂର୍ବ ସଂଜ୍ଞା ଓ ନାରଦଙ୍କର ମତ ମଧ୍ୟରେ ପାର୍ଥକ୍ୟ ଦର୍ଶାଇବାକୁ ଏହାର ଉପକ୍ରମ ପ୍ରଦାନ କରାଯାଇଛି ।

ଏହି ସୂତ୍ରରେ ନାରଦଙ୍କ ଦ୍ୱାରା ବର୍ଣ୍ଣିତ ଭକ୍ତି ତୁଳନାରେ ପୂଜା ଓ କଥା ବାଚନ ନିମ୍ନସ୍ତରର ଭକ୍ତି । ପୂଜା ଆଦିରେ ସମର୍ପଣ ଭାବ ନଥାଏ ।

ଆତ୍ମସମର୍ପଣରେ ଅହଂକାରର ବିନାଶ ହୋଇଥାଏ । ଅହଂକାର ବିନା ଆତ୍ମସମର୍ପଣରେ ସଂପାଦିତ ନିଷ୍କାମ କର୍ମରେ ଆଧ୍ୟାତ୍ମିକ ଓ ଭକ୍ତିପୂର୍ଣ୍ଣ ଜୀବନରେ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଥାଏ । ପ୍ରଭୁଙ୍କ ପ୍ରତି ଏହା ଏକ ବାସ୍ତବ ଅର୍ପଣ । ଭଗବାନ ଅତ୍ୟନ୍ତ ପ୍ରୀତ ହୋଇଥାଆନ୍ତି ।

ଭକ୍ତ ଯେତେବେଳେ ନିଜର ପ୍ରିୟତମଙ୍କୁ ଭୁଲିଯାଆନ୍ତି, ତାଙ୍କର ପରମ ବ୍ୟାକୁଳତା ଜାତ ହୋଇଥାଏ । ପ୍ରଭୁ ଗୌରାଙ୍ଗ, ମୀରା ଓ ବୃନ୍ଦାବନର ଗୋପୀଗଣଙ୍କ ଠାରେ ଏହି ଲକ୍ଷଣ ଦେଖାଯାଇଥିଲା । ଏହା ହେଉଛି ବିରହାଗ୍ନି (ପ୍ରଭୁଙ୍କଠାରୁ ଦୂରରେ ରହିବାର ଯନ୍ତ୍ରଣା) । ଏହି ଭାବକୁ ଭାଷାରେ ପ୍ରକଟିତ କରିହେବ ନାହିଁ । ଏହା କେବଳ ଅନୁଭବର ବିଷୟ । ଏହା ଭକ୍ତଙ୍କର ହୃଦୟକୁ ବିଦାରିତ କରେ । ଏହି ସୂତ୍ର କୌଣସି ମତେ ସୂତ୍ର ୧୮ର ବିରୁଦ୍ଧାଚରଣ କରେ ନାହିଁ । ଭଗବାନଙ୍କ ଠାରେ ସର୍ବଦା ବିଶ୍ରାମ ନେଉଥିବା ଭକ୍ତଙ୍କର ବିରହ ନଥାଏ । ସେ ସର୍ବଦା ଦିବ୍ୟ ଆନନ୍ଦରେ ନିମଗ୍ନ ରହନ୍ତି ।

ସୂତ୍ର–୨୦

ଅସ୍ତ୍ୟେବ ମେବମ୍ ॥ ୨୦ ॥

ଅର୍ଥ– ଏପରି ଅନେକ ଦୃଷ୍ଟାନ୍ତ ରହିଛି । (ଭକ୍ତିର ପୂର୍ଣ୍ଣ ପରିପ୍ରକାଶର ଦୃଷ୍ଟାନ୍ତ ଅଛି ।)

ଶବ୍ଦାର୍ଥ– ଏବମ୍ – ଏପରି, ଅସ୍ତି – ଅଛି ।

ବ୍ୟାଖ୍ୟା– ପରବର୍ତ୍ତୀ ସୂତ୍ର ନାରଦଙ୍କର ଦୃଷ୍ଟିକୋଣକୁ ପରିପ୍ରକାଶ କରେ । ପୂର୍ବସୂତ୍ରରେ ବର୍ଣ୍ଣିତ ହୋଇଥିବା ସ୍ଥିତି ହିଁ ବାସ୍ତବରେ ଭକ୍ତି ।

ସୂତ୍ର–୨୧

ଯଥା ବ୍ରଜ ଗୋପିକାନାମ୍ ।। ୨୧ ।।

ଅର୍ଥ– ଉଦାହରଣସ୍ୱରୂପ ଯେପରି ବ୍ରଜର ଗୋପୀଗଣଙ୍କର ଭକ୍ତି ଥିଲା ।

ଶବ୍ଦାର୍ଥ– ଯଥା– ଯେପରି, ବ୍ରଜଗୋପିକାନାମ୍– ବୃନ୍ଦାବନର ଗୋପୀଗଣଙ୍କର ଭକ୍ତି ସଦୃଶ ବାସ୍ତବ ଭକ୍ତି ହେବା ବାଞ୍ଛନୀୟ ।

ବ୍ୟାଖ୍ୟା– ଏହି ସନ୍ଦର୍ଭରେ ଶ୍ରୀମଦ୍‌ଭାଗବତମ୍‌ର ଦଶମ ସ୍କନ୍ଧସ୍ଥ ୨୯ ଓ ୩୦ତମ ଅଧ୍ୟାୟ ଅଧ୍ୟୟନ ଯୋଗ୍ୟ । ଯଦିଓ ଶ୍ରୀଶୁକ, ଉଦ୍ଧବ, ବାଲ୍ମୀକି ଓ ଅନ୍ୟମାନଙ୍କ ତୁଲ୍ୟ ମହାନ୍ ଭକ୍ତ ଥିଲେ, ନାରଦ ବ୍ରଜର ନିରକ୍ଷର ନାରୀଗଣଙ୍କୁ ଭକ୍ତିର ଶ୍ରେଷ୍ଠ ନିଦର୍ଶନ ରୂପେ ଗ୍ରହଣ କରିଛନ୍ତି । ସେମାନେ ଶ୍ରୀକୃଷ୍ଣଙ୍କ ସହ ଲୀଳା କରିବା ସହ ସଂପୂର୍ଣ୍ଣ ଭକ୍ତିଭାବ ସହ ପ୍ରଭୁଙ୍କ ସହ ଏକତ୍ୱ ଅନୁଭବ କରିଥିଲେ ।

ସେମାନେ ପରିବାରର ପ୍ରଥା, ଖ୍ୟାତି ଓ ବ୍ୟକ୍ତିଗତ ସ୍ୱାଚ୍ଛନ୍ଦ୍ୟକୁ ଖାତିର ନ କରି ପ୍ରଭୁଙ୍କ ଭକ୍ତିରେ ଜୀବନକୁ ଉତ୍ସର୍ଗ କରିଥିଲେ । ସେମାନେ କହୁଥିଲେ, "ଆମେ କଳା ମେଘରେ, ଆମର ଚକ୍ଷୁର କଳା ଡୋଳାରେ, ଘନଶ୍ୟାମ ତମାଳ ପତ୍ରରେ, ଯମୁନାର ନୀଳ ଜଳରାଶିରେ, ଘନନୀଳ ଆକାଶରେ, ସର୍ବତ୍ର ଆମେ ଶ୍ୟାମସୁନ୍ଦରଙ୍କୁ ଦର୍ଶନ କରୁଛୁ ।

ବିଶୁଦ୍ଧ ଦିବ୍ୟପ୍ରେମ ନିଶ୍ଚିତ ରୂପେ ଭକ୍ତଙ୍କୁ ସମଦୃଷ୍ଟି ସଂପନ୍ନ କରେ । ଏହା ଅସମାନତ୍ୱ ଦୂର କରି ପ୍ରେମିକ ଓ ପ୍ରେମିକାଙ୍କୁ ସମସ୍ତରକୁ ଘେନିଯାଏ । ଏହାଫଳରେ ବ୍ୟକ୍ତିତ୍ୱର ସମନ୍ୱୟ ଘଟେ ।

ପ୍ରଭୁଙ୍କର ଭକ୍ତଗଣଙ୍କ ମଧ୍ୟରେ ଗୋପୀଗଣ ମୁକୁଟମଣିତୁଲ୍ୟ ଶ୍ରେଷ୍ଠ ଥିଲେ । ଗୋପୀଗଣଙ୍କର ପ୍ରଭୁଙ୍କ ପ୍ରତି ପ୍ରେମ ପ୍ରକୃଷ୍ଟ ଭାଷାରେ ବର୍ଣ୍ଣନା କରିହେବ ନାହିଁ । ସେମାନେ ତାଙ୍କର ଶରୀର, ମନ, ଆତ୍ମା ଓ ସବୁକିଛି ପ୍ରଭୁଙ୍କୁ ଉତ୍ସର୍ଗ କରିଦେଇ ଥିଲେ । ସେମାନେ ସର୍ବଦା ଆବେଗଭରା ରୁଦ୍ଧ ସ୍ୱରରେ ପ୍ରଭୁଙ୍କର ଯଶଗାନ କରୁଥିଲେ ।

ପ୍ରଭୁ କୃଷ୍ଣ ତାଙ୍କୁ କହିଥିଲେ, "ମୋ ନିମିତ୍ତ ତୁମେ ସମସ୍ତ ପାରିବାରିକ ବନ୍ଧନ ଛିନ୍ନ କରିଅଛ । ଜଣେ ଦେବତାଙ୍କର ଜୀବନ କାଳ ଯାଏ ସେବା କଲେ ମଧ୍ୟ ମୁଁ ତୁମର ଋଣ ପରିଶୋଧ କରିପାରିବି ନାହିଁ । ତୁମର ଉଦାରତା ଦ୍ୱାରା ଏହି ଋଣରୁ ମୋତେ ମୁକ୍ତ କର ।"

ପ୍ରଭୁ କହନ୍ତି, "ଗୋପୀଗଣ ତାଙ୍କର ମନ ଓ ପ୍ରାଣ ମୋତେ ସମର୍ପଣ କରିଛନ୍ତି । ସେମାନେ ଭାବନ୍ତି ଯେ ମୁଁ ତାଙ୍କର ଜୀବନ । ମୋ ନିମିତ୍ତ ସେମାନେ ତାଙ୍କର ପ୍ରିୟ ପରିଜନଗଣଙ୍କୁ ତ୍ୟାଗ କରିଅଛନ୍ତି । ମୋ ନିମନ୍ତେ ଯେଉଁମାନେ ତାଙ୍କର ସାଂସାରିକ ସୁଖ ପରିହାର କରନ୍ତି, ମୁଁ ସେମାନଙ୍କୁ ସମର୍ଥନ କରେ। (ଭାଗବତ ୧୦/୪୬/୪) ବାସନା-ମୁକ୍ତ ଶୁଦ୍ଧ-ଆତ୍ମାଗଣ କେବଳ ରାସଲୀଳାର ରହସ୍ୟ ହୃଦୟଙ୍ଗମ କରିପାରିବେ । ଗୋପୀଗଣଙ୍କର ଦିବ୍ୟପ୍ରେମକୁ ଶୁଦ୍ଧ ହୃଦୟଯୁକ୍ତ ବ୍ୟକ୍ତିଗଣ ହିଁ ହୃଦୟଙ୍ଗମ କରିପାରିବେ । ଗୋପୀଗଣ ସମୁନ୍ନତ ଶ୍ରେଣୀର ଭକ୍ତ ଥିଲେ । ସେମାନଙ୍କୁ ମାନବୀୟ ମାନଦଣ୍ଡରେ ମୂଲ୍ୟାୟନ କରିବା ଅନୁଚିତ । ଗୋପୀଗଣଙ୍କର ପ୍ରେମ ଦ୍ୱାରା ବୈଷ୍ଣବ ସନ୍ଥଗଣ ଅନୁପ୍ରେରିତ ହୋଇଥିଲେ । ନିମ୍ବାର୍କ, ଜୟଦେବ, ଗୌରାଙ୍ଗ ଓ ବଲ୍ଲଭ ବୃନ୍ଦାବନ-ଲୀଳା ଉପରେ ତାଙ୍କ ଦର୍ଶନ ଆଧାରିତ କରିଥିଲେ ।

ଶ୍ରୀଚୈତନ୍ୟ ଓ ଜୟଦେବ ମଧ୍ୟ ସ୍ୱୟଂ ମହାନ୍ ଭକ୍ତ ଥିଲେ । ଗୋପୀଗଣ ତାଙ୍କର ସମସ୍ତ କର୍ମ ପ୍ରଭୁ କୃଷ୍ଣଙ୍କର ଚରଣକମଳରେ ସମର୍ପଣ କରିଥିଲେ । କ୍ଷଣକ ପାଇଁ ମଧ୍ୟ ପ୍ରଭୁଙ୍କର ସାନ୍ନିଧ୍ୟରୁ ବଞ୍ଚିତ ହେଲେ ସେମାନେ ଗଭୀର ଦୁଃଖ ଅନୁଭବ କରୁଥିଲେ । ଦୁଗ୍ଧ ଦୋହନ କରୁଥିବା ବେଳେ ସେମାନେ ତାଙ୍କର ପ୍ରିୟତମଙ୍କର ମଧୁର ଲଳିତ ବେଣୁନାଦ ଶୁଣି ସେମାନେ ତାଙ୍କର ଗୃହ ତ୍ୟାଗ କରୁଥିଲେ । କୃଷ୍ଣଙ୍କଠାରେ ମନକୁ ନିମଗ୍ନ କରି ସେମାନେ ପ୍ରିୟତମଙ୍କର ନିକଟକୁ ଦଉଡ଼ି ଯାଉଥିଲେ । ସେମାନେ ସେ ସମୟରେ ପରସ୍ପର ପ୍ରତି ଦୃଷ୍ଟିପାତ କରୁ ନଥିଲେ । କେତେକ ଦୁଧ ଗରମ କରିବାକୁ ଚୁଲ୍ଲୀରେ ଦୁଧ ପାତ୍ର ବସାଇବା ପରେ ସିଝୁଥିବା ଗରମ ଦୁଧକୁ ନ ଓହ୍ଲାଇ ଚାଲିଯାଉଥିଲେ । କେତେକ ଗୋପୀ ସ୍ୱାମୀଙ୍କୁ ଭୋଜନ ପରଷୁଥିଲେ ଓ ଅନ୍ୟ କେତେକ ଗୋପୀ ଭୋଜନ କରୁଥିଲେ । କିନ୍ତୁ ସେମାନେ ନିଜ କାର୍ଯ୍ୟ ଅଧା ସମାପ୍ତ କରିଥିବା ଅବସ୍ଥାରେ ମୋହନ ବେଣୁନାଦ ଶୁଣି ଘର ଛାଡ଼ି ଚାଲିଯାଉଥିଲେ । ସେମାନେ ଗୃହର କର୍ତ୍ତବ୍ୟ ପରିହାର କରି ସ୍ୱ-ବସ୍ତ୍ର ଓ

ଅଳଙ୍କାର ବିଶୃଙ୍ଖଳ ଥିବା ଅବସ୍ଥାରେ କୃଷ୍ଣ-ମିଳନ ଲାଳସାରେ ଗୃହ ତ୍ୟାଗ କରିଥିଲେ । ଯେତେବେଳେ କୃଷ୍ଣ ଅନ୍ତର୍ଦ୍ଧାନ ହୋଇଗଲେ, ସେମାନେ ବୃକ୍ଷଗଣଙ୍କୁ ପଚାରିଲେ ଯେ ସେମାନେ ତାଙ୍କର ପ୍ରିୟତମଙ୍କୁ ଦେଖିଛନ୍ତି କି ? ସେମାନେ ଲତା, ପୃଥିବୀ ଓ ମୃଗଗଣଙ୍କୁ ମଧ୍ୟ କୃଷ୍ଣଙ୍କର ବିଷୟରେ ପଚାରିଥିଲେ ।

ସୂତ୍ର-୨୨

ତତ୍ରାପି ନ ମାହାତ୍ମ୍ୟଜ୍ଞାନ ବିସ୍ମୃତ୍ୟପବାଦଃ ।। ୨୨ ।।

ଅର୍ଥ- ସେଠାରେ ମଧ୍ୟ (ଗୋପୀଗଣଙ୍କର ପ୍ରେମ) ଭଗବାନଙ୍କ ଯଶ ଓ ମହିମା ଭୁଲିବାର କୌଣସି ବିଶେଷ କାରଣ ନଥିଲା ।

ଶବ୍ଦାର୍ଥ- ତତ୍ର- ସେଠାରେ, ଅପି- ମଧ୍ୟ, ମହାତ୍ମ୍ୟଜ୍ଞାନ ବିସ୍ମୃତବାଦ- ପ୍ରଭୁଙ୍କର ଯଶ ଓ ମହାନତା ଭୁଲିବାର ବିଶେଷ କାରଣ ।

ବ୍ୟାଖ୍ୟା- ଭଗବାନଙ୍କର ମହିମା ଓ ମହନତାର ସଂପୂର୍ଣ୍ଣ ଓ ସଚେତନ ଉପଲବ୍ଧି ପ୍ରଭୁଙ୍କର ଶ୍ରେଷ୍ଠତ୍ୱ ଭକ୍ତଙ୍କ ଦୃଷ୍ଟିରେ ଆରାଧନା ଓ ସମ୍ମାନର ବସ୍ତୁ ରୂପେ ଭକ୍ତି ବୃଦ୍ଧି କରେ । ପ୍ରଭୁଙ୍କର ଯଶ ଓ ମହିମାର ସ୍ପଷ୍ଟ ଚେତନା ବିନା ଆଧ୍ୟାତ୍ମିକ ବିକାଶ ନିମିତ୍ତ ଭକ୍ତି ଉପଯୋଗୀ ହୋଇପାରେ ନାହିଁ ।

ଗୋପୀଗଣ ଚନ୍ଦ୍ରାଲୋକରେ ଶ୍ରୀକୃଷ୍ଣଙ୍କ ସହ ନାଚୁଥିଲେ ତଥା ଲୀଳା କରୁଥିଲେ । ତଥାପି ସେମାନେ ପ୍ରଭୁଙ୍କର ଦିବ୍ୟତା ବିଷୟରେ ଅଚେତନ ନ ଥିଲେ । ସେମାନେ ମୁହୂର୍ତ୍ତକ ପାଇଁ ମଧ୍ୟ ପ୍ରଭୁଙ୍କର ସର୍ବଜ୍ଞତା ଓ ସର୍ବଶକ୍ତିମାନତା ବିଷୟରେ ଭୁଲି ନଥିଲେ । ପ୍ରଭୁଙ୍କୁ ବିଶ୍ୱର ପରଂବ୍ରହ୍ମ ରୂପେ ତଥା ସେମାନଙ୍କର ଆତ୍ମା ରୂପେ ସେମାନେ ସଚେତନ ଥିଲେ ।

ଶ୍ରୀକୃଷ୍ଣଙ୍କୁ ଭଗବାନ ଓ ସଚ୍ଚିଦାନନ୍ଦଙ୍କର ମୂର୍ତ୍ତିମନ୍ତ ରୂପ ଭାବେ ଜାଣି ଗୋପୀଗଣ ପ୍ରଭୁଙ୍କଠାରେ ଆତ୍ମ-ସମର୍ପଣ କରିଥିଲେ । ସେମାନେ ପ୍ରଭୁ କୃଷ୍ଣଙ୍କୁ କହିଥିଲେ, "ତୁମେ ହେଉଛ ପୁରାଣପୁରୁଷ ଅବା ପୁରୁଷୋତ୍ତମ । ତୁମେ ଦେବଗଣଙ୍କର ରକ୍ଷକ । ତୁମେ ସମସ୍ତ ବସ୍ତୁର ସାକ୍ଷୀ । ସମଗ୍ର ବିଶ୍ୱର ସୁରକ୍ଷା ନିମନ୍ତେ ତୁମେ ଅବତାର ଗ୍ରହଣ କରିଅଛ ।

ବୃନ୍ଦାବନର ଗୋପୀଗଣ ଓ ପ୍ରଭୁ ଶ୍ରୀକୃଷ୍ଣଙ୍କର ଦିବ୍ୟଲୀଳାକୁ ଶ୍ରବଣ କରି କାମନାପୂର୍ଣ୍ଣ ହୃଦୟଯୁକ୍ତ ସାଂସାରିକ ବ୍ୟକ୍ତିଗଣଙ୍କର ହୃଦୟ ଭକ୍ତି ଭାବରେ ଆପ୍ଲୁତ

ହୁଏ । ତେଣୁ ଏହା ସେମାନଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ ଶିକ୍ଷା । ଗୋପୀଗଣ ଓ ଶ୍ରୀକୃଷ୍ଣଙ୍କର ଲୀଳା ବାସ୍ତବରେ ରୂପକ କଥା ସଦୃଶ ।

ଭାଗବତ କଥାର ରଚୟିତା ହେଉଛନ୍ତି ପବିତ୍ର ଋଷି ସ୍ୱୟଂ ବେଦବ୍ୟାସ । ସେ ପ୍ରଭୁ କୃଷ୍ଣଙ୍କର ଲୀଳାମୃତ ବର୍ଣ୍ଣନା କରିଛନ୍ତି । କଥାବାଚକ ହେଉଛନ୍ତି ବ୍ୟାସପୁତ୍ର ଶୁକଦେବ ଯେ କି ମହାନ୍ ବ୍ରହ୍ମଜ୍ଞାନୀ ଋଷି । ପ୍ରଭୁ କୃଷ୍ଣ ବୃନ୍ଦାବନ ଲୀଳା ବେଳେ ବାଳକ ଥିଲେ । ସୁତରାଂ ବର୍ଣ୍ଣିତ ଲୀଳାରେ ଅପବିତ୍ରତାର ଆଭାସ ମଧ୍ୟ ନାହିଁ ଯାହାକି କେତେକ ଅଜ୍ଞ, ମନ୍ଦବୁଦ୍ଧି, କାମୁକ, ନିର୍ବୋଧ ସାଂସାରିକ ଓ ମୂଲ୍ୟହୀନ ବ୍ୟକ୍ତି ଆରୋପ କରିଥାଆନ୍ତି । ସେ ବ୍ୟକ୍ତିଗଣ ପାଶବିକ ପ୍ରବୃତ୍ତିଯୁକ୍ତ କାମପ୍ରବଣ ପଶୁତୁଲ୍ୟ ।

ଦଣ୍ଡକାରଣ୍ୟର ଋଷିଗଣ ପ୍ରଭୁ ଶ୍ରୀରାମଙ୍କୁ ଆଲିଙ୍ଗନ କରିବାକୁ ଚାହିଁଥିଲେ । ପ୍ରଭୁ ରାମ କହିଲେ, "ଆପଣମାନେ ସମସ୍ତେ ବୃନ୍ଦାବନର ଗୋପୀ ରୂପେ ଜନ୍ମଲାଭ କରିବେ । ଆପଣମାନେ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ଆଲିଙ୍ଗନ କରିବାର ସୁଯୋଗ ଲାଭ କରିବେ । ଶ୍ରୀକୃଷ୍ଣ ମୋ ବ୍ୟତୀତ ଅନ୍ୟ କେହି ନୁହନ୍ତି । ଏହାହିଁ ରାସଲୀଳାର ରହସ୍ୟ ।

ତତ୍ରାପି – ସେଠାରେ ମଧ୍ୟ

ଯଦିଓ ଗୋପୀଜନମାନଙ୍କର ଶ୍ରୀକୃଷ୍ଣଙ୍କ ପ୍ରତି ଶାରୀରିକ ଆସକ୍ତି ଥିଲା, ସେ ଆସକ୍ତି ପରମଭକ୍ତିର ରୂପ ଥିଲା । ଏହା ସଂପୂର୍ଣ୍ଣ ରୂପେ ନିର୍ମଳ ଥିଲା ।

ଗୋପୀଗଣ ସଂପୂର୍ଣ୍ଣ ରୂପେ ନିଃସ୍ୱାର୍ଥପର ଥିଲେ । ସମସ୍ତ ଗୋପୀଜନ ମିଳିତ ରୂପେ ସେମାନଙ୍କର ସେବା ଦ୍ୱାରା ପ୍ରଭୁ ଶ୍ରୀକୃଷ୍ଣଙ୍କୁ ପ୍ରସନ୍ନ କରିବାକୁ ଚାହୁଁଥିଲେ । ସେମାନେ ପରସ୍ପର ପ୍ରତି ଈର୍ଷାନ୍ୱିତ ନ ଥିଲେ । ଯଦି ସେମାନଙ୍କର ପ୍ରେମ ସ୍ୱାର୍ଥପୂର୍ଣ୍ଣ ଥାଆନ୍ତା, ଅନ୍ୟ ଜଣେ ଗୋପୀ କୃଷ୍ଣଙ୍କୁ ପ୍ରେମ କରୁ, ଏ ବିଷୟ ସେମାନେ ଚାହିଁ ନ ଥାନ୍ତେ ।

ଗୋପୀଗଣ ଜଣେ ମାନବ ପ୍ରେମିକ ଚାହିଁ ନ ଥିଲେ କିନ୍ତୁ ସ୍ୱୟଂ ପରଂବ୍ରହ୍ମଙ୍କୁ ଅନ୍ୱେଷଣ କରିଥିଲେ ।

ଜଣେ ମନୁଷ୍ୟ କାହିଁକି ଦୁଃଖ–ଯନ୍ତ୍ରଣା ଚାହେଁ ? କାରଣ ଅବିଦ୍ୟା ଓ ମାୟାର ପ୍ରଭାବ ଫଳରେ ସେ ଭଗବାନଙ୍କୁ ଭୁଲିଯାଉଛି । ଯେଉଁ ଭକ୍ତଙ୍କୁ ପ୍ରଭୁଙ୍କର କୃପା ଲାଭ ହୋଇଛି ସେ ମୁହୂର୍ତ୍ତକ ପାଇଁ ମଧ୍ୟ ତାଙ୍କୁ ଭୁଲିପାରିବେ ନାହିଁ ।

ପ୍ରତ୍ୟେକ ନିଶ୍ୱାସ ଓ ପ୍ରଶ୍ୱାସ ସହ ପ୍ରଭୁଙ୍କୁ ସ୍ମରଣ କର । ସର୍ବଦା ଗୀତାକୁ ନିଜ ପକେଟରେ ଓ ଜପମାଳା ବେକରେ ରଖ । ତାଙ୍କର ନାମ ସର୍ବଦା ସ୍ମରଣ ରଖ । ଭକ୍ତଗଣଙ୍କ ସହ ନିବାସ କର । ପ୍ରତିଦିନ ଭାଗବତ, ରାମାୟଣ ବା ଗୀତା ଅଧ୍ୟୟନ କର । ତେବେ ତୁମେ ପ୍ରଭୁଙ୍କୁ ଭୁଲିପାରିବ ନାହିଁ ।

ନିଜର କାର୍ଯ୍ୟକଳାପର ହ୍ରାସ କର । ସତ୍ୟର ଆଶ୍ରୟ ନିଅ ଓ ତଦନୁସାରେ ବ୍ୟବହାର କର । ନିଜର ଆବଶ୍ୟକତା କମ୍ କର । ମନରେ ଉଦ୍ରେକ ହେଉଥିବା କାମନାର ବିନାଶ କର । କାମନା ପୂର୍ଣ୍ଣ କରିବାର ପ୍ରୟାସ କରନାହିଁ । ରବିବାର ଦିନ ନିଜର ଜପ ସଂଖ୍ୟା ବୃଦ୍ଧି କର । ଗ୍ରୀଷ୍ମଛୁଟି, ଦୁର୍ଗାପୂଜା ଛୁଟି ଓ କ୍ରିସ୍‌ମାସ୍ ଛୁଟିବେଳେ ୪ ଲକ୍ଷ ଜପର ଅନୁଷ୍ଠାନ କର । ଅଖଣ୍ଡ ଜପ, ଅଖଣ୍ଡ ଭାଗବତ ପାଠ ଅବା ଜନ୍ମାଷ୍ଟମୀ ବେଳେ ସାତଦିନଯାଏ ଅଖଣ୍ଡ କୀର୍ତ୍ତନ କର । ଏହି ସାତଦିନ ସମୟରେ ଦୁଧ ଓ ଫଳାହାର କର ଓ ନିଜ ହାତରେ ସଫା କରାଯାଇଥିବା ବସ୍ତ୍ର ପରିଧାନ କର । ସଂପୂର୍ଣ୍ଣ ମୌନବ୍ରତ ଓ ବ୍ରହ୍ମଚର୍ଯ୍ୟ ପାଳନ କର । ପରିବାରର ସମସ୍ତ ସଦସ୍ୟ ଏହି ନିୟମ ପାଳନ କରିବା ଉଚିତ । ତେବେ ପ୍ରଭୁଙ୍କୁ ଭୁଲିବାର ସମ୍ଭାବନା ନାହିଁ । ପ୍ରଭୁ ତୁମର ଅତ୍ୟନ୍ତ ନିକଟରେ । ତୁମର ଘର ବୈକୁଣ୍ଠରେ ପରିଣତ ହେବ । ପ୍ରଭୁ କହନ୍ତି, ‘‘ହେ ନାରଦ, ମୁଁ ବୈକୁଣ୍ଠରେ କିମ୍ବା ଯୋଗୀଙ୍କର ହୃଦୟରେ ନିବାସ କରେ ନାହିଁ କିନ୍ତୁ ମୋର ଭକ୍ତଗଣ ମୋର ନାମଗାନ କରୁଥିବା ସ୍ଥାନରେ ମୁଁ ନିବାସ କରେ-

‘‘ନାହଂ ବସାମି ବୈକୁଣ୍ଠେ
ଯୋଗିନାମ୍ ହୃଦୟେ ନ ଚ ।
ମଦ୍ ଭକ୍ତାଃ ଯତ୍ର ଗାୟନ୍ତି
ତତ୍ର ତିଷ୍ଠାମି ନାରଦ’’ ॥

ସୂତ୍ର-୨୩

ତଦ୍‌ବିହୀନମ୍ ଜାରାଣାମିବ ॥ ୨୩ ॥

ଅର୍ଥ- ତାହା ବିନା (ପ୍ରଭୁଙ୍କ ପ୍ରତି ମହାନ୍ ପ୍ରେମ ବିନା) ଏହା ଜଣେ ନାରୀର ତା’ର ଜାରପୁରୁଷ ପ୍ରତି ପ୍ରେମତୁଲ୍ୟ ।

ଶବ୍ଦାର୍ଥ- ତଦ୍‌ବିହୀନ- ସେହି ମହାନ ଜ୍ଞାନ ବିନା (ପ୍ରଭୁଙ୍କର ମହିମା ବା ଦିବ୍ୟତା), ଜାରାଣାମ୍- ଜାରା ବା ନୀତିହୀନ ପ୍ରେମିକ, ଇବ- ସଦୃଶ ।

ବ୍ୟାଖ୍ୟା- ତଦ୍ ବା ‘ଏହା’ର ଅର୍ଥ ପ୍ରେମ ।

ଦିବ୍ୟ ମହାନତା ଭାବ ବିନା ଭକ୍ତି ଜଣେ ବିବାହିତ ନାରୀର ତା'ର ପୁରୁଷ ସହ ପ୍ରେମସଦୃଶ ନୀତିହୀନ ଓ ସଦା ପରିବର୍ତ୍ତନଶୀଳ ।

ଗୋପୀଗଣଙ୍କର ପ୍ରେମ ପ୍ରଭୁଙ୍କର ଦିବ୍ୟ ମହିମା ଜ୍ଞାନରେ ସମନ୍ୱିତ ଥିଲା । ଏହା ଅତ୍ୟନ୍ତ ଶୁଦ୍ଧ ପ୍ରେମ ଥିଲା ।

ଶ୍ରୀକୃଷ୍ଣଙ୍କ ସହ ଗୋପୀଗଣଙ୍କର ସଂପର୍କକୁ କାମଭାବାପନ୍ନ ବ୍ୟକ୍ତିଗଣ ଶାରୀରିକ ପ୍ରେମ ରୂପେ ଭୁଲ ବୁଝିପାରନ୍ତି । ସର୍ବୋଚ୍ଚ ଦିବ୍ୟପ୍ରେମକୁ ନିମ୍ନ ସ୍ତରର କାମନା ରୂପେ ଭୁଲ ଅବବୋଧ ନ କରିବାକୁ ନାରଦ ସତର୍କ କରିଛନ୍ତି ।

ଗୋପୀଗଣ ପ୍ରେମ-ପାଗଳ ଅବସ୍ଥାରେ ଥିଲେ । ସେମାନେ ଈଶ୍ୱରଙ୍କ ଭାବରେ ମଦିରାସକ୍ତ ଥିଲେ । ସେମାନେ ସାଂସାରିକ ଜୀବନ ବିଷୟରେ ଅଚେତନ ଥିଲେ । ସେମାନେ ଦିବ୍ୟଆନନ୍ଦ ସାଗରରେ ନିମଗ୍ନ ଥିଲେ । ସେମାନଙ୍କର ମନ ଓ ଇନ୍ଦ୍ରିୟଗଣ କାର୍ଯ୍ୟ କରୁ ନ ଥିଲେ । ତାଙ୍କର ମନରେ ବାହ୍ୟବସ୍ତୁର ପ୍ରଭାବ ପଡୁ ନ ଥିଲା ।

ଦିବ୍ୟପ୍ରେମ ଶୁଦ୍ଧ ଓ ବାସ୍ତବ । ତାହା ବ୍ୟତୀତ ଭଗବାନଙ୍କ ପ୍ରତି ଅନ୍ୟପ୍ରେମ ଅନୈତିକ । ଯେକୌଣସି ଜୀବକୁ ଦିବ୍ୟତାର ସ୍ୱରୂପ ନ ଭାବି ଜୀବ ରୂପେ ପ୍ରେମ କରିବା ନୀତିହୀନ । ଅଶୁଦ୍ଧ ସ୍ୱାର୍ଥପୂର୍ଣ୍ଣ ପ୍ରେମ ମାନବର ହୃଦୟକୁ କଳୁଷିତ କରେ ।

କାମନା କଦାପି ପ୍ରେମ ନୁହେଁ । ଏହା ଏକ ପାଶବିକ ପ୍ରବୃତ୍ତି । ଏହା ହେଉଛି ଦୈହିକ ପ୍ରେମ । ଏହା ଏକ ପଶୁତୁଲ୍ୟ ପ୍ରବୃତ୍ତି । ଏହା ପରିବର୍ତ୍ତନଶୀଳ । କୌଣସି ଦୁରାରୋଗ୍ୟ ରୋଗ ଯୋଗୁ ଯଦି ପତ୍ନୀ ନିଜର ସୌନ୍ଦର୍ଯ୍ୟ ହରାଏ, ସେ ଛାଡ଼ପତ୍ର ପାଆନ୍ତି ଏବଂ ପତି ଅନ୍ୟ ଏକ ନାରୀକୁ ବିବାହ କରନ୍ତି । ପୃଥିବୀରେ ଏହା ଚାଲିଛି । କିନ୍ତୁ ଭକ୍ତି ହେଉଛି ଶୁଦ୍ଧ ପ୍ରେମ । ଏହା ଦିବ୍ୟ ପ୍ରେମ । ଏହା ଶାଶ୍ୱତ । ଭକ୍ତ ସର୍ବଦା ପ୍ରଭୁଙ୍କର ଯଶ ଓ ମହାନତା ବିଷୟ ମନନ କରନ୍ତି । ତାଙ୍କର ଇଷ୍ଟଦେବ ତାଙ୍କ ଜୀବନର ଶ୍ୱାସ ସଦୃଶ (ପ୍ରାଣନାଥ ବା ପ୍ରାଣବଲ୍ଲଭ) । ଏହି ଭାବ ତାଙ୍କର ଭକ୍ତିକୁ ପୁଷ୍ଟି କରେ ଓ ବଳିଷ୍ଠ କରେ । ଯଦି ପ୍ରଭୁଙ୍କର ପ୍ରତି ମହାନତା ଭାବ ନଥାଏ, ତେବେ ତାଙ୍କର ଭକ୍ତି ନାହିଁ । ତାଙ୍କର ଭକ୍ତି କାମୁକ ସ୍ୱାମୀ ଓ ସ୍ତ୍ରୀଙ୍କର ପ୍ରେମସଦୃଶ । ତାଙ୍କର ଭକ୍ତିରେ ଉତ୍କର୍ଷତା ନଥାଏ । ଗୀତାର

ଦଶମ ଅଧ୍ୟାୟରେ ପ୍ରଦତ୍ତ ବିବିଧ ବିଭୂତି ପ୍ରଭୁଙ୍କର ମହାନତା ବିଷୟ ସ୍ମରଣ କରାଏ । ଭକ୍ତି ହେଉଛି ଏକ ମହାନ ପବିତ୍ର ଭାବ । ଏହା ତତ୍‌କ୍ଷଣାତ୍ ଆତ୍ମାକୁ ଦିବ୍ୟତାର ଉତ୍ତୁଙ୍ଗ ଶିଖରକୁ ଘେନିଯାଏ । ଭକ୍ତ ଯେତେବେଳେ ପ୍ରଭୁଙ୍କ ମହିମା ଉପଲବ୍‌ଧି କରନ୍ତି, ସମସ୍ତ ସାଂସାରିକ ବାସନାର ବିନାଶ ହୁଏ ଏବଂ ସମସ୍ତ ଆସକ୍ତି ଓ ବନ୍ଧନ ଛିନ୍ନ ହୁଏ । ପ୍ରଭୁଙ୍କ ଦର୍ଶନ ନିମିତ୍ତ ମାନବ ଉତ୍ସୁକ ଓ ବ୍ୟାକୁଳ ହୁଏ ।

ସୂତ୍ର-୨୪

ନାସ୍ତ୍ୟେବ ତସ୍ମିଂ ସ୍ତତ୍‌ସୁଖସୁଖିତ୍ୱମ୍ ॥ ୨୪ ॥

ଅର୍ଥ- ସେ ଅବୈଧ ପ୍ରେମରେ ନିଶ୍ଚିତ ରୂପେ ଅନ୍ୟର ନିମିତ୍ତ ସୁଖର ବିବେଚନା ନଥାଏ ।

ଶବ୍ଦାର୍ଥ- ତସ୍ମିନ୍- ସେଥିରେ (ଅଶାଳୀନ ପ୍ରେମରେ), ତତ୍ ସୁଖସୁଖିତ୍ୱମ୍- ଅନ୍ୟର ସୁଖରେ ସୁଖୀ, ନ- ନାହିଁ, ଅସ୍ତି- ଅଛି, ଏବ- ନିଶ୍ଚିତ ରୂପେ ।

ବ୍ୟାଖ୍ୟା- ସେପରି ପ୍ରେମରେ ପ୍ରେମାସ୍ପଦ ବ୍ୟକ୍ତିର ପ୍ରେମରେ ସୁଖୀ ହେବାର ଭାବ ନାହିଁ । ଗୋପୀଗଣଙ୍କ କ୍ଷେତ୍ରରେ ଭଗବାନ ସ୍ୱୟଂ ହିଁ ପ୍ରେମାସ୍ପଦ ଥିଲେ । ଶାରୀରିକ ସଂସ୍ପର୍ଶର କାମନା ତାଙ୍କଠାରେ ନ ଥିଲା । ଇନ୍ଦ୍ରିୟ ଉପଭୋଗର କୌଣସି ଧାରଣା ତାଙ୍କଠାରେ ନ ଥିଲା । ଇନ୍ଦ୍ରିୟ ସଂଭୋଗ ଏକ ସ୍ୱାର୍ଥପର କାମନା । ଏହା ଅନ୍ୟ ମାଧ୍ୟମରେ ଇନ୍ଦ୍ରିୟ ତୃପ୍ତି ଚାହେଁ । ଅନ୍ୟପକ୍ଷରେ, ଶୁଦ୍ଧ-ପ୍ରେମ ପ୍ରିୟତମଙ୍କୁ ସୁଖ ପ୍ରଦାନ କରି ସୁଖୀ ହେବାକୁ ଚାହେଁ । ନିଜ ଇନ୍ଦ୍ରିୟର ପରିତୃପ୍ତିର କାମନାକୁ କାମ ବା ଇନ୍ଦ୍ରିୟ ପରାୟଣତା କୁହାଯାଏ । କାମର ଲକ୍ଷ୍ୟ ହେଉଛି ଇନ୍ଦ୍ରିୟ-ଭୋଗ କିନ୍ତୁ ଶ୍ରୀକୃଷ୍ଣ ପ୍ରୀତ୍ୟର୍ଥେ କର୍ମ କରିବା ବିଶୁଦ୍ଧ ଦିବ୍ୟପ୍ରେମର ଆଭିମୁଖ୍ୟ । ଗୋପୀଗଣ ନିଜ ସୁଖ ଚାହିଁ ନ ଥିଲେ । ଗୋପୀଗଣଙ୍କ ଠାରେ କାମର ଚିହ୍ନ ମଧ୍ୟ ନ ଥିଲା । ତାଙ୍କର ସମସ୍ତ କର୍ମର ଉଦ୍ଦେଶ୍ୟ ଥିଲା, ଶ୍ରୀକୃଷ୍ଣଙ୍କର ସୁଖ । ଶ୍ରୀକୃଷ୍ଣଙ୍କର ଆରାଧନା ନିମିତ୍ତ ସେମାନେ ସମସ୍ତ ସ୍ୱାଚ୍ଛନ୍ଦ୍ୟ ଓ ସାଂସାରିକ କର୍ତ୍ତବ୍ୟ ପରିହାର କରିଥିଲେ । ସେମାନଙ୍କର ପ୍ରେମ ଥିଲା ଅତୀବ ବିଶୁଦ୍ଧ, ଦିବ୍ୟ ଓ ଇନ୍ଦ୍ରିୟାତୀତ ।

ସେମାନେ ତାଙ୍କର ସମସ୍ତ ବସ୍ତୁ ଶ୍ରୀକୃଷ୍ଣଙ୍କୁ ସମର୍ପଣ କରିଥିଲେ । ସେମାନେ ତାଙ୍କର ଶରୀର, ମନ, ବୁଦ୍ଧି, ଧନ, ଯୌବନ ଓ ଜୀବନ ଶ୍ରୀକୃଷ୍ଣଙ୍କୁ ଅର୍ପଣ କରିଥିଲେ । ମୁହୂର୍ତ୍ତକ ନିମନ୍ତେ ଶ୍ରୀକୃଷ୍ଣଙ୍କୁ ଭୁଲିଗଲେ ସେମାନେ ଅସ୍ଥିର ହେଉଥିଲେ । ଶ୍ରୀକୃଷ୍ଣଙ୍କର ପରମ ମହନତା ଓ ଯଶକୁ ସେମାନେ ହୃଦୟଙ୍ଗମ କରିଥିଲେ । ଶ୍ରୀକୃଷ୍ଣଙ୍କର ସୁଖରେ ସେମାନେ ଆନନ୍ଦିତ ହେଉଥିଲେ । ପ୍ରଭୁଙ୍କର ସୁଖ ଉପରେ ତାଙ୍କର ସୁଖ ନିର୍ଭର କରୁଥିଲା । ଗୋପୀଗଣଙ୍କର ଆଧ୍ୟାତ୍ମିକ ସମୁନ୍ନତ ସ୍ଥିତି ଅବର୍ଣ୍ଣନୀୟ ।

ଅବୈଧ ପ୍ରେମରେ ତ୍ୟାଗର ଭାବ ନ ଥାଏ । ଏହି ପ୍ରେମରେ ଶାରୀରିକ କାମଭାବ ଥାଏ । ଏଥିରେ ଅତ୍ୟନ୍ତ ସ୍ୱାର୍ଥପରତା ପରିଲକ୍ଷିତ ହୁଏ । ଏହି ପ୍ରେମ ସ୍ୱାର୍ଥନ୍ୱେଷୀ ।

ଦିବ୍ୟପ୍ରେମରେ ଭକ୍ତ ପ୍ରଭୁଙ୍କ ନିମନ୍ତେ ସବୁକିଛି ତ୍ୟାଗ କରେ । ଏଥିରେ ଆତ୍ମ-ବିସ୍ମୃତି ଥାଏ । ସ୍ୱାର୍ଥର ଚିହ୍ନ ମଧ୍ୟ ନ ଥାଏ । ଭକ୍ତ ନିଜ ସୁଖ ବିଷୟ ଚିନ୍ତା କରେ ନାହିଁ । ନିଜର ପ୍ରିୟତମଙ୍କୁ ସୁଖୀ କରିବାକୁ ସେ ଦୁଃଖ ଯନ୍ତ୍ରଣାକୁ ସ୍ୱାଗତ କରେ ।

ବ୍ୟବସାୟିକ ପ୍ରେମରେ ପ୍ରେମିକା ଓ ପ୍ରିୟତମଙ୍କ ମଧ୍ୟରେ ବାସ୍ତବ ସୁଖ ନଥାଏ । ଯଦି ସ୍ୱାମୀ ମୃତ୍ୟୁ-ଶଯ୍ୟାରେ ଥାଆନ୍ତି, ପତ୍ନୀ ବ୍ୟାଙ୍କ ପାଶବୁକ ଧରି ମାଆଙ୍କର ଗୃହକୁ ନୀରବରେ ଚାଲିଯାଆନ୍ତି । ଯଦି ସ୍ୱାମୀ ନିଜର ଚାକିରୀ ହରାଇଥାଆନ୍ତି, ପତ୍ନୀ ନିଜର ବିମର୍ଷ ମୁଖ ପ୍ରଦର୍ଶନ କରି କର୍କଶ ବାକ୍ୟ ପ୍ରୟୋଗ କରନ୍ତି ଓ ପ୍ରେମ ସହ ସେବା କରନ୍ତି ନାହିଁ । ଏହା ହେଉଛି ସ୍ୱାର୍ଥପର ପ୍ରେମ । ହୃଦୟରୁ ବାସ୍ତବ ପ୍ରେମ ନିର୍ଗତ ହୁଏ ନାହିଁ । ତେଣୁ ଗୃହରେ ସର୍ବଦା କଳି, ସଂଘର୍ଷ ଓ ଅଶାନ୍ତି ବ୍ୟାପୀ ଥାଏ । ପତି-ପତ୍ନୀଙ୍କ ମଧ୍ୟରେ ବାସ୍ତବ ଏକତା ନ ଥାଏ । ସର୍ବଦା ସଂଘର୍ଷ ଲାଗିରହେ । ସେମାନେ ଜୀବନଯାତ୍ରାରେ ଏକ ନିରସ ଓ ନିରାନନ୍ଦ ଜୀବନ କୌଣସିମତେ ଯାପନ କରିଚାଲନ୍ତି ।

ଏପରିକି ଗଣିକାମାନେ ମଧ୍ୟ ଗ୍ରାହକଙ୍କର ଠାରୁ ଅର୍ଥ ମିଳୁଥିବା ଯାଏ ପ୍ରଭୂତ ପ୍ରେମ, ମଧୁର ସ୍ମିତ ହସ ଓ ମଧୁରବାଣୀର ପ୍ରୟୋଗ କରିଥାଆନ୍ତି । ଏହାକୁ କ'ଣ ପ୍ରେମ ଓ ବାସ୍ତବ ସୁଖ କୁହାଯିବ ? ମୋତେ ନିଷ୍କପଟ ଭାବେ କୁହ । ଏଠାରେ ଚତୁରତା, କପଟତା, କୂଟନୀତି ଓ କୁଟିଳତା ପରିଲକ୍ଷିତ ହୁଏ ।

□□□

ଭକ୍ତିର ଶ୍ରେଷ୍ଠତା

ସୂତ୍ର–୨୫

ସା ତୁ କର୍ମଜ୍ଞାନଯୋଗେଭ୍ୟୋଽପ୍ୟଧିକତରା ।। ୨୫ ।।

ଅର୍ଥ– ପରମ ଭକ୍ତି କର୍ମ, ଜ୍ଞାନ ଓ ଯୋଗ ଠାରୁ ମଧ୍ୟ ଉଚ୍ଚତର ।

ଶବ୍ଦାର୍ଥ– ସା– ସେ (ଭକ୍ତି), ତୁ– ମଧ୍ୟ, କର୍ମଜ୍ଞାନ ଯୋଗେଭ୍ୟ– କର୍ମଜ୍ଞାନ ଓ ଯୋଗଠାରୁ, ଅପି– ଏପରିକି, ଅଧିକତରା– ଉଚ୍ଚତର ।

ବ୍ୟାଖ୍ୟା– ସୂତ୍ର ୨୫ ରୁ ୩୩ ମଧ୍ୟରେ ନାରଦ ପରାଭକ୍ତିର ଶ୍ରେଷ୍ଠତା ବିଷୟରେ ବ୍ୟାଖ୍ୟା କରିଛନ୍ତି । ସେ କହନ୍ତି ଯେ ଫଳ ଲାଭ ନିମିତ୍ତ କର୍ମ, ଜ୍ଞାନ ଓ ଭକ୍ତି ଆଦି ପଦ୍ଧତି ସଦୃଶ କିନ୍ତୁ ଭକ୍ତି ହିଁ ସେସବୁର ପ୍ରକୃତ ଫଳ ।

ବାସ୍ତବ ଯୋଗୀ ଭଗବାନଙ୍କ ସହ ଜୀବନ୍ତ ଯୋଗସୂତ୍ର ସ୍ଥାପନ କରନ୍ତି ଓ ଜଗତର ସର୍ବତ୍ର ପ୍ରଭୁଙ୍କର ସର୍ବବ୍ୟାପକତା ସଂପୂର୍ଣ୍ଣ ରୂପେ ଉପଲବ୍ଧି କରନ୍ତି ।

ପ୍ରଭୁଙ୍କର ପ୍ରେମର ଆଶିଷ ପ୍ରାପ୍ତ ନ ହେଲେ, ଭକ୍ତିଦ୍ୱାରା ଭକ୍ତଙ୍କର ହୃଦୟ ବିଶୁଦ୍ଧ ନ ହେଲେ, ନିଷ୍କାମ ସେବା ସଂପାଦନ କରିବା ସମ୍ଭବ ନୁହେଁ । ବାସ୍ତବ ଭକ୍ତି ବିନା ପ୍ରଭୁଙ୍କର ସ୍ୱଭାବ ଜାଣି ହେବନାହିଁ ।

ପ୍ରାରମ୍ଭରେ ତୁମେ ନିଜ ପରିବାର ବା ଦେଶର ସେବା କର । କିନ୍ତୁ ତୁମର ହୃଦୟ ପ୍ରସାରିତ ହେବା ଉଚିତ । ତୁମେ ସମଗ୍ର ମାନବ ଜାତିକୁ ନିଜର ପରିବାର, ସମଗ୍ର ବିଶ୍ୱକୁ ନିଜର ଦେଶ, ସମଗ୍ର ଜଗତକୁ ନିଜର ଗୃହ ଓ ଶରୀର ମନେ କରିବା ଉଚିତ ।

ଭକ୍ତି ସ୍ୱୟଂ ହିଁ ଏକ ଲକ୍ଷ୍ୟ ଅଟେ । ଜ୍ଞାନ ଓ ଯୋଗରେ ଅଧୋପତନର ଭୟ ରହିଛି । ଭକ୍ତି ମାର୍ଗରେ ଅଧୋପତନର ଭୟ ନାହିଁ, କାରଣ ଭକ୍ତ ପ୍ରଭୁଙ୍କର ସହାୟତା ଓ ସମର୍ଥନ ଲାଭ କରନ୍ତି । ଅଧିକନ୍ତୁ, ଭକ୍ତିପଥ ଜାତି, ଧର୍ମ, ଲିଙ୍ଗ ବା ଆଧ୍ୟାତ୍ମିକ ସାମର୍ଥ୍ୟ ନିର୍ବିଶେଷରେ ସମସ୍ତଙ୍କ ନିମିତ୍ତ ସମାନ ଭାବେ ଖୋଲା । ଧର୍ମଶାସ୍ତ୍ର ନିର୍ଦ୍ଦେଶିତ

ବ୍ୟକ୍ତିର କର୍ତ୍ତବ୍ୟ ଓ ଧର୍ମ କର୍ମକାଣ୍ଡର ସଂପାଦନକୁ କର୍ମ କୁହାଯାଏ । ଏହା ହେଉଛି ବର୍ଣ୍ଣାଶ୍ରମ ଧର୍ମର ସଂପାଦନ । ସଂଧ୍ୟାବନ୍ଦନ ସଦୃଶ ନିତ୍ୟ କର୍ମ ଓ ନୈମିତ୍ତିକ କର୍ମ, (ଯାହାକି ବିଶେଷ ସାମୟିକ ଉପଲକ୍ଷେ ଅନୁଷ୍ଠିତ ହୋଇଥାଏ) ସଂପାଦନ କରିବା ବିଧେୟ । ଏପରି ନିଷ୍କାମ କର୍ମସଂପାଦନ କଲେ ହୃଦୟ ବିଶୁଦ୍ଧ ହୋଇଥାଏ ଏବଂ ଶୁଦ୍ଧ ହୃଦୟରେ ଜ୍ଞାନ ବା ଦିବ୍ୟ ଆଲୋକ ଉଦୟ ହୋଇଥାଏ ।

ଜଣେ କର୍ମଯୋଗୀ କର୍ମକୁ ପୂଜା ମନେକରନ୍ତି । ଏହା ହେଉଛି କର୍ତ୍ତବ୍ୟନିମିତ୍ତ କର୍ତ୍ତବ୍ୟର ସଂପାଦନ । ଫଳରେ ଆଶା ତ୍ୟାଗ କରି ନିଷ୍କାମ ସେବା କରିବା ଈଶ୍ୱର ଲାଭର ମାର୍ଗ ଉନ୍ମୁକ୍ତ କରିଥାଏ । ନିଷ୍କାମ ସେବାରେ ବନ୍ଧନର ଭୟ ନଥାଏ ।

ଜଣେ କର୍ମଯୋଗୀ କେତେକ ସୁଗୁଣର ଅଭ୍ୟାସ କରିବା ଉଚିତ । ସେଗୁଡ଼ିକ ହେଲା– ସହନଶୀଳତା, ପରିସ୍ଥିତି ସହ ଅନୁକୂଳଭାବ, ସହାନୁଭୂତି, ଦୟା, ସମଦୃଷ୍ଟି, ମାନସିକ ଭାରସାମ୍ୟ, ବିଶ୍ୱପ୍ରେମ, ଧୈର୍ଯ୍ୟ, ନମ୍ରତା, ଉଦାରଭାବ, ମହାନତା, ଆତ୍ମ-ସଂଯମ, କ୍ରୋଧ ନିୟନ୍ତ୍ରଣ, ଅହିଂସା, ସତ୍ୟ, ମିତାହାର, ସରଳ ଜୀବନ ଓ କଷ୍ଟ ସହିଷ୍ଣୁତା । ତେବେ ହିଁ ସେ କର୍ମଯୋଗରେ ସଫଳତା ଲାଭ କରିପାରିବେ ।

କର୍ମଯୋଗ ହେଉଛି ଇଚ୍ଛାଶକ୍ତିର କସରତ । ଭକ୍ତି ଓ ବିଚାରଶକ୍ତିର କ୍ରିୟାଶୀଳତା ଜ୍ଞାନଯୋଗ ରୂପେ ଅଭିହିତ । ଆବେଗ ପରିପ୍ରକାଶ ହେଉଛି ଭକ୍ତିଯୋଗ । ଭଗବାନଙ୍କ ଠାରେ ସଂପୂର୍ଣ୍ଣ ସମର୍ପଣ ମାଧ୍ୟମରେ ଇଚ୍ଛାଶକ୍ତି ସମସ୍ତ କର୍ମକୁ ପବିତ୍ର କରେ । ବୁଦ୍ଧି ପ୍ରଭୁଙ୍କର ଯଶ ଓ ମହିମା ଉପଲବ୍ଧି କରେ । ଆବେଗ ଦିବ୍ୟ ଉଲ୍ଲାସର ଆନନ୍ଦ ଅନୁଭବ କରେ ।

ଅର୍ଜୁନ ପ୍ରଭୁଙ୍କୁ ପ୍ରଶ୍ନ କରନ୍ତି– ଯେଉଁ ଭକ୍ତଗଣ ଆପଣଙ୍କ ଠାରେ ସଂଲଗ୍ନ ହୋଇ ଆପଣଙ୍କର ସଗୁଣ-ସାକାର ରୂପର ଉପାସନା କରନ୍ତି ଏବଂ ଯେଉଁମାନେ ଅବିନାଶୀ ନିର୍ଗୁଣ ନିରାକାରଙ୍କର ଉପାସନା କରନ୍ତି, ତନ୍ମଧ୍ୟରେ କେଉଁମାନେ ଉତ୍ତମ ଯୋଗବେତ୍ତା ? ପ୍ରଭୁ ଉତ୍ତର ଦେଇଛନ୍ତି– "ଯେଉଁମାନେ ତାଙ୍କର ମନ ମୋଠାରେ ସ୍ଥିର ରଖି ଅତ୍ୟନ୍ତ ଭକ୍ତିସହ ମୋର ଉପାସନା କରନ୍ତି, ମୋ ମତରେ ଯୋଗୀଗଣଙ୍କ ମଧ୍ୟରେ ସେମାନେ ଶ୍ରେଷ୍ଠ । ପୁନଶ୍ଚ ପ୍ରଭୁ କହନ୍ତି– ଜ୍ଞାନୀଙ୍କ ଠାରୁ ଯୋଗୀ ଶ୍ରେଷ୍ଠ; କର୍ମୀଙ୍କ ଠାରୁ ମଧ୍ୟ ଯୋଗୀ ଶ୍ରେଷ୍ଠ । ସୁତରାଂ ସେ ଅର୍ଜୁନ, ତୁମେ ଯୋଗୀ ହୁଅ ।"

ସମସ୍ତ ଯୋଗୀଗଣଙ୍କ ମଧ୍ୟରେ ଯେ ଶ୍ରଦ୍ଧାଯୁକ୍ତ ଓ ମଦ୍‌ଗତମନା ହୋଇ ମୋତେ ଭଜେ, ମୋ ମତରେ ସେ ସର୍ବଶ୍ରେଷ୍ଠ ଯୋଗୀ ।'' ଗୀତାରେ ପରିଲକ୍ଷିତ ହୁଏ ଯେ, ''ସମସ୍ତ ପ୍ରାଣୀ ଯାହାଙ୍କର ଅନ୍ତର୍ଗତ ଓ ଯାହାଙ୍କ ଦ୍ୱାରା ଏ ସଂସାର ପରିବ୍ୟାପ୍ତ ସେହି ପରମାତ୍ମା ଅନନ୍ୟ ଭକ୍ତି ବଳରେ ମିଳିପାରନ୍ତି ।'' ଗୀତାର ଏକାଦଶ ଅଧ୍ୟାୟର ୫୪ ଶ୍ଳୋକରେ ଉଲ୍ଲେଖ ହୋଇଛି- ''ହେ ଅର୍ଜୁନ, ଅନନ୍ୟ ଭକ୍ତିଦ୍ୱାରାହିଁ ମୋତେ ତତ୍ତ୍ୱତଃ ଜାଣିହୁଏ, ସଗୁଣ ରୂପରେ ଦେଖିହୁଏ ଓ ପ୍ରାପ୍ତ କରିହୁଏ ।''

ସମଗ୍ର ଗୀତାରେ ଭକ୍ତି ଓ ସମର୍ପଣ ମୁଖ୍ୟ ତତ୍ତ୍ୱ ଅଟେ । ଅଧିକାଂଶ ବ୍ୟକ୍ତିଙ୍କ ନିମନ୍ତେ ଭକ୍ତି ସରଳ ମାର୍ଗ । ଭକ୍ତଗଣଙ୍କ ସହାୟତା ପାଇଁ ଭଗବାନ ରୂପ ଗ୍ରହଣ କରନ୍ତି । ଭକ୍ତି ପଥରେ ବିପଦ ନଥାଏ କିମ୍ବା ବିପଥଗାମୀ କରିବାକୁ ଆକର୍ଷଣ ନଥାଏ । ଭକ୍ତଙ୍କର ପଥ ପ୍ରଦର୍ଶନ କରିବାକୁ ପ୍ରଭୁ ସର୍ବଦା ପ୍ରସ୍ତୁତ ଥାଆନ୍ତି । ବାସ୍ତବରେ ଦୟାମୟ ପ୍ରଭୁ ଭକ୍ତଙ୍କର ହାତ ଧରି ଆଧ୍ୟାତ୍ମିକ ମାର୍ଗରେ ବାଟ କଢ଼େଇ ନିଅନ୍ତି ଓ ତାଙ୍କର ପ୍ରେମପୂର୍ଣ୍ଣ ମଧୁର ହୃଦୟରେ ଆଲିଙ୍ଗନ କରନ୍ତି । ଯେତେବେଳେ ସେ ଦେଖନ୍ତି ଯେ ଭକ୍ତ ନିଷ୍ଠାପର, ସେ ଭକ୍ତଙ୍କ ଉପରେ ତାଙ୍କର କୃପାବୃଷ୍ଟି କରନ୍ତି । ଏହି ମାର୍ଗରେ ସଫଳତା ସୁନିଶ୍ଚିତ । ଭଗବାନଙ୍କର ସାକ୍ଷାତ୍‌କାର ପାଇଁ ତଥା ସର୍ବଶ୍ରେଷ୍ଠ ଆନନ୍ଦ ପ୍ରାପ୍ତି ନିମନ୍ତେ ଭକ୍ତିମାର୍ଗ ସରଳ, ସୁଗମ ଓ ନିରାପଦ ପଥ । ସେହି କାରଣରୁ ନାରଦ ଋଷି କହନ୍ତି, ''କର୍ମ, ଜ୍ଞାନ ଓ ଯୋଗ ଠାରୁ ମଧ୍ୟ ଭକ୍ତି ମହାନ୍ ।''

ଯେଉଁମାନେ ତପ ସାଧନା ଦ୍ୱାରା ଉତ୍ତୁଙ୍ଗ ଶିଖରକୁ ଆରୋହଣ କରନ୍ତି ଓ ନିଜକୁ ମୁକ୍ତ ରୂପେ କଳ୍ପନା କରନ୍ତି କିନ୍ତୁ ହେ କମଳ-ନୟନ, ଆପଣଙ୍କ ପ୍ରତି ଭକ୍ତିର ଅଭାବ ଯୋଗୁ ବାସ୍ତବରେ ସେମାନେ ଜ୍ଞାନାଲୋକ ଲାଭରୁ ବଞ୍ଚିତ ହୋଇଥାଆନ୍ତି । ଆପଣଙ୍କର ପାଦ-ପଦ୍ମର ଆଶ୍ରୟ ନ ନେବା ଫଳରେ ସେମାନେ ଆଧ୍ୟାତ୍ମିକ ପଥରେ ଅଗ୍ରସର ହୋଇ ନପାରି ଏକ ଗର୍ତ୍ତରେ ପଡିଯାଆନ୍ତି । ହେ ମାଧବ ! ଆପଣଙ୍କର ପ୍ରିୟ ଭକ୍ତଗଣ ଆପଣଙ୍କର ସ୍ନେହ-ଫାଶରେ ବନ୍ଧା ହୋଇଥିବା ଫଳରେ ଏପରି ଦୁର୍ଗତିର ସମ୍ମୁଖୀନ ହୋଇନଥାନ୍ତି । ସେମାନେ ଆପଣଙ୍କର ସୁରକ୍ଷା ଲାଭ କରି ଆଧ୍ୟାତ୍ମିକ ପଥରେ ଭୟମୁକ୍ତ ହୋଇ ଅଗ୍ରସର ହୋଇଥାଆନ୍ତି ।

ସୂତ୍ର-୨୬

ଫଳରୂପତ୍ୱାତ୍ ॥ ୨୬ ॥

ଅର୍ଥ- ଏସବୁର ଏହା ଫଳ ହୋଇଥିବାରୁ ।

ଶବ୍ଦାର୍ଥ- ଫଳରୂପତ୍ୱାତ୍- କାରଣ ଏହା ଏସବୁର ଫଳ ହୋଇଥିବାରୁ ।

ବ୍ୟାଖ୍ୟା- ଭକ୍ତି ଲକ୍ଷ୍ୟ ହାସଲ କରିବାର ଉପାୟ ନୁହେଁ । ଏହା ଲକ୍ଷ୍ୟ ତଥା ଲକ୍ଷ୍ୟ ସାଧନର ପଦ୍ଧତି ମଧ୍ୟ । ଏହା ସମସ୍ତ ସାଧନା ପୂରଣର ଅନ୍ତିମ ପର୍ଯ୍ୟାୟ ଓ ଶୃଙ୍ଖଳାର ଅନ୍ତ । ଭକ୍ତି ମାଧ୍ୟମରେ ପ୍ରଚ୍ଛନ୍ନ ଈଶ୍ୱର ଦୃଶ୍ୟବାନ ହୋଇଥାଆନ୍ତି । ତା'ପରେ ମାନବ ତା'ର ନିଜର ଦିବ୍ୟସ୍ୱରୂପ ଉପଲବ୍ଧି କରେ ।

ଯୋଗ ଅଭ୍ୟାସ, ଧାର୍ମିକ କର୍ମକାଣ୍ଡ, ଆତ୍ମ-ସଂଯମ, ବିବିଧ ବ୍ରତ, ଗୁରୁଙ୍କର ସେବା, ଦିବ୍ୟଗୁଣାବଳୀର ଅଭ୍ୟାସ ଆଦି ଶୃଙ୍ଖଳା ପବିତ୍ର ଶାସ୍ତ୍ରରେ ଉଲ୍ଲେଖ ହୋଇଅଛି କିନ୍ତୁ ତନ୍ମଧ୍ୟରେ ପ୍ରଭୁଙ୍କ ପ୍ରତି ଭକ୍ତି ଶ୍ରେଷ୍ଠ ।

ସାଧନ ଚତୁଷ୍ଟୟ ଓ ଧ୍ୟାନର ଫଳ ହେଉଛି ଜ୍ଞାନ । କର୍ମଯୋଗର ଫଳ ହେଉଛି ଚିତ୍ତ ଶୁଦ୍ଧି ଓ ଅହଂକାରର ବିନାଶ ।

ରାଜଯୋଗ ଅଭ୍ୟାସର ଫଳ କୈବଲ୍ୟ ଅଟେ । ଭକ୍ତି କ୍ଷେତ୍ରରେ ଆମେ ଭକ୍ତିରୁ ଆରମ୍ଭ କରି ଅନ୍ତିମରେ ଭକ୍ତି ଲାଭ କରୁ । ଭକ୍ତି କାହାରି ଫଳ ନୁହେଁ । ଏହା ଏକ ନୂତନ ଅନୁଭବ ରୂପେ ଭକ୍ତଙ୍କ ନିକଟକୁ ଆସେ ନାହିଁ । ଏହା ସର୍ବଦା ଥାଏ ।

ଜ୍ଞାନ, କର୍ମ ଓ ଯୋଗ ରୂପୀ ପଥ ପ୍ରଭୁଙ୍କ ପ୍ରତି ପରମଭକ୍ତି ସଦୃଶ ଅମୂଲ୍ୟ ଫଳ ପ୍ରଦାନ କରନ୍ତି ।

ଜୀବନର ଲକ୍ଷ୍ୟ ପରାଭକ୍ତି ଅଟେ । ଏହାହିଁ ସର୍ବୋଚ୍ଚ ସ୍ଥିତି । ଏହା ଫଳ ନୁହେଁ କିନ୍ତୁ ଏହା ଫଳ ସ୍ୱଭାବର । ଏହା ଅନ୍ୟ ଯୋଗ ଠାରୁ ମହତର । ଅନ୍ୟ ଯୋଗ ସମୂହ ଆଧ୍ୟାତ୍ମିକ ପ୍ରଗତିରେ ନିମ୍ନ ପର୍ଯ୍ୟାୟର । ପରାଭକ୍ତି କୌଣସି କର୍ମର ପ୍ରଭାବ ନୁହେଁ ଅବା ସାଧକଙ୍କ ଦ୍ୱାରା ଅନୁଷ୍ଠିତ ସାଧନାର ପ୍ରଭାବ ମଧ୍ୟ ନୁହେଁ । ଯଦି ଏହା ପ୍ରଭାବ ହୁଏ, ଏହା ଶାଶ୍ୱତ ହୋଇପାରିବ ନାହିଁ । ଭକ୍ତି ଅନ୍ୟ ଅପେକ୍ଷା ମହତର କାରଣ ଏହାହିଁ ଏହାର ପୁରସ୍କାର । ଏହା ଭକ୍ତି ନିମିତ୍ତ ଭକ୍ତି । ଏହା ହେଉଛି ପ୍ରେମ ପାଇଁ ପ୍ରେମ । ତେଣୁ ନାରଦ କହନ୍ତି- 'ଫଳରୂପତ୍ୱାତ୍' ।

ଏହି କାରଣରୁ ଏହା ଅନ୍ୟ ତୁଳନାରେ ଉତ୍ତମ । ଯେଉଁମାନେ ଅନ୍ୟ ପଥ ଅନୁସରଣ କରନ୍ତି, ସେମାନେ ନିଜ ମନରେ ଅନ୍ୟ ଉଦ୍ଦେଶ୍ୟ ପୋଷଣ କରନ୍ତି । ତେଣୁ ଈଶ୍ୱରପ୍ରାପ୍ତିରେ ସେମାନେ ବିଫଳ ହୁଅନ୍ତି ।

ସୂତ୍ର-୨୭

ଈଶ୍ୱରସ୍ୟାପ୍ୟଭିମାନ ଦ୍ୱେଷିତ୍ୱାଦ୍ ଦୈନ୍ୟପ୍ରିୟତ୍ୱାଚ୍ଚ ।। ୨୭ ।।

ଅର୍ଥ- (ଭକ୍ତି ଅନ୍ୟଠାରୁ ଉଚ୍ଚତର) କାରଣ ଭଗବାନ ଅହଂକାରକୁ ଘୃଣା କରନ୍ତି ଓ ନମ୍ରତାକୁ ଭଲ ପାଆନ୍ତି ।

ଶବ୍ଦାର୍ଥ- ଈଶ୍ୱରସ୍ୟ- ଭଗବାନଙ୍କର, ଅପି- ମଧ୍ୟ, ଅଭିମାନଦ୍ୱେଷିତ୍ୱାଦ୍- ଅହଂକାର ପ୍ରତି ଦ୍ୱେଷଭାବ, ଦ୍ୱୈନ୍ୟ ପ୍ରିୟତ୍ୱାଦ୍- ନମ୍ରତାଭାବକୁ ଭଲ ପାଆନ୍ତି, ଚ- ମଧ୍ୟ ।

ବ୍ୟାଖ୍ୟା- ଭକ୍ତ କେବଳ ଈଶ୍ୱରଙ୍କ ଉପରେ ସଂପୂର୍ଣ୍ଣ ନିର୍ଭର କରନ୍ତି । ସେ ପ୍ରଭୁଙ୍କ ସହ ଯୋଗସୂତ୍ର ସ୍ଥାପନ କରନ୍ତି । ସେ ସର୍ବଦା ଶାନ୍ତ ଓ ଆନନ୍ଦିତ ରହନ୍ତି । ଅନ୍ୟମାନେ କ୍ଷମତାର ଅନ୍ୱେଷଣ କରନ୍ତି । ସେମାନେ ଆତ୍ମ-ପ୍ରଚେଷ୍ଟା ଉପରେ ନିର୍ଭର କରନ୍ତି । ସେମାନଙ୍କର ପତନ ହୁଏ ଓ ସେମାନେ ଦୁଃଖୀ ହୋଇଥାଆନ୍ତି ।

ତୁମେ ଭାବିବା ଉଚିତ ନୁହେଁ ଯେ ସ୍ୱୟଂ ଭଗବାନ ପକ୍ଷପାତ କରନ୍ତି ଓ ପ୍ରେମ ଓ ଘୃଣା ଦ୍ୱାରା ପ୍ରଭାବିତ ହୁଅନ୍ତି । ଏହାର ସରଳ ଅର୍ଥ ହେଉଛି ଯେ, ଈଶ୍ୱର-ଚେତନାର ଉପଲବ୍ଧି ପାଇଁ ଅହଂକାର ଏକ ବିରାଟ ପ୍ରତିବନ୍ଧକ । ତୁମେ ଯେତେ ଅଧିକ ଅହଂକାର ତ୍ୟାଗ କରିବ, ତୁମର ହୃଦୟ ସେତେ ଅଧିକ ଈଶ୍ୱର-ଚେତନାରେ ପୂର୍ଣ୍ଣ ହେବ । ପ୍ରଭୁ-କୃପା ସର୍ବତ୍ର ପରିବ୍ୟାପ୍ତ । ବିଭୁ କୃପା ଲାଭ କରିବାରେ କେବଳ ଅହଂକାର ପ୍ରତିବନ୍ଧକ ହୋଇଥାଏ ।

ଯେଉଁମାନେ ସେମାନଙ୍କର ସଂପତ୍ତି, କ୍ଷମତା ଅବା ଜ୍ଞାନ ବା କୁଳ ଅଥବା ଆଧ୍ୟାତ୍ମିକ ଶୃଙ୍ଖଳା ବିଷୟରେ ଗର୍ବ କରିଥାଆନ୍ତି, ସେମାନେ ଈଶ୍ୱର-ଉପଲବ୍ଧି କରିପାରିବେ ନାହିଁ । ସେମାନଙ୍କର ଦୂରଦୃଷ୍ଟିର ଅଭାବ ଥାଏ । ଆଧ୍ୟାତ୍ମିକତା ନିମିତ୍ତ ସଂପତ୍ତି ଏକ ବଡ଼ ପ୍ରତିବନ୍ଧକ ।

ଯେଉଁମାନେ ଜ୍ଞାନ ଓ ଯୋଗର ପଥରେ ଅଗ୍ରସର ହୁଅନ୍ତି, ସେମାନେ ନିଜର କ୍ଷମତା ଓ ଜ୍ଞାନ ପାଇଁ ଅହଂକାରୀ ହେବାର ସମ୍ଭାବନା ରହିଛି । ଭକ୍ତଗଣ ସାଧାରଣତଃ ବିନମ୍ର ହୋଇଥାଆନ୍ତି । ନମ୍ରତା ଭକ୍ତିଯୋଗର ଆଧାର ।

ଭଗବାନଙ୍କର କାହାପ୍ରତି ପକ୍ଷପାତିତା ବା ଘୃଣା ନଥାଏ । ତାଙ୍କ ସମ୍ମୁଖରେ ସମସ୍ତେ ସମାନ । ଗର୍ବୀ ବ୍ୟକ୍ତି ପ୍ରତି ମଧ ତାଙ୍କ ହୃଦୟ ପ୍ରେମ-ପୂର୍ଣ୍ଣ ଥାଏ । ସେ ଗର୍ବୀ ଓ ଅହଂକାରୀ ବ୍ୟକ୍ତିଗଣଙ୍କୁ ଦଣ୍ଡ ମାଧ୍ୟମରେ ମୁକ୍ତି ପ୍ରଦାନ କରନ୍ତି ଏବଂ ନମ୍ର ଭକ୍ତଗଣଙ୍କୁ ସ୍ନେହପୂର୍ଣ୍ଣ ସାଦର ସ୍ପର୍ଶ ସହ ମୁକ୍ତି ପ୍ରଦାନ କରନ୍ତି ।

ଭକ୍ତଙ୍କର ହୃଦୟରେ ଅହଂକାରର ବୃଦ୍ଧି ନିମିତ୍ତ ପ୍ରଭୁ ଅନୁମତି ଦିଅନ୍ତି ନାହିଁ । ଗର୍ବ ହିଁ ସମସ୍ତ ଦୁଃଖର ମୂଳ କାରଣ ଅଟେ । ଏହା ସାଂସାରିକ ବନ୍ଧନର କାରଣ । ଏହା ବିବିଧ ପ୍ରକାରର ଦୁଃଖ ଆଣିଥାଏ ।

ଭକ୍ତି ହେଉଛି ସଂପୂର୍ଣ୍ଣ ଆତ୍ମ-ସମର୍ପଣ । ପ୍ରକୃତ ଭକ୍ତିରେ ନିଜର ଆତ୍ମ-ପ୍ରୟାସ ବା ଆଧ୍ୟାତ୍ମିକ ଶୃଙ୍ଖଳା ପାଇଁ ଗର୍ବର ଅବକାଶ ନଥାଏ । ଜଣେ ଭକ୍ତ ନିଜକୁ ପ୍ରଭୁଙ୍କ ହସ୍ତରେ ଏକ ସାଧନ ମନେକରନ୍ତି ଏବଂ ଭଗବାନ ତାଙ୍କ ପାଇଁ ସବୁକିଛି କରନ୍ତି । ତାଙ୍କଠାରେ ଅହଂକାରର ସାମାନ୍ୟତମ ଚିହ୍ନ ନ ଥାଏ । ସୁତରାଂ ଭକ୍ତିମାର୍ଗ ଅନ୍ୟ ସମସ୍ତ ମାର୍ଗଠାରୁ ମହତ୍ତର ।

ଜ୍ଞାନଯୋଗ ଅଭ୍ୟାସରେ ଭକ୍ତଙ୍କୁ କେବଳ ନିଜ ଉପରେ ନିର୍ଭର କରବାକୁ ପଡ଼େ । ଭକ୍ତଙ୍କ ଉପରେ ଭଗବାନଙ୍କର କୃପା ଅବତରଣ କରେ । ଭଗବାନ ଭକ୍ତବତ୍ସଳ, ଦୀନନାଥ ଓ ଦୀନବନ୍ଧୁ ଅଟନ୍ତି । ଜୀବାତ୍ମାର ପାପ ଓ ପୁଣ୍ୟ ଅନୁସାରେ ପ୍ରଭୁ ଭକ୍ତଙ୍କୁ ଉପଯୁକ୍ତ ଧାମ ପ୍ରଦାନ କରନ୍ତି । ତେଣୁ ସେ ପକ୍ଷପାତୀ ଓ ନିଷ୍ଠୁର ନୁହନ୍ତି ।

ଅଗ୍ନିର ନିକଟକୁ ଆସୁଥିବା ବ୍ୟକ୍ତିଙ୍କୁ ଅଗ୍ନି ସାବଧାନ କରନ୍ତି କିନ୍ତୁ ଦୂରରେ ଥିବା ବ୍ୟକ୍ତିକୁ ନୁହେଁ । ଏହା ଅଗ୍ନିଙ୍କର ଦୋଷ ନୁହେଁ ।

ଅନ୍ୟ ଏକ କାରଣ ରହିଛି । ସମସ୍ତ ସୁଗୁଣ ମଧ୍ୟରେ ନମ୍ରତା ଶ୍ରେଷ୍ଠ । ବିନୟୀ ବ୍ୟକ୍ତିଙ୍କ ଠାରେ ଅନ୍ୟ ସୁଗୁଣ ସବୁ ପରିଦୃଷ୍ଟ ହୋଇଥାଏ । ଗୌରାଙ୍ଗ ମହାପ୍ରଭୁ ନମ୍ରତାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ । ଜଣେ ବିଜ୍ଞ ପଣ୍ଡିତଙ୍କୁ ଭେଟିବାକୁ ଯାଇଥିବା ବେଳେ ସେ ଯୋତା ରଖାଯାଇଥିବା ସ୍ଥାନରେ ବସିଥିଲେ । ଭକ୍ତିମାର୍ଗରେ ଗର୍ବ ଏକ କଣ୍ଟା ସଦୃଶ । ଏହା ଭକ୍ତି ଓ ଅନ୍ୟ ସମସ୍ତ ସୁଗୁଣ ନଷ୍ଟ

କରିଦିଏ । ଗର୍ବ ଅଜ୍ଞତାର ପ୍ରତୀକ । ନମ୍ରତା ଦ୍ୱାରା ଭକ୍ତ ସମସ୍ତଙ୍କର ହୃଦୟ ଜୟ କରିପାରନ୍ତି । ପାଦ ଦ୍ୱାରା ଦଳି ଦିଆଯାଉଥିବା ତୃଣଠାରୁ ମଧ୍ୟ ଭକ୍ତ ନମ୍ର ହେବା ଉଚିତ । ସେପରି ବ୍ୟକ୍ତି ସର୍ବଦା ହରିଙ୍କର ନାମ କୀର୍ତ୍ତନ କରିପାରିବେ । ଏହି ସୁଗୁଣର ବିକାଶ କରିବା କଷ୍ଟସାଧ୍ୟ । ବ୍ୟକ୍ତି ସ୍ୱ ଅହଂକାରକୁ ବିନାଶ କରି ପଥର ସଦୃଶ ସହନଶୀଳ ହେବା ବାଞ୍ଛନୀୟ । ଅନମନୀୟ ଅହଂକାର ବାରମ୍ୱାର ଉଦ୍ରେକ ହୁଏ ।

ବାଇବେଲରେ ତୁମେ ଲକ୍ଷ୍ୟ କରିବ– ଦରିଦ୍ରଗଣ ସ୍ୱଭାବତଃ ଆଶିଷପ୍ରାପ୍ତ କାରଣ ସ୍ୱର୍ଗୀୟ ସାମ୍ରାଜ୍ୟ ତାଙ୍କର । ନମ୍ରବ୍ୟକ୍ତିଗଣ ଆଶୀଷପ୍ରାପ୍ତ କାରଣ ସେମାନେ ପୃଥିବୀ ଭୋଗ କରିବେ । ପର୍ବତ ଉପରେ ପ୍ରବଚନ ବା 'ସରମନ୍ ଅନ୍ ଦ ମାଉଣ୍ଟ୍'ରେ ଯୀଶୁ ନମ୍ରତାଗୁଣର ଭୂୟସୀ ପ୍ରଶଂସା କରିଅଛନ୍ତି ।

ଯେପରି ଅଗ୍ନି ନିକଟକୁ ଆସୁଥିବା ବ୍ୟକ୍ତିର ଶୀତ ଅଗ୍ନି ଦୂର କରନ୍ତି, ସେହିପରି ପ୍ରତ୍ୟହ ପ୍ରାର୍ଥନା, ସଦାଚାର ଓ ଧ୍ୟାନ ମାଧ୍ୟମରେ ଭଗବାନ ତାଙ୍କର ଉପାସକଗଣଙ୍କର ଭବ ବନ୍ଧନ ଦୂର କରନ୍ତି ।

କୃଷ୍ଣ ରାଧାଙ୍କୁ କହିଲେ– ''କେତେକ ବ୍ୟକ୍ତି ନିଜକୁ ମୋ'ଠାରୁ ଅଲଗା ମନେ କରନ୍ତି । ମୁଁ ତାଙ୍କର ସମସ୍ତ ବସ୍ତୁ ହରଣ କରେ ଓ ତା'ପରେ ସେମାନେ ଯେତେବେଳେ ମୋତେ ଦେଖନ୍ତି, ସଂସାରର ସମସ୍ତ ବନ୍ଧନ ଉଭେଇ ଯାଏ । କେତେକ ସାଂସାରିକମନା ବ୍ୟକ୍ତି ନିଜର ଆତ୍ମାକୁ ବିନାଶ କରନ୍ତି । ମୁଁ ଯଦିଓ ସାଧାରଣତଃ ସେମାନଙ୍କ ପ୍ରତି ନିଷ୍ଠୁର କିନ୍ତୁ ସେମାନଙ୍କ ପ୍ରତି ମଧ୍ୟ ମୁଁ ଦୟାଶୀଳ । ସେମାନଙ୍କର ଦୁଃଖରେ ମଧ୍ୟ ମୁଁ ତାଙ୍କୁ ସୁଖ ପ୍ରଦାନ କରେ । ସମସ୍ତ ଆତ୍ମା ମୋର ପ୍ରିୟ । ମୁଁ ସେମାନଙ୍କ ସହ ଅନେକ ଲୀଳା କରେ । ଫଳରେ ସେମାନେ ସ୍ୱାର୍ଥପରତା ଭୁଲିଯାଆନ୍ତି ଓ ପ୍ରେମନିମିତ୍ତ ସେମାନେ ମୋତେ ପ୍ରେମ କରନ୍ତି, ହେ ରାଧା, ଯେପରି ତୁମେ ବର୍ତ୍ତମାନ ନିଷ୍କାମ ପ୍ରେମ କରୁଛ ।

□□□

ଜ୍ଞାନ ଓ ଭକ୍ତି

ସୂତ୍ର-୨୮

ତସ୍ୟା ଜ୍ଞାନମେବ ସାଧନମିତ୍ୟେକେ ।। ୨୮ ।।

ଅର୍ଥ- ଭକ୍ତିର ସାଧନ ଜ୍ଞାନ ହିଁ ଅଟେ । ଏହା କେତେକ ଆଚାର୍ଯ୍ୟଙ୍କର ମତ ।

ଶବ୍ଦାର୍ଥ- ତସ୍ୟା- ପରମ ପ୍ରେମର, ଜ୍ଞାନମ୍- ଜ୍ଞାନ, ଏବ- କେବଳ, ସାଧନମ୍- ଉପାୟ, ଇତି- ଏପରି, ଏକେ- କେତେକ ।

ବ୍ୟାଖ୍ୟା- ଭକ୍ତିର ଲକ୍ଷ୍ୟ ଓ ଉପାସନା ହେଉଛନ୍ତି ପ୍ରଭୁ ଯେକି ସର୍ବଶକ୍ତିମାନ, ସର୍ବଜ୍ଞ, ଦୟାଶୀଳ ଓ ଅସୀମ ମଙ୍ଗଳମୟ । ସେ ସମସ୍ତଙ୍କର ଆଧାର । ଭକ୍ତିପୂର୍ବରୁ ଉପରୋକ୍ତ ଜ୍ଞାନଲାଭ ଅତ୍ୟନ୍ତ ବାଞ୍ଛନୀୟ । ଏହି ଜ୍ଞାନ ବିନା ଭଗବାନଙ୍କର ଉପରେ ବିଶ୍ୱାସ ରହିବ ନାହିଁ । ବିଶ୍ୱାସ ବିନା ପ୍ରଭୁଙ୍କ ପ୍ରତି ଅନୁରକ୍ତି ରହିବ ନାହିଁ । ଅନୁରକ୍ତି ବିନା ଗଭୀର ଓ ଚିରସ୍ଥାୟୀ ଭକ୍ତି ଉଦ୍ରେକ ହେବ ନାହିଁ ।

ଏଠାରେ ଜ୍ଞାନ ଅର୍ଥ ବ୍ରହ୍ମ ଜ୍ଞାନ ନୁହେଁ । ଏହା କେବଳ ସାଧାରଣ ଅବବୋଧ ଅବା ବୋଧଗମ୍ୟତା ।

କେତେକ କହନ୍ତି : ଏପରିକି ସାଂସାରିକ ଭାଷାରେ ଜ୍ଞାନ ପ୍ରଥମେ ଉଦୟ ହୁଏ । ଗୋଟିଏ ବସ୍ତୁର ଜ୍ଞାନ ମାଧ୍ୟମରେ ତାହା ପ୍ରତି ପ୍ରେମ ସୃଷ୍ଟି ହୁଏ । ଜଣେ କନ୍ୟା ତା'ର ଭାବୀ ସ୍ୱାମୀ ବିଷୟରେ ଜ୍ଞାନ ଲାଭ କରେ । "ସେ ସୌମ୍ୟ ଓ ଲଳିତ କଣ୍ଠରେ ଗାନ କରିପାରନ୍ତି । ସେ ଭାରତୀୟ ପ୍ରଶାସନିକ ସେବାରେ ସଫଳ ହୋଇଛନ୍ତି । ବର୍ତ୍ତମାନ ସେ ଜଣେ ଜିଲ୍ଲାପାଳ".... ଇତ୍ୟାଦି । ଜଣେ ରୋଗୀ ଯଅ ବା ବାର୍ଲିର ସୁଗୁଣ ବିଷୟରେ ଜ୍ଞାନ ଲାଭ କରନ୍ତି । ତା'ପରେ ସେ ଯଅ ଭଲପାଆନ୍ତି ଓ ଯଅରେ ତିଆରି ରୋଟି ଆନନ୍ଦସହ ଭୋଜନ କରନ୍ତି । ସେ ଜାଣନ୍ତି ଯେ ଏହା ଶୀତଳ ଓ ସାତ୍ତ୍ୱିକ । ସେହିପରି ବ୍ୟକ୍ତି ଭଗବାନଙ୍କର

ବିଷୟରେ ପ୍ରଥମେ ଜ୍ଞାନଲାଭ କରେ । ତା'ପରେ ତାଙ୍କ ପ୍ରତି ପ୍ରେମ ଜ୍ଞାତ ହୁଏ । ତେଣୁ 'ଜ୍ଞାନମ୍' ଭକ୍ତି ପାଇଁ ମାଧ୍ୟମ ।

ଶ୍ରଦ୍ଧା ଓ ସମ୍ମାନ ଦ୍ୱାରା ଭଗବାନଙ୍କ ପ୍ରତି ଭକ୍ତିର ବିକାଶ କରିହେବ । ଜଟାୟୁ, ଗଜେନ୍ଦ୍ର, ଧ୍ରୁବ ଓ ଶବରୀ ଭକ୍ତି ମାଧ୍ୟମରେ ଈଶ୍ୱର ଉପଲବ୍ଧି କରିଥିଲେ ।

ସୂତ୍ର–୨୯

ଅନ୍ୟୋନ୍ୟାଶ୍ରୟତ୍ୱ ମିତ୍ୟନ୍ୟେ ॥ ୨୯ ॥

ଅର୍ଥ– ଅନ୍ୟ ଆଚାର୍ଯ୍ୟଗଣଙ୍କର ମତ ହେଉଛି ଭକ୍ତି ଓ ଜ୍ଞାନ ପରସ୍ପର ଉପରେ ଆଶ୍ରିତ ।

ଶବ୍ଦାର୍ଥ– ଅନ୍ୟୋନ୍ୟାଶ୍ରୟତ୍ୱମ୍– ଭକ୍ତି ଓ ଜ୍ଞାନର ପରସ୍ପର ନିର୍ଭରଶୀଳତା, ଇତି– ଏପରି, ଅନ୍ୟେ– ଅନ୍ୟମାନେ ।

ବ୍ୟାଖ୍ୟା– ଏଠାରେ ଜ୍ଞାନ ଅର୍ଥ ଭଗବାନଙ୍କର ଦର୍ଶନ ବୁଝାଯାଏ ନାହିଁ । ପ୍ରେମ ଓ ଆତ୍ମ-ପ୍ରୟାସ ବିନା ଭଗବାନଙ୍କୁ ଜାଣି ହେବନାହିଁ । ପ୍ରେମର ବସ୍ତୁ ବିଷୟରେ ନ ଜାଣି ଓ ପ୍ରିୟତମଙ୍କର ସେବା କରିବାର ପ୍ରୟାସ ନ କରି ବାସ୍ତବ ପ୍ରେମ କରିବା ସମ୍ଭବ ନୁହେଁ । ଜଣେ ବ୍ୟକ୍ତିଙ୍କୁ ନ ଜାଣି ତାଙ୍କ ନିମିତ୍ତ ପ୍ରୟାସ କରିବା ମଧ୍ୟ ସମ୍ଭବ ନୁହେଁ । ମନର ପ୍ରୟାସ କରିବା ମଧ୍ୟ ସମ୍ଭବ ନୁହେଁ । ମନ ଓ ସମସ୍ତ ସାମର୍ଥ୍ୟ ପରସ୍ପର ସହ ସହଯୋଗ କରନ୍ତି ।

ଅନ୍ୟୋନ୍ୟ-ଆଶ୍ରୟର ଅର୍ଥ ହେଉଛି ପାରସ୍ପରିକ ନିର୍ଭରଶୀଳତା । ପତ୍ନୀ ତାଙ୍କର ଆବଶ୍ୟକତା ବସ୍ତ୍ର, ଖାଦ୍ୟ ଓ ଅସୁସ୍ଥ ହେଲେ ସେବା ପାଇଁ ସ୍ୱାମୀ ଉପରେ ନିର୍ଭର କରନ୍ତି । ସ୍ୱାମୀ ନିଜର ଖାଦ୍ୟ ଓ ଅନ୍ୟ ସେବା ପାଇଁ ପତ୍ନୀ ଉପରେ ନିର୍ଭରଶୀଳ । ରାଜା ରାଜସ୍ୱ ପାଇଁ ପ୍ରଜାଙ୍କ ଉପରେ ନିର୍ଭର କରନ୍ତି । ପ୍ରଜାଗଣ ରାଜାଙ୍କ ଉପରେ ତାଙ୍କର ସୁରକ୍ଷା, ଜଳଯୋଗାଣ, ଆଲୋକ ଓ ଚିକିତ୍ସା ପାଇଁ ରାଜାଙ୍କ ପରେ ନିର୍ଭର କରନ୍ତି । ଏହା ମଧ୍ୟ ପାରସ୍ପରିକ ନିର୍ଭରଶୀଳତାର ଏକ ଦୃଷ୍ଟାନ୍ତ । ସେହିପରି ଭକ୍ତି ଜ୍ଞାନ ଉପରେ ଏବଂ ଜ୍ଞାନ ଭକ୍ତି ଉପରେ ନିର୍ଭରଶୀଳ ହୋଇଥାଆନ୍ତି ।

ଗୀତାରେ କଥିତ ହୋଇଛି "ଶ୍ରଦ୍ଧାବାନ୍ ଲଭତେ ଜ୍ଞାନମ୍– ଶ୍ରଦ୍ଧାଯୁକ୍ତ ବ୍ୟକ୍ତି ଜ୍ଞାନ ଲାଭ କରନ୍ତି" । (ଗୀ–୪/୩୯)

ତେଷାମ୍ ସତତ ଯୁକ୍ତାନାଂ
ଭଜତାମ୍ ପ୍ରୀତିପୂର୍ବକମ୍ ।
ଦଦାମି ବୁଦ୍ଧିୟୋଗଂ ତାମ୍ ତଂ
ୟେନ ମାମୁପାୟାନ୍ତି ତେ ॥

ମୋ'ଠାରେ ସର୍ବଦାଯୁକ୍ତ ହୋଇ ପ୍ରେମପୂର୍ବକ ମୋତେ ଭଜୁଥିବା ଭକ୍ତମାନଙ୍କୁ ମୁଁ ବୁଦ୍ଧି-ଯୋଗ ପ୍ରଦାନ କରେ ଯଦ୍ଦ୍ୱାରା ସେମାନେ ମୋତେ ପ୍ରାପ୍ତ ହୁଅନ୍ତି । (ଗୀତା ଅ.୧୦/୧୦)

ପରାଭକ୍ତି ଦ୍ୱାରା ଭକ୍ତ ମୋତେ ତତ୍ତ୍ୱତଃ ଜାଣନ୍ତି । ତା'ପରେ ସେ ମୋ'ଠାରେ ପ୍ରବିଷ୍ଟ ହୁଅନ୍ତି । (ଗୀତା ଅ.୧୮/୫୫)

ସୂତ୍ର-୩୦

ସ୍ୱୟଂ ଫଳ ରୂପତେତି ବ୍ରହ୍ମକୁମାରାଃ ॥ ୩୦ ॥

ଅର୍ଥ- ଭକ୍ତି ହେଉଛି ତାହାର ନିଜ ଫଳ- ଏହା ବ୍ରହ୍ମାପୁତ୍ର ନାରଦଙ୍କର ମତ ।

ଶବ୍ଦାର୍ଥ- ସ୍ୱୟଂ- ନିଜର, ଫଳରୂପତା- ନିଜର ଫଳ, ବ୍ରହ୍ମକୁମାରାଃ- ବ୍ରହ୍ମାଙ୍କର ପୁତ୍ର (ନାରଦ) ।

ବ୍ୟାଖ୍ୟା- ନାରଦଙ୍କ ମତ ହେଉଛି ଯେ, ଭକ୍ତି ଉଭୟ ଲକ୍ଷ୍ୟ ଏବଂ ମାର୍ଗ ମଧ୍ୟ ।

ଭକ୍ତି ସ୍ୱୟଂ ସଂପୂର୍ଣ୍ଣ । ଏହା ଅନ୍ୟକୌଣସି ସାଧନା ଉପରେ ନିର୍ଭର କରେ ନାହିଁ ।

ଭକ୍ତି ଠାରୁ ଅନ୍ୟ କିଛି ଉଚ୍ଚତର ନୁହେଁ । ଏହାର ଉପଲବ୍ଧି ପାଇଁ ଏହାକୁ ମାର୍ଗ ରୂପେ ମଧ୍ୟ ବ୍ୟବହାର କରାଯାଇପାରେ । ଜଣେ ପ୍ରକୃତ ଭକ୍ତ ଭକ୍ତି ସାଧନା ନିମିତ୍ତ ଏହାକୁ ପ୍ରୟୋଗ କରନ୍ତି । ତାଙ୍କର ଅନ୍ୟକିଛି ଲକ୍ଷ୍ୟ ନଥାଏ । ଭକ୍ତିଯୋଗ ଅନୁସାରେ ଜ୍ଞାନ ଓ ପ୍ରଜ୍ଞା ଭକ୍ତି ଠାରୁ ନିମ୍ନସ୍ତରର ।

ଭକ୍ତି କେଉଁଠାରୁ ଜାତ ହୋଇଛି ? ଭକ୍ତିରୁ ହିଁ ଏହାର ଉଦ୍ଭବ । ଭକ୍ତି ହେଉଛି ଉଭୟ ଲକ୍ଷ୍ୟ ତଥା ମାର୍ଗ ।

ଭକ୍ତି କୌଣସି ସାଧନାର ଫଳ ନୁହେଁ । ଶାସ୍ତ୍ରରେ ନିର୍ଦ୍ଦେଶିତ ସମସ୍ତ ଅଭ୍ୟାସ ଅହଂକାରକୁ ଦୂର କରିବାକୁ କିମ୍ବା ଆଚରଣକୁ ଦୂର କରିବାକୁ ଉଦ୍ଦିଷ୍ଟ ।

ଭକ୍ତିର କୌଣସି କାରଣ ନଥାଏ । ଏହା ମଧ୍ୟ ଫଳ ବା ପ୍ରଭାବ ନୁହେଁ ।

ସୂତ୍ର–୩୧

ରାଜଗୃହ ଭୋଜନାଦିଷୁ ତଥୈବ ଦୃଷ୍ଟତ୍ୱାତ୍ ।। ୩୧ ।।

ଅର୍ଥ– ରାଜଗୃହ ଓ ଭୋଜନାଦିରେ ଏପରି ହିଁ ଦେଖାଯାଏ ।

ଶବ୍ଦାର୍ଥ– ରାଜଗୃହ ଭୋଜନାଦିଷୁ– ରାଜ୍ୟ, ଗୃହ ଓ ଭୋଜନ ଆଦିରେ, ତଥା– ସେହିପରି, ଏବ– କେବଳ, ଦୃଷ୍ଟତ୍ୱାତ୍– କାରଣ ଏହା ଦେଖାଯାଉଛି ।

ବ୍ୟାଖ୍ୟା– ନାରଦ ଏଠାରେ ତିନିଟି ଦୃଷ୍ଟାନ୍ତ ମାଧ୍ୟମରେ ତାଙ୍କର ମତ ବୁଝାଇଛନ୍ତି । ତାଙ୍କ ମତରେ ପ୍ରଭୁଙ୍କ ସମ୍ମୁଖରେ ଭକ୍ତ ଅନୁଭବ କରୁଥିବା ଆନନ୍ଦ କୌଣସି ଅଭ୍ୟାସର ଫଳ ନୁହେଁ ।

ଏକଦା ଜଣେ ରାଜା ତାଙ୍କର ପୁତ୍ରଙ୍କୁ ଅରଣ୍ୟରେ ହଜାଇ ଦେଲେ । ରାଜକୁମାରଙ୍କୁ ଜଣେ ଅରଣ୍ୟ ନିବାସୀ ପାଇଲେ । ଅରଣ୍ୟ ନିବାସୀ ବ୍ୟକ୍ତିଙ୍କର ତତ୍ତ୍ୱାବଧାନରେ ସେ ବଢ଼ିବାକୁ ଲାଗିଲେ । ଅରଣ୍ୟ ନିବାସୀ କିମ୍ବା ସେ ବାଳକ ଜାଣି ନଥିଲେ ଯେ ସେ ହେଉଛନ୍ତି ରାଜକୁମାର । ପରବର୍ତ୍ତୀ ସମୟରେ ପ୍ରକୃତ ସତ୍ୟ ଜଣାପଡ଼ିଲା ଏବଂ ରାଜକୁମାରଙ୍କୁ ତାଙ୍କର ରାଜମହଲକୁ ନିଆଗଲା ।

ଅରଣ୍ୟ ନିବାସୀ ସହ ରହିଥିବା ସମୟରେ ରାଜକୁମାର ଅନ୍ୟ ଅରଣ୍ୟନିବାସୀ ଦେଖି ନଥିଲେ । ସେତେବେଳେ ରାଜକୁମାର ନିଜ ବିଷୟରେ ଅଜ୍ଞ ଥିଲେ ମଧ୍ୟ ସେ ରାଜକୁମାର ବ୍ୟତୀତ ଅନ୍ୟ କେହି ନଥିଲେ ।

ନିଜର ପରିବାର ବିଷୟରେ ଅଜ୍ଞ ଥିବା ବାଳକ ନିଜକୁ କେବଳ ଏକ ଅରଣ୍ୟ ନିବାସୀ ମନେ କରୁଥିଲେ । ଯେତେବେଳେ ସେ ଅକସ୍ମାତ୍ ନିଜ ପରିଚୟ ବିଷୟରେ ଶୁଣିଲେ, ସେ ପୂର୍ବର ବାଳକ ହିଁ ଥିଲେ । ସେହିପରି ଯେତେବେଳେ ସାଧକ ପରମାତ୍ମାଙ୍କୁ ଉପଲବ୍ଧି କରନ୍ତି, ସେ ତାଙ୍କର ବାସ୍ତବ ସ୍ୱରୂପ ବିଷୟରେ ଅବଗତ ହୁଅନ୍ତି ।

ଯେପରି ଅରଣ୍ୟରେ ବାସ କରୁଥିବା ସମୟରେ ହଜିଯାଇଥିବା ବାଳକ ଜଣକ ସର୍ବଦା ରାଜକୁମାର ହିଁ ଥିଲେ, ଜଣେ ଭକ୍ତ ତାଙ୍କର ଆଧ୍ୟାତ୍ମିକ ସାଧନା ପ୍ରାରମ୍ଭ

କରିବା ସମୟରେ ତାଙ୍କ ହୃଦୟରେ ଭକ୍ତି ଥାଏ, ଅଭ୍ୟାସ ସମୟରେ ତଥା ପରବର୍ତ୍ତୀ ସମୟରେ ମଧ୍ୟ ଭକ୍ତିଥାଏ ।

ଜଣେ ବ୍ୟକ୍ତି ଦୀର୍ଘ ତୀର୍ଥଯାତ୍ରା ଆରମ୍ଭ କରନ୍ତି । ଅନେକ ଦିନଧରି ସେ ଏଣେତେଣେ ଭ୍ରମଣ କରନ୍ତି ଏବଂ ଅନେକ କଷ୍ଟ ସହନ କରନ୍ତି । ସେ କଠିନ ଦୁଃଖ-କଷ୍ଟ ଅନୁଭବ କରନ୍ତି । ନିଜ ଘରେ ଉପଭୋଗ କରୁଥିବା କୌଣସି ସୁବିଧା ସେ ତୀର୍ଥଯାତ୍ରା ସମୟରେ ପାଇପାରନ୍ତି ନାହିଁ । ତାଙ୍କ ଅନୁପସ୍ଥିତି ସମୟରେ ମଧ୍ୟ ତାଙ୍କର ଗୃହ ତାଙ୍କର ହୋଇରହିଥାଏ । କିନ୍ତୁ ଦୂରତା ଯୋଗୁ ସେ ଗୃହର ସୁଖ ସୁବିଧା ଉପଭୋଗ କରିପାରନ୍ତି ନାହିଁ । କିନ୍ତୁ ଗୃହକୁ ପ୍ରତ୍ୟାବର୍ତ୍ତନ କରିବା ପରେ ତାଙ୍କୁ ପୂର୍ବ ଗୃହର ସୁଖ ସୁବିଧା ଉପଲବ୍ଧ ହୋଇଥାଏ । ସେ ତୀର୍ଥଯାତ୍ରାରୁ ଫେରିବା ପରେ କୌଣସି ନୂତନ ସୁବିଧା ସୃଷ୍ଟି ହୋଇନଥାଏ ।

ତୀର୍ଥ ଯାତ୍ରୀ ସଦୃଶ ଯଦି ଭକ୍ତ ପ୍ରଭୁଙ୍କର ସମ୍ମୁଖରୁ ଚାଲିଯାଆନ୍ତି, ସେ ସେହି ସମୟ ପାଇଁ ନିଜକୁ ସୁଖରୁ ବଞ୍ଚିତ କରନ୍ତି । କିନ୍ତୁ ଯଦି ସେ ପ୍ରଭୁଙ୍କ ପ୍ରତି ଭକ୍ତି କରନ୍ତି, ସେ ସ୍ୱ-ଗୃହକୁ ଫେରିଯାଆନ୍ତି ଓ ପ୍ରଭୁଙ୍କ ସହ ଯୋଗସୂତ୍ର ସ୍ଥାପନ କରନ୍ତି ଓ ଦିବ୍ୟଆନନ୍ଦ ଉପଭୋଗ କରନ୍ତି ।

କ୍ଷୁଧାର୍ତ୍ତ ଥିବା ବେଳେ ବ୍ୟକ୍ତି ଦୁଃଖୀ ଥାଆନ୍ତି । ଖାଦ୍ୟ କେବଳ କ୍ଷୁଧା ଦ୍ୱାରା ସୃଷ୍ଟ ଅସୁବିଧାକୁ ଦୂର କରେ । ଏହା ଦୁଃଖର ଉତ୍ସ କ୍ଷୁଧାକୁ ଦୂର କରେ । ଯେତେବେଳେ ଅସୁବିଧା ଦୂର ହୁଏ, ସ୍ୱାଭାବିକ ସନ୍ତୋଷ ଲାଭ ହୁଏ ।

ଏହି ଦୃଷ୍ଟାନ୍ତ ସମୂହ ସୂଚୀତ କରେ ଯେ ଆଧ୍ୟାତ୍ମିକ ସାଧନା କିପରି କାମ କରେ । ଆତ୍ମାର ସ୍ୱଭାବିକ ଅଭିଜ୍ଞତା ପଥରେ ଥିବା ପ୍ରତିବନ୍ଧକ ସେମାନେ ଦୂର କରନ୍ତି । ଏହା ବାହ୍ୟ ପରିସ୍ଥିତି ଓ ମାନବର ପ୍ରୟାସ ଦ୍ୱାରା ସୃଷ୍ଟି ହୁଏ ନାହିଁ ।

ସୂତ୍ର-୩୨

ନ ତେନ ରାଜ ପରିତୋଷ କ୍ଷୁଧାଶାନ୍ତିର୍ବା ।। ୩୨ ।।

ଅର୍ଥ- ତାହା ଦ୍ୱାରା (ବସ୍ତୁର କେବଳ ଜ୍ଞାନ ଦ୍ୱାରା) ରାଜା ପଦବାଚ୍ୟ ହୁଅନ୍ତି ନାହିଁ କିମ୍ବା କ୍ଷୁଧାର୍ତ୍ତ ବ୍ୟକ୍ତି ସନ୍ତୋଷ ହୁଅନ୍ତି ନାହିଁ ।

ଶବ୍ଦାର୍ଥ- ନ- ନୁହେଁ, ତେନ- ତାହାଦ୍ୱାରା, ରାଜ- ରାଜା, ପରିତୋଷ- ସନ୍ତୋଷ, କ୍ଷୁଧାଶାନ୍ତି- କ୍ଷୁଧାର ତୃପ୍ତି, ବା- କିମ୍ବା ।

ବ୍ୟାଖ୍ୟା– କେବଳ ଖବର ଶୁଣି ବାଳକ ରାଜପୁତ୍ର ହୋଇଯାଆନ୍ତି ନାହିଁ । ସେ ପୂର୍ବରୁ ରାଜପୁତ୍ର ଥିଲେ । ସେ ଖବର ଶୁଣିବା ଫଳରେ ତାଙ୍କର ପଦବୀରେ ପରିବର୍ତ୍ତନ ହୋଇ ନଥିଲା ।

ତୀର୍ଥଯାତ୍ରୀଙ୍କର ସନ୍ତୋଷ ପୂର୍ବରୁ ଥିଲା । ତାଙ୍କର ଗୃହ ପ୍ରତ୍ୟାବର୍ତ୍ତନ ଫଳରେ କିନ୍ତୁ ନୂତନ ବସ୍ତୁର ସୃଷ୍ଟି ହୋଇ ନଥିଲା ।

କେବଳ ଖାଦ୍ୟ ଓ ଏହାର ଉପାଦାନର ଜ୍ଞାନ ତୁମର କ୍ଷୁଧା ଦୂର କରିପାରିବ ନାହିଁ । ତୁମକୁ ଖାଦ୍ୟ ଭୋଜନ କରିବାକୁ ପଡ଼ିବ । ତେବେ ହିଁ କ୍ଷୁଧା ଦୂର ହେବ ଏବଂ ସନ୍ତୋଷ ମିଳିବ । ସେହିପରି ଭଗବାନଙ୍କର ବାଚନିକ ଜ୍ଞାନ ଭକ୍ତିର ବିକାଶ କରିପାରିବ ନାହିଁ ।

ଉପରୋକ୍ତ ଦୃଷ୍ଟାନ୍ତ ଦ୍ୱାରା ଛାତ୍ରଗଣଙ୍କୁ ସାବଧାନ କରାଯାଉଛି ଯେ ଭଗବାନଙ୍କ ସମ୍ବନ୍ଧରେ କେବଳ ବୌଦ୍ଧିକ ଜ୍ଞାନ ଯଥେଷ୍ଟ ନୁହେଁ ।

ଭକ୍ତି ପଥର ଅନୁସରଣକାରୀଗଣ ଉପରୋକ୍ତ ଦୃଷ୍ଟାନ୍ତ ଦ୍ୱାରା ଯଦି ଭାବନ୍ତି ଯେ ଜ୍ଞାନ ମାଧ୍ୟମରେ ଭକ୍ତି ଲାଭ ହୋଇପାରିବ, ଭକ୍ତି ପଥର ଅନୁସରଣକାରୀଗଣ ଏହାର ବିରୁଦ୍ଧ କରନ୍ତି । ସେମାନେ କହନ୍ତି– କେବଳ ଖାଦ୍ୟର ଜ୍ଞାନ କ୍ଷୁଧା ଦୂର କରିପାରିବ ନାହିଁ । ସେହିପରି କେବଳ ଜ୍ଞାନ ଭକ୍ତିର ବିକାଶ କରିପାରିବ ନାହିଁ ।

ସୂତ୍ର–୩୩

ତସ୍ମାଦ୍ ସୈବ ଗ୍ରାହ୍ୟା ମୁମୁକ୍ଷୁଭିଃ ।। ୩୩ ।।

ଅର୍ଥ– ସୁତରାଂ ମୋକ୍ଷ କାମନା କରୁଥିବା ବ୍ୟକ୍ତିଗଣ ଭକ୍ତି–ମାର୍ଗ ଅବଲମ୍ବନ କରିବା ଉଚିତ ।

ଶବ୍ଦାର୍ଥ– ତସ୍ମାଦ୍– ତେଣୁ, ସା– ସେହି (ପରମ ପ୍ରେମ), ଏବ– କେବଳ, ମୁମୁକ୍ଷୁଭିଃ– ମୁକ୍ତି ଇଚ୍ଛୁକ, ଗ୍ରାହ୍ୟା– ଅବଲମ୍ବନ କରିବା ଯୋଗ୍ୟ ।

ବ୍ୟାଖ୍ୟା– ପୂର୍ବବର୍ତ୍ତୀ ୩୨ ସୂତ୍ରରେ ପରାଭକ୍ତିର ସ୍ୱଭାବ ବର୍ଣ୍ଣନା ଓ ବ୍ୟାଖ୍ୟା କରାଯାଇଛି । ମୋକ୍ଷର ରାଜକୀୟ ପଥ ହେଉଛି ଭଗବାନଙ୍କର ଭକ୍ତି । ମୋକ୍ଷର ନିଶ୍ଚିତ, ସହଜ ଓ ସରଳ ପଥ ହେଉଛି ଭକ୍ତି ।

ଶ୍ରୀ ଶଙ୍କରଙ୍କର ଜୀବନ ଦର୍ଶନ ହୃଦୟଙ୍ଗମ କରିବାକୁ ବହୁ କମ୍ ବ୍ୟକ୍ତିଙ୍କର ବୌଦ୍ଧିକତା ଅଛି । ଆମପରି ଅଧିକାଂଶ ବ୍ୟକ୍ତିଙ୍କ ପକ୍ଷରେ କେବଳ ଭକ୍ତିମାର୍ଗ ଅନୁସରଣ କରିବା ହିଁ ସମ୍ଭବ । ଜ୍ଞାନ-ମାର୍ଗ ଓ ଭକ୍ତି-ମାର୍ଗ ଅନ୍ତିମରେ ସମାନ ପଥରେ ମିଶନ୍ତି । ଜ୍ଞାନ ଓ ପରାଭକ୍ତି ଏକହିଁ ଅଟନ୍ତି ।

ଭକ୍ତି ସହଜରେ ସଂସାର ବନ୍ଧନକୁ ଛିନ୍ନ କରିପାରେ । ଏହା ଈଶ୍ୱରଙ୍କୁ ଆକୃଷ୍ଟ କରେ । ପ୍ରଭୁ ଆମର ପ୍ରେମ ଓ ଆରାଧନାର ଦେବ ହୋଇଥାନ୍ତି ।

ଅନ୍ତିମ ମୋକ୍ଷ ଲାଭ କରିବା ଅତ୍ୟନ୍ତ ଦୂରୁହ । କିନ୍ତୁ ମୋକ୍ଷ ସ୍ୱୟଂ ଅନିମନ୍ତ୍ରିତ ଭାବେ ଭକ୍ତିଙ୍କର ନିକଟକୁ ଆସିଥାନ୍ତି ।

ସୁତରାଂ ସାଧକଗଣ କେବଳ ଭକ୍ତିର ଅଭ୍ୟାସ କରିବା ବାଞ୍ଛନୀୟ ।

ତୁମେ ନିଶ୍ଚୟ ମୁମୁକ୍ଷୁ ବା ମୁକ୍ତିକାମୀ ହେବା ଉଚିତ । ତୁମେ ମୁକ୍ତିନିମିତ୍ତ ବ୍ୟାକୁଳ ହେବା ଉଚିତ । ପ୍ରଭୁଙ୍କ ବ୍ୟତୀତ ତୁମେ ଅନ୍ୟକିଛି କାମନା କରବା ଅନୁଚିତ । ତେବେ ହିଁ ଭଗବାନ ତୁମକୁ ବାଛିବେ । କେବଳ ତେବେ ହିଁ ପ୍ରଭୁ ବାହୁ ପ୍ରସାରିତ କରି ତୁମକୁ ସଂସାରର ପଙ୍କରୁ ଉଦ୍ଧାର କରିବେ ।

ସାଧକଙ୍କ ଠାରେ ମଧ୍ୟ ଆସକ୍ତି ବିବିଧ ସୂକ୍ଷ୍ମ ରୂପ ଗ୍ରହଣ କରେ । ଏହା ମହାନ ବ୍ୟକ୍ତିଙ୍କ ମନରେ ମଧ୍ୟ ଦେଶଭକ୍ତି, ଅନୁଷ୍ଠାନ, ସଂସ୍ଥା, ଧର୍ମ ଓ ମାନବ ସେବା ଇତ୍ୟାଦି ରୂପରେ ଲାଗି ରହେ । ତୁମେ ନିର୍ଭୟ ଭାବେ ସମସ୍ତ ଆସକ୍ତି ଛିନ୍ନ କରିବା ଉଚିତ । ତେବେ ହିଁ ଅନନ୍ୟ ଭକ୍ତିର ବିକାଶ ହେବ ।

ସାଧନାର ଅର୍ଥ ହେଉଛି ଶୃଙ୍ଖଳା । ପରାଭକ୍ତି ଓ ପରମପ୍ରେମ ଆଦି ପ୍ରକୃତରେ ଉଚ୍ଚତମ ଉପଲବ୍ଧି ଯାହାକି ମୋକ୍ଷର ପ୍ରକୃତି । ଉତ୍କୃଷ୍ଟ ନିମିତ୍ତ ଏହା ସମସ୍ତ ମୂଲ୍ୟବୋଧର ଉଚ୍ଚତମ ଶିଖର ।

୩୩ତମ ସୂତ୍ର ସହ ପରାଭକ୍ତି ଉପରେ ହେଉଥିବା ଆଲୋଚନାର ଅନ୍ତିମ ପର୍ଯ୍ୟାୟ ଅଟେ । ପୁସ୍ତକର ଅନ୍ୟ ସୂତ୍ର ସମୂହ ପରାଭକ୍ତି ଓ ଈଶ୍ୱର ଉପଲବ୍ଧି ଲାଭର ଉପାୟ ବିଷୟରେ ଆଲୋଚନା କରନ୍ତି । ପରବର୍ତ୍ତୀ ଅଧ୍ୟାୟରେ ସୂତ୍ର ୩୪ରୁ ୫୦ ମଧ୍ୟରେ ସାଧନା ବିଷୟରେ ଉଲ୍ଲେଖ ହୋଇଅଛି ।

ଭକ୍ତିର ବିକାଶ ହେବ କିପରି ?

ସୂତ୍ର–୩୪

ତସ୍ୟା ସାଧନାନି ଗାୟନ୍ତି ଆଚାର୍ଯ୍ୟାଃ ।। ୩୪ ।।

ଅର୍ଥ– ଆଚାର୍ଯ୍ୟଗଣ ଭକ୍ତିର ଉପାୟ ବିଷୟରେ ଗାନ କରିଅଛନ୍ତି ।

ଶବ୍ଦାର୍ଥ– ତସ୍ୟା– ତାର, ପରମପ୍ରେମର, ସାଧନାନି– ସାଧନାସମୂହ, ଗାୟନ୍ତି– ଗାନ କରନ୍ତି, ଆଚାର୍ଯ୍ୟାଃ– ଆଚାର୍ଯ୍ୟଗଣ ।

ବ୍ୟାଖ୍ୟା– ଯେଉଁ ସାଧନ ବିଷୟ ଏଠାରେ ବର୍ଣ୍ଣନା କରାଯାଇଛି, ତାହା କେବଳ ସହାୟକ କାରଣ ଭକ୍ତି ହିଁ ଏହାର ନିଜ ସାଧନ ଯାହାକି ପୂର୍ବରୁ ଆଲୋଚିତ ହୋଇସାରିଛି ।

ଏଠାରେ "ଆଚାର୍ଯ୍ୟ" ଅର୍ଥ ଶିକ୍ଷକ ନୁହନ୍ତି । ଏଠାରେ ଆଚାର୍ଯ୍ୟ ଅର୍ଥ ହେଉଛି ଯେଉଁ ବ୍ୟକ୍ତିଗଣଙ୍କର ବାଣୀ ଓ କର୍ମ ମଧ୍ୟରେ ସମନ୍ୱୟ ଥାଏ । ଅର୍ଥାତ୍ ସେମାନେ ଯାହା କହନ୍ତି ତାହା ତାଙ୍କର କର୍ମରେ ପ୍ରତିଫଳିତ ହୋଇଥାଏ । "ଚର" ଅର୍ଥ ଗତିଶୀଳ ହେବା । ସେମାନଙ୍କର ଉଚ୍ଚାରଣ ଓ ଆଚରଣ ମଧ୍ୟରେ ସମନ୍ୱୟ ଥାଏ । ସେମାନେ ପ୍ରଭୁଙ୍କର ଶ୍ରେଷ୍ଠ ଭକ୍ତର ଜୀବନଯାପନ କରନ୍ତି । କେବଳ ସେମାନେ ବାସ୍ତବରେ ଶିକ୍ଷା ଦେବା ପାଇଁ ଯୋଗ୍ୟ । ସେମାନଙ୍କର ଶିକ୍ଷା ସର୍ବାଧିକ ପ୍ରଭାବଶାଳୀ । ଆଚାର୍ଯ୍ୟଗଣଙ୍କର ଶୃଙ୍ଖଳା ଉଚ୍ଚକୋଟୀର ହୋଇଥାଏ । ଫଳତଃ ସେମାନେ ଈଶ୍ୱର ଉପଲବ୍ଧି କରିଥାଆନ୍ତି ।

ସମସ୍ତ ଆଧ୍ୟାତ୍ମିକ ଶୃଙ୍ଖଳାର ଆଧାରଶିଳା ହେଉଛି ତ୍ୟାଗ, ସାଂସାରିକ ବସ୍ତୁ ପ୍ରତି ଅନାସକ୍ତି ଓ ଅଭ୍ୟାସ ।

ସୂତ୍ର–୩୫

ତତ୍ତୁ ବିଷୟ ତ୍ୟାଗାତ୍ ସଂଗତ୍ୟାଗାଚ୍ଚ ।। ୩୫ ।।

ଅର୍ଥ– ଇନ୍ଦ୍ରିୟ ସୁଖ ଓ ସମସ୍ତ ଇନ୍ଦ୍ରିୟଗ୍ରାହ୍ୟ ବସ୍ତୁ ପ୍ରତି ଆସକ୍ତିର ପରିତ୍ୟାଗ ଦ୍ୱାରା ଭଗବାନଙ୍କ ପ୍ରତି ଭକ୍ତି ଲାଭ ହୁଏ ।

ଶବ୍ଦାର୍ଥ– ତତ୍– ତାହା (ପ୍ରେମ) ତୁ– ବର୍ତ୍ତମାନ, ବିଷୟ ତ୍ୟାଗ, ଇନ୍ଦ୍ରିୟଭୋଗ୍ୟ ବସ୍ତୁ ପ୍ରତି ଅନାସକ୍ତି, ସଂଗତ୍ୟାଗାତ୍– ଆସକ୍ତିର ତ୍ୟାଗ, ଚ– ଏବଂ ।

ବ୍ୟାଖ୍ୟା– ନିଜେ ସଂପାଦନ କରୁଥିବା କର୍ମ ପ୍ରତି "ମୁଁ ଓ ମୋର" ଚେତନା ହେଉଛି ବଳିଷ୍ଠ ଆସକ୍ତି ।

ଇନ୍ଦ୍ରିୟ ଭୋଗ୍ୟ ଆନନ୍ଦ ମନର ବିକ୍ଷେପ ସୃଷ୍ଟି କରେ । ଇନ୍ଦ୍ରିୟ ଉପଭୋଗ ଇଚ୍ଛାଶକ୍ତିକୁ ଦୁର୍ବଳ କରେ ଓ ଏକାଗ୍ରତା ଓ ଦିବ୍ୟମନନ ପାଇଁ ମନକୁ ଅଯୋଗ୍ୟ କରେ । ଏହା କାମନା ସୃଷ୍ଟି କରେ, ବିବେକ ଶକ୍ତି, ବୈରାଗ୍ୟ, ଭକ୍ତି ଓ ଆଧ୍ୟାତ୍ମିକ ସତ୍ୟ ବିଷୟରେ ଅନୁସନ୍ଧାନକୁ ବିନାଶ କରେ ।

ବସ୍ତୁ ବାସନାକୁ ତ୍ୟାଗ କରିବାବେଳେ ଯଦି ବିଷୟ ବାସନାର ଅବକ୍ଷୟ ନ ହୁଏ, ତେବେ ତାହା ବାସ୍ତବ ତ୍ୟାଗ ନୁହେଁ । ଉପଭୋଗ୍ୟ ବସ୍ତୁର ତ୍ୟାଗ ମାଧ୍ୟମରେ ବ୍ୟକ୍ତି ପରମ ଶାନ୍ତି ଓ ଆନନ୍ଦ ଲାଭ କରେ । ତେଣୁ ଲାଳସା ତ୍ୟାଗ କର । ଏହାହିଁ ବାସ୍ତବ ତ୍ୟାଗ । ମନ ସମସ୍ତ ଲାଳସା ଓ ତୃଷ୍ଣାମୁକ୍ତ ହେଲେ ହିଁ ମନରେ ଭକ୍ତିଭାବର ଉଦ୍ରେକ ହୁଏ ।

ଜ୍ଞାନେନ୍ଦ୍ରିୟ ନିମିତ୍ତ ପାଞ୍ଚଟି ବାସନା ଥାଏ । ସେଗୁଡ଼ିକ ହେଉଛି ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ ।

ବିଷୟ ତ୍ୟାଗରେ ତୁମେ ନିଶ୍ଚୟ ଦୋଷ ଦୃଷ୍ଟି ଦ୍ୱାରା ବିଷୟ ପ୍ରତି ଅନୁରାଗକୁ ବିନାଶ କରିବା ଉଚିତ । ବସ୍ତୁ ସବୁ ଅବାସ୍ତବ । ବସ୍ତୁ ସବୁ ବିନାଶଶୀଳ । ସୁଖ ସହ ଦୁଃଖ ମିଶି ରହିଛି । ମାନସ ଚକ୍ଷୁରେ ବିଷୟ ପ୍ରତି ଦୋଷ ଦୃଷ୍ଟିପୋଷଣ କଲେ ମନ ବସ୍ତୁ ପ୍ରତି ଆକୃଷ୍ଟ ହେବ ନାହିଁ ।

ମନକୁ ସୁଖଦାୟକ ସ୍ମୃତି ଉପରେ ମନନ କରିବାକୁ ଦିଅ ନାହିଁ । ବିଷୟ ବାସନା ଚିନ୍ତା କରିବାକୁ ମନକୁ ଅନୁମତି ଦିଅ ନାହିଁ । ଏହାହିଁ ସଙ୍ଗ ତ୍ୟାଗ ଅବା ବିଷୟ ସଂପୃକ୍ତି ତ୍ୟାଗ ।

ତ୍ୟାଗ ବିନା କୌଣସି ଆଧ୍ୟାତ୍ମିକ ପ୍ରଗତି ସମ୍ଭବ ନୁହେଁ ।

ବ୍ୟକ୍ତି ବାହ୍ୟ ତଥା ଅନ୍ତର୍ନିହିତ ତ୍ୟାଗର ଅଭ୍ୟାସ କରିବା ଉଚିତ । ପ୍ରାଥମିକ ଅବସ୍ଥାରେ ବାହ୍ୟ ତ୍ୟାଗ ଅତ୍ୟନ୍ତ ଆବଶ୍ୟକ କିନ୍ତୁ ଅନ୍ତର୍ନିହିତ ତ୍ୟାଗ ସର୍ବଦା ଆବଶ୍ୟକ ।

ଅହଂକାରର ତ୍ୟାଗ ଶ୍ରେଷ୍ଠ ଶ୍ରେଣୀର ତ୍ୟାଗ । ଅହଂକାରର ସଂପୂର୍ଣ୍ଣ ବିନାଶ ନ ହେବା ଯାଏ ତ୍ୟାଗର ପୂର୍ଣ୍ଣତା ହୋଇ ନ ଥାଏ ।

କୈବଲ୍ୟ ଉପନିଷଦରେ ଉଲ୍ଲେଖ ହୋଇଛି- "ନ କର୍ମଣା ନ ପ୍ରଜୟା ଧନେନ, ତ୍ୟାଗେନୈକେ ଅମୃତତ୍ତ୍ୱ ମାନଶୁଃ- ନ କର୍ମଦ୍ୱାରା ନ ଉତ୍ତରାଧିକାରୀ ଦ୍ୱାରା ନ ଧନ ଦ୍ୱାରା ଅମରତ୍ୱ ଲାଭ ହୁଏ । କେବଳ ତ୍ୟାଗ ଦ୍ୱାରା ହିଁ ଅମରତ୍ୱ ଲାଭ ହୁଏ ।

ଭକ୍ତିର ବିକାଶ ନିମିତ୍ତ ନବଧା ଭକ୍ତି ରହିଛି । ଶ୍ରୀରାମ ଶବରୀକୁ କହନ୍ତି- ଭକ୍ତି ସାଧନାରେ ପ୍ରଥମ ଆବଶ୍ୟକତା ହେଉଛି "ସତ୍‌ସଙ୍ଗ" । ଦ୍ୱିତୀୟ ଆବଶ୍ୟକତା ଅଟେ- ମୋର କଥା ପ୍ରସଙ୍ଗ ଶ୍ରବଣ । ତୃତୀୟ- ମୋର ସୁଗୁଣ କୀର୍ତ୍ତନ । ଚତୁର୍ଥ- ମୋର ବାଣୀର ପ୍ରଚାର । ପଞ୍ଚମ- ଗୁରୁପଦ ପଙ୍କଜ ସେବା । ଷଷ୍ଠ- କପଟ ତ୍ୟାଗ କରି ମୋର ଭକ୍ତି । ସପ୍ତମ- ଜଗତରେ ପ୍ରଭୁଙ୍କୁ ଦର୍ଶନ କରି ପ୍ରଭୁଙ୍କ ସେବା । ଅଷ୍ଟମ- ଅନ୍ୟର ଦୋଷ ନ ଦେଖିବା ଓ ନବମ- ସରଳ ତଥା ଛଳନାହୀନ ଜୀବନ ଓ ସନ୍ତୋଷ ଭାବ ।

ପ୍ରେମ ରୂପେ ଭକ୍ତି ପ୍ରତ୍ୟେକ ବ୍ୟକ୍ତିଙ୍କର ଅନ୍ତରରେ ପରିପ୍ରକାଶ ଲାଭ କରେ ଯେ କି ଉପରୋକ୍ତ ନବଧା ଭକ୍ତି ସାଧନର ସହାୟତା ନେଇଥାଆନ୍ତି । ସେ ପୁରୁଷ, ନାରୀ ଅବା ନିମ୍ନସ୍ତରର ବ୍ୟକ୍ତି ହୋଇଥାନ୍ତୁ ନା କାହିଁକି ଭକ୍ତିର ପ୍ରେମ ସୃଷ୍ଟି ହେବା ମାତ୍ରକେ ବ୍ୟକ୍ତି ମୋର ନିର୍ଯ୍ୟାସ ବିଷୟରେ ସଚେତନ ହୋଇଥାଆନ୍ତି ଓ ଅନ୍ତିମରେ ମୋତେ ଲାଭ କରନ୍ତି । ସେ ଏହି ଜନ୍ମରେ ହିଁ ମୋକ୍ଷ ଲାଭ କରନ୍ତି । ତେଣୁ ଏହା ସୁନିଶ୍ଚିତ ଯେ ଭକ୍ତି ହିଁ ମୁକ୍ତିର ଉତ୍ସ ।

ମଦ୍‌ଗତ ଚିତ୍ତ ତଥା ମଦ୍‌ଗତ ପ୍ରାଣ ଭକ୍ତଗଣ ମୋର ଗୁଣ ଓ ପ୍ରଭାବ ବିଷୟରେ ପରସ୍ପର ସହ ଆଲୋଚନା କରି ନିରନ୍ତର ସନ୍ତୁଷ୍ଟ ରହନ୍ତି ଏବଂ ମୋତେ ପ୍ରେମ କରନ୍ତି । (ଗୀତା ୧୦/୯)

ତୁମେ ମୋର ଭକ୍ତ ହୁଅ, ମୋ'ଠାରେ ମନ ନିବେଶ କର, ମୋର ପୂଜକ ହୁଅ ଏବଂ ମୋତେ ନମସ୍କାର କର । ଏପରି କଲେ ତୁମେ ମୋତେ ହିଁ ପ୍ରାପ୍ତ ହେବ । ତୁମେ ମୋର ଅତ୍ୟନ୍ତ ପ୍ରିୟ ପାତ୍ର ହୋଇଥିବାରୁ ଏହା ମୁଁ ତୁମ ସମ୍ମୁଖରେ ପ୍ରତିଜ୍ଞା କରି କହୁଛି । (ଗୀତା ୧୮/୬୫)

ଯେଉଁ ସାଧକ ସାତ୍ତ୍ୱିକୀ ବୁଦ୍ଧିଯୁକ୍ତ, ବୈରାଗ୍ୟର ଆଶ୍ରିତ, ଏକାନ୍ତ ସେବୀ ଓ ମିତାହାରୀ, ସେ ଯଦି ଧୈର୍ଯ୍ୟସହ ଇନ୍ଦ୍ରିୟଗଣଙ୍କୁ ନିୟନ୍ତ୍ରଣ କରି କାୟ-ମନ-

ବାକ୍ୟକୁ ବଶୀଭୂତ କରି, ଶବ୍ଦାଦି ବିଷୟକୁ ତ୍ୟାଗ କରି ଓ ରାଗ-ଦ୍ୱେଷ ବର୍ଜନ କରି ନିରନ୍ତର ଧ୍ୟାନଯୋଗ ପରାୟଣ ହୁଅନ୍ତି, ତେବେ ସେ ଅହଂକାର, ବଳ, ଦର୍ପ, କାମ, କ୍ରୋଧ ଓ ପରିଗ୍ରହ ତ୍ୟାଗପୂର୍ବକ ନିର୍ମମ ଓ ଶାନ୍ତ ହୋଇ ବ୍ରହ୍ମ-ପ୍ରାପ୍ତିର ଉପଯୁକ୍ତ ପାତ୍ର ହୋଇଥାଆନ୍ତି । ବ୍ରହ୍ମରୂପ ହୋଇଥିବା ସେହି ପ୍ରସନ୍ନମନା ସାଧକ କାହାରି ପାଇଁ ଶୋକ କରନ୍ତି ନାହିଁ କି କୌଣସି ଇଚ୍ଛା କରନ୍ତି ନାହିଁ । ସମସ୍ତ ପ୍ରାଣୀଙ୍କ ଠାରେ ସମଭାବ ସଂପନ୍ନ ଏତାଦୃଶ ସାଧକ ମୋର ପରାଭକ୍ତି ଲାଭ କରନ୍ତି । (ଗୀତା ୧୮/୫୧, ୫୨, ୫୩, ୫୪)

ସୂତ୍ର-୩୬

ଅବ୍ୟାବୃତ ଭଜନାତ୍ ।। ୩୬ ।।

ଅର୍ଥ- ଅଖଣ୍ଡ ଭଜନ ଦ୍ୱାରା (ଭକ୍ତିର ସାଧନ ସଂପନ୍ନ ହୁଏ) ।

ଶବ୍ଦାର୍ଥ- ଅବ୍ୟାବୃତ- ନିରବଚ୍ଛିନ୍ନ, ଅଖଣ୍ଡ ଭଜନାତ୍- ଭଜନ ଦ୍ୱାରା, ଆରାଧନା ଦ୍ୱାରା ।

ବ୍ୟାଖ୍ୟା- ଏହି ସୂତ୍ର ପୂର୍ବ ସୂତ୍ରର ବ୍ୟାଖ୍ୟା କରେ । ପୂର୍ବ ସୂତ୍ରରେ କୁହାଯାଇଛି ଯେ, ବସ୍ତୁ ପ୍ରତି ବାସନା ତ୍ୟାଗ ଓ ବିଷୟପ୍ରତି ଆସକ୍ତି ତ୍ୟାଗ ଦ୍ୱାରା ଭକ୍ତିର ବିକାଶ କରିହେବ । କିନ୍ତୁ ବିଷୟ ପ୍ରତି ଆକର୍ଷଣ ତ୍ୟାଗ ହେବ କିପରି ? ଏହି ସୂତ୍ରରେ ଏହାର ଉତ୍ତର ପ୍ରଦତ୍ତ ହୋଇଛି ।

ସାଂସାରିକ ବାସନା ବା ଆକର୍ଷଣକୁ ଭଗବାନଙ୍କ ପ୍ରତି ନିରବଚ୍ଛିନ୍ନ ଆରାଧନା ଦ୍ୱାରା ଜୟ କରିହେବ ।

ଭକ୍ତି ପଥରେ ଅନେକ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଥାଏ ଯଥା ରୋଗ, କ୍ଷତି ଓ ନୈରାଶ୍ୟ ଆଦି । ଭକ୍ତ ଅତ୍ୟନ୍ତ ଧୈର୍ଯ୍ୟ ସହ ଏସବୁ ସହନ କରିବା ଉଚିତ ।

ଗୀତାରେ ପ୍ରଭୁ କୃଷ୍ଣ କହନ୍ତି- "ହେ ଅର୍ଜୁନ, ଯେ ଅନ୍ୟ ଚିନ୍ତା ବିନା ସତତ ମୋର ସ୍ମରଣ କରେ, ମୁଁ ସେହି ଭକ୍ତଙ୍କ ନିମିତ୍ତ ସୁଲଭ ଯେ କି ନିରବଚ୍ଛିନ୍ନ ରୂପେ ମୋଠାରେ ଆସକ୍ତ ।" (ଗୀତା ୮/୧୪)

ରାଜଯୋଗ ସୂତ୍ରରେ ମହର୍ଷି ପତଞ୍ଜଳି କହନ୍ତି, ଭକ୍ତି ଓ ଉତ୍ସାହ ସହ ଦୀର୍ଘ ସମୟ ଯାଏ ନିରବଚ୍ଛିନ୍ନ ରୂପେ ଅଭ୍ୟାସ କଲେ ସେଥିରେ ସିଦ୍ଧି ମିଳେ । (୧/୧୪)

ତୁମେ ବାଲିଦ୍ୱାରା ଦଉଡ଼ି ତିଆରି କରି ପାର, ତୁମେ ବାଲୁକାରୁ ଲହୁଣୀ କାହାର କରିପାର, କିନ୍ତୁ ନିରବଚ୍ଛିନ୍ନ ଭଜନ ଓ ଆରାଧନା ବିନା କେହି ଏହି ଜନ୍ମ–ମୃତ୍ୟୁର ଦୁର୍ବାର ସଂସାର ସାଗରକୁ ପାର ହୋଇପାରିବ ନାହିଁ ।

ପୂଜା ଓ ସେବା ଆଦି ମଧ୍ୟ ଭଜନ ପଦବାଚ୍ୟ । ଭକ୍ତି ଭାବରେ ଭଗବାନଙ୍କର ସେବା ହିଁ ଭଜନ । ଦିବ୍ୟଭାବ ସହ ମାନବ ସେବା ମଧ୍ୟ ମାଧବଙ୍କର ସେବା ବା ପୂଜା ବା ଭଜନ ।

ବିଷ୍ଣୁଙ୍କର କଥା ଶ୍ରବଣ, ତାଙ୍କର ଯଶର କୀର୍ତ୍ତନ, ତାଙ୍କର ସେବା, କୁସୁମ ଦ୍ୱାରା ତାଙ୍କର ପୂଜା, ସମସ୍ତ କର୍ମକୁ ପ୍ରଭୁଙ୍କୁ ସମର୍ପଣ କରିବା, ତାଙ୍କର ପୂଜାରେ ଏ ଶରୀରକୁ ନିୟୋଜିତ କରିବା– ଏସବୁ ଭଜନର ଅନ୍ତର୍ଗତ କର୍ମ ।

ଏପରିକି ଭୋଜନ ଓ ନିଦ୍ରା ମଧ୍ୟ ପ୍ରଭୁଙ୍କର ସେବା ଅବା ପୂଜା– "ଯଦ୍ ଯଦ୍ କର୍ମ କରୋମି ତଦ୍ ତଦ୍ ଅଖିଳଂ ଶମ୍ଭୋ ତବାରାଧନମ୍" । ଅନୁଭବ କର ଯେ, ତୁମର ହୃଦୟ ମନ୍ଦିରରେ ଥିବା ପ୍ରଭୁ ହିଁ ଭୋଜନ ଓ ନିଦ୍ରା ଉପଭୋଗ କରନ୍ତି । ଏହା ଫଳରେ ଅହଂକାରର ସଂପୂର୍ଣ୍ଣ ବିନାଶ ହେବ । ଏହା ପ୍ରଭୁଙ୍କ ଠାରେ ସଂପୂର୍ଣ୍ଣ ଆତ୍ମସମର୍ପଣ । ସୂତ୍ର ୩୫ ରେ ଆଧ୍ୟାତ୍ମିକ ସାଧନା ନକାରାତ୍ମକ । ଏହା ଅସତ୍ କର୍ମର ପରିହାର କରିବା । କିନ୍ତୁ ସୂତ୍ର ୩୬ରେ ଏହା ଏକ କ୍ରିୟାଶୀଳ ଆଧ୍ୟାତ୍ମିକ ସାଧନା ।

ତୁମେ ଏକ ଆଧ୍ୟାତ୍ମିକ ବୀର– ଜଣେ ନିର୍ଭୀକ ଆଧ୍ୟାତ୍ମିକ ସୈନିକ ଅଟ । ତୁମେ ବାଧାବିଘ୍ନକୁ ଭୟ କରିବା ଅନୁଚିତ ।

ତୁମେ ନିଶ୍ଚୟ ଧୈର୍ଯ୍ୟ ସହ ବିଘ୍ନ ସମୂହକୁ ପାର ହେବା ବିଧେୟ ଯାହାକି ଆଧ୍ୟାତ୍ମିକ ପଥରେ ପରିଦୃଷ୍ଟ ହୁଏ । ଅନ୍ତର୍ନିହିତ ଆଧ୍ୟାତ୍ମିକ ଅଗ୍ନିକୁ ସ୍ଥିର ଭାବରେ ପ୍ରଜ୍ୱଳିତ ହେବାକୁ ଦିଅ । ଆଗେଇ ଚାଲ । ଅଧ୍ୟବସାୟ କର ଓ ବିଜୟୀ ହୁଅ ।

ଦୁର୍ବଳତା ଓ ପ୍ରଲୋଭନ ଦ୍ୱାରା ପରାଭୂତ ହୁଅ ନାହିଁ । ଜାଗ୍ରତ ରୁହ । ସାବଧାନ ହୁଅ । ଅବାଞ୍ଛିତ ଅବହେଳା, ଆଳସ୍ୟ ଓ ଅସାବଧାନତାକୁ ବିନାଶ କର ।

ବିଶ୍ରାମ କର । କିନ୍ତୁ କାର୍ଯ୍ୟର ପରିବର୍ତ୍ତନ ହିଁ ବିଶ୍ରାମ । କୀର୍ତ୍ତନ କର । ଏହା ଆବଶ୍ୟକ ବିଶ୍ରାମ ପ୍ରଦାନ କରିବ । ଏହା କ୍ଲାନ୍ତି ଦୂର କରିବ । ଆଦର୍ଶ ପ୍ରତି ସମ୍ମାନ ପ୍ରଦର୍ଶନ କର । ଆଧ୍ୟାତ୍ମିକ ଅଭ୍ୟାସରେ ରୁଚି ସୃଷ୍ଟି କର । ବିବିଧ କାର୍ଯ୍ୟ କର

ଯଥା ମନ୍ତ୍ରଲିଖନ, ଜପ, କୀର୍ତ୍ତନ, ପ୍ରାର୍ଥନା, ଧ୍ୟାନ, ଅଧ୍ୟୟନ ଓ ସେବା । ଏସବୁକୁ ଭଜନ ବା ପୂଜା ଅଭିହିତ କରାଯାଏ ।

ଅନିୟମିତ ରୂପେ ଆରାଧନା କଲେ ଚଳିବ ନାହିଁ । ଏହା ସତତ ଓ ନିୟମିତ ହେବା ଆବଶ୍ୟକ । ଏହା ତୈଳଧାରାବତ ନିରବଚ୍ଛିନ୍ନ ହେବା ଉଚିତ । ସେଥିରେ ବିରାମ ହେଲେ କାମନା ମନରେ ପ୍ରବେଶ କରିବ । ଅପବିତ୍ର ଚିନ୍ତା ଓ ସାଂସାରିକ ପ୍ରଲୋଭନ ଅନ୍ତଃକରଣକୁ ବିପର୍ଯ୍ୟସ୍ତ କରିଦେବେ । ରାଜସ ଓ ତାମସ ତୁମକୁ ଅଭିଭୂତ କରିବାକୁ ଚେଷ୍ଟା କରିବେ । ପୁରାତନ ବାସନା ସମୂହ ପୁନର୍ଜୀବନ ଲାଭ କରିବେ । ଭକ୍ତଙ୍କୁ ଅତ୍ୟନ୍ତ ଜାଗ୍ରତ ଓ ସତର୍କ ରହିବାକୁ ପଡ଼ିବ । ସୁତରାଂ ପ୍ରଭୁ କୃଷ୍ଣ କହନ୍ତି- ସର୍ବେଷୁ କାଳେଷୁ ମାମ୍ ଅନୁସ୍ମର- ସର୍ବଦା ମୋର ସ୍ମରଣ କର (ଗୀତା ୮/୭) ।

ସୂତ୍ର-୩୭

ଲୋକେଽପି ଭଗବଦ୍ ଗୁଣ ଶ୍ରବଣ କୀର୍ତ୍ତନାତ୍ ।। ୩୭ ।।

ଅର୍ଥ- ଆମେ ସଂସାରର ସାଧାରଣ କାର୍ଯ୍ୟରେ ବ୍ୟସ୍ତଥିବା ବେଳେ ଭଗବାନଙ୍କର ଗୁଣ ଓ ମହିମା ଶୁଣିବା ଓ କୀର୍ତ୍ତନ କରିବା ଦ୍ୱାରା ଭକ୍ତିର ବିକାଶ ହୋଇଥାଏ ।

ଶବ୍ଦାର୍ଥ- ଲୋକେ- ସମାଜରେ, (ସଂସାରରେ ସାଧାରଣ କର୍ମରେ ବ୍ୟସ୍ତ ଥିବା ବେଳେ), ଅପି- ମଧ୍ୟ, ଭଗବତଗୁଣ- ପ୍ରଭୁଙ୍କର ଗୁଣ, ଶ୍ରବଣ କୀର୍ତ୍ତନାତ୍- ଶ୍ରବଣ ଓ କୀର୍ତ୍ତନ ଦ୍ୱାରା ।

ବ୍ୟାଖ୍ୟା- ପ୍ରଭୁ କହନ୍ତି, "ମୁଁ ବୈକୁଣ୍ଠ (ବିଷ୍ଣୁଙ୍କର ନିବାସ ଶ୍ରେଷ୍ଠ ସ୍ୱର୍ଗ)ରେ ବାସ କରେ ନାହିଁ କିମ୍ବା ଯୋଗୀଗଣଙ୍କର ହୃଦୟରେ ମଧ୍ୟ ବାସ କରେ ନାହିଁ । ହେ ନାରଦ, ମୋର ଭକ୍ତଗଣ ଯେଉଁଠାରେ ଭଜନ କୀର୍ତ୍ତନ କରନ୍ତି, ମୁଁ ସେଠାରେ ନିବାସ କରେ ।"

ଏହି ବିଶ୍ୱରେ ଦୃଷ୍ଟାନ୍ତ ସମୂହ ପରିଲକ୍ଷିତ ହୁଏ ଯାହା ସୂଚୀତ କରେ ଯେ ଭଗବାନଙ୍କର ମହିମା ଓ ଗୁଣଗାନ ଶ୍ରବଣ କଲେ ଭକ୍ତିର ଅଭିବୃଦ୍ଧି ହୋଇଥାଏ ।

ଦିବ୍ୟଜୀବନ ଓ ସାଧାରଣ ଜୀବନକୁ ଅଲଗା କରିବା ଉଚିତ ନୁହେଁ । ସମସ୍ତ କର୍ମକୁ ଆରାଧନାରେ ପରିଣତ କରିହେବ । ତୁମେ ପ୍ରଭୁଙ୍କର ସଦା ସ୍ମରଣ କରିବା ବିଷୟ ନ ଭୁଲ ଓ କର୍ମ ସମୟରେ ଦିବ୍ୟଭାବ ଅବା ପ୍ରକୃଷ୍ଟ ମାନସିକ ଦୃଷ୍ଟିକୋଣ ପୋଷଣ କର ।

ଯେଉଁ କର୍ଣ୍ଣ ପ୍ରଭୁଙ୍କର ମହିମାର ଗୁଣ ଶ୍ରବଣ କରନ୍ତି ନାହିଁ, ତାହା ସର୍ପ ବାସ କରୁଥିବା ପୃଥିବୀର ଗର୍ତ୍ତ ସଦୃଶ । ଯେଉଁ ଜିହ୍ୱା ଭଗବାନଙ୍କର ମହିମା ଗାନ କରେ ନାହିଁ, ତାହା ଏକ ଘୁସୁରିର ଜିହ୍ୱାସଦୃଶ ।

ଅଗ୍ନି ସମିଧକୁ ଜାଳିଦେବା ସଦୃଶ ଜ୍ଞାତ ବା ଅଜ୍ଞାତରେ ପ୍ରଭୁଙ୍କର ନାମ ଉଚ୍ଚାରଣ କଲେ, ପାପରାଶି ଜଳିଯାଏ ।

ଯେ ପ୍ରଭୁଙ୍କ ନାମ ଜପ ଓ କୀର୍ତ୍ତନ କରନ୍ତି, ସେ ସମସ୍ତ ତୀର୍ଥ ଜଳରେ ସ୍ନାନ, ବେଦ-ଅଧ୍ୟୟନ, ସମସ୍ତ ଯଜ୍ଞ ଓ ସମସ୍ତ ତପର ଫଳ ଲାଭ କରନ୍ତି ।

ଯେପରି ସୂର୍ଯ୍ୟ ପାର୍ବତୀୟ ଗୁମ୍ଫାର ଅନ୍ଧକାର ଦୂର କରନ୍ତି, ଯେପରି ଶକ୍ତିଶାଳୀ ପବନ କଳା ମେଘକୁ ଉଡାଇ ନିଏ, ସେହିପରି ଦିବ୍ୟ ନାମର କୀର୍ତ୍ତନ ଓ ଜପ ହୃଦୟରେ ପ୍ରବେଶ କଲେ ସମସ୍ତ ଦୁଃଖ ଓ କଷ୍ଟର ଅନ୍ତ ହୁଏ ।

ସୁତରାଂ କୀର୍ତ୍ତନର ସତତ ଅଭ୍ୟାସ ଏବଂ ଭଗବାନଙ୍କର ନାମ ଓ ଯଶର ସ୍ମରଣ ନିଶ୍ଚିତ ରୂପେ ଭକ୍ତିଲାଭ ଓ ଈଶ୍ୱର ଉପଲବ୍ଧିର ସର୍ବୋତ୍ତମ ପଦ୍ଧତି ।

ଭାଗବତ କହନ୍ତି, ସଂସାରର ବନ୍ୟ ଅଗ୍ନିରେ ପ୍ରଜ୍ୱଳିତ ଓ ତପ୍ତ ମାନବ ପାଇଁ ସଂସାର ସାଗର ପାର ହେବା ନିମନ୍ତେ ପ୍ରଭୁଙ୍କର ଲୀଳା ଓ ଯଶର ଉତ୍ତମ ନିର୍ଯ୍ୟାସର ପାନ ଠାରୁ ବଡ଼ ତରଣୀ ନାହିଁ । (ଭାଗ ୪/୪୦)

ଆତ୍ମ-ଶୁଦ୍ଧି, ଉପଲବ୍ଧି ଓ ଧ୍ୟାନ ନିମିତ୍ତ ସର୍ବୋଚ୍ଚ ସହାୟତା ହେଉଛି ଜପ ଓ କୀର୍ତ୍ତନ । ଜପ ଓ କୀର୍ତ୍ତନ ମାଧ୍ୟମରେ ସାଧକ ଶ୍ରେଷ୍ଠ ସ୍ଥାନରେ ଉପନୀତ ହୁଅନ୍ତି । ଜପ ସର୍ବଶ୍ରେଷ୍ଠ ଯଜ୍ଞ । ଏହା ସର୍ବୋତ୍ତମ ଫଳ ପ୍ରଦାନ କରେ । ଯେଉଁ ବ୍ୟକ୍ତି ଜପ କରନ୍ତି, ସେ ସମସ୍ତ ଯଜ୍ଞର ଫଳ ଲାଭ କରନ୍ତି ।

ସମସ୍ତ ସ୍ଥାନ ଓ ସମୟରେ ଜାତି, ଧର୍ମ, ଲିଙ୍ଗ, ବୟସ ନିର୍ବିଶେଷରେ ଜପ ଓ କୀର୍ତ୍ତନର ଅଭ୍ୟାସ କରାଯାଇପାରିବ । ମନର ସଂଯମ, ପବିତ୍ରତା, ନିରବତା ଓ ଚିତ୍ତ ବିକ୍ଷେପରୁ ମୁକ୍ତି ହିଁ ଜପରେ ସଫଳତା ସୂଚୀତ କରେ ।

ଜପ ସହ ନିଶ୍ଚୟ ମନ୍ତ୍ରର ଅର୍ଥ ବିଷୟରେ ଧ୍ୟାନ ସହ ମିଳିତ ହେବା ଉଚିତ । ତେବେ ହିଁ ସାଧକଙ୍କୁ ଶୀଘ୍ର ଈଶ୍ୱର ଉପଲବ୍ଧି ଲାଭ ହେବ ।

ମନ୍ତ୍ରର ଶବ୍ଦ ଦେହ, ମନ ଓ ପରିବେଶରେ ଏକ ବିଶେଷ ସ୍ପନ୍ଦନ ସୃଷ୍ଟି କରେ । ଏହା ଆଧ୍ୟାତ୍ମିକ ସାଧନା ନିମନ୍ତେ ଅତ୍ୟନ୍ତ ଅନୁକୂଳ ।

ଓଁ ନମୋ ଶିବାୟ, ଓଁ ନମୋ ନାରାୟଣାୟ, ଓଁ ନମୋ ଭଗବତେ ବାସୁଦେବାୟ, ଓଁ ଶ୍ରୀରାମ ଜୟରାମ ଜୟଜୟ ରାମ ଆଦି ସିଦ୍ଧ ମନ୍ତ୍ର ଅଟେ । ସିଦ୍ଧ ମନ୍ତ୍ର ସମୂହ ବିଶେଷ ମନ୍ତ୍ର ଯାହାକି ଅତୀତରେ ପରୀକ୍ଷିତ ହୋଇ ପ୍ରଭାବଶାଳୀ ରୂପେ ପ୍ରମାଣିତ ହୋଇଛି । ଯେଉଁମାନେ ସିଦ୍ଧ-ମନ୍ତ୍ରର ଆବୃତ୍ତି କରନ୍ତି, ସେମାନେ ଶୀଘ୍ର ଈଶ୍ୱର-ଉପଲବ୍ଧି ଲାଭ କରନ୍ତି ।

ଭଗବାନ ସମସ୍ତ ଅପୂର୍ଣ୍ଣତାରୁ ମୁକ୍ତ । ସେ ସ୍ୱୟଂ-ସଂପୂର୍ଣ୍ଣ । ଧର୍ମ, ଜ୍ଞାନ, ବୈରାଗ୍ୟ, ଐଶ୍ୱର୍ଯ୍ୟ, ଯଶ ଓ ଶ୍ରୀ ଆଦି ଭଗବାନଙ୍କ ଷଟ୍‌ଗୁଣ ରହିଛି । "ଭଗ" ଭଗବାନଙ୍କର ଷଟ୍ ଐଶ୍ୱର୍ଯ୍ୟ ସୂଚୀତ କରେ । ଭଗବାନଙ୍କର ଧ୍ୟାନ ଅନ୍ତିମରେ ଭଗବାନ ପ୍ରାପ୍ତିର ମାର୍ଗ ପ୍ରଦର୍ଶିତ କରେ ।

"କଲୌ କେଶବ କୀର୍ତ୍ତନାତ୍"

କଳିଯୁଗରେ କେଶବଙ୍କର କୀର୍ତ୍ତନ ମୋକ୍ଷ ଲାଭରେ ସହାୟକ ହୁଏ । ପ୍ରାଣାୟାମ, କୁମ୍ଭକ ଓ ଖେଚରୀ ମୁଦ୍ରା ଆଦି ହଠଯୋଗ କ୍ରିୟାର ଅଭ୍ୟାସ କରିବା ପାଇଁ ଲୋକମାନଙ୍କର ନିରବଚ୍ଛିନ୍ନ, ବ୍ରହ୍ମଚର୍ଯ୍ୟ ଓ ବଳିଷ୍ଠ ଶରୀର ନାହିଁ । ବେଦାନ୍ତକୁ ହୃଦୟଙ୍ଗମ ଓ ଅଭ୍ୟାସ କରିବା ପାଇଁ ସେମାନଙ୍କର ଉତ୍ତମ ଅବବୋଧ ଶକ୍ତି, ବିରାଟ ବୁଦ୍ଧି ଓ ବଳିଷ୍ଠ ଇଚ୍ଛାଶକ୍ତିର ଅଭାବ । କେବଳ କୀର୍ତ୍ତନ ହିଁ ସରଳ ମାର୍ଗ ।

ସୂତ୍ର-୩୮

ମୁଖ୍ୟତସ୍ତୁ ମହତ୍‌କୃପୟୈବ

ଭଗବଦ୍ କୃପା ଲେଶାଦ୍ୱା ।। ୩୮ ।।

ଅର୍ଥ- କିନ୍ତୁ (ଭକ୍ତିର ସାଧନ) ମୁଖ୍ୟତଃ ମହାପୁରୁଷଙ୍କର କୃପାଦ୍ୱାରା ଅଥବା ସ୍ୱଳ୍ପ ଭଗବଦ୍ କୃପାଦ୍ୱାରା ସମ୍ଭବ ହୋଇଥାଏ ।

ଶବ୍ଦାର୍ଥ- ମୁଖ୍ୟତଃ- ପ୍ରଧାନତଃ, ତୁ- କିନ୍ତୁ, ମହତ୍‌କୃପୟା- ମହତ ବ୍ୟକ୍ତିଙ୍କର କୃପାରୁ, ଏବ- କେବଳ, ଭଗବଦ୍ କୃପା- ବିଭୁଙ୍କର କୃପା, ଲେଶତ୍- ସ୍ୱଳ୍ପରୁ, ବା- ଅବା ।

ବ୍ୟାଖ୍ୟା- ପୂର୍ବ ତିନି ସୂତ୍ରରେ ଭକ୍ତଙ୍କର ପ୍ରୟାସ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା, ଯଥା- **"ବିଷୟତ୍ୟାଗାଦ୍ ସଂଗତ୍ୟାଗାଦ୍ ଚ"** - ବିଷୟ ଓ

ଆସକ୍ତିର ତ୍ୟାଗ, **ଅବ୍ୟବୃତ ଭଜନାତ୍‌–** ନିରବଚ୍ଛିନ୍ନ ପୂଜା, ଓ **"ଭଗବତ ଗୁଣ ଶ୍ରବଣ କୀର୍ତ୍ତନାତ୍‌"–** ପ୍ରଭୁଙ୍କର ଗୁଣ ଓ ମହିମା କୀର୍ତ୍ତନରୁ ।

ଏହି ସୂତ୍ର ଓ ପରବର୍ତ୍ତୀ ତିନି ସୂତ୍ରରେ ପ୍ରଭୁ–କୃପା ଅବତରଣ ବିଷୟ ଉଲ୍ଲେଖ କରାଯାଇଛି ।

ଯେତେବେଳେ ମହତ୍‌ ବ୍ୟକ୍ତିଗଣ ତାଙ୍କର ମରଣଶୀଳ ଭାଇମାନଙ୍କ ପ୍ରତି କରୁଣା ଦ୍ୱାରା ବିଗଳିତ ହୁଅନ୍ତି, ପ୍ରଭୁ ସେମାନଙ୍କର ମାଧ୍ୟମରେ କର୍ମ କରନ୍ତି ।

ଶ୍ରୀମଦ୍‌ ଭାଗବତରେ ଉଲ୍ଲେଖ ହୋଇଛି ମହତ୍‌ ବ୍ୟକ୍ତିଙ୍କର ସତ୍‌ସଙ୍ଗରେ ପ୍ରବଚନ ମାଧ୍ୟମରେ ମୋର ଐଶ୍ୱର୍ଯ୍ୟ ବିଷୟରେ ବର୍ଣ୍ଣିତ ହୋଇଥାଏ, ଯାହାକି ହୃଦୟ ଓ କର୍ଣ୍ଣକୁ ପ୍ରଶମିତ କରେ । ଏହା ଶ୍ରବଣ କଲେ ପ୍ରଭୁଙ୍କ ପ୍ରତି ଶ୍ରଦ୍ଧା, ଅନୁରାଗ ଓ ଭକ୍ତି ଜାଗ୍ରତ ହୁଏ ଓ ମୁକ୍ତିର ପଥ ସୁଗମ କରେ ।

ଆତ୍ମ–ପ୍ରୟାସ ନିଶ୍ଚିତ ରୂପେ ଆବଶ୍ୟକ । ସାଧକ ଶୀଘ୍ର ଉପଲବ୍‌ଧି କରନ୍ତି ଯେ ସେ ନିଜେ କିଛି କରିପାରିବେ ନାହିଁ ଏବଂ ମହାତ୍ମା ଗଣଙ୍କର କୃପା ଫଳରେ ତଥା ଭଗବାନଙ୍କର ସ୍ୱଳ୍ପ କୃପା ଫଳରେ ସେ ଈଶ୍ୱର ଉପଲବ୍‌ଧି ଲାଭ କରିପାରିବେ ।

ସନ୍ଥ ଓ ଋଷିଗଣଙ୍କର ମୁହୂର୍ତ୍ତେ ସତ୍‌ସଙ୍ଗ ମଧ୍ୟ ଅତ୍ୟନ୍ତ ଲାଭଦାୟକ । ସତ୍‌ସଙ୍ଗ ସମସ୍ତ ସାଂସାରିକ ଆସକ୍ତି ତଥା କାମନା ବାସନାର ବିନାଶ କରେ ।

ସନ୍ଥଙ୍କ ସହ ସତ୍‌ସଙ୍ଗ ବିନା ଭକ୍ତିର ବିକାଶ ହୋଇପାରେ ନାହିଁ ।

ମହାତ୍ମାଗଣଙ୍କର କୃପା ମାଧ୍ୟମରେ ଦିବ୍ୟକୃପା ଲାଭ ହୋଇପାରିବ ।

ଦିବ୍ୟ କୃପା ଦ୍ୱାରା ହିଁ ଆତ୍ମପ୍ରୟାସ ସମ୍ଭବ । ଶୁଭ କର୍ମ, ଭକ୍ତି ବା ଆତ୍ମ–ସମର୍ପଣ ଫଳରେ ଦିବ୍ୟକୃପା ସ୍ୱତଃ ଲାଭ ହୁଏ । ଯେତେବେଳେ ଅହଂକାରର ବିନାଶ ହୁଏ, ଦିବ୍ୟକୃପାର ପ୍ରବାହରେ ଥିବା ପ୍ରତିବନ୍ଧକ ଦୂର ହୁଏ ଏବଂ ଦିବ୍ୟ କୃପା ମୁକ୍ତ ରୂପେ ପ୍ରବାହିତ ହୁଏ ।

ପ୍ରଭୁଙ୍କର କୃପା ଫଳରେ ଗୁରୁ ଦେଖା ଦେବେ । ଚାହାଣି, ସ୍ପର୍ଶ ଅବା ସଂକଳ୍ପ ମାଧ୍ୟମରେ ସେ ତାଙ୍କର ଆଧ୍ୟାତ୍ମିକ ଶକ୍ତିକୁ ପ୍ରଦାନ କରିପାରନ୍ତି । କେବଳ ପ୍ରଭୁ ହିଁ ଗୁରୁ ରୂପରେ ଦେଖାଦିଅନ୍ତି । ଗୁରୁ ପ୍ରଭୁଙ୍କର ମାର୍ଗ ଦର୍ଶନରେ କର୍ମ କରନ୍ତି ।

ବେଦାନ୍ତୀଗଣ ସର୍ବଦା ଆତ୍ମ–ପ୍ରଚେଷ୍ଟା ଉପରେ ଗୁରୁତ୍ୱ ଦେଉଥିବା ବେଳେ ଭକ୍ତିପଥର ଅନୁସରଣକାରୀଗଣ ଦିବ୍ୟକୃପା ମତବାଦ ସପକ୍ଷରେ ଯୁକ୍ତି ଦର୍ଶାନ୍ତି । ଭକ୍ତଗଣ

କହନ୍ତି ଯେ ଆତ୍ମ-ପ୍ରୟାସ ମଧ୍ୟ ଆତ୍ମଶୁଦ୍ଧି ପାଇଁ ଏବଂ କୃପାର ପରିପ୍ରକାଶ ପାଇଁ ଆବଶ୍ୟକ । ଭକ୍ତିର ଏକ ଚରମପନ୍ଥୀ ମାର୍ଗ କହେ ଯେ, ପ୍ରଭୁଙ୍କର କୃପାଦ୍ୱାରା ଆତ୍ମପ୍ରୟାସ ସମ୍ଭବ ହୋଇଥାଏ ।

କାହିଁକି ସମସ୍ତ ମନୁଷ୍ୟଗଣ ପ୍ରଭୁଙ୍କ କୃପା ଦ୍ୱାରା ରକ୍ଷାପାଆନ୍ତି ନାହିଁ ? ପ୍ରଭୁ ସ୍ୱ-କୃପା ଦ୍ୱାରା ସମସ୍ତଙ୍କୁ ସ୍ୱାଧୀନ ଇଚ୍ଛା ପ୍ରଦାନ କରିଅଛନ୍ତି ଯଦ୍ୱାରା ସେ ଭଲ ଓ ମନ୍ଦ ମଧ୍ୟରୁ ଭଲକୁ ବାଛି ପାରିବେ । ସୁତରାଂ ସେ ସ୍ୱଇଚ୍ଛାରେ ଈଶ୍ୱର ଅଭିମୁଖୀ ହେବାଯାଏ ପ୍ରଭୁଙ୍କୁ ପ୍ରତୀକ୍ଷା କରିବାକୁ ପଡ଼େ । ଯେହେତୁ ମାନବ ସ୍ୱାଧୀନ ଇଚ୍ଛା ସମନ୍ୱିତ, ଭଗବାନ ମାନବର ବିଭୁପ୍ରବଣତାକୁ ପ୍ରତୀକ୍ଷା କରନ୍ତି ।

ସ୍ୱାଧୀନ-ଇଚ୍ଛା ମତବାଦ ଓ ପ୍ରଭୁ କୃପା ମତବାଦର ସମନ୍ୱୟ କରିହେବ । କେତେକ ବ୍ୟକ୍ତି ମତବ୍ୟକ୍ତ କରନ୍ତି ଯେ କର୍ମ ମତବାଦ ଦିବ୍ୟକୃପାର ଏକ ଦୃଷ୍ଟିକୋଣ । କାରଣ ପ୍ରଭୁ ବ୍ୟକ୍ତିର ସ୍ୱାଧୀନତା ଉପରେ ହସ୍ତକ୍ଷେପ କରୁଛନ୍ତି । ପ୍ରଭୁ ଚାହାନ୍ତି ନାହିଁ ଯେ, ଜୀବାତ୍ମା ମୁକ୍ତ ହୋଇ ନିଜର ଅନୁରାଗ ଓ ବିରାଗ ବିରୁଦ୍ଧରେ କର୍ମ କରୁ ।

ଅନ୍ୟମାନେ କହନ୍ତି ଯେ, କୃପା କର୍ମ ପ୍ରତି ଏକ ଦୃଷ୍ଟିକୋଣ । ଭକ୍ତି ଓ ଆତ୍ମସମର୍ପଣ ସଦୃଶ ସୁକର୍ମ ତାଙ୍କର ଫଳ ଦିଅନ୍ତି- ଅର୍ଥାତ୍ କର୍ମର ନିୟମ ଅଧୀନରେ ପ୍ରଭୁଙ୍କର କୃପା ଲାଭ ହୁଏ ।

ପ୍ରଭୁ କୃଷ୍ଣ କହନ୍ତି- ଗୁଣ ଦ୍ୱାରା ସୃଷ୍ଟ ମୋର ଦୁର୍ବାର ମାୟାରୁ ରକ୍ଷା ପାଇବା ଅତ୍ୟନ୍ତ କଷ୍ଟକର । କିନ୍ତୁ ଯେଉଁମାନେ ମୋର ଶରଣାପନ୍ନ ହୁଅନ୍ତି, ସେମାନେ ମାୟା ଓ ପ୍ରଭାବରୁ ମୁକ୍ତ ହୁଅନ୍ତି । (ଗୀତା ୭/୧୪)

ମୁଣ୍ଡକ ଉପନିଷଦ ଓ କଠୋପନିଷଦରେ ଉଲ୍ଲେଖ ହୋଇଛି-

ପ୍ରବଚନ, ବୁଦ୍ଧି କିମ୍ବା ସ୍ୱାଧ୍ୟାୟ ଦ୍ୱାରା ଏହି ଆତ୍ମଜ୍ଞାନ ଲାଭ କରିହେବ ନାହିଁ, ଯେଉଁ ବ୍ୟକ୍ତି ନିଜ ବୁଦ୍ଧି ବା ସାଧନା ଉପରେ ନିର୍ଭର ନ କରି କେବଳ ପ୍ରଭୁଙ୍କର କୃପାର ପ୍ରତୀକ୍ଷା କରନ୍ତି, ଏପରି ସାଧକ ଉପରେ କୃପା କରି ପ୍ରଭୁ ଯୋଗମାୟାଙ୍କର ପରଦା ହଟାଇ ନିଜ ସ୍ୱରୂପ ପ୍ରକଟ କରନ୍ତି । (କଠ- ୧/୨/୨୩)

"ଭଗବତ କୃପା ଲେଶାତ୍"- ଏପରିକି କୃପାର ଏକ ବିନ୍ଦୁ ମଧ୍ୟ ଏହି ସଂସାର ବନ୍ଧନରୁ ମୁକ୍ତ କରିବାକୁ ଯଥେଷ୍ଟ । ପ୍ରଭୁଙ୍କର କୃପା ମାଧ୍ୟମରେ ହିଁ ମାନବ ଆଧ୍ୟାତ୍ମିକ ପଥର ଅନୁସରଣ କରି ସମସ୍ତ ବନ୍ଧନ ଓ ଆସକ୍ତିରୁ ମୁକ୍ତ ହୋଇଥାଏ ।

ମୋର ଆଶ୍ରିତ ଭକ୍ତ ସର୍ବଦା ସର୍ବ କର୍ମ କରି ମଧ୍ୟ ମୋ କୃପାରୁ ଶାଶ୍ୱତ ଅବିନାଶୀ ଧାମ ପ୍ରାପ୍ତ କରନ୍ତି । (ଗୀତା ୧୮/୫୬)

ମଦ ଗତ ଚିତ୍ତ ହୋଇ ତୁମେ ମୋ କୃପାରୁ ସମସ୍ତ ବିଘ୍ନକୁ ଅତିକ୍ରମ କରିଯିବ । କିନ୍ତୁ ଯଦି ଅହଂକାରବଶତଃ ତୁମେ ମୋ କଥା ନ ଶୁଣିବ ତୁମର ପତନ ହେବ । (ଗୀ ୧୮/୫୮)

ସେହି ଭକ୍ତମାନଙ୍କ ପ୍ରତି କୃପା କରିବା ପାଇଁ ସେମାନଙ୍କର ସ୍ୱରୂପରେ ଥାଇ ମୁଁ ଉଜ୍ଜ୍ୱଳ ଜ୍ଞାନ ଦୀପ ଦ୍ୱାରା ସେମାନଙ୍କର ଅଜ୍ଞାନ ଅନ୍ଧକାରକୁ ନଷ୍ଟ କରିଦିଏ । (ଗୀତା ୧୮/୧୧)

ମହତ କୃପା ଅବା ମହାତ୍ମାଗଣଙ୍କର କୃପା ମଧ୍ୟ ଆବଶ୍ୟକ । ଭଗବାନ ଓ ଭଗବାନଙ୍କୁ ସାକ୍ଷାତ୍‌କାର ଲାଭ କରିଥିବା ଭକ୍ତଙ୍କର ମଧ୍ୟରେ ପ୍ରଭେଦ ନାହିଁ । ଉଭୟ ସମାନ ଅଟନ୍ତି ।

ମହାତ୍ମାଙ୍କର ସତ୍‌ସଙ୍ଗର ସହାୟତା ବିନା ସାଂସାରିକ ମାନବର ପ୍ରାଚୀନ କ୍ରୁର ସଂସ୍କାରର ପୁନର୍ବିନ୍ୟାସ ସମ୍ଭବ ନୁହେଁ । ସାଧକଙ୍କୁ ଅଭୟ ତୀରକୁ ଘେନିଯିବା ନିମନ୍ତେ ସତ୍‌ସଙ୍ଗ ହେଉଛି ଏକ ନିରାପଦ ତରଣୀ । ଭାଗବତ ରାମାୟଣ ଓ ଅନ୍ୟ ଶାସ୍ତ୍ରରେ ସତ୍‌ସଙ୍ଗର ମହିମା ବିଷୟ ଉଲ୍ଲେଖ ହୋଇଛି । ଆତ୍ମଉପଲବ୍‌ଧି କରିଥିବା ମହାତ୍ମାଙ୍କର ଦ୍ୱାରା ରଚିତ ପୁସ୍ତକକୁ ଆନୁସଙ୍ଗିକ ସତ୍‌ସଙ୍ଗ କୁହାଯାଏ । ତୁମେ ତାହା ଅଧ୍ୟୟନ କରିବା ବେଳେ ତୁମେ ରଚୟିତାଙ୍କର ପବିତ୍ର ସଂପର୍କରେ ଆସ ।

ଆଧ୍ୟାତ୍ମିକ ପଥରେ ସଂଘର୍ଷ କରୁଥିବା ସାଧକ ଯେ କି ଈଶ୍ୱର ଉପଲବ୍‌ଧି ନିମିତ୍ତ ବ୍ୟାକୁଳ ତାଙ୍କ ଉପରେ ବିଭୁ-କୃପାର ବର୍ଷା ହୋଇଥାଏ । ଅଧୁନା ବ୍ୟକ୍ତିଗଣ ସ୍ୱଚ୍ଛନ୍ଦପୂର୍ଣ୍ଣ ଜୀବନଯାପନ କରିବାକୁ ଚାହାନ୍ତି । ତଥା ମହାତ୍ମାଗଣଙ୍କର କୃପା ଲାଭ କରିବାକୁ ମଧ୍ୟ ଚାହାନ୍ତି । ସେମାନେ ସ୍ୱୟଂ କୌଣସି ଜପ ବା ସାଧନା କରିବାକୁ ଚାହାନ୍ତି ନାହିଁ । ସେମାନେ ତତ୍‌କ୍ଷଣାତ୍ ସମାଧି ଲାଭ ପାଇଁ ଏକ ଯାଦୁକାରୀ ବଟିକା ଚାହାନ୍ତି । ସେମାନେ ଏକାଥରକେ ସାଂସାରିକ ସ୍ୱାଚ୍ଛନ୍ଦ୍ୟ ଓ ଈଶ୍ୱର ଉପଲବ୍‌ଧି ଲାଭ କରିବାକୁ ଚାହାନ୍ତି ।

ସଂପ୍ରତି ଗୃହସ୍ଥଗଣଙ୍କର ଅଭିଯୋଗ ହେଉଛି ଯେ ଏବେ ଉତ୍ତମ ମହାତ୍ମା ଉପଲବ୍ଧ ହେଉନାହାନ୍ତି । ଏହା ଏକ ନିରର୍ଥକ ବାହାନା । ସାଧୁସଙ୍ଗ ହେଉଛି ଆବଶ୍ୟକତା ଓ ଯୋଗାଣର ପ୍ରଶ୍ନ । ଯଦି ଆନ୍ତରିକ ଆବଶ୍ୟକତା ଅଛି, ଯୋଗାଣ ନିଶ୍ଚୟ ଉପଲବ୍ଧ ହେବ । ଏହା ପ୍ରକୃତିର ଅପରିବର୍ତ୍ତନୀୟ ନିୟମ । ଯଦି ତୁମେ ବାସ୍ତବରେ ତୃଷାତୁର, ତୁମକୁ ଦୁଆର ମୁହଁରେ ଗୁରୁ ମିଳିଯିବେ । ତୁମେ ଏକ ଆରାମପ୍ରିୟ ଜୀବନଯାପନ କରିବାକୁ ଚାହଁ । ତୁମର ମନ ଅପବିତ୍ର କାମନା ଓ ବାସନାରେ ପୂର୍ଣ୍ଣ । ତୁମେ ଉଚ୍ଚତର ଦିବ୍ୟଜୀବନ ପାଇଁ ଆଦୌ ଖାତିର କରନାହିଁ । ତୁମେ ବେକାର ଗପସପ ଓ ଅହଂକାରପୂର୍ଣ୍ଣ କଥାବାର୍ତ୍ତାରେ ସମୟ ଅତିବାହିତ କର । କାମ-କ୍ରୋଧ, ଲୋଭ ଓ ଯଶଲାଭର ବାସନାର ଏକ କ୍ରୀତଦାସ ହୋଇଯାଇଛ । ତଥାପି ତୁମର ଅଭିଯୋଗ ହେଉଛି- ମୋତେ ଉତ୍ତମ ସତ୍‌ସଙ୍ଗ ମିଳୁନାହିଁ । ପ୍ରଥମେ ନିଜର ଦୋଷ ପ୍ରତି ଦୃଷ୍ଟିପାତ କର । ନିଜକୁ ଦୋଷ ସ୍ୱୀକାର କର । ନିଜର ଭୁଲ୍ ପାଇଁ ଆନ୍ତରିକ ଭାବେ ଅନୁତାପ କର । ପ୍ରାୟଶ୍ଚିତ କର । ଉପବାସ କର । ପ୍ରାର୍ଥନା କର । ନିକାଞ୍ଚନରେ ନିଷ୍ଠାସହ ରୋଦନ କର । ପ୍ରଥମେ ନିଜକୁ ଯୋଗ୍ୟ ଅଧିକାରୀ କର । ତା'ପରେ ମୋର ନିକଟକୁ ଆସ । ମୁଁ ତୁମକୁ ପ୍ରକୃଷ୍ଟ ପଥ ପ୍ରଦର୍ଶନ କରିବି । ମାର୍ଗ ଦର୍ଶନ କରିବି ଓ ଉତ୍ତୁଙ୍ଗ ଆଧ୍ୟାତ୍ମିକ ଶିଖରକୁ ଘେନିଯିବି । ମହାତ୍ମାଗଣ ଯୋଗ୍ୟ ସାଧକଙ୍କର ଅନ୍ୱେଷଣରେ ଅଛନ୍ତି । ପ୍ରଭୂତ ମହାତ୍ମା ଅଛନ୍ତି । ବାସ୍ତବ ସାଧକଗଣଙ୍କ ସଂଖ୍ୟା ସ୍ୱଳ୍ପ । ତୁମର ଯଦି ଅଭିଯୋଗ "ଉତ୍ତମ ମହାତ୍ମା ନାହାନ୍ତି" ମହାତ୍ମାଗଣ ମଧ୍ୟ ଅଭିଯୋଗ କରିବେ : ବାସ୍ତବ ସାଧକଙ୍କର ଘୋର ଅଭାବ ।

କବୀର, ତୁଳସୀ ଦାସ, ଶଙ୍କର ଓ ଗୁରୁ ନାନକ ଆଦି ସନ୍ଥଗଣ ମହାତ୍ମାଙ୍କ ସହ ସତ୍‌ସଙ୍ଗର ମହିମା ବିଷୟରେ ଅନେକ ପୁସ୍ତକ ରଚନା କରିଛନ୍ତି । ସତ୍‌ସଙ୍ଗରେ ନିୟମିତ ବ୍ୟକ୍ତିଗଣଙ୍କର ଈଶ୍ୱର ଓ ଶାସ୍ତ୍ରରେ ଶ୍ରଦ୍ଧା ଭଗବାନଙ୍କ ପ୍ରତି ଭକ୍ତି ଧୀରେ ଧୀରେ ବିକାଶ ହୋଇଥାଏ ।

❑❑❑

ସତ୍ସଙ୍ଗର ମହିମା

ସୂତ୍ର–୩୯

ମହତ୍ ସଙ୍ଗସ୍ତୁ ଦୁର୍ଲଭୋଽଗମ୍ୟୋଽମୋଘଶ୍ଚ ॥ ୩୯ ॥

ଅର୍ଥ– ମହାତ୍ମାଗଣଙ୍କର ସଙ୍ଗ ଲାଭ କରିବା କଷ୍ଟକର । ମହତ ସଙ୍ଗ ଅଗମ୍ୟ ଅଟେ । ପ୍ରଭାବରେ ଏହା ଅବ୍ୟର୍ଥ ବା ଅମୋଘ ।

ଶବ୍ଦାର୍ଥ– ମହତସଙ୍ଗ – ମହାତ୍ମାଙ୍କର ସଙ୍ଗ, ତୁ– ପୁନଶ୍ଚ, କିନ୍ତୁ । ଦୁର୍ଲ୍ଲଭ– ପାଇବା କଷ୍ଟ, ଅଗମ୍ୟ– ଗମନ କରିବା କଷ୍ଟ, ଅମୋଘ– ଅବ୍ୟର୍ଥ, ଅତ୍ୟନ୍ତ ପ୍ରଭାବଶାଳୀ, ଚ–ଏବଂ ।

ବ୍ୟାଖ୍ୟା– ପ୍ରଭୁ ଶ୍ରୀକୃଷ୍ଣ ଗୀତାରେ କହନ୍ତି, ହଜାରେ ବ୍ୟକ୍ତିମାନଙ୍କ ମଧ୍ୟରେ ଜଣେ ଆତ୍ମ–ଉପଲବ୍ଧି ପାଇଁ ଚେଷ୍ଟା କରନ୍ତି, ଏବଂ ସେହି ସାଧକମାନଙ୍କ ମଧ୍ୟରୁ ଜଣେ ଅନ୍ତିମରେ ଆତ୍ମଉପଲବ୍ଧି ଲାଭ କରନ୍ତି ।

ମିଥ୍ୟା ଆଧ୍ୟାତ୍ମିକ ପଥପ୍ରଦର୍ଶକଙ୍କ ଦ୍ୱାରା ପ୍ରତାରିତ ହୁଅ ନାହିଁ ।

ଜଣେ ଯୋଗ୍ୟ ଆଧ୍ୟାତ୍ମିକ ଗୁରୁଙ୍କର ସଂସ୍ପର୍ଶରେ ଆସିଲେ ମଧ୍ୟ ତୁମେ ତାଙ୍କୁ ଚିହ୍ନି ନ ପାର କାରଣ ମହାତ୍ମାଗଣ ନିଜର ମହନତାକୁ ଲୁଚାଇ ରଖନ୍ତି । ବର୍ତ୍ତମାନ ଅବା ପୂର୍ବ ଜୀବନରେ ବହୁ ପରିଶ୍ରମ କରି ପୁଣ୍ୟ ଅର୍ଜନ କରିଥିବା ସାଧକ ମହାତ୍ମାଙ୍କର ସୁଗୁଣ ଅବା କୃପା ବିଷୟରେ ଅଭିହିତ ହୋଇପାରନ୍ତି । ଆଳସ୍ୟପରାୟଣ ବ୍ୟକ୍ତି ମହାତ୍ମାଙ୍କର କୃପା ଲାଭ କରିବାର ସୁଯୋଗ ପାଇ ନ ପାରନ୍ତି ।

ଯେ କୌଣସି ବ୍ୟକ୍ତିଙ୍କୁ ତୁମେ ଗୁରୁ ରୂପେ ଗ୍ରହଣ କରିବା ଅନୁଚିତ । ବାସ୍ତବ ଆଧ୍ୟାତ୍ମିକ ଜ୍ଞାନ ଲାଭ କରିଥିବା ଶିକ୍ଷକଗଣ ବିରଳ ।

ଗୁରୁ ହେବା ନିମିତ୍ତ ବ୍ୟକ୍ତି ଭଗବାନଙ୍କର ନିର୍ଦ୍ଦେଶ ପ୍ରାପ୍ତ ହେବା ବାଞ୍ଛନୀୟ ।

ସନ୍ଥଙ୍କର ପ୍ରଭାବ ଅମୋଘ । ସାଧାରଣ ସାଧକଙ୍କର କ୍ଷେତ୍ରରେ ଆଧ୍ୟାତ୍ମିକ ପରିବର୍ତ୍ତନ ଧୀର ଓ କ୍ରମଶଃ ହୋଇପାରେ ।

ସନ୍ଥଙ୍କ ଦ୍ୱାରା ସୃଷ୍ଟ ଆଧ୍ୟାତ୍ମିକ ତରଙ୍ଗ ବହୁ ଦୂର ଭ୍ରମଣ କରି ଉପଯୁକ୍ତ ଅଧିକାରୀଙ୍କ ଠାରେ ଉପନୀତ ହୁଏ ଓ ତାଙ୍କୁ ପରିବର୍ତ୍ତିତ କରେ ।

ଏହି ସଂସାରରେ ଉତ୍ତମ ବ୍ୟକ୍ତିଗଣ ସର୍ବଦା ବିରଳ । କସ୍ତୁରୀ, କେଶର, ରଞ୍ଜନରଶ୍ମୀ, ଚନ୍ଦନ କାଠ, ବିଜ୍ଞବ୍ୟକ୍ତି, ଗୁଣୀବ୍ୟକ୍ତି, ବୀର, ମାନବପ୍ରେମୀ ଆଦି ବିରଳ । ଏପରି ପରିସ୍ଥିତି ହୋଇଥିବାରୁ ସନ୍ଥ, ଯୋଗୀ, ଜ୍ଞାନୀ ଓ ଭକ୍ତଙ୍କର ବିଷୟରେ କ'ଣ କହିବା ? ପ୍ରଥମେ ତୁମକୁ ଆତ୍ମ-ସଂଯମ, ବ୍ରହ୍ମଚର୍ଯ୍ୟ, ମନର ପ୍ରଶାନ୍ତି, ମୋକ୍ଷର ତୀବ୍ର ଇଚ୍ଛା, ନମ୍ରତା, ସେବାଭାବ ଓ ଆଦେଶ ପାଳନ ଆଦି ଆବଶ୍ୟକ ଗୁଣ ଶିକ୍ଷା କରିବା ଉଚିତ ଯଦ୍ଦ୍ୱାରା ତାଙ୍କର ସଙ୍ଗ ପାଇଁ ନିଜକୁ ଯୋଗ୍ୟ କରିପାରିବ । ତାଙ୍କର ସତ୍‌ସଙ୍ଗ ଲାଭ ହେଲେ ତୁମର ମୋକ୍ଷର ମାର୍ଗ ପ୍ରଶସ୍ତ ହୋଇଯିବ । ବିବେକ ଚୂଡ଼ାମଣିରେ ଶ୍ରୀ ଶଙ୍କର କହନ୍ତି- ଏହି ସଂସାରରେ ତିନିଟି ବସ୍ତୁ ଦୁର୍ଲ୍ଲଭ । ତାହା ହେଉଛି- (୧) ମାନବ ଜନ୍ମ (୨) ମୋକ୍ଷର ଇଚ୍ଛା ଓ (୩) ଜଣେ ଜ୍ଞାନୀ ସନ୍ଥଙ୍କର ଯତ୍ନ ।

ସୂତ୍ର-୪୦

ଲଭ୍ୟତେଽପି ତତ୍ କୃପୟୈବ ॥ ୪୦ ॥

ଅର୍ଥ- କେବଳ ଭଗବାନଙ୍କର କୃପା ଦ୍ୱାରା ମହାତ୍ମାଗଣଙ୍କର ସତ୍‌ସଙ୍ଗ ଲାଭ ହୁଏ ।

ଶବ୍ଦାର୍ଥ- ଲଭ୍ୟତେ-ଲାଭ କରାଯାଏ, ଅପି-ମଧ, ତଥାପି, ତତ୍‌କୃପୟା-ତାହାଙ୍କର (ପ୍ରଭୁଙ୍କର) କୃପା ଦ୍ୱାରା ।

ବ୍ୟାଖ୍ୟା- ପୂର୍ବ ସୂତ୍ରରେ କୁହାଯାଇଥିଲା ଯେ, ମହାତ୍ମାଙ୍କର ସତ୍‌ସଙ୍ଗ ଦୁର୍ଲଭ, ଅଗମ୍ୟ କିନ୍ତୁ ଅମୋଘ ବା ଅବ୍ୟର୍ଥ । ଏତାଦୃଶ ବକ୍ତବ୍ୟ ଦ୍ୱାରା ବ୍ୟକ୍ତି ନିରୁତ୍ସାହିତ ହେବା ସ୍ୱାଭାବିକ । ଏହି ସୂତ୍ରରେ ଉତ୍ସାହ ପ୍ରଦାନ କରାଯାଇଛି । ଏହି ସୂତ୍ର କହେ ଯେ ଯଦିଓ ଏହା କଷ୍ଟସାଧ୍ୟ ତଥାପି ଏହା ମିଳିଥାଏ ।

ଗୁରୁଙ୍କର ସତ୍‌ସଙ୍ଗ ଲାଭ ହୋଇଥାଏ । ଏହା ଦିବ୍ୟ କୃପାର କର୍ମ । ତତ୍ କୃପୟା ଏବ ।

ପ୍ରକୃଷ୍ଟ ସମୟ ଉପସ୍ଥିତ ହେଲେ ଗୁରୁ ଓ ଶିଷ୍ୟ ପ୍ରଭୁଙ୍କ ଦ୍ୱାରା ରହସ୍ୟପୂର୍ଣ୍ଣ ଭାବେ ଏକତ୍ରିତ ହୋଇଥାଆନ୍ତି ।

ସୂତ୍ର–୪୧

ତସ୍ମିଂ ସ୍ତଜନେ ଭେଦା ଭାବାତ୍ ॥ ୪୧ ॥

ଅର୍ଥ– କାରଣ ପ୍ରଭୁ ଓ ତାଙ୍କର ଭକ୍ତଙ୍କ ମଧ୍ୟରେ ଭେଦଭାବ ନଥାଏ ।

ଶବ୍ଦାର୍ଥ– ତସ୍ମିନ୍–ତାଙ୍କଠାରେ, ତଜ୍ଜନେ– ତାଙ୍କ ଜୀବମାନଙ୍କ ମଧ୍ୟରେ, ଭେଦାଭାବାତ୍– ଭେଦର ଅଭାବରୁ ।

ବ୍ୟାଖ୍ୟା– ଭକ୍ତ ସ୍ୱୟଂ ଭଗବାନ ଅଟନ୍ତି । ଯିଏ ଭକ୍ତଙ୍କର ସେବା କରନ୍ତି ସେ ଭଗବାନଙ୍କର ସେବା କରନ୍ତି । ଭକ୍ତ ଭଗବାନଙ୍କର ହୃଦୟରେ ବାସ କରନ୍ତି ଓ ଭଗବାନ ଭକ୍ତଙ୍କର ହୃଦୟରେ ବାସ କରନ୍ତି । ଭାଗବତରେ ପ୍ରଭୁ କହନ୍ତି, ''ଭକ୍ତଗଣ ମୋର ହୃଦୟ ଏବଂ ମୁଁ ଭକ୍ତଙ୍କର ହୃଦୟ । ମୋ ବ୍ୟତୀତ ଭକ୍ତଗଣ କାହାରିକୁ ଜାଣନ୍ତି ନାହିଁ ଏବଂ ଭକ୍ତଗଣ ବ୍ୟତୀତ ମୁଁ କାହାକୁ ଜାଣେ ନାହିଁ ।''

ପ୍ରଭୁ କୃଷ୍ଣଙ୍କର ବିବିଧ ଲୀଳାକୁ ଗୋପୀଗଣ ଅନୁକରଣ କରିଥିଲେ । ସେମାନେ ସଂପୂର୍ଣ୍ଣ ରୂପେ ନିଜକୁ ହଜାଇ ଦେଇଥିଲେ ଏବଂ ସଚେତନ ନ ଥିଲେ ଯେ ପ୍ରକୃତରେ ସେମାନେ କିଏ ?

ଯେତେବେଳେ ମାନବ ସ୍ୱେଚ୍ଛାକୃତ ଭାବେ ନିଜର ସଂପୂର୍ଣ୍ଣ ଜୀବନକୁ ଦିବ୍ୟକୃପା ନିକଟରେ ଆତ୍ମ–ସମର୍ପଣ କରେ, ଈଶ୍ୱର ଉପଲବ୍ଧି ସ୍ୱଭାବିକ ଓ ସହଜ ହୋଇଯାଏ । ଅଜ୍ଞ ମାନବ ତା'ର ଗର୍ବ, ଅହଂକାର ଓ ଦାମ୍ଭିକତା ଦ୍ୱାରା କୃପାର ପଥରେ ପ୍ରତିବନ୍ଧକ ସୃଷ୍ଟି କରେ ।

ଯେପରି ସାଗରରେ ମିଳିତ ହେବା ପରେ ନଦୀ ତା'ର ନାମ ଓ ରୂପ ହରାଇଥାଏ, ସେପରି ପ୍ରଭୁଙ୍କ ସହ ମିଳିତ ହେବା ପରେ ଭକ୍ତ ତାଙ୍କର ବ୍ୟକ୍ତିତ୍ୱ ହରାଇଥାଆନ୍ତି । ପାର୍ଥକ୍ୟ ସୃଷ୍ଟି କରୁଥିବା ମନ ଭକ୍ତିଦ୍ୱାରା ବିନାଶ ହୁଏ ।

ସୂତ୍ର–୪୨

ତଦେବ ସାଧ୍ୟତାଂ ତଦେବ ସାଧ୍ୟନାମ୍ । ୪୨ ।

ଅର୍ଥ– କେବଳ ତାକୁ ହିଁ ଅଭ୍ୟାସ କର । କେବଳ ତାକୁ ହିଁ ଅଭ୍ୟାସ କର ।

ଶବ୍ଦାର୍ଥ– ତତ୍–ତାହା, ଏବ–କେବଳ, ସାଧ୍ୟତାମ୍–ଅଭ୍ୟାସ କରିବା ଯୋଗ୍ୟ ।

ବ୍ୟାଖ୍ୟା– ତତ୍‌– ତାହା, ସୂତ୍ର ୩୫–୩୭ରେ ବର୍ଣ୍ଣିତ ତ୍ୟାଗ ଓ ପ୍ରେମପୂର୍ଣ୍ଣ ସେବାକୁ ବୁଝାଏ ତଥା ବିଭୁ ଓ ମହାପୁରୁଷଙ୍କର କୃପା ବିଷୟ ବ୍ୟଞ୍ଜିତ କରେ । ଆତ୍ମ-ସମର୍ପଣ ସଂପୂର୍ଣ୍ଣ ହେବା ଉଚିତ । ତେବେ ଯାଇ ଦିବ୍ୟକୃପା ପ୍ରବାହିତ ହେବ । ଆତ୍ମସମର୍ପଣକୁ ''ପ୍ରପତ୍ତି'' ଅଭିହିତ କରାଯାଏ ।

କେବଳ ଭଗବାନଙ୍କର ପ୍ରେମ ପ୍ରାପ୍ତି ନିମନ୍ତେ ପ୍ରୟାସ କର ।

ଭଗବାନଙ୍କର କୃପା ଲାଭ ପାଇଁ କର୍ମ କର । ବିଭୁ-କୃପା ପାଇଁ ପ୍ରୟାସ କର । ପ୍ରଭୁ-କୃପା ପ୍ରାପ୍ତି ନିଷ୍ଠାସହ ଚେଷ୍ଟା କର । ସେହି ଶବ୍ଦାବଳିର ପୁନରାବୃତ୍ତି କରିବାର ଉଦ୍ଦେଶ୍ୟ ହେଉଛି ଏହାର ଗୁରୁତ୍ୱ ଓ ମହତ୍ତ୍ୱ ବିଷୟରେ ଆଲୋକପାତ କରିବା ।

ଯେଉଁ ସାଧନା ମାଧ୍ୟମରେ ବିଭୁ କୃପା ଓ ସନ୍ଥ କୃପା ଲାଭ ହୋଇପାରିବ, ତାହାହିଁ ଅବଲମ୍ବନ କରିବା ଉଚିତ । ସୁତରାଂ ଈଶ୍ୱର ପ୍ରେମୀ ଓ ମହାତ୍ମାଙ୍କର ସଂସ୍ପର୍ଶରେ ରହି ଭକ୍ତି-ସାଧନରେ ସଦା ନିମଗ୍ନ ରୁହ ।

ଯଦି ଦିବ୍ୟପ୍ରେମର ସାଧନା କରିବାକୁ ଇଚ୍ଛୁକ ଅଛ, ଆନ୍ତରିକତା ସହ ସନ୍ଥ-ସଙ୍ଗ ପାଇଁ ବ୍ୟାକୁଳ ହୁଅ । ପ୍ରଭୁ କୃପାରୁ ତୁମେ ମହାତ୍ମା ଓ ମହାପୁରୁଷଙ୍କର ସଙ୍ଗ ଲାଭ କରିପାରିବ ।

ଏବ : କେବଳ ତାହା ।

ତାହାହିଁ ମୂଲ୍ୟବାନ । ଅନ୍ୟ ବସ୍ତୁ ନିରର୍ଥକ । କେବଳ ବିଭୁ କୃପା ନିଶ୍ଚୟ ଲାଭ କରିବା ଉଚିତ । ଏଥି ନିମନ୍ତେ ପଦ୍ଧତି ପ୍ରଦତ୍ତ ହୋଇଛି । ତାହା ହେଉଛି– ଅନାସକ୍ତି, ସେବା, କୀର୍ତ୍ତନ, ପ୍ରଭୁଙ୍କର ଲୀଳା ଶ୍ରବଣ ଇତ୍ୟାଦି ।

□□□

କୁସଙ୍ଗ ପରିହାର କର

ସୂତ୍ର-୪୩

ଦୁଃସଙ୍ଗଃ ସର୍ବଥୈବ ତ୍ୟାଜ୍ୟଃ ।। ୪୩ ।।

ଅର୍ଥ- ସମସ୍ତ ଉପାୟରେ ଦୁଃସଙ୍ଗ ତ୍ୟାଗ କରିବା ବିଧେୟ ।

ଶବ୍ଦାର୍ଥ- ଦୁଃସଙ୍ଗଃ- କୁସଙ୍ଗ, ସର୍ବଥା- ସମସ୍ତ ଉପାୟରେ, ଏବ-କେବଳ, ନିଶ୍ଚିତ ରୂପେ, ତ୍ୟାଜ୍ୟ- ତ୍ୟାଗ କରିବା ଉଚିତ ।

ବ୍ୟାଖ୍ୟା- ସର୍ବତ୍ର ଓ ସର୍ବଦା ଦୁଷ୍ଟ ସଙ୍ଗ ପରିହାର କର । ଜଣେ ପ୍ରାରମ୍ଭିକ ସ୍ତରର ସାଧକ ଯେ କି ସାଂସାରିକ ଅବା ଦୁଷ୍ଟ ବ୍ୟକ୍ତିଙ୍କର ସଙ୍ଗ କରେ, ତା'ର ଭକ୍ତି ଭାବ ହରାଇ କୁଗୁଣର ବିକାଶ କରେ । ସେ ମଧ୍ୟ ସାଂସାରିକ ବ୍ୟକ୍ତିଙ୍କର ସ୍ତରକୁ ଖସିଯାଏ । ମନ ଅନୁକରଣ କରେ । କୁସଙ୍ଗ ଭକ୍ତିର ମୁଖ୍ୟ ପ୍ରତିବନ୍ଧକ ।

ଦୁଷ୍ଟ ବ୍ୟକ୍ତିଙ୍କର ସଙ୍ଗ ଫଳରେ ବ୍ୟକ୍ତି ଅନୈତିକତା, ବ୍ୟଭିଚାର, ଦୁଷ୍ଟପ୍ରକୃତି, ବିଳାସପ୍ରିୟତା, କପଟାଚାର ଓ ଅହଂକାର ଆଦି ଦୁର୍ଗୁଣ ଶିକ୍ଷା କରେ । କୁସଙ୍ଗ ପବିତ୍ରତା, ସତ୍ୟ ଓ ଦୟା ଆଦି ସୁଗୁଣ ନଷ୍ଟ କରେ ।

ଯଦି ପରିବେଶ, ଖାଦ୍ୟ, ବୃତ୍ତି, ପୂଜା, ଆଲୋଚ୍ୟ ବିଷୟ, ଅଧ୍ୟୟନ କରୁଥିବା ଗ୍ରନ୍ଥ ସାତ୍ତ୍ୱିକ ହୋଇଥାଏ, ତୁମର ସୁଗୁଣ ଓ ଆଧ୍ୟାତ୍ମିକତାର ବିକାଶ ହେବ । ଯଦି ତାହା ରାଜସିକ ଓ ତାମସିକ ହୋଇଥାଏ, ତୁମେ କୁଗୁଣ ଶିକ୍ଷା କରିବ ।

କେତେକ ବ୍ୟକ୍ତି ଯୁକ୍ତି କରନ୍ତି, ଆମେ କାହିଁକି କୁସଙ୍ଗ ତ୍ୟାଗ କରିବା ? ଭଗବାନ କ'ଣ ସେଠାରେ ମଧ୍ୟ ନାହାନ୍ତି ? ଆମେ କାହିଁକି କେଉଁଠାରେ ଅସତ୍ ବା ଅମଙ୍ଗଳ ଦେଖିବା ? ଆମେ କ'ଣ କେବଳ ଶୁଭ ଦେଖିବା ଉଚିତ ନୁହେଁ ? ଅଶୁଭରେ ମଧ୍ୟ ଆମେ କେବଳ ଭଗବାନଙ୍କୁ କ'ଣ ଦେଖିବା ଉଚିତ ନୁହେଁ ।

କେବଳ ଜଣେ ଋଷି ହିଁ ଭଲ ଓ ମନ୍ଦର ଉର୍ଦ୍ଧ୍ୱରେ ଥାଆନ୍ତି । କେବଳ ସେହିଁ ଅଶୁଭରେ ମଧ୍ୟ ଶୁଭ ଦର୍ଶନ କରନ୍ତି । ତାଙ୍କ ନିମିତ୍ତ ଭଲ ଓ ମନ୍ଦ ସମାନ । କେବଳ ସେ ହିଁ ଅଶୁଭ ଦ୍ୱାରା ପ୍ରଭାବିତ ହୁଅନ୍ତି ନାହିଁ । ସାଧାରଣ ବ୍ୟକ୍ତି ଓ ନୂତନ ସାଧକ ଅଶୁଭ ଦ୍ୱାରା ସହଜରେ ପ୍ରଭାବିତ ହୋଇଥାଆନ୍ତି । ଅମଙ୍ଗଳରେ ସେ ଶୁଭ ଦେଖିପାରନ୍ତି ନାହିଁ । ତାଙ୍କ ପାଇଁ ଅଶୁଭ ହେଉଛି ଏକ ନିଶ୍ଚିତ ବାସ୍ତବତା ।

ଭଗବାନ ସର୍ବତ୍ର ବିରାଜମାନ । ସେ ଶୁଦ୍ଧ ଜଳ ଓ ଦୂଷିତ ଜଳରେ ଅଛନ୍ତି । କିନ୍ତୁ ତୁମେ ଦୂଷିତ ଜଳପାନ କରିପାରିବ ନାହିଁ । ଜଣେ ଯୁବ ସାଧକ ଉପନିଷଦୀୟ ଉପଦେଶ- 'ସର୍ବଂ ଖଳୁ ଇଦଂ ବ୍ରହ୍ମ'ର ଆଶ୍ରୟ ଗ୍ରହଣ କରିପାରିବେ ନାହିଁ, ଯେତେବେଳେ ସେ ପ୍ରଲୋଭନ ମଧ୍ୟରେ ଅଛନ୍ତି ।

ନିମ୍ନ ସ୍ତରର ବାସନା ଜାଗ୍ରତ କରୁଥିବା ସମସ୍ତ ବସ୍ତୁକୁ ନିର୍ଦ୍ଦୟ ଭାବେ ପରିହାର କରିବାକୁ ପଡ଼ିବ ।

"ସବୁକିଛି ହିଁ ବ୍ରହ୍ମ" – ଏହି ମହାନ୍ ବେଦାନ୍ତ ସୂତ୍ରକୁ ଯଦି ଅପରିପକ୍ୱ ବା ଅର୍ଦ୍ଧ ଜାଗ୍ରତ ସାଧକଙ୍କୁ ଶିକ୍ଷା ଦିଆଯାଏ, ସେ ବିରୋଚନ ସଦୃଶ ବିଭ୍ରାନ୍ତ ହୋଇ ତାଙ୍କର ଶିଷ୍ୟ ଓ ଅନୁଗାମୀଗଣଙ୍କୁ ଦେହ–ବୁଦ୍ଧିର ଦର୍ଶନ ଶିକ୍ଷା ଦେବେ ।

ଏହି ମହିମାନ୍ୱିତ ଉପଦେଶକୁ ଯୋଗ୍ୟ ସାଧକଙ୍କୁ ପ୍ରଦାନ କରିବା ଉଚିତ ଯେ କି ସଂପୂର୍ଣ୍ଣ ନୈତିକ ଶୁଦ୍ଧତା, ବିବେକ, ବୈରାଗ୍ୟ ସମନ୍ୱିତ ଓ ଯେକି ଇନ୍ଦ୍ରିୟ ଭୋଗ ଲାଳସାରୁ ମୁକ୍ତ ।

ଅଶୁଭ ଅଜ୍ଞତାରୁ ଜାତ । ଯାହା ଆମକୁ ଈଶ୍ୱର ଉପଲବ୍ଧି ବା ଶାଶ୍ୱତ ଆନନ୍ଦ ପ୍ରଦାନ କରେ ତାହା ହିଁ ଶୁଭ । ଯାହା ଦୁଃଖ, ଶୋକ, ଯନ୍ତ୍ରଣା, ଜନ୍ମ ଓ ମୃତ୍ୟୁର କାରଣ ତାହା ଅଶୁଭ । ସତ୍ତ୍ୱ ହିଁ ମଙ୍ଗଳମୟ । ତମସ ଓ ରାଜସ ହେଉଛନ୍ତି ଅସତ୍ ଓ ଅମଙ୍ଗଳ । ସତ୍ତ୍ୱ ପ୍ରଶାନ୍ତି, ସ୍ଥିରତା, ସମଭାବ ଓ ଶାନ୍ତି ପ୍ରଦାନ କରେ । ରାଜସ ଓ ତମସ ଚଞ୍ଚଳତା, ଅସ୍ଥିରତା, ବ୍ୟାକୁଳତା, ବିରକ୍ତି ଦୁଃଖ ଓ ଯନ୍ତ୍ରଣାର କାରଣ ହୋଇଥାଆନ୍ତି ।

ଏକଦା ବିଲ୍ୱମଙ୍ଗଳ ଚିନ୍ତାମଣି ଗଣିକାଙ୍କର ନାଚ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ତାଙ୍କର ସମଗ୍ର ଅନ୍ତଃକରଣ କଳୁଷିତ ହୋଇଗଲା । ସେ ଥିଲେ ଜଣେ ଧର୍ମପରାୟଣ ବ୍ରାହ୍ମଣ ପିତାଙ୍କର ପୁତ୍ର । ତାଙ୍କର ସମସ୍ତ ସୁଗୁଣ ଉଭେଇ ଗଲା । ସେ ଚିନ୍ତାମଣିଙ୍କ ପ୍ରତି ପ୍ରେମାସକ୍ତ ହେଲେ । ସେ ତାଙ୍କର ଜୀବନକୁ ନଷ୍ଟ କଲେ । ଏହିପରି ହଜାର ହଜାର ଦୃଷ୍ଟାନ୍ତ ରହିଛି । ଆନ୍ଧ୍ରପ୍ରଦେଶରେ କୁସଙ୍ଗ ପ୍ରଭାବରେ ପ୍ରାରମ୍ଭରେ ବେମାନଙ୍କର ଜୀବନ ମଧ୍ୟ କଳୁଷିତ ହୋଇଥିଲା ।

ଉପନ୍ୟାସ, ସିନେମା, ପଶୁଙ୍କର ସଂଭୋଗର ଦୃଶ୍ୟ, ଆଶାଳୀନ ଦୃଶ୍ୟ, ଅଶ୍ଳୀଳ ସଙ୍ଗୀତ, ନଗ୍ନଚିତ୍ର, ଯାହାକିଛି ବାସନା ଉଦ୍ରେକ କରେ– ଏସବୁ କୁସଙ୍ଗ । କୁସଙ୍ଗ ଠାରୁ ଅନ୍ୟ କିଛି ବିପଦଜନକ ନୁହେଁ । ଯଦି ପତ୍ନୀଙ୍କର ଧର୍ମପରାୟଣ ସ୍ୱଭାବ ନାହିଁ

ତାଙ୍କର ସାହଚର୍ଯ୍ୟ ମଧ୍ଯ କୁସଙ୍ଗତୁଲ୍ୟ । ଏହି କାରଣରୁ ଶାସ୍ତ୍ର ସମୂହରେ ହିମାଳୟର ନିର୍ଜନ ସ୍ଥାନ ଓ ଗଙ୍ଗା କୂଳର ପବିତ୍ର ଜନଶୂନ୍ୟ ସ୍ଥାନକୁ ଉଚ୍ଚପ୍ରଶଂସା କରାଯାଇଛି ।

ସୂତ୍ର-୪୪

କାମ କ୍ରୋଧ ମୋହ ସ୍ମୃତିଭ୍ରଂଶ ବୁଦ୍ଧିନାଶ

ସର୍ବନାଶ କାରଣ ତ୍ୱାତ୍ ॥ ୪୪ ॥

ଅର୍ଥ- ଏହା କାମ, କ୍ରୋଧ, ମୋହ, ସ୍ମୃତିନାଶ, ବୁଦ୍ଧିନାଶ ଓ ସର୍ବନାଶର କାରଣ ।

ଶବ୍ଦାର୍ଥ- କାମ-କାମନା, କ୍ରୋଧ-ରାଗ, ମୋହ-ଭ୍ରାନ୍ତି, ସ୍ମୃତିଭ୍ରଂଶ-ସ୍ମୃତି ଶକ୍ତିନାଶ, ବୁଦ୍ଧିନାଶ-ବୁଦ୍ଧି ନଷ୍ଟ ହେବା, ସର୍ବନାଶ-ସବୁକିଛି ନାଶ, କାରଣତ୍ୱାତ-କାରଣ ।

ବ୍ୟାଖ୍ୟା- ଏହି ସୂତ୍ରରେ ଉଲ୍ଲେଖ ହୋଇଥିବା ସ୍ମୃତିଶକ୍ତି ଓ ବୁଦ୍ଧି ଯଥାକ୍ରମେ ଧ୍ୟାନ ଓ ଶୁଦ୍ଧ ହେତୁ ଅବା ବିବେକ ସନ୍ଦର୍ଭରେ କଥିତ ହୋଇଛି ।

ସ୍ମୃତିନାଶ ହେଲେ ସତ୍ୟ ଓ ଜୀବନର ଉଦ୍ଦେଶ୍ୟ ବିଷୟରେ ବିସ୍ମରଣ ବା ଭୁଲିଯିବା । ବିବେକ ଶକ୍ତିର ବିନାଶକୁ ବୁଦ୍ଧିନାଶ କୁହାଯାଇଛି ।

ସାଂସାରିକ ମନୋବୃତ୍ତି ବ୍ୟକ୍ତିଗଣ ସୁଖଦ ସାଂସାରିକ ଅଭିଜ୍ଞତା ଓ ତାଙ୍କ ଦ୍ୱାରା ଦେଖାଯାଇଥିବା ଆକର୍ଷଣୀୟ ବସ୍ତୁ ବିଷୟରେ କହିପାରନ୍ତି । ଆଧ୍ୟାତ୍ମିକ ପଥର ପ୍ରାରମ୍ଭିକ ସାଧକ ଅବା ଆଧ୍ୟାତ୍ମିକ କ୍ଷେତ୍ରରେ ପ୍ରଗତି କରିଥିବା ବ୍ୟକ୍ତି (ଯେ କି ଈଶ୍ୱର ଉପଲବ୍ଧି ଲାଭ କରିନାହାନ୍ତି ଯେ କି ସଂସାର ଅଳୀକ ସ୍ୱଭାବ ବିଷୟରେ ପ୍ରତିଷ୍ଠିତ ନୁହନ୍ତି) ଏପରି ଅଭିଜ୍ଞତା ଦ୍ୱାରା ପ୍ରଭାବିତ ହୋଇପାରନ୍ତି । ସାଂସାରିକ ସୁଖର ଉପଭୋଗ ଇଚ୍ଛା ତାଙ୍କ ମନରେ ଉଦ୍ରେକ ହୋଇପାରେ ।

ରାଜସରୁ କାମନାର ଜାତ । ଏହା ଲୋଭ ଓ କ୍ରୋଧ ଉତ୍ପନ୍ନ କରେ । ଏହା ପାପର କାରଣ ।

ଦୁଃସଙ୍ଗର ବିପରୀତ ହେଉଛି ସତ୍‌ସଙ୍ଗ । ମନର ସ୍ୱାଭାବିକ ପ୍ରବୃତ୍ତି ହେଉଛି କୌଣସି ବସ୍ତୁ ସହ ଲାଗିଯିବା । ଏହା ସାଧାରଣତଃ ବିଷୟ ବା ସାଂସାରିକ ବସ୍ତୁ ସହ ସଂପୃକ୍ତ ହୁଏ । ମନର ଏହି ପ୍ରବୃତ୍ତିର ବିନାଶ ନିମିତ୍ତ ଏହାକୁ ଈଶ୍ୱର ଅବା ଆତ୍ମା ଅଭିମୁଖୀ କରିବା ଆବଶ୍ୟକ ।

ବୁଦ୍ଧି ନାଶ ଅବା ବିଚାର ବୁଦ୍ଧିର ନାଶ ଅର୍ଥ ହେଉଛି ସତ୍ୟ-ଅସତ୍ୟ, ଶାଶ୍ୱତ-ଅସ୍ଥାୟୀ, ଭଲ-ମନ୍ଦ ଓ ଉଚିତ-ଅନୁଚିତ ମଧ୍ୟରେ ପାର୍ଥକ୍ୟ ଜାଣିବାରେ ଅସାମର୍ଥ୍ୟ ।

ଯଦି ମନ ସ୍ୱଲକ୍ଷ୍ୟରୁ ଏପରିକି ସାମାନ୍ୟ ମଧ୍ୟ ବିଚ୍ୟୁତ ହୁଏ, ଏହା ପ୍ରଥମରେ ଉଚ୍ଚତମ ପାହାଚରେ ପଡ଼ିଥିବା ବଲ୍ ବା କନ୍ଦୁକ ସଦୃଶ ନିମ୍ନଗାମୀ ହୋଇଥାଏ । ସୁତରାଂ ସାବଧାନ ଓ ଜାଗ୍ରତ ହୁଅ ।

ପ୍ରଭୁ କୃଷ୍ଣ କହନ୍ତି- ବିଷୟ ଚିନ୍ତନ କରୁଥିବା ମନୁଷ୍ୟର ବିଷୟ ପ୍ରତି ଆସକ୍ତି ଜାତ ହୁଏ । ଆସକ୍ତିରୁ କାମନା, କାମନାରେ ପ୍ରତିବନ୍ଧକ ହେଲେ କ୍ରୋଧ ଓ କ୍ରୋଧରୁ ସମ୍ମୋହ ବା ମୂଢ଼ଭାବ ଜାତ ହୁଏ । ସମ୍ମୋହରୁ ସ୍ମୃତିନାଶ ହୁଏ । ସ୍ମୃତି ନାଶ ହେଲେ ବିବେକ ବୁଦ୍ଧିର ନାଶ ହୁଏ ଓ ବୁଦ୍ଧିର ନାଶ ହେଲେ ମନୁଷ୍ୟର ଅଧଃପତନ ହୁଏ । (ଗୀତା ୨/୬୨-୬୩)

ରଜୋଗୁଣରୁ ଜାତ ଏହି କାମନା ହିଁ ପାପର କାରଣ । ଏହି କାମନା କ୍ରୋଧରେ ପରିଣତ ହୋଇଥାଏ । ଏହା ସର୍ବଗ୍ରାସୀ ଓ ମହାପାପୀ । ଏହା ସଂସାରରେ ଆମର ଶତ୍ରୁ ବୋଲି ଜାଣ । (ଗୀତା ୩/୩୭)

କାମ, କ୍ରୋଧ ଓ ଲୋଭ- ଏ ତିନିଟି ନରକର ଦ୍ୱାର । ଏସବୁ ଜୀବାତ୍ମାର ଅଧୋପତନର କାରଣସ୍ୱରୂପ । ତେଣୁ ଏ ତିନିଟିକୁ ତ୍ୟାଗ କରିବା ଉଚିତ । (ଗୀତା ୧୬-୨୧)

ତୁଳସୀ ଦାସଜୀ କହନ୍ତି- ''ଯେଉଁଠାରେ କାମ ରହିଛି, ସେଠାରେ ରାମ ନ ଥାନ୍ତି ଏବଂ ଯେଉଁଠାରେ ରାମ ଅଛନ୍ତି, ସେଠାରେ କାମ ନ ଥାଏ ।''

ସୂତ୍ର-୪୫

ତରଙ୍ଗାୟିତା ଅପୀମେ ସଙ୍ଗାତ୍ ସମୁଦ୍ରାୟନ୍ତି ॥ ୪୫ ॥

ଅର୍ଥ- ଯଦିଓ ସେମାନେ (କୁ-ବୃତ୍ତି, କାମ, କ୍ରୋଧ) ଆରମ୍ଭରେ କେବଳ ତରଙ୍ଗ ରୂପେ ଜାତ ହୋଇଥାଆନ୍ତି, କୁସଙ୍ଗ ଫଳରେ ସେମାନେ ସାଗର ତୁଲ୍ୟ ବିଶାଳ ରୂପ ଧାରଣ କରନ୍ତି ।

ଶବ୍ଦାର୍ଥ- ତରଙ୍ଗାୟିତା- ତରଙ୍ଗ ରୂପେ କାର୍ଯ୍ୟ କଲେ, ଅପି- ଯଦିଓ, ଇମେ- ଏସବୁ, ସଙ୍ଗାତ୍- (କୁ) ସଙ୍ଗ ଯୋଗୁ, ସମୁଦ୍ରାୟନ୍ତି- ସମୁଦ୍ରତୁଲ୍ୟ ହୋଇଯାଆନ୍ତି ।

ବ୍ୟାଖ୍ୟା- ଜଣେ ସାଧକ କୁଗୁଣର କ୍ଷୀଣ ସତ୍ତାକୁ ମଧ୍ୟ ଭୟ କରିବା ଉଚିତ ଓ ତାହାକୁ ମୂଳରୁ ସଂପୂର୍ଣ୍ଣ ବିନାଶ କରିବା ଉଚିତ । ଯେପରି ପାଉଁଶ ତଳେ ଲୁକ୍କାୟିତ ଅଗ୍ନି ପ୍ରଚଣ୍ଡ ପବନର ସାହାଯ୍ୟରେ ଭୟଙ୍କର ରୂପ ଧାରଣ କରିଥାଏ, ସେହିପରି ଅବଦମିତ କୁଗୁଣ କୁସଙ୍ଗ ପ୍ରଭାବରେ ବିଶାଳ ରୂପ ଧାରଣ କରିପାରେ ।

ତେଣୁ ସାଧକ ସର୍ବଦା ଜାଗ୍ରତ ରହିବା ଉଚିତ ତଥା କୁସଙ୍ଗ ବର୍ଜନ କରିବା ବିଧେୟ ।

ପ୍ରାରମ୍ଭ ଅବସ୍ଥାରେ ତରଙ୍ଗ ରୂପେ ଥିବା ବେଳେ କାମ ଓ କ୍ରୋଧକୁ ନିୟନ୍ତ୍ରଣ କରାଯାଇପାରିବ । କିନ୍ତୁ କୁସଙ୍ଗ ପ୍ରଭାବରେ ତାହା ସାଗର ତୁଲ୍ୟ ବିରାଟ ରୂପ ଧାରଣ କଲେ ତାହା ନିୟନ୍ତ୍ରଣ କରିବା ଦୁଃସାଧ୍ୟ ।

ମଦ୍ୟପାନ କରିବା, ମାଂସ ଭକ୍ଷଣ କରିବା, ଅଶ୍ଳୀଳ ସଂଗୀତ ଶ୍ରବଣ, ବାରାଙ୍ଗନାଙ୍କ ସାନ୍ନିଧ୍ୟ, ନାଚଦଳର ନୃତ୍ୟ ଉପଭୋଗ, ନାଟ୍ୟଶାଳା, ସିନେମା ବା ଚଳଚ୍ଚିତ୍ର ଆଦି କାମ ପ୍ରବୃତ୍ତିକୁ ଉତ୍ତେଜିତ କରନ୍ତି ଓ ବ୍ୟକ୍ତିକୁ ନରକର ଅଗ୍ନିରେ ନିକ୍ଷେପ କରନ୍ତି । ଭାରତରେ ମଧ୍ୟ ଚଳଚ୍ଚିତ୍ର ଏକ ଅଭିଶାପରେ ପରିଣତ ହୋଇଅଛି । ଜଣେ ଅଧିକାରୀ ତାଙ୍କ ଦରମାର ଅର୍ଦ୍ଧେକ ସିନେମା ପାଇଁ ଖର୍ଚ୍ଚ କରନ୍ତି ଓ ଋଣଗ୍ରସ୍ତ ହୋଇଯାଆନ୍ତି । ସମସ୍ତେ ବିଭିନ୍ନ ସ୍ଥାନ ଓ ପ୍ରାକୃତିକ ଦୃଶ୍ୟ ଉପଭୋଗର କୁଗୁଣର ଅଭ୍ୟସ୍ତ ହୋଇଯାଇଛନ୍ତି । ଏହା ବିନା ସେମାନେ ରହିପାରିବେ ନାହିଁ । ଚକ୍ଷୁ ଉଜ୍ଜ୍ୱଳ ଆଲୋକ ଓ ଉତ୍ତେଜକ ଚିତ୍ର ଦେଖିବାରେ ଅଭ୍ୟସ୍ତ ହୋଇଛି । ଅଧୁନା ଚଳଚ୍ଚିତ୍ର ଏକ ଲାଭଦାୟକ ବ୍ୟବସାୟ । ଚିତ୍ରପଟ୍ଟରେ ବିବିଧ ପ୍ରକାରର ଅର୍ଦ୍ଧନଗ୍ନ ଛବି ଓ ଅଶ୍ଳୀଳ ଦୃଶ୍ୟ ପ୍ରଦର୍ଶିତ ହେଉଛି । କଲେଜର ଛାତ୍ରଛାତ୍ରୀଗଣ ଅନୁଚିତ ରୂପେ ମାନସିକ ଉତ୍ତେଜନା ସ୍ଥିତିରେ ପଡନ୍ତି । ବିବିଧ କୁକର୍ମର ପ୍ରଚାର କରାଯାଏ । ଚଳଚ୍ଚିତ୍ର ହେଉଛି ଭକ୍ତିର ଶତ୍ରୁ । ଏହା ବିଶ୍ୱର ବିନାଶ କରୁଅଛି । ଚଳଚ୍ଚିତ୍ରକୁ ସଂପୂର୍ଣ୍ଣ ତ୍ୟାଗ କରିବା ବିଧେୟ । ଏହା ଲୋକଙ୍କର ପ୍ରଭୂତ କ୍ଷତି କରେ । ମାନବ ସମ୍ବଳର ଏହା ଘୋର ଅବକ୍ଷୟ । ଏହା ବିରାଟ ପ୍ରଲୋଭନର ଉତ୍ସ । ସମସ୍ତ ଅଶ୍ଳୀଳ ଚଳଚ୍ଚିତ୍ରକୁ ନିୟନ୍ତ୍ରଣ କରିବା ବିଧେୟ । ଚିତ୍ରପଟ୍ଟରେ ପ୍ରଦର୍ଶିତ କରିବା ପୂର୍ବରୁ ସମସ୍ତ ଚଳଚ୍ଚିତ୍ର ଏକ ଧାର୍ମିକ ସଂସ୍ଥାନ ଦ୍ୱାରା ସମୀକ୍ଷା କରିବା ଉଚିତ । ଧାର୍ମିକ କାହାଣୀ ଥାଇ ମାନବର ନୈତିକ ଓ ଦାର୍ଶନିକ ବିକାଶ ନିମିତ୍ତ ଉଦ୍ଦିଷ୍ଟ ଚଳଚ୍ଚିତ୍ର ସବୁ ପ୍ରେକ୍ଷାଳୟରେ ପ୍ରଦର୍ଶିତ ହେବା ଉଚିତ । ଏହି ଉଦ୍ଦେଶ୍ୟରେ ସଂସଦରେ ଏକ ବିଲ ପାରିତ ହେବା ଉଚିତ । ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ଚିନ୍ତାଶୀଳ ବ୍ୟକ୍ତି ଏ ବିଷୟରେ ତାଙ୍କର ଧ୍ୟାନ କେନ୍ଦ୍ରିତ କରିବା ବାଞ୍ଛନୀୟ ।

ଏହା ଅତ୍ୟନ୍ତ ତୃପ୍ତିକର ବିଷୟ ଯେ ଭାରତର ଉଚ୍ଚଶିକ୍ଷିତ ପୁରୁଷ ଓ ନାରୀଗଣ ଚଳଚ୍ଚିତ୍ରରେ ଅଂଶଗ୍ରହଣ କରନ୍ତି । କେବଳ କଲେଜ ଶିକ୍ଷା ଯଥେଷ୍ଟ ନୁହେଁ । ଯଦି ସେମାନେ ଲୋକମାନଙ୍କୁ ପ୍ରଭାବିତ କରିବାକୁ ଚାହାନ୍ତି ଓ ସଂସାରରେ ଆଧ୍ୟାତ୍ମିକ ବିକାଶର ଲକ୍ଷ୍ୟ ପୋଷଣ କରନ୍ତି, ସେମାନେ ତପ, ଧ୍ୟାନ ଓ ବ୍ରହ୍ମଚର୍ଯ୍ୟପୂର୍ଣ୍ଣ ଜୀବନଯାପନ କରିବା ଉଚିତ ।

□□□

କିଏ ମାୟାରୁ ନିସ୍ତାର ପାଏ ?

ସୂତ୍ର-୪୬

କସ୍ତରତି କସ୍ତରତି ମାୟାମ୍ ?

ୟଃ ସଙ୍ଗଂ ତ୍ୟଜତି ୟୋ ମହାନୁଭାବଂ ସେବତେ ନିର୍ମମୋ ଭବତି ॥୪୬॥

ଅର୍ଥ– କିଏ ମାୟାରୁ ନିସ୍ତାର ପାଏ ? କେବଳ ସେ ଯେ କି କାମନା ଉଦ୍ରେକ କରୁଥିବା ଇନ୍ଦ୍ରିୟଗ୍ରାହ୍ୟ ବସ୍ତୁ ସମୂହର ସଂସ୍ପର୍ଶ ପରିହାର କରେ, ଯେ ମହାନ୍ ଆଧାତ୍ମିକ ଗୁରୁଙ୍କର ଆଶ୍ରୟ ଗ୍ରହଣ କରି ତାଙ୍କର ସେବା କରେ ଓ ଯେ "ମୋର" ମନଭାବ ଓ ସଂପତ୍ତି ଅଧିକାର ମନୋଭାବରୁ ମୁକ୍ତ ।

ଶବ୍ଦାର୍ଥ– କଃ– କିଏ, ତରତି– ପାର ହୁଏ, ମାୟାମ୍–ଇନ୍ଦ୍ରିୟ–ସମୂହ, ଯଃ– ଯିଏ, ତ୍ୟଜତି– ତ୍ୟାଗ କରେ, ମହାନୁଭାବମ୍– ମହାନ୍ ସନ୍ଥ, ସେବତେ– ସେବା କରେ, ନିର୍ମମ– ମୋର ଭାବରୁ ମୁକ୍ତ, ଭବତି– ହୁଏ ।

ବ୍ୟାଖ୍ୟା– ଦୁସ୍ତର ସଂସାର ସାଗରରେ ନିମଗ୍ନ ବ୍ୟକ୍ତିଙ୍କୁ ପରମ ଆଶ୍ରୟ ପ୍ରଦାନ କରୁଥିବା ବ୍ୟକ୍ତି ହେଉଛନ୍ତି ସନ୍ଥ ।

ସନ୍ଥଙ୍କର ସେବା ଦ୍ୱାରା ସାଂସାରିକ ଆସକ୍ତି ଓ ପାପରୁ ମୁକ୍ତି ମିଳେ । ଯେପରି ଅଗ୍ନିର ଉତ୍ତାପ ଶୀତ ଭୟ ଓ ଅନ୍ଧାର ଦୂର କରେ, ସେପରି ସନ୍ଥ ସେବା ପାପ, ପୁନର୍ଜନ୍ମର ଭୟ ଓ ଅଜ୍ଞତାର ଅନ୍ଧକାର ଦୂର କରେ । ସନ୍ଥ–ସେବା ଭଗବାନଙ୍କର ପ୍ରତି ଭକ୍ତିର ବିକାଶ କରେ ।

ମାୟା ହେଉଛି ପ୍ରଭୁଙ୍କର ଭ୍ରମାତ୍ମକ ଶକ୍ତି ଯାହାକି ଆମକୁ ବାସ୍ତବ ଜଗତରୁ ଦୂରକୁ ଘେନିଯାଏ ଓ କ୍ଷଣସ୍ଥାୟୀ ଇନ୍ଦ୍ରିୟ ସୁଖ ପ୍ରତି ଆକୃଷ୍ଟ କରେ । ମାୟାର କ୍ରିୟା ଅତ୍ୟନ୍ତ ସୂକ୍ଷ୍ମ । ମାୟାର ଅସ୍ତିତ୍ୱ ଜାଣିବା କଷ୍ଟକର । ସାଧକଙ୍କୁ ଅତ୍ୟନ୍ତ ଜାଗ୍ରତ ହେବାକୁ ପଡ଼ିବ ।

କସ୍ତରତି କସ୍ତରତି– କିଏ ମାୟାମୁକ୍ତ ହୁଏ ? ଏହି ପ୍ରଶ୍ନ ଦୁଇଥର ପଚରାଯାଇଛି । ଏଥିରୁ ପ୍ରତୀତ ହୁଏ ଯେ ମାୟାମୁକ୍ତ ହେବା ଅତ୍ୟନ୍ତ ଦୁରୂହ । ପ୍ରଶ୍ନର ପୁନରାବୃତ୍ତି ଯୋଗୁ ଉତ୍ତରର ଗୁରୁତ୍ୱ ବୃଦ୍ଧି ହୁଏ ।

ସଂଗ୍ରାମ- ଏହା ବାହ୍ୟବସ୍ତୁ ପ୍ରତି ଆସକ୍ତି । ପ୍ରକୃତ ତଥା ବଳିଷ୍ଠ ଆସକ୍ତି ହେଉଛି ନିଜର ଅହଂକାର ପ୍ରତି ଆସକ୍ତି । ଏହି ଅହଂକାରର ପ୍ରଥମ ବିନାଶ ଆବଶ୍ୟକ ।

ଶ୍ରୀ ଶଙ୍କର କହନ୍ତି-

ସତ୍ ସଙ୍ଗତ୍ୱେ ନିସଙ୍ଗତ୍ୱଂ ନିସଙ୍ଗତ୍ୱେ ନିର୍ମୋହତ୍ୱମ୍
ନିର୍ମୋହତ୍ୱେ ନିଶ୍ଚଳ ତତ୍ତ୍ୱଂ ନିଶ୍ଚଳ ତତ୍ତ୍ୱେ ଜୀବନ୍ମୁକ୍ତିଃ ।

ଅର୍ଥାତ୍- ସତ୍‌ସଙ୍ଗର ସଂସର୍ଗରେ ଆସିଲେ ବିଷୟ ପ୍ରତି ଅନାସକ୍ତି ଭାବ ଆସେ । ଅନାସକ୍ତି ଯୋଗୁ ମୋହ ଦୂର ହୁଏ । ମୋହ ଦୂର ହେଲେ ଆତ୍ମ-ତତ୍ତ୍ୱ ଅନୁଭୂତ ହୁଏ । ଏହି ସତ୍ୟ ଅନୁଭୂତି ପରେ ଜୀବନ୍ମୁକ୍ତି ଅବସ୍ଥା ଆସେ । ଫଳରେ ବ୍ୟକ୍ତି ସାଂସାରିକ ଲୋକଙ୍କର ସଙ୍ଗ ଭଲ ପାଏ ନାହିଁ । ତାଙ୍କର ମନ ସ୍ଥିର ଓ ଏକାଗ୍ର ହୋଇ ନିଜ ସ୍ୱରୂପରେ ବିଶ୍ରାମ କରେ ।

ସୂତ୍ର-୪୭

ଯୋ ବିବିକ୍ତ ସ୍ଥାନଂ ସେବତେ, ଯୋ ଲୋକ ବନ୍ଧମୁନ୍ମୂଳୟତି ନିସ୍ତ୍ରୈ ଗୁଣ୍ୟୋ ଭବତି, ଯୋଗକ୍ଷେମଂ ତ୍ୟଜତି ॥ ୪୭ ॥

ଅର୍ଥ- ଯେଉଁ ବ୍ୟକ୍ତି ଏକ ନିର୍ଜନ ଓ ପବିତ୍ର ସ୍ଥାନରେ ଆଶ୍ରୟ ଗ୍ରହଣ କରନ୍ତି, ଯେଉଁ ବ୍ୟକ୍ତି ସାଂସାରିକ କାମନା ଓ ବନ୍ଧନର ମୂଳୋତ୍ପାଟନ କରନ୍ତି, ଯିଏ ତ୍ରିଗୁଣର ଉର୍ଦ୍ଧ୍ୱକୁ ଚାଲିଯାଆନ୍ତି, ଏବଂ ସାଂସାରିକ ବସ୍ତୁର ସଂଗ୍ରହ ଓ ସଂରକ୍ଷଣ ତ୍ୟାଗ କରନ୍ତି ।

ଶବ୍ଦାର୍ଥ- ୟଃ- ଯିଏ, ବିବିକ୍ତସ୍ଥାନ- ନିର୍ଜନ ଓ ପବିତ୍ର ସ୍ଥାନ, ସେବତେ- ଆଶ୍ରୟ ଗ୍ରହଣ କରେ, ଲୋକ ବନ୍ଧମ୍- ସାଂସାରିକ ବନ୍ଧନ, ଉନ୍ମୂଳୟତି- ନିର୍ମୂଳ କରେ, ନିସ୍ତ୍ରୈଗୁଣ୍ୟ- ତ୍ରିଗୁଣ ମୁକ୍ତ, ଭବତି- ହୁଏ, ଯୋଗକ୍ଷେମ- ସଂଗ୍ରହ ଓ ସଂରକ୍ଷଣ, ତ୍ୟଜତି- ତ୍ୟାଗ କରେ ।

ବ୍ୟାଖ୍ୟା- ବ୍ୟକ୍ତିର ନିଜ ହୃଦୟ ହିଁ ଧ୍ୟାନ ନିମିତ୍ତ ସର୍ବାଧିକ ଗୁପ୍ତ ଅବା ନିର୍ଜନ ସ୍ଥାନ ଅଟେ ।

ସେହି ସ୍ଥାନ ବାସ୍ତବରେ ନିର୍ଜନ ଯେଉଁଠାରେ ଇନ୍ଦ୍ରିୟଭୋଗ୍ୟ ବସ୍ତୁ ପାଇଁ ବାସନା ଓ ଇନ୍ଦ୍ରିୟ ସୁଖଦାୟୀ ବସ୍ତୁ ନିମିତ୍ତ ଲାଳସା ପ୍ରବେଶ କରିପାରେ ନାହିଁ ।

କେବଳ ବନରେ ଅବସର ନେବାର ଆଧ୍ୟାତ୍ମିକ ମୂଲ୍ୟ ନାହିଁ । ଯାହାର କାମନା ଓ ଲାଳସା ରହିଛି, ସେ ବନରେ ମଧ୍ୟ ପ୍ରଲୋଭନର ସମ୍ମୁଖୀନ ହୁଅନ୍ତି । ଅନ୍ତର୍ନିହିତ

ନୀରବତାର ଅତ୍ୟନ୍ତ ଆବଶ୍ୟକ । ସାଂସାରିକ ଆକର୍ଷଣ ଓ ପ୍ରଲୋଭନକୁ ନିର୍ମୂଳ କରିବା ପାଇଁ ଏହା ସହାୟକ ।

ନିକାଞ୍ଚନରେ ବାସ କଲେ ସାମାଜିକ ସଂପର୍କ ସବୁ ସ୍ୱତଃ ଅବହେଳିତ ହୋଇଯାଏ । ଯଦି ସାଧକ ଆତ୍ମ-ସମୀକ୍ଷା କରନ୍ତି ଓ ଏହି ଦୁଃଖ, ଯନ୍ତ୍ରଣା, ରୋଗ, ମୃତ୍ୟୁ ଓ ଶୋକପୂର୍ଣ୍ଣ ଜୀବନ ସହ ଭଗବାନ ଆଧାରିତ ଜୀବନର ମହାନତା ଓ ମହିମାକୁ ତୁଳନା କରନ୍ତି, ସମସ୍ତ ସାଂସାରିକ ବନ୍ଧନ ଦୂର ହୋଇଥାଏ ।

ଅନାସକ୍ତି ଓ ବୈରାଗ୍ୟର ଅଭ୍ୟାସ ପାଇଁ ନିର୍ଜନ ସ୍ଥାନ ଅନୁକୂଳ ହୋଇଥାଏ । ନିଜ ଇଚ୍ଛାନୁସାରେ ସାଧକ ଆଧ୍ୟାତ୍ମିକ ଅଭ୍ୟାସରେ ନିମଗ୍ନ ରହନ୍ତି । ଅନ୍ୟ ବ୍ୟକ୍ତିଙ୍କ ଦ୍ୱାରା ତାଙ୍କର ଶାନ୍ତି ଭଙ୍ଗ ହୁଏ ନାହିଁ । ସେ ଭଲ ପାଉଥିବା ସୁଖ-ସ୍ୱାଚ୍ଛନ୍ଦ୍ୟ ପରିହାର କରିବାକୁ ବାଧ୍ୟ ହୁଅନ୍ତି କାରଣ ନିକାଞ୍ଚନ ସ୍ଥାନରେ ସବୁ ସୁବିଧା ଉପଲବ୍ଧ ହେବ ନାହିଁ ।

ସମସ୍ତଙ୍କ ନିମିତ୍ତ ନିର୍ଜନତା ଅନୁକୂଳ ନୁହେଁ । ନିର୍ଜନ ସ୍ଥାନରେ ରହିଲେ ବହୁ ବ୍ୟକ୍ତି ଆଳସ୍ୟପରାୟଣ ଓ ଅପରିଚ୍ଛିନ୍ନ ହୋଇ ରହିବେ । ସଂସାରରେ ରହିଲେ ହିଁ ସାଧକଙ୍କର ନୈତିକତାର ବିକାଶ ହୋଇପାରିବ । ଉଚ୍ଚସ୍ତରର ସାଧକଗଣ ହିଁ ନିର୍ଜନ ସ୍ଥାନରେ ବାସ କରିପାରିବେ । ସଂସାର ହିଁ ଶ୍ରେଷ୍ଠ ଶିକ୍ଷକ । ଉଚ୍ଚସ୍ତରର ସାଧକଗଣ ହିଁ ନିର୍ଜନ ବାସରୁ ଲାଭାନ୍ୱିତ ହୋଇପାରିବେ ।

ନିର୍ଜନତା ଭଲ ପାଉଥିବା କବି ଗାନ କରିଥିଲେ- ହେ ନିର୍ଜନତା, ତୁମର ଆକର୍ଷଣ ଶକ୍ତି କେଉଁଠି ? ପ୍ରଭୁ କୃଷ୍ଣ ନିର୍ଜନତା ଉପରେ ଅତ୍ୟନ୍ତ ମହତ୍ତ୍ୱ ପ୍ରଦାନ କରିଅଛନ୍ତି- ବିବିକ୍ତସେବୀ (ଗୀ.୧୮/୫୨) "ବିବିକ୍ତ ଦେଶ ସେବିତ୍ୱମ୍" (ଗୀତା ୧୩/୧୦) । ନିର୍ଜନତା ଦ୍ୱାରା ଅସୀମ ଲାଭ ହୁଏ । ପ୍ରୟାସ ବିନା ମନ ଏକାଗ୍ର ରହେ । ସଂସାରରେ ସବୁ ଦିଗରୁ ବିକ୍ଷେପ ହିଁ ଲାଭ ହୋଇଥାଏ । ଜଣେ ପ୍ରାରମ୍ଭିକ ସ୍ତରର ସାଧକଙ୍କ ପକ୍ଷେ ଲକ୍ଷ୍ୟ ଉପରେ ମନକୁ କେନ୍ଦ୍ରୀତ କରିବା କଷ୍ଟଦାୟକ । ଯୋଗ, ଭକ୍ତି ଓ ଜ୍ଞାନରେ ବିକଶିତ ସ୍ତର ଲାଭ ହୁଏ । ଉନ୍ନତ ସ୍ତର ଲାଭ ପାଇଁ ନିର୍ଜନତା ଅତ୍ୟନ୍ତ ଉପକାରୀ । ରାଜା ଜନକ ଓ ଏକନାଥ ନିର୍ଜନତାର ଜ୍ୱଳନ୍ତ ଉଦାହରଣ । ଅଧିକନ୍ତୁ ସେମାନେ ସବୁ ଯୋଗ ଭ୍ରଷ୍ଟ ଥିଲେ । ପୂର୍ବ ଜୀବନରେ ଘୋର ସାଧନା ଫଳରେ ସେମାନେ ପ୍ରଭୂତ ଆଧ୍ୟାତ୍ମିକ ସଂସ୍କାର ସହ ଜନ୍ମ ହୋଇଥିଲେ ।

କେବଳ ପୃଥିବୀ ସ୍ତରରେ, ଭୁବଲୋକରେ ଓ ସ୍ୱର୍ଗଲୋକରେ ବନ୍ଧନ ଅଛି । କିନ୍ତୁ ମହର୍ଲୋକ, ଜନୋଲୋକ, ତପୋଲୋକ ତଥା ସତ୍ୟଲୋକରେ ବନ୍ଧନ ନାହିଁ ।

ସତ୍ତ୍ୱ ହେଉଛି ଆଲୋକ ବା ଜ୍ଞାନର ପ୍ରତୀକ, ରଜସ ଅଗ୍ନିଗୁଣର ତଥା ତମସ୍ ଅନ୍ଧକାର ଗୁଣର ପ୍ରତୀକ । ସତ୍ତ୍ୱ ହେଉଛି ଆଲୋକ ଓ ସଂହତି, ରଜସ୍ ବାସନା ଓ ଗତିର ତଥା ତମସ୍ ଆଳସ୍ୟ ଓ ଅନ୍ଧକାରର ପ୍ରତୀକ । ଏହି ଶକ୍ତି ସମୂହ ଆତ୍ମାକୁ ସଂସାର ସହ ବନ୍ଧନର କାରଣ ହୋଇଥାଏ ।

ଲୋକ ବନ୍ଧମ୍

ଏସବୁ ସଂସାରର ବନ୍ଧନ ଶକ୍ତି । ତାହା ହେଉଛି ରଜସ୍, ତମସ୍, କାମନା, ଆସକ୍ତି ଓ ଇନ୍ଦ୍ରିୟଜନିତ ସୁଖ ।

ସମସ୍ତ ସାଧନାର ଲକ୍ଷ୍ୟ ହେଉଛି ଏହି ତିନି ଗୁଣର ଉର୍ଦ୍ଧ୍ୱକୁ ଚାଲିଯିବା ।

ଶୃଙ୍ଖଳା, ପୂଜା, ସୁଗୁଣର ଅଭ୍ୟାସ ସ୍ୱାଧ୍ୟାୟ, କୀର୍ତ୍ତନ, ଧ୍ୟାନ, ଗୁରୁସେବା ଓ ବିଭୁକୃପା ବଳରେ ଭକ୍ତ ବା ଯୋଗୀ ତିନିଗୁଣର ଉର୍ଦ୍ଧ୍ୱକୁ ଚାଲିଯାଆନ୍ତି ।

ଇନ୍ଦ୍ରିୟ ଭୋଗ ବସ୍ତୁର ସଂସ୍ପର୍ଶ ଫଳରେ ମୁଁ-ଭାବ ବା ଅହଂକାରର ବୃଦ୍ଧି ହୋଇଥାଏ । ''ମମତ୍ୱ''ର ନିରାକରଣ ଅତ୍ୟନ୍ତ କଷ୍ଟ କର ।

ଯୋଗ କ୍ଷେମ

''ଯୋଗ'' ଅର୍ଥ ବ୍ୟକ୍ତିର ଆବଶ୍ୟକତା ପୂରଣ କରିବା ଓ ''କ୍ଷେମ'' ଅର୍ଥ ଆମର ନିକଟରେ ଥିବା ବସ୍ତୁ ସମୂହର ସୁରକ୍ଷା ।

ଆଧ୍ୟାତ୍ମିକ ଦୃଷ୍ଟିରୁ ''ଯୋଗ''ର ଅର୍ଥ ଭଗବାନଙ୍କର ସହ ମିଳନ ଅବା ଈଶ୍ୱର-ସାକ୍ଷାତ୍କାର ଅବା ଯୋଗ-ସାଧନାର ଅଭ୍ୟାସ । ଯାହା ମାଧ୍ୟମରେ ଈଶ୍ୱର ଉପଲବ୍ଧି ହୋଇଥାଏ । ''କ୍ଷେମ'' ଅର୍ଥ ଈଶ୍ୱର ଉପଲବ୍ଧି ପଥରେ ପ୍ରଗତି । ସଂପୂର୍ଣ୍ଣ ରୂପେ ଭଗବାନଙ୍କର ଉପରେ ନିର୍ଭରଶୀଳ ଭକ୍ତଙ୍କର ପ୍ରଭୁ ସ୍ୱୟଂ ଯୋଗ ଓ କ୍ଷେମ ବହନ କରନ୍ତି ।

ଗୀତାରେ ପ୍ରଭୁ ଶ୍ରୀକୃଷ୍ଣ କହନ୍ତି- ଯେଉଁମାନେ ଅନନ୍ୟ ରୂପେ ମୋ'ଠାରେ ଆଶ୍ରିତ, ଏବଂ ନିଷ୍କାମଭାବେ ମୋର ଉପାସନା କରନ୍ତି ଓ ମୋ'ଠାରେ ନିତ୍ୟଯୁକ୍ତ ହୋଇଥିବା ଭକ୍ତଙ୍କର ମୁଁ ସ୍ୱୟଂ ଯୋଗ ଓ କ୍ଷେମ ବହନ କରେ । (ଗୀତା ୯/୨୨)

ଯେତେବେଳେ ସାଧକ ଗଭୀର ଭକ୍ତିର ବିକାଶ କରନ୍ତି, ସେ ଯୋଗ ଓ କ୍ଷେମ ପରିହାର କରିଥାଆନ୍ତି ।

ଏହି ସୂତ୍ରର ଚିନ୍ତାଧାରା ଗୀତା (୨/୪୫)ରେ ପରିଲକ୍ଷିତ ହୁଏ- "ବେଦ ତ୍ରିଗୁଣ ବିଷୟରେ ଆଲୋଚନା କରେ । ହେ ଅର୍ଜୁନ, ତୁମେ ତ୍ରିଗୁଣାତୀତ ହୁଅ । ତୁମେ ସୁଖ-ଦୁଃଖ, ହାନି-ଲାଭ ଆଦି ଦ୍ୱନ୍ଦ୍ୱର ଉର୍ଦ୍ଧ୍ୱକୁ ଯାଇ ନିରନ୍ତର ନିତ୍ୟ-ସତ୍ତ୍ୱ ପରମାତ୍ମାଙ୍କ ଠାରେ ସ୍ଥିତ ହୋଇଯାଅ । ଯୋଗ କ୍ଷେମର ଅଭିଳାଷ ନରଖି ପରମାତ୍ମା ପରାୟଣ ହୋଇଯାଅ ।

ସୂତ୍ର-୪୮

ଯଃ କର୍ମଫଳଂ ତ୍ୟଜତି କର୍ମାଣି ସଂନ୍ୟସ୍ୟତି, ତତୋ ନିର୍ଦ୍ୱନ୍ଦ୍ୱ ଭବତି ॥୪୮॥

ଅର୍ଥ- ଯେଉଁ ବ୍ୟକ୍ତି କର୍ମଫଳକୁ ତ୍ୟାଗ କରେ, କର୍ମକୁ ମଧ୍ୟ ତ୍ୟାଗ କରି ଏବଂ ସବୁ କିଛି ତ୍ୟାଗ କରି ନିର୍ଦ୍ୱନ୍ଦ୍ୱ ହୋଇଯାଏ ।

ଶବ୍ଦାର୍ଥ- ଯଃ-ଯିଏ, କର୍ମଫଳମ୍- କର୍ମର ଫଳ, ତ୍ୟଜତି- ତ୍ୟାଗ କରେ, କର୍ମାଣି- କର୍ମସମୂହ, ସଂନସ୍ୟତି- ତ୍ୟାଗ କରେ, ତତଃ- ତା'ପରେ, ନିର୍ଦ୍ୱନ୍ଦ୍ୱ- ଦ୍ୱନ୍ଦ୍ୱ-ମୁକ୍ତ, ଭବତି- ହୁଏ ।

ବ୍ୟାଖ୍ୟା- ଭକ୍ତ ଯାହାକିଛି ମଧ୍ୟ କରନ୍ତି, ସେ ପ୍ରଭୁଙ୍କ ନିମନ୍ତେ କରନ୍ତି । ସେ ତାଙ୍କର କର୍ମ ନିମନ୍ତେ କୌଣସି ପୁରସ୍କାର ଆଶା କରନ୍ତି ନାହିଁ । ଅଧିକନ୍ତୁ, କର୍ମ ପ୍ରତି କିମ୍ବା କର୍ମଫଳ ପ୍ରତି ତାଙ୍କର କୌଣସି ଆସକ୍ତି ନ ଥାଏ ।

ଯେତେବେଳେ ଭକ୍ତ ଅନୁଭବ କରନ୍ତି ଯେ ସେ ପ୍ରଭୁଙ୍କ ହସ୍ତରେ ଏକ ସାଧନ, ସେ କର୍ତ୍ତାଭାବ ଓ ଭୋକ୍ତାଭାବ ପରିହାର କରନ୍ତି । ଯେତେବେଳେ ଭକ୍ତ ସଂପୂର୍ଣ୍ଣ ଆତ୍ମସମର୍ପଣ କରନ୍ତି, ଭଗବାନ ତାଙ୍କର ଅହଂକାର ବିନାଶ କରନ୍ତି ଓ ତାଙ୍କର ଇନ୍ଦ୍ରିୟ ମାଧ୍ୟମରେ କର୍ମ କରନ୍ତି । ବର୍ତ୍ତମାନ ଭକ୍ତ ସୁଖ-ଦୁଃଖ ଦ୍ୱନ୍ଦ୍ୱରୁ ମୁକ୍ତ ହୁଅନ୍ତି ।

ସମସ୍ତ କର୍ମର ଅର୍ଥ ଏଠାରେ କାମ୍ୟ କର୍ମ ଅବା ସ୍ୱାର୍ଥାନ୍ୱେଷୀ କର୍ମ ବୁଝାଯାଏ । କର୍ମ ବିନା ଜୀବନ ସମ୍ଭବ ନୁହେଁ । ନିଷ୍କାମ କର୍ମର ସଂପାଦନ ଚାଲୁ ରହିବା ଆବଶ୍ୟକ ।

ଯେତେବେଳେ ଭକ୍ତ ତାଙ୍କର କର୍ମଫଳ ଏବଂ କର୍ମ ମଧ୍ୟ ପ୍ରଭୁଙ୍କୁ ଉତ୍ସର୍ଗ କରନ୍ତି, ସେ ଧାର୍ମିକ ଓ ତ୍ରୁଟିପୂର୍ଣ୍ଣ କର୍ମରୁ ମୁକ୍ତ ହୋଇଯାନ୍ତି । ସେ ସୁଖ-ଦୁଃଖ ଅବା ହାନି-ଲାଭ ଆଦି ଦ୍ୱନ୍ଦ୍ୱ ଦ୍ୱାରା ପ୍ରଭାବିତ ହୁଅନ୍ତି ନାହିଁ । ଏପରି ଏକ ଭକ୍ତ ଗୁଣ ଦ୍ୱାରା

ପ୍ରଭାବିତ ହୁଅନ୍ତି ନାହିଁ । ସେ ସର୍ବଦା ଭଗବାନଙ୍କର ସ୍ମରଣରେ ନିମଗ୍ନ ରହନ୍ତି । ସ୍ୱାର୍ଥପର କର୍ମ ତାଙ୍କୁ ଆକର୍ଷିତ କରିପାରେ ନାହିଁ ।

ତୁମେ ଯାହାକୁ ସଂସାର କୁହ, ତାହା ଏହି କାନ୍ଥ କିମ୍ବା ପଥର ବା ବୃକ୍ଷ ନୁହେଁ । ସଂସାର ହେଉଛି ଏକ ଲୀଳା ଯାହାକି ରାଗ-ଦ୍ୱେଷରୂପୀ ଦ୍ୱନ୍ଦ୍ୱ ଦ୍ୱାରା ମନକୁ ପ୍ରଭାବିତ କରେ । ଯେଉଁ ବ୍ୟକ୍ତି ରାଗ-ଦ୍ୱେଷ ରୂପୀ ଦ୍ୱନ୍ଦ୍ୱ ଉପରେ ବିଜୟ ଲାଭ କରନ୍ତି, ବାସ୍ତବରେ ସେ ସମଗ୍ର ପୃଥିବୀ ଉପରେ ବିଜୟ ଲାଭ କରନ୍ତି । ଶୀତ ଓ ଉଷ୍ଣ ଶରୀରକୁ ପ୍ରଭାବିତ କରେ ଓ ସୁଖ-ଦୁଃଖ ମନକୁ ପ୍ରଭାବିତ କରେ । ଯେଉଁ ବ୍ୟକ୍ତି ଏହି ଦ୍ୱନ୍ଦ୍ୱର ଉର୍ଦ୍ଧ୍ୱକୁ ଚାଲିଯାଆନ୍ତି, ସେ ମାନସିକ ସନ୍ତୁଳନ ରକ୍ଷା କରନ୍ତି । ଏହା ଜୀବନ୍ମୁକ୍ତଙ୍କର ଏକ ମହତ୍ତ୍ୱପୂର୍ଣ୍ଣ ସଙ୍କେତ ।

ସୂତ୍ର-୪୯

ଯୋ ବେଦାନପି ସଂନସ୍ୟତି, କେବଳ ମବିଚ୍ଛିନ୍ନାନୁରାଗଂ ଲଭତେ ।।୪୯।।

ଅର୍ଥ- ଯେଉଁ ବ୍ୟକ୍ତି ବେଦକୁ ମଧ୍ୟ ଉତ୍ତମ ରୂପେ ପରିତ୍ୟାଗ କରନ୍ତି ଏବଂ ବେଦ ନିର୍ଦ୍ଦେଶିତ କର୍ମକାଣ୍ଡ ମଧ୍ୟ ପରିହାର କରନ୍ତି, ତାଙ୍କୁ ଅବିଚ୍ଛିନ୍ନ, ଅଖଣ୍ଡ ଓ ଅସୀମ ଭଗବତ୍ ପ୍ରେମ ଲାଭ ହୁଏ ।

ଶବ୍ଦାର୍ଥ- ଯଃ- ଯିଏ, ବେଦାନ୍- ବେଦ ସମୂହ, ଅପି- ମଧ୍ୟ, ସଂନସ୍ୟତି- ତ୍ୟାଗ କରେ, କେବଳମ୍- କେବଳ, ଅବିଚ୍ଛିନ୍ନାନୁରାଗଂ- ଅଖଣ୍ଡ ପ୍ରବାହ, ଲଭତେ- ଲାଭ କରେ ।

ବ୍ୟାଖ୍ୟା- ଏଠାରେ ବେଦ ଅର୍ଥ କର୍ମକାଣ୍ଡ ବିଭାଗକୁ ସୂଚୀତ କରେ । ଈଶ୍ୱର ଉପଲବ୍ଧି କରିଥିବା ବ୍ୟକ୍ତିଙ୍କର ବେଦ ନିର୍ଦ୍ଦେଶିତ କର୍ମକାଣ୍ଡର ଆବଶ୍ୟକତା ନାହିଁ । କିନ୍ତୁ ପ୍ରାରମ୍ଭିକ ସ୍ତରରେ ଈଶ୍ୱର ଉପଲବ୍ଧିର ସହାୟକ ସାଧନ ରୂପେ ତାହା ପ୍ରୟୋଗ କରାଯାଇପାରେ ।

କେବଳମ୍- ଈଶ୍ୱର ପ୍ରେମକୁ ସାଂସାରିକ ବିଷୟଭୋଗ ସଦୃଶ ଅଳୀକ ବସ୍ତୁ ସହ ସମ୍ମିଶ୍ରଣ କରିବା ଅନୁଚିତ । ଏହି ଅବସ୍ଥାରେ ଜାତ ଈଶ୍ୱର-ପ୍ରେମ ଈଶ୍ୱର-ଉପଲବ୍ଧି ନ ହେବା ଯାଏ ସନ୍ତୋଷ ଲାଭ କରେ ନାହିଁ । ଏହି ପ୍ରେମ ହେଉଛି ମୁଖ୍ୟ ଭକ୍ତି ଯାହାକି ପରାଭକ୍ତିକୁ ମାର୍ଗ ପ୍ରଦର୍ଶନ କରେ ।

ବେଦର ତ୍ୟାଗ ବାସ୍ତବରେ ବାସନା ତ୍ୟାଗକୁ ବୁଝାଏ ।

ଯେତେବେଳେ ଭକ୍ତଙ୍କର ଭକ୍ତିରେ ପ୍ରଗତି ହୁଏ, ସେ ଭଗବାନଙ୍କ ଠାରେ ନିମଗ୍ନ ହୁଅନ୍ତି । ସେ ବେଦର କର୍ମକାଣ୍ଡ କିମ୍ବା ସାଂସାରିକ କର୍ମ ସଂପାଦନରେ ସମର୍ଥ ହୁଅନ୍ତି ନାହିଁ । ଭକ୍ତ ବେଦର ଅନ୍ତିମ ଲକ୍ଷ୍ୟ ଅନୁଭବ କରିଥାଆନ୍ତି । ଭକ୍ତ ଜାଣିଶୁଣି ବେଦର ପରିହାର କରନ୍ତି ନାହିଁ । ଯେହେତୁ ସେ ଜୀବନର ଅନ୍ତିମ ଲକ୍ଷ୍ୟ ଉପଲବ୍ଧି କରି ଅଛନ୍ତି, ବେଦ ଭକ୍ତଙ୍କ ଉପରୁ ନିୟନ୍ତ୍ରଣ ପ୍ରତିହାର କରନ୍ତି । ବର୍ତ୍ତମାନ ସେ ବେଦର ନିର୍ଦ୍ଦେଶର ଉର୍ଦ୍ଧ୍ୱରେ ।

ଏପରିକି ମୁହୂର୍ତ୍ତେ ପାଇଁ ମଧ୍ୟ ବିରାମ ନ କରି ପ୍ରେମର ଅବିଚ୍ଛିନ୍ନ ପ୍ରବାହକୁ "ଅବିଚ୍ଛିନ୍ନ ଅନୁରାଗ" କୁହାଯାଏ । ଯାହାର ଏତାଦୃଶ ଅବିଚ୍ଛିନ୍ନ ପ୍ରେମର ପ୍ରବାହ ରହିଛି, ତାଙ୍କ ନିମନ୍ତେ ବେଦ କୌଣସି ରୁଚି ପ୍ରଦର୍ଶନ କରନ୍ତି ନାହିଁ । ସେହି କାରଣରୁ ଗୀତା କହନ୍ତି–

ସବୁ ଦିଗରୁ ପରିପୂର୍ଣ୍ଣ ଜଳାଶୟକୁ ପାଇବା ପରେ ଯେପରି ମନୁଷ୍ୟର ଛୋଟ ଗାଡ଼ିଆର ଜଳର ଆବଶ୍ୟକତା ନ ଥାଏ, ବ୍ରହ୍ମଜ୍ଞାନୀଙ୍କ ନିମିତ୍ତ ବେଦର ସେପରି ପ୍ରୟୋଜନ ନ ଥାଏ ।

ସୂତ୍ର–୫୦

ସ ତରତି ସ ତରତି ସ ଲୋକାଂ ସ୍ତାରୟତି ।। ୫୦ ।।

ଅର୍ଥ– ସେ ସଂସାର ସାଗରର ମାୟାକୁ ପାର ହୁଅନ୍ତି । ସେ ମାନବ ସମାଜକୁ ମଧ୍ୟ ମୁକ୍ତି ପ୍ରଦାନ କରନ୍ତି ।

ଶବ୍ଦାର୍ଥ– ସଃ– ସେ, ତରତି– ପାର ହୁଅନ୍ତି, ଲୋକାନ୍– ମାନବ ସମାଜକୁ,

ବ୍ୟାଖ୍ୟା– ସେ ସମସ୍ତ ସୀମାର ଉର୍ଦ୍ଧ୍ୱକୁ ଚାଲିଯାଆନ୍ତି । ସେ ମାୟାକୁ ପରାଭୂତ କରନ୍ତି ଏବଂ ସଂସାର ସାଗର ଓ ଦୁଃଖ ଯନ୍ତ୍ରଣାରୁ ତରି ଯାଆନ୍ତି । ସେ ସଂସାରର ବାସ୍ତବ ତ୍ରାଣକର୍ତ୍ତା ସିଦ୍ଧ ହୋଇଥାଆନ୍ତି । ସେ ସମଗ୍ର ବିଶ୍ୱକୁ ପୁନୀତ କରନ୍ତି ।

୪୬ତମ ସୂତ୍ରରେ ଉଠାଯାଇଥିବା ପ୍ରଶ୍ନ ଯେ କିଏ ମାୟାକୁ ପାର ହୁଅନ୍ତି ପରବର୍ତ୍ତୀ ସୂତ୍ରରେ ଉତ୍ତର ପ୍ରଦତ୍ତ ହୋଇଛି ।

ଈଶ୍ୱର ଉପଲବ୍ଧି କରିଥିବା ଜଣେ ସନ୍ଥ ମୁହୂର୍ତ୍ତ ମଧ୍ୟରେ ଅନ୍ୟକୁ ଦିବ୍ୟ ସ୍ଥିତି ପ୍ରଦାନ କରିପାରନ୍ତି । ଜଣେ ଦୁର୍ବଳ ସନ୍ତରଣକାରୀ ବୁଡ଼ିଯାଉଥିବା ବ୍ୟକ୍ତିକୁ ସାହାଯ୍ୟ

କରିପାରନ୍ତି ନାହିଁ । ଯେ ସଂସାରରେ ନିମଜ୍ଜିତ ସେ ଅନ୍ୟକୁ ଦିବ୍ୟ ସ୍ଥିତିକୁ ଉନ୍ନୀତ କରିପାରିବେ ନାହିଁ । ସେ ଅନ୍ୟମାନଙ୍କୁ ଈଶ୍ୱରଚେତନା ପ୍ରଦାନ କରିପାରିବେ ନାହିଁ ।

ଅନୁରାଗ– ପୂର୍ବ ସୂତ୍ରରେ କଥିତ ଏହି ଶବ୍ଦ ଭକ୍ତିର ପାହାଚର ଶ୍ରେଷ୍ଠ ସ୍ଥିତି ବୁଝାଏ । ଏହାହିଁ କେବଳ ଉପାୟ ଯାହାକି ସାଧକଙ୍କୁ ମାୟା ତଥା ଅନ୍ୟ ଦୁର୍ବଳତା ଅତିକ୍ରାନ୍ତ କରିବାରେ ସହାୟକ ହୋଇଥାଏ । ଏହା ଫଳରେ ଅନ୍ୟମାନଙ୍କୁ ଦୁର୍ବାର ସଂସାର ସାଗର ପାର ହେବାରେ ଓ ଲକ୍ଷ୍ୟସ୍ଥଳରେ ଉପନୀତ ହେବାରେ ସାହାଯ୍ୟ କରନ୍ତି ।

ଏହି ଉତ୍ତୁଙ୍ଗ ଭକ୍ତି–ଭାବ ଲାଭର ଉପାୟ ଓ ଅନ୍ୟମାନେ ଲାଭ କରିଥିବା ଭକ୍ତିର ଲକ୍ଷଣ ଉପରୋକ୍ତ ସୂତ୍ରରେ ବର୍ଣ୍ଣିତ ହୋଇଅଛି ।

ପରବର୍ତ୍ତୀ ଅଧ୍ୟାୟରେ ଦେବର୍ଷି ନାରଦ ଦିବ୍ୟଗୁଣର ସର୍ବୋଚ୍ଚ ସ୍ଥିତି ଲାଭ କରିବାରେ ସହାୟକ ଦିବ୍ୟ–ପ୍ରେମର ସ୍ୱରୂପ ବିଷୟ ଚିତ୍ରଣ କରିଛନ୍ତି ।

ସଂସାରକୁ ସାଗର ସହ ତୁଳନା କରାଯାଏ (ଭବସାଗର)। ତୃଷ୍ଣାସମୂହକୁ ମକର ଅବା କୁମ୍ଭୀର ସହ ତୁଳନା କରାଯାଇଛି । ବାସନା ସମୂହ ତିମି ସଦୃଶ । ଇନ୍ଦ୍ରିୟଗଣ ନଦୀ । ତ୍ରିଗୁଣ ସବୁ ତରଙ୍ଗ । ରାଗ–ଦ୍ୱେଷ ଆଦି କ୍ଷୁଦ୍ର–ତରଙ୍ଗ । ଅଜ୍ଞତା ହିଁ ନିମ୍ନରେ ଥିବା ତରଙ୍ଗ । ଅହଂକାର ହେଉଛି ନିର୍ଯ୍ୟାସ । ପ୍ରଭୁ କୃଷ୍ଣ କହନ୍ତି– “ଯେଉଁମାନେ ସମସ୍ତ କର୍ମ ମୋ’ଠାରେ ଅର୍ପଣ କରି, ମତ୍ ପରାୟଣ ହୋଇ ଅନନ୍ୟ ଯୋଗରେ ମୋତେ ଧ୍ୟାନ କରନ୍ତି, ମୋ’ଠାରେ ଚିତ୍ତ ନିବେଶ କରିଥିବା ସେହି ଭକ୍ତଗଣଙ୍କୁ ମୁଁ ମୃତ୍ୟୁରୂପୀ ସଂସାର ସାଗରରୁ ଶୀଘ୍ର ଉଦ୍ଧାର କରେ ।” (ଗୀତା ୧୨/୬–୭)

□□□

ପ୍ରେମର ସ୍ୱରୂପ

ସୂତ୍ର–୫୧

ଅନିର୍ବଚନୀୟ ପ୍ରେମ ସ୍ୱରୂପମ୍ ।। ୫୧ ।।

ଅର୍ଥ– ପ୍ରେମର ସ୍ୱରୂପ ଅନିର୍ବଚନୀୟ ଅଟେ ।

ଶବ୍ଦାର୍ଥ– ଅନିର୍ବଚନୀୟମ୍‌- ଭାଷାରେ ପ୍ରକାଶ କରିବା କଷ୍ଟକର । ପ୍ରେମସ୍ୱରୂପମ୍‌- ପ୍ରେମର ସ୍ୱରୂପ ।

ବ୍ୟାଖ୍ୟା– ଦିବ୍ୟ ପ୍ରେମର ଅନ୍ତର୍ନିହିତ ସ୍ୱଭାବ ବର୍ଣ୍ଣନାତୀତ । ଭକ୍ତି ଏକ ଏତେ ଗଭୀର ଅନୁଭବ ଯେ ଏହାକୁ ପ୍ରକୃତରେ ବର୍ଣ୍ଣନା କରିବା ଅସମ୍ଭବ ।

ଭକ୍ତିର ମାର୍ଗ ବର୍ଣ୍ଣନା କରିବା ସମ୍ଭବ । କିନ୍ତୁ ଭକ୍ତିର ମାଧୁରିମା ବର୍ଣ୍ଣନା କରିହେବ ନାହିଁ । କଦାପି ଖାଇ ନ ଥିବା ବ୍ୟକ୍ତିଙ୍କ ନିକଟରେ ଆତ ର ସ୍ୱାଦ ବର୍ଣ୍ଣନା କରିବା ଯେତେବେଳେ ଅସମ୍ଭବ, ପରମପ୍ରେମର ଆନନ୍ଦକୁ କିପରି ଭାଷାରେ ପ୍ରକାଶ କରାଯାଇପାରିବ ? ପ୍ରେମ ହେଉଛି ହୃଦୟରେ ଅନୁଭୂତ ଏକ ଭାବ ବା ଆବେଗ । ଜଳ ମଧ୍ୟରେ ନିମଜ୍ଜିତ ହୋଇଥିବା ବେଳେ ବ୍ୟକ୍ତି ବାର୍ତ୍ତାଳାପ କରିପାରେ ନାହିଁ । ସେହିପରି ଯେତେବେଳେ ଭକ୍ତ ଦିବ୍ୟ ପ୍ରେମର ସାଗରରେ ବୁଡ଼ି ଥାଆନ୍ତି ସେ ବାର୍ତ୍ତାଳାପ କରିପାରନ୍ତି ନାହିଁ ।

ଚତୁର୍ଥ ଅଧ୍ୟାୟର ଷୋହଳଟି ସୂତ୍ର ଭକ୍ତିର ଲକ୍ଷଣ ବିଷୟ ବର୍ଣ୍ଣନା କରନ୍ତି ।

ବିଶେଷ୍ୟ ଓ ସର୍ବନାମ ଆଦି ବାହ୍ୟ ବସ୍ତୁ କିମ୍ବା ତାଙ୍କର ଗୁଣକୁ କେବଳ ନାମ ଦେବାରେ ଆବଶ୍ୟକ ହୋଇଥାଏ । ବିଶେଷଣ ଗୋଟିଏ ବସ୍ତୁର ଗୁଣକୁ ପ୍ରକାଶ କରିଥାଏ । କ୍ରିୟା ଏକ କର୍ମକୁ ଓ କ୍ରିୟା ବିଶେଷଣ ସେହି କର୍ମର ଢଙ୍ଗ ଅବା କାଳ ବିଷୟରେ ଆଲୋକପାତ କରେ ।

ବାଣୀ ବାହ୍ୟବସ୍ତୁକୁ ବର୍ଣ୍ଣନା କରେ । ପ୍ରେମ, ଭକ୍ତି ଅବା ଦିବ୍ୟପ୍ରେମ ବାହ୍ୟବସ୍ତୁରୁ ସୃଷ୍ଟ ଆବେଗରୁ ଜାତ ହୋଇ ନଥାଏ । ସୁତରାଂ ଶବ୍ଦ ବା ବାଣୀ ଏହାକୁ ଅଭିବ୍ୟକ୍ତି କରିବାରେ ସମର୍ଥ ନୁହେଁ । ଭକ୍ତଙ୍କର ଅନ୍ତର୍ନିହିତ ଭାବକୁ ଲୋତକ ବା ଦୀର୍ଘଶ୍ୱାସର ଭାଷା କିୟଦ୍ ଅଂଶରେ ବ୍ୟକ୍ତ କରିପାରେ ।

ଏହା ସ୍ୱୟଂ ଭକ୍ତ ହିଁ ଅନୁଭବ କରିଥାଆନ୍ତି । ଏପରିକି ସାଂସାରିକ ସ୍ତରରେ ମଧ୍ୟ ମିଶ୍ରି ଖାଇ ନ ଥିବା ବ୍ୟକ୍ତିଙ୍କୁ ମିଶ୍ରିର ସ୍ୱାଦ ବୁଝାଇବା ଅସମ୍ଭବ । ସେହିପରି ସୂର୍ଯ୍ୟ ଓ ସୂର୍ଯ୍ୟକିରଣ ବିଷୟ ଜଣେ ଅନ୍ଧ ବ୍ୟକ୍ତିଙ୍କୁ ବୁଝାଇବା ମଧ୍ୟ ଅସମ୍ଭବ । ସୁତରାଂ ଅନିର୍ବଚନୀୟ ଶବ୍ଦ ଏଠାରେ ବ୍ୟବହୃତ ହୋଇଛି ।

ସୂତ୍ର–୫୨

ମୂକାସ୍ୱାଦନବତ୍ ॥ ୫୨ ॥

ଅର୍ଥ– ଜଣେ ମୂକବ୍ୟକ୍ତିର ସ୍ୱାଦ ସଦୃଶ ।

ଶବ୍ଦାର୍ଥ– ମୂକ– ଘୁଙ୍ଗା, ଆସ୍ୱାଦନ– ସ୍ୱାଦ, ବତ୍–ସଦୃଶ ।

ବ୍ୟାଖ୍ୟା– ଜଣେ ମୂକ ବ୍ୟକ୍ତିର ସ୍ୱାଦ ସଦୃଶ ପ୍ରେମର ସ୍ୱରୂପ ଅବର୍ଣ୍ଣନୀୟ । ଏକ ମୂକ ବ୍ୟକ୍ତି ସୁସ୍ୱାଦୁ ଖାଦ୍ୟର ସ୍ୱାଦ ବର୍ଣ୍ଣନା କରିବା ସଦୃଶ । ବାହ୍ୟ ଉଦ୍ଦୀପନା ବିନା ସୃଷ୍ଟି ହୋଇଥାଏ ଦିବ୍ୟପ୍ରେମର ପ୍ରତ୍ୟକ୍ଷ ଅଭିଜ୍ଞତା । ଭଗବାନ ବା ବ୍ରହ୍ମଙ୍କର ଦୃଶ୍ୟ ଭକ୍ତଙ୍କର ଜୀବନକୁ ପରିବର୍ତ୍ତିତ କରିଥାଏ । ଏହା ଏକ ରୋମାଞ୍ଚ ନୁହେଁ । ଏହା ସାଧାରଣ ଆତ୍ମବିସ୍ମୃତି ନୁହେଁ । ଭକ୍ତ ହୃଦୟ ମଧ୍ୟରେ ପ୍ରଭୁଙ୍କର ସ୍ପର୍ଶ ଅନୁଭବ କରିଥାଆନ୍ତି । ମୂକ ବ୍ୟକ୍ତି ସ୍ମିତ ହସ ମାଧ୍ୟମରେ ତାଙ୍କର ଅଭିଜ୍ଞତାକୁ ପ୍ରକାଶ କରିଥାଆନ୍ତି । ସେ ଆନନ୍ଦରେ ବିଭୋର ହୋଇ ନୃତ୍ୟ କରିପାରନ୍ତି । ଦିବ୍ୟପ୍ରେମର ଅଭିଜ୍ଞତାକୁ ସନ୍ଥଗଣ ବର୍ଣ୍ଣନା କରିବାର ପ୍ରୟାସ କରିଥାଆନ୍ତି । ସେମାନେ କହନ୍ତି– ଏହା ସୁସ୍ୱାଦୁ ଖାଦ୍ୟ, ସ୍ୱାଦିଷ୍ଟ ଫଳ ମିଠା ଶରବତ, ସ୍ୱର୍ଗୀୟ ଅମୃତ, ମଧୁ ଓ ପଞ୍ଚାମୃତ ସଦୃଶ ସୁସ୍ୱାଦୁ ।

ସୂତ୍ର–୫୩

ପ୍ରକାଶତେ କ୍ୱାପି ପାତ୍ରେ ॥ ୫୩ ॥

ଅର୍ଥ– କୌଣସି ବିରଳ ଯୋଗ୍ୟ ପାତ୍ରରେ (ପ୍ରେମୀ ଭକ୍ତଙ୍କ ଠାରେ) ଏପରି ପ୍ରେମ ପ୍ରକଟ ହୋଇଥାଏ ।

ଶବ୍ଦାର୍ଥ– କ୍ୱାପି– କେତେକ, ଯେଉଁଠାରେ ସବୁକିଛି ଅନୁକୂଳ ବୋଧ ହୁଏ, ପାତ୍ରେ– ପାତ୍ରରେ, ପ୍ରକାଶତେ– ପ୍ରକାଶିତ ହୁଏ ।

ବ୍ୟାଖ୍ୟା– ସନ୍ଥଙ୍କ ସାନ୍ନିଧ୍ୟରେ କ'ଣ ଲାଭ ଯଦି ପ୍ରେମାଭକ୍ତିକୁ ଭାଷାରେ ବ୍ୟକ୍ତ କରିହେବ ନାହିଁ । ଏହା ଫଳରେ ଭକ୍ତିଭାବକୁ ପ୍ରକାଶ କରିହେବ ନାହିଁ ।

ଏହାର ଉତ୍ତର ହେଉଛି ଭକ୍ତିଭାବ ଚିନ୍ତା ମାଧ୍ୟମରେ ଅନ୍ୟଠାରେ ବ୍ୟକ୍ତ କରିହେବ କିନ୍ତୁ ସ୍ଥୂଳ ମାଧ୍ୟମରେ ନୁହେଁ ।

ଯୋଗ୍ୟ ବ୍ୟକ୍ତିଙ୍କ ନିକଟରେ ଏହା ପ୍ରକାଶ କରିହେବ ।

ଦିବ୍ୟପ୍ରେମର କିରଣ ସନ୍ଥଙ୍କର ଚକ୍ଷୁ ମାଧ୍ୟମରେ ଓ ଶରୀରର ପ୍ରତ୍ୟେକ ଲୋମକୂପ ଦ୍ୱାରା ପ୍ରକାଶିତ ହୁଏ ।

ଏଥି ନିମନ୍ତେ ଅବଲମ୍ବନ କରାଯାଉଥିବା ଯୋଗ୍ୟତା ବିଷୟ ପୂର୍ବରୁ ଆଲୋଚିତ ହୋଇଅଛି । ଯଥା ବିଷୟ ତ୍ୟାଗ, ସଙ୍ଗତ୍ୟାଗ, ଅବ୍ୟାହୃତ ଭାଜନ, ଭଗବତ୍ ଗୁଣ ଶ୍ରବଣ ଓ କୀର୍ତ୍ତନ ଇତ୍ୟାଦି ।

କ୍ୱାପି– କୌଣସିଠାରେ କୌଣସି ସମୟରେ । ଏପରି ବ୍ୟକ୍ତିଙ୍କର ବିରଳତା ବିଷୟରେ ଏଠାରେ ସୂଚୀତ କରାଯାଇଛି । ବହୁ ଲକ୍ଷ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ପ୍ରଭୁଙ୍କର କୃପାଲାଭର୍ ଯୋଗ୍ୟ । ଜଣେ ସନ୍ଥ ମଧ୍ୟ ଅତ୍ୟନ୍ତ ବିରଳ ରୂପେ ପୃଥିବୀରେ ଦୃଶ୍ୟମାନ ହୁଅନ୍ତି । ଏପରି ଏକ ସନ୍ଥଙ୍କର ଆବିର୍ଭାବ ହେବା ପୂର୍ବରୁ ଅନେକ ପିଢି ଅତିବାହିତ ହୋଇଥାଏ ।

ପ୍ରେମର ସ୍ରୋତ ଅବା ଆଧ୍ୟାତ୍ମିକ ଜ୍ୟୋତି ଗୁରୁଙ୍କଠାରୁ ଯୋଗ୍ୟ ଶିଷ୍ୟଙ୍କ ନିକଟକୁ ପ୍ରବାହିତ ହୁଏ । ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ଏହି ଚିନ୍ତାସ୍ତରରେ ପ୍ରେରଣ ହୋଇଥାଏ । ଜ୍ଞାନାଲୋକ ଲାଭ ପାଇଁ ଶିଷ୍ୟ ଯୋଗ୍ୟ ହେବା ବାଞ୍ଛନୀୟ । ଉତ୍ତମ ରୂପେ ପ୍ରସ୍ତୁତ ଭୂମିରେ ବୀଜର ଅଙ୍କୁର ଉଦ୍‌ଗମ ଓ ବୃଦ୍ଧି ହୋଇଥାଏ । ସଂକଳ୍ପ ଓ ଦୃଷ୍ଟି ମାଧ୍ୟମରେ ଗୁରୁ ଶିଷ୍ୟଙ୍କ ଠାରେ ଶକ୍ତି ସଂଚାର କରିଥାନ୍ତି ।

ସୂତ୍ର–୫୪

ଗୁଣ ରହିତଂ କାମନା ରହିତଂ ପ୍ରତିକ୍ଷଣ ବର୍ଦ୍ଧମାନମବିଚ୍ଛିନ୍ନମ୍ ସୂକ୍ଷ୍ମତର ମନୁଭବ ରୂପମ୍ ।। ୫୪ ।।

ଅର୍ଥ– ଏହି ଦିବ୍ୟ ପ୍ରେମ ଗୁଣ ରହିତ, କାମନା ରହିତ, ପ୍ରତିକ୍ଷଣ ଅଭିବୃଦ୍ଧି ହୁଏ, ବିଚ୍ଛେଦରହିତ, ସୂକ୍ଷ୍ମରୁ ମଧ୍ୟ ସୂକ୍ଷ୍ମତର ଓ ଅନୁଭବ ରୂପ ଅଟେ ।

ଶବ୍ଦାର୍ଥ– ଗୁଣରହିତ– ସମସ୍ତ ଗୁଣମୁକ୍ତ, କାମନାରହିତ– କାମନାବର୍ଜିତ, ପ୍ରତିକ୍ଷଣ ବର୍ଦ୍ଧମାନ– ପ୍ରତିମୁହୂର୍ତ୍ତରେ ବର୍ଦ୍ଧନଶୀଳ, ଅବିଚ୍ଛିନ୍ନ– ଅବିରତ ଭାବେ ଗତିଶୀଳ, ସୂକ୍ଷ୍ମତର– ଅତ୍ୟନ୍ତ ସୂକ୍ଷ୍ମ, ଅନୁଭବ ରୂପମ୍– ଅନ୍ତର୍ନିହିତ ଅଭିଜ୍ଞତାର ପରିପ୍ରକାଶ ।

ଦିବ୍ୟପ୍ରେମ ପ୍ରତି ମୁହୂର୍ତ୍ତରେ ତୀବ୍ରତା ଓ ପ୍ରଗଢ଼ତାରେ ବୃଦ୍ଧି ପାଏ । ଏହାର ପ୍ରବାହ ଅବିରତ ଥାଏ । ଏହା ସୂକ୍ଷ୍ମ ଅନୁଭୂତିର ରୂପ ।

ଏପରିକି ସାତ୍ତ୍ୱିକ ଭକ୍ତି ମଧ୍ୟ ବାସ୍ତବ ଭକ୍ତି ଠାରୁ ନିମ୍ନସ୍ତରର ଯେତେବେଳେ ଭକ୍ତ ପ୍ରଭୁଙ୍କୁ ନିଷ୍କାମ ଭକ୍ତି କରନ୍ତି ।

ରୋଗମୁକ୍ତି ପାଇଁ ଓ କାମନାସିଦ୍ଧି ପାଇଁ ଅଭ୍ୟାସ କରାଯାଉଥିବା ଭକ୍ତି ବାସ୍ତବ ଭକ୍ତି ନୁହେଁ ।

ସାଧାରଣ ମାନବ ମନ ପାଇଁ ଏହି ସମୁନ୍ନତ ସ୍ତରର ଭକ୍ତି ଅଭ୍ୟାସ କରିବା ସହଜ ନୁହେଁ । ସାଂସାରିକ ସ୍ଥୂଳ ପ୍ରେମଠାରୁ ଏହା ପୃଥକ । କେବଳ ଅନ୍ତର୍ଜ୍ଞାନ ଦ୍ୱାରା ଭକ୍ତିକୁ ଉପଲବ୍ଧ କରିହେବ । ଭକ୍ତି ଯଦିଓ ବାଣୀ ଓ ବୁଦ୍ଧିର ଉର୍ଦ୍ଧ୍ୱରେ, ଏହାକୁ ପ୍ରତ୍ୟକ୍ଷ ରୂପେ ଅନ୍ତର୍ଜ୍ଞାନ ଭାବେ ଉପଲବ୍ଧି କରିହେବ ଯେତେବେଳେ ଆମର ଅନ୍ତଃକରଣ ଭଗବାନଙ୍କ ସହ ସଂଯୋଗ ହେବ ।

ବସ୍ତୁରେ ଗୁଣ ନିହିତ ଏବଂ ଆପେକ୍ଷିକତାର ଦୃଷ୍ଟିକୋଣ ରୂପେ ବର୍ଣ୍ଣିତ ହୁଏ କିନ୍ତୁ ଦିବ୍ୟ ପ୍ରେମ ବସ୍ତୁ ଓ ଆପେକ୍ଷିକତାର ଉର୍ଦ୍ଧ୍ୱରେ ।

ଦିବ୍ୟପ୍ରେମ ଅସୀମ ଅଟେ । ସାଂସାରିକ ପ୍ରେମ କ୍ଷଣସ୍ଥାୟୀ ହୋଇଥାଏ । ଏହା ବିଚ୍ଛିନ୍ନ । ଚନ୍ଦ୍ରର ହ୍ରାସ ହେବା ସଦୃଶ, ଏହାର ଅବକ୍ଷୟ ଓ ହ୍ରାସ ହୋଇଥାଏ । ସାଂସାରିକ ପ୍ରେମର ସୁରକ୍ଷା ନିମିତ୍ତ ନୂତନ ରୁଚି ଓ ସଦ୍ୟ ଆକର୍ଷଣର ଅବଲମ୍ବନ ଗ୍ରହଣ କରିଥାଆନ୍ତି । ଜଣେ କନ୍ୟା ପ୍ରଥମେ ତା'ର ପିତାମାତାକୁ ପ୍ରେମ କରେ । ତା'ର ବିବାହ ହେବା ପରେ ପିତାମାତାଙ୍କ ପ୍ରତି ପ୍ରେମ ହ୍ରାସ ହୋଇଥାଏ । ସେ ତା'ର ସ୍ୱାମୀକୁ ଅଧିକ ପ୍ରେମ କରେ । ଯେତେବେଳେ ଏକ ପୁତ୍ରର ଜନ୍ମ ହୁଏ, ସେ ସ୍ୱାମୀଠାରୁ ପୁତ୍ରକୁ ଅଧିକ ସ୍ନେହ କରେ । ଏହା ହେଉଛି ସାଂସାରିକ ପ୍ରେମ । କିନ୍ତୁ ଦିବ୍ୟପ୍ରେମ ପ୍ରତି ମୁହୂର୍ତ୍ତରେ ଗଭୀରରୁ ଗଭୀରତର ହୋଇଥାଏ । ଶୁକ୍ଳପକ୍ଷର ଚନ୍ଦ୍ର ସଦୃଶ ଏହା ଉଜ୍ଜ୍ୱଳତର ହୋଇଥାଏ । ହିମାଳୟର ପର୍ବତମାଳା ସଦୃଶ ଏହା ଉଚ୍ଚରୁ ଉଚ୍ଚତର ହୋଇଥାଏ ।

ସାଂସାରିକ ପ୍ରେମ ବିଭାଜିତ ହୋଇଥାଏ । ଜଣେ ବ୍ୟକ୍ତିର ଛଅଟି ସନ୍ତାନ । ପିତା ସମସ୍ତ ଛଅ ସନ୍ତାନଙ୍କ ମଧ୍ୟରେ ପ୍ରେମ ସମାନ ଭାବରେ ବଣ୍ଟନ କରନ୍ତି । କିନ୍ତୁ ପ୍ରଭୁ ପ୍ରେମ ବିଭାଜ୍ୟ ନୁହେଁ ।

ଦିବ୍ୟପ୍ରେମ କୌଣସି ପ୍ରତ୍ୟାଶା ରଖେ ନାହିଁ । ପ୍ରତିକ୍ଷଣ ବର୍ଦ୍ଧମାନ ହୁଏ । ଏଥିରେ ବିରତି ନାହିଁ । ଏହା ସୂକ୍ଷ୍ମରୁ ସୂକ୍ଷ୍ମତର । ଏହା ବିଶୁଦ୍ଧ ଅନ୍ତର୍ନିହିତ ଅଭିଜ୍ଞତା । ଏହା ତ୍ରିଗୁଣାତୀତ । ଏହା ହୃଦୟର ସ୍ୱତଃସ୍ଫୂତ ପରିପ୍ରକାଶ ।

ଦିବ୍ୟପ୍ରେମ ଯୌବନ, ସୌନ୍ଦର୍ଯ୍ୟ, ସଂପତ୍ତି ଓ ସୁଗୁଣ ଉପରେ ନିର୍ଭରଶୀଳ ନୁହେଁ । ଏଥିରେ ବ୍ୟକ୍ତିଗତ ଲାଭର ଆଶା ନ ଥାଏ । ଏହା ଅତ୍ୟନ୍ତ ସୂକ୍ଷ୍ମ, ଅତ୍ୟନ୍ତ କୋମଳ ଓ ଅତ୍ୟନ୍ତ ପତଳା । ଏହା ମଧୁରତାର ନିର୍ଝର । ଏହା ମାଧୁରିମାରେ ଅପରିବର୍ତ୍ତନଶୀଳ । ଏହା ସ୍ଥିର । ଏହା ସର୍ବାଧିକ କଠିନ । ଏହା ପରିପୂର୍ଣ୍ଣ । ଏହା ଦ୍ୱନ୍ଦ୍ୱହୀନ ଓ ମହାନ । ଏହା ଭକ୍ତଙ୍କୁ ଭଗବାନଙ୍କ ସହ ମିଳିତ କରାଏ ଓ ତାଙ୍କୁ ଆନନ୍ଦର ମୂର୍ତ୍ତିମାନ ରୂପ ଦିଏ ।

ଯେତେବେଳେ ବ୍ୟକ୍ତି ତ୍ରିଗୁଣାତୀତ ହୋଇଯାଏ, ପ୍ରେମର ଦିବ୍ୟସ୍ରୋତ ପ୍ରବାହିତ ହେବାକୁ ପ୍ରାରମ୍ଭ କରେ ।

ପ୍ରଥମେ ପ୍ରଭୁଙ୍କର କ୍ଷଣିକ ଦୃଶ୍ୟ ଦର୍ଶନ କରିବାକୁ ମିଳେ । କ୍ରମଶଃ ଭକ୍ତି ପ୍ରଭୁଙ୍କ ସହ ଏକତ୍ୱ ଲାଭ କରେ ।

"ଅନୁ" ହେଉଛି ଏକ ଉପସର୍ଗ ଯାହାକି ନିକଟତ୍ୱ, ସହଯୋଗ ଓ ମମତ୍ୱ ବୁଝାଏ ।

ପ୍ରେମ ଓ ଆନନ୍ଦର ଅସ୍ତିତ୍ୱ ରହିଛି । ଏହା ହେଉଛି ଏକ ଭାବ । ଜୀବାତ୍ମା ଏଥିରେ ଭାଗ ନିଏ । ପ୍ରଭୁଙ୍କର ଏହା ସହ ନିକଟତ୍ୱ, ତାଙ୍କର ଏକତ୍ୱ, ଏହା ସହ ତାଙ୍କର ସହଯୋଗ ଆଦି ଉପସର୍ଗ "ଅନୁ" ଦ୍ୱାରା ସୂଚୀତ ହୁଏ ।

ପ୍ରଭୁଙ୍କର ପ୍ରେମର ନିତ୍ୟ ସ୍ଥିତି ରହିଛି । ଜୀବାତ୍ମା ଏଥିରେ ସହଯୋଗ କରେ । ଏହା ହେଉଛି ଅନୁଭବ । ତେଣୁ ଦିବ୍ୟପ୍ରେମ ହେଉଛି "ଅନୁଭବ ରୂପମ୍" ।

ସାଧାରଣ ଆବେଗ ସମୂହ କେତେକ ବାହ୍ୟ କାରଣ ଏବଂ ବସ୍ତୁ ଉପରେ ନିର୍ଭର କରେ ଏବଂ ତେଣୁ କ୍ଷଣସ୍ଥାୟୀ । ଯେତେବେଳେ ବାହ୍ୟ କାରଣ ଅବା ବସ୍ତୁ ଦୂର ହୁଏ, ଆବେଗ ମଧ୍ୟ ଉଭେଇ ଯାଏ । ଇନ୍ଦ୍ରିୟ ଉପଭୋଗ ଦ୍ୱାରା ବ୍ୟକ୍ତି ସ୍ୱଳ୍ପ ସମୟରେ ସନ୍ତୋଷ ହୋଇଯାଏ । ଭକ୍ତି ବା ଦିବ୍ୟପ୍ରେମ ଦ୍ୱାରା ବ୍ୟକ୍ତି ସନ୍ତୋଷ ହୁଏ ନାହିଁ । ଏହା ସର୍ବଦା ଅଭିଜ୍ଞତା କରାଯାଇପାରେ । ଭକ୍ତି ଏହାର କାରଣ ଠାରୁ ସ୍ୱାଧୀନ । ଏହା ଶାଶ୍ୱତ ଆନନ୍ଦର ଚିରନ୍ତନ ଉତ୍ସ । ସୁତରାଂ ଭକ୍ତି ଯେତେ ଗଭୀର

ହୁଏ, ଏହା ସେତେ ଅଧିକ ଉପଭୋଗ୍ୟ ହୋଇଥାଏ । ଫଳତଃ ଏହା ଅଧିକ ବଳିଷ୍ଠ ହୋଇଥାଏ ।

ଭକ୍ତିର ସ୍ୱରୂପ ଅତ୍ୟନ୍ତ ସୂକ୍ଷ୍ମ । ଏହା ଅବିଚ୍ଛିନ୍ନ ଅନୁଭବ ବା ଅଭିଜ୍ଞତା ଯାହାର କି ପ୍ରତି ମୁହୂର୍ତ୍ତରେ ତୀବ୍ରତା ଓ ପ୍ରଗାଢ଼ତା ଅଭିବୃଦ୍ଧି ହୁଏ । ଏହା ବାସନା ଓ ତ୍ରିଗୁଣରୁ ମୁକ୍ତ ।

ଏହା ଅତ୍ୟନ୍ତ ସୂକ୍ଷ୍ମ । ତେଣୁ ‘‘ସୂକ୍ଷ୍ମତରମ୍’’ ଶବ୍ଦର ପ୍ରୟୋଗ ହୋଇଛି । ଏହାର ସର୍ବଦା ଅଭିବୃଦ୍ଧି ହୁଏ । ଏହା ଉଜ୍ଜ୍ୱଳତର ହୁଏ । ଗୁଣର ଲୀଳା ଭକ୍ତିରେ ସମ୍ଭବ ନୁହେଁ । ନିରବଚ୍ଛିନ୍ନ ଭକ୍ତି କ୍ରିୟାଶୀଳ ହେବା ବେଳେ ଇନ୍ଦ୍ରିୟ ଭୋଗ ଲାଳସା ରହିପାରେ ନାହିଁ । ମନ ଚାହୁଁଥିବା ସମସ୍ତ ବସ୍ତୁ ପ୍ରଭୁଙ୍କଠାରେ ମିଳିବ । ତାଙ୍କର ଗୋଟିଏ ଗୁଣ ‘‘ଅନନ୍ତ’’ ଯାହାକି ସବୁକିଛି ଧାରଣ କରେ । ପରବର୍ତ୍ତୀ ସୂତ୍ର ଏହି ଅନୁଭବର ପ୍ରଭାବ ବର୍ଣ୍ଣନା କରେ ।

ସୂତ୍ର–୫୫

ତତ୍‌ପ୍ରାପ୍ୟ ତଦେବାବଲୋକୟତି ତଦେବ ଶୃଣୋତି ତଦେବ ଭାଷୟତି ତଦେବ ଚିନ୍ତୟତି ।। ୫୫ ।।

ଅର୍ଥ– ଏହି ଭକ୍ତିକୁ ଲାଭ କରି ପ୍ରେମୀ ଏହି ଭକ୍ତିକୁ ହିଁ ଦର୍ଶନ କରେ, ପ୍ରଭୁଙ୍କ ବିଷୟରେ ଶ୍ରବଣ କରେ, ପ୍ରଭୁଙ୍କ ବିଷୟରେ କହେ ଓ ଭଗବାନଙ୍କ ବିଷୟରେ ହିଁ ଚିନ୍ତନ କରେ ।

ଶବ୍ଦାର୍ଥ– ତତ୍– ତାହା, ଭକ୍ତି, ପ୍ରେମର ବସ୍ତୁ, ପ୍ରାପ୍ୟ– ଲାଭକରି, ଏବ– କେବଳ, ଅବଲୋକୟତି–ଦର୍ଶନ କରେ, ଶୃଣୋତି– ଶୁଣେ, ଭାଷୟତି– କହେ, ଚିନ୍ତୟତି– ଚିନ୍ତାକରେ ।

ବ୍ୟାଖ୍ୟା– ଏହି ପ୍ରେମ ଲାଭ କରି ଭକ୍ତ ପ୍ରେମ ବ୍ୟତୀତ କିଛି ଦେଖନ୍ତି ନାହିଁ, କେବଳ ପ୍ରେମ ବିଷୟ ଶୁଣନ୍ତି, କେବଳ ପ୍ରେମ ବିଷୟରେ ବାର୍ତ୍ତାଳାପ କରନ୍ତି ଓ କେବଳ ପ୍ରେମ ବିଷୟରେ ମନେ କରନ୍ତି ।

ମାନବ ପ୍ରଥମେ ଉଦ୍ଦେଶ୍ୟ ରଖି ଭଗବାନଙ୍କୁ ପ୍ରେମ କରେ । ତା’ପରେ ସେ ପ୍ରଭୁଙ୍କୁ ନିଷ୍କାମଭାବ ସହ କେବଳ ଈଶ୍ୱରଙ୍କ ନିମିତ୍ତ ପ୍ରେମ କରେ କାରଣ ଭଗବାନ ପ୍ରେମର ମୂର୍ତ୍ତିମନ୍ତ ରୂପ ।

ଯେପରି ନଦୀ ସାଗର ସହ ମିଳିତ ହୋଇ ନିଜର ଅହଂକାର ଓ ବ୍ୟକ୍ତିତ୍ୱ ହରାଏ, ଭକ୍ତ ଭଗବାନଙ୍କ ସହ ସମ୍ମିଳିତ ହୋଇ ନିଜର ବ୍ୟକ୍ତିତ୍ୱ ହରାନ୍ତି । ତା'ପରେ ସେ ନିଜକୁ ତଥା ସମଗ୍ର ବିଶ୍ୱକୁ ପ୍ରଭୁ ରୂପେ ଦେଖନ୍ତି ଯାହାକି ବିଶ୍ୱ-ପ୍ରେମର ଅବିଚ୍ଛେଦ୍ୟ ଅଙ୍ଗ ।

ଏହି ଦିବ୍ୟ-ପ୍ରେମ ସମସ୍ତଙ୍କୁ ନିଜର କରିନିଏ । ଭକ୍ତଙ୍କର ଅନ୍ୟ କୌଣସି ରୁଚି ନଥାଏ । ତାଙ୍କ ପାଇଁ ସମଗ୍ର ବିଶ୍ୱ ଏକ ଦର୍ପଣ ସଦୃଶ ଯାହାକି କେବଳ ପ୍ରଭୁଙ୍କୁ ପ୍ରତିଫଳିତ କରେ ।

ଭକ୍ତଙ୍କର ମିତ୍ର ବା ଶତ୍ରୁ ନଥାନ୍ତି । ତାଙ୍କର ଦେଶ, ଜାତୀୟତା, ଜାତି ବା ବିଶେଷ ପଦବୀ ନଥାଏ । ସମଗ୍ର ବିଶ୍ୱ ହିଁ ତାଙ୍କର ଗୃହ । ସମଗ୍ର ବିଶ୍ୱ ହିଁ ପ୍ରଭୁଙ୍କର ଶରୀର । ପ୍ରଭୁଙ୍କର ସ୍ତବ ବ୍ୟତୀତ ଅନ୍ୟସବୁ ପାଇଁ ସେ ମୂକ । ପ୍ରଭୁଙ୍କର ଲୀଳା ଶ୍ରବଣ ବ୍ୟତୀତ ଅନ୍ୟସବୁ ପାଇଁ ସେ ବଧିର । ତାଙ୍କର ମାନସ ପ୍ରଭୁଙ୍କର ଚିନ୍ତାରେ ନିମଗ୍ନ ତଥା ସଂସାର ବିଷୟରେ ବିସ୍ମରଣଶୀଳ ।

ଜଣେ ଗୋପୀ ତାଙ୍କର ଅନୁଭବ ନିମ୍ନୋକ୍ତ ଭାଷାରେ ବର୍ଣ୍ଣନା କରନ୍ତି- "ମୁଁ ଯେଉଁ ଦିଗରେ ମଧ୍ୟ ଦୃଷ୍ଟିପାତ କରେ, ମୁଁ ସର୍ବତ୍ର ଘନଶ୍ୟାମଙ୍କୁ ଦର୍ଶନ କରେ । ଯମୁନାର ଜଳ କଳା । ଲତା ଓ କୁଞ୍ଜ ମଧ୍ୟ ଘନଶ୍ୟାମ । ବେଦର ଅକ୍ଷର ମଧ୍ୟ ଶ୍ୟାମ ।"

ଭକ୍ତ ସର୍ବତ୍ର କେବଳ ପ୍ରଭୁଙ୍କୁ ଦର୍ଶନ କରନ୍ତି । ଭକ୍ତ କେବଳ ପ୍ରଭୁଙ୍କୁ ଦେଖନ୍ତି । ସେ କେବଳ ପ୍ରଭୁଙ୍କୁ ଶୁଣନ୍ତି । କିପରି ବାହ୍ୟ ବିଶ୍ୱ ବିଷୟରେ ସଚେତନ ହେବେ ?

ଯେଉଁ ଭକ୍ତ ଉପରୋକ୍ତ ଶୃଙ୍ଖଳା (ସୂତ୍ର ୪୬-୪୯) ଦେଇ ଗତି କରନ୍ତି, ସମଗ୍ର ବିଶ୍ୱକୁ ପ୍ରଭୁଙ୍କର ପରିପ୍ରକାଶ ରୂପେ ଦେଖନ୍ତି । ତାଙ୍କର ଶାରୀରିକ ଓ ମାନସିକ ସମସ୍ତ କର୍ମ ଭଗବାନଙ୍କର ପ୍ରତି ଭକ୍ତିର ପ୍ରତିଫଳନ ଅଟେ ।

ପରବର୍ତ୍ତୀ ସୂତ୍ରରେ ନାରଦ ଗୁଣର ପ୍ରଭାବରେ ଥିବା ଭକ୍ତଙ୍କର ବିଷୟରେ ଆଲୋଚନା କରିଅଛନ୍ତି ।

❑❑❑

ଗୌଣ ଭକ୍ତି

ସୂତ୍ର-୫୬

ଗୌଣୀ ତ୍ରିଧା ଗୁଣଭେଦାଦାର୍ତାଦି ଭେଦାଦ୍ୱା ।। ୫୬ ।।

ଅର୍ଥ- ଗୌଣ ଭକ୍ତି ଗୁଣଭେଦ ଦ୍ୱାରା ଅଥବା ଆର୍ତ୍ତାଦି ଭେଦରୁ ତିନି ପ୍ରକାରର ହୋଇଥାଏ ।

ଶବ୍ଦାର୍ଥ- ଗୌଣୀ- ନିକୃଷ୍ଟ ସ୍ତରର, ତ୍ରିଧା- ତିନି ପ୍ରକାରର, ଗୁଣଭେଦାତ୍- ଗୁଣଗତ ପାର୍ଥକ୍ୟରୁ, ସତ୍ତ୍ୱ, ରଜସ୍ ଓ ତମସ୍ ଭେଦରୁ, ଆର୍ତ୍ତାଦି ଭେଦାତ୍- ଆର୍ତ୍ତ, ଜିଜ୍ଞାସୁ ଆଦି ପ୍ରକାର ଭେଦରୁ ।

ବ୍ୟାଖ୍ୟା- ମୁଖ୍ୟ ବା ଅହେତୁକି ଭକ୍ତି ମାଧ୍ୟମରେ ଭକ୍ତ ତାଙ୍କର ପ୍ରିୟତମ ପ୍ରଭୁଙ୍କୁ ଲାଭ କରିଥାଆନ୍ତି । ଏହା ପୂର୍ବ ସୂତ୍ର ସମୂହରେ ଆଲୋଚିତ ହୋଇସାରିଛି । ବର୍ତ୍ତମାନ ଗୌଣ ଭକ୍ତି ବିଷୟରେ ଆଲୋଚନା କରାଯିବ ।

ସ୍ୱାର୍ଥ ବା କାମନା ରହିତ ଭକ୍ତିକୁ ସାତ୍ତ୍ୱିକ ଭକ୍ତି ଅଭିହିତ କରାଯାଏ । କ୍ଷମତା ଓ ସଂପତ୍ତି ଲାଭ ଉଦ୍ଦେଶ୍ୟରେ କରାଯାଉଥିବା ଭକ୍ତିକୁ ରାଜସିକ ଭକ୍ତି କୁହାଯାଏ । ଅନ୍ୟର କ୍ଷତି ଉଦ୍ଦେଶ୍ୟରେ କରାଯାଉଥିବା ଭକ୍ତିକୁ ତାମସିକ ଭକ୍ତି କୁହାଯାଏ ।

ସତ୍ତ୍ୱ ସ୍ଫଟିକ ସଦୃଶ କଳଙ୍କହୀନ । ସତ୍ତ୍ୱ ଭକ୍ତଙ୍କ ନିମିତ୍ତ ସୁଖ ଓ ଜ୍ଞାନର ବନ୍ଧନ ସୃଷ୍ଟି କରିଥାଏ । ସତ୍ତ୍ୱ ହେଉଛି ସ୍ୱର୍ଣ୍ଣ ପାଶ ବା ବନ୍ଧନ । ଜଣେ ସାତ୍ତ୍ୱିକ ବ୍ୟକ୍ତି ନିଜକୁ ଅନ୍ୟମାନଙ୍କ ସହ ତୁଳନା କରି ନିଜର ଶ୍ରେଷ୍ଠତା ଯୋଗୁ ଆନନ୍ଦିତ ହୁଏ । ସେ ଜ୍ଞାନ ଯୋଗୁଁ ଗର୍ବିତ ଅନୁଭବ କରେ । ତାଙ୍କର ହୃଦୟ ଗର୍ବରେ ଭରିଯାଏ ଯେତେବେଳେ ସେ ଚିନ୍ତା କରନ୍ତି ଯେ ସେ ଅଧିକ ସ୍ୱଚ୍ଛନ୍ଦ ଓ ସୁଖଦାୟୀ ଅଭିଜ୍ଞତା ଲାଭ କରିଅଛନ୍ତି । ସେ ଭାବନ୍ତି, "ମୁଁ ସୁଖୀ । ମୁଁ ଜ୍ଞାନୀ"- ତେଣୁ ସେ ବନ୍ଧନରେ ପଡନ୍ତି । ସୁଖ ପ୍ରତି ଏହି ଆସକ୍ତି ହେଉଛି ଏକ ମରିଚୀକା ।

ଯଦି ତୁମେ ପ୍ରଭୁଙ୍କୁ ବିଶ୍ୱାସ କରୁଛ, ତେବେ ତାଙ୍କୁ କିଛି ମାଗିବା ଅନାବଶ୍ୟକ । ମାଗିବା ବିନା ସେ ତୁମର ସବୁ ଆବଶ୍ୟକତା ପୂର୍ଣ୍ଣ କରନ୍ତି ।

ଗୌଣ-ଭକ୍ତି ଅନ୍ତିମରେ ମୁଖ୍ୟ ଭକ୍ତିରେ ପରିଣତ ହୁଏ ଯାହାକି କ୍ରମାଗତ ଓ ଅବିଚ୍ଛନ୍ନ ଭକ୍ତିର ପ୍ରବାହ ଓ ସମସ୍ତ କଳଙ୍କ-ମୁକ୍ତ ।

ଦ୍ୱିତୀୟ ବିଭାଗୀକରଣ ଭକ୍ତଙ୍କର ଉଦ୍ଦେଶ୍ୟ ଉପରେ ଆଧାରିତ । ଗୀତାର ସପ୍ତମ ଅଧ୍ୟାୟର ୧୬ ଶ୍ଳୋକରେ ନିମ୍ନ ବିଭାଗୀକରଣ ହୋଇଛି-

ଚତୁର୍ବିଧା ଭଜନ୍ତେ ମାଂ
ଜନାଃ ସୁକୃତିନୋଽର୍ଜୁନ ।
ଆର୍ତ୍ତୋ ଜିଜ୍ଞାସୁରର୍ଥାର୍ଥୀ
ଜ୍ଞାନୀ ଚ ଭରତର୍ଷଭ ।।

(ଗୀତା ୭/୧୬)

ଅର୍ଥାତ୍ ହେ ଅର୍ଜୁନ, ଅର୍ଥାର୍ଥୀ, ଆର୍ତ୍ତ, ଜିଜ୍ଞାସୁ ଓ ଜ୍ଞାନୀ- ଏହି ଚାରିପ୍ରକାର ମନୁଷ୍ୟ ମୋତେ ଭଜନ କରିଥାଆନ୍ତି ।

ଏଥିରେ ବର୍ଣ୍ଣିତ ପ୍ରଥମ ତିନିପ୍ରକାର ଭକ୍ତଙ୍କର ପ୍ରେମ ହେଉଛି ଗୌଣ ଭକ୍ତି । ଚତୁର୍ଥ ପ୍ରକାରର ଭକ୍ତିକୁ ମୁଖ୍ୟ ଭକ୍ତି ଅଭିହିତ କରାଯାଏ । ଏହା ପ୍ରକୃତରେ ପ୍ରେମ ପାଇଁ ପ୍ରେମ ।

ଦ୍ରୌପଦୀ ଓ ଗଜେନ୍ଦ୍ର ଆର୍ତ୍ତଭକ୍ତ ଥିଲେ । ସେମାନେ ସଂକଟରେ ଥିଲେ । ଉଦ୍ଧବ ଜିଜ୍ଞାସୁ ଭକ୍ତ ଥିଲେ । ଧ୍ରୁବ ଅର୍ଥାର୍ଥୀ ଭକ୍ତ ଥିଲେ । ସେ ରାଜ୍ୟ ଚାହୁଁଥିଲେ ।

ସୂତ୍ର-୫୭

ଉତ୍ତରସ୍ମାଦୁତ୍ତରସ୍ମାତ୍ ପୂର୍ବପୂର୍ବା ଶ୍ରେୟାୟ ଭବତି ।। ୫୭ ।।

ଅର୍ଥ- (ତିନି ପ୍ରକାର ଭକ୍ତି ମଧ୍ୟରୁ ଯଥା ଅହେତୁକୀ ବା ସାତ୍ତ୍ୱିକ ଭକ୍ତି, ରାଜସିକ ଭକ୍ତି ଓ ତାମସିକ ଭକ୍ତି ମଧ୍ୟରୁ) ପରଭକ୍ତିଠାରୁ ପୂର୍ବ ଭକ୍ତି ଉତ୍ତମ ଫଳ ନିମିତ୍ତ ଅଧିକ ଅନୁକୂଳ ।

ଶବ୍ଦାର୍ଥ- ଉତ୍ତରସ୍ମାତୁତ୍ତରସ୍ମାତ୍- ପ୍ରତ୍ୟେକ ପରବର୍ତ୍ତୀ ଭକ୍ତି ପୂର୍ବପୂର୍ବା- ପ୍ରତ୍ୟେକ ପୂର୍ବର, ଶ୍ରେୟାୟ- ଉତ୍ତମତର ନିମିତ୍ତ, ଭବତି- ହୁଏ ।

ବ୍ୟାଖ୍ୟା- ପ୍ରଥମ ପ୍ରକାରର ଭକ୍ତି ଦ୍ୱିତୀୟ ଠାରୁ ଅଧିକ ଉତ୍ତମ ଏବଂ ଦ୍ୱିତୀୟ ପ୍ରକାରର ଭକ୍ତି ତୃତୀୟ ପ୍ରକାରର ଭକ୍ତିଠାରୁ ଶ୍ରେୟସ୍କର ଓ ଅଧିକ ଫଳଦାୟକ ।

ପ୍ରଥମ ପ୍ରକାରର ଭକ୍ତି ଦ୍ୱିତୀୟ ପ୍ରକାର ଠାରୁ ଉଚ୍ଚତର ଆଧ୍ୟାତ୍ମିକ ଲାଭର କାରଣ ହୋଇଥାଏ ତଥା ଦ୍ୱିତୀୟ ପ୍ରକାରର ଭକ୍ତି ତୃତୀୟ ଭକ୍ତିଠାରୁ ଅଧିକ ଉତ୍ତମ ହୋଇଥାଏ ।

କ୍ଷମତା ଓ ସଂପତ୍ତି ଲାଭ ନିମିତ୍ତ ରାଜସିକ ଭକ୍ତିର ଅଭ୍ୟାସ କରାଯାଏ । ଅନ୍ୟର କ୍ଷତି କରିବାକୁ ଦିବ୍ୟଶକ୍ତିର ସହାୟତାକୁ ତାମସିକ ଭକ୍ତି କୁହାଯାଏ । ସାତ୍ତ୍ୱିକ ଭକ୍ତି ଶ୍ରେଷ୍ଠ କାରଣ ଏହା ମାଧ୍ୟମରେ ଈଶ୍ୱରଙ୍କୁ ଜାଣିବାର ପ୍ରୟାସ କରାଯାଏ ।

ସତ୍ତ୍ୱ ହେଉଛି ସଂହତି, ଶାନ୍ତି ଓ ଆଲୋକ । ଆନନ୍ଦ ଓ କ୍ଷମତାର ଇଚ୍ଛା ବା ରାଜସିକ ଭକ୍ତି ତାମସ ବା ଆଳସ୍ୟ ଠାରୁ ଉତ୍ତମ ଯାହାକି ଆଧ୍ୟାତ୍ମିକତାର ବିନାଶ ସହ ସମାନ । ଜଣେ ଭକ୍ତ ନିଜ ମନକୁ ଯତ୍ନ ସହ ଲକ୍ଷ୍ୟ କରିବା ଉଚିତ ଏବଂ ଉପରୋକ୍ତ କେଉଁ ଅବସ୍ଥା ତାଙ୍କ ମନରେ ରହିଛି ସେଥିପ୍ରତି ଧ୍ୟାନ ଦେବା ଉଚିତ୍ । ସେ ସତ୍‌ସଙ୍ଗ, ଜପ, କୀର୍ତ୍ତନ, ଧ୍ୟାନ ଓ ଉପାସନା ମାଧ୍ୟମରେ ସତ୍ତ୍ୱର ଅଭିବୃଦ୍ଧି କରିବା ଉଚିତ ।

ଦ୍ୱିତୀୟ ବିଭାଗୀକରଣ ଅନୁସାରେ ଆର୍ତ୍ତ ଭକ୍ତି ଉଚ୍ଚତର ଅଟେ । ଏଠାରେ ଆର୍ତ୍ତ ଅର୍ଥ ସାଂସାରିକ ଦୁରିତ ବା କଷ୍ଟକୁ ନ ବୁଝାଇ ପ୍ରଭୁଙ୍କ ଠାରୁ ଦୂରତ୍ୱ କାରଣରୁ ଆର୍ତ୍ତଭାବର ଜନ୍ମ ବୁଝାଏ । (ସୂତ୍ର ୧୯ ଦ୍ରଷ୍ଟବ୍ୟ)

ଅର୍ଥାର୍ଥୀଙ୍କ ଠାରୁ ଜିଜ୍ଞାସୁଙ୍କର ଭକ୍ତି ଉଚ୍ଚସ୍ତରର ଓ ଅଧିକ ଫଳଦାୟକ । ଆର୍ତ୍ତ ଭକ୍ତ ହିଁ କେବଳ ନିଷ୍ପାପର ଓ ଗଭୀର ଆବେଦନ କରନ୍ତି ଓ ତତ୍‌କ୍ଷଣାତ୍ ସହାୟତା ଲାଭ କରନ୍ତି । ସେ ତତ୍‌କ୍ଷଣାତ୍ ଉପଶମ ଚାହାନ୍ତି । ଦ୍ରୌପଦୀ ଓ ଗଜେନ୍ଦ୍ର ଏ ଶ୍ରେଣୀ ଭକ୍ତଙ୍କର ଦୃଷ୍ଟାନ୍ତ ।

ଜଣେ ଆର୍ତ୍ତଭକ୍ତ କେବଳ ଭଗବାନଙ୍କୁ ଚାହାନ୍ତି, ଅନ୍ୟକିଛି ନୁହେଁ, କାରଣ ଅନ୍ୟ କେହି ତାଙ୍କର ଦୁଃଖଲାଘବ କରିପାରନ୍ତି ନାହିଁ । ଜଣେ ଜିଜ୍ଞାସୁ ଭକ୍ତ ଜ୍ଞାନ ଚାହାନ୍ତି, ଈଶ୍ୱରଙ୍କୁ ନୁହେଁ । ଅର୍ଥାର୍ଥୀ ଜ୍ଞାନ ମଧ୍ୟ ଚାହାନ୍ତି ନାହିଁ । ସେ ସଂପତ୍ତି ଚାହାନ୍ତି । ତେଣୁ ଆର୍ତ୍ତ, ଜିଜ୍ଞାସୁ ଓ ଅର୍ଥାର୍ଥୀ ଭକ୍ତଗଣଙ୍କ ମଧ୍ୟରେ ଆର୍ତ୍ତ ଭକ୍ତହିଁ ଶ୍ରେଷ୍ଠ ।

ପ୍ରଭୁ କୃଷ୍ଣଙ୍କ ଠାରୁ ବିୟୋଗ ଫଳରେ ଗୋପୀଗଣ ଅତ୍ୟନ୍ତ ଦୁଃଖୀ ଥିଲେ । ସେମାନେ ଆର୍ତ୍ତ ଭକ୍ତ ଥିଲେ । ସେମାନେ ପ୍ରାର୍ଥନା କଲେ ଓ ଗୀତ ଗାଇଲେ । ତା'ପରେ ପ୍ରଭୁ ସେମାନଙ୍କୁ ତାଙ୍କର ସାନ୍ନିଧ୍ୟ ପ୍ରଦାନ କଲେ ।

ମୁଖ୍ୟ ଭକ୍ତି ସାତ୍ତ୍ୱିକ ଭକ୍ତିଠାରୁ ଉନ୍ନତତର । ପରାଭକ୍ତି ମୁଖ୍ୟ ଭକ୍ତିଠାରୁ ଶ୍ରେଷ୍ଠ ।

□□□

ଭକ୍ତିର ଅଭ୍ୟାସ ସହଜ

ସୂତ୍ର-୫୮

ଅନ୍ୟସ୍ମାତ୍ ସୌଲଭ୍ୟଂ ଭକ୍ତୌ ।। ୫୮ ।।

ଅର୍ଥ- ଅନ୍ୟ ପଦ୍ଧତି ତୁଳନାରେ (ମୋକ୍ଷ ଲାଭ ପାଇଁ) ଭକ୍ତିର ଅଭ୍ୟାସ ସହଜ ।

ଶବ୍ଦାର୍ଥ- ଭକ୍ତୌ- ଭକ୍ତିରେ, ଅନ୍ୟସ୍ମାତ୍- ଅନ୍ୟ ତୁଳନାରେ, ସୌଲଭ୍ୟମ୍- ସୁଲଭ ।

ବ୍ୟାଖ୍ୟା- ଭଗବାନ ପ୍ରାପ୍ତି ନିମିତ୍ତ ଅନ୍ୟ ପଦ୍ଧତି ଅପେକ୍ଷା ଭକ୍ତି ସହଜ । କର୍ମଯୋଗ ଓ ଜ୍ଞାନ ଆଦି ଅନ୍ୟ ତିନି ପଥ । ହୃଦୟ ମାଧ୍ୟମରେ ଆଦର୍ଶ ଲାଭ ପାଇଁ ଭକ୍ତି ହେଉଛି ପ୍ରତ୍ୟକ୍ଷ ପଦ୍ଧତି । ସମସ୍ତଙ୍କ ପାଇଁ ପ୍ରେମ ସ୍ୱାଭାବିକ ଅଟେ ।

ଅନ୍ୟ ସମସ୍ତ ଆଧ୍ୟାତ୍ମିକ ଅଭ୍ୟାସ ଠାରୁ ଭକ୍ତି ସାଧନା ସରଳତମ ଅଟେ । ଭକ୍ତି ସାଧକଙ୍କର ହୃଦୟ ପବିତ୍ର କରେ । କେବଳ ଧନୀ ବ୍ୟକ୍ତିଗଣ ବୈଦିକ କର୍ମକାଣ୍ଡ ସଂପାଦନ କରିପାରିବେ ।

ଯୋଗ କଷ୍ଟ ଓ ବିପଦରେ ପୂର୍ଣ୍ଣ । ଯୋଗୀଙ୍କୁ କ୍ଷମତା ମିଳେ । ସେ ନିଜ କ୍ଷମତାର ଦୁରୁପୋଯୋଗ କରନ୍ତି । ଫଳତଃ, ତାଙ୍କର ଅଧୋପତନ ହେବାର ସମ୍ଭାବନା ରହେ । ପ୍ରତ୍ୟାହାର ଓ ପ୍ରାଣାୟାମର ଅଭ୍ୟାସ ଅତ୍ୟନ୍ତ କଷ୍ଟସାଧ ।

ଜ୍ଞାନ ମାର୍ଗ କେତେକ ବ୍ୟକ୍ତିଙ୍କୁ ନିରସବୋଧ ହେବାବେଳେ ଭକ୍ତିମାର୍ଗ ମଧୁର ଓ ଉପଭୋଗ୍ୟ ବୋଧ ହୁଏ । ଜ୍ଞାନଯୋଗ ଗଭୀର ଅଧ୍ୟୟନ ତୀକ୍ଷ୍ଣ ଓ ସୂକ୍ଷ୍ମ ବୁଦ୍ଧି, ଉଚ୍ଚତର ଅବବୋଧ ଓ ପ୍ରଚଣ୍ଡ ଇଚ୍ଛାଶକ୍ତି ଆବଶ୍ୟକ କରେ ।

ବୟସ ଓ ଲିଙ୍ଗ ନିର୍ବିଶେଷରେ ସମସ୍ତ ପରିସ୍ଥିତିରେ ସମସ୍ତେ ଭକ୍ତିର ଅଭ୍ୟାସ କରିପାରିବେ ।

ଜ୍ଞାନ, ଘୋର ତପସ୍ୟା, ବେଦ ଅଧ୍ୟୟନ ଓ ତୀକ୍ଷ୍ଣ ବୁଦ୍ଧି ଆଦି ଭକ୍ତି ନିମିତ୍ତ ଅନାବଶ୍ୟକ । ଏଥିପାଇଁ ସତତ ଶ୍ରଦ୍ଧା ଓ ବିଶ୍ୱାସ ସହ ଭଗବାନଙ୍କର ସ୍ମରଣ ଆବଶ୍ୟକ । ସେଥିପାଇଁ ଏହା ସମସ୍ତଙ୍କ ପାଇଁ ସୁଲଭ ।

ଅନେକ ବ୍ୟକ୍ତି ଭକ୍ତିଯୋଗକୁ ନିମ୍ନସ୍ତରର ମନେକରି ଯୋଗ୍ୟତା ବିନା ହଠଯୋଗ କୁଣ୍ଡଳିନୀ ଓ ରାଜଯୋଗର ଆଶ୍ରୟ ଗ୍ରହଣ କରନ୍ତି । ସେମାନେ ଯମ ଓ ନିୟମର ଅଭ୍ୟାସ କରନ୍ତି ନାହିଁ । ସେମାନେ ଖେଚରୀ ମୁଦ୍ରା ଓ ପ୍ରାଣାୟାମର ଅଭ୍ୟାସ କରନ୍ତି କାରଣ ସେମାନେ ଭାବନ୍ତି ଯେ ସେମାନେ ଏକାକୀ ଆକାଶରେ ଗତି କରି ଅଲୌକିକ କାର୍ଯ୍ୟ ସଂପାଦନ କରିପାରିବେ । ମାୟା ସେମାନଙ୍କର ଦୃଷ୍ଟି ଶକ୍ତିକୁ କଳୁଷିତ କରେ ।

ଭକ୍ତଙ୍କୁ ସବୁକିଛି ମିଳେ । ସେ ସିଦ୍ଧି, ପ୍ରଭୁଙ୍କର କୃପା ଓ ବିସ୍ମୟକର ଦୃଶ୍ୟ ଦେଖନ୍ତି ।

ସୁତରାଂ ସମସ୍ତ ପ୍ରକାର ବ୍ୟକ୍ତିଙ୍କ ପାଇଁ ଭକ୍ତିଯୋଗ ଗ୍ରହଣୀୟ ।

ସୂତ୍ର–୫୯

ପ୍ରମାଣାନ୍ତର ସ୍ୟାନ୍‌ପେକ୍ଷତ୍ୱାତ୍
ସ୍ୱୟଂ ପ୍ରମାଣତ୍ୱାତ୍ ॥ ୫୯ ॥

ଅର୍ଥ– କାରଣ ଭକ୍ତି ସ୍ୱୟଂ ପ୍ରମାଣ ରୂପ । ଏହା ପାଇଁ ଅନ୍ୟ ପ୍ରମାଣର ଆବଶ୍ୟକତା ନାହିଁ ।

ଶବ୍ଦାର୍ଥ– ପ୍ରମାଣନ୍ତରସ୍ୟ– ଏହା ବ୍ୟତୀତ ଅନ୍ୟ ପ୍ରମାଣର, ଅନପେକ୍ଷତ୍ୱାତ୍– କାରଣ ନିର୍ଭରଶୀଳତାର ଅନାବଶ୍ୟକତା, ସ୍ୱୟମ୍– ନିଜେ, ପ୍ରମାଣତ୍ୱାତ୍– ପ୍ରମାଣର କାରଣ ।

ବ୍ୟାଖ୍ୟା– ଏହା ସ୍ୱୟଂ ପ୍ରମାଣ ହୋଇଥିବାରୁ ଅନ୍ୟ ପ୍ରମାଣର ଆବଶ୍ୟକତା ନାହିଁ ।

ଭକ୍ତିର ପ୍ରମାଣ ହେଉଛି ସ୍ୱୟଂ ଭକ୍ତି । ଏହାର ଅନ୍ୟ ପ୍ରମାଣର ଆବଶ୍ୟକତା ନାହିଁ । ପ୍ରଭୁଙ୍କ ସହ ଯୋଗସୂତ୍ର ସ୍ଥାପନ କଲେ ଭକ୍ତ ଦିବ୍ୟାନନ୍ଦର ପ୍ରତ୍ୟକ୍ଷ ଅଭିଜ୍ଞତା ଲାଭ କରନ୍ତି । ଅନ୍ୟ ବାହ୍ୟ ପ୍ରମାଣର କୌଣସି ଆବଶ୍ୟକତା ନାହିଁ । ଏହା ବାଣୀ ଦ୍ୱାରା ବ୍ୟାଖ୍ୟା କରିବାର ବସ୍ତୁ ନୁହେଁ । ବୈବାହିକ ସ୍ଥିତିର ଆନନ୍ଦ ଅନୁଭବ କରିଥିବା ନାରୀ ହିଁ ଜାଣନ୍ତି ଏହାର ଆନନ୍ଦ କିପରି । ସେ ଏହା ଜଣେ ଅବିବାହିତ ତରୁଣୀଙ୍କୁ ବୁଝାଇ ପାରିବେ ନାହିଁ ।

ପ୍ରମାଣ ହେଉଛି ପ୍ରକୃତ ଜ୍ଞାନର ମାନଦଣ୍ଡ । ଜଣେ ବ୍ୟକ୍ତି ଯେତେବେଳେ ଏକ ମଧୁର୍ ଆମ୍ବ ଉପଭୋଗ କରନ୍ତି, ଆମ୍ବର ମଧୁରତା ବିଷୟରେ ତାଙ୍କର ଅଧିକ

ପ୍ରମାଣ ଅନାବଶ୍ୟକ । ସେ ଜଣେ ଶୁଷ୍କ ତାର୍କିକ ସଦୃଶ ଭକ୍ତିର ମାଧୁରିମା ବିଷୟରେ ତର୍କ କରି ନଥାନ୍ତି କାରଣ ସେ ଭକ୍ତିର ଦିବ୍ୟାମୃତ ଉପଭୋଗ କରନ୍ତି ।

"ଅନ୍ତର" ଅର୍ଥ ହେଉଛି ବାହ୍ୟ । ତେଣୁ "ପ୍ରମାଣାନ୍ତର"ର ଅର୍ଥ ବାହ୍ୟ ପ୍ରମାଣ । ମୀମାଂସକଙ୍କର ମତରେ ଛଅପ୍ରକାରର ପ୍ରମାଣ ରହିଛି ଯଥା– ପ୍ରତ୍ୟକ୍ଷ, ଅନୁମାନ, ଉପମାନ, ଶବ୍ଦ, ଅନୁପଲାବ୍ଧି ଓ ଅର୍ଥପତ୍ତି । ପ୍ରତ୍ୟକ୍ଷ ପ୍ରମାଣ ହେଉଛି ଇନ୍ଦ୍ରିୟଗଣଙ୍କ ଦ୍ୱାରା ପ୍ରତ୍ୟକ୍ଷ ଅନୁଭୂତି । ଅନୁମାନ ହେଉଛି ନିଷ୍କର୍ଷ ଅବା ନିର୍ଦ୍ଦିଷ୍ଟ ଧାରଣା ଉପରେ ଆଧାରିତ ମନ୍ତବ୍ୟ । "ଉପମାନ" ହେଉଛି ତୁଳନାର ମାନଦଣ୍ଡ ଅବା ଯାହାସହ ଅନ୍ୟ ଏକ ବସ୍ତୁର ତୁଳନା ହୋଇଥାଏ । "ଶବ୍ଦ" ହେଉଛି ବେଦ ବା ଶାବ୍ଦିକ କ୍ଷମତା । "ଅନୁପଲାବ୍ଧି" ହେଉଛି ଗୋଟିଏ ବସ୍ତୁର ଅନୁଭବ ହେଉ ନଥିବା ଅର୍ଥ ତା'ର ସ୍ଥିତିହୀନତା । "ଅର୍ଥପତ୍ତି" ହେଉଛି ଏକ ଯୁକ୍ତିସିଦ୍ଧ ଅନୁମାନ ଅବା ନିଷ୍କର୍ଷ ଯାହା ଗ୍ରହଣୀୟ ଫଳ ଉପରେ ଆଧାରିତ । ନୈୟାୟିକଗଣ କେବଳ ପ୍ରଥମ ଚାରିଟି ଯଥା ପ୍ରତ୍ୟକ୍ଷ, ଅନୁମାନ, ଉପମାନ ଓ ଶବ୍ଦକୁ ଗ୍ରହଣ କରନ୍ତି । ସାଂଖ୍ୟ ଦର୍ଶନରେ କେବଳ ପ୍ରତ୍ୟକ୍ଷ, ଅନୁମାନ ଓ ଶବ୍ଦକୁ ଗ୍ରହଣ କରାଯାଏ ।

ପ୍ରତ୍ୟକ୍ଷ ବ୍ୟତୀତ ଅନ୍ୟସବୁ ପ୍ରମାଣ ନିଜର ପ୍ରତ୍ୟକ୍ଷ ଅଭିଜ୍ଞତା ବ୍ୟତୀତ ଅନ୍ୟ ଉପରେ ନିର୍ଭର କରେ । ସେଗୁଡ଼ିକ ବାହ୍ୟ ପ୍ରମାଣ ଅବା ପ୍ରମାଣାନ୍ତର ରୂପେ ଗ୍ରହଣୀୟ । ଭକ୍ତି ମାର୍ଗରେ ସେସବୁର ଆବଶ୍ୟକତା ନ ଥାଏ । ଏହା ପ୍ରେମ ଆବେଗର ପ୍ରତ୍ୟକ୍ଷ ଅଭିଜ୍ଞତା ଉପରେ ଗୁରୁତ୍ୱ ପ୍ରଦାନ କରେ ।

ତୁମେ କ୍ଷୁଧା ଅନୁଭବ କଲେ ତାହା ତତ୍‌କ୍ଷଣାତ୍ ଜାଣିଯାଅ । ତୁମର ପ୍ରତ୍ୟକ୍ଷ ଅଭିଜ୍ଞତା ହୋଇଥାଏ । କ୍ଷୁଧା ଅନୁଭବ କରିବା ପାଇଁ ତୁମେ କ୍ଷୁଧା ବିଷୟରେ ବୌଦ୍ଧିକ ତର୍କ ଶୁଣିବାର ଆବଶ୍ୟକତା ପଡ଼େ ନାହିଁ । ମୁଁ କ୍ଷୁଧାର୍ତ୍ତ କି ନୁହେଁ ? – ଏ ବିଷୟରେ ମୋର ଅନୁଭୂତି ହେଉଛି ପ୍ରାମାଣିକ । କେହି ଯଦି କହନ୍ତି, "ନା, ତୁମେ କ୍ଷୁଧାର୍ତ୍ତ ନୁହଁ", ତୁମେ ଉତ୍ତରରେ କୁହ, "ମୁଁ କ୍ଷୁଧାର୍ତ୍ତ । ଏ ବିଷୟ ମୁଁ ପ୍ରମାଣିକ ରୂପେ ଜାଣେ । ଏ ବିଷୟରେ ଅନ୍ୟର ମତ ନିରର୍ଥକ ।"

ଯେତେବେଳେ ତୁମେ ତୁମର ମାତା, ପତ୍ନୀ ବା ସନ୍ତାନକୁ ଭଲପାଅ, ତୁମେ ଏ ବିଷୟରେ ତର୍କ କର ନାହିଁ କିମ୍ବା ବାହ୍ୟ ପ୍ରମାଣର ଆବଶ୍ୟକ କର ନାହିଁ । ଏହି ପ୍ରତ୍ୟକ୍ଷ ଅଭିଜ୍ଞତାର ତୁମେ ହେଉଛ ଅଧିକାରୀ । ସୁତରାଂ ସୂତ୍ର କହେ– "ସ୍ୱୟଂ ପ୍ରମାଣତ୍ୱାତ୍" ।

ଜଣେ ବ୍ୟକ୍ତି ସୁଖୀ କମ୍ବା ଦୁଃଖୀ– ସେ ବିଷୟରେ ଦ୍ୱିତୀୟ ବ୍ୟକ୍ତିଙ୍କର ପ୍ରମାଣ ଅନାବଶ୍ୟକ । ଏଥିପାଇଁ କୌଣସି ନିଷ୍କର୍ଷର ଅନାବଶ୍ୟକ । ଜଣେ ବ୍ୟକ୍ତିଙ୍କର ସ୍ୱକୀୟ ଅଭିଜ୍ଞତା ବିରୁଦ୍ଧରେ କୌଣସି ତର୍କ ନିରର୍ଥକ । ପ୍ରତ୍ୟକ୍ଷ ଅନୁଭବ ହିଁ ସାର୍ଥକ ଜ୍ଞାନର ପ୍ରଥମ ଓ ଅବ୍ୟର୍ଥ ଉପାୟ ।

ସୂତ୍ର–୬୦

ଶାନ୍ତି ରୂପାତ୍ ପରମାନନ୍ଦ ରୂପାଚ୍ଚ ॥ ୬୦ ॥

ଅର୍ଥ– ଶାନ୍ତି ରୂପ ହୋଇଥିବାରୁ ଭକ୍ତି ମଧ୍ୟ ପରମ ଆନନ୍ଦ ସ୍ୱରୂପ ।

ଶବ୍ଦାର୍ଥ– ଶାନ୍ତି ରୂପାତ୍ – ଶାନ୍ତିର ରୂପ ହୋଇଥିବାରୁ, ପରମାନନ୍ଦ ରୂପାତ୍– ପରମାନନ୍ଦ ରୂପ ହୋଇଥିବାରୁ ।

ବ୍ୟାଖ୍ୟା– ସବୁ କିଛି ଭୁଲି ଯାଆନ୍ତି । ସେ ସ୍ୱୟଂ ନିଜକୁ ମଧ୍ୟ ଭୁଲିଯାଆନ୍ତି । ସେ ବାସ୍ତବରେ କେବଳ ଭଗବାନଙ୍କ ପାଇଁ ଜୀବନଯାପନ କରନ୍ତି । ସେ ଈଶ୍ୱର-ସମର୍ପିତ ଜୀବନଯାପନ କରନ୍ତି ।

ମହୁର ସ୍ୱାଦ ଚାଖୁଥିବା ବ୍ୟକ୍ତିକୁ ମହୁ ମଧୁର ଲାଗେ । ସେହିପରି ଭକ୍ତି ସଂପୂର୍ଣ୍ଣ ଶାନ୍ତି ଓ ପରମ ଆନନ୍ଦ ପ୍ରଦାନ କରେ । ଏହା ସ୍ୱୟଂ–ସିଦ୍ଧ । ଏହାର ଅନ୍ୟ ପ୍ରମାଣ ଅନାବଶ୍ୟକ ।

ଭଗବାନଙ୍କର ପ୍ରେମ ଶାନ୍ତି ଓ ପରମାନନ୍ଦ ରୂପେ ଅନୁଭୂତ ହୁଏ ।

ସୂତ୍ର–୬୧

ଲୋକହାନୌ ଚିନ୍ତା ନ କାର୍ଯ୍ୟା ନିବେଦିତାତ୍ମ
ଲୋକ ବେଦତ୍ୱାତ୍ ॥ ୬୧ ॥

ଅର୍ଥ– ଭକ୍ତ ସାଂସାରିକ ବିଷୟରେ ଚିନ୍ତା କରିବା ଅନୁଚିତ କାରଣ ସେ ନିଜକୁ ତଥା ଲୌକିକ ଓ ବୈଦିକ କର୍ମସମୂହକୁ ଭଗବାନଙ୍କୁ ସମର୍ପଣ କରିଅଛନ୍ତି ।

ଶବ୍ଦାର୍ଥ– ଲୋକ ହାନୌ– ସଂସାରର ଦୁଃଖ ବିଷୟରେ, ଚିନ୍ତା–ଉଦ୍‌ବେଗ କାର୍ଯ୍ୟା– କରିବା, ନିବେଦିତାତ୍ମଲୋକ ବେଦତ୍ୱାତ୍– ସେ ନିଜକୁ, ସଂସାରକୁ ଓ ବେଦକୁ ପ୍ରଭୁଙ୍କୁ ସମର୍ପଣ କରିଥିବାରୁ ।

ବ୍ୟାଖ୍ୟା– ଭକ୍ତ ନିଜକୁ, ସଂସାରକୁ ଓ ବୈଦିକ କର୍ମସମୂହକୁ ପ୍ରଭୁଙ୍କୁ ଉତ୍ସର୍ଗ କରିଥିବାରୁ ସେ ବିଷୟରେ ଚିନ୍ତା କରିବା ଅନାବଶ୍ୟକ ।

ନିଜର ସାଂସାରିକ ବ୍ୟବସ୍ଥା କ୍ଷତିଗ୍ରସ୍ତ ହେଲେ ମଧ୍ୟ ଭକ୍ତ ସେ ବିଷୟରେ ଚିନ୍ତା କରିବା ଅନାବଶ୍ୟକ କାରଣ ସେସବୁ କିଛି ପ୍ରଭୁଙ୍କୁ ସମର୍ପଣ କରିଅଛନ୍ତି । ଭକ୍ତ ଭଗବାନଙ୍କ ଉପରେ ସଂପୂର୍ଣ୍ଣ ବିଶ୍ୱାସ ରଖିବା ଉଚିତ ଯଦିଓ ଆପାତତଃ ସାଂସାରିକ ବିଷୟର ବିରୁଦ୍ଧରେ ଯାଏ ଅବା କ୍ଷତିଗ୍ରସ୍ତ ହୁଏ । ବାସ୍ତବରେ କ୍ଷତି ଅବା କୁକର୍ମ ତାଙ୍କୁ ସ୍ପର୍ଶ କରିପାରିବ ନାହିଁ କାରଣ ସେ ଦୟାମୟ ଓ ସର୍ବଶକ୍ତିମାନ ଈଶ୍ୱରଙ୍କର ଯତ୍ନ ଓ ସୁରକ୍ଷାର ବଳୟରେ ରହନ୍ତି । ସେ ସାଂସାରିକ ଲାଭ ବା କ୍ଷତି ପ୍ରତି ଧ୍ୟାନ ଦେବା ଅନୁଚିତ । ସେ ସାଂସାରିକ କ୍ଷେତ୍ରରେ କେଉଁ କୃତିତ୍ୱ ହାସଲ କରନ୍ତି ଓ କେଉଁ କ୍ଷତିର ସମ୍ମୁଖୀନ ହୁଅନ୍ତି, ସେଥିପ୍ରତି ଧ୍ୟାନ ଦେବା ଅନୁଚିତ ।

ଭକ୍ତ ତାଙ୍କର ସାଂସାରିକ ଓ ଆଧ୍ୟାତ୍ମିକ କର୍ମସମୂହକୁ ପ୍ରଭୁଙ୍କୁ ସମର୍ପଣ କରିଥାଆନ୍ତି । ସୁତରାଂ, ସେ ସାଂସାରିକ କ୍ଷତି ଅବା ଲାଭ ବିଷୟରେ ଚିନ୍ତା କରିବା ଅନୁଚିତ । ସାଂସାରିକ ବିଷୟରେ ତାଙ୍କର ଚିନ୍ତା କରିବାର କ'ଣ ଆବଶ୍ୟକ ?

ଭକ୍ତ ଯେତେବେଳେ ତାଙ୍କର ସବୁ କିଛି ଭଗବାନଙ୍କୁ ସମର୍ପଣ କରିଅଛନ୍ତି । ପ୍ରଭୁ ତାଙ୍କର ସବୁ ଦୁଃଶ୍ଚିନ୍ତା ଦୂର କରିବା ସୁନିଶ୍ଚିତ । ପ୍ରଭୁ ଭକ୍ତଙ୍କର ମନକୁ ହରଣ କରନ୍ତି । ମନର ଅଭାବରେ ଭକ୍ତ କ୍ଷତି ବିଷୟରେ ଚିନ୍ତା କରିବେ କିପରି ?

ଏହିସବୁ ହୃଦୟର କଠୋରତା ବା ମାନବୀୟ ଯନ୍ତ୍ରଣା ପ୍ରତି ଉଦାସୀନତା ବିଷୟରେ ଉପଦେଶ ଦିଏ ନାହିଁ । ଏହା ଉଦାର ହୃଦୟଯୁକ୍ତ ବ୍ୟକ୍ତିଙ୍କର ବଦାନ୍ୟ ଓ ମାନବକଲ୍ୟାଣ କର କର୍ମକୁ ନିନ୍ଦା କରେ ନାହିଁ । ଏହା କେବଳ ଗୋଟିଏ ବିଷୟରେ ଗୁରୁତ୍ୱ ଦିଏ– ''ଚିନ୍ତା ନ କାର୍ଯ୍ୟା''– କୌଣସି ଚିନ୍ତା ବା ଉଦ୍‌ବେଗ ପୋଷଣ କରିବା ଅନୁଚିତ ।

ଭକ୍ତ ତାଙ୍କର ଆତ୍ମା (ଶରୀର, ମନ ଓ ବୁଦ୍ଧି), ସଂସାର ପ୍ରତି ଆସକ୍ତି ଓ ବେଦ ପ୍ରତି ସମ୍ମାନ (ଶୃଙ୍ଖଳା, ନିୟମ ଆଦି) ପ୍ରଭୁଙ୍କୁ ନୈବେଦ୍ୟ ରୂପେ ସମର୍ପଣ କରିଅଛନ୍ତି ।

□□□

ଭକ୍ତି ଓ ସାମାଜିକ ପ୍ରଥା

ସୂତ୍ର-୬୨

ନ ତଦ୍ ସିଦ୍ଧୌ ଲୋକ ବ୍ୟବାହାରୋ ହେୟଃ
କିନ୍ତୁ ଫଳ ତ୍ୟାଗସ୍ତଦ୍ ସାଧନଂ ଚ଼ କାର୍ଯ୍ୟମେବ ।। ୬୨ ।।

ଅର୍ଥ- ଭକ୍ତିର ବିକାଶ ହେବାଯାଏ, ବ୍ୟକ୍ତି ସାମାଜିକ ପ୍ରଥା ଓ ଉତ୍ସବର ଅବହେଳା କରିବା ଅନୁଚିତ । ବ୍ୟକ୍ତି ତାହା ନିଶ୍ଚିତରୂପେ ସଂପାଦନ କରିବା ଉଚିତ କିନ୍ତୁ ସାମାଜିକ କର୍ମର ଫଳକୁ ପ୍ରଭୁଙ୍କୁ ସମର୍ପଣ କରିବା ଆବଶ୍ୟକ ।

ଶବ୍ଦାର୍ଥ- ତଦ୍ ସିଦ୍ଧୌ- ଏହା ଲାଭ କରିବାକୁ, ଭକ୍ତିର ବିକାଶ ନିମିତ୍ତ, ଲୋକ ବ୍ୟବହାରଃ- ସାମାଜିକ ପ୍ରଥା, ନ- ନୁହେଁ, ହେୟ- ଅବହେଳା କରିବା ଫଳତ୍ୟାଗ- କର୍ମଫଳ ପରିହାର କରିବା, ତଦ୍ ସାଧନମ୍- ଏଥିପ୍ରତି ସହାୟକ ହେଉଥିବା, କାର୍ଯ୍ୟମ୍- ନିଶ୍ଚୟ ସଂପାଦନ କରିବା ଉଚିତ, ଏବ- ନିଶ୍ଚିତ ରୂପେ ।

ବ୍ୟାଖ୍ୟା- ଏହି ଭକ୍ତି ଲାଭ ନ କରିବା ଯାଏ, ସାଧାରଣ ଜୀବନଶୈଳୀ ପରିହାର କରିବା ଅନୁଚିତ କିନ୍ତୁ କର୍ମଫଳ ପ୍ରାପ୍ତିର କାମନାକୁ ତ୍ୟାଗ ଓ ଶୃଙ୍ଖଳାର ଅଭ୍ୟାସ କରି ରଖିବା ଉଚିତ ।

ଭକ୍ତି ଲାଭ ପରେ ଅବା ଭକ୍ତି ଲାଭର ଉଦ୍ଦେଶ୍ୟରେ ସାମାଜିକ ଜୀବନ ତ୍ୟାଗ କରିବା ଅନୁଚିତ । ସମସ୍ତ ନ୍ୟାୟସଙ୍ଗତ କର୍ମ କ୍ରମାଗତ ଭାବେ ଚଳାଇବା ବାଞ୍ଛନୀୟ । ସେହି କର୍ମର ଫଳ ତ୍ୟାଗ କରିବା ବିଧେୟ । ଶ୍ରୀବଶିଷ୍ଠ, ବ୍ୟାସ, ଶଙ୍କର, ପ୍ରଭୁ ଯୀଶୁ, ବୁଦ୍ଧଦେବ ଆଦି ମାନବ ସମାଜର ଅତ୍ୟନ୍ତ କଲ୍ୟାଣକାରୀ ଥିଲେ ।

ଲୋକ ବ୍ୟବହାର-

ତୁମେ ଭୋଜନ ଓ ପାନ କର । ତୁମେ ନିଶ୍ୱାସ ଗ୍ରହଣ କର । ତୁମେ କିଛି କାର୍ଯ୍ୟ ସଂପାଦନ କର । ତେଣୁ ତୁମକୁ ପ୍ରଦତ୍ତ କର୍ମ ତୁମେ ତ୍ୟାଗ କରିବା ଅନୁଚିତ । ଏହା ହେଉଛି "ଲୋକ ବ୍ୟବହାର"ର ଅର୍ଥ ।

ସୂତ୍ର-୬୩

ସ୍ତ୍ରୀଧନ ନାସ୍ତିକ ବୈରି ଚରିତ୍ରଂ ନ ଶ୍ରବଣୀୟମ୍ ।। ୬୩ ।।

ଅର୍ଥ– ନାରୀ ବିଷୟରେ କାହାଣୀ କିମ୍ବା ବର୍ଣ୍ଣନା, ସଂପତ୍ତି, ନାସ୍ତିକ ଅବା ଶତ୍ରୁ ବିଷୟରେ ଶୁଣିବା ଅନୁଚିତ ।

ଶବ୍ଦାର୍ଥ– ସ୍ତ୍ରୀ-ଧନ-ନାସ୍ତିକ-ବୈରି-ଚରିତ୍ରଂ- ନାରୀଙ୍କର ବର୍ଣ୍ଣନା ବା ଆଚରଣ, ସଂପତ୍ତି ନାସ୍ତିକ ଓ ଶତ୍ରୁ, ନ- ନୁହେଁ, ଶ୍ରବଣୀୟମ୍- ଶୁଣିବା ଉଚିତ ।

ବ୍ୟାଖ୍ୟା– ଏଥିରେ ଓ ସୂତ୍ର ସଂଖ୍ୟା ୭୩, ୭୪, ୪୩-୪୫ ରେ ଭକ୍ତି ବିକାଶରେ ପ୍ରତିବନ୍ଧକ ବିଷୟରେ ଆଲୋଚନା କରାଯାଇଛି ।

ଏ ସବୁ ପରିସ୍ଥିତି ଭକ୍ତଙ୍କର ଆଧ୍ୟାତ୍ମିକତା ଗୁଣ ହ୍ରାସ କରେ ଓ ଭକ୍ତିର ବିକାଶକୁ ବ୍ୟାହତ କରେ ।

ନାରୀ ଚିନ୍ତାରେ ନିମଗ୍ନ ଥିବା ମନ କଦାପି ଈଶ୍ୱରଙ୍କର ଧ୍ୟାନ କରିପାରିବ ନାହିଁ । ନାରୀ ଚିନ୍ତା କାମ ଉଦ୍ରେକ କରେ । କାମ ଈଶ୍ୱର-ସାକ୍ଷାତ୍କାରରେ ଶ୍ରେଷ୍ଠ ପ୍ରତିବନ୍ଧକ ।

ସଂପତ୍ତି ଚିନ୍ତା ଲୋଭ ଜାଗ୍ରତ କରେ । ନାସ୍ତିକର ଚିନ୍ତା ଓ ସଙ୍ଗତି ଈଶ୍ୱରଙ୍କ ପ୍ରତି ଅବିଶ୍ୱାସ ସୃଷ୍ଟି କରେ । ଶତ୍ରୁ ଚିନ୍ତା କ୍ରୋଧ ଜାଗ୍ରତ କରେ । ତେଣୁ ଉପରୋକ୍ତ ଚାରିଟି ବିଷୟରେ କାହାଣୀ ଶୁଣିବା ଅନୁଚିତ । ନାରୀ ବିଷୟ ମନକୁ ବିଚଳିତ କରେ ଓ କାମବାସନା ଉଦ୍ରେକ କରେ । ନାରଦ ପରିବ୍ରାଜକ ଉପନିଷଦରେ କୁହାଯାଇଛି ଯେ ସାଧକ ନାରୀର ଚିତ୍ର ମଧ୍ୟ ଦର୍ଶନ କରିବା ଅନୁଚିତ । ଧନୀ ବ୍ୟକ୍ତିଙ୍କର କଥା ସାଧକ ମନରେ ବିଳାସ ସୃଷ୍ଟି କରେ । ନାସ୍ତିକର କର୍ମ ଈଶ୍ୱର ବିଶ୍ୱାସ ନଷ୍ଟ କରେ ।

ସୂତ୍ର-୬୪

ଅଭିମାନ ଦଂଭାଦିକଂ ତ୍ୟାଜ୍ୟମ୍ ।। ୬୪ ।।

ଅର୍ଥ– ଅହଂକାର, କପଟ ଓ ଅନ୍ୟ ଦୁର୍ଗୁଣ ତ୍ୟାଗ କରିବା ଉଚିତ ।

ଶବ୍ଦାର୍ଥ– ଅଭିମାନଦମ୍ଭାଦିକଂ- ଅହଂକାର କପଟ ଆଦି ଅନ୍ୟ ଦୁର୍ଗୁଣ, ତ୍ୟାଜ୍ୟମ୍- ସଂପୂର୍ଣ୍ଣ ତ୍ୟାଗ କରିବା ଉଚିତ ।

ବ୍ୟାଖ୍ୟା– ଅହଂକାର ଓ କପଟ ଆଦି ଦୁର୍ଗୁଣ ଭକ୍ତିର ଶତ୍ରୁ । ସେସବୁଙ୍କୁ ସଂପୂର୍ଣ୍ଣ ବିନାଶ କରିବା ଉଚିତ ।

ପ୍ରୟାସ ଦ୍ୱାରା ଏ ଦୁର୍ଗୁଣ ସମୂହଙ୍କୁ ତ୍ୟାଗ କରିବା କଷ୍ଟକର । ପ୍ରକୃତ ପ୍ରତିକାର ହେଉଛି ସେଗୁଡ଼ିକର ପଥ ପରିବର୍ତ୍ତନ କରିବା । ବିପରୀତ ଗୁଣ ଯଥା ବିନୟ,

ନମ୍ରତା ସରଳତା ଆଜିର ବିକାଶ ହେଲେ ଦୁର୍ଗୁଣ ସ୍ୱତଃ ଦୂର ହେବ । ମନୁଷ୍ୟ ଓ ମନୁଷ୍ୟ ମଧ୍ୟରେ ଅହଂକାର ପ୍ରତିବନ୍ଧକ ସୃଷ୍ଟି କରେ । ଜଣେ ଅହଂକାରୀ ବ୍ୟକ୍ତି ନିଜକୁ ଅନ୍ୟଠାରୁ ଅଲଗା କରେ ।

ଆମେ ନିଜେ ଯାହା ନୋହୁଁ ତାହା ବୋଲି ଛଳନା କରିବା ହେଉଛି କପଟତା । ଜଣେ କପଟୀ ବ୍ୟକ୍ତି ଛଳନା କରନ୍ତି । ସେ ଛଳନା କରିନ୍ତି ଯେ ସେ ଜଣେ ଧର୍ମପରାୟଣ ଭକ୍ତ । ତାଙ୍କଠାରେ ନ ଥିବା ଗୁଣର ସେ ଛଳନା କରନ୍ତି । ସେ ଏକ ଭ୍ରାନ୍ତ ଚେହେରା ପ୍ରଦର୍ଶନ କରନ୍ତି ।

ଅଧିକମ୍ ଆଦି–

ଅଭିମାନ ଓ ଦମ୍ଭ ପରେ ଦେବର୍ଷି ନାରଦ ରାକ୍ଷସୀଗୁଣର ଅନ୍ୟ କୁପ୍ରବୃତ୍ତି ପ୍ରତି ପରୋକ୍ଷ ଭାବେ ସୂଚୀତ କରିଅଛନ୍ତି । ସୁତରାଂ ଭକ୍ତ ସମସ୍ତ ଆସୁରୀ ସ୍ୱଭାବ ପରିହାର କରିବା ଉଚିତ ।

ସୂତ୍ର–୬୫

ତଦର୍ପିତାଖିଳାଚାରଃ ସନ୍ କାମାକ୍ରୋଧାଭିମାନାଦି ତସ୍ମିନ୍ନେବ କରଣୀୟମ୍ ॥ ୬୫ ॥

ଅର୍ଥ– ନିଜର ସମସ୍ତ କର୍ମ ପ୍ରଭୁଙ୍କ ଶ୍ରୀଚରଣରେ ସମର୍ପିତ କରି ଭକ୍ତ ତାଙ୍କ ମନରେ ଥିବା କାମ, କ୍ରୋଧ, ଅହଂକାର ଆଦି ଦୁର୍ଗୁଣ କେବଳ ତାଙ୍କୁ ହିଁ ସମର୍ପଣ କରିବା ଉଚିତ ।

ଶବ୍ଦାର୍ଥ– ତଦର୍ପିତାଖିଳାଚାରଃ– ଯେଉଁ ଭକ୍ତ ଭଗବାନଙ୍କୁ ସମସ୍ତ କର୍ମ ଉତ୍ସର୍ଗ କରିଅଛନ୍ତି । ସନ୍– ହୋଇ, କାମକ୍ରୋଧ ଅଭିମାନ ଆଦି– କାମ, କ୍ରୋଧ ଓ ଅଭିମାନ ଦୁର୍ଗୁଣ । ତସ୍ମିନ୍– ତାଙ୍କ ପ୍ରତି, କରଣୀୟମ୍– କରିବା ଉଚିତ ।

ବ୍ୟାଖ୍ୟା– ଆମର ସମସ୍ତ ଆବେଗକୁ ସମାର୍ଜିତ କରି ସେଗୁଡ଼ିକୁ ଈଶ୍ୱରାଭିମୁଖୀ କରିବା ବିଧେୟ । ଆମର ଅନ୍ତରଙ୍ଗ ଓ ବହିଃରଙ୍ଗ ସମସ୍ତ କର୍ମ ପ୍ରଭୁଙ୍କଠାରେ ପୁନୀତ ଭାବେ ସମର୍ପଣ ହେବା ଉଚିତ । କେବଳ ତେବେ ହିଁ ଆମର ଆବେଗ ସମୂହ ଭକ୍ତିରେ ରୂପାନ୍ତରିତ ହୋଇପାରିବ ।

ଯଦି ଭକ୍ତ କ୍ରୋଧାନ୍ୱିତ, ସେ ତାଙ୍କର ପ୍ରିୟତମଙ୍କ ଉପରେ କ୍ରୋଧିତ ହୋଇଥାଆନ୍ତି । ଯଦି ସେ ଗର୍ବିତ, ଭକ୍ତ ତାଙ୍କର ପ୍ରଭୁଙ୍କ ନିମିତ୍ତ ଗର୍ବ ଅନୁଭବ

କରନ୍ତି । ତାଙ୍କର ଯଦି ବାସନା ଥାଏ, ତେବେ ପ୍ରଭୁ ହେଉଛନ୍ତି ସେହି ବାସନାର ଆଭିମୁଖ୍ୟ । ପ୍ରେମରେ ହେଉ ଅବା ଘୃଣାରେ ପ୍ରଭୁଙ୍କର ଅବିରତ ଚିନ୍ତନ, ଭକ୍ତଙ୍କର ହୃଦୟକୁ ଏକ ପୁଣ୍ୟପୀଠରେ ରୂପାନ୍ତରିତ କରେ । ରାବଣ ପ୍ରଭୁ ରାମଙ୍କୁ ଦ୍ୱେଷ କରୁଥିଲା । ଦେହତ୍ୟାଗ ପରେ ସେ ଏକ ଉତ୍ତୁଙ୍ଗ ସ୍ଥିତି ଲାଭ କଲା କାରଣ ତାର ମନ ସତତ ପ୍ରଭୁଙ୍କ ଚିନ୍ତାରେ ନିମଗ୍ନ ଥିଲା ।

ଭକ୍ତଙ୍କର ପ୍ରତି ପ୍ରେମର ଲକ୍ଷ୍ୟ ଯେପରି ସ୍ୱୟଂ ପ୍ରଭୁ, ସେହିପରି ପ୍ରଭୁ ହିଁ ଭକ୍ତପ୍ରବରଙ୍କର କାମନା ଓ କ୍ରୋଧର ଆଭିମୁଖ୍ୟ । ଯେହେତୁ ଭକ୍ତଙ୍କର ଚକ୍ଷୁ ସମ୍ମୁଖରେ ପ୍ରଭୁଙ୍କ ବ୍ୟତୀତ ଅନ୍ୟ କେହି ନ ଥାଆନ୍ତି, ଭକ୍ତଙ୍କର ପୂର୍ବୋକ୍ତ ଆବେଗର ଲକ୍ଷ୍ୟ ପ୍ରଭୁଙ୍କ ବିନା ଆଉ କିଏ ହେବ ?

ଆଧ୍ୟାତ୍ମିକ ପଥରେ ଆବେଗ ସମୂହ ପ୍ରତିବନ୍ଧକ ରୂପେ ଦଣ୍ଡାୟମାନ ହୁଅନ୍ତି । ସେହି ଆବେଗ ସମୂହକୁ ଈଶ୍ୱରାଭିମୁଖୀ କଲେ ତାହା ସହାୟତା ରୂପେ ପରିବର୍ତ୍ତିତ ହୁଅନ୍ତି । କାମ ଓ କ୍ରୋଧ ଆଦି ପ୍ରଭୁଙ୍କଠାରେ ନିମଜ୍ଜିତ ହୁଅନ୍ତି । ଯେଉଁ ଭକ୍ତ ସଂପୂର୍ଣ୍ଣ ରୂପେ ପ୍ରଭୁଙ୍କ ଉପରେ ନିର୍ଭର କରନ୍ତି, ସେ ପ୍ରଭୁଙ୍କୁ ତାଙ୍କର କାମ, କ୍ରୋଧ ଓ ଗର୍ବର ଆଭିମୁଖ୍ୟ କରିପାରନ୍ତି ।

ଏକଦା ଶ୍ରୀକୃଷ୍ଣଙ୍କ ଉପରେ ଶ୍ରୀରାଧା ତାଙ୍କର ଦୁଷ୍କାମୀ ପାଇଁ କ୍ରୋଧିତ ହେଲେ । ସେ ତାଙ୍କର ସହଚରୀଗଣଙ୍କୁ କହିଲେ, "ମୋ ନିକଟରେ ତାଙ୍କର ନାମ ଧରିବ ନାହିଁ । ମୁଁ ଜୀବିତ ଥିବା ଯାଏ ତାଙ୍କୁ କଦାପି ଭେଟିବି ନାହିଁ । ଶ୍ରୀକୃଷ୍ଣ ମୋ ନିକଟକୁ ନ ଆସନ୍ତୁ । ତାଙ୍କୁ ଦ୍ୱାରରେ ପ୍ରବେଶ କରିବାକୁ ଦେବ ନାହିଁ । ତାଙ୍କ ସଦୃଶ କପଟଚାରୀଙ୍କୁ କିପରି ବିଶ୍ୱାସ କରାଯିବ ?

ଭକ୍ତିର ପ୍ରତିବନ୍ଧକ ପ୍ରତି କ୍ରୋଧକୁ ଅଭିମୁଖୀ କରିବା ଉଚିତ । ତାହା ହେଲେ କ୍ରୋଧ ବୈରାଗ୍ୟ ଓ ତ୍ୟାଗର ରୂପ ଗ୍ରହଣ କରିବ । ଯେତେବେଳେ ବ୍ୟକ୍ତି ସ୍ୱ ଦୁର୍ଗୁଣ ପ୍ରତି କ୍ରୋଧ ପ୍ରକାଶ କରେ, ସେ କେବଳ ନିଜକୁ ପବିତ୍ର କରନ୍ତି । କୁଗୁଣ ସ୍ୱତଃ ଦୂର ହୋଇଯିବେ । ସାତ୍ତ୍ୱିକ ସ୍ୱଭାବର ପରିପ୍ରକାଶ ହେବ ।

ସୂତ୍ର–୬୬

ତ୍ରିରୂପ ଭଙ୍ଗ ପୂର୍ବକଂ ନିତ୍ୟଦାସ୍ୟ ନିତ୍ୟକାନ୍ତା
ଭଜନାତ୍ମକଂ ପ୍ରେମକାର୍ଯ୍ୟଂ ପ୍ରେମୈବଂ କାର୍ଯ୍ୟମ ॥ ୬୬ ॥

ଅର୍ଥ– ପୂର୍ବରେ ବର୍ଣ୍ଣିତ (ସୂତ୍ର ୫୬) ତିନିପ୍ରକାର ଅନୁଭବରୁ ନିବୃତ୍ତ ହୋଇ ନିରନ୍ତର ସେବା କରିବାକୁ ହିଁ ପ୍ରେମ କୁହାଯାଏ । ଜଣେ ନିତ୍ୟଦାସ ଅଥବା ଧର୍ମପତ୍ନୀ ସେହି ନିରନ୍ତର ସେବା କରେ ।

ଶବ୍ଦାର୍ଥ– ତ୍ରିରୂପ ଭଙ୍ଗପୂର୍ବକମ୍– ତିନିପ୍ରକାର ଅନୁଭବର ଉର୍ଦ୍ଧ୍ୱକୁ ଯାଇ, ନିତଦାସ ନିତ୍ୟକାନ୍ତ ଭଜନାତ୍ମକମ୍– ଜଣେ ନିତ୍ୟଦାସ ଅବା ଧର୍ମପତ୍ନୀର ସଦୃଶ ନିତ୍ୟ ପ୍ରେମପୂର୍ଣ୍ଣ ସେବା, କାର୍ଯ୍ୟମ୍– କାର୍ଯ୍ୟ କରିବା ଉଚିତ, ଏବ– କେବଳ ।

ବ୍ୟାଖ୍ୟା– କୌଣସି ଉଦ୍ଦେଶ୍ୟ ବିନା ଯଦି ଭକ୍ତ ପ୍ରେମ ଓ ସେବା କରେ ତାହା ପ୍ରେମୀ, ପ୍ରେମ ଓ ପ୍ରେମାସ୍ପଦ ରୂପୀ ତ୍ରୟର ଉର୍ଦ୍ଧ୍ୱକୁ ଚାଲିଯାଏ । ଏହା ଭକ୍ତଙ୍କର ଆଦର୍ଶ ହେବା ବିଧେୟ ।

ଦିବ୍ୟପ୍ରେମର ଶ୍ରେଷ୍ଠ ସ୍ୱରୂପ ହେଉଛି ଯେତେବେଳେ ପ୍ରେମିକ, ପ୍ରେମର କଳା ଓ ପ୍ରେମର ଧ୍ୟେୟ ଏକତ୍ର ନିମଗ୍ନ ହୁଅନ୍ତି ।

ଉପାସକ, ଉପାସନା ଓ ଉପାସ୍ୟ ଭାବ ତ୍ରୟକୁ ନିମଗ୍ନ କର । ଦୃଶ୍ୟଭାବ କିମ୍ବା କାନ୍ତାଭାବରେ ପ୍ରଭୁଙ୍କର ସତତ ସେବା କର ।

ଜଣେ ନିଷ୍ଠାପର ସେବକ ବା ପ୍ରିୟତମା ପତ୍ନୀ ପ୍ରଭୁ ବା ସ୍ୱାମୀଠାରୁ କୌଣସି ପ୍ରତ୍ୟାଶା ନରଖି ସେବାକୁ ପ୍ରେମର ଏକ ନିଦର୍ଶନ ରୂପେ ଉପଯୋଗ କରିଥାଆନ୍ତି । ସେହିପରି ଭକ୍ତ ସମସ୍ତ ପ୍ରାଣୀରେ କେବଳ ପ୍ରଭୁଙ୍କୁ ଦର୍ଶନ କରିଥାଆନ୍ତି । ସୁତରାଂ ତାଙ୍କର ସମସ୍ତ କର୍ମ ନିଷ୍କାମ ଭାବରେ ପ୍ରଭୁଙ୍କ ପ୍ରତି ବିଶୁଦ୍ଧ ପ୍ରେମ ରୂପେ ଅର୍ପିତ ହୋଇଥାଏ । ସେ ପ୍ରଭୁଙ୍କୁ ପ୍ରେମ ନ କରି ରହିପାରିବେ ନାହିଁ, ତେଣୁ ସେ ପ୍ରେମ କରନ୍ତି ।

ଶିରୁତୋଣ୍ଡା ନୟନାର୍‌ଙ୍କର ନିତ୍ୟଦାସ୍ୟ ଭାବ ଥିଲା । ବୃନ୍ଦାବନର ଗୋପୀଗଣ, ଅଣ୍ଡାଲ ଓ ମୀରାଙ୍କର ନିତ୍ୟକାନ୍ତାଭାବ ଥିଲା ।

ସୂତ୍ର–୬୭

ଭକ୍ତା ଏକାନ୍ତିନୋ ମୁଖ୍ୟାଃ ॥ ୬୭ ॥

ଅର୍ଥ– ଏକାନ୍ତ ବା ଅନନ୍ୟ ଭକ୍ତ ହିଁ ଶ୍ରେଷ୍ଠ ଅଟନ୍ତି ।

ଶବ୍ଦାର୍ଥ– ଏକାନ୍ତିନଃ– ଅନନ୍ୟ, ପ୍ରଭୁଙ୍କ ପ୍ରତି ଏକନିଷ୍ଠ ବିଶୁଦ୍ଧ ପ୍ରେମଭାବ । ଭକ୍ତାଃ– ଭକ୍ତଗଣ, ମୁଖ୍ୟା– ଶ୍ରେଷ୍ଠ ।

ବ୍ୟାଖ୍ୟା– ଯେଉଁ ଭକ୍ତଗଣ ଏକନିଷ୍ଠ ଭାବେ ପ୍ରଭୁଙ୍କୁ ଭକ୍ତି କରନ୍ତି, ସେମାନେ ହିଁ ଶ୍ରେଷ୍ଠ । ଶରୀର, ମନ, ସଂପଦ ତଥା ସବୁକିଛି ପ୍ରଭୁଙ୍କର ସଂପତ୍ତି ହୋଇଥାଏ । ପ୍ରଭୁଙ୍କର ଏକ ସାଧନ ରୂପେ ସେ ଜଗତରେ ନିବାସ କରନ୍ତି । ତାଙ୍କର ମନ ଭଗବାନଙ୍କ ଠାରେ ନିମଗ୍ନ ଥାଏ । ତାଙ୍କର ଚକ୍ଷୁ ସର୍ବତ୍ର ଓ ସର୍ବଦା ପ୍ରଭୁଙ୍କୁ ଦର୍ଶନ କରନ୍ତି ।

ଭକ୍ତଙ୍କର ଚକ୍ଷୁରେ ପ୍ରଭୁ ନିବାସ କରନ୍ତି । ଅନ୍ୟ କେହି ଏବେ ସେ ଚକ୍ଷୁରେ ପ୍ରବେଶ କରିପାରିବେ ନାହିଁ । ଏପରିକି ନିଦ୍ରାର ମଧ ସେଠାକୁ ପ୍ରବେଶ ·ଅଧିକାର ନାହିଁ ।

ପଞ୍ଚମ ତଥା ଅନ୍ତିମ ଅଧ୍ୟାୟ ଏହି ସୂତ୍ର ସହ ପ୍ରାରମ୍ଭ ହୁଏ । ଏହି ଅଧ୍ୟାୟରେ ମୁଖ୍ୟ ଭକ୍ତି ଲାଭ କରିଥିବା ଭକ୍ତଙ୍କର ବର୍ଣ୍ଣନା ପ୍ରଦତ୍ତ ହୋଇଅଛି । ମୁଖ୍ୟ ଶବ୍ଦ ଭକ୍ତିର ଶ୍ରେଷ୍ଠ ଅବସ୍ଥା ବର୍ଣ୍ଣନା କରେ । ଏହା ୫୬ ସୂତ୍ରରେ ଉଲ୍ଲେଖ ଥିବା ଗୌଣ ଭକ୍ତିଠାରୁ ଅଲଗା ।

ଏହି ମୁଖ୍ୟ ଭକ୍ତି ସ୍ଥିତି ଲାଭ କରିଥିବା ଭକ୍ତଙ୍କୁ ଭାଗବତ ଅବା ସନ୍ଥ କୁହାଯାଏ । ଏହି ପ୍ରମୁଖ ଭକ୍ତିରେ ସାଂସାରିକ ଭାବ ନଥାଏ । ଭକ୍ତ ଏପରିକି ମୁକ୍ତି ମଧ କାମନା କରନ୍ତି ନାହିଁ । ଉଦ୍ଦେଶ୍ୟ ପ୍ରଣୋଦିତ ହୋଇ ସେ ଭଗବାନଙ୍କୁ ପ୍ରେମ କରନ୍ତି ନାହିଁ ।

ଭାଗବତରେ ପ୍ରକୃତ ଭକ୍ତଙ୍କର ସ୍ୱଭାବ ବର୍ଣ୍ଣିତ ହୋଇଅଛି (ଭା. ୧୧।୧୪।୧୪) "ଯେଉଁ ବ୍ୟକ୍ତି ତାଙ୍କର ମନ ମୋତେ ଅର୍ପଣ କରିଅଛନ୍ତି ବ୍ରହ୍ମା ବା ଇନ୍ଦ୍ରପଦ କାମନା କରନ୍ତି ନାହିଁ । ସେ ସମ୍ରାଟଙ୍କର ସିଂହାସନ, ପାତାଳର ପ୍ରଭୁତ୍ୱ, ଯୋଗ–ଶକ୍ତି ଏପରିକି ମୋକ୍ଷ ମଧ କାମନା କରନ୍ତି ନାହିଁ କାରଣ ସେ କେବଳ ମୋତେ ହିଁ ଚାହାନ୍ତି । ଏପରି ଏକ ଭକ୍ତ ଥିଲେ ଉଦ୍ଧବ । ତାଙ୍କ ବିଷୟରେ ପ୍ରଭୁ କହନ୍ତି– ବ୍ରହ୍ମା, ଶଙ୍କର, ଶଙ୍କର୍ଷଣ, ଶ୍ରୀଦେବୀ କିମ୍ବା ସ୍ୱୟଂ ନିଜକୁ ମଧ ମୁଁ ତୁମ ସଦୃଶ ଭଲପାଏ ନାହିଁ । ତୁମେ ହିଁ ମୋ ନିମିତ୍ତ ସର୍ବାଧିକ ପ୍ରିୟ ।

ଯେପରି ପ୍ରଜ୍ୱଳିତ ଅଗ୍ନି ସମସ୍ତ ସମିଧକୁ ପାଉଁଶରେ ପରିଣତ କରେ, ହେ ଉଦ୍ଧବ, ମୋ ପ୍ରତି ଭକ୍ତି ସମସ୍ତ ପାପକୁ ବିନାଶ କରେ ।

ବିକଶିତ ଅନନ୍ୟ ଭକ୍ତି ସଦୃଶ ମୋତେ ଯୋଗ, ସାଂଖ୍ୟ, ସତ୍‌କର୍ମ, ବେଦାଧ୍ୟୟନ, ତପ ଦାନ ଆଦି ତୃପ୍ତି ପ୍ରଦାନ କରିପାରନ୍ତି ନାହିଁ । ଅନନ୍ୟ ଭକ୍ତି ଓ ଶ୍ରଦ୍ଧା ଦ୍ୱାରା ହିଁ ମୁଁ ପ୍ରସନ୍ନ ହୋଇଥାଏ । ଧର୍ମପ୍ରାଣ ବ୍ୟକ୍ତିଗଣଙ୍କର ମୁଁ ହେଉଛି ପ୍ରିୟ

ଆତ୍ମା । ମୋ ପ୍ରତି ଭକ୍ତି ଏପରିକି ଶ୍ୱାନ ମାଂସ ଭକ୍ଷଣ କରୁଥିବା ଚାଣ୍ଡାଳକୁ ମଧ୍ୟ ପବିତ୍ର କରେ ଓ ଜନ୍ମ-ମୃତ୍ୟୁ ଚକ୍ରରୁ ରକ୍ଷା କରେ ।

ଲୋକମାନେ ମୋ ସହ ନିବାସ କରି ବୈକୁଣ୍ଠରେ ରହିବାକୁ ବା ସାଲୋକ୍ୟ ଚାହାନ୍ତି ନାହିଁ, ମୋ ସହ ସମାନ ସଂପଦ, ସାମୀପ୍ୟ, ସାରୂପ୍ୟ ଅବା ସାଯୁଜ୍ୟ ମୁକ୍ତି ଚାହାନ୍ତି ନାହିଁ କିନ୍ତୁ ସେମାନେ ମୋର ସେବାରେ ନିଯୁକ୍ତ ହେବାକୁ ଚାହାନ୍ତି । ଭକ୍ତିର ଏହି ଯୋଗସୂତ୍ରକୁ ସଂପୂର୍ଣ୍ଣ କରିବାକୁ ଭକ୍ତଗଣ ଚାହାନ୍ତି । ଫଳରେ ଆସକ୍ତିକୁ ପ୍ରତିହତ କରି ସେମାନେ ମୋର ସ୍ୱଭାବ ଲାଭ କରିବାକୁ ଯୋଗ୍ୟ ହୋଇଥାଆନ୍ତି ।

ଏହା ''ଏକାନ୍ତ'' ଭକ୍ତିର ସ୍ୱଭାବ । ''ଏକାନ୍ତ''ର ଆକ୍ଷରିକ ଅର୍ଥ ହେଉଛି ''କେବଳ ଗୋଟିଏ ଅନ୍ତିମଭାଗ'' । ସେହି ''ଅନ୍ତ'' ସର୍ବଦା ପ୍ରଭୁଙ୍କର ସମ୍ମୁଖରେ ଓ ସର୍ବଦା ପ୍ରଭୁଙ୍କଠାରେ ସେବା କରିବା ବୁଝାଏ । ଏପରି ଭକ୍ତଗଣଙ୍କର କେବଳ ଭଗବାନଙ୍କର ଅନନ୍ୟ ଚିନ୍ତା ହିଁ ଥାଏ ।

❑❑❑

ଭକ୍ତଙ୍କର ମହିମା

ସୂତ୍ର–୬୮

କଣ୍ଠାବରୋଧ ରୋମାଞ୍ଚାଶ୍ରୁଭିଃ ପରସ୍ପରଂ
ଲପମାନାଃ ପାବୟନ୍ତି କୁଳାନି ପୃଥ୍ୱୀଂ ଚ ॥ ୬୮ ॥

ଅର୍ଥ– ଅବରୋଧ କଣ୍ଠରେ, ରୋମାଞ୍ଚିତ ଶରୀରରେ ତଥା ଅଶ୍ରୁପୂର୍ଣ୍ଣ ନେତ୍ରରେ ଯେତେବେଳେ ଶ୍ରେଷ୍ଠ ଭକ୍ତଗଣ ପରସ୍ପର ମଧ୍ୟରେ ବାର୍ତ୍ତାଳାପ କରିଥାନ୍ତି, ସେତେବେଳେ କେବଳ ତାଙ୍କର କୁଳ ବା ବଂଶ ନୁହେଁ ବରଂ ସାରା ପୃଥିବୀ ପବିତ୍ର ହୋଇଯାଏ ।

ଶବ୍ଦାର୍ଥ– କଣ୍ଠାବରୋଧ ରୋମାଞ୍ଚାଶ୍ରୁଭିଃ– ଅବରୋଧ କଣ୍ଠ ରୋମାଞ୍ଚ ଶରୀର ଓ ଅଶ୍ରୁପୂର୍ଣ୍ଣ ନେତ୍ରରେ, ପରସ୍ପରମ୍– ପରସ୍ପର ପ୍ରତି, ଲପମାନାଃ– ବାର୍ତ୍ତାଳାପ କରି, କୁଳାନି– କୁଳ ସମୂହ, ପୃଥିବୀଃ– ପୃଥିବୀ, ଚ– ଏବଂ, ପାବୟନ୍ତି– ପବିତ୍ର କରନ୍ତି ।

ବ୍ୟାଖ୍ୟା– ଗୀତାର ଦଶମ ଅଧ୍ୟାୟର ନବମ ଶ୍ଳୋକରେ ପ୍ରଭୁ କୃଷ୍ଣ କହନ୍ତି– "ସେମାନଙ୍କର ମନ ମୋ'ଠାରେ ସ୍ଥିର ରଖି ଏବଂ ସେମାନଙ୍କର ଜୀବନ ମୋର ଅଭିମୁଖୀ କରି ସର୍ବଦା ମୋ ବିଷୟରେ ବାର୍ତ୍ତାଳାପ କରି ଓ ପରସ୍ପରଙ୍କୁ ଜ୍ଞାନାଲୋକ ପ୍ରଦାନ କରି ମୋର ଭକ୍ତଗଣ ତୃପ୍ତ ଓ ଆନନ୍ଦିତ ହୁଅନ୍ତି ।"

ପରସ୍ପର ସହ ଭକ୍ତି ବିଷୟରେ କଥାବାର୍ତ୍ତା କରି ଆନନ୍ଦ ଓ ରୋମାଞ୍ଚର ଅଶ୍ରୁ ମୁଞ୍ଚନ କରି ସେମାନେ ନିଜର କୁଳ ଓ ପୃଥିବୀ ପବିତ୍ର କରନ୍ତି ।

ଭକ୍ତଙ୍କର ପୂର୍ବପୁରୁଷଙ୍କର ପ୍ରେତଗଣ ତାଙ୍କର ଦାୟାଦଙ୍କର ଭକ୍ତିରେ ପୁନୀତ ହୋଇ ସନ୍ତୋଷ ଲାଭ କରନ୍ତି ।

ଯେତେବେଳେ ଉପାସନା ପାଇଁ ଜନ ସମାବେଶ ହୁଏ, ଯେତେବେଳେ ଭକ୍ତଗଣ ଏକତ୍ର ହୋଇ କୀର୍ତ୍ତନ ଓ ସମବେତ ଧ୍ୟାନ କରନ୍ତି, ସେମାନେ ଆଧ୍ୟାତ୍ମିକ ପ୍ରବାହ ସୃଷ୍ଟି କରନ୍ତି ଯାହାକି ବହୁ ହୃଦୟକୁ ଭକ୍ତିରେ ପ୍ଳାବିତ ଓ ଅନୁପ୍ରେରିତ କରେ । ସେହି ସ୍ଥାନର ସମଗ୍ର ପରିବେଶ ପବିତ୍ର ହୋଇ ଦିବ୍ୟ ପ୍ରେମର ସ୍ରୋତରେ ଆପ୍ଳୁତ ହୋଇଯାଏ ।

ଶାସ୍ତ୍ର କହନ୍ତି– ପରିବାର ପବିତ୍ର ହୁଅନ୍ତି ଓ ମାତା ଆଶିଷ ଲାଭ କରନ୍ତି, ଯାହାର ମନ ଅସୀମଜ୍ଞାନ ଓ ଆନନ୍ଦର ସାଗର ବ୍ରହ୍ମଙ୍କ ଠାରେ ନିମଗ୍ନ ରହେ । ତାଙ୍କରି ମାଧ୍ୟମରେ ବିଶ୍ୱ ନିଜକୁ ଭାଗ୍ୟବାନ ମନେକରେ ।

ପ୍ରଭୁ ହରି କହିଥିଲେ– "ମୁଁ କେବଳ ବୈକୁଣ୍ଠ ଅବା ଯୋଗୀଗଣଙ୍କର ହୃଦୟରେ ବାସ କରେ ନାହିଁ କିନ୍ତୁ, ହେ ନାରଦ, ଯେଉଁ ଭକ୍ତଗଣ ମୋ ବିଷୟରେ ଗାନ କରନ୍ତି, ମୁଁ ସେଠାରେ ଦୀପ୍ତିମନ୍ତ ରୂପେ ଉପସ୍ଥିତ ରହେ ।

ଅବରୋଧ କଣ୍ଠ, ରୋମାଞ୍ଚ ଶରୀର, ଅଶ୍ରୁ ପ୍ରବାହିତ ନେତ୍ର ଆଦି ଅନ୍ତର୍ନିହିତ ଆବେଗ ସମୂହର ବାହ୍ୟ ସଂକେତ । ତାହା ଭାବର ଗଭୀରତା ପରିପ୍ରକାଶ କରେ । ଏହି ଅନୁଭବ ଦିବ୍ୟପ୍ରେମର ଦ୍ୟୋତକ । ଏତାଦୃଶ ପ୍ରେମ ଥିବା ଭକ୍ତ ପ୍ରଭୁଙ୍କ ସହ ପ୍ରତ୍ୟକ୍ଷ ଯୋଗସୂତ୍ର ସ୍ଥାପନ କରିପାରିବେ ।

ଭକ୍ତିର ଯେତେ ଗଭୀରତା ରହିବ, ଆଧ୍ୟାତ୍ମିକ ପ୍ରଭାବର ବଳୟ ସେତେ ଅଧିକ ସୁଦୂରପ୍ରସାରୀ ହେବ । ତନ୍ମଧ୍ୟରୁ ଶ୍ରେଷ୍ଠ ସମଗ୍ର ବିଶ୍ୱର ଆଲୋକ ପ୍ରତିପାଦିତ ହେବେ । ସେ ଗୁମ୍ଫାରେ ନିବାସ କଲେ ମଧ୍ୟ ତାଙ୍କର ଭକ୍ତିର ଆଧ୍ୟାତ୍ମିକ ତରଙ୍ଗମାଳା ସମଗ୍ର ବିଶ୍ୱରେ ବ୍ୟାପ୍ତ ହୋଇ ତାହା ଗ୍ରହଣ କରିବାର ସାମର୍ଥ୍ୟ ଥିବା ଶୁଦ୍ଧ ହୃଦୟରେ ପ୍ରତିଧ୍ୱନି ସୃଷ୍ଟି କରିବ ।

ଜଣେ ଭକ୍ତଙ୍କର ଆବେଗକୁ ବିଭବ, ଅନୁଭବ ଅବା ଭାବ କୁହାଯାଏ । ଯେତେବେଳେ ଭକ୍ତ ଦିବ୍ୟଆନନ୍ଦ ଉପଭୋଗ କରନ୍ତି, ତାଙ୍କର ପ୍ରେମ ରାସ (ରୁଚି ବା ରସ ସମୂହ ସହ ମିଶ୍ରିତ ହୋଇଥାଏ ।)

ଜଣେ ଭକ୍ତଙ୍କର ଆବେଗକୁ ବିଭାବ ଅବା ଅନୁଭବ ବା ବ୍ୟଭିଚାରୀ ଭାବ କୁହାଯାଏ । ବିଭାବ ଦ୍ୱିବିଧ–ଆଲମ୍ବନା ଓ ଉଦ୍ଦୀପନା । ଆଲମ୍ବନା ବିଭାବ ହେଉଛି ଉତ୍‌ଫୁଲ୍ଲତା ଯାହାକି ବାହ୍ୟ ଆବେଗରୁ ଜାତ । କେବଳ ଘନ ମେଘ ଦର୍ଶନ ମାଧ୍ୟମରେ ଭକ୍ତ ପ୍ରଭୁ କୃଷ୍ଣଙ୍କୁ ଦର୍ଶନ କରିପାରିବେ । ସେ ସଂସାରରେ ସମସ୍ତ ଚେତନା ହରାଇ ବସିବେ । "ବିଭାବ"ର ଅର୍ଥ ହେଉଛି ବାହ୍ୟଜଗତର ଚେତନା ହରାଇବା । ଆଲମ୍ବନା ହେଉଛି ଅବଲମ୍ବନ ଲାଭ କରିବା । ବାହ୍ୟ ଘଟଣା ଭକ୍ତ ହୃଦୟରେ ଆବେଗର ଧାରା ପ୍ରବାହିତ କରାଏ ।

"ଉଦ୍ଦୀପନା ବିଭାବ"ରେ ଭକ୍ତ ପ୍ରଭୁ କୃଷ୍ଣଙ୍କର ବଂଶୀ ବାଦନ ଶ୍ରବଣ କରିପାରେ । ସଙ୍ଗୀତ ଏହି ବିଭାବ ସୃଷ୍ଟି କରେ । "ଉଦ୍ଦୀପନା"ର ଅର୍ଥ ହେଉଛି ପ୍ରଦୀପକ ଅବା ଜ୍ଞାନାଲୋକର ଆଭା ।

"ଆଲମ୍ବନ" ପରେ ଉଦ୍ଦୀପନା ଆସେ । "ଅନୁଭବ" ହେଉଛି ତୃତୀୟ ପର୍ଯ୍ୟାୟ । ପ୍ରଭୁଙ୍କୁ ପରିବେଷ୍ଟିତ କରିଥିବା ଦେବଗଣଙ୍କ ସହ ଭକ୍ତ ଯୋଗଦିଏ । ସେତେବେଳେ ଭକ୍ତ ବାସ୍ତବରେ ବୃନ୍ଦାବନରେ ଥାଆନ୍ତି । ସେ ଗୀତ ଓ ନାଚରେ ଯୋଗ ଦିଅନ୍ତି । ସମସ୍ତ ଆବେଗ ଯଥା ରତି; ହାସ୍ୟ, ଉତ୍ସାହ ଦୟା, ଜୁଗୁପ୍ସା, ଶୋକ ଓ ବିସ୍ମୟ ତାଙ୍କଠାରେ ପରିଦୃଷ୍ଟ ହୋଇଥାଏ । ତାହା କଟାକ୍ଷ ଓ ସ୍ୱେଦ ମାଧ୍ୟମରେ ପରିଲକ୍ଷିତ ହୁଏ ।

ଅନୁଭବରେ ରୋମାଞ୍ଚ, ଅଶ୍ରୁ ପ୍ରବାହ ଆଦି ବାହ୍ୟ ଲକ୍ଷଣ ଦେଖାଯାଏ । ଏସବୁକୁ ସାତ୍ତ୍ୱିକ ଅନୁଭବ କୁହାଯାଏ । ଅନୁଭବ ହେଉଛି ପ୍ରାଥମିକ ଭାବାବେଗ । 'ବ୍ୟଭିଚାରୀ' ହେଉଛି ଗୌଣ ଭାବ ।

ନଅଟି ମୁଖ୍ୟଭାଗ ଅଛନ୍ତି ଯାହାସହ ଗୌଣଭାବ ମଧ୍ୟ ଯୋଗ ଦେଇଥାଆନ୍ତି । ବିସ୍ମୟ, ଚକ୍ଷୁର ଉତ୍ତୋଳନ, ଓଠ କମ୍ପିତ ହେବା ଆଦି ହେଉଛନ୍ତି ବ୍ୟଭିଚାରୀଭାବ ସମୂହ ।

ପବୟନ୍ତି– ଭକ୍ତଗଣ ପବିତ୍ର କରନ୍ତି । କୁଳାନି ଅର୍ଥ ସେମାନଙ୍କର ପରିବାର । ପୃଥିବୀ ଚ– ସଂସାର ମଧ୍ୟ ।

ଯେଉଁଠାକୁ ସେମାନେ ଯାଆନ୍ତି, ସେମାନେ ପ୍ରେମ ଓ ଆନନ୍ଦ ପରିପ୍ରକାଶ କରନ୍ତି, ଭୟ ଓ ଅଜ୍ଞତା ଦୂର କରନ୍ତି, ସେମାନେ ନୈରାଶ୍ୟଗ୍ରସ୍ତ ବ୍ୟକ୍ତିଗଣଙ୍କୁ ନୂତନ ଓ ସତେଜ ଜୀବନ ପ୍ରଦାନ କରନ୍ତି, ସେମାନଙ୍କ ନିକଟକୁ ଆସୁଥିବା ବ୍ୟକ୍ତିଗଣଙ୍କୁ ଅନୁପ୍ରାଣିତ କରି ଆଧ୍ୟାତ୍ମିକ ସ୍ତରରେ ସମୁନ୍ନତ କରନ୍ତି । ଏତାଦୃଶ ଭାବେ ସେମାନେ ପୁନୀତ ବା ପବିତ୍ର କରନ୍ତି ।

ପୁନୀତକରଣ ଅର୍ଥ ପାପ ଓ ଅଜ୍ଞତା ଦୂର କରିବା । ମହାନ ଭକ୍ତଗଣଙ୍କର ବିମଳ କିରଣରେ ପାପ, ତାପ, ଦୁର୍ଦ୍ଦଶା, ଦୂରୀଭୂତ ହୋଇଯାଏ । ଦୁଃଖ ଯନ୍ତ୍ରଣାଦଗ୍ଧ ଅଜ୍ଞାନ ବ୍ୟକ୍ତିଙ୍କର ।

ସେମାନଙ୍କ ସ୍ୱରଭଙ୍ଗ (କଣ୍ଠ ଅବରୋଧ) ହୁଏ ଯେତେବେଳେ ହୃଦୟରେ ଦିବ୍ୟପ୍ରେମର ଫଲ୍‌ଗୁଧାରା ପ୍ରବାହିତ ହୁଏ । ଏହା ସହ ପୁଲକ ଓ ଅଶ୍ରୁପାତ ମଧ୍ୟ ଦେଖାଦିଏ । ଭକ୍ତଙ୍କର ଅଶ୍ରୁରେ ଭଗବାନ ନିବାସ କରନ୍ତି ।

ପରବର୍ତ୍ତୀ ସୂତ୍ରଦ୍ୱୟ ଏହି ଭାବକୁ ବିଶଦ ରୂପେ ଆଲୋଚନା କରନ୍ତି ।

ସୂତ୍ର-୬୯

ତୀର୍ଥୀ କୁର୍ବନ୍ତି ତୀର୍ଥାନି ସୁକର୍ମୀ କୁର୍ବନ୍ତି କର୍ମାଣି
ସଚ୍ଛାସ୍ତ୍ରୀ କୁର୍ବନ୍ତି ଶାସ୍ତ୍ରାଣି ।। ୬୯ ।।

ଅର୍ଥ– ଏପରି ଭକ୍ତଗଣ ତୀର୍ଥ ସମୂହକୁ ପବିତ୍ର କରନ୍ତି, କର୍ମକୁ ସୁକର୍ମ କରନ୍ତି, କର୍ମସମୂହକୁ ସତ୍‌କର୍ମରେ ପରିଣତ କରନ୍ତି ଓ ଶାସ୍ତ୍ର ସମୂହକୁ ଆଧ୍ୟାତ୍ମିକ ପ୍ରାମାଣିକତା ପ୍ରଦାନ କରନ୍ତି ।

ଶବ୍ଦାର୍ଥ– ତୀର୍ଥାନି- ତୀର୍ଥ ବା ପବିତ୍ର ସ୍ଥାନ ସମୂହ । ତୀର୍ଥୀ କୁର୍ବନ୍ତି- ପବିତ୍ର କରନ୍ତି, କର୍ମାଣି- କର୍ମସବୁ, ସୁକର୍ମୀ କୁର୍ବନ୍ତି- କର୍ମକୁ ସୁକର୍ମ କରନ୍ତି, ସଚ୍ଛାସ୍ତ୍ରୀ କୁର୍ବନ୍ତି- ସଦ୍‌ଗ୍ରନ୍ଥ କରନ୍ତି ।

ବ୍ୟାଖ୍ୟା– ଭକ୍ତଗଣ ସାଧାରଣ ନଦୀ ବା ହ୍ରଦ ସଦୃଶ ସ୍ନାନ କରାଯାଉଥିବା ସ୍ଥାନକୁ ତୀର୍ଥରେ ପରିଣତ କରନ୍ତି, ସାଧାରଣ କର୍ମକୁ ପବିତ୍ର ସତ୍ କର୍ମରେ ତଥା ଉପଦେଶ ସମ୍ମିଳିତ ବାଣୀକୁ ଶାସ୍ତ୍ରରେ ପରିଣତ କରନ୍ତି ।

ସେମାନେ ନିବାସ କରୁଥିବା ସ୍ଥାନ ସମୂହ ତାଙ୍କର ଉପସ୍ଥିତି ଫଳରେ ପବିତ୍ର ସ୍ଥାନ ବା ତୀର୍ଥରେ ପରିଣତ ହୁଏ । ତାଙ୍କର ପବିତ୍ର ଚିନ୍ତା ଫଳରେ ତାଙ୍କର ପରିବେଶ ଶାନ୍ତି ଓ ଆନନ୍ଦପୂର୍ଣ୍ଣ ପବିତ୍ର ସ୍ଥାନ ହୋଇଥାଏ ।

ସେକ୍‌ସପିଅର୍, ହରବର୍ଟ ସ୍ପେନ୍‌ସର, ମିଲଟନ୍, ଗୋଲ୍‌ଡ ସ୍ମିଥ୍ ଅବା ସେଲୀଙ୍କୁ ଅଧ୍ୟୟନ କରି କେହି ସନ୍ଥ ହେବା ବିଷୟ ଆମେ ଜାଣୁନାହୁଁ କିନ୍ତୁ ଗୀତା, ଉପନିଷଦ, ଶିବଙ୍କର ପ୍ରଜ୍ଞା, 'ମନ-ଏହାର ରହସ୍ୟ ଓ ନିୟନ୍ତ୍ରଣ', 'ବାଇବଲ ଓ ମହାନ ଅଷ୍ଟମାର୍ଗ' ଓ ଏତାଦୃଶ ଅନ୍ୟ ପୁସ୍ତକ ଅଧ୍ୟୟନ କରି ଦିବ୍ୟଜୀବନ ଅବଲମ୍ବନ କରି ଅଛନ୍ତି । ମାନବ ଏହା ଅଧ୍ୟୟନ କଲେ ତା'ର ହୃଦୟରେ ଦିବ୍ୟଭାବର ସ୍ଫୁରଣ ହୁଏ ।

ଜୟରାମ 'ଯୋଗାଭ୍ୟାସ' ଅଧ୍ୟୟନ କରି ସ୍ୱାମୀ ପରମାନନ୍ଦରେ ପରିବର୍ତ୍ତିତ ହେଲେ । ମଦି ଦଶୋପନିଷଦ ଅଧ୍ୟୟନ କଲେ ଏବଂ ସ୍ୱାମୀ ସଚ୍ଚିଦାନନ୍ଦରେ ପରିବର୍ତ୍ତିତ

ହେଲେ । ବୈଦ୍ୟନାଥନ୍ 'ଆଧାତ୍ମିକ ଶିକ୍ଷା' ଅଧ୍ୟୟନ କଲେ ଏବଂ ସ୍ୱାମୀ ନାରାୟଣରେ ପରିବର୍ତ୍ତିତ ହେଲେ ।

ରାଜା ଭାଗୀରଥଙ୍କର କଠୋର ତପସ୍ୟା ଦ୍ୱାରା ଦେବୀ ଗଙ୍ଗା ପ୍ରୀତ ହୋଇଥିଲେ । ସେ ଭାଗୀରଥଙ୍କର ସମ୍ମୁଖରେ ଉପସ୍ଥିତ ହୋଇ କହିଲେ, ବିଶ୍ୱର ପାପୀଗଣ ମୋର ପବିତ୍ର ଜଳରେ ସ୍ନାନ କରି ତାଙ୍କର ପାପକୁ ଧୌତ କରି ନିଜକୁ ଶୁଦ୍ଧ କରିବେ । ମୋର ଜଳରେ ସେମାନେ ଜମା କରିଥିବା ଅମାପ ପାପକୁ ମୁଁ ଧୋଇବି କିପରି ?

ଭାଗୀରଥ ଉତ୍ତର ଦେଲେ, 'ହେ ପବିତ୍ର ମାତା, ପବିତ୍ର ସନ୍ଥଗଣ ଗଙ୍ଗାରେ ସ୍ନାନ କରିବେ ଏବଂ ତୁମକୁ ପାପମୁକ୍ତ କରିବେ କାରଣ ପାପ ବିନାଶକାରୀ ପ୍ରଭୁ ବିଷ୍ଣୁ ତାଙ୍କର ହୃଦୟରେ ନିବାସ କରନ୍ତି ।

ବୁଦ୍ଧଗୟା, ଜେରୁଜେଲେମ ଓ ମକ୍କା ଆଦି ଯଥାକ୍ରମେ ବୁଦ୍ଧ, ଯୀଶୁ ଓ ମହମ୍ମଦଙ୍କ ସହ ସଂପୃକ୍ତ ହୋଇଥିବାରୁ ପବିତ୍ର ମନେ କରାଯାଏ ।

ବୃନ୍ଦାବନ ଓ ମଥୁରା ପ୍ରଭୁ କୃଷ୍ଣଙ୍କର ନିମିତ୍ତ ପବିତ୍ର ହୋଇଛି । ପ୍ରଭୁ ରାମଙ୍କର ପାଇଁ ଅଯୋଧ୍ୟା ପବିତ୍ର ହୋଇଅଛି । ଏବେ ମଧ୍ୟ ଅସଂଖ୍ୟ ତୀର୍ଥଯାତ୍ରୀ ଅମାବାସ୍ୟା ଦିନ ନୈମିଷାରଣ୍ୟ ଯାତ୍ରା କରନ୍ତି କାରଣ ପ୍ରାଚୀନ କାଳରେ ସେଠାରେ ଅନେକ ଋଷି ବାସ କରୁଥିଲେ ।

ସନ୍ଥ ହିଁ ବାସ୍ତବ ତୀର୍ଥ ଅଟନ୍ତି । ଯାହା ମାନବକୁ ନଦୀରେ ନୌକା ସଦୃଶ ଏକ ପ୍ରତିବନ୍ଧକକୁ ପରାହତ କରିବାରେ ସହାୟକ ହୁଏ, ତାହାହିଁ ବାସ୍ତବ ତୀର୍ଥ ।

ସେମାନେ ଉପବେଶନ କରିଥିବା ପଥର ସମୂହ, ସେମାନେ ଚାଲିଥିବା ପଥ, ସେମାନେ ଅତିକ୍ରାନ୍ତ କରିଥିବା ଗ୍ରାମସବୁ, ସେମାନେ ସ୍ନାନ କରିଥିବା ହ୍ରଦ ସବୁ, ଯେଉଁ ତରୁତଳେ ସେମାନେ ଭୋଜନ ଗ୍ରହଣ କରିଥିଲେ– ସେସବୁ ସ୍ଥାନ ପୂତ, ପବିତ୍ର ହୋଇଅଛନ୍ତି । ଏହି ସ୍ଥାନ ଓ ବସ୍ତୁସହ ସଂପ୍ରତି ମଧ୍ୟ ସେମାନଙ୍କର ନାମ ସଂପୃକ୍ତ । ତକ୍ଷଶିଳା ନିକଟସ୍ଥ ପଞ୍ଜାସାହେବ ସହ ଗୁରୁ ନାନକଙ୍କର ନାମ ସଂପୃକ୍ତ । କୁଣ୍ଡ ତାଙ୍କର ଆଙ୍ଗୁଳି ଚିହ୍ନର ସଂକେତ ବହନ କରେ । ଗୟାର ବୋଧି ବୃକ୍ଷ ସହ ପ୍ରଭୁ ବୁଦ୍ଧଙ୍କର ନାମ ସଂପୃକ୍ତ । ସୀତାପୁରସ୍ଥିତ ହାତୀହରନ୍ ପୁଷ୍କରିଣୀ ଶ୍ରୀରାମଙ୍କ ସହ ଜଡ଼ିତ । ବିବିଧ ତୀର୍ଥ ସ୍ଥାନରେ ଅନେକ ହନୁମାନ କୁଣ୍ଡ, ସୀତା କୁଣ୍ଡ ଓ ଲକ୍ଷ୍ମଣକୁଣ୍ଡ ରହିଛି ।

ସୂତ୍ର-୭୦

ତନ୍ମୟାଃ ॥ ୭୦ ॥

ଅର୍ଥ- ପରମ ଭକ୍ତିରେ ତନ୍ମୟ ବା ପରିପୂର୍ଣ୍ଣ ହୋଇ ।

ଶବ୍ଦାର୍ଥ- ତନ୍ମୟା- ସେଥିରେ ପରିପୂର୍ଣ୍ଣ ହୋଇ, ଭଗବାନଙ୍କ ଭକ୍ତିରେ ନିମଗ୍ନ ବା ତଲ୍ଲୀନ ହୋଇ ।

ବ୍ୟାଖ୍ୟା- ସେମାନଙ୍କର ହୃଦୟରେ ତଥା ଚତୁଃର୍ପାଶ୍ୱରେ ସେମାନେ ସର୍ବତ୍ର ଓ ସର୍ବଦା ଭଗବାନଙ୍କର ଉପସ୍ଥିତି ଉପଲବ୍ଧି କରିଥିଲେ ।

ପୂର୍ବ ସୂତ୍ରରେ ଉଲ୍ଲେଖ କରାଯାଇଥିବା ପ୍ରତ୍ୟେକ ବ୍ୟକ୍ତି ସନ୍ଥଙ୍କ ଭାବରେ ପୂର୍ଣ୍ଣ ଏବଂ ତାଙ୍କ ମାଧ୍ୟମରେ ସ୍ୱୟଂ ପ୍ରଭୁଙ୍କ ଭାବରେ ପରିପୂର୍ଣ୍ଣ ।

ସେମାନେ ସଂପୂର୍ଣ୍ଣ ରୂପେ ନିଜକୁ ଅହଂକାର ମୁକ୍ତ କରିଥିବାରୁ ସେମାନେ ଭଗବାନଙ୍କ ନିମିତ୍ତ ଜୀବନଯାପନ କରନ୍ତି । ପ୍ରହ୍ଲାଦ ସଦୃଶ ଈଶ୍ୱର ଭାବରେ ମତ୍ତ ହେବା ଭକ୍ତ ଏହାର ସାକ୍ଷୀ ଅଟନ୍ତି ।

ଯେପରି ସାଗରରେ ମିଳିତ ହେଲେ ନଦୀ ସାଗର ସହ ଏକାତ୍ମ ହୋଇଯାଏ, ସେହିପରି ଭକ୍ତ ନିଜର ଶରୀର, ମନ, ବୁଦ୍ଧି ଓ ଅହଂକାରକୁ ପ୍ରଭୁଙ୍କ ଚରଣରେ ଅର୍ପଣ କଲେ ତାଙ୍କ ସହ ଏକତ୍ୱ ଲାଭ କରନ୍ତି ।

''ସର୍ବଂ ବିଷ୍ଣୁମୟମ୍ ଜଗତ''- ସମଗ୍ର ବିଶ୍ୱ ବିଷ୍ଣୁମୟ । ଏହି ଅଭିଜ୍ଞତା ଗୀତାରେ (୭/୧୯) ବର୍ଣ୍ଣିତ ହୋଇଛି । ବହୁ ଜନ୍ମର ଅନ୍ତିମ ପର୍ଯ୍ୟାୟରେ ଜ୍ଞାନୀ-ଭକ୍ତ ମୋତେ ଲାଭ କରେ । ତାଙ୍କର ମତରେ ସମସ୍ତ ପରିଦୃଶ୍ୟମାନ ଜଗତ ବାସୁଦେବଙ୍କର ସ୍ୱରୂପ । ଏପରି ମହାତ୍ମା ଅତ୍ୟନ୍ତ ଦୁର୍ଲଭ ଅଟନ୍ତି । ଏହା ଏକ ମହାନ୍ ଉପଲବ୍ଧି । ଭକ୍ତଙ୍କ ହୃଦୟ ଦିବ୍ୟ ଉଲ୍ଲାସରେ ପୂର୍ଣ୍ଣ ହୋଇଥାଏ ।

ସୂତ୍ର-୭୧

ମୋଦନ୍ତେ ପିତରୋ ନୃତ୍ୟନ୍ତି ଦେବତାଃ
ସନଥାଃ ଚେୟଂ ଭୂର୍ଭବତି ॥ ୭୧ ॥

ଅର୍ଥ- (ଜଣେ ଭକ୍ତଙ୍କର ଆବିର୍ଭାବ ହେଲେ) ସେମାନଙ୍କର ପୂର୍ବପୁରୁଷଗଣ ଆନନ୍ଦିତ ହୁଅନ୍ତି । ଦେବଗଣ ଆନନ୍ଦରେ ନୃତ୍ୟ କରନ୍ତି ଏବଂ ଏହି ପୃଥିବୀକୁ ଜଣେ ତ୍ରାଣକର୍ତ୍ତା ମିଳନ୍ତି ।

ଶବ୍ଦାର୍ଥ– ପିତରଃ– ପିତୃପୁରୁଷଗଣ, ମୋଦନ୍ତେ– ଆନନ୍ଦିତ ହୁଅନ୍ତି, ଦେବତାଃ– ଦେବଗଣ, ନୃତ୍ୟନ୍ତି– ନାଚନ୍ତି, ଇୟମ୍– ଏହି, ଭୂଃ– ପୃଥିବୀ, ସନାଥାଃ– ତ୍ରାଣକର୍ତ୍ତା ଲାଭ କରେ, ଭବତି– ହୁଏ ।

ବ୍ୟାଖ୍ୟା– ଏହି ପୃଥିବୀ ଭକ୍ତଙ୍କର ତତ୍ତ୍ୱାବଧାନ ଯୋଗୁ ସୁଖୀ ହୁଏ । ପୃଥିବୀ ପାଇଁ ସେମାନେ ତ୍ରାଣକର୍ତ୍ତା ଓ ସୁରକ୍ଷା ପ୍ରଦାନକାରୀ ହୋଇଥାଆନ୍ତି । ବିଶ୍ୱ ସେମାନଙ୍କର ଆଶିଷ ପ୍ରାପ୍ତ କରେ । ପୂର୍ବପୁରୁଷଗଣ, ଭକ୍ତଙ୍କର ପିତୃଗଣଙ୍କର ଆତ୍ମା ତାଙ୍କର ଭକ୍ତ ଦାୟାଦଗଣଙ୍କର ଭକ୍ତି ସାଧନର ପ୍ରଭାବ ଅନୁଭବ କରନ୍ତି । ତାଙ୍କର ଦାୟାଦଙ୍କ ଭକ୍ତି ଦେଖି ସେମାନେ ଉଲ୍ଲସିତ ହୁଅନ୍ତି ।

ଆମର ସୁକର୍ମ ଓ କୁକର୍ମର ପ୍ରଭାବ ପୃଥିବୀ ଅନୁଭବ କରେ । ଆଧ୍ୟାତ୍ମିକ ଦୃଷ୍ଟି ଅବା ଅନ୍ତର୍ଜ୍ଞାନୀ ସନ୍ଥଙ୍କ ନିମିତ୍ତ ପୃଥିବୀ ହେଉଛି ଏକ ଜୀବନ୍ତ ସଚେତନ ସତ୍ତା । ଏହା ହେଉଛି ପ୍ରାଣଭରା ଧରା ମାତା ବା ଭୂଦେବୀ । ଏହା ହେଉଛି ବିଷ୍ଣୁ । ଏହାହିଁ ବିରାଟ ।

ଏହା ଜଣେ ଭୂ-ତତ୍ତ୍ୱବିତ୍‌ଙ୍କର ନିର୍ଜୀବ ଭୂଭାଗ ବା ମୃତ ବସ୍ତୁ ଖଣ୍ଡ ନୁହେଁ । ଏହା ଏକ ଜୀବନ୍ତ ଭୂଭାଗ । ଏହା ଅତ୍ୟନ୍ତ ଉତ୍ପାଦନ କ୍ଷମ । ଆଧ୍ୟାତ୍ମିକ ଦୃଷ୍ଟିରେ କିଛି ମଧ୍ୟ ପ୍ରାଣହୀନ ନୁହେଁ ।

ଭକ୍ତଙ୍କର ସମସ୍ତ କର୍ମ ବିଶ୍ୱର କଲ୍ୟାଣ ନିମିତ୍ତ ସ୍ୱାଭାବିକ ରୂପେ ଉଦ୍ଦିଷ୍ଟ । ତେଣୁ ତାଙ୍କର ଅବତୀର୍ଣ୍ଣ ହେବା ସମସ୍ତଙ୍କ ନିମନ୍ତେ ଏକ ସୁଲକ୍ଷଣ ।

ଜଣେ ଭକ୍ତଙ୍କର ଭକ୍ତି ଅନେକ ପୂର୍ବପୁରୁଷଙ୍କୁ ମୁକ୍ତି ପ୍ରଦାନ କରେ (୭ କିମ୍ବା ୨୧ ପୁରୁଷ) ଯେଉଁମାନେ ତାଙ୍କ ପୂର୍ବରୁ ଓ ପରେ ଜନ୍ମଗ୍ରହଣ କରିଥାଆନ୍ତି । ତେଣୁ ମୋକ୍ଷ ଲାଭ ଆଶାରେ ପିତୃପୁରୁଷଗଣ ଉଲ୍ଲସିତ ହୁଅନ୍ତି ।

ଭକ୍ତ ଅନେକ ଅଧର୍ମୀ ବ୍ୟକ୍ତିଙ୍କୁ ଭକ୍ତି ଓ ଧର୍ମର ପଥ ପ୍ରଦର୍ଶନ କରନ୍ତି । ସେମାନେ ଦାନ, ଶ୍ରାଦ୍ଧ, ତର୍ପଣ ଓ ପଞ୍ଚ ଯଜ୍ଞ କରନ୍ତି । ତେଣୁ ପୂର୍ବପୁରୁଷଗଣ ଆନନ୍ଦିତ ହୁଅନ୍ତି ଓ ଦେବଗଣ ଆନନ୍ଦରେ ନୃତ୍ୟ କରନ୍ତି ।

ଭଗବାନ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ଜଣେ ଭକ୍ତଙ୍କର ଆବିର୍ଭାବ ପ୍ରଭୁଙ୍କର ପରିପ୍ରକାଶର ଅଗ୍ରଦୂତ ସଦୃଶ । ଭଗବାନ ଅବତାର ଗ୍ରହଣ କରି ଅସୁର ଓ ଦୁଷ୍ଟ ବ୍ୟକ୍ତିଗଣଙ୍କୁ ବିନାଶ କରନ୍ତି । ଅସୁରଗଣ ଦେବଗଣଙ୍କର ଶତ୍ରୁ । ତେଣୁ ଦେବଗଣ ଆନନ୍ଦରେ ନୃତ୍ୟ କରନ୍ତି ।

ଜଣେ ଭକ୍ତ ପିତୃଗଣଙ୍କୁ ସାହାଯ୍ୟ କରିପାରନ୍ତି । ସେମାନଙ୍କର ଇପ୍‌ସିତ ଦ୍ରବ୍ୟ ବା ଇଚ୍ଛାକୁ ସେ ପୂରଣ କରିପାରନ୍ତି । ସେହି କାରଣରୁ ପିତୃଗଣ ଜଣେ ଭକ୍ତଙ୍କର ଆବିର୍ଭାବରେ ଆନନ୍ଦିତ ହୁଅନ୍ତି ।

ପୃଥିବୀରେ ଭକ୍ତଗଣ ଥିବା ଯାଏ, ଅସୁରଗଣ ଶକ୍ତିଶାଳୀ ହୋଇପାରିବେ ନାହିଁ । ପୃଥିବୀରେ ଦିବ୍ୟଗୁଣ ସଂପନ୍ନ ବ୍ୟକ୍ତିଙ୍କର ସଂଖ୍ୟା ଅଧିକ । ସନ୍ଥଗଣ ନାରକୀୟ ଗୁଣ ସଂପନ୍ନ ବ୍ୟକ୍ତିଙ୍କୁ ସୁଗଣଯୁକ୍ତ ଦିବ୍ୟ ବ୍ୟକ୍ତିରେ ପରିବର୍ତ୍ତିତ କରିପାରିବେ । ସୁତରାଂ ଦେବଗଣ ଆନନ୍ଦରେ ନୃତ୍ୟ କରନ୍ତି ।

ସନ୍ଥଗଣ ପ୍ରେମ ଓ ଶାନ୍ତିର ସ୍ରୋତ ପ୍ରବାହିତ କରନ୍ତି । ସେମାନେ ପ୍ରେମ, ଶାନ୍ତି, ଶୁଭେଚ୍ଛା ଓ ସଂହତିର ବାର୍ତ୍ତା ପ୍ରଚାର କରନ୍ତି । ସେମାନେ ଯୁଦ୍ଧକୁ ବିରାମ ଦିଅନ୍ତି । ପ୍ରେମ ଓ ଶାନ୍ତିର ସନ୍ଦେଶ ପ୍ରଚାର ପାଇଁ ସେମାନେ ତାଙ୍କର ଶିଷ୍ୟଗଣଙ୍କୁ ଅନୁପ୍ରେରିତ କରନ୍ତି । ସୁତରାଂ ବିଶ୍ୱ ମଧ ଆନନ୍ଦିତ ହୁଅନ୍ତି । ସେ ଏକ ତ୍ରାଣକର୍ତ୍ତା ପାଆନ୍ତି ।

ଶାସ୍ତ୍ରରେ ବ୍ୟବହୃତ ପିତୃ ଶବ୍ଦ କେବଳ ଜୀବନ୍ତ ପିତାମାତାଙ୍କୁ ବୁଝାଏ ନାହିଁ କିନ୍ତୁ ଏହା ପୂର୍ବପୁରୁଷ ଓ ଶାଶ୍ୱତ ଅର୍ଧଦେବ ଅର୍ଥାତ୍ ଅଗ୍ନିସ୍ୱତ୍ତ ଓ ଅନ୍ୟମାନଙ୍କୁ ମଧ ବୁଝାଏ । ଜୀବିତ ପିତାମାତା ମଧ ଆନନ୍ଦିତ ହୁଅନ୍ତି କାରଣ ସେମାନଙ୍କର ପୁତ୍ରଙ୍କର ଈଶ୍ୱର-ସାକ୍ଷାତ୍‌କାର ପରେ ସଂସାର ଦ୍ୱାରା ସମ୍ମାନିତ ହେବେ ଓ ସେମାନଙ୍କୁ ଜନ୍ମ-ମୃତ୍ୟୁ ଚକ୍ରରୁ ଉଦ୍ଧାର କରିବେ । ଜଣେ ଭକ୍ତ ତ୍ରି-ଲୋକର ନିବାସୀଗଣଙ୍କୁ ସନ୍ତୋଷ କରନ୍ତି ।

ସନ୍ଥ ଓ ଭକ୍ତଙ୍କର ଯଶ ବୃଦ୍ଧି ହେଉ ।

□□□

ଭକ୍ତଗଣ ଜାତିଧର୍ମର ଉର୍ଦ୍ଧ୍ୱରେ

ସୂତ୍ର–୭୨

ନାସ୍ତି ତେଷୁ ଜାତି ବିଦ୍ୟା ରୂପ କୁଳ ଧନ କ୍ରିୟାଦି ଭେଦଃ ।। ୭୨ ।।

ଅର୍ଥ– ଭକ୍ତଗଣଙ୍କ ମଧ୍ୟରେ ଜାତି, ବିଦ୍ୟା, ରୂପ, କୁଳ, ଧନ ଅବା ବୃତ୍ତି ଆଦିରେ ଭେଦ ନ ଥାଏ ।

ଶବ୍ଦାର୍ଥ– ତେଷୁ– ସେମାନଙ୍କ ମଧ୍ୟରେ, ଜାତିବିଦ୍ୟାରୂପକୁଳଧନକ୍ରିୟାଦି ଭେଦ– ଜାତି, ବିଦ୍ୟା, ରୂପ, କୁଳ, ଧନ ଆଦି ଭେଦ ବା ପାର୍ଥକ୍ୟ, ନ– ନାହିଁ, ଅସ୍ତି– ଅଛି ।

ବ୍ୟାଖ୍ୟା– ଅଧ୍ୟାତ୍ମ ରାମାୟଣର ୩/୧୦/୨୦ ଶ୍ଳୋକରେ ଶ୍ରୀରାମ କହନ୍ତି– ମୋର ଉପାସନାରେ ଲିଙ୍ଗ, ଜନ୍ମ, ଖ୍ୟାତି ଓ ପଦବୀ ଆଦିର କୌଣସି ମହତ୍ତ୍ୱ ନାହିଁ । ମୋର ଆରାଧନାରେ କେବଳ ଭକ୍ତି ହିଁ ଅଧିକାର ବା ଯୋଗ୍ୟତା ପ୍ରଦାନ କରେ ।

ଅନ୍ୟ କ୍ଷେତ୍ରରେ ଯେତେ ପାର୍ଥକ୍ୟ ଥିଲେ ମଧ୍ୟ ଶୁଦ୍ଧ ଓ ଏକାଗ୍ର ଈଶ୍ୱର ପ୍ରେମରେ ସମସ୍ତ ଭକ୍ତଗଣ ଏକ ସଦୃଶ ।

ଜନ୍ମ କିମ୍ବା ସାହିତ୍ୟିକ ଯୋଗ୍ୟତା ଭିତ୍ତିରେ ଜଣେ ଭକ୍ତ ବା ସନ୍ଥଙ୍କର ମୂଲ୍ୟାୟନ କରିବା ଅନୁଚିତ । କବୀର ଜଣେ ସାଧାରଣ ତନ୍ତୀ ଥିଲେ । ରଇଦାସ ଜଣେ ଝାଡୁଦାର ଥିଲେ । ନନ୍ଦନ ଥିଲେ ଅସ୍ପୃଶ୍ୟ । ସଦାନ ଥିଲେ ଜଣେ କଂସାଇ । ତଥାପି ସେମାନେ ଥିଲେ ଜଣେ ଜଣେ ମହାନ୍ ଆଧ୍ୟାତ୍ମିକ ଜ୍ୟୋତିଷ୍କ ।

ବିଶ୍ୱାମିତ୍ର, ବ୍ୟାସ, ଜାବଲ, ମହୀଦାସ, ନମଲଭର୍, କନ୍ନପର, ତୁକାରାମ ଓ ଅନ୍ୟ ଭକ୍ତଗଣ ବ୍ରାହ୍ମଣ ନ ଥିଲେ ତଥାପି ସେମାନେ ଥିଲେ ମହାନ୍ ଆଧ୍ୟାତ୍ମିକ ଜ୍ୟୋତିଷ୍କ ।

ଭକ୍ତିରେ ଜାତି, ସଂସ୍କୃତି, ଚେହେରା, ଜନ୍ମ, ସଂପତ୍ତି ଓ ବୃତ୍ତି ଆଦି ମହତ୍ତ୍ୱପୂର୍ଣ୍ଣ ନୁହେଁ । ଯେଉଁ ବ୍ୟକ୍ତି ନିଜର ସବୁକିଛି ପ୍ରଭୁଙ୍କ ଚରଣ କମଳରେ ଉତ୍ସର୍ଗ କରି ପ୍ରଭୁଙ୍କୁ ସତତ ସ୍ମରଣ କରନ୍ତି, ସେ ବ୍ରାହ୍ମଣ ଅବା ଶ୍ରମିକ, ଶିକ୍ଷିତ ଥିବା ଅଶିକ୍ଷିତ, ସୁନ୍ଦର ଅବା

କୁତ୍ସିତ, ଧନୀ ଅବା ଦରିଦ୍ର ହୋଇଥାନ୍ତୁ ପଛକେ, ସେ ଈଶ୍ୱର ଚେତନା ଲାଭରେ ସଫଳ ହୁଅନ୍ତି ।

ନିଷାଦ ନିମ୍ନ ଜାତିରେ ଜନ୍ମ ହୋଇଥିଲା । ଶବରୀ ଗ୍ରାମ୍ୟ ନାରୀ ଥିଲେ । ଧ୍ରୁବ ଜଣେ ଅଶିକ୍ଷିତ ବାଳକ ଥିଲେ । ବିଦୁର ଓ ସୁଦାମା ଅତ୍ୟନ୍ତ ଦରିଦ୍ର ଥିଲେ । ବିଭୀଷଣ ଥିଲେ ଜଣେ କୁତ୍ସିତ ରାକ୍ଷସ । ହନୁମାନ ମର୍କଟ ଥିଲେ ଓ ଜଟାୟୁ ଏକ ମାଂସାହାରୀ ପକ୍ଷୀ ଥିଲେ । ଗଜେନ୍ଦ୍ର ହାତୀ ଥିଲେ । ବୃନ୍ଦାବନର ଗୋପୀଗଣ ବୈଦିକ ରୀତି ସହ ପରିଚିତ ନ ଥିଲେ କିନ୍ତୁ ସେମାନଙ୍କର ଭକ୍ତି ଓ ଆତ୍ମ-ସମର୍ପଣ ଫଳରେ ସମସ୍ତେ ଭଗବାନଙ୍କୁ ଉପଲବ୍ଧି କରିଥିଲେ ।

ତା'ଫଳରେ ବର୍ଣ୍ଣାଶ୍ରମ ଅନୁଷ୍ଠାନକୁ ନିନ୍ଦା କରାଯାଇ ନାହିଁ । ଭକ୍ତି ଓ ବର୍ଣ୍ଣାଶ୍ରମର ନିୟମ ପାଳନ ଦୁଇଟି ଅଲଗା ବିଷୟ । ସେଗୁଡ଼ିକ ବିଷୟରେ ବିଚଳିତ ହେବା ଅନୁଚିତ । ଭକ୍ତି ନାମରେ ଯେଉଁମାନେ ଉଭୟ ମଧ୍ୟରେ ଥିବା ପାର୍ଥକ୍ୟକୁ ଦୂର କରିବାକୁ ଚାହାନ୍ତି, ସେମାନେ ଭକ୍ତିରେ କଳଙ୍କ ଆରୋପିତ କରନ୍ତି । ତେଣୁ ଭକ୍ତଗଣ ଶାସ୍ତ୍ରର ଅଧିକାରକୁ ଅମାନ୍ୟ କରିବା ଅନୁଚିତ । ଜନ୍ମ କାରଣରୁ ଭକ୍ତଙ୍କୁ ଘୃଣା କରିବା ଅନୁଚିତ । ତାଙ୍କୁ କେବଳ ଭକ୍ତିର ପରାକାୟା ଦ୍ୱାରା ବିଚାର କରିବା ଉଚିତ । ଜନ୍ମ କାରଣରୁ ଭକ୍ତଙ୍କୁ ଘୃଣା କରିବା ଅନୁଚିତ । ତାଙ୍କୁ କେବଳ ଭକ୍ତିର ପରାକାଷ୍ଠା ଦ୍ୱାରା ବିଚାର କରିବା ଉଚିତ । ବୈଷ୍ଣବ ଶାସ୍ତ୍ରରେ ଜାତିଭେଦ ଭିତ୍ତିରେ ବିଭେଦ ସୃଷ୍ଟିକୁ ଏକ ଅପରାଧ ମନେ କରାଯାଏ ।

ସନ୍ଥ ତ୍ରିଗୁଣାତୀତ ହୋଇଥାଆନ୍ତି । ସେ ଦିବ୍ୟ ଆଲୋକର ଆଭାରେ ସମୁଜ୍ଜଳ ଦେଖାଯାଆନ୍ତି । ସେ ଏକ ଜାତି ବା ଧର୍ମର ନ ହୋଇ ସମଗ୍ର ମାନବ ସମାଜର ହୋଇଥାଆନ୍ତି । ସେହି କାରଣରୁ ସନ୍ଥଗଣଙ୍କଠାରେ ଜାତିଭେଦ ନଥାଏ । ପ୍ରତ୍ୟକ୍ଷ ଈଶ୍ୱର ଉପଲବ୍ଧି ଫଳରେ ସେ ପରାବିଦ୍ୟା ବା ଶ୍ରେଷ୍ଠ ଜ୍ଞାନ ଲାଭ କରିଥାଆନ୍ତି ।

ବାହ୍ୟ ଚେହେରା ଦୃଷ୍ଟିରୁ ତାଙ୍କଠାରେ କୌଣସି ପାର୍ଥକ୍ୟ ନ ଥାଏ । ଅଷ୍ଟବକ୍ରଙ୍କର ଶରୀରରେ ଆଠଟି ବାଙ୍କ ଥିଲା । ଅଗସ୍ତ୍ୟ ବାମନ ଆକାରର ଥିଲେ । କେତେକ ସନ୍ଥ ଲଣ୍ଡିତ ମସ୍ତକଯୁକ୍ତ ହୋଇଥିବା ବେଳେ ଅନ୍ୟ କେତେକଙ୍କର ଜଟାଯୁକ୍ତ କେଶ ଥାଏ ।

କୁଳ

ଏହାର ଅର୍ଥ ପରିବାର । ଏହାର ଅର୍ଥ ଜାତି ମଧ୍ୟ । ଯେକୌଣସି ଜାତିରେ ସନ୍ଥ ଜନ୍ମଗ୍ରହଣ କରିପାରନ୍ତି । ସନ୍ଥ ଫ୍ରାନ୍‌ସିସ୍, ସନ୍ଥ କାଥେରିନ୍ ଓ ଅନ୍ୟ ଅନେକ

ସନ୍ଥ ପାଶ୍ଚାତ୍ୟ ଜଗତର । ସେମାନେ ଈଶ୍ୱର-ଉପଲବ୍ଧି କରିଥିବା ମହାନ ଆତ୍ମା ଥିଲେ । ମୁସଲମାନଙ୍କ ମଧ୍ୟରେ ଅନେକ ସନ୍ଥ ଅଛନ୍ତି । କବୀର ହେଉଛନ୍ତି ଏକ ଦୃଷ୍ଟାନ୍ତ । ସନ୍ଥତ୍ୱରେ ଧନୀ ଓ ଦରିଦ୍ର ତଥା ଏକ ବା ଅନ୍ୟ ବୃତ୍ତିର ପାର୍ଥକ୍ୟ ନ ଥାଏ ।

ପ୍ରଭୁଙ୍କଠାରେ ସମର୍ପଣ ଭାବର ଶୃଙ୍ଖଳା ଜାତି, ଧର୍ମ, କୁଳ ବା ଲିଙ୍ଗର ଭେଦ ଦେଖେ ନାହିଁ ।

ପ୍ରଭୁଙ୍କଠାରେ ଭକ୍ତିଥିବା ବ୍ୟକ୍ତି ହିଁ ବ୍ରାହ୍ମଣ । ପ୍ରଭୁଙ୍କଠାରେ ବିଶ୍ୱାସ ନ ଥିବା ବ୍ୟକ୍ତି ହେଉଛି ଶୂଦ୍ର । ଭକ୍ତିଥିବା ଓ ଦିବ୍ୟଜୀବନ ଯାପନ କରୁଥିବା ନିମ୍ନଜାତିର ବ୍ୟକ୍ତି ଦୁଷ୍ଟ ଓ ଘୃଣ୍ୟ ଜୀବନଯାପନ କରୁଥିବା ବ୍ରାହ୍ମଣଠାରୁ ବହୁଗୁଣରେ ଉନ୍ନତ ।

ନୀଚମନା ବ୍ୟକ୍ତି ପାଇଁ ବିବିଧ ପାର୍ଥକ୍ୟ ପରିଲକ୍ଷିତ ହୁଏ । ଅବିଦ୍ୟା ଯୋଗୁ ମନ ଏସବୁ ପାର୍ଥକ୍ୟ ସୃଷ୍ଟି କରିଥାଏ । ଭଗବାନ ଅବା ଆତ୍ମାଙ୍କର ଦର୍ଶନ ହେଲେ ସବୁ ପାର୍ଥକ୍ୟ ତରଳିଯାଏ । ପ୍ରେମ ଦୃଷ୍ଟିରେ ସମସ୍ତେ ସମାନ । ଏହା ସମଦୃଷ୍ଟିର ବିକାଶ କରେ । ଉନ୍ନତ ସ୍ତରର ଭକ୍ତ ଅତିବର୍ଣ୍ଣାଶ୍ରମୀ ହୋଇଥାଆନ୍ତି । ସେ ବର୍ଣ୍ଣାଶ୍ରମର ଊର୍ଦ୍ଧ୍ୱକୁ ଚାଲିଯାଆନ୍ତି । ସମାଜର ସଂକୀର୍ଣ୍ଣ ନିୟମ ଓ ମାନବ-ସୃଷ୍ଟ ଆଇନ ତାଙ୍କୁ ବାନ୍ଧିପାରେ ନାହିଁ । ସେ ସଂପୂର୍ଣ୍ଣ ମୁକ୍ତ ହୋଇଯାଆନ୍ତି । ଭଗବାନଙ୍କ ଠାରେ ବିଶ୍ରାମ କରି ସେ ସ୍ୱ-ବିଚାର ଅନୁସାରେ କର୍ମ କରନ୍ତି । ତାଙ୍କର ସ୍ୱର ହିଁ ଈଶ୍ୱରଙ୍କର ସ୍ୱର । ତାଙ୍କର ବାଣୀ ଅଭ୍ରାନ୍ତ ଓ ଅବ୍ୟର୍ଥ ହୋଇଥାଏ । ତାଙ୍କର ଇଚ୍ଛା ହିଁ ବିଶ୍ୱାତ୍ମାଙ୍କର ଇଚ୍ଛା ହୋଇଥାଏ । ଭଗବାନ ଭକ୍ତଙ୍କ ମାଧ୍ୟମରେ କହନ୍ତି ତଥା କର୍ମ କରନ୍ତି । ତାଙ୍କର ମାର୍ଗ ରହସ୍ୟପୂର୍ଣ୍ଣ ଓ ଅବୋଧ । ସେ ଯେ କୌଣସି ବ୍ୟକ୍ତିଙ୍କ ହସ୍ତରୁ ଖାଦ୍ୟଗ୍ରହଣ କରନ୍ତି । ବେଳେବେଳେ ସେ ମୋଚି ଓ ବାରିକ ସହ ମଧ୍ୟ ବାସ କରନ୍ତି । ସେ ମେହେନ୍ତର ହାତରୁ ମଧ୍ୟ ଖାଦ୍ୟ ଗ୍ରହଣ କରନ୍ତି । ନର୍ସି ମେହେଟ୍ଟା ମୋଚି ଓ ମେହେନ୍ତରଙ୍କର ଗୃହରେ କୀର୍ତ୍ତନ କରିଥିଲେ । ପରମ୍ପରାରେ ବିଶ୍ୱାସ କରୁଥିବା ବ୍ରାହ୍ମଣମାନେ ତାଙ୍କୁ ସମାଜରୁ ବାସନ୍ଦ କଲେ । ନର୍ସି ମେହେଟ୍ଟା ଏକ ଭୋଜିରେ ଯୋଗଦେଲେ । ଅନ୍ୟ ବ୍ରାହ୍ମଣଗଣ ତାଙ୍କ ପ୍ରତି କୁ-ବ୍ୟବହାର କଲେ ଓ ତାଙ୍କୁ ଘୃଣା ଚକ୍ଷୁରେ ଦେଖିଲେ । ସେମାନେ ବ୍ରାହ୍ମଣ ଭୋଜନରେ ବସିଥିବା ବେଳେ ତାଙ୍କ ନିକଟରେ ଜଣେ ଜଣେ ମୋଚି ବସିଥିବାର ସେମାନେ ଦେଖିଲେ । ସେମାନେ ନର୍ସି ମେହେଟ୍ଟାଙ୍କର ମହିମା ଉପଲବ୍ଧି କଲେ ଓ ସେହିଦିନଠାରୁ ସେମାନେ ନର୍ସି ମେହେଟ୍ଟାଙ୍କୁ ସମ୍ମାନ କରିବାକୁ ଲାଗିଲେ ।

ପରବର୍ତ୍ତୀ ସୂତ୍ରରେ ସମସ୍ତ ସନ୍ଥ ସମାନ ଖ୍ୟାତିର ବୋଲି ଉଲ୍ଲେଖ କରାଯାଇଛି ।

ସୂତ୍ର-୭୩

ଯତସ୍ତଦୀୟାଃ ॥ ୭୩ ॥

ଅର୍ଥ– କାରଣ ସେମାନେ କେବଳ ପ୍ରଭୁଙ୍କର ।

ଶବ୍ଦାର୍ଥ– ଯତଃ– ଯେହେତୁ, କାରଣ, ତଦୀୟ– ତାଙ୍କର, ପ୍ରଭୁଙ୍କର ।

ବ୍ୟାଖ୍ୟା– କାରଣ ସମସ୍ତେ ପ୍ରଭୁଙ୍କର । ଭକ୍ତଗଣ ବାସ୍ତବରେ ପ୍ରଭୁଙ୍କର ନିଜର । ସେମାନେ ପ୍ରଭୁଙ୍କର ବିଶେଷ ପ୍ରେମର ପାତ୍ର । ଭକ୍ତଗଣଙ୍କର ନିଷ୍ପାପର ଭକ୍ତି ଓ ଶୁଦ୍ଧ ଧାର୍ମିକ ଜୀବନ ନିମିତ୍ତ ପ୍ରଭୁ ସେମାନଙ୍କୁ ଭଲପାଆନ୍ତି । ଏହି ଦୁଇଟି ଯୋଗ୍ୟତା ବିନା ସଂପତ୍ତି, ସୌନ୍ଦର୍ଯ୍ୟ, ଜାତି ଓ ସଂସ୍କୃତି ମୂଲ୍ୟହୀନ ।

ସେମାନଙ୍କର ଭକ୍ତି ଯୋଗୁଁ ଭକ୍ତଗଣ ଦିବ୍ୟତାର ମୂର୍ତ୍ତିମନ୍ତ ରୂପ ଲାଭ କରିଥାଆନ୍ତି । ସୁତରାଂ ସେମାନେ ନିଜ ମଧ୍ୟରେ ସମସ୍ତ ଭେଦଭାବ ହରାଇ ଥାଆନ୍ତି । କେହି ନିଜକୁ ଅନ୍ୟଠାରୁ ଉତ୍ତମ ମନେ କରନ୍ତି ନାହିଁ ।

ଭଗବାନଙ୍କ ଦୃଷ୍ଟିରେ ଭକ୍ତଗଣ ସମାନ କାରଣ ବାହ୍ୟ ସାମାଜିକ ପାର୍ଥକ୍ୟ ସତ୍ତ୍ୱେ ସେମାନଙ୍କର ଭକ୍ତି ସମାନ । ସେମାନେ ସମସ୍ତେ ଗୋଟିଏ ଗୋଷ୍ଠିର । ଜଣେ ଭକ୍ତଙ୍କର ନିମିତ୍ତ ସଂସାରର ସମସ୍ତ ଜୀବ ଭଗବାନଙ୍କର ସନ୍ତାନ ଅବା ସ୍ୱୟଂ ଭଗବାନ । ତେଣୁ ଭକ୍ତ ସମଦୃଷ୍ଟିରେ ସମସ୍ତଙ୍କୁ ଦେଖନ୍ତି ।

ପ୍ରଭୁ ହରି ହିଁ ଏ ସମସ୍ତ ରୂପ ଗ୍ରହଣ କରିଅଛନ୍ତି । ସମସ୍ତ ବିଶ୍ୱ ପ୍ରଭୁଙ୍କର ପରିପ୍ରକାଶ । ଲୋକାବତ୍ତୁ ଲୀଳା କୈବଲ୍ୟମ୍ । ସମଗ୍ର ବିଶ୍ୱ ହେଉଛି ପ୍ରଭୁଙ୍କର ଲୀଳା । ଭଗବାନ ନିଜେ ଅଧ୍ୟାପକ, ଚୋର, ଗଣିକା, ରାଜା, ଭିକ୍ଷୁକ, ସନ୍ଥ, ବଦମାସ ଓ ପ୍ରତିଭାଶାଳୀ ବ୍ୟକ୍ତିର ଭୂମିକା ନିର୍ବାହ କରନ୍ତି । ଯେଉଁ ବ୍ୟକ୍ତିଙ୍କର ଏହି ଅବବୋଧ ରହିଛି, ତାଙ୍କର ପ୍ରଭୂତ ମାନସିକ ଶାନ୍ତି ଲାଭ ହେବ । ସେ ଅନ୍ୟ ପ୍ରତି ଗର୍ବ, ଘୃଣା, ପ୍ରତିକୂଳ ଭାବ, ଅସହନଶୀଳତା ଅବା କୁ–ଇଚ୍ଛା ପୋଷଣ କରିବେ ନାହିଁ । ବ୍ୟକ୍ତି ଏହି ଭାବରେ ସୁପ୍ରତିଷ୍ଠିତ ରହିବା ଉଚିତ । ଏହି ଭାବର ଉଦୟ ହେବାପରେ ଏହା ଚାଲିଯାଇପାରେ । ପ୍ରତ୍ୟେକ ବ୍ୟକ୍ତିକୁ ନାରାୟଣ ଭାବରେ ସମ୍ବୋଧନ କର ଏବଂ ଏହି ଭାବରେ ସ୍ୱାଗତ କର । ତୁମର ସ୍ୱଭାବ ସଂପୂର୍ଣ୍ଣ ବଦଳିଯିବ । ଏଥିନିମିତ୍ତ ସମୟ ଲାଗିପାରେ । ତୁମକୁ କଠିନ ସଂଘର୍ଷ କରିବାକୁ ହେବ ।

କିପରି ଉପାୟରେ ମନକୁ ପ୍ରଭୁଙ୍କଠାରେ ସଂପୂର୍ଣ୍ଣ ସମର୍ପଣ କରିହେବ– ତାହା ପରବର୍ତ୍ତୀ ସୂତ୍ର ପ୍ରଦର୍ଶିତ କରେ ।

ଭକ୍ତଙ୍କ ପ୍ରତି ଉପଦେଶ

ସୂତ୍ର-୭୪

ବାଦୋ ନାବଲମ୍ବ୍ୟଃ ।। ୭୪ ।।

ଅର୍ଥ- କୌଣସି ବାଦବିବାଦରେ ପ୍ରବେଶ କରିବା ଅନୁଚିତ ।

ଶବ୍ଦାର୍ଥ- ବାଦ-ବିତର୍କ, ବିବାଦ, ନ-ନୁହେଁ, ଅବଲମ୍ବ୍ୟଃ- ଅବଲମ୍ବନ କରିବା ।

ବ୍ୟାଖ୍ୟା- ଜଣେ ଭକ୍ତ ବିତର୍କରେ ଭାଗନେବା ଅନୁଚିତ । ଯେଉଁମାନେ ଭକ୍ତିଲାଭର ଅଭିଳାଷ ପୋଷଣ କରନ୍ତି, ସେମାନେ ଭଗବାନଙ୍କର ଅସ୍ତିତ୍ୱ ଅବା ଗୁଣ ବିଷୟରେ ବୃଥା ଆଲୋଚନା ଅବା ବିତର୍କ କରିବା ଅନୁଚିତ ।

କଠୋପନିଷଦରେ ଉଲ୍ଲେଖ କରାଯାଇଛି, ‘‘ଭଗବାନଙ୍କର ଅସ୍ତିତ୍ୱ ନ ଥିଲେ ତାଙ୍କ ବିଷୟରେ କିପରି ଧାରଣା ପୋଷଣ କରିହେବ ?’’

ଭଗବାନ କିମ୍ବା ଅନ୍ୟ ଆଧ୍ୟାତ୍ମିକ ସତ୍ୟ ବିଷୟରେ କିମ୍ବା ବିବିଧ ଭକ୍ତଙ୍କର ତୁଳନାତ୍ମକ ସୁଗୁଣ ବିଷୟରେ ବିବାଦରେ ପ୍ରବେଶ କରିବା ଅନୁଚିତ ।

ଆଲୋଚନା ହେଉଛି ଏକ ବୌଦ୍ଧିକ ବିଳାସ । ବିବାଦ ବେଳେ ପ୍ରକୃତ ଅନୁସନ୍ଧାନ ଭାବ ଉଭେଇ ଯାଏ, ଏବଂ ବୌଦ୍ଧିକ କସରତ ଅବା ବାଚନିକ ସଂଗ୍ରାମ ପ୍ରାରମ୍ଭ ହୁଏ । ତର୍କ କୌଶଳ ଓ ହେତୁ ସିଦ୍ଧତା ବଳରେ ତାର୍କୀକ ପ୍ରତିପକ୍ଷକୁ ପରାଜିତ କରିବାରେ ଆନନ୍ଦ ଲାଭ କରନ୍ତି । ଜଣେ ଭକ୍ତ ସତ୍ୟକୁ ପ୍ରତିଷ୍ଠିତ ସତ୍ୟ ରୂପେ ଗ୍ରହଣ କରିବା ବିଧେୟ । ପବିତ୍ର ଶାସ୍ତ୍ରରେ ପ୍ରକାଶିତ ସତ୍ୟକୁ ସମାଲୋଚନା କଲେ ଅନ୍ତିମରେ ଅବିଶ୍ୱାସ ଜାତ ହୁଏ ।

ଜଣେ ଭକ୍ତଙ୍କର କର୍ତ୍ତବ୍ୟ ହେଉଛି ଭଗବାନଙ୍କୁ ପ୍ରେମ କରିବା ଓ ତାଙ୍କୁ ଉପଲବ୍ଧି କରିବା । ପ୍ରେମ ଯୁକ୍ତିର ଉର୍ଦ୍ଧ୍ୱରେ । ବିତର୍କ ଭକ୍ତି ପଥରେ ଏକ ବିରାଟ ପ୍ରତିବନ୍ଧକ । ଭକ୍ତଙ୍କର କର୍ତ୍ତବ୍ୟ ହେଉଛି ପ୍ରତି ମୁହୂର୍ତ୍ତରେ ଭଗବାନଙ୍କୁ ସ୍ମରଣ କରିବା । କେବେ ବିଶ୍ୱ ସୃଷ୍ଟି ହୋଇଥିଲା, କିପରି ଏହା ସୃଷ୍ଟି ହୋଇଥିଲା, କାହିଁକି ଏହା ସୃଷ୍ଟି ହୋଇଥିଲା

ଆଦି ବିଷୟରେ ସେ ଜାଣିବା ଅନାବଶ୍ୟକ । ପ୍ରଭୁ ଚାହିଁଲେ ଏହି ସତ୍ୟକୁ ସେ ପ୍ରକାଶ କରିବେ ।

ଯୁକ୍ତିଯୁକ୍ତ ତର୍କ ମାଧ୍ୟମରେ ସତ୍ୟକୁ ଉପଲବ୍ଧ କରିହେବ ନାହିଁ । ଯୁକ୍ତିସଙ୍ଗତ ତର୍କର ଆଧାର କିମ୍ବା ସ୍ଥିରତା ନାହିଁ । ଆଲୋଚନା ମନରେ ଅନାବଶ୍ୟକ ଉଦ୍‌ବେଗ ସୃଷ୍ଟି କରେ । ବିଚଳିତ ମନ ସତ୍ୟକୁ ହୃଦୟଙ୍ଗମ କରିପାରିବ ନାହିଁ ।

ବୃଥା ଆଲୋଚନା, ଉତ୍ତେଜିତ ତର୍କ, ଉଚ୍ଚସ୍ୱରରେ ବାଦାନୁବାଦ ଶତ୍ରୁତାରେ ଅନ୍ତ ହୁଏ । ଯେତେବେଳେ ତର୍କ ବିଫଳ ହୁଏ ଲୋକମାନେ ଦୋଷାରୋପ ବା ଦୁର୍ବଚନ ପ୍ରୟୋଗ କରନ୍ତି । ଆଲୋଚନା ଫଳରେ ସମୟ ଓ ଶକ୍ତିର ଅପଚୟ ହୁଏ । ଏହା କେବଳ ଶବ୍ଦ ବିଳାସ ଓ ବୁଦ୍ଧି ବିଳାସ । ତାହା ଫଳରେ କୌଣସି ମହତ୍ତ୍ୱପୂର୍ଣ୍ଣ ଲାଭ ହୁଏ ନାହିଁ । ପ୍ରତ୍ୟେକ ବ୍ୟକ୍ତି ନିଜର ପାଣ୍ଡିତ୍ୟ ଓ ତର୍କ କୁଶଳତା ପ୍ରଦର୍ଶନ କରିବାକୁ ଚାହାନ୍ତି । ଏପରି ଏକ ପଣ୍ଡିତ ଭଗବାନଙ୍କର ଦର୍ଶନର ସ୍ୱପ୍ନ ମଧ୍ୟ ପୋଷଣ କରିପାରିବେ ନାହିଁ । ସେ ଈଶ୍ୱରଙ୍କଠାରୁ ବହୁ ଦୂରରେ । ସନ୍ଦେହ ଦୂର କରିବାକୁ ଓ ଭାବର ଆଦାନପ୍ରଦାନ ପାଇଁ ହୃଦୟରେ ଏକତ୍ୱ ଥିବା ବ୍ୟକ୍ତିଗଣ ଦିବ୍ୟ ଆଲୋଚନାରେ ଭାଗ ନେଇପାରିବେ ।

ସୂତ୍ର–୭୫

ବାହୁଲ୍ୟାବକାଶ ତ୍ୱାଦନିୟତତ୍ୱାଚ୍ଚ ॥ ୭୫ ॥

ଅର୍ଥ– ବ୍ୟର୍ଥବାଦ ବିବାଦଗୁଡ଼ିକୁ ତ୍ୟାଗ କରିବା ବିଧେୟ । କାରଣ ମତଗୁଡ଼ିକରେ ବିବିଧତା ଦେଖାଦିଏ । ସେଥିରୁ କୌଣସି ନିଷ୍କର୍ମ ସିଦ୍ଧ ହୁଏ ନାହିଁ ।

ଶବ୍ଦାର୍ଥ– ବାହୁଲ୍ୟାବକାଶତ୍ୱାତ୍– ବିଭିନ୍ନ ମତ ହୋଇଥିବା କାରଣରୁ, ଅନିତ୍ୱାତ– କାରଣ କେବଳ ତର୍କ ଆଧାରିତ ମତରୁ ନିଷ୍କର୍ଷ ବାହାରେ ନାହିଁ ।

ବ୍ୟାଖ୍ୟା– ଭଗବାନଙ୍କ ବିଷୟରେ ବୃଥା ଆଲୋଚନାକୁ ପ୍ରଶ୍ରୟ ଦେବା ଅନୁଚିତ କାରଣ ଏହା ଅନିର୍ଦ୍ଦିଷ୍ଟ ସମୟ ଯାଏ ଚାଲିପାରେ ଏବଂ ତଥାପି ସତ୍ୟରେ ଉପନୀତ ହେବାର କୌଣସି ସମ୍ଭାବନା ନ ଥାଏ । ଯେତେ ବୁଦ୍ଧିମାନ ବ୍ୟକ୍ତି ଅଛନ୍ତି, ସେତେ ଅଲଗା ମତବାଦ ହୋଇପାରେ ।

କାରଣ ଅସୀମ ତର୍କ ସତ୍ତ୍ୱେ ଏହା ନିର୍ଦ୍ଦିଷ୍ଟ ନିଷ୍କର୍ଷରେ ଉପନୀତ କରାଏ ନାହିଁ ।

କେବଳ ତର୍କ ଈଶ୍ୱର-ଉପଲବ୍ଧି କରାଏ ନାହିଁ । ବୁଦ୍ଧି ହେଉଛି ଦୁର୍ବଳ ଓ ସୀମିତ । ଏହା ଅସୀମ ଭଗବାନଙ୍କୁ ହୃଦୟଙ୍ଗମ କରିପାରେ ନାହିଁ । ଏପରିକି ମାନବ ଜୀବନକୁ ପ୍ରଭାବିତ କରୁଥିବା ବିରାଟ ସମସ୍ୟା ସମୂହକୁ ତର୍କ ନିଶ୍ଚୟାତ୍ମକ ରୂପେ ସମାଧାନ କରିପାରିନାହିଁ । ତର୍କ ବିଷୟକୁ କେବଳ ଅଧିକ ଜଟିଳ କରିଦିଏ । ସୁତରାଂ ତର୍କ ଉପରେ ନିର୍ଭର ନ କରି ଅନ୍ତର୍ଜ୍ଞାନ ଉପରେ ନିର୍ଭର କର ଯାହାକି ସଠିକ୍ ଓ ଅବ୍ୟର୍ଥ ।

ତର୍କରେ ଆଧିକ୍ୟର ସମ୍ଭାବନା ରହିଥାଏ । ଏହା କିଛି ନିରୂପଣ କରିପାରେ ନାହିଁ । ତର୍କ ମାଧ୍ୟମରେ ନିରୂପିତ ନିଷ୍କର୍ମ କଦାପି ପ୍ରକୃତ ସତ୍ୟ ହୋଇ ନପାରେ । ତର୍କ ମାଧ୍ୟମରେ ନୁହେଁ ଭକ୍ତିମାର୍ଗରେ ହିଁ ପ୍ରଭୁ ମିଳିପାରିବେ ।

ଭଗବାନଙ୍କ ସଂପର୍କରେ ପ୍ରତ୍ୟେକ ବିଷୟ ବିବିଧ ଉପାୟରେ ତର୍କ କରାଯାଇପାରେ । ପ୍ରକୃତରେ ଏହା ନିରର୍ଥକ ଆଲୋଚନା କାରଣ କୌଣସି ତର୍କ ନିଷ୍କର୍ଷରେ ଉପନୀତ କରାଏ ନାହିଁ ।

ନିଜର ପ୍ରତିପକ୍ଷ ଉପରେ ବିଜୟ ଲାଭ କଲେ ପରାଭୂତ ବ୍ୟକ୍ତି ମନରେ କ୍ରୋଧ ଜାତ ହୁଏ । ବିତର୍କ ବା ଆଲୋଚନାର ଏକ ଅପରିହାର୍ଯ୍ୟ ଅଂଶ ହେଉଛି ପ୍ରବଳ ଭାବାବେଶ । ଏପରି ନିରର୍ଥକ ଆଲୋଚନାର କାରଣ ହେଉଛି ଅହଂକାର । ଅହଂକାର ଥିବା ଯାଏ କିପରି ପରମ ସତ୍ୟର ଅନୁଭୂତି ଲାଭ ହେବ ?

ଦୁଇଟି ସଂପୂର୍ଣ୍ଣ ବିପରୀତ ମତବାଦ ପାଇଁ ହୃଦବୋଧଯୁକ୍ତ ତର୍କ ଉପସ୍ଥାପନ କରାଯାଇପାରେ । ସୁତରାଂ ତର୍କ ସମର୍ଥିତ ମତବାଦ ସଠିକ ବୋଲି ପ୍ରମାଣିତ ହେଉନାହିଁ । ହେତୁବାଦ ଦ୍ୱାରା ଉତ୍ତମ ରୂପେ ପ୍ରତିଷ୍ଠିତ ମତବାଦକୁ ଅନ୍ୟ ଜଣେ ଅଧିକ ବୁଦ୍ଧିମାନ ବ୍ୟକ୍ତି ଯୁକ୍ତହୀନ ବୋଲି ପ୍ରମାଣିତ କରିପାରନ୍ତି । ଜଣେ ଓକିଲ ତର୍କ ବଳରେ ଏକ ମିଥ୍ୟା କେଶକୁ ସତ୍ୟ ବୋଲି ପ୍ରମାଣିତ କରନ୍ତି । ସୁତରାଂ ତର୍କ ଅଧିକାଂଶ ସମୟରେ ଏକ ଅବିଶ୍ୱସ୍ତ ମାର୍ଗ-ଦର୍ଶକ ।

ଏକଦା ସୁପ୍ରତିଷ୍ଠିତ ବିବେଚନା କରାଯାଉଥିବା ଅନେକ ପରବର୍ତ୍ତୀ ସମୟରେ ନିରର୍ଥକ ମନେ କରାଯାଇଛି । ବିଜ୍ଞାନ ଏହାର ଅନେକ ଦୃଷ୍ଟାନ୍ତ ପ୍ରଦାନ କରେ । କେବଳ ତର୍କ ଉପରେ ଆଧାରିତ କୌଣସି ମତବାଦକୁ ସର୍ବଦା ସତ୍ୟ ମନେ କରାଯାଇପାରିବ ନାହିଁ କାରଣ ଉତ୍ତମ ତ଼ର୍କ ଦ୍ୱାରା ତାହା ଅସତ୍ୟ ପ୍ରମାଣିତ କରାଯାଇପାରେ ।

ବୃଥା ଆଲୋଚନା ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲିପାରେ । ତଥାପି ଲୋକମାନେ ନିର୍ଦ୍ଦିଷ୍ଟ ସକାରାତ୍ମକ ନିଷ୍କର୍ଷରେ ଉପନୀତ ହୋଇ ନ ପାରନ୍ତି । ସେମାନେ ଶବ୍ଦ, ମୂଳ, ସଂଯୋଜକ ଶବ୍ଦ ଏବଂ ଅନ୍ୟ ବ୍ୟାକରଣ ସୂତ୍ର ବିଷୟରେ ଯୁକ୍ତି କରନ୍ତି । ଭଗବାନ ନିଶ୍ଚିତ ରୂପେ ବ୍ୟାକରଣ ଅବା ତର୍କରେ ନଥାନ୍ତି । ସେ ଜୀବାତ୍ମାର ହୃଦୟରେ ନିବାସ କରନ୍ତି । ତାଙ୍କୁ ଧ୍ୟାନ ଓ ପବିତ୍ରତା ଦ୍ୱାରା ଉପଲବ୍ଧି କରାଯାଇପାରେ, କିନ୍ତୁ ବୃଥା ଆଲୋଚନାରେ ନୁହେଁ । ସେହି କାରଣରୁ ପ୍ରଭୁ ଯମ ନଚିକେତାଙ୍କୁ କହନ୍ତି : "ଏହି ଆତ୍ମାକୁ ଅତ୍ୟଧିକ ଜ୍ଞାନ ଅବା ଆଲୋଚନା ଅବା ବୁଦ୍ଧି ଦ୍ୱାରା ଲାଭ କରାଯାଇପାରିବ ନାହିଁ । ଈଶ୍ୱରଙ୍କ କୃପା ବଳରେ ଭକ୍ତ ଭଗବାନଙ୍କୁ ଲାଭ କରିପାରନ୍ତି । ଏତଦ୍‌ବ୍ୟତୀତ ପ୍ରଭୁ ଯାହାଙ୍କୁ ନିଜ ପ୍ରିୟ ରୂପେ ଗ୍ରହଣ କରନ୍ତି, ସେ ଆତ୍ମଦର୍ଶନ ଲାଭ କରନ୍ତି । ସେ ତାଙ୍କର ସ୍ୱରୂପକୁ ପ୍ରିୟଭକ୍ତ ଠାରେ ପରିପ୍ରକାଶ କରନ୍ତି ।" ସୁତରାଂ, ଉତ୍ତେଜନାପୂର୍ଣ୍ଣ ଆଲୋଚନା ପରିହାର କରି ତାଙ୍କ କୃପା ଆକର୍ଷଣ କରିବା ପାଇଁ ନମ୍ର ହେବା ବାଞ୍ଛନୀୟ । ବ୍ୟାବହାରିକ ସାଧନାରେ ବ୍ରତୀ ହେବା ସମୀଚୀନ ।

ନିଜର ସମୟ ଓ ଶକ୍ତି ବୃଥା ଆଲୋଚନାରେ ଅପଚୟ କର ନାହିଁ ।

ସୂତ୍ର-୭୬

ଭକ୍ତି ଶାସ୍ତ୍ରାଣି ମନନୀୟାନି ତଦୁଦ୍‌ବୋଧକ କର୍ମାଣି କରଣୀୟାଣି ।। ୭୬ ।।

ଅର୍ଥ– ଭକ୍ତି ଲାଭ ନିମିତ୍ତ ଭକ୍ତି ଉଦ୍ରେକ କରୁଥିବା ଶାସ୍ତ୍ରର ଶିକ୍ଷାକୁ ସର୍ବଦା ଧ୍ୟାନ କରିବା ଉଚିତ ଏବଂ ଭକ୍ତି ସୃଷ୍ଟି କରୁଥିବା କର୍ମସମୂହ ସମ୍ପାଦନ କରିବା ବିଧେୟ ।

ଶବ୍ଦାର୍ଥ– ଭକ୍ତି ଶାସ୍ତ୍ରାଣି– ଭକ୍ତିମୂଳକ ଶାସ୍ତ୍ର ସମୂହ, ମନନୀୟାନି– ମନନ କରିବା ଉଚିତ୍, ତଦ୍‌ଉଦ୍‌ବୋଧକ କର୍ମାଣି– ଭକ୍ତି ଉଦ୍ରେକ କରୁଥିବା କର୍ମସମୂହ, କରଣୀୟାଣି– କରଣୀୟ ବା କରିବା ଉଚିତ ।

ବ୍ୟାଖ୍ୟା– ଏହି ସୂତ୍ର ସୂତ୍ରସଂଖ୍ୟା ୧୨, ୧୪, ୪୯ ଓ ୬୨ର ଅନୁପୂରକ । ସୂତ୍ର ୧୨ ଓ ୧୪ ଅଧ୍ୟୟନ ଏବଂ ଆଧ୍ୟାତ୍ମିକ ସାଧନା ତଥା ସମାଜ ସେବା ପ୍ରତି ଭକ୍ତଙ୍କର ଦୃଷ୍ଟିକୋଣ ପରିପ୍ରକାଶ କରେ । ସୂତ୍ର ୪୯ ଓ ୬୨ ଭକ୍ତିଭାବ ଉଦୟ ହେବା ପୂର୍ବରୁ ତାଙ୍କର ଦୃଷ୍ଟିକୋଣ ବିଷୟରେ ଆଲୋକପାତ କରାଏ । ସୂତ୍ର ୭୬ ମୁଖ୍ୟଭକ୍ତି ପର୍ଯ୍ୟାୟରେ ତାଙ୍କର ଦୃଷ୍ଟିକୋଣ ବିଷୟରେ ଉଲ୍ଲେଖ କରାଏ । ଏହା ସୁସ୍ପଷ୍ଟ ଯେ, ନାରଦଙ୍କ ମତ ଅନୁସାରେ ଈଶ୍ୱର ସାକ୍ଷାତ୍‌କାର ପୂର୍ବରୁ ଅବା ପରେ ଭକ୍ତ ତାଙ୍କର ଆଧ୍ୟାତ୍ମିକ ସାଧନା ବା ସମାଜସେବା କୌଣସି ପର୍ଯ୍ୟାୟରେ ପରିହାର କରନ୍ତି ନାହିଁ ।

ଜଣେ ଭକ୍ତ ପ୍ରଭୁଙ୍କର ମହିମା, ମଧୁରତା ଓ ଲୀଳାସମୂହ ତଥା ଭକ୍ତିର ଆଦର୍ଶ ବିଷୟରେ ବର୍ଣ୍ଣିତ ପୁସ୍ତକ ଅଧ୍ୟୟନ କରିବା ଉଚିତ । ସନ୍ଥ ଜୀବନର କାହାଣୀ ଏବଂ ଭକ୍ତି ସାଧନାରେ ସହାୟକ ଗ୍ରନ୍ଥସମୂହ ମଧ୍ୟ ଅଧ୍ୟୟନ କରିବା ବିଧେୟ । ଏପରି ଭକ୍ତିଭାବ ସମ୍ବନ୍ଧିତ ଶାସ୍ତ୍ରର ଅଧ୍ୟୟନ ଫଳରେ ଭକ୍ତିର ବିକାଶ ହୋଇଥାଏ ।

ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ଶାସ୍ତ୍ରସମୂହ ହେଉଛନ୍ତି ରାମାୟଣ, ଶ୍ରୀମଦ୍ ଭାଗବତମ୍, ଗୀତା, ବିଷ୍ଣୁପୁରାଣ, ଅଧ୍ୟାତ୍ମ ରାମାୟଣ, ତୁଳସୀ ରାମାୟଣ (ରାମଚରିତ ମାନସ), ବିଷ୍ଣୁ ସହସ୍ର ନାମ, ଶାଣ୍ଡିଲ୍ୟ ସୂତ୍ରମାଳା, ଶିବପୁରାଣ, ଦେବୀଭାଗବତ, ନାରଦ ପଞ୍ଚରତ୍ନମ୍, ଭକ୍ତିଯୋଗର ଅଭ୍ୟାସ, ଭକ୍ତିଯୋଗର ନିର୍ଯ୍ୟାସ, ଭକ୍ତି ଓ ସଂକୀର୍ତ୍ତନ, ଭକ୍ତି ରସାମୃତମ୍, ତୁକାରାମଙ୍କର ଅଭଙ୍ଗ, ଗୀତା ଓ ଜ୍ଞାନେଶ୍ୱରୀ, ଭକ୍ତି ରସାୟନ ଓ ଭକ୍ତି ରସାମୃତ ସିନ୍ଧୁ ଇତ୍ୟାଦି ।

ଭକ୍ତି ଜାଗ୍ରତ କରୁଥିବା ପ୍ରତ୍ୟେକ କର୍ମ ନିଶ୍ଚିତ ରୂପେ ସମ୍ପାଦନ କରିବା ଉଚିତ । ପୂଜା କୋଠରିକୁ ସ୍ୱଚ୍ଛ ରଖିବା ଉଚିତ । ଏହି କୋଠରିକୁ ସୁସଜ୍ଜିତ କର, ଧୂପ ଜଳାଅ । ଦୀପ ପ୍ରଜ୍ୱଳିତ କର । ଏକ ପରିଷ୍କାର ଆସନ ରଖ । ସ୍ନାନ ସାରି ପରିଷ୍କାର ବସ୍ତ୍ର ପରିଧାନ କର । କପାଳକୁ ବିଭୂତି ବା ଭସ୍ମ ଏବଂ କୁଙ୍କୁମ ଦ୍ୱାରା ସୁଶୋଭିତ କର । ରୁଦ୍ରାକ୍ଷ ବା ତୁଳସୀମାଳା ପରିଧାନ କର । ଏ ସମସ୍ତ ବସ୍ତୁ ମନରେ ଏକ ଶୁଭ ପ୍ରଭାବ ପକାଏ ଏବଂ ମନକୁ ଉଚ୍ଚସ୍ତରକୁ ଘେନିଯାଏ । ତାହା ଧର୍ମଭାବ ସୃଷ୍ଟି କରାଏ । ଏସବୁ ପ୍ରାକ୍‌ପ୍ରସ୍ତୁତି ଆବଶ୍ୟକ ଭାବ ଅବା ଆବେଗ ସୃଷ୍ଟି କରି ତୁମେ ଉପାସନା କରିବାକୁ ଚାହୁଁଥିବା ଦେବତାଙ୍କୁ ଆବାହନ କରିବାରେ ସହାୟକ ହୁଏ । ମନ ସହଜରେ ଏକାଗ୍ର ହୋଇଥାଏ ।

ସଦାଚାରର ଅଭ୍ୟାସ, ସତ୍‌ସଙ୍ଗ, ଜପ, ସ୍ମରଣ, କୀର୍ତ୍ତନ, ପ୍ରାର୍ଥନା, ପୂଜା, ସନ୍ଥ ସେବା, ତୀର୍ଥ ସ୍ଥାନରେ ନିବାସ, ଦରିଦ୍ର ଓ ରୋଗୀମାନଙ୍କର ଦିବ୍ୟଭାବ ସହ ସେବା, ବର୍ଣ୍ଣାଶ୍ରମ ଧର୍ମର ପାଳନ, ସମସ୍ତ କର୍ମ ଓ ତାହାର ଫଳ ପ୍ରଭୁଙ୍କୁ ସମର୍ପଣ । ସମସ୍ତ ଜୀବଙ୍କ ମଧ୍ୟରେ ପ୍ରଭୁଙ୍କର ଉପସ୍ଥିତିକୁ ଅନୁଭବ କରିବା, ମୂର୍ତ୍ତି ଓ ସନ୍ଥଗଣଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରିବା, ସାଂସାରିକ ଭୋଗ ଓ ସମ୍ପଦର ତ୍ୟାଗ, ଦାନ, ତପ, ଅହିଂସା, ସତ୍ୟ ଓ ବ୍ରହ୍ମଚର୍ଯ୍ୟର ନିରନ୍ତର ଅଭ୍ୟାସ– ଏସବୁ ତୁମର ଭକ୍ତିର ବିକାଶରେ ସହାୟକ ହେବ ।

ମନ ପ୍ରତି ତୁମେ କୋହଳଭାବ ପୋଷଣ କର ନାହିଁ । ତୁମେ ନିଶ୍ଚିତ ରୂପେ ଭକ୍ତିଶାସ୍ତ୍ରରେ ନିର୍ଦ୍ଦେଶିତ ନିୟମକୁ କଠୋର ରୂପେ ପାଳନ କର । ତେବେ ଯାଇ ତୁମର ଦ୍ରୁତ କ୍ରମବିକାଶ ହେବ । ତୁମେ ନିଶ୍ଚିତ ରୂପେ ଦୈନିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରି କଠୋର ରୂପେ ଅନୁସରଣ କର । ଯଦି ତୁମେ ମନ ପ୍ରତି କୋହଳ ଭାବ ପୋଷଣ କର, ଆଳସ୍ୟଭାବ ତୁମକୁ କବଳିତ କରିବ ଏବଂ ତୁମେ ସବୁକିଛି ସ୍ଥଗିତ କରିବ । ସେହି ଆସନ୍ତାକାଲି କେବେ ମଧ୍ୟ ଆସିବ ନାହିଁ । ଯଦି ମଧ୍ୟ ତୁମେ ଅଧିକ ବୟସର ବୃଦ୍ଧ ହୋଇଥାଅ, ଚିନ୍ତାକର ଯେ, ତୁମେ ଏକ କଲେଜ ଛାତ୍ର ଏବଂ ପ୍ରତିଦିନର ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁସରଣ କର । ଦୈନିକ କାର୍ଯ୍ୟକ୍ରମ ଓ ଆଧ୍ୟାତ୍ମିକ ଦିନଲିପି ପାଳନ କରିବାର ମୂଲ୍ୟ ବର୍ଣ୍ଣନାତୀତ ! ଆଧ୍ୟାତ୍ମିକ ଜୀବନରେ ସଫଳତାର ଏହା ହେଉଛି ମୁଖ୍ୟ ଚାବି ।

ସୂତ୍ର–୭୭

ସୁଖଦୁଃଖେଚ୍ଛାଲାଭାଦିତ୍ୟକ୍ତେ କାଳେ
ପ୍ରତୀକ୍ଷମାଣେ କ୍ଷଣାର୍ଦ୍ଧମପି ବ୍ୟର୍ଥଂ ନ ନେୟମ୍ ॥ ୭୭ ॥

ଅର୍ଥ– ବ୍ୟକ୍ତି କ୍ଷଣେର୍ଦ୍ଧ ମଧ୍ୟ ଅପଚୟ କରିବା ଅନୁଚିତ କାରଣ ଧ୍ୟାନ ନିମିତ୍ତ ସ୍ୱଳ୍ପ ସମୟ ଉପଯୋଗ କରାଯାଏ ଏବଂ ଅଧିକାଂଶ ସମୟ ସୁଖ ଦୁଃଖ କାମନା ଓ ଲାଭ ଆଦି ଅଭିଜ୍ଞତାରେ ବ୍ୟୟ ହୋଇଥାଏ ।

ଶବ୍ଦାର୍ଥ– ସୁଖଦୁଃଖେଚ୍ଛାଲାଭାଦିତ୍ୟକ୍ତେ– ସୁଖ, ଦୁଃଖ, ଇଚ୍ଛା ଓ ଲାଭ ଆଦିରୁ ମୁକ୍ତ, କାଳେ– ସମୟରେ, ପ୍ରତୀକ୍ଷମାଣ– ଆଶା ସହ ଅପେକ୍ଷା କରିବା, କ୍ଷଣାର୍ଧମ୍– ଅର୍ଧକ୍ଷଣ ବା ମୁହୂର୍ତ୍ତ, ଅପି– ମଧ୍ୟ, ବ୍ୟର୍ଥମ୍– ବ୍ୟର୍ଥ, ନେୟମ୍– ଅତିବାହିତ କରିବା ଉଚିତ ।

ବ୍ୟାଖ୍ୟା– ଯେତେବେଳେ ଜଣେ ସୁଖ, ଦୁଃଖ, କାମନା ଲାଭ ଆଦି ପରିହାର କରେ ଓ ଅତ୍ୟନ୍ତ ଉଚ୍ଚତର ସ୍ଥିତିରେ ରହେ, ଅର୍ଦ୍ଧମୁହୂର୍ତ୍ତ ମଧ୍ୟ ବୃଥାରେ ଅତିବାହିତ କରିବା ଅନୁଚିତ ।

ସୁଖ, ଦୁଃଖ, କାମନା, ଲାଭ ଅବା ଅନ୍ୟ ସାଂସାରିକ ବିଚାରରୁ ମୁକ୍ତ ହୋଇଥିବା ସମୟ ସମସ୍ତେ ଚାହାନ୍ତି । ସୁତରାଂ ଅର୍ଦ୍ଧମୁହୂର୍ତ୍ତ ମଧ୍ୟ ନଷ୍ଟ ହେବାକୁ ଦେବା ଅନୁଚିତ । ଏହା ଭଗବାନଙ୍କର ଧ୍ୟାନରେ ଅତିବାହିତ କରିବା ଉଚିତ । ସତ୍ତ୍ୱର ଗୁଣ ସୁଖ । ତମସ୍‌ର

ଗୁଣ ହେଉଛି ଦୁଃଖ । ରାଜସ୍‌ର ଗୁଣ ଇଚ୍ଛା । ଯେତେବେଳେ ଭକ୍ତ ସୁଖ, ଦୁଃଖ ଓ କାମନା ଆଦି ତ୍ୟାଗ କରିଅଛନ୍ତି, ଯେତେବେଳେ ସେ ତ୍ରିଗୁଣ ପରିହାର କରିଛନ୍ତି, ଯେତେବେଳେ ସେ ପ୍ରଭୁଙ୍କୁ ସ୍ୱ-ଇପ୍‌ସିତ ରୂପରେ ଦେଖାଦେବାକୁ ପ୍ରତୀକ୍ଷା କରିଅଛନ୍ତି, ସେତେବେଳେ ଅର୍ଦ୍ଧ ସେକେଣ୍ଡ ମଧ୍ୟ ନଷ୍ଟ କରିବା ଅନୁଚିତ । ତୁମେ ଅତ୍ୟନ୍ତ ସତର୍କ ରହିବା ଉଚିତ । ତୁମେ ଶୋଇବା ଅନୁଚିତ । ଅର୍ଦ୍ଧମୁହୂର୍ତ୍ତ ମଧ୍ୟରେ ତୁମର ମନ ଭ୍ରମଣ କରୁଥିବାବେଳେ ତୁମର ଅଜାଣତରେ ଭଗବାନ ଆସି ଫେରିଯାଇ ପାରନ୍ତି । ମାୟା ଅତ୍ୟନ୍ତ ଚତୁର । ସେ ତୁମର ଅର୍ଦ୍ଧ ମୁହୂର୍ତ୍ତର ସୁଯୋଗ ନେଇପାରେ । ତୁମେ ନିଶ୍ଚୟ ଅତ୍ୟନ୍ତ ଜାଗ୍ରତ ରହିବା ଉଚିତ । ଭଗବାନଙ୍କର ପରିପ୍ରକାଶ ନିମିତ୍ତ ସର୍ବଦା ଉତ୍କଣ୍ଠିତ ରୁହ । ଏହା ହେଉଛି ଉଚ୍ଚସ୍ତରର ଆଶାଭାବ ।

ଯଦି ଭକ୍ତ ଜାଗ୍ରତ ଓ ସତର୍କ ନ ରହନ୍ତି, ସେ ଲାଭ କରିଥିବା ଉଚ୍ଚ ସ୍ଥିତିରୁ ରାଜସ ଏବଂ ତାମସ ଗୁଣ ତାଙ୍କୁ ନିମ୍ନଗାମୀ କରିଦିଅନ୍ତି । ଶୈତାନ ସହଜରେ ଏକ ଦୁର୍ବଳତାର ସୁଯୋଗ ନେଇ ତାଙ୍କ ମନରେ ପ୍ରବେଶ କରିବା ଫଳରେ ତାଙ୍କର ଅଧଃପତନ ହୁଏ । ଯଦି ପ୍ରତ୍ୟହ ଗଭୀର ଧ୍ୟାନ ଦ୍ୱାରା ମନକୁ ନିର୍ମଳ ନ କରାଯାଏ, ସଫା ନ ହୋଇଥିବା ପିତ୍ତଳ ବାସନ ସଦୃଶ ମନ ଅପରିଷ୍କାର ହୋଇଯିବ ।

ଯୌବନରେ ତୁମେ ଅନ୍ଧକାର ଦ୍ୱାରା ଆବୃତ୍ତ ହୋଇଥାଅ । ତରୁଣ ଅବସ୍ଥାରେ ତୁମେ କାମନା ଦ୍ୱାରା ପରିଚାଳିତ ହୁଅ । ବାର୍ଦ୍ଧକ୍ୟ ବୟସରେ ତୁମେ ସଂସାରର ବୋଝ ଯୋଗୁ ଯନ୍ତ୍ରଣାରେ କଷ୍ଟ ପାଅ । ନିଦ୍ରା, ବୃଥା ବାର୍ତ୍ତାଳାପ ଏବଂ ନିରର୍ଥକ ଗପଦ୍ୱାରା ବହୁ ସମୟ ନଷ୍ଟ ହୁଏ । ରୋଗ ଓ ଯନ୍ତ୍ରଣା ଦ୍ୱାରା ସମୟର କିଛି ଅଂଶ ଅତିବାହିତ ହୁଏ । ପୁଣ୍ୟ କର୍ମ ଓ ଦିବ୍ୟ ମନନ ପାଇଁ ସମୟ କାହିଁ ? ଜୀବନ ପାଣିଫୋଟକା ସଦୃଶ ଅନିଶ୍ଚିତ । ଗୋଟିଏ ମୁହୂର୍ତ୍ତର ଅବସର ବିନା ମୃତ୍ୟୁ ତୁମକୁ ଘେନିଯିବ । ସୁତରାଂ ଜଣେ ବିଜ୍ଞ ବ୍ୟକ୍ତି ତାଙ୍କର ସମୟ ଧ୍ୟାନରେ ଅତିବାହିତ କରିବା ନିମିତ୍ତ ଯତ୍ନଶୀଳ ହେବା ବାଞ୍ଛନୀୟ । ସମୟ ହେଉଛି ସର୍ବାଧିକ ମୂଲ୍ୟବାନ । ପ୍ରତ୍ୟେକ ମୁହୂର୍ତ୍ତ ଭଗବାନଙ୍କର ଓ ଭକ୍ତଗଣଙ୍କର ସେବା ତଥା ଧ୍ୟାନରେ ଅତିବାହିତ କରିବା ଏକାନ୍ତ ଆବଶ୍ୟକ ।

ପରବର୍ତ୍ତୀ ସୂତ୍ର ଏପରି ସତର୍କତା, ଜାଗ୍ରତାବସ୍ଥା ଓ ଚିରନ୍ତନ ଜାଗୃତିର ଆବଶ୍ୟକତା ବିଷୟରେ ଉଲ୍ଲେଖ କର । ତୁମେ ସର୍ବଦା ତୁମ ମଧ୍ୟରେ ଥିବା ପାଶବିକ ପ୍ରବୃତ୍ତି ଦ୍ୱାରା

ପରାଭୂତ ହେବାର ସମ୍ଭାବନା ଥାଏ । ତେଣୁ ତୁମେ ସର୍ବଦା ହିଂସା ଆଦି କୁପ୍ରବୃତ୍ତି ସହ ସଂଗ୍ରାମ କରିବା ଆବଶ୍ୟକ ।

ସୂତ୍ର-୭୮

ଅହିଂସାସତ୍ୟଶୌଚଦୟାସ୍ତିକ୍ୟାଦି ଚରିତ୍ର୍ୟାଣି ପରିପାଳନୀୟାନି ।। ୭୮ ।।

ଅର୍ଥ- ଅହିଂସା, ସତ୍ୟ, ପବିତ୍ରତା, ଦୟା, ବେଦ ଓ ଈଶ୍ୱରଙ୍କ ଅସ୍ତିତ୍ୱରେ ବିଶ୍ୱାସ ଏବଂ ଉତ୍ତମ ଚରିତ୍ରର ସୁରକ୍ଷା ଓ ଅଭ୍ୟାସ କରିବା ଉଚିତ ।

ଶବ୍ଦାର୍ଥ- ଅହିଂସା ସତ୍ୟ ଶୌଚ ଦୟାସ୍ତିକ୍ୟାଦି ଚରିତ୍ରୟାଣି- ଅହିଂସା, ସତ୍ୟ, ପବିତ୍ରତା, ଦୟା, ଈଶ୍ୱର ବିଶ୍ୱାସ ଇତ୍ୟାଦି ସଦ୍‌ଗୁଣ, ପରିପାଳନୀୟାନି- କଠୋର ରୂପେ ଉପରୋକ୍ତ ସଦ୍‌ଗୁଣ ଗୁଡ଼ିକର ପରିପାଳନ କରିବା ଉଚିତ ।

ବ୍ୟାଖ୍ୟା- ଯେପରି ଉଦ୍ୟାନରେ ଥିବା ବୃକ୍ଷସମୂହକୁ କୀଟପତଙ୍ଗ ଠାରୁ ସୁରକ୍ଷା କରାଯାଏ ଏବଂ ଯଥେଷ୍ଟ ପରିମାଣରେ ସାର ପ୍ରଦାନ କରି ତାଙ୍କର ବୃଦ୍ଧିରେ ସହାୟତା କରାଯାଏ, ସେହିପରି ଉପରୋକ୍ତ ସୁଗୁଣ ସମୂହର ସୁରକ୍ଷା ଏବଂ ପରିପୁଷ୍ଟି କରିବା ଉଚିତ । ପୂର୍ବୋକ୍ତ ସୂତ୍ରରେ କିପରି ଖାଦ୍ୟ ଭୋଜନ କରିବା ଉଚିତ ତାହା ଉଲ୍ଲେଖ କରାଯାଇଛି । "ଅବ୍ୟାବୃତ୍ତ ଭଜନାତ୍", "ଲୋକେଽପି ଭଗବତ୍ ଗୁଣ ଶ୍ରବଣକୀର୍ତ୍ତନାତ୍" (ସୂତ୍ର ୩୬ ଓ ୩୭) ।

ଅହିଂସା, ସତ୍ୟ ଆଦି ହେଉଛନ୍ତି ଯମ (ଆତ୍ମନିଗ୍ରହ) । ଶୌଚ, ସନ୍ତୋଷ ଆଦି ନିୟମର ପରିସରଭୁକ୍ତ । ଏସବୁ ଶୃଙ୍ଖଳା ବିନା ଆଧ୍ୟାତ୍ମିକ ବିକାଶ ସମ୍ଭବ ନୁହେଁ ।

ଦୟା ହେଉଛି କ୍ରିୟାଶୀଳ ବଦାନ୍ୟତା । ଏହା ଦିବ୍ୟପ୍ରେମର ସକାରାତ୍ମକ ପରିପ୍ରକାଶ । ଅହିଂସା ହେଉଛି ଦିବ୍ୟପ୍ରେମର ନକରାତ୍ମକ ପରିପ୍ରକାଶ ।

ସୂତ୍ର ୭୬ରେ ଭକ୍ତିର ବିକାଶରେ ସହାୟକ ହେଉଥିବା କର୍ମ ସଂପାଦନ କରିବାକୁ ନାରଦ ଉପଦେଶ ଦେଇଛନ୍ତି । ବର୍ତ୍ତମାନର ସୂତ୍ରରେ ପାଞ୍ଚପ୍ରକାରର ସଦାଚାର ଅଭ୍ୟାସ କରିବାକୁ ସେ ଭକ୍ତଙ୍କୁ ଉପଦେଶ ପ୍ରଦାନ କରିଅଛନ୍ତି ।

ସତ୍ୟର ଅଭ୍ୟାସରେ ବ୍ୟକ୍ତି ଯାହା ଦେଖିଛନ୍ତି, ଶୁଣିଛନ୍ତି କିମ୍ବା ଜଣେ ବ୍ୟକ୍ତି ବିଷୟରେ ଯାହା ହୃଦୟଙ୍ଗମ କରିଛନ୍ତି ଠିକ୍ ତାହା କହିବାକୁ ଉପଦେଶ ପ୍ରଦତ୍ତ ହୋଇଛି । କୌଣସି ପ୍ରକାରର ଅତିରଞ୍ଜନ ଅବା ସତ୍ୟର ବିକୃତି କରିବା ଅନୁଚିତ । ବାଣୀ ସତ୍ୟ

ଓ ମଧୁର ହେବା ବାଞ୍ଛନୀୟ । ଯେଉଁ ସତ୍ୟ ଅନ୍ୟର କ୍ଷତି କରୁଛି ତାହା ସ୍ପୃହଣୀୟ ନୁହେଁ ।

ନାରଦ ଅନ୍ୟ ଦିବ୍ୟ ଗୁଣାବଳୀ ଯଥା ସାହସ, ଦାନଶୀଳତା, ଇନ୍ଦ୍ରିୟ ନିୟନ୍ତ୍ରଣ, ତପ, ଆର୍ଜବତା, ନମ୍ରତା, ଆତ୍ମତ୍ୟାଗ, ମାନସିକ ପ୍ରଶାନ୍ତି, ଅକ୍ରୋଧ ସ୍ଥିତି, ହୃଦୟର କୋମଳତା, କ୍ଷମା ଓ ବିପଦ ସମୟରେ ଧୈର୍ଯ୍ୟ ଆଦି ସୁଗୁଣର ଅଭ୍ୟାସ କରିବାକୁ ଉପଦେଶ ପ୍ରଦାନ କରିଛନ୍ତି ।

ପତଞ୍ଜଳି ମହର୍ଷିଙ୍କର ରାଜଯୋଗ ଦର୍ଶନରେ ପ୍ରଦତ୍ତ ଯମ ଓ ନିୟମ ବିଷୟ ଏଠାରେ ଉଲ୍ଲେଖ କରିଛନ୍ତି । ଏହି ଦୁଇ ସୁଗୁଣ ହିଁ ଯୋଗର ଆଧାରଶିଳା । ଏହି ଗୁଣାବଳୀର ଅଭ୍ୟାସ ହୃଦୟକୁ ପବିତ୍ର କରେ ଏବଂ ଦିବ୍ୟ ଆଲୋକପ୍ରାପ୍ତି ନିମିତ୍ତ ଅନ୍ତଃକରଣକୁ ପ୍ରସ୍ତୁତ କରେ । ଦୟା କଠୋର ହୃଦୟକୁ କୋମଳ କରେ । ସତ୍ୟ ହୃଦୟକୁ ପବିତ୍ର କରେ । ଈଶ୍ୱର ହେଉଛନ୍ତି ସତ୍ୟର ବିମୂର୍ତ୍ତ ରୂପ । କେବଳ ସତ୍ୟର ଅଭ୍ୟାସ ଦ୍ୱାରା ଈଶ୍ୱର ପ୍ରାପ୍ତି ହୋଇପାରିବ । ‘‘ସତ୍ୟମେବ ଜୟତେ’’ । ଯଦି ଜଣେ ବ୍ୟକ୍ତି କର୍ମ, ବାଣୀ ଓ ଚିନ୍ତାରେ ଅହିଂସା ଅଭ୍ୟାସରେ ସୁପ୍ରତିଷ୍ଠିତ ହୁଅନ୍ତି, ଅନ୍ୟ ସମସ୍ତ ସୁଗୁଣର ସ୍ୱୟଂ ବିକାଶ ହେବ । ଜଣେ ବ୍ୟକ୍ତି ନିଜର କ୍ରୋଧର ବଶବର୍ତ୍ତୀ ହେଲେ ଅଧିକାଂଶ କୁକର୍ମ ତାଙ୍କୁ ଅନୁସରଣ କରିଥାନ୍ତି । ବ୍ରହ୍ମଚର୍ଯ୍ୟ ହେଉଛି ସମସ୍ତ ସୁଗୁଣ ମଧ୍ୟରେ ସର୍ବଶ୍ରେଷ୍ଠ । ବିନା ବ୍ରହ୍ମଚର୍ଯ୍ୟରେ ଈଶ୍ୱର ଉପଲବ୍ଧି ସମ୍ଭବ ନୁହେଁ । ଭଗବାନଙ୍କଠାରେ ବିଶ୍ୱାସ ବିନା ସାଧନା କିମ୍ବା ଈଶ୍ୱର ଉପଲବ୍ଧି ସମ୍ଭବ ନୁହେଁ । ଜଣେ ସାଧକଙ୍କର ମୌଳିକ ଗୁଣ ହେଉଛି ଈଶ୍ୱର ବିଶ୍ୱାସ । ଏହା ଅନ୍ଧବିଶ୍ୱାସ ନୁହେଁ । ଏହା ହେତୁ ଉପରେ ଆଧାରିତ ।

ମନ ସର୍ବଦା ଅସ୍ଥିର । ତେବେ ଏହାକୁ ସ୍ଥିର କରିବା କିପରି ? ମନକୁ ଭଗବାନଙ୍କ ଠାରେ ସ୍ଥିର କରିବାର ପଦ୍ଧତି ପରବର୍ତ୍ତୀ ଦୁଇଟି ସୂତ୍ର ଶିକ୍ଷା ପ୍ରଦାନ କରନ୍ତି ।

ସୂତ୍ର–୭୯

ସର୍ବଦା ସର୍ବଭାବେନ ନିଶ୍ଚିନ୍ତୈ ର୍ଭଗବାନେବ ଭଜନୀୟଃ ।। ୭୯ ।।

ଅର୍ଥ– ସମସ୍ତ ଚିନ୍ତା ଓ ବ୍ୟାକୁଳତାରୁ ମୁକ୍ତ ହୋଇ ନିଷ୍ଠାପର ଭାବେ କେବଳ ଭଗବାନଙ୍କୁ ସର୍ବଦା ଉପାସନା କରିବା ବିଧେୟ ।

ଶବ୍ଦାର୍ଥ– ସର୍ବଦା– ସବୁବେଳେ, ସର୍ବଭାବେନ– ନିଷ୍ଠାପରଭାବେ, ନିଶ୍ଚିନ୍ତୈ– ଚିନ୍ତାମୁକ୍ତ ହୋଇ, ଏବ– କେବଳ, ଭଜନୀୟଃ– ଭଜନ କରିବା ଉଚିତ ।

ବ୍ୟାଖ୍ୟା– *ଚିନ୍ତା* ର ଅର୍ଥ ହେଉଛି ଚିନ୍ତିତ ହୋଇ ବା ବ୍ୟାକୁଳ ହୋଇ ।

ସର୍ବଭାବେନ ଭାବ ହେଉଛି ମନର ଏକ ଉତ୍ତମ ଅବସ୍ଥା । ଜୀବନର ପ୍ରତ୍ୟେକ ଅବସ୍ଥାରେ ଭକ୍ତଙ୍କର କେବଳ ଈଶ୍ୱର ଚେତନା ଥାଏ । ତାଙ୍କର ପରିବାରର ସଦସ୍ୟଙ୍କ ପ୍ରତି ତାଙ୍କୁ ସାହାଯ୍ୟ କରୁଥିବା ବନ୍ଧୁମାନଙ୍କ ପ୍ରତି, ତାଙ୍କର କ୍ଷତି କରୁଥିବା ବ୍ୟକ୍ତିଗଣଙ୍କ ପ୍ରତି, ତାଙ୍କର ଗୁରୁଜନ ଓ ତାଙ୍କଠାରୁ ବୟସରେ ସାନ ବ୍ୟକ୍ତିଗଣଙ୍କ ପ୍ରତି ଏବଂ ସମସ୍ତ ସଂପର୍କୀୟଙ୍କ ପ୍ରତି ତାଙ୍କର କେବଳ ଈଶ୍ୱରଚେତନା ଥାଏ ।

ଭଗବାନ ସେ ସମସ୍ତ ଯଶ, ସମସ୍ତ ମହିମା ଓ ସମସ୍ତ ଜ୍ଞାନ ସମନ୍ୱିତ ଅର୍ଥାତ୍ ପ୍ରଭୁ ।

ଭଜନମ୍ : ଉପାସନା କରୁଥିବା । 'ଭଜ୍'ର ଆକ୍ଷରିକ ଅର୍ଥ ହେଉଛି ଭଜନ କରିବା ବା ଗ୍ରହଣ କରିବା । ସେ ହେଉଛନ୍ତି ପ୍ରକୃତ ଭକ୍ତ ଯିଏ ପ୍ରଭୁଙ୍କର ସମସ୍ତ ଯଶ, ମହିମା ଓ ଜ୍ଞାନ ପ୍ରଭୁଙ୍କଠାରୁ ଗ୍ରହଣ କରନ୍ତି ।

"ନିଶ୍ଚିନ୍ତ ଭଜନ" ହେଉଛି ମନକୁ ଈଶ୍ୱରଙ୍କଠାରେ ଅବିଚ୍ଛିନ୍ନ ରୂପେ ସଂପୂର୍ଣ୍ଣ ଏକାଗ୍ର କରିବା ।

ଗୀତାର ଅଷ୍ଟାଦଶ ଅଧ୍ୟାୟର ୬୨ ନମ୍ବର ଶ୍ଳୋକରେ କୁହାଯାଇଛି–

"ତ୍ୱମେବ ଶରଣଂ ଗଚ୍ଛ, ସର୍ବଭାବେନ ଭାରତ ।"

ହେ ଅର୍ଜୁନ ! ତୁମେ ସର୍ବୋତଭାବେ ଭଗବାନଙ୍କର ଶରଣାପନ୍ନ ହୁଅ । ସମଗ୍ର ହୃଦୟ, ମନ, ବୁଦ୍ଧି, ଚିତ୍ତ ଓ ଆତ୍ମାକୁ ଈଶ୍ୱରଙ୍କଠାରେ ସମର୍ପଣ କରି ଶରଣାପନ୍ନ ହୁଅ । ଏହା ହେଉଛି "ସର୍ବଭାବେନ"ର ଅର୍ଥ । ଯେତେବେଳେ ତୁମେ ଧ୍ୟାନ କରୁଛ, ତୁମେ ଭୟ, ଚିନ୍ତା ବା ବ୍ୟାକୁଳତାରୁ ସଂପୂର୍ଣ୍ଣ ମୁକ୍ତ ହେବା ଆବଶ୍ୟକ ।

ସୂତ୍ର–୮୦

ସ କୀର୍ତ୍ୟମାନଃ ଶୀଘ୍ରମେବାବିର୍ଭବତ୍ୟନୁଭାବୟତି ଭକ୍ତାନ୍ ।। ୮୦ ।।

ଅର୍ଥ– ଏହିପରିଭାବେ ଆବାହନ କିମ୍ୱା ସ୍ତବ କଲେ ପ୍ରଭୁ ପରିପ୍ରକାଶିତ ହୋଇ ତାଙ୍କର ଭକ୍ତଗଣଙ୍କୁ ଉପଲବ୍ଧିର ଆଶିଷ ପ୍ରଦାନ କରନ୍ତି ।

ଶବ୍ଦାର୍ଥ– ସଃ– ସେ, କୀର୍ତ୍ୟମାନଃ– ଆବାହନ କରି ସ୍ତୁତି କରିବା, ଏବ– ନିଶ୍ଚିତ ରୂପେ, ଆବିର୍ଭବତି– ଆବିର୍ଭାବ ହୁଅନ୍ତି, ଭକ୍ତାନ୍– ଭକ୍ତଗଣଙ୍କୁ, ଅନୁଭାବୟତି– ଉପଲବ୍ଧି କରାଇବା ।

ବ୍ୟାଖ୍ୟା– ଯେତେବେଳେ ପ୍ରହ୍ଲାଦ ବ୍ୟାକୁଳ ଭାବେ ନିଷ୍ଠା ସହ ପ୍ରାର୍ଥନା କଲେ, ପ୍ରଭୁ ଶ୍ରୀହରି ଖମ୍ବରୁ ନରସିଂହ ରୂପେ ଆବିର୍ଭୂତ ହେଲେ । ପ୍ରହ୍ଲାଦ ତାଙ୍କ ପିତାଙ୍କୁ କହିଲେ, ‘‘ମୋର ନାରାୟଣ ତୁମ ହୃଦୟରେ ମଧ୍ୟ ନିବାସ କରନ୍ତି । ସେ ମୋର ହୃଦୟରେ ମଧ୍ୟ ବାସ କରନ୍ତି । ସେ ଏହି ଖମ୍ବରେ ମଧ୍ୟ ଅଛନ୍ତି । ପ୍ରହ୍ଲାଦ ବିଭିନ୍ନ ସ୍ଥାନ ବିଷୟ ଉଲ୍ଲେଖ କରିଥିଲେ । କିନ୍ତୁ ପ୍ରଭୁ ନାରାୟଣ କାହିଁକି ଖମ୍ବରୁ ଆବିର୍ଭୂତ ହେଲେ ? କାରଣ ପ୍ରହ୍ଲାଦ ସଂପୂର୍ଣ୍ଣ ଏକାଗ୍ରତା ଓ ଭାବ ସହ (ସର୍ବଭାବେନ) କେବଳ ଖମ୍ବରେ ମନକୁ ନିବେଶ କରିଥିଲେ । ସେ ଇଚ୍ଛା କରିଥିଲେ ଯେ, ପ୍ରଭୁ ହରି ଖମ୍ବରୁ ଆବିର୍ଭାବ ହେବେ । ଏହା ଥିଲା ତାଙ୍କର ସତ୍‌ସଂକଳ୍ପ । ତାଙ୍କର ଆତ୍ୟନ୍ତିକ ଇଚ୍ଛା ଫଳବତୀ ହେଲା ଏବଂ ପ୍ରଭୁ ଆବିର୍ଭାବ ହେଲେ ।

❑❑❑

ଭକ୍ତି ହିଁ ଶ୍ରେଷ୍ଠ ଉପାୟ

ସୂତ୍ର-୮୧

ତ୍ରିସତ୍ୟସ୍ୟ ଭକ୍ତିରେବ ଗରୀୟସୀ ଭକ୍ତିରେବ ଗରୀୟସୀ ॥ ୮୧ ॥

ଅର୍ଥ– ଶାଶ୍ୱତ ସତ୍ୟ ହେଉଛି ଭକ୍ତି ହିଁ କେବଳ ଶ୍ରେଷ୍ଠ, ଭକ୍ତି ହିଁ କେବଳ ଶ୍ରେଷ୍ଠ ।

ଶବ୍ଦାର୍ଥ– ତ୍ରିସତ୍ୟସ୍ୟ– ଶାଶ୍ୱତ ସତ୍ୟ, ଏବ– କେବଳ, ଗରୀୟସୀ– ମହତ୍ତର, ଶ୍ରେଷ୍ଠ ।

ବ୍ୟାଖ୍ୟା– ସମୟର ତ୍ରିକାଳରେ ଅର୍ଥାତ୍ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତରେ କେବଳ ଭକ୍ତି ହିଁ ସର୍ବାଧିକ ମହିମାମୟ ଓ ଶ୍ରେଷ୍ଠ ।

ଜ୍ଞାନମାର୍ଗ, କର୍ମମାର୍ଗ ଓ ଭକ୍ତିମାର୍ଗ ମଧ୍ୟରୁ କେବଳ ଭକ୍ତିହିଁ ଅନ୍ୟ ମାର୍ଗ ଠାରୁ ଶ୍ରେଷ୍ଠ ।

ଏହି ସୂତ୍ରରେ ମହର୍ଷି ନାରଦ ଭକ୍ତିର ମହତ୍ତ୍ୱ ଓ ଗୁରୁତ୍ୱ ଶ୍ରେଷ୍ଠ ରୂପେ ଉଲ୍ଲେଖ କରିଛନ୍ତି । ଦିବ୍ୟପ୍ରେମ ହେଉଛି ଶାଶ୍ୱତ । "ଗରୀୟସୀ" ଶବ୍ଦର ପୁନରାବୃତ୍ତି ନାରଦଙ୍କର ଭକ୍ତିର ମୂଲ୍ୟ ବୃଦ୍ଧି କରେ । ଏହା ଭକ୍ତିର ମହିମା ଶ୍ରେଷ୍ଠ ରୂପେ ପ୍ରତିପାଦିତ କରେ ।

ଅନ୍ୟ ମାର୍ଗ ତୁଳନାରେ ଭକ୍ତି ମାର୍ଗହିଁ ଶ୍ରେୟସ୍କର । କେବଳ ଭକ୍ତି ହିଁ ପସନ୍ଦଯୋଗ୍ୟ ।

ଭକ୍ତିମାର୍ଗହିଁ ଶ୍ରେଷ୍ଠ । ପ୍ରଭୁଙ୍କର ପ୍ରେମ ହିଁ ଶ୍ରେଷ୍ଠ । ଭଗବାନଙ୍କ ପ୍ରତି ଭକ୍ତି ଶାଶ୍ୱତ ସତ୍ୟ ।

ତ୍ରିସତ୍ୟମ୍

ତିନିଟି ଶାଶ୍ୱତ ସତ୍ୟ ହେଉଛି (୧) ଜ୍ଞାନ, (୨) କର୍ମ ଓ (୩) ଭକ୍ତି । ଭଗବାନ ହେଉଛନ୍ତି ପ୍ରେମ, ସଦାଚାର ଓ ସତ୍ୟ । ଭକ୍ତଙ୍କ ଦ୍ୱାରା ଭଗବାନ 'ପ୍ରେମ' ରୂପେ ଅନୁଭୂତ ହୁଅନ୍ତି । କର୍ମଯୋଗୀଙ୍କ ଦ୍ୱାରା ଈଶ୍ୱର 'ସଦାଚାର' ରୂପେ ଅନୁଭୂତ

ହୁଅନ୍ତି । ଜ୍ଞାନୀଙ୍କ ଦ୍ୱାରା ଭଗବାନ ସତ୍ୟ ରୂପେ ପ୍ରତିଭାତ ହୁଅନ୍ତି । ନାରଦଙ୍କର ମତ ହେଉଛି ଭକ୍ତି ମାର୍ଗହିଁ ଅନ୍ୟ ମାର୍ଗଠାରୁ ଶ୍ରେୟସ୍କର ।

ଶରୀର, ବାଣୀ ଓ ମନ ଦ୍ୱାରା ଅଭ୍ୟାସ କରାଯାଉଥିବା ତିନିମାର୍ଗ ମଧ୍ୟରେ ଭକ୍ତି ହିଁ ସରଳ, ସୁଗମ ଓ ଶ୍ରେଷ୍ଠ ।

କାୟ, ମନ ଓ ବାଣୀ ମାଧ୍ୟମରେ ଅଭ୍ୟାସ କରାଯାଉଥିବା ଜ୍ଞାନ, କର୍ମ ଓ ଭକ୍ତି ମାର୍ଗ ମଧ୍ୟରେ ନାରଦଙ୍କର ଅନୁଭୂତ ସତ୍ୟ ହେଉଛି ଯେ, ଭକ୍ତି ଅନ୍ୟ ମାର୍ଗ ତୁଳନାରେ ଶ୍ରେୟସ୍କର ।

ଗୀତାର ଦ୍ୱାଦଶ ଅଧ୍ୟାୟରେ ପ୍ରଭୁ କୃଷ୍ଣ କହନ୍ତି– "ତାଙ୍କ ସହ ଯୁକ୍ତ ହେଉଥିବା ସାଧକଗଣଙ୍କ ମଧ୍ୟରେ ଭକ୍ତ ହେଉଛନ୍ତି– ଯୁକ୍ତତମ" ଅର୍ଥାତ୍ ଶ୍ରେଷ୍ଠ ଓ ଶୀର୍ଷତମ ।

"ସମସ୍ତ ଯୋଗୀଗଣଙ୍କ ମଧ୍ୟରେ ଯେଉଁ ଯୋଗୀଙ୍କର ଅନ୍ତରାତ୍ମା ସଂପୂର୍ଣ୍ଣ ଶ୍ରଦ୍ଧାସହ ମୋରଠାରେ ନିମଗ୍ନ ରହନ୍ତି, ସେ ସର୍ବାଧିକ ଦିବ୍ୟ ବିବେଚିତ ହୁଅନ୍ତି ।" (ଗୀତା ୬/୪୭) । ସୁତରାଂ ଭକ୍ତ ହିଁ ସର୍ବୋଚ୍ଚ ସ୍ଥାନ ଲାଭ କରନ୍ତି ।

ପରାଭକ୍ତି ଓ ଜ୍ଞାନ ଉଭୟ ଏକ ହିଁ ମାର୍ଗ ଅଟନ୍ତି । ପରାଭକ୍ତି ମୁଖ୍ୟଭକ୍ତି ଠାରୁ ମଧ୍ୟ ଉତ୍ତମ । ପରାଭକ୍ତିରେ ଭକ୍ତ ତାଙ୍କର ମହତ୍ତର ଆତ୍ମା ସହ ଏକତ୍ୱ ଅନୁଭବ କରନ୍ତି । ବର୍ତ୍ତମାନ ତାଙ୍କର ପ୍ରେମର ଲକ୍ଷ୍ୟ ଇଷ୍ଟଦେବ ନୁହନ୍ତି କିନ୍ତୁ ପରଂବ୍ରହ୍ମ । ବର୍ତ୍ତମାନ ଭକ୍ତ ସ୍ଥାନ, କାଳ ଓ କାରଣର ଉର୍ଦ୍ଧ୍ୱରେ, ତ୍ରିଗୁଣର ଉର୍ଦ୍ଧ୍ୱରେ, ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତିର ଉର୍ଦ୍ଧ୍ୱରେ ଏପରିକି ତ୍ରିପୁଟି ବା କର୍ତ୍ତା–କର୍ମ ସଂପର୍କର ଉର୍ଦ୍ଧ୍ୱରେ ଅବସ୍ଥିତ ହୋଇଥାଆନ୍ତି । ସେ ପ୍ରଭୁଙ୍କ ସହ ଏକତ୍ୱ ଅନୁଭବ କରନ୍ତି ।

ସୂତ୍ର–୮୨

ଗୁଣମାହାତ୍ମ୍ୟାସକ୍ତି ରୂପାସକ୍ତି ପୂଜାସକ୍ତି ସ୍ମରଣାସକ୍ତି ଦାସ୍ୟାସକ୍ତି ସଖ୍ୟାସକ୍ତି ବାତ୍ସଲ୍ୟାସକ୍ତି
କାନ୍ତାସକ୍ତ୍ୟାତ୍ମନିବେଦନାସକ୍ତି ତନ୍ମୟତାସକ୍ତି ପରମବିରହାସକ୍ତି ରୂପୈକ ଧାପ୍ୟେକା ଦଶଧା ଭବତି ॥ ୮୨ ॥

ଅର୍ଥ– ଭକ୍ତି ବା ଦିବ୍ୟପ୍ରେମ ଯଦିଓ କେବଳ ଏକ ହିଁ ଅଟେ, ଏହା ନିମ୍ନ ୧୧ ସ୍ୱରୂପରେ ପରିପ୍ରକାଶ ଲାଭ କରେ– (୧) ପ୍ରଭୁଙ୍କର ସୁଗୁଣର ମହିମାର ଗୁଣଗାନରେ

ପ୍ରେମ (୨) ତାଙ୍କର ଆକର୍ଷକ ରୂପ ମାଧୁର୍ଯ୍ୟରେ ଆସକ୍ତି (୩) ଉପାସନାରେ ପ୍ରେମ (୪) ସର୍ବଦା ପ୍ରଭୁ ନାମ ସ୍ମରଣରେ ଆସକ୍ତି (୫) ସେବାରେ ପ୍ରେମ (୬) ପ୍ରଭୁଙ୍କୁ ସଖା ରୂପେ ପ୍ରେମ (୭) ଏକ ଶିଶୁ ରୂପେ ପ୍ରଭୁ ପ୍ରେମ ବା ବାତ୍ସଲ୍ୟପ୍ରେମ (୮) କାନ୍ତାସକ୍ତି ବା ପତ୍ନୀର ସ୍ୱାମୀ ପ୍ରତି ପ୍ରେମ (୯) ଆତ୍ମ-ନିବେଦନ ବା ପ୍ରଭୁଙ୍କ ପ୍ରତି ଆତ୍ମ-ସମର୍ପଣ ଭାବ (୧୦) ତନ୍ମୟାସକ୍ତି ବା ପ୍ରଭୁଙ୍କଠାରେ ଆତ୍ମ-ନିମଗ୍ନ (୧୧) ପରମ ବିରହାସକ୍ତି ବା ପ୍ରଭୁଙ୍କଠାରୁ ଦୂରରେ ରହିବାର ଯନ୍ତ୍ରଣା ।

ଶବ୍ଦାର୍ଥ- (ଏକଦା-ଥରେ, ଅପି-ମଧ୍ୟ) ଗୁଣ ମାହାତ୍ମ୍ୟସକ୍ତି- ପ୍ରଭୁଙ୍କର ଦିବ୍ୟଗୁଣର ମହିମା, ରୂପାସକ୍ତି- ପ୍ରଭୁଙ୍କର ଦିବ୍ୟ ସୌନ୍ଦର୍ଯ୍ୟ ପ୍ରତି ପ୍ରେମ, ପୂଜାସକ୍ତି- ପୂଜା କରିବାରେ ପ୍ରେମ, ସ୍ମରଣାସକ୍ତି- ପ୍ରଭୁଙ୍କୁ ସ୍ମରଣ କରିବାରେ ଆନନ୍ଦ । ଦାସ୍ୟାସକ୍ତି- ସେବାରେ ପ୍ରେମ, ସଖ୍ୟାସକ୍ତି- ସଖାରୂପେ ପ୍ରଭୁପ୍ରେମ, ବାତ୍ସଲ୍ୟାସକ୍ତି- ଭଗବାନଙ୍କୁ ସନ୍ତାନ ରୂପେ ପ୍ରେମ, କାନ୍ତାସକ୍ତି- ପ୍ରଭୁଙ୍କୁ ପତିରୂପେ ପ୍ରେମ, ଆତ୍ମନିବେଦନାସକ୍ତି- ଆତ୍ମସମର୍ପଣ ରୂପେ ପ୍ରଭୁ ପ୍ରେମ, ତନ୍ମୟାସକ୍ତି- ପ୍ରଭୁଙ୍କଠାରେ ନିମଗ୍ନ ହେବାରେ ପ୍ରେମ । ପରମବିରହାସକ୍ତି- ପ୍ରଭୁଙ୍କ ବିରହଜନିତ ଯନ୍ତ୍ରଣା, ରୂପାସକ୍ତି- ପ୍ରଭୁଙ୍କର ରୂପ ପ୍ରତି ପ୍ରେମ, ଏକାଦଶଧା- ଏଗାର ପ୍ରକାରର, ଭବତି- ହୁଏ ।

ବ୍ୟାଖ୍ୟା- ପ୍ରଥମେ ଭକ୍ତ ନିଜକୁ ଭଗବାନଙ୍କର ସେବକ ମନେକରି ପ୍ରଭୁଙ୍କ ସେବାରେ ନିଜକୁ ନିୟୋଜିତ କରନ୍ତି । ତା'ପରେ ସେ ପ୍ରଭୁଙ୍କର ନିକଟସ୍ଥ ହୋଇ ଜଣେ ସଖା ଅବା ନିଜର ବନ୍ଧୁ ପ୍ରତି ଯେପରି ଆତ୍ମୀୟତା ସହ ବ୍ୟବହାର କରିବା ଉଚିତ, ସେପରି କରନ୍ତି । ସେତେବେଳେ ସଂପର୍କ ନିବିଡ଼ ଓ ବ୍ୟକ୍ତିଗତ ହୁଏ । ତା'ପରେ ଉଚ୍ଚତର ସ୍ଥିତି ଲାଭ କରି ପିତାମାତା ଯେପରି ସନ୍ତାନ ପ୍ରତି ବାତ୍ସଲ୍ୟ ପ୍ରେମ ପ୍ରଦର୍ଶନ କରନ୍ତି, ଭକ୍ତ ପୁତ୍ର ଭାବରେ ବିଭୁଙ୍କୁ ସ୍ନେହ କରନ୍ତି । ଅନ୍ତିମରେ ଭକ୍ତଙ୍କର ପ୍ରଭୁ ପ୍ରତି ଦୂରତ୍ୱ ଭାବ ଦୂର ହୁଏ । ଭକ୍ତ ଓ ଭଗବାନ ଭାବରେ ଏକତ୍ୱ ଲାଭ କରି ଜଣେ ପ୍ରିୟତମା ପତ୍ନୀରୂପେ ପ୍ରଭୁଙ୍କୁ ପ୍ରେମ କରନ୍ତି । ଏହାକୁ ମଧୁର କାନ୍ତାଭାବ କୁହାଯାଏ । ଆତ୍ମ-ନିବେଦନ ଓ ସଂପୂର୍ଣ୍ଣ ଆତ୍ମ-ସମର୍ପଣ କରିବା ଫଳରେ ଭକ୍ତ ଭଗବାନଙ୍କ ଠାରେ ନିମଗ୍ନ ହୋଇଯାଆନ୍ତି । ସେ ସର୍ବତ୍ର ପ୍ରଭୁଙ୍କର ଉପସ୍ଥିତି ଅନୁଭବ କରନ୍ତି ଓ ଶାଶ୍ୱତ ରୂପେ ପ୍ରଭୁଙ୍କ ଠାରେ ନିଜର ଅସ୍ତିତ୍ୱ ହରାନ୍ତି ।

ଯେତେବେଳେ ତୁମେ ଅନୁଭବ କର ଯେ ପ୍ରଭୁଙ୍କ ବିନା ତୁମ ଜୀବନ ଅସାର, ପ୍ରଭୁଙ୍କ ପ୍ରତି ତୁମର ଭକ୍ତି ସାର୍ଥକ ହୋଇଛି ।

ଜଣେ ଭକ୍ତଙ୍କର ଜୀବନର ଆଭିମୁଖ୍ୟ ହେଉଛି ଯେ ସେ ନିଜର ବିଶେଷ ବ୍ୟକ୍ତିତ୍ୱ ହରାଇ କର୍ପୂର ଅଗ୍ନିରେ ନିଜର ଅସ୍ତିତ୍ୱ ହରାଇବା ସଦୃଶ ଭଗବାନଙ୍କଠାରେ ପୂର୍ଣ୍ଣରୂପେ ନିମଗ୍ନ ହୋଇଯାଆନ୍ତି ।

ନାରଦ ଓ ବ୍ୟାସ, ଶୁକଦେବ, କାକଭୂଷୁଣ୍ଡୀ, ଶେଷ, ସୂତ, ଶୌନକ, ଶାଣ୍ଡିଲ୍ୟ, ଭୀଷ୍ମ, ପୃଥୁ, ପରୀକ୍ଷିତ ଓ ଜନ୍ମେଜୟ ପ୍ରଭୁଙ୍କର ଯଶଗାନ କରି ଆନନ୍ଦିତ ଅନୁଭବ କରୁଥିଲେ । ବୃନ୍ଦାବନର ଗୋପୀଗଣ ଓ ଦଣ୍ଡକାରଣ୍ୟର ଋଷିଗଣ ପ୍ରଭୁଙ୍କର ମନୋହର ରୂପ ଦେଖି ବିମୋହିତ ହୋଇଥିଲେ । ଅମ୍ବରୀଷ, ଲକ୍ଷ୍ମୀ, ପୃଥୁ ଓ ଭରତ ଉପାସନାରେ ନିଜର ସମସ୍ତ ସମୟ ଉପଯୋଗ କରୁଥିଲେ । ପ୍ରହ୍ଲାଦ, ଧ୍ରୁବ ଓ ଶଙ୍କର ସ୍ମରଣରେ, ତଥା ହନୁମାନ, ଅକ୍ରୁର ଓ ବିଦୁର, ସେବାରେ ଆନନ୍ଦିତ ରହୁଥିଲେ । ଉଦ୍ଧବ, ଅର୍ଜୁନ, ସୁଦାମା ଓ ଗୁହକଙ୍କର ସଖ୍ୟଭାବ ଥିଲା । ରୁକ୍ମଣୀ, ସତ୍ୟଭାମା ଓ ଅଷ୍ଟପାଟବଂଶୀ ଶ୍ରୀକୃଷ୍ଣଙ୍କୁ ପତି ରୂପେ ପ୍ରେମ କରୁଥିଲେ । ଦଶରଥ, କୌଶଲ୍ୟା, ଦେବକୀ, ନନ୍ଦ, ଯଶୋଦା, କଶ୍ୟପ, ଅଦିତି, ମନୁ–ଶତରୂପା, ପ୍ରଭୁଙ୍କୁ ପୁତ୍ର ରୂପେ ସ୍ନେହ କରୁଥିଲେ । ବଳୀ, ବିଭୀଷଣ, ହନୁମାନ, ଅମ୍ବରୀଷ ଓ ଶିବି ପ୍ରଭୁଙ୍କଠାରେ ସଂପୂର୍ଣ୍ଣ ଆତ୍ମ–ସମର୍ପଣ କରିଥିଲେ । ସନତ୍‌କୁମାର, ଶୁକ, ସନକ ଓ ଯଜ୍ଞବଲ୍‌କ୍ୟ ତନ୍ମୟ ଭକ୍ତିରେ ନିମଜ୍ଜିତ ରହୁଥିଲେ । ଉଦ୍ଧବ, ଅର୍ଜୁନ, ଗୋପୀଗଣ ଓ ରାଧା ବିରହ ଯନ୍ତ୍ରଣା ଅନୁଭବ କରୁଥିଲେ । ପ୍ରତ୍ୟେକ ଭକ୍ତଙ୍କର ଠାରେ ଏକ ବଳିଷ୍ଠ ଭକ୍ତିଭାବ ଥିଲା । ଏହି ଏକାଦଶ ଭାବକୁ ଜଣେ ଭକ୍ତ ବିବିଧ ଭାବରେ ଅନୁଭବ କରିପାରନ୍ତି ।

ପ୍ରେମର ଉତ୍ତୁଙ୍ଗ ପରିପ୍ରକାଶ ହେଉଛି ବିରହଭାବ । ସମସ୍ତ ଭକ୍ତଙ୍କର ଏହା ହେଉଛି ସାଧାରଣ ଲକ୍ଷଣ କାରଣ ଗଭୀର ପ୍ରେମର ସ୍ୱଭାବ ହେଉଛି ଯେ ଏହା ବିୟୋଗ ସହ୍ୟ କରିପାରେ ନାହିଁ । ସୂତ୍ର ୨୯ରେ ପ୍ରଦତ୍ତ ପରମ ପରୀକ୍ଷା ମଧ୍ୟରେ ଏହା ହେଉଛି ଅନ୍ୟତମ ପରୀକ୍ଷା । ପ୍ରେମର ଏହି ପର୍ଯ୍ୟାୟ ରାଧା ଏବଂ ଗୋପୀଙ୍କ କ୍ଷେତ୍ରରେ ପରିପ୍ରକାଶ ହୋଇଅଛି ଯେତେବେଳେ ଶ୍ରୀକୃଷ୍ଣଙ୍କ ଠାରୁ ସେମାନଙ୍କର ବିୟୋଗ ହୋଇଥିଲା ।

ଯଦି ଏ ସମସ୍ତ ଆସକ୍ତି ସମୂହର ଏକତ୍ର ବିକାଶ ହୋଇ ନ ପାରିବ, ତୁମେ ଗୋଟିଏ କିମ୍ବା ଦୁଇଟି ଭାବକୁ ବାଛି ସେହି ଅନୁସାରେ ଈଶ୍ୱର ଭକ୍ତିର ବିକାଶ କରିପାରିବ । ମୌଳିକତା ଦୃଷ୍ଟିରୁ ପ୍ରେମ ହେଉଛି ଏକ । ସୁତରାଂ ଭକ୍ତିଭାବକୁ ଉଚ୍ଚତର ଅବା ନିମ୍ନସ୍ତର ଭାବେ ବିଭାଜନ କରିବା ବାଞ୍ଛନୀୟ ନୁହେଁ ।

ଗୋପୀଗଣଙ୍କ ମଧ୍ୟରେ ଉପରୋକ୍ତ ୧୧ ପ୍ରକାରର ଦିବ୍ୟପ୍ରେମର ବିକାଶ ହୋଇଥିଲା ।

ନିମ୍ନରେ ଭକ୍ତିର ନଅଟି ଭାବ ବର୍ଣ୍ଣିତ ହେଲା । ଉଚ୍ଚତମ ଭକ୍ତି ହେଉଛି ''ମାଧୁର୍ଯ୍ୟ ରସ'' ଅବା ''କାନ୍ତାସକ୍ତି'' ଯେଉଁଥିରେ ପ୍ରିୟତମ ଓ ପ୍ରିୟତମା ଏକ ହୋଇଯାଆନ୍ତି । ସୁଫିଗଣ ମଧ୍ୟ ଏ ଭାବପୋଷଣ କରନ୍ତି । ଭକ୍ତ ଦାସ୍ୟ ଭାବରୁ ପ୍ରାରମ୍ଭ କରନ୍ତି, ଯେଉଁଥିରେ ହନୁମାନଙ୍କ ସଦୃଶ ଦାସଭାବର ଦୃଷ୍ଟିକୋଣ ପୋଷଣ କରାଯାଏ । ଭକ୍ତିର ନିଶୁଣୀରେ ଏହା ହେଉଛି ନିମ୍ନତମ ସୋପାନ । ତା'ପରେ ସେ ଅର୍ଜୁନଙ୍କ ସଦୃଶ ସଖ୍ୟଭାବ ପୋଷଣ କରନ୍ତି । ବର୍ତ୍ତମାନ ଭୟଭାବ ଦୂର ହୋଇଥାଏ । ତାଙ୍କର ଉପାସ୍ୟ ପ୍ରଭୁଙ୍କ ସହ ସେ ସମାନ ସ୍ତରର ସଖାଭାବ ପୋଷଣ କରନ୍ତି । ତା'ପରେ ଭକ୍ତ ଭଗବାନଙ୍କ ପ୍ରତି ବାତ୍ସଲ୍ୟଭାବ ପୋଷଣ କରନ୍ତି । ପ୍ରଭୁ କୃଷ୍ଣଙ୍କୁ ନିଜର ପୁତ୍ର ଦୃଷ୍ଟିରେ ସେ ଦେଖନ୍ତି ।

ଶ୍ରୀ ବଲ୍ଲଭାଚାର୍ଯ୍ୟ ସଂପ୍ରଦାୟର ଅନୁସରଣକାରୀଗଣ ଏହି ବାତ୍ସଲ୍ୟ ଭାବ ପୋଷଣ କରିଥାଆନ୍ତି । ସମସ୍ତ ଭୟ ଓ ଆଶା ଦୂର ହୋଇଥାଏ । 'କାନ୍ତାସକ୍ତି' ଭାବରେ ଯଦି ଭକ୍ତ ସାବଧାନ ନ ହୁଅନ୍ତି ଅଧୋପତନର ଭୟ ଥାଏ । ସେ କାମ ପ୍ରବୃତ୍ତି ଦ୍ୱାରା ଅଭିଭୂତ ହୋଇଯାଆନ୍ତି । ସେ ଶାରୀରିକ ଉତ୍ତେଜନାକୁ ଭକ୍ତି ବୋଲି ଭାବନ୍ତି । ଭାବପ୍ରବଣତା ଭକ୍ତି ନୁହେଁ । ଏହି ଭାବ ଅନୁସରଣ କରୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଅନେକ ଅପ୍ରୀତିକର ଘଟଣା ଘଟିଥାଏ । ଏ ଭାବର ଉପାସକଙ୍କ କ୍ଷେତ୍ରରେ ଉଚ୍ଚସ୍ତରର ପବିତ୍ରତା ଆବଶ୍ୟକ ହୋଇଥାଏ । ଏହି ଭାବ ସଂପୂର୍ଣ୍ଣ ମାନସିକ ଅଟେ । ନାରୀ ସଦୃଶ ହାବଭାବ ଦେଖାଇବା କପଟ ଆଚରଣ । ଏହି ଭାବରେ ଏତାଦୃଶ ଆଚରଣ ଅନାବଶ୍ୟକ ।

□□□

ଉପସଂହାର

ସୂତ୍ର–୮୩

ଇତ୍ୟେବଂ ବଦନ୍ତି ଜନଜଳ୍ପ ନିର୍ଭୟା ଏକମତାଃ କୁମାର ବ୍ୟାସଶୁକ ଶାଣ୍ଡିଲ୍ୟ ଗର୍ଗ ବିଷ୍ଣୁ କୌଣ୍ଡିନ୍ୟ ଶେଷୋଦ୍ଧବାରୁଣି ବଳି ହନୁମଦ୍‌ବିଭୀଷଣା–ଦୟୋ ଭକ୍ତାଚାର୍ଯ୍ୟାଃ ॥ ୮୩ ॥

ଅର୍ଥ– ସନତ କୁମାର, ବ୍ୟାସ, ଶୁକ ଶାଣ୍ଡିଲ୍ୟ ଗର୍ଗ, ବିଷ୍ଣୁ, କୌଣ୍ଡିନ୍ୟ, ଶେଷ, ଉଦ୍ଧବ, ଅରୁଣୀ ବଳି, ହନୁମାନ, ବିଭୀଷଣ ଆଦି ଭକ୍ତିର ଆଚାର୍ଯ୍ୟଗଣ ଲୋକମାନଙ୍କର ସମାଲୋଚନା ପ୍ରତି ଭ୍ରୁକ୍ଷେପ ନ କରି ଏହିପରି ରୂପେ କହନ୍ତି ।

ଶବ୍ଦାର୍ଥ– ଇତ୍ୟେବମ୍– ଏହିପରିଭାବେ, ଜନଜଳ୍ପ ନିର୍ଭୟା– ଲୋକଙ୍କର ଆଲୋଚନା ପ୍ରତି ନିର୍ଭୟ ହୋଇ, କୁମାର– ସନତକୁମାର, ବ୍ୟାସଶୁକଶାଣ୍ଡିଲ୍ୟଗର୍ଗ– ବ୍ୟାସ, ଶୁକ, ଶାଣ୍ଡିଲ୍ୟ ଓ ଗର୍ଗ, ବିଷ୍ଣୁ କୌଣ୍ଡିନ୍ୟଶେଷ ଉଦ୍ଧବାରୁଣି ବଳି ହନୁମଦ୍ ବିଭୀଷଣାଦୟଃ– ବିଷ୍ଣୁ, କୌଣ୍ଡିନ୍ୟ ଉଦ୍ଧବ, ଅରୁଣି, ବଳି, ହନୁମାନ ଓ ବିଭୀଷଣ ଭକ୍ତାଚାର୍ଯ୍ୟାଃ– ଭକ୍ତିର ଆଚାର୍ଯ୍ୟଗଣ, ବଦନ୍ତି– କହନ୍ତି, ଘୋଷଣା କରନ୍ତି ।

ବ୍ୟାଖ୍ୟା– ଉପରେ ପ୍ରଦତ୍ତ ନାମ ସମୂହ ଭକ୍ତିର ଉଚ୍ଚତମ ଆଚାର୍ଯ୍ୟଗଣ । ସେମାନେ ନାରଦଙ୍କର ସଦୃଶ ଭକ୍ତି ବିଷୟରେ ସମାନ ମତ ପୋଷଣ କରିଥିଲେ ।

ସେମାନେ କାହାଦ୍ୱାରା ସମାଲୋଚିତ ହେବାକୁ ଭୟ କରନ୍ତି ନାହିଁ, କାରଣ ସେମାନଙ୍କ ଅନ୍ତର୍ନିହିତ ଆଧାତ୍ମିକ ଅଭିଜ୍ଞତାର ଦୃଢ଼ ବିଶ୍ୱାସ ରହିଛି ।

ଭକ୍ତି ମାର୍ଗର ମୁଖ୍ୟ ଆଚାର୍ଯ୍ୟଗଣଙ୍କର ବିଷୟ ଉଲ୍ଲେଖ କରି ନାରଦ ସ୍ୱମତକୁ ବଳିଷ୍ଠ କରିଅଛନ୍ତି ।

କୁମାର ହେଉଛନ୍ତି ସନତକୁମାର ଯେ କି ନାରଦଙ୍କର ଗୁରୁ ଥିଲେ । ସେ ସର୍ବଦା "ହରି ଶରଣମ୍" (ହରିଙ୍କର ଶରଣ ବା ଆଶ୍ରୟ) ମନ୍ତ୍ରର ଜପ କରୁଥାଆନ୍ତି । ସେ ହେଉଛନ୍ତି ଭକ୍ତଗଣଙ୍କ ମଧ୍ୟରେ ରାଜକୁମାର । ସେ ଭକ୍ତିମାର୍ଗର ଅଗ୍ରଦୂତ ଥିଲେ ।

ଶାଣ୍ଡିଲ୍ୟ ସୂତ୍ରର ପ୍ରଣେତା ଶାଣ୍ଡିଲ୍ୟ ଋଷି ଭକ୍ତି ମାର୍ଗର ଆଚାର୍ଯ୍ୟ ଅଟନ୍ତି ।

ଗର୍ଗ ହେଉଛନ୍ତି ଜଣେ ପ୍ରାଚୀନ ଋଷି । ତପ ଓ ଉପାସନା ଫଳସ୍ୱରୂପ ସେ ସ୍ୱୟଂ ଶିବଙ୍କ ଠାରୁ ୬୪ ବିଦ୍ୟାର ଜ୍ଞାନ ଲାଭ କରିଥିଲେ । ସେ ଶ୍ରୀକୃଷ୍ଣଙ୍କର ନାମକରଣ ଉତ୍ସବରେ ପୌରହିତ୍ୟ କରିଥିଲେ । ଶ୍ରୀକୃଷ୍ଣଙ୍କୁ ସେ ପରମାତ୍ମା ବୋଲି ଜାଣି ଥିଲେ । ଜ୍ୟୋତିଷ ଶାସ୍ତ୍ରରେ ସେ ହେଉଛନ୍ତି ଜଣେ ମହାନ୍ ଲେଖକ । ତାଙ୍କର ଶିକ୍ଷା ଗର୍ଗ ସଂହିତାରେ ଲିପିବଦ୍ଧ ହୋଇଅଛି ।

ମହର୍ଷି ବିଷ୍ଣୁ ସ୍ମୃତିର ଜଣେ ପ୍ରସିଦ୍ଧ ରଚୟିତା ଥିଲେ । ସେ ସର୍ବଦା ଧ୍ୟାନରେ ନିମଗ୍ନ ରହୁଥିଲେ । ତାଙ୍କର ସହସ୍ର ଜିହ୍ୱାରେ ପ୍ରଭୁ ଶେଷ ଦିବାରାତ୍ରି ପ୍ରଭୁ ହରିଙ୍କର ସ୍ତବଗାନ କରିବାରେ ନିୟୋଜିତ ରହୁଥିଲେ । ସେ ଦାସ୍ୟଭାବର ଆଚାର୍ଯ୍ୟ ।

ଶ୍ରୀକୃଷ୍ଣଙ୍କର ଅନ୍ତରଙ୍ଗ ବନ୍ଧୁ ଥିଲେ ଉଦ୍ଧବ । ବଳି ଆତ୍ମ-ସମର୍ପଣ ଭକ୍ତିର ମୂର୍ତ୍ତିମନ୍ତ ରୂପ ଥିଲେ । ତାଙ୍କର ଭକ୍ତି ଭାବରେ ବିଗଳିତ ହୋଇ ପ୍ରଭୁ ହରିଙ୍କୁ ତାଙ୍କର ଫାଟକରେ ଚୌକିଦାର କର୍ତ୍ତବ୍ୟ ସଂପାଦନ କରିବାକୁ ପଡ଼ିଥିଲା । ହନୁମାନ ଶ୍ରେଷ୍ଠ ଭକ୍ତମାନଙ୍କ ମଧ୍ୟରେ ଅନ୍ୟତମ । ତାଙ୍କର ଦାସ୍ୟଭାବ ଥିଲା । ହନୁମାନଙ୍କର ମାଧ୍ୟମରେ ବିଭୀଷଣ ପ୍ରଭୁ ରାମଙ୍କର ସଖ୍ୟଭାବ ଲାଭ କରିଥିଲେ । ତାଙ୍କର ଜୀବନ ମାଧ୍ୟମରେ ଏ ସମସ୍ତ ଆଚାର୍ଯ୍ୟ ଭକ୍ତିର ଶ୍ରେଷ୍ଠତା ପ୍ରତିଷ୍ଠିତ କରିଅଛନ୍ତି ।

ଏହି ସୂତ୍ର ସୂଚୀତ କରେ ଯେ, ଭକ୍ତି ଈଶ୍ୱରପ୍ରାପ୍ତିର ଏକ ବ୍ୟାବହାରିକ ପଦ୍ଧତି । ଏହା ସଫଳତାର ସହ ବିବିଧ ଭକ୍ତ ଅବଲମ୍ବନ କରିଅଛନ୍ତି । ଏହି ନିବନ୍ଧ ଜଣେ ପରମ ଭକ୍ତ ରଚନା କରିଅଛନ୍ତି ଯେ କି ଯାହା ଅଭ୍ୟାସ କରନ୍ତି, ତାହାହିଁ ଶିକ୍ଷା ଦେଇଅଛନ୍ତି । ନିଷ୍କାମ ଭକ୍ତିର ଆଚାର୍ଯ୍ୟଙ୍କର ଶିକ୍ଷାକୁ ଅନୁସରଣ କରି ଆମେ ଲାଭାନ୍ୱିତ ହେବା ଓ ଆମର ଜୀବନ ସାର୍ଥକ ହେବ ।

ସୂତ୍ର-୮୪

ଯ ଇଦଂ ନାରଦପ୍ରୋକ୍ତଂ ଶିବାନୁଶାସନଂ ବିଶ୍ୱସିତି ଶ୍ରଦ୍ଧତେ ସ ଭକ୍ତିମାନ୍ ଭବତି ସଃ ପ୍ରେଷ୍ଠଂ ଲଭତେ ସଃ ପ୍ରେଷ୍ଠଂ ଲଭତେ ଇତି ॥ ୮୪ ॥

ଅର୍ଥ- ନାରଦଙ୍କ ଦ୍ୱାରା ବ୍ୟାଖ୍ୟା କରାଯାଇଥିବା ଏହି ଶୁଭଦାୟିନୀ ଶିକ୍ଷାରେ ଯାହାର ଶ୍ରଦ୍ଧା ଥାଏ, ସେ ଭକ୍ତି ସମନ୍ୱିତ ହୁଅନ୍ତି ଓ ପରମପ୍ରିୟ ପ୍ରଭୁଙ୍କୁ ଉପଲବ୍ଧି କରି ପ୍ରିୟତମ ଭଗବାନଙ୍କୁ ଲାଭ କରନ୍ତି ।

ଶବ୍ଦାର୍ଥ– ଯଃ– ଯିଏ, ଇଦମ୍– ଏହି, ନାରଦପ୍ରୋକ୍ତଂ– ନାରଦଙ୍କ ଦ୍ୱାରା କଥିତ, ଶିବାନୁଶାସନମ୍– ମଙ୍ଗଳମୟ ଶିକ୍ଷା, ବିଶ୍ୱସିତି– ବିଶ୍ୱାସ କରେ, ଶ୍ରଦ୍ଧତେ– ଶ୍ରଦ୍ଧାସହ ଅଭ୍ୟାସ କରେ, ଭକ୍ତିମାନ– ଭକ୍ତିଯୁକ୍ତ, ଭବତି– ହୁଏ, ସଃ–ସେ, ପ୍ରେଷ୍ଠମ୍– ପ୍ରିୟତମ ପ୍ରଭୁ, ଲଭତେ– ଲାଭ କରେ, ଇତି– ସମାପ୍ତ, ଏପରି ।

ବ୍ୟାଖ୍ୟା– ଏହା ହେଉଛି ଫଳଶ୍ରୁତି । ପ୍ରିୟତମ ପ୍ରଭୁଙ୍କୁ ଲାଭ କରିବା ହିଁ ବାସ୍ତବ ଫଳ । ''ପ୍ରେଷ୍ଠମ୍''ର ଅର୍ଥ ହେଉଛି ପ୍ରିୟତମ ପତି । ଏଠାରେ ଏହା ଜୀବନର ଶ୍ରେଷ୍ଠ ଲକ୍ଷ୍ୟ ରୂପେ ବ୍ୟବହୃତ ହୋଇଅଛି । 'ଇତି' ଅର୍ଥ ଏହିପରି । ଏହି ଶବ୍ଦ ମାଧ୍ୟମରେ ଗ୍ରନ୍ଥର ଅନ୍ତ ସୂଚୀତ୍ ହୋଇଅଛି ।

ବର୍ତ୍ତମାନ ନାରଦ ଭକ୍ତିର ଫଳ ବର୍ଣ୍ଣନା କରିଅଛନ୍ତି । ସେ କହନ୍ତି ଯେ ଯେଉଁ ବ୍ୟକ୍ତି ଭକ୍ତିର ପ୍ରଥମ ଆଚାର୍ଯ୍ୟ ପ୍ରଭୁ ଶିବଙ୍କ ଦ୍ୱାରା ବର୍ଣ୍ଣିତ ଓ ପରବର୍ତ୍ତୀ କାଳରେ ନାରଦଙ୍କର ଦ୍ୱାରା ବ୍ୟାଖ୍ୟା କରାଯାଇଥିବା ଭକ୍ତିର ଅଭ୍ୟାସ ଓ ସମ୍ମାନ କରନ୍ତି, ସେ ଭଗବାନଙ୍କୁ ପ୍ରିୟତମ ରୂପେ ଲାଭ କରନ୍ତି ।

ଉପସଂହାରର ଉପକ୍ରମ ସହ ସୁସଙ୍ଗତି ରହିଛି । ଅନ୍ତିମ ସୂତ୍ରରେ ସୂତ୍ର ୨, ୩, ୪, ୫ ଓ ୬ ସୂତ୍ରର ସୁନ୍ଦର ଭାବେ ସଂକ୍ଷେପରେ ବର୍ଣ୍ଣିତ ହୋଇଅଛି ।

ପ୍ରଭୁଙ୍କର ଜୟ ! ଦେବର୍ଷି ନାରଦଙ୍କର ଜୟ ।

ସନ୍ଥ, ଭକ୍ତ, ଭାଗବତ ଓ ମହାତ୍ମାଗଣଙ୍କର ଜୟ ।

ଓଁ ତତ୍ ସତ୍ । ଓଁ ଶାନ୍ତି, ଶାନ୍ତି, ଶାନ୍ତି ।